

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-332 ◆SUNDAY ◆31 MAY 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩୨ ◆ରବିବାର ◆୩୧ ମେ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


### ଉତ୍ତର ପ୍ରଦେଶ ଓ ବିହାରରେ ପ୍ରକୃତିର ତାଣ୍ଡବ

# ଝଡ଼, ବଜ୍ର ନେଲା ୪୮ ଜୀବନ

■ **ଲକ୍ଷ୍ନୌ/ପାଟନା, ୩୦।୫ (ଏଜେନ୍ସି):** ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ଅନେକ ରାଜ୍ୟରେ ପାଣିପାଗର ଉଗ୍ର ରୂପ ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତର ପ୍ରଦେଶ ଏବଂ ବିହାରରେ ପ୍ରବଳ ଝଡ଼ବର୍ଷା, ପବନ ଏବଂ ବଜ୍ରପାତ ଯୋଗୁଁ ୪୮ ଜଣ ପ୍ରାଣ ହରାଇଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିମାନ ଚଳାଚଳଠାରୁ ଆରମ୍ଭ କରି ରେଳ ସେବା ଏବଂ ଚାଷକାର୍ଯ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଉତ୍ତର ପ୍ରଦେଶରେ ଝଡ଼ବର୍ଷାର ପ୍ରକୋପ ସବୁଠାରୁ ଅଧିକ ଦେଖିବାକୁ ମିଳିଛି, ଯେଉଁଠାରେ ବିଭିନ୍ନ ସ୍ଥାନରେ ପ୍ରାୟ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟର ସାହାରନପୁରରେ ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ଆସିଥିବା ପାଣିର ପ୍ରଖର ସ୍ରୋତରେ ଏକ ଟ୍ରାକ୍ଟର ଏବଂ ଇନୋଭା ସମେତ ୧୦ଟି ଗାଡ଼ି ଭାସିଯାଇଛି।



ପାଣିପାଗ ବିଭାଗ ପକ୍ଷରୁ ଆଜି ରାଜ୍ୟର ସମସ୍ତ ୭୫ଟି ଜିଲ୍ଲାରେ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଝଡ଼ବର୍ଷା ଯୋଗୁଁ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି।

ବିହାରରେ ମଧ୍ୟ ପରିସ୍ଥିତି ଗମ୍ଭୀର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ ବର୍ଷା ଯୋଗୁଁ ୧୭ ଜଣଙ୍କର ପ୍ରାଣହାନି ଘଟିଛି। ରାଜଧାନୀ ପାଟନାରେ ପ୍ରବଳ ବର୍ଷା ଯୋଗୁଁ ବିମାନ ଅବତରଣରେ ସମସ୍ୟା ଦେଖା ଦେଇଥିଲା, ଯାହାଫଳରେ ୪ଟି ବିମାନର ଗତିପଥ ବଦଳାଇ ଦିଆଯାଇଛି ଏବଂ ୧୮ଟି ବିମାନ ବିଳମ୍ବରେ ଚଳାଚଳ କରିଛି। ଏହାଦ୍ୱାରା ୫୦୦ରୁ ଅଧିକ ଯାତ୍ରୀ ହଇରାଣ ହୋଇଛନ୍ତି। ଆଜି ମଧ୍ୟ ରାଜ୍ୟର ୨୫ଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ପାଶ୍ଚାତ୍ୟ ଝଡ଼ ସକ୍ରିୟ ହେବା ଯୋଗୁଁ ରାଜସ୍ଥାନର ଚୁରୁ, ହନୁମାନଗଡ଼, ବିକାନେର ଏବଂ ସିକର ସମେତ ୯ଟି ଜିଲ୍ଲାରେ ପ୍ରବଳ କୁଆପଥର ମାଡ଼ ସହ ବର୍ଷା ହୋଇଛି, ଯାହାଫଳରେ ତାପମାତ୍ରା ୧୦ ଡିଗ୍ରୀ ପର୍ଯ୍ୟନ୍ତ କମିଯାଇଛି। ଆଜି ମଧ୍ୟ ୩୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ରହିଛି। ସେହିପରି ପଞ୍ଜାବର ପଠାନକୋଟ୍‌ରେ ଶନିବାର ସକାଳେ କୁଆପଥର ବୃଷ୍ଟି ହୋଇଥିବା ବେଳେ ମୋହାଲି ଏବଂ ଚଣ୍ଡୀଗଡ଼ରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ପାହାଡ଼ିଆ ଅଞ୍ଚଳରେ ବର୍ଷା ସହ ବରଫପାତ ଯୋଗୁଁ ସେଓ ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ବିହାର ଭଳି ରାଜ୍ୟଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୯୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ଝଡ଼ବର୍ଷା ଓ କୁଆପଥର ମାଡ଼ ହେବାର ଆଶଙ୍କା ରହିଛି।

### ପଶ୍ଚିମବଙ୍ଗରେ ସମୀ ଟପିଲା ନିର୍ବାଚନ ପରବର୍ତ୍ତୀ ହିଂସା

# ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ

■ **କୋଲକାତା, ୩୦।୫ (ଏଜେନ୍ସି):** ପଶ୍ଚିମ ବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଆଜି ଏହାର ଉଗ୍ର ରୂପ ଦେଖିବାକୁ ମିଳିଛି ଦକ୍ଷିଣ ୨୪ ପ୍ରଗଣାର ସୋନାରପୁର ଅଞ୍ଚଳରେ। ଏଠାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କୁ ବିଜେପିର କେତେକ କର୍ମୀ ଆକ୍ରମଣ କରିଛନ୍ତି। ତାଙ୍କୁ ମାଡ଼ ମାରିବା ସହିତ ଅଣ୍ଡାମାଡ଼ ମଧ୍ୟ କରିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଏହି ଘଟଣାରେ ନେଇ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟିଏମ୍‌ସି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିପାଇଁ ବିଜେପିକୁ ଦାୟୀ କରି କହିଛନ୍ତି ଯେ ଶାସକ ପାଲଟିଛନ୍ତି ହତ୍ୟାକାରୀ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାର ଦୃଢ଼ ନିନ୍ଦା କରିଛନ୍ତି। ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ ତାଙ୍କ ଦଳର



**ସୋନାରପୁରରେ ମାଡ଼ ମାରିବା ସହ ପଥର ଓ ଅଣ୍ଡା ଫିଙ୍ଗିଲେ**

**ଅଭିଷେକ ମେଡିକାଲରେ ଭର୍ତ୍ତି, ହିଂସାକୁ ବିଭିନ୍ନ ଦଳର ନିନ୍ଦା**

ସଂପୃକ୍ତିକୁ ଅସ୍ୱୀକାର କରି ଅଭିଯୋଗ କରିଛନ୍ତି ଯେ ଏହା ହେଉଛି ସ୍ଥାନୀୟ ଲୋକଙ୍କ ଆକ୍ରୋଶ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ନିର୍ବାଚନ ପରବର୍ତ୍ତୀ ହିଂସାରେ ହତ୍ୟାର ଶିକାର ହୋଇଥିବା ଜଣେ ବ୍ୟକ୍ତିର ପରିବାରକୁ ଭେଟିବା ପାଇଁ ସୋନାରପୁର ଯାଇଥିଲେ ଅଭି।।ଷେକ। ଏହି ସମୟରେ ଅଭିଷେକଙ୍କ ଗାଡ଼ି ଉପରକୁ ପଥର ଓ ଅଣ୍ଡା ମାଡ଼ କରାଯାଇଥିଲା। ସେ ଗାଡ଼ିରୁ ଓହ୍ଲାଇ ଗାଁ ଭିତରେ ଯାଉଥିବା ବେଳେ ତାଙ୍କୁ କେତେକ ଲୋକ ଘେରି ▶ପୃଷ୍ଠା-୭

# ୮୮ ଡଲାରକୁ ଖସିଲା ଅଶୋଧିତ ତୈଳ ଦର



**୨୦୨୬ର ସର୍ବୋଚ୍ଚ ସ୍ତରଠାରୁ ୨୬% ହ୍ରାସ**

**କମିବ କି ପେଟ୍ରୋଲ ଏବଂ ଡିଜେଲ ଦର?**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଆମେରିକା ଏବଂ ଇରାନ ମଧ୍ୟରେ ପ୍ରସ୍ତାବିତ ଶାନ୍ତି ଚୁକ୍ତି ଖବରକୁ ନେଇ ବିଶ୍ୱ ବଜାରରେ ତଳମୁହାଁ ହୋଇଛି ଅଶୋଧିତ ତୈଳ ଦର। ଏହି ଯୁଦ୍ଧ ଯେ କୌଣସି ସମୟରେ ଶେଷ ହୋଇପାରେ, ଏହି ଆଶାରେ ଅଶୋଧିତ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳ ଦର ଆଜି ବ୍ୟାରେଲ ପିଛା ୮୮ ଡଲାରକୁ ହ୍ରାସ ପାଇଛି। ୨୦୨୬ରେ ତୈଳ ଦରର ସର୍ବୋଚ୍ଚ ସ୍ତରଠାରୁ ଏପର୍ଯ୍ୟନ୍ତ ୨୬% ହ୍ରାସ ଘଟିଲାଣି। ଏବେ ପ୍ରଶ୍ନ ଉଠୁଛି ଅଶୋଧିତ ତେଲ ମୂଲ୍ୟରେ ଏତେ ହ୍ରାସ ପରେ ଘରୋଇ ବଜାରରେ କମିବ କି ପେଟ୍ରୋଲ ଏବଂ ଡିଜେଲ ଦର?

କେବଳ ଚଳିତ ସପ୍ତାହରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧୧% ହ୍ରାସ ପାଇଛି, ଯାହା ୭ ସପ୍ତାହ ମଧ୍ୟରେ ସବୁଠାରୁ ବଡ଼ ସାପ୍ତାହିକ ହ୍ରାସ। ଏହି ସମୟରେ, ଆମେରିକୀୟ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ୯% ରୁ ଅଧିକ ହ୍ରାସ ପାଇଛି, ଯାହା ବିଗତ ୬ ସପ୍ତାହ ମଧ୍ୟରେ ଏହାର ସବୁଠାରୁ ବଡ଼ ସାପ୍ତାହିକ ହ୍ରାସ। ଉଭୟ ବେଞ୍ଚମାର୍କ ଏପ୍ରିଲ ମଧ୍ୟଭାଗରୁ ସର୍ବନିମ୍ନ ସ୍ତରରେ ▶ପୃଷ୍ଠା-୭

### ତ୍ରିକୋଣୀୟ ପ୍ରେମର କରୁଣ ପରିଣତି

# ଯୁବକଙ୍କୁ ଥାର୍ ଚଢ଼ାଇ ହତ୍ୟା

■ **ଭୁବନେଶ୍ୱର, ୩୦।୫ (ସମିସ):** ତ୍ରିକୋଣୀୟ ପ୍ରେମ ସଂପର୍କକୁ କେନ୍ଦ୍ର କରି ଯୁବକଙ୍କୁ କାର୍ ମଡ଼ାଇ ହତ୍ୟା। ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ନୀଳାଦ୍ରିବିହାର ଅଞ୍ଚଳରେ ରହୁଥିବା ବରୁଣ କୁମାର ରାଉତରାୟ। ତାଙ୍କ ଘର ଖୋର୍ଦ୍ଧା କାଇପଦର ଅଞ୍ଚଳରେ। ହତ୍ୟାକାଣ୍ଡ ଭିଆଇବା ପରେ ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ ରହସ୍ୟ ଭେଦ କରିବା ସହ ଏହି ଘଟଣାରେ ଜଣେ ନାବାଳକ ସମେତ ୭ ଜଣଙ୍କୁ ଗିରଫ କରିଛି। ରାଜଧାନୀରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଆତଙ୍କଜନକ ପରିସ୍ଥିତି ସୃଷ୍ଟି କରିଛି।

ଏହି ଘଟଣାରେ ଯେଉଁମାନଙ୍କୁ ଗିରଫ କରାଯାଇଛି ସେମାନେ ହେଲେ ବ୍ରହ୍ମାନନ୍ଦ ଦାସ ଓରଫ୍ ବାପୁନି (୩୬), ଚିଦାନନ୍ଦ ଦାସ ଓରଫ୍ ପାପୁ(୩୧), ଆଶିଷ ଦେହୁରି ଓରଫ୍ ପିଣ୍ଟୁ (୩୦),




**ରାଜଧାନୀରେ ଚାଞ୍ଚଲ୍ୟ**

**ନାବାଳକ ସମେତ ୭ ଗିରଫ, ଥାର୍ ଓ ବାଇକ୍ ଜବତ**

ସ୍ୱସ୍ତିକ ଭରଦ୍ୱାଜ ଓରଫ୍ ସରୋଜ, ସୂରଜ ବିଶ୍ୱକର୍ମା (୨୩) ଏବଂ ଶ୍ରୀଧର ନାୟକ(୨୦)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ଘର ଚନ୍ଦ୍ରଶେଖରପୁର ଶୈଳଶ୍ରୀବିହାର ଅଞ୍ଚଳରେ। ଏହାବ୍ୟତୀତ, ପୁଲିସ୍ ଅପରାଧରେ ବ୍ୟବହୃତ କଳାରଙ୍ଗର ଏକ ଥାର୍ ଗାଡ଼ି (ଓଡ଼ି-୧୪-ଜେଡ୍-୨୩୩୮) ଏବଂ ଗୋଟିଏ ଦୁଇଚକିଆ ଯାନକୁ ଜବତ କରିଛି। ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଅଭିଯୁକ୍ତ ବାପୁନିର ଶୈଳଶ୍ରୀବିହାର ଛକ ନିକଟରେ ଏକ ଜୁସ୍ ଦୋକାନ (ମହିମା ଜୁସ୍ ସେଣ୍ଟର୍) ରହିଛି। ସେଠାରେ କାମ କରୁଥିବା ସୂରଜ ୬ବର୍ଷ ହେଲା ▶ପୃଷ୍ଠା-୭

# ମନ୍ତ୍ରୀଙ୍କ ଦକ୍ଷତା ମାପିବେ ମୋହନ

### ଜୁନ୍ ୨ରୁ ୯ ପର୍ଯ୍ୟନ୍ତ ରିପୋର୍ଟ କାର୍ଡ ଦେଖିବେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୩୦।୫ (ସମିସ):** ଆଉ ଦିନ କେଇଟା ପରେ ରାଜ୍ୟରେ ବିଜେପି ସରକାର ଗଠନକୁ ୨ ବର୍ଷ ପୂରିବ। ଏହି ଦୁଇ ବର୍ଷ ମଧ୍ୟରେ ସରକାର କେତେ କାମ କରିଛନ୍ତି ଓ କେଉଁ ବିଭାଗ କିପରି ଆଗକୁ ବଢ଼ିଛି ତାହାର ସମୀକ୍ଷା ହେବ। ମୁଖ୍ୟମନ୍ତ୍ରୀ ଫାଇଲ୍ ଧରି ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ। ଏଥିପାଇଁ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୬ପୃଷ୍ଠାର ଫର୍ମାଟରେ ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ଦାଖଲ କରିବେ।



**୨ ବର୍ଷ କାର୍ଯ୍ୟର ହିସାବ ରଖିବେ ସମସ୍ତ ମନ୍ତ୍ରୀ**

ଆସନ୍ତା ଜୁନ୍ ୨ ତାରିଖରୁ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହେବା ସହ ୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରଥମ ଦିନ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ବୋଲି ସ୍ଥିର ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷା ନିଷ୍ପତ୍ତି ପରେ ଅନେକ ମନ୍ତ୍ରୀଙ୍କର ଏବେ ଛାତି ଧଡ଼ଧଡ଼ ଆରମ୍ଭ ହୋଇଛି। କାରଣ ଆଗକୁ ହେବାକୁ ଥିବା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ମଧ୍ୟରେ ଅନେକ ମନ୍ତ୍ରୀଙ୍କ ମୁଣ୍ଡ ଗଡ଼ିବା ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ତେଣୁ ଯେଉଁମନ୍ତ୍ରୀ ଏହି ଦୁଇ ବର୍ଷ ମଧ୍ୟରେ ବିଶେଷ କାମ କରିପାରିନାହାନ୍ତି, ସେମାନଙ୍କ ▶ପୃଷ୍ଠା-୭






# ଏନ୍‌ଟିଏର ଆଉ ଏକ ବିଫଳତା

■ **ନୂଆଦିଲ୍ଲୀ, ୩୦।୫(ଏଜେନ୍ସି):** ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦ ଦେଶରେ ଥମିନାହିଁ। ପ୍ରତିବର୍ଷ ଜାତୀୟସ୍ତରୀୟ ପରୀକ୍ଷା ଗୁଡ଼ିକରେ ବିଭ୍ରାଟ ଦେଖାଦେଉଛି। ଏଥିରେ ହତାଶ ହୋଇ ଆତ୍ମହତ୍ୟା କରୁଥିବା ପରୀକ୍ଷାର୍ଥୀଙ୍କ ଜୁଇର ନିଆଁ ନ ଲିଭୁଣୁ ପୁଣି ଶନିବାର ସାରା ଦେଶର ବିଭିନ୍ନ କେନ୍ଦ୍ରରେ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-ସ୍ନାତକ (ସିୟୁଇଟି-ୟୁଜି) ୨୦୨୬ରେ ବଡ଼ ଧରଣର ବିଭ୍ରାଟ ଦେଖାଦେଇଛି। ଫଳରେ ଅନେକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାରେ ଅହେତୁକ ବିଳମ୍ବ ଘଟିଛି। ଏହାଦ୍ୱାରା ପରୀକ୍ଷାର୍ଥୀ ଏବଂ ଅଭିଭାବକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

**ସିୟୁଇଟି-ୟୁଜି ପରୀକ୍ଷାରେ ବିଭ୍ରାଟ**

**ବୈଷୟିକ ତ୍ରୁଟି; ୪ ଘଣ୍ଟା ପରୀକ୍ଷା ବିଳମ୍ବ**

**ପୁନଃ-ପରୀକ୍ଷା ଦେବେ ୩,୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ**

ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ମାମଲାରେ ଦୋଷୀ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସିୟୁଇଟି-ୟୁଜି ପରୀକ୍ଷା ପରିଚାଳନାରେ ମଧ୍ୟ ଫେଲ୍ ମାରିଛି। ଏହି ଦୁଇଟି ପରୀକ୍ଷାର ପରିଚାଳନା ଦାୟିତ୍ୱ ଏନ୍‌ଟିଏ ହାତରେ ରହିଛି। ଏନ୍‌ଟିଏର ଏଭଳି ବିଫଳତା ନେଇ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ପରିବାର ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏନ୍‌ଟିଏ ପକ୍ଷରୁ ସଫେଇ ଦିଆଯାଇଛି ଯେ ଟିସିଏସ୍ (ଟାଟା କନସଲଟାନ୍ସି ▶ପୃଷ୍ଠା-୭

# ନାବାଳିକାକୁ ସ୍କୁଲ ଘରେ ଗଣଦୁଷ୍କର୍ମ



**ଲଜ୍ଜା**

■ **ଲହୁଣୀପଡ଼ା, ୩୦।୫ (ସମିସ):** ବନ୍ଧୁଘରକୁ ବୁଲି ଆସିଥିବା ଜଣେ ନାବାଳିକାକୁ ସ୍କୁଲ ଘରେ ଗଣଦୁଷ୍କର୍ମ। ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅଞ୍ଚଳରେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୁଣାପାଣି ଗ୍ରାମର ତନ୍ମୟ ମୁଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ବେଳେ ପୁଲିସ୍ ତାକୁ ଧରିବାକୁ ତନାଘନା ଚଳାଇଛି। ସୂଚନା ମୁତାବକ, ନାବାଳିକାଜଣଙ୍କ ତାଙ୍କର ଜଣେ ସାଙ୍ଗ ସହ ଭିଣୋଇ ଘରକୁ ଆସିଥିଲେ। ଗତ ୨୮ ତାରିଖ ଦିନ ତାଙ୍କ ଦିଦି ଏବଂ ଭିଣୋଇ ଘରେ ନଥିଲେ। ରାତି ପ୍ରାୟ ୧୨ଟାରେ ନାବାଳିକାଦ୍ୱୟ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ପୂର୍ବରୁ ଛକି ରହିଥିବା ଦୁଇ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକା କୌଣସିମତେ ଖସି ପଳାଇଥିବା ବେଳେ ତା' ସାଙ୍ଗ ମୁକୁଳି ପାରିନଥିଲା। ଦୁର୍ବୃତ୍ତମାନେ ତାକୁ ନିକଟସ୍ଥ ସ୍କୁଲ ଘରକୁ ଟେକିନେଇ ଗଣ ଦୁଷ୍କର୍ମ କରିଥିଲେ।

# ଯାତ୍ରାରେ ହିରୋଇନ୍ କରିବାକୁ ପ୍ରତିଶ୍ରୁତି ଦେଇ ଗଣଦୁଷ୍କର୍ମ

■ **ପଟ୍ଟାମୁଣ୍ଡାଇ, ୩୦।୫ (ସମିସ):** ଯାତ୍ରାରେ ହିରୋଇନ୍ କରିବାକୁ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଗଣଦୁଷ୍କର୍ମ। ଖାଲି ସେତିକି ନୁହେଁ, ଅଭିଯୁକ୍ତମାନେ ଯୁବତୀଙ୍କଠାରୁ ୨ଲକ୍ଷ ୮୦ ହଜାର ଟଙ୍କା ଲୁଟିନେବା ସହ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବାର ଧମକ ଦେଇ ପୁଣିଥରେ ଟଙ୍କା ମାଗୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରୁ ଏପରି ଏକ ସାଂଘାତିକ ଘଟଣା ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଯୁବତୀଙ୍କ ଅଭିଯୋଗ ଆଧାରରେ ପୁଲିସ ନଂ ୨୩୩/୨୬ରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୁଲୁ ପଣ୍ଡା ଓ ଜ୍ୟୋତି ପଣ୍ଡା। ଅଭିଯୁକ୍ତଦ୍ୱୟ ନିଜକୁ ଯାତ୍ରା ପାର୍ଟିର ପରିଚାଳକ ବୋଲି ଜଣାଯାଇଛି।

**୨.୮୦ ଲକ୍ଷ ଟଙ୍କା ଲୁଟ୍ ଓ ଭିଡିଓ ଭାଇରାଲ ଧମକ**

**୨ ଅଭିଯୁକ୍ତ ଗିରଫ**

ଯୁବତୀଙ୍କ ଏତଲା ଅନୁଯାୟୀ, ଜଣେ ଯୁବତୀଙ୍କୁ ଏକ ନାମୀଦାମୀ ଯାତ୍ରାପାର୍ଟିରେ ହିରୋଇନ୍ କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଇ ବୁଲୁ ଓ ଜ୍ୟୋତି ଗତ ଏପ୍ରିଲ ୬ ତାରିଖରେ ତାଙ୍କୁ ଏକ ପେଟ୍ରୋଲ ପମ୍ପରୁ ଉଠାଇ ନେଇଥିଲେ। କେନ୍ଦ୍ରାପଡ଼ା ଗରାପୁରର ଏକ ହୋଟେଲକୁ ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଯୁବତୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଚେତାଶୂନ୍ୟ କରିବା ପରେ ଦୁହେଁ ଦୁଷ୍କର୍ମ କରିଥିଲେ। ଏହାସହ ଦୁଷ୍କର୍ମ ବେଳର ଫଟୋ ଓ ଭିଡିଓ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଧମକଚମକ ଦେଇ ଏହି ଘଟଣା କାହାରି ▶ପୃଷ୍ଠା-୭

# ଥାନାରେ ହାଜିରା ଦେଲେ ୩୦ରୁ ଉର୍ଦ୍ଧ୍ୱ ଅପରାଧୀ

ବ୍ରହ୍ମପୁର,୩୦।୫(ସମିସ): ଅପରାଧ ନିୟନ୍ତ୍ରଣ ପାଇଁ ଏବେ ପୁଲିସ ଜେଲ ଫେରାନ୍ତା ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଉପରେ କଡ଼ା ନଜର ରଖିଛି। ଏପରିକି ନିକଟରେ ୫ ଅପରାଧୀଙ୍କୁ ପୁଲିସ ଏନ୍କାଉଣ୍ଟର୍ କରିସାରିଛି। ଏହାସତ୍ତ୍ୱେ ମଧ୍ୟ ପୁଲିସ ଏବେ ଜେଲ ଫେରନ୍ତା ଓ ପୁରୁଣା ଅପରାଧୀଙ୍କୁ ଡାକି ସତର୍କ କରାଉଛି। କୌଣସି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିବା ଖବର ମିଳିଲେ ଗିରଫ ହେବା ସହ ଏନକାଉଣ୍ଟର୍ ହେବା ମଧ୍ୟ ସମ୍ଭାବନା ରହିଛି। ସମସ୍ତ ଥାନା ଅଧିକାରୀ ନିଜ ନିଜ ଅଞ୍ଚଳର ଅପରାଧୀମାନଙ୍କୁ ଡାକି ସତର୍କ କରାଇଛନ୍ତି।

**ଜେଲ୍ ଫେରାନ୍ତଙ୍କୁ ସତର୍କ କରାଉଛି ପୁଲିସ**

**ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରୁହ ନଚେତ୍ ଏନକାଉଣ୍ଟର୍**

**ବଛାବଛା ଅପରାଧୀ ସପ୍ତାହରେ ଦୁଇଦିନ ଥାନାରେ ହାଜିରା ଦେବେ**

ଶନିବାର ପ୍ରଥମ ଦିନରେ ସହର ଓ ଉପକଣ୍ଠ ଥାନାରେ ୩୦ଜଣ ଅପରାଧୀ ହାଜିରା ଦେଇଥିବା ଜଣାପଡ଼ିଛି। ଅପରାଧୀମାନେ ନିଜର ପରିବାର ସଦସ୍ୟଙ୍କୁ ଥାନାରେ ନେଇ ପହଞ୍ଚିଛନ୍ତି। ସେଠାରେ ପୁଲିସ ଅଧିକାରୀମାନେ ଅପରାଧୀଙ୍କ ଗତିବିଧି ଉପରେ ତାଙ୍କ ପରିବାର ଲୋକଙ୍କୁ ପଚାରିବା ସହ ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କୁହାଯାଉଛି। ସପ୍ତାହକୁ ଥରେ ବାଧ୍ୟତାମୂଳକ ଥାନାରେ ହାଜିରା ଦେବେ ଅପରାଧୀ। ଏକାଧିକ ଜେଲ ଫେରନ୍ତାଙ୍କୁ ଥାନାରେ ବିଭିନ୍ନ ମାମଲା ବିଷୟରେ ପଚାରଉଚରା କରିଛି ପୁଲିସ। ପୁଲିସ ବଛାବଛା ଅପରାଧୀଙ୍କୁ ସପ୍ତାହରେ ଦୁଇଦିନ ଶନିବାର ଓ ରବିବାର ଥାନାରେ ହାଜିରା ଦେବାକୁ କହିଛି। ଯଦି ହାଜିରା ଦେବାକୁ ନ ଆସନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି। ଥାନାକୁ ଡାକାଯାଉଥିବା ଖବର ପାଇ କିଛି ଅପରାଧୀ ବ୍ରହ୍ମପୁର ଛାଡି ବାହାରକୁ ଚାଲିଯାଇଥିବା ଜଣାପଡିଛି।

# ଆକ୍ରମଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୦।୫(ସମିସ): ଆକ୍ରମଣ ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତଙ୍କୁ ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ମସିହାଖାଲିର ସଞ୍ଜୟ ନାୟକ(୨୪)। ସୂଚନାଯୋଗ୍ୟ ଯେ, ମସିହାଖାଲି ଗ୍ରାମର ଲିଲି ଦାସଙ୍କୁ ଗତ ବର୍ଷ ଫେବୃଆରୀ ମାସ ୨ତାରିଖରେ ଆକ୍ରମଣ ହୋଇଥିଲା। ତାଙ୍କ ପରିବାର କିଛି ସଦସ୍ୟଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ଏଥିରେ ଲିଲି ସମେତ ଏକାଧିକ ଆହତ ହୋଇଥିଲେ। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ପୁଲିସ ୭ଜଣ ଯଥା-ଆର. ଅରୁପ, ବଳିଆ ଗୌଡ଼, ସଞ୍ଜୟ ନାୟକ, ମନୋଜ ସାହୁ, ଜି. ପ୍ରକାଶ, ଲିପୁ ପ୍ରଧାନ ଓ କପଲ ମୁନାଙ୍କ ନାମରେ ମାମଲା ରୁଜୁ କରିଥିଲା। ପୂର୍ବରୁ ଏହି ମାମଲାରେ ଏକାଧିକ ଗିରଫ ହୋଇଥିବା ବେଳେ ସଞ୍ଜୟ ନାୟକ ଫେରାର ଥିଲା। ଶନିବାର ସଞ୍ଜୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ବାଇକ୍ ଜାଳିଦେଲେ ଦୁର୍ବୃତ୍ତ; ଜଣେ ଗିରଫ

ବ୍ରହ୍ମପୁର,୩୦।୫(ସମିସ): ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଶୁଣ୍ଡିସାହିରେ ରହୁଥିବା ସୁକାନ୍ତ କୁମାର ସାହୁ ଓରଫ ସନୁଙ୍କ ବାଇକ୍କୁ



ଗତ ରାତିରେ ପେଟ୍ରୋଲ ଢାଳି ପୋଡ଼ି ଦେଇଥିଲେ ଦୁର୍ବୃତ୍ତ। ଏହି ଘଟଣାରେ ସଦର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଆଙ୍କୁଶପୁର ନୂଆସାହିର କାଳିଆ ଓରଫ ସୁଶାନ୍ତ କୁମାର ସାହୁ(୨୬)। ସୂଚନାପ୍ରକାରେ, ଆଙ୍କୁଶପୁର ଶୁଣ୍ଡିସାହିର ସୁଶାନ୍ତଙ୍କ ବାଇକ୍ଟି ଘର ସମ୍ମୁଖରେ ରଖାଯାଇଥିବା ବେଳେ ଶନିବାର ରାତିରେ କେହି ନିଆଁ ଲଗାଇ ଦେଇଥିଲା। ଘଟଣାରେ ଅଭିଯୁକ୍ତ କାଳିଆଙ୍କ ହାତ ରହିଥିବା ସୁଶାନ୍ତ ପୁଲିସକୁ ଜଣାଇଥିଲେ। ତଦନ୍ତ ବେଳେ ଅଭିଯୁକ୍ତ କାଳିଆ ତାଙ୍କ ଘର ନିକଟକୁ ପେଟ୍ରୋଲ ଧରି ଆସିଥିବା ସ୍ପଷ୍ଟ ହେବା ପରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅପରାଧୀଙ୍କ ନିଦ ହଜାଇଲାଣି ଏନ୍କାଉଣ୍ଟର ଭୟ

ବ୍ରହ୍ମପୁର,୩୦।୫(ସମିସ)

ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଛତ୍ରଭଙ୍ଗ ଦେଲେଣି ଅପରାଧୀ। ଏନକାଉଣ୍ଟର ଭୟରେ କେତେକ ସହର ଛାଡ଼ି ଚାଲିଯାଇଥିବା ବେଳେ ଆଉ କେତେକ ସହରକୁ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଯେଉଁମାନେ ବର୍ତ୍ତମାନ ବିଭିନ୍ନ ମାମଲାରେ ଜେଲର ଚାରିକାନ୍ଥ ମଧ୍ୟରେ ଅଛନ୍ତି ସେଠାରେ ସେମାନେ ନିଜକୁ ସୁରକ୍ଷିତ ମଣୁଛନ୍ତି। ବାହାରକୁ ଆସିଲେ ରହିଛି ଏନକାଉଣ୍ଟର ଭୟ। ଜେଲ ପରିସର ହିଁ ସୁରକ୍ଷିତ ସ୍ଥାନ ବୋଲି ଭାବି ଜାମିନ ସତ୍ତ୍ୱେ ବାହାରକୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗତ ୧୦ଦିନ ମଧ୍ୟରେ ପୁଲିସ ଗୁଳିର ଶିକାର ହୋଇଛନ୍ତି ୫ ଦୁର୍ଦ୍ଦାନ୍ତ ଅପରାଧୀ। ଏନକାଉଣ୍ଟର ସତ୍ତ୍ୱେ ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ସର୍ବସାଧାରଣରେ ଅପରାଧୀ ଘଟାଇଛନ୍ତି ଏକାଧିକ ଘଟଣା। ଯାହାର ଭିଡିଓ ଭାଇରାଲ ହେଉଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳମାନଙ୍କ ପକ୍ଷରୁ ବାରମ୍ବାର ପ୍ରତିବାଦ ଓ ବିକ୍ଷୋଭ ପରେ ପୁଲିସ ଡିଜି ଅପରାଧୀଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏକାଧିକ ଏନକାଉଣ୍ଟର ହେଲାଣି। ବ୍ରହ୍ମପୁରରେ ଗତ ୧୦ଦିନ ମଧ୍ୟରେ ୫ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ କାବୁ କରିବାରେ ସକ୍ଷମ ହୋଇଛି ବ୍ରହ୍ମପୁର ପୁଲିସ। ତେବେ ବର୍ତ୍ତମାନର ପରିସ୍ଥିତିରେ ପୁଲିସ କୋଚିଆଙ୍କୁ ଧରି ଏନକାଉଣ୍ଟର କରୁଥିବା ବେଳେ ମୁଖ୍ୟମାନଙ୍କୁ ଅଦାଲତରୁ ଜାମିନ ଆଣିବାକୁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ଅବଶ୍ୟ ସାମ୍ପ୍ରତିକ ପରିସ୍ଥିତିରେ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ଭୟରେ କିଛି ଅପରାଧି ଯେଉଁମାନେ ଜେଲରେ ଅଛନ୍ତି ଏବଂ ସେମାନଙ୍କୁ କୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିସାରିଛି ସେମାନେ ଭୟରେ ବାହାରକୁ ବାହାରିବାକୁ ପଛଘୁଞ୍ଚା ଦେଉଛନ୍ତି। ଅନୁରୁପ ଭାବେ ପୁଲିସ ପକ୍ଷରୁ ଯଦିଓ ଏନ୍କାଉଣ୍ଟର ନେଇ ସମ୍ଭାବ୍ୟ ପ୍ରସ୍ତୁତ ତାଲିକା ପ୍ରକାଶିତ ହୋଇନାହିଁ ତେବେ ଏଭଳି ଏକ ତାଲିକା ପ୍ରସ୍ତୁତ ହେଉଥିବା ନେଇ ପ୍ରଚାର ହୋଇଛି। ଫଳରେ କିଛି ଜଣାଶୁଣା ଓ ଅଭ୍ୟାସଗତ ଅପରାଧୀ ଏନକାଉଣ୍ଟର ଭୟରେ ସହର ବାହାରକୁ ଚାଲି ଯାଇଥିବା ସୂଚନା ମିଳିଛି। ତେବେ ଦିନକୁ ଦିନ ବଢୁଥିବା ଅପରାଧକୁ ନିୟନ୍ତ୍ରଣ କରିବାକୁ ଯାଇ ଅଥବା ପୁଲିସ ମହାନିର୍ଦ୍ଦେଶକଙ୍କ କଡା ତାଗିଦ ପରେ ନୁହଁ ବରଂ ଅପରାଧୀଙ୍କ ବିରୋଧରେ ପୁଲିସର ଏଭଳି କଡା ଅଭିମୁଖ୍ୟ ସବୁବେଳେ ଜାରି ରହିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେପଟେ ପୁଲିସ ପକ୍ଷରୁ ହୋଇଥିବା ଏକାଧିକ ଅପରାଧରେ କେବଳ କୋଚିଆଙ୍କୁ ଟାର୍ଗେଟ କରାଯାଉଥିବା ବେଳେ ମୁଖିଆଙ୍କୁ ଛଡା ଯାଉଥିବା ଅଭିଯୋଗ ହୋଇଛି। ଏପରିକି ବିଭିନ୍ନ ଘଟଣାରେ ପ୍ରତ୍ୟକ୍ଷ ଅଥବା ପରୋକ୍ଷରେ ସାମିଲ ଅପରାଧିଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କୁ ଜାମୀନରେ ଆସିବାକୁ ପୁଲିସ ସହଯୋଗ କରୁଥିବା ଅଭିଯୋଗ ହୋଇଛି।

- **ଜାମିନ ସତ୍ତ୍ୱେ ଜେଲ୍ରୁ ମୁକୁଳିବାକୁ ଅନିଚ୍ଛା ପ୍ରକାଶ**
- **ସମ୍ଭାବ୍ୟ ଏନ୍କାଉଣ୍ଟର ତାଲିକାକୁ ନେଇ ଜିଲ୍ଲାପାର ଅପରାଧୀ**
- **ମୁଖିଆଙ୍କୁ ଛାଡ଼ି କୋଚିଆଙ୍କୁ ପୁଲିସ ଟାର୍ଗେଟ କରୁଥିବା ଅଭିଯୋଗ**



# ବ୍ରହ୍ମପୁରରେ ସ୍ୱତନ୍ତ୍ର ଏସ୍ଆଇଆର ସଚେତନତା ପଦଯାତ୍ରା






ବ୍ରହ୍ମପୁର,୩୦।୫(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶନିବାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ପଦଯାତ୍ରା କମାପଲ୍ଲୀ ଛକ ଓ ଉପଜିଲ୍ଲାପାଳଙ୍କ ବାସଭବନ ଦେଇ ପୁଣି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ପଦଯାତ୍ରାରେ ସଚେତନତା ପ୍ଲାକାର୍ଡ ଧରି ଭୋଟର ତାଲିକାର ସଠିକତା ଓ ଏସଆଇଆରର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ ମାସ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ବିଏଲଓଙ୍କୁ ସହଯୋଗ କରିବା ସହ ଆବଶ୍ୟକ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ ଅନୁରୋଧ କରାଯାଉଛି। ଏଥିସହ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ସମସ୍ତ ବିଏଲଓ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ମଧ୍ୟ ପଦଯାତ୍ରାରେ ସାମିଲ ହୋଇ ଏସଆଇଆର୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ପଦଯାତ୍ରାରେ ଅତିରିକ୍ତ ଉପଜିଲ୍ଲାପାଳ ରିନା କୁମାରୀ ନାୟକ, ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥୀ, ନିର୍ବାଚନ ଡେପୁଟି କଲେକ୍ଟର ଅଲେଖ ରଞ୍ଜନ ମହାକୁଡ ଓ ବ୍ରହ୍ମପୁର ଉପଖଣ୍ଡର ତହସିଲଦାର, ବିଏଲଓ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇ ସଚେତନ କରିଥିଲେ।

# ଏସ୍ଆଇଆର୍ ଫର୍ମ ବାଣ୍ଟିଲେ ବ୍ରହ୍ମପୁର ଉପଜିଲ୍ଲାପାଳ

ବ୍ରହ୍ମପୁର,୩୦।୫(ସମିସ): ସମଗ୍ର ଗଞ୍ଜାମ ଜିଲ୍ଲାରେ ଚାଲିଥିବା ଏସଆଇଆର ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟକ୍ରମର ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଲୋଚାପଡ଼ା ବୁଥ୍ ପରିଦର୍ଶନ କରିଛନ୍ତି। ସେ ଉକ୍ତ କାର୍ଯ୍ୟ ତଦାରଖ କରିବା ସହ ପରିଗଣନା ଫର୍ମ ବଣ୍ଟନ କରିଥିଲେ।




ଉପଜିଲ୍ଲାପାଳ ଶ୍ରୀ କୁମାର ଭୋଟରଙ୍କ ସହ ଆଲୋଚନା କରି ଏସଆଇଆରର ଉଦ୍ଦେଶ୍ୟ ଓ ଆବଶ୍ୟକ ପ୍ରମାଣପତ୍ର ବିଷୟରେ ଅବଗତ କରାଇଥିଲେ। ବିଏଲଓ ମାନଙ୍କୁ ନିଷ୍ଠାର ସହ ଘରକୁ ଘର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଭୋଟରଙ୍କୁ ବିଏଲଓଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଏଲଓମାନେ ଘରକୁ ଘର ଯାଇ ଭୋଟରଙ୍କୁ ପରିଗଣନ ଫର୍ମ ବିତରଣ କରିଥିଲେ। ସେମାନଙ୍କୁ ଫର୍ମ ପୂରଣ ପ୍ରକ୍ରିୟା ସମ୍ପର୍କରେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଏଇଆରଓ କୁକୁଡ଼ାଖଣ୍ଡି ଏବିଡିଓ ତଥା ଅନ୍ୟ ବିଭାଗୀୟ ଅଧିକାରୀ, ବିଏଲ ଓ ସୁପରଭାଇଜର ଓ ବୁଥ୍ସ୍ତରୀୟ ଅଫିସର ଉପସ୍ଥିତ ଥିଲେ।

# ବିଏଲ୍ଓଙ୍କୁ ଛତା ବାଣ୍ଟିଲେ କର୍ପୋରେଟର



ବ୍ରହ୍ମପୁର,୩୦।୫(ସମିସ): ବ୍ରହ୍ମପୁରରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର୍) କାର୍ଯ୍ୟକ୍ରମ ବିଏଲଓ ମାନଙ୍କୁ ଘରକୁ ଘର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରୁଛନ୍ତି। ଏଥି ମଧ୍ୟରେ ସହରରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ ୱାର୍ଡ ନଂ.୩୨ ଅଞ୍ଚଳରେ ନିୟୋଜିତ ବୁଥ ସ୍ତରୀୟ ଅଧିକାରୀ(ବିଏଲଓ)ଙ୍କୁ କର୍ପୋରେଟର ସୁରେନ୍ଦ୍ର ମହାରଣା ଛତା ବଣ୍ଟନ କରିଛନ୍ତି। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି କର୍ପୋରେଟର ଶ୍ରୀ ମହାରଣା ନିଜେ ଘର ଘର ବୁଲି କାର୍ଯ୍ୟରେ ସହଯୋଗ କରିବାକୁ ଭୋଟରଙ୍କୁ ଅନୁରୋଧ କରିବା ସହ ବହୁ ଅଧିକାରୀଙ୍କୁ ଛତା ବଣ୍ଟନ କରିଥିଲେ।

**'ସକାଳ' ପ୍ରଭାବ; ତଥାପି ତରବରିଆ ନିଷ୍ପତ୍ତି!**

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନ୍ସିଲ୍ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ପ୍ରଶ୍ନବାଚୀ

ବ୍ରହ୍ମପୁର,୩୦।୫(ସମିସ)




ନିର୍ଦ୍ଧାରିତ ସମୟ ଅର୍ଥାତ ଜୁନ ପହିଲା ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପିଜି କାଉନସିଲ ଅଧ୍ୟକ୍ଷ ଓ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସମେତ ହଷ୍ଟେଲ ଗୁଡିକର ୱାର୍ଡେନ ନିଯୁକ୍ତି ହେବା କଥା। ଯେଉଁଥିରେ ବ୍ୟତିକ୍ରମ ହେଉଥିବା ନେଇ ଅଭିଯୋଗ ପରେ ଦୈନିକ 'ସକାଳ' ଖବର କାଗଜରେ ୨୯ତାରିଖରେ ଏକ ବିସ୍ତୃତ ତଥା ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଗତକାଲି ଅର୍ଥାତ୍ ୨୯ ତାରିଖରେ ହିଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ତରବରିଆ ନିଷ୍ପତ୍ତି ଭାବେ ପଦକ୍ଷେପ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି। ଯଦ୍ୱାରା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ପ୍ରକାରେ ବର୍ତ୍ତମାନର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ କାର୍ଯ୍ୟକାଳକୁ ପରବର୍ତ୍ତି ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଜଣାପଡିଛି। ସେହିଭଳି ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟଙ୍କ ନେଇ ନୂତନ ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ବିଶ୍ୱବିଦ୍ୟାଳୟର ମୋଟ ୨୩ଟି ବିଭାଗ ମଧ୍ୟରୁ ୯ଟି ବିଭାଗ ଯଥା ବିଜିନେସ ଆଡମିନିଷ୍ଟ୍ରେସନ, ବାଣିଜ୍ୟ, ଇଂରାଜୀ, ଆଇଆରପିଏମ, ଆଇନ, ଲିଙ୍ଗୁଇଷ୍ଟିକ, ଗଣିତ, ରାଜନୀତି ବିଜ୍ଞାନ, ଟୁରିଜିମ ଓ ଟ୍ରାଭେଲ ଷ୍ଟଡ଼ିଜ ଭଳି ବିଭାଗର ଅତିରିକ୍ତ ଦାୟିତ୍ୱ ଖୋଦ୍ ପିଜି କାଉନସିଲ ଅଧ୍ୟକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି। ଅପରପକ୍ଷେ ଉଦ୍ଭିଦବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ପଦାର୍ଥ ବିଜ୍ଞାନ ସମେତ ଗୃହ ବିଜ୍ଞାନ ଭଳି ବିଭାଗରେ ପୂର୍ବ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିବା ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତିରୁ ସୂଚନା ମିଳିଛି। ତେବେ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ଭାବେ ପ୍ରଫେସର ଡକ୍ଟର ମନୋଜ କୁମାର ପଣ୍ଡା, ରସାୟନ ବିଜ୍ଞାନରେ ସହକାରୀ ପ୍ରଫେସର ଡକ୍ଟର ସତ୍ୟନାରାୟଣ ସାହୁ, ଅର୍ଥନୀତି ଶାସ୍ତ୍ରରେ ପ୍ରଫେସର ଡକ୍ଟର ମୃତ୍ୟୁଞ୍ଜୟ ସ୍ୱାଇଁ, ଇଲୋକ୍ଟ୍ରୋନିକ୍ସ ସାଇନ୍ସରେ ଆସୋସିଏଟ ପ୍ରଫେସର ଡକ୍ଟର ରସ୍ମିତା କୁମାରୀ ପାଣିଗ୍ରାହୀ, ପରିବେଶ ବିଜ୍ଞାନ ବିଭାଗରେ ପ୍ରଫେସର ଡକ୍ଟର ବି. ଅଞ୍ଜନ କୁମାର ପୃଷ୍ଟି, ଇତିହାସ ବିଭାଗରେ ଆସୋସିଏଟ ପ୍ରଫେସର ଡକ୍ଟର ସଦାନନ୍ଦ ନାୟକ, ଜର୍ଣ୍ଣାଲିଜମ ବିଭାଗରେ ଆସୋସିଏଟ ପ୍ରଫେସର ଡକ୍ଟର ଜୟନ୍ତ କୁମାର ପଣ୍ଡା, ଲାଇବ୍ରେରୀ ଆଣ୍ଡ ଇନଫର୍ମେସନ ସାଇନ୍ସ ବିଭାଗରେ ପ୍ରଫେସର ଡକ୍ଟର ଜ୍ୟୋସ୍ନା ସାହୁ, ସାମୁଦ୍ରିକ ବିଜ୍ଞାନ ବିଭାଗରେ ଆସୋସିଏଟ ପ୍ରଫେସର ଡକ୍ଟର ତମୋଘ୍ନା ଆଚାର୍ଯ୍ୟ ଏବଂ ପ୍ରାଣୀବିଜ୍ଞାନରେ ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର ଦିକ୍ଷୀତଙ୍କୁ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଥିବା ବିଜ୍ଞପ୍ତିରୁ ଜଣାପଡିଛି। ଜାରି ହୋଇଥିବା ବିଜ୍ଞପ୍ତିରେ ବିଶ୍ୱବିଦ୍ୟାଳୟର କୌଣସି ହଷ୍ଟେଲର ଅଧିକ୍ଷକ ଓ ୱାର୍ଡେନଙ୍କ ନାମ ନଥିବା ଜଣାପଡିଛି। ଯେକୌଣସି ବିଶ୍ୱବିଦ୍ୟାଳୟରେ ପିଜି କାଉନସିଲ ଅଧ୍ୟକ୍ଷ ଏବଂ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟକାଳର ଅବଧି ମାତ୍ର ଦୁଇବର୍ଷ। ଏହାକୁ ସଂପ୍ରସାରଣ କରିବା କ୍ଷମତା କୁଳପତିମାନଙ୍କୁ ଦିଆଯାଇନଥିବା ଅଭିଯୋଗ ହୋଇଛି। ଏଣୁ ସଦ୍ୟ ପ୍ରକାଶିତ ତଥା ତରବରିଆ ଭାବେ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମା ବିଶ୍ୱବିଦ୍ୟାଳୟ ନିୟମର ଖୋଲାଖୋଲି ଉଲ୍ଲଂଘନ ବୋଲି କୁହାଯାଇଛି। ଏଭଳି କୌଣସି ନିର୍ଦ୍ଦେଶନାମା ଜାରି କରିବା ପୂର୍ବରୁ କୁଳାଧିପତିଙ୍କ ଅନୁମତି ଜରୁରୀ ବୋଲି କୁହାଯାଇଛି। କୁଳାଧିପତିଙ୍କ ବିନା ଅନୁମତିରେ ଯଦି ଏଭଳି ବିଜ୍ଞପ୍ତି ବା ନିର୍ଦ୍ଦେଶନାମା ଜାରି କରାଯାଇଛି ତେବେ ଏହା ସମ୍ପୂର୍ଣ୍ଣ ଅବୈଧ ଓ ବିଶ୍ୱବିଦ୍ୟାଳୟର ନୀତି ନିୟମର ଖୋଲାଖୋଲି ଉଲ୍ଲଂଘନ ବୋଲି ଅଭିଯୋଗ କରି କିଛି ବୁଦ୍ଧିଜୀବୀ କୁଳାଧିପତି ତଥା ରାଜ୍ୟ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ନିଜ ନାମକୁ ଗୋପନ ରଖି ମତ ପ୍ରକାଶ କରିଛନ୍ତି।

- **ପିଜି କାଉନସିଲ ଅଧ୍ୟକ୍ଷଙ୍କୁ ୯ଟି ବିଭାଗର ଅତିରିକ୍ତ ଦାୟିତ୍ୱ**
- **ଅପରିବର୍ତ୍ତିତ ରହିବ ୪ଟି ବିଭାଗ**
- **ଅନିୟମିତତା ନେଇ କୁଳାଧିପତି ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବୁଦ୍ଧିଜୀବୀଙ୍କ ନିଷ୍ପତ୍ତି**

# ସଂଘବଦ୍ଧ ଆକ୍ରମଣ ମାମଲା: ୫ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୦।୫(ସମିସ): ଏକ ସଂଘବଦ୍ଧ ଆକ୍ରମଣ ମାମଲାରେ ଜଡ଼ିତ ଥାଇ ଦୀର୍ଘଦିନ ହେବ ଫେରାର ଥିବା ୫ ଜଣ ଅଭିଯୁକ୍ତଙ୍କୁ ସଦର ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ପ୍ରତାପକୃଷ୍ଣଚନ୍ଦ୍ରପୁର ଆଡୁଆ ସାହିର ଜି. ପ୍ରକାଶ, ବଳରାମ ଗୌଡ଼ ଓରଫ ବଳିଆ(୨୫), ମନୋଜ ସାହୁ(୨୮), ଲିପୁ ଓରଫ ପେଡୁ ପ୍ରଧାନ, ମାସିଆଖାଲି, ହରିଜନ ସାହିର ସଞ୍ଜୟ ନାୟକ ଓରଫ ହଜାରୀ(୨୪)।

ସୂଚନାପ୍ରକାରେ, ୨୦୨୫ ଫେବୃଆରୀ ୨ ରାତି ୯ଟା ବେଳେ ମାସିଆଖାଲି ଗ୍ରାମର ଲିଲି ଦାସ ନାମକ ଜଣେ ମହିଳା ସ୍ଥାନୀୟ ଦୋକାନକୁ ମଶା କଏଲ୍ କିଣିବାକୁ ଯାଇଥିଲେ। ସେହି ସମୟରେ ଗ୍ରାମର କୋଠଘର ଚଟାଣରେ ତାଙ୍କର ତିନି ଭାଇ ଲାଲୁ ଦାସ, ଚିଣ୍ଟୁ ଦାସ ଓ ଲକ୍ଷ୍ମୀ ଦାସ ବସିଥିଲେ। ଏହି ସମୟରେ ଆର. ଅରୂପ, ବାଲିଆ ଗୌଡ଼, ସଞ୍ଜୟ ନାୟକ, ମନୋଜ ସାହୁ, ଜି. ପ୍ରକାଶ, ଲିପୁ ପ୍ରଧାନ ଓ କପାଳ ମୁନା ପ୍ରମୁଖ ମଦ୍ୟପାନ କରି ସେଠାକୁ ଆସିଥିଲେ। ସେମାନେ ଲିଲିଙ୍କ ଭାଇମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ଲିଲିଙ୍କ ଭାଇ ଲାଲୁ ସେଠାରୁ ଯିବାକୁ ଚେଷ୍ଟା କରୁଥିବା ବେଳେ ଅଭିଯୁକ୍ତ ଆର. ଅରୂପ ତାଙ୍କୁ ଜୋର ଜବରଦସ୍ତ ଠେଲି ଦେଇ ଏକ ଖଣ୍ଡାରେ ଆକ୍ରମଣ କରିଥିଲା। ଅନ୍ୟ ଦୁଇ ଭାଇ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଏବଂ ତାଙ୍କ ଗ୍ୟାଙ୍ଗର ସଦସ୍ୟମାନେ କାତି ଓ ପ୍ଲାଷ୍ଟିକ ପାଇପ୍ ସାହାଯ୍ୟରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ତିନି ଭାଇ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କୁକୁଡ଼ାଖଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରଦିନ ସକାଳେ ଅଭିଯୁକ୍ତମାନେ ପୁଣି ଥରେ ଲିଲିଙ୍କ ଘର ସାମ୍ନାକୁ ଆସି ପୋଲିସରେ ଅଭିଯୋଗ ନ କରିବାକୁ ଧମକ ଦେଇଥିଲେ। ଘଟଣାକୁ ନେଇ ଲିଲି ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୮୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଆର. ଅରୂପ ଏବଂ କେ. ମୁନାଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିଲା। ହେଲେ ଘଟଣା ପରଠାରୁ ଉପରୋକ୍ତ ୫ ଅଭିଯୁକ୍ତ ଫେରାର ଥିଲେ। ଆଜି ସେହି ୫ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## କାଳବୈଶାଖୀ ପାଇଁ ୪ଦିନ ହେଲା ଅନ୍ଧାରରେ ୬ ଗାଁ

ଶଗଡା,୩୦।୫(ସମିସ): କଣ୍ଟାମାଳ ବ୍ଲକରେ ଗତ ବୁଧବାର ଓ ଗୁରୁବାର କାଳ ବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବ୍ଲକର ବଉଳସିଂହା, ପରତଲା, ଟୁନିମୁଣ୍ଡା, ଧଉରାକୁଦ, ପ୍ରଧାନପାଲି, ପାଇକବାହାଲ୍ ଆଦି ଅଞ୍ଚଳରେ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ଅଛି। ଏପରିକି ବିଦ୍ୟୁତ ବିଭାଗ କର୍ମଚାରୀ ଉକ୍ତ ଅଞ୍ଚଳକୁ ଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। କାଳ ବୈଶାଖୀରେ ଗଛ ଡାଳ ଭାଙ୍ଗି ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି; ହେଲେ ଆଜିକୁ ୪ଦିନ ବିତି ଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇ ପାରିନାହିଁ। ବିଦ୍ୟୁତ ଯୋଗାଣ ପାଇଁ ଅଞ୍ଚଳବାସୀ ଟୋଲ ଫ୍ରି ନମ୍ବର ସହ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ୪୩ଡିଗ୍ରୀ ଉପରେ ତାପମାତ୍ରା ଥିବା ବେଳେ ବିଜୁଳି ନ ଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ପ୍ରଚଣ୍ଡ ଖରାରେ ଲୋକେ

### ଖରା ସାଙ୍ଗକୁ ଗରମରେ ସିଝୁଛନ୍ତି ଲୋକେ

ଘର ଭିତରେ ସିଝୁଥିବା ବେଳେ ଭଗବାନଙ୍କ ଭରସାରେ ଜୀବନ କାଟୁଥିବା କହିଛନ୍ତି। ବଢୁଥିବା ଖରାକୁ ଦୃଷ୍ଟିରେ ରଖି ଅଞ୍ଚଳରେ ଖୁବ୍ ଶୀଘ୍ର ବିଦ୍ୟୁତ୍ ଯୋଗାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆସନ୍ତା କାଲି ବିଦ୍ୟୁତ ଯୋଗାଣ କରା ନ ଗଲେ ଅଞ୍ଚଳବାସୀ ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି କଡା ଚେତାବନୀ ଦେଇଛନ୍ତି।

## ତରଭା ଅଞ୍ଚଳରେ ତାଣ୍ଡବ ରଚିଲା କାଳବୈଶାଖୀ

ତରଭା,୩୦।୫ (ସମିସ): ତରଭା ସହର ଓ ଆଖପାଖ ଅଞ୍ଚଳରେ ପ୍ରବଳ କାଳବୈଶାଖୀ ଝଡ଼ ସାଙ୍ଗକୁ ବର୍ଷା ହୋଇ କ୍ଷୟକ୍ଷତି ଘଟାଇଛି। ପ୍ରାୟ ଅଧ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଏହି ପ୍ରଳୟଙ୍କରୀ ଝଡ଼ରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଥିଲା।

ଦୋକାନରେ ଲାଗିଥିବା ହୋର୍ଡିଂ, ଗଛ ଡାଳ, ତରଭା ନୂତନ ନିବୃତ୍ତି ଜୋର ପୋଲଠାରୁ ଗର୍ଜା ରେଲୱେ ବ୍ରିଜ ପର୍ଯ୍ୟନ୍ତ ରମ୍ପା ସିଂଢୋଲ ଗ୍ରୀଡ୍‌ରୁ ଆସିଥିବା ମୁଖ୍ୟ ଲାଇନର ଗୋଟିଏ ତାର ଏକ ସେରସୁଆଁ ଗଛରେ ବାଡେଇ ହୋଇ ଜଳିଯାଇ ଛିଣ୍ଡି ଯାଇଛି। ଅନେକ ଦୋକାନର ହୋର୍ଡିଂ ଉଡ଼ାଇ ନେଇଛି। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟର ତାର ଉପରେ ଗଛ ଡାଳ ପଡ଼ି କେବୁଲ ଛିଡିଯିବା ଯୋଗୁଁ ସହର ସମେତ ଗ୍ରାମାଞ୍ଚଳରେ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡିଥିଲା। ସେପଟେ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ତରଭା ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ।

■ ଘର ଉଜାଡ଼ି ଦେଲା କାଳବୈଶାଖୀ

## ଖୋଲା ଆକାଶ ତଳେ ୫ ସଦସ୍ୟ, ଦାଉ ସାଧୁଛି ଖରା



ଶଗଡା,୩୦।୫(ସମିସ): କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ମାର୍ଡୋଲ ଗ୍ରାମର ଧର୍ମୁ ନାଗଙ୍କ ମାଟି ଚାଳ ଘର ଗୁରୁବାର ସନ୍ଧ୍ୟାରେ କାଳ ବୈଶାଖୀରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଏହାଫଳରେ ଏହି ପରିବାର ବେସାହାରା ହୋଇଯାଇଛନ୍ତି। ପରିବାରରେ ୫ ଜଣ ସଦସ୍ୟ ୪୩ ଡିଗ୍ରୀ ତାପମାତ୍ରାରେ ପରିବାର ବର୍ଗ ଖୋଲା ଆକାଶ ତଳେ ରହି ସମସ୍ତେ ହନ୍ତସନ୍ତ ହେଉଛନ୍ତି; କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଗରିବ ନିରୀହ ଧର୍ମୁଙ୍କୁ ଆଜି ପର୍ଯ୍ୟନ୍ତ ଆବାସ ଗୃହ ଖଣ୍ଡିଏ ମଧ୍ୟ ମିଳିନାହିଁ। ମଲା ପରେ କ'ଣ ଆବାସ ଗୃହ ମିଳିବ କି ବୋଲି ପରିବାର ସଦସ୍ୟ କୋହଭରା କଣ୍ଠରେ କହିଛନ୍ତି। ଜଣେ ଗରିବ ଯଦି ଘର ନ ପାଇବ ତେବେ ଯୋଜନା କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କଣ୍ଟାମାଳ ବ୍ଲକ୍‌ରେ ୩ ସପ୍ତାହ ହେଲା ମୁଖ୍ୟ କିରାଣି ନାହାନ୍ତି

ବୌଦ୍ଧ, ୩୦।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ୩ ସପ୍ତାହ ହେଲା ମୁଖ୍ୟ କିରାଣି ନ ଥିବାରୁ ଲୋକେ ବିଭିନ୍ନ କାମରେ ଯାଇ ହଇରାଣ ହେଉଛନ୍ତି। ମୁଖ୍ୟ କିରାଣିଙ୍କୁ ଅନ୍ୟତ୍ର ବଦଳି କରାଯାଇ ଜଣେ କନିଷ୍ଠ କିରାଣିଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି; ହେଲେ କନିଷ୍ଠ କିରାଣିଙ୍କୁ ଆର୍ଥିକ କ୍ଷମତା ଦିଆ ଯାଇ ନ ଥିବାରୁ ବ୍ଲକ୍‌ରେ କୌଣସି ଉନ୍ନୟନ କାର୍ଯ୍ୟର ବିଲ୍ ହୋଇ ପାରୁନାହିଁ। ଅନ୍ୟପଟେ ଆବାସ ହିତାଧିକାରୀ ଘର ତିଆରି କରି ଦ୍ୱିତୀୟ ବିଲ୍‌କୁ ଅପେକ୍ଷା କରିଥିବା ବେଳେ ଆର୍ଥିକ କ୍ଷମତା ଦିଆ ଯାଇ ନ ଥିବାରୁ ବିଲ୍ ହୋଇ ପାରୁନାହିଁ। ଏପରିକି ହିତାଧିକାରୀ ଘର ସମ୍ପୂର୍ଣ୍ଣ କରି ସରକାରଙ୍କ ପ୍ରଦତ୍ତ ବୋନସ ବାବଦରେ ୨୦ ହଜାର ଟଙ୍କା ପାଇବାର ଆଶା ମଉଳି ଯାଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ତେବେ ଏ ସମ୍ପର୍କରେ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀଙ୍କୁ ପଚାରିବାରୁ ଏହାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପ୍ରସ୍ତୁତି

# ନିର୍ଭୁଲ୍ ଭୋଟର ତାଳିକା ପ୍ରସ୍ତୁତିକୁ ଗୁରୁତ୍ୱ

ବୌଦ୍ଧ,୩୦।୫ (ସମିସ)



ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପ୍ରସ୍ତୁତ ଶେଷ ହୋଇଛି। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସମସ୍ତ ଭୋଟରଙ୍କୁ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ସକ୍ରିୟ ସହଭାଗୀ ହୋଇ ଠିକ୍ ଓ ନିର୍ଭୁଲ ଭୋଟର ତାଳିକା ପ୍ରସ୍ତୁତିରେ ସହଯୋଗ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ବିନୟ ଭୋଇ, ଡେପୁଟି କଲେକ୍ଟର (ନିର୍ବାଚନ) ମନସିତ ସ୍ୱରୂପ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସମେତ ଦେଶର ୧୨ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଳିକାର ଶୁଦ୍ଧିକରଣ ଓ ଠିକ୍ ତଥ୍ୟ ସଂଗ୍ରହ ପାଇଁ ଏହି ଦେଶବ୍ୟାପୀ ଅଭିଯାନ ଚାଲୁ ରହିଛି। ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଳିକାକୁ ଅଧିକ ଠିକ୍ ଓ ସ୍ୱଚ୍ଛ କରିବା। ଏହା ମାଧ୍ୟମରେ ନକଲି ଭୋଟର, ମୃତ ବ୍ୟକ୍ତି ଓ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ତାଳିକାରୁ ବାଦ ଦିଆଯିବା ସହ ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଠିକ୍ ଭାବେ ଭୋଟର ତାଳିକାରେ ସମ୍ମିଳିତ କରାଯିବ। ସମଗ୍ର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ପାଇଁ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ସହଯୋଗ ନିଆଯାଉଛି। ବୌଦ୍ଧ ଜିଲ୍ଲାରେ ମୋଟ ୪୧୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଘରେ ଘରେ ପହଞ୍ଚି ପ୍ରତ୍ୟେକ ଭୋଟରଙ୍କୁ ପରିଗଣନା ଫର୍ମ

### ସକ୍ରିୟ ସହଭାଗୀ ହୋଇ ସହଯୋଗ କରିବାକୁ ଆହ୍ୱାନ

ପ୍ରଦାନ କରିବେ ଏବଂ ଫର୍ମ ପୂରଣରେ ମାର୍ଗଦର୍ଶନ କରିବେ। ପୂରଣ ହୋଇଥିବା ଫର୍ମ ସଂଗ୍ରହ କରିବା ପରେ ଭୋଟରଙ୍କୁ ଏକ ସ୍ୱୀକୃତି ପତ୍ର ମଧ୍ୟ ପ୍ରଦାନ କରାଯିବ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ପ୍ରାୟ ୩ ଲକ୍ଷ ୩୭ ହଜାର ୩୩୮ ଜଣ ଭୋଟରଙ୍କ ତଥ୍ୟ ଯାଞ୍ଚ କରାଯିବ। ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ବୁଥ୍ ପାଇଁ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବାକୁ ଭାରତୀୟ ନିର୍ବାଚନ କମିଶନ ଅନୁରୋଧ କରିଥିବାବେଳେ ବୌଦ୍ଧ ଜିଲ୍ଲାରେ ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ ଜନତା ପାର୍ଟି ଏବଂ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ବୁଥ୍ ପାଇଁ ବିଏଲଏ ନିଯୁକ୍ତି କରାଯାଇଥିବା ସୂଚନା ଦିଆଯାଇଥିଲା। ଜୁନ୍ ୨୮ ପର୍ଯ୍ୟନ୍ତ ଘରକୁ ଘର ବୁଲି ତଥ୍ୟ ଯାଞ୍ଚ ଓ ପୋଲିଂ ଷ୍ଟେସନ ପୁନର୍ଗଠନ କାର୍ଯ୍ୟ କରାଯିବ। ଜୁଲାଇ ୧ ଯୋଗ୍ୟତା ତାରିଖ ରୂପେ ନିର୍ଦ୍ଧାରିତ ହୋଇଥିବାବେଳେ ଜୁଲାଇ ୫ରେ ଚିଠା ଭୋଟର ତାଳିକା ପ୍ରକାଶ ପାଇବ। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ।

ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଳିକା ପ୍ରକାଶ ପାଇବ। ଯଦି କୌଣସି ଭୋଟରଙ୍କ ଘରକୁ ବିଏଲଓ ପହଞ୍ଚି ନାହାଁନ୍ତି କିମ୍ବା କୌଣସି ଅଭିଯୋଗ ରହିଛି ତେବେ ସେମାନେ ଜାତୀୟ ଭୋଟର ସହାୟତା ନମ୍ବର ୧୯୫୦ ରେ ଯୋଗାଯୋଗ କରିପାରିବେ। ଏହାସହ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଫୋନ୍ ନମ୍ବର ୯୪୩୮୫୪୬୦୮୪ ଓ ୦୬୮୪୧-୨୨୨୨୦୭ କିମ୍ବା boudhelection@gmail.com ମାଧ୍ୟମରେ ମଧ୍ୟ ସମ୍ପର୍କ କରିପାରିବେ। ଭୋଟରମାନେ Voter Helpline App ଡାଉନଲୋଡ୍ କରି କିମ୍ବା voters.eci.gov.in ୱେବସାଇଟ ଓ ECINET App ମାଧ୍ୟମରେ ନିଜ ଭୋଟର ସମ୍ବନ୍ଧୀୟ ସୂଚନା ଯାଞ୍ଚ ଓ ସଂଶୋଧନ କରିପାରିବେ। ଏଥିରେ ମଧ୍ୟ Book a Call with BLO ସୁବିଧା ମଧ୍ୟ ଉପଲବ୍ଧ ରହିଛି।

### ଏସ୍‌ଆଇଆର୍ ପ୍ରଚାର ରଥର ଶୁଭାରମ୍ଭ

ବୌଦ୍ଧ,୩୦।୫(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଭୋଟର ତାଳିକାର ସ୍ୱତନ୍ତ୍ର ସଘନ ସଂଶୋଧନ (Special Intensive



Revision) କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଭାବେ ପ୍ରଚାର ପ୍ରସାର କରି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ପ୍ରଚାର ରଥ ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକ ସବୁଜ ପତାକା ଦେଖାଇ ପ୍ରଚାର ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ସହରାଞ୍ଚଳରେ ଭୋଟର ତାଳିକାରେ ନାମ ଅନ୍ତର୍ଭୁକ୍ତ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତରଣ ସମ୍ବନ୍ଧୀୟ ସୂଚନା ପ୍ରଦାନ ସହ ମତଦାତାଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଏକ ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଳିକା ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ଆଧାର। ତେଣୁ ଯୋଗ୍ୟ ନାଗରିକମାନେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସୁଯୋଗ ନେଇ ନିଜ ନାମ ଭୋଟର ତାଳିକାରେ ଅନ୍ତର୍ଭୁକ୍ତ କରିବା ସହ ଆବଶ୍ୟକ ସଂଶୋଧନ କରାଇବା ପାଇଁ ଆଗେଇ ଆସିବା ଉଚିତ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ ଭୋଇ, ଡେପୁଟି କଲେକ୍ଟର (ନିର୍ବାଚନ) ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁକ ଉପସ୍ଥିତ ଥିଲେ।

## ଏକାଧିକ ଦୁର୍ଘଟଣା ଘଟାଇଲେ ବେପରୁଆ ଫରେଷ୍ଟର

ବଲାଙ୍ଗିର,୩୦।୫(ସମିସ): ବଲାଙ୍ଗିର ସହରରେ ଜଣେ ବନ ବିଭାଗ ଅଧିକାରୀ ବେପରୁଆ ଗାଡ଼ି ଚଳାଇ ଏକାଧିକ ଦୁର୍ଘଟଣା ଘଟାଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ବଙ୍ଗୋମୁଣ୍ଡା ବନ ବିଭାଗରେ କାର୍ଯ୍ୟରତ ଫରେଷ୍ଟର ଦିବସ ମାଝୀ। ବଲାଙ୍ଗିର ଡିଏଫଓଙ୍କ କାର୍ଯ୍ୟାଳୟରେ ଏକ ବୈଠକରେ ଯୋଗଦେବାକୁ ସେ ନିଜ କାର୍ ନେଇ ଆସିଥିଲେ; କିନ୍ତୁ ବୈଠକକୁ ନ ଯାଇ ପୁଇଁନ୍ତଲା ନିକଟସ୍ଥ ମେହେରମୁଣ୍ଡାସ୍ଥିତ ଶଶୁର ଘରକୁ ଯାଉଥିଲେ। ହେଲେ ସହରର



ପାଟଣା ହୋଟେଲ ଛକଠାରେ କାରରେ ଏକାଧିକ ଦୁର୍ଘଟଣା ଘଟାଇଥିଲେ। ସ୍ଥାନୀୟ ଲୋକେ ତାଙ୍କ କାରକୁ ଅଟକାଇ ଟାଉନ ଥାନା ପୁଲିସକୁ ଖବର ଦେଇଥିଲେ। ସେ ନିଶାସକ୍ତ ଅବସ୍ଥାରେ ଥିବା ଲୋକେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କୁ ଥାନାକୁ ନେଇ ଯାଞ୍ଚ କରିଥିଲା। କିନ୍ତୁ ମଦ ପିଇ ଗାଡି ଚଳାଇବା ଅଭିଯୋଗକୁ ଫରେଷ୍ଟର ଅସ୍ୱୀକାର କରିଥିଲେ। ସେ କେବେ ମଦ ପିଅନ୍ତି ନାହିଁ ବୋଲି କହିଥିଲେ।

## ୨ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଉ ନାହାନ୍ତି ହିତାଧିକାରୀ



ବୌଦ୍ଧ,୩୦।୫(ସମିସ): ବୌଦ୍ଧ ବ୍ଲକ୍ ମୁର୍ଶୁଣ୍ଡି ପଞ୍ଚାୟତ ପଲାସ ଗ୍ରାମର ୨୦ରୁ ଅଧିକ ବୃଦ୍ଧବୃଦ୍ଧା ୨ ମାସ ହେଲା ସାମାଜିକ ସୁରକ୍ଷା ଯୋଜନାରେ ଆଉ ବାର୍ଦ୍ଧକ୍ୟ ଭତ୍ତା ପାଉ ନାହାନ୍ତି। ଏ ସେମାନେ ପ୍ରତିବାଦ କରିଛନ୍ତି। ସମସ୍ତେ ଗ୍ରାମର ଛକରେ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ ପାଇଁ ସ୍ୱାକ୍ଷର କରିଥିଲେ। ସେହିପରି ସେମାନଙ୍କୁ ମାସିକ ଭତ୍ତା ବ୍ୟାଙ୍କ ଜରିଆରେ ନ ଦେଇ ହାତାହାତି ଘରେ ପ୍ରଦାନ କରାଯିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ସାନଭାଇକୁ ଛୁରି ଭୁସି ହତ୍ୟା କଲା ବଡ଼ଭାଇ

ବଲାଙ୍ଗିର,୩୦।୫(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସହର ନେହରୁ ନଗରରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଭାଇ ଭାଇର ଭାଗାରି ସାଜିଛି। ମାତାଲ ଅବସ୍ଥାରେ ସାନ ଭାଇକୁ ବଡ଼ ଭାଇ ମାରି ଦେଇଛି। ମଦ ନିଶା ଭାଇକୁ ବି ଚିହ୍ନି ପାରିନି। କପିଳ ସରୱାଲ ଛୁରି ଭୁସି ତା ସାବତ ଭାଇ ଜିତେନ ସରୱାଲର ଜୀବନ ନେଇଛି। ଉଭୟ ଆଜି ଦ୍ୱିପ୍ରହର ସମୟରେ ଏକ ସ୍ଥାନରେ ବସି ମଦ ପିଇଥିଲେ। ମଦ ପିଇବା ଅବସ୍ଥାରେ ହିଁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦୁଇ ଭାଇ ଘରକୁ ଆସିଲା ପରେ ଝଗଡ଼ା ଆହୁରି ଉଗ୍ର ରୂପ ନେଇଥିଲା। ଉଭୟଙ୍କ ମଧ୍ୟରେ ତୀବ୍ର ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ କପିଳ ଜୋରରେ ଜିତେନକୁ ମାଡ ମାରିବା ସହ ଛୁରିରେ ଆକ୍ରମଣ କରିଥିଲା। ଜିତେନ୍‌ର ମୃତ୍ୟୁ ଘଟିଥିଲା। ସୂଚନା



ପାଇ ଟିଟିଲାଗଡ଼ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ରୁଜୁ କରିଛି। ହତ୍ୟାକାରୀ କପିଳ ଗିରଫ ହୋଇଛି।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ଦେହାନ୍ତ

ମନମୁଣ୍ଡା,୩୦।୫(ସମିସ): ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବୀରବର ମେହେରଙ୍କ ୮୧ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଯୋଗଦେଇ ପ୍ରଧାନ ଶିକ୍ଷକ ପଦବୀରୁ ଅବସର ଗ୍ରହଣ କରିଥିଲେ।



ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ। ଏହି ଦୁଃଖଦ ଘଟଣାରେ ତାଙ୍କ ଛାତ୍ରଛାତ୍ରୀ, ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକବୃନ୍ଦ, ବସନ୍ତ ସୋସିଆଲ ଫାଉଣ୍ଡେସନ ଅଧକ୍ଷା ରାଜଶ୍ରୀ ମିଶ୍ର, ଭାରତୀୟ ବ୍ୟାଙ୍କ ସଂଘ ଉପଦେଷ୍ଟା ବିକାଶ ନାରାୟଣ ମିଶ୍ର, ପିଏନ୍‌ବି ସୋନପୁର ବ୍ରାଞ୍ଚ ମ୍ୟାନେଜର ଶ୍ୟାମସୁନ୍ଦର ମହାଲିଙ୍ଗ ପ୍ରମୁଖ ଦୁଃଖ ପ୍ରକାଶ କରିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଏକ ମାତ୍ର ପୁଅ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ନାଗାଁଓ (ଆସାମ) ମଣ୍ଡଳ ମୁଖ୍ୟ ଅଜିତ ମେହେର ମୁଖାଗ୍ନି ଦେଇଥିଲେ।

## ପକ୍କା ଘର ପାଇଁ ମନା କରିଦେଲେ ସରପଞ୍ଚ

ଡୁଙ୍ଗୁରିପାଲି,୩୦।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ୍ ଖାରି ପଞ୍ଚାୟତର ତରାଇକେଲା ଗ୍ରାମରେ ବାସ କରୁଥିବା ଏକ ପରିବାର ପାଇଁ ଆବାସ ଯୋଜନା ସ୍ୱପ୍ନ ପାଲଟିଛି। ଏହି ଗାଁର ନାରାୟଣ ସାହୁ ତାଙ୍କର ଦୁଇ ପୁଅ ଝିଅ ଓ ସ୍ତ୍ରୀଙ୍କୁ ନେଇ ଚଳୁଛନ୍ତି। ନାରାୟଣ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ଏମାନେ ରହୁଥିବା ମାଟି ଘରଟି ଭାଙ୍ଗି ଗଲାଣି। ଭଙ୍ଗା ଘରୁ ଦିନରେ ସୂର୍ଯ୍ୟ ଆଉ ରାତିରେ ଚନ୍ଦ୍ର ଦେଖାଯାଉଛି; ମାତ୍ର ସରକାରଙ୍କ ଆବାସ ଯୋଜନାରେ ଏହି ପରିବାରକୁ ଘର ଖଣ୍ଡିଏ ମିଳି ପାରିନାହିଁ। ନାରାୟଣଙ୍କ ପରିବାର ଝାଟିମାଟିର କୁଡ଼ିଆ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ବର୍ଷା ଦିନରେ ସବୁଆଡେ ପାଣି ଗଳିବା ସହ ଜିନିଷ ପତ୍ର ଭିଜି ଯାଉଛି। ଏଣୁ ଏମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଏହି ପରିବାର ପକ୍କା ଘର ଖଣ୍ଡିଏ ପାଇଁ ସରପଞ୍ଚଙ୍କୁ ଗୁହାରି କରିବାରୁ ସେ ମନା କରି ଦେଇଛନ୍ତି। ଏତେ ଅସୁବିଧାରେ ରହିଥିବା ଘର କେତେବେଳେ ଯେ ଭାଙ୍ଗିଯିବ ଓ ସେମାନଙ୍କ ପ୍ରତି ବିପଦ ସୃଷ୍ଟି କରିବ ତାହା କହି ହେବ ନାହିଁ। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପ ସାହୁ ଅତି ଉଦାର ମଣିଷ। ଏ ବିଷୟରେ ଟିକେ ତର୍ଜମା କରି ଆବାସ ଯୋଜନାରେ ଘର ନିର୍ମାଣ ଲାଗି ସହଯୋଗ କରିବାକୁ ନାରାୟଣ ଅନୁରୋଧ କରିଛନ୍ତି।



## ଅସହାୟ ବୃଦ୍ଧାଙ୍କ ଶବ ସତ୍କାର



ବୌଦ୍ଧ,୩୦।୫ (ସମିସ): ବୌଦ୍ଧ ରାଜଘାଟଠାରେ ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଦସ୍ୟଙ୍କ ଦ୍ୱାରା ଜଣେ ଅସହାୟ ବୃଦ୍ଧାଙ୍କ ଶବ ସତ୍କାର ରୀତିନୀତି ଅନୁଯାୟୀ କରାଯାଇଛି। ବଗିଚା ସାହିର ତରଙ୍ଗିଣୀ ସିଂ ସାମନ୍ତ (୭୮)୨୦୧୯ ମସିହାଠାରୁ ପୌର ପରିଷଦର ରାତ୍ର ଆଶ୍ରୟ ସ୍ଥଳରେ ରହି ଆସୁଥିଲେ। ଆଜି ଅପରାହ୍ନରେ ବୃଦ୍ଧାଙ୍କ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ମୃତ୍ୟୁ ଘଟିଥିଲା। ଡାକ୍ତର ମୃତ୍ୟୁ ଘୋଷଣା କରିବା ପରେ ରାତ୍ର ଆଶ୍ରୟ ସ୍ଥଳର କର୍ମକର୍ତ୍ତା କୃପାସିନ୍ଧୁ ହୋତା ଶ୍ରୀ ରାମଲୀଳା ନାଟ୍ୟ ସଂସଦର କର୍ମକର୍ତ୍ତାଙ୍କ ସହ ଶବ ସତ୍କାର ପାଇଁ ଯୋଗାଯୋଗ କରିଥିଲେ। ଖବର ପାଇ ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଉପସଭାପତି ଜୟନାରାୟଣ ମହାନ୍ତି, ଶିରିଶ ବେହେରା, ମନୋଜ ସାହୁ, ବିଦ୍ୟାଧର ପ୍ରଧାନ, ସନ୍ତୋଷ ସାହୁ, ମନୋରଞ୍ଜନ ମିଶ୍ର, କାହ୍ନା ମହାପାତ୍ର, ମିକୁନ ଘିବେଲା ପ୍ରମୁଖ ପହଞ୍ଚି ଶବ ସତ୍କାର ଲାଗି ଆବଶ୍ୟକ ବ୍ୟବସ୍ଥା କରିଥିଲେ।


**TPWODL**

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

Corporate Office : Burla, Dist.-Sambalpur (Odisha)-768017

**PUBLIC NOTICE**

**REFUND OF UNCLAIMED SECURITY DEPOSIT (SD)FOR PERMANENTLY DISCONNECTED CONSUMERS**

The Hon'ble Odisha Electricity Regulatory Commission (OERC), vide its Retail Supply Tariff Order dated 24.03.2026, has introduced a **"One-Time Claim" Scheme** for all Permanently Disconnected (PD) consumers across the State of Odisha to claim their **unclaimed Security Deposit (SD)** lying with the Distribution Companies (DISCOMs).

All eligible PD Consumers under the jurisdiction of TP Western Odisha Distribution Limited (TPWODL) are hereby requested to avail this opportunity.

**A. Eligibility & Procedure:**

1) The applicant is required to submit the duly filled-in application form available on the official website of TPWODL (www.tpwesternodisha.com) or at nearest Customer Care Centre.
2) The following documents and others as mentioned in the application formare required to be submitted.

I. **Proof of consumer identity:** Energy Bill / Money Receipt / Application Form submitted at the time of New Connection / Disconnection Form.

II. **Valid Identity Proof:**

a. If the applicant is an individual, submission of his/ her Aadhaar Card as an identityproof is preferable. In case of non-availability of the same, any one of the Electoral Identity Card/ Passport, Driving License / Ration Card along with any document showing photo identity/ PAN Card is acceptable.

b. If the applicant is a company, trust, educational institution, government department etc., the application form is to be signed by a competent authority (e.g. Branch Manager, Principal, Executive Engineer, etc.) along with a relevant resolution/ authority letter of the institution concerned.

III. **Bank account details**:Cancelled Cheque / Passbook copy for digital refund. The Bank Account must be in the name of the Permanently Disconnected Consumer.

**B. Mode of Refund:**

After due verification and adjustment of outstanding dues, the balance Security Deposit (SD) if any shall be refunded **only through bank transfer.**

**C. Validity of Scheme:**

This scheme shall remain in force **up to 31st March 2027**.

For further details kindly visit our Customer Care Centre or contact ourCall Centre (1912).

**ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ବୈଠକ**

# ଜିଲ୍ଲାକୁ ଅପରାଧମୁକ୍ତ କରିବା ଲକ୍ଷ୍ୟ

**ଛତ୍ରପୁର, ୩୦।୫(ସମିସ)**




ଜିଲ୍ଲାକୁ ଅପରାଧମୁକ୍ତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟଶୈଳୀ ଆରମ୍ଭ ହୋଇଯାଇଛି। ବାଲି, ମୋରମ ଓ ପଥର ମାଫିଆ ମାନଙ୍କ ଉପରେ କଡ଼ା ନଜର ରଖାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଜେଲ୍ ଫେରନ୍ତା କିମ୍ବା ବିଭିନ୍ନ ଅପରାଧରେ ଜଡିତ ଥିବା ଜାମିନରେ ଆସିଥିବା ଅପରାଧୀମାନଙ୍କ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଉଛି। ଅନାବଶ୍ୟକ ଭାବେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅପରାଧୀମାନଙ୍କ ଗତିବିଧିକୁ ଦେଖି ସେମାନଙ୍କୁ ବିଭିନ୍ନ ଧାରା ଅନୁସାରେ କିପରି ଜେଲ ପଠାଯିବ ସେ ଉପରେ ମଧ୍ୟ ପୁଲିସ ଓ ପ୍ରଶାସନ ଖସଡ଼ା ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏନେଇ ଶନିବାର ସ୍ଥାନୀୟ ଗଞ୍ଜାମ ଜିଲ୍ଲା ପରିଷଦର ରୁଷିକୁଲ୍ୟା ସମ୍ମିଳନୀ କକ୍ଷରେ ପୁଲିସ ଓ ମାଜିଷ୍ଟ୍ରେଟଙ୍କୁ ନେଇ ଏକ ସମନ୍ୱୟ କମିଟି ବୈଠକ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସଚ୍ଚିଦାନନ୍ଦ ନାୟକ, ଗଞ୍ଜାମ ଏସ୍‌ପି ହରିଶ ବିଶି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ଭଞ୍ଜନଗର ଉପଜିଲ୍ଲାପାଳ ଡ଼ଃ ଉମାଶଙ୍କର ବେହେରାଙ୍କ ସମେତ ଗଞ୍ଜାମ ପୁଲିସ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଏବଂ ତହସିଲଦାର ଓ ଅତିରିକ୍ତ ତହସିଲଦାର ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ ଏବଂ ପ୍ରତିଷେଧକ ପଦକ୍ଷେପ। ଉପଖଣ୍ଡସ୍ତରରେ ଜାଗାବାଡ଼ିକୁ ନେଇ ବହୁ କେସ ଗୁଡିକ ଉପଜିଲ୍ଲାପାଳଙ୍କ କୋର୍ଟକୁ ଆସୁଛି। ନୋଟିସ ଗୁଡିକ ବିଳମ୍ବରେ ଆସୁଥିବାରୁ ବହୁ କେସ ସମାଧାନ ହେବାରେ ଅସୁବିଧା ହେଉଛି। ଖାସ କରି ବରିଷ୍ଠ ନାଗରିକ ଜନିତ କେସ ଗୁଡିକ ତୁରନ୍ତ ସମାଧାନ କରିବା। ଜନସାଧାରଣଙ୍କ ଅଭିଯୋଗ, ମହିଳା ଓ ଶିଶୁଙ୍କ ସୁରକ୍ଷା, ଟ୍ରାଫିକ ପରିଚାଳନା ଏବଂ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଯେଉଁ ଅପରାଧୀମାନେ ବହୁତ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ସହିତ ହାର୍ଡକୋର କ୍ରିମିନାଲମାନଙ୍କୁ ଆବଶ୍ୟକ ପଡ଼ିଲେ ନାସା (ଜାତୀୟ ନିରାପତ୍ତା ଆଇନ) ଲଗାଯିବ ବୋଲି ମଧ୍ୟ କୁହାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଆଇଆର୍ ଫର୍ମ ବାଣ୍ଟିଲେ ଜିଲ୍ଲାପାଳ

**ଛତ୍ରପୁର, ୩୦।୫(ସମିସ):** ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ। ଆଜିଠୁ ଆସନ୍ତା ୨୮ ପର୍ଯ୍ୟନ୍ତ ଘରକୁ ଘର ବୁଲିବେ ବିଏଲଓ। ଗଞ୍ଜାମ ଜିଲ୍ଲାରେ ୧୩ଟି ବିଧାନସଭା କ୍ଷେତ୍ରରେ ୩୧୨୪ ଜଣ ବିଏଲଓ, ୩୧୧ ଜଣ ବିଏଲଓ ସୁପରଭାଇଜର ରହିଥିବା ବେଳେ ଏମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୭୯ ଜଣ ଏଇଆରଓ ଓ ୧୩ ଜଣ ଇଆରଓ (ଭୋଟର ପଞ୍ଜିକରଣ ଅଧିକାରୀ) ନିଯୁକ୍ତି ହୋଇଛନ୍ତି।



ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଛତ୍ରପୁର ସହରର ତିରୁପତିପେଟା ସାହିର ବସନ୍ତ କୁମାର ବେହେରାଙ୍କ ସହିତ ଅନ୍ୟାନ୍ୟ ଘର ବୁଲି ଫର୍ମ ପ୍ରଦାନ କରିବା ସହ ଏସଆଇଆର ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଛତ୍ରପୁର ପୌରପରିଷଦର ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦାଶ, ବିଏଲଓ ଏବଂ ବିଏଲଓ ସୁପଭାଇଜରମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ରହିଥିବା ବେଳେ ୧୨ଶହ ଭୋଟରକୁ ନେଇ ଗୋଟିଏ ବୁଥ ରହିଛି। ୯୭ ପ୍ରତିଶତ ବର୍ତ୍ତମାନ ସୁଦ୍ଧା ଭୋଟରଙ୍କ ମ୍ୟାପିଙ୍ଗ ସରିଛି। ଏହି ଏସଆଇଆର ପାଇଁ ପ୍ରଶାସନ ପକ୍ଷରୁ ବିଏଲଓ ଓ ବିଏଲଓ ସୁପରଭାଇଜରଙ୍କୁ ତାଲିମ ଦିଆସରିଛି।

## ଏସ୍‌ଆଇଆର ସଚେତନତା ପଦଯାତ୍ରା



**ଭଞ୍ଜନଗର, ୩୦।୫(ସମିସ):** ସ୍ଥାନୀୟ ଉପଖଣ୍ଡ ପ୍ରଶାସନ ଦ୍ୱାରା ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସଚେତନତା ସଭା ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ପ୍ରଚାର ରଥ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ପରେ ଭଞ୍ଜନଗର ଟାଉନ୍ ହଲରେ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳ ଶ୍ରୀ ବେହେରା ଉପଖଣ୍ଡବାସୀଙ୍କୁ ସଠିକ ତଥ୍ୟ ଦେବା ପାଇଁ ଅନୁରୋଧ କରିଥିଲେ। ସହକାରୀ ଜିଲ୍ଲାପାଳ ପ୍ରଧାନ ଟୁଲିଆମା କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରଚିତା ମହାପାତ୍ର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ସହାୟକ ଜିଲ୍ଲାପାଳ ଚନ୍ଦ୍ରଗିରି ଗାୟତ୍ରୀ, ବିଡିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ଭଞ୍ଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ମୂରଲୀକୃଷ୍ଣ ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡର ସମସ୍ତ ଅଧିକାରୀ, ସମସ୍ତ ବିଏଲଓ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଏସ୍‌ଆଇଆର କାର୍ଯ୍ୟ ତଦାରଖ କଲେ ଉପଜିଲ୍ଲାପାଳ

**କୁକୁଡାଖଣ୍ଡି, ୩୦।୫(ସମିସ):** ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଲୋଚାପଡ଼ା ବୁଥ୍ ପରିଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ତଦାରଖ କରିବା ସହ ଭୋଟର ମାନଙ୍କୁ ଫର୍ମ ବଣ୍ଟନ କରିଥିଲେ। ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଏଲଓମାନେ



ଘରକୁ ଘର ଯାଇ ଭୋଟରଙ୍କୁ ପରିଗଣନ ଫର୍ମ ବିତରଣ କରିଥିଲେ ଏବଂ ଫର୍ମ ପୂରଣ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ବୁଝାଇଥିଲେ। ଏହି ସମୟରେ କୁକୁଡ଼ାଖଣ୍ଡି ଏବିଡିଓ ତଥା ଅନ୍ୟ ବିଭାଗୀୟ ଅଧିକାରୀ, ବିଏଲଓ ସୁପରଭାଇଜର ଓ ବୁଥ୍ ଲେଭଲ୍ ଅଫିସର ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଶ୍ରୀ କୁମାର ଭୋଟରଙ୍କ ସହ ଆଲୋଚନା କରି ଏସଆଇଆରର ଉଦ୍ଦେଶ୍ୟ ଓ ଆବଶ୍ୟକ ପ୍ରମାଣପତ୍ର ବିଷୟରେ ଅବଗତ କରାଇଥିଲେ। ବିଏଲଓ ମାନଙ୍କୁ ନିଷ୍ଠାର ସହ ଘରକୁ ଘର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ୨୭ ଦିନରେ ମା'ରାମାୟଣାମ୍ମାଙ୍କ ଯାତ୍ରା



**ଛତ୍ରପୁର, ୩୦।୫(ସମିସ):** ଛତ୍ରପୁରର ଆରାଧ୍ୟ ଦେବି ମା ରାମାୟଣାମ୍ମାଙ୍କ ଯାତ୍ରାର ଶନିବାର ଥିଲା ୨୭ତମ ଦିନ। ପୂର୍ବତନ କାଉନସିଲର ତଥା ବିଜେଡି ଯୁବ ନେତା ଟି. ଚନ୍ଦ୍ର ଶେଖର ରାଓଙ୍କ ସ୍ୱତନ୍ତ୍ର ପୂଜା ସହିତ ମା' ତାଙ୍କ ଘର ନିକଟକୁ ଯାଇ ଭୋଗ ଗ୍ରହଣ କରିଛନ୍ତି। ରୀତିନୀତି ଅନୁସାରେ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ମା'ଙ୍କୁ ନିମନ୍ତ୍ରଣ କରିଥିଲେ ଶ୍ରୀ ରାଓ। ପରେ ବିରାଟ ପଟୁଆରରେ ମା'ଅସ୍ଥାୟୀ ମଣ୍ଡପରୁ ବାହାରି ମା'ଙ୍କ ଘଟ ନଗର ପରିକ୍ରମା କରିଥିଲେ। ଏଥିରେ ଆନ୍ଧ୍ର କାଳୀ, ଖଡ଼ଗପୁର କାଳୀ ସହ ରାଜ୍ୟ ଏବଂ ରାଜ୍ୟ ବାହାରୁ ୨୦ଗ୍ରୁପର ବିଭିନ୍ନ କଳାକାର ମାନେ ପାଟୁଆରେ ମା'ଙ୍କ ସହିତ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଶ୍ରୀ ରାଓଙ୍କ ପକ୍ଷରୁ ହଜାର ହଜାର ଲୋକଙ୍କ ନିମନ୍ତେ ଅନ୍ନ ଭୋଗର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଆଳତି ଦର୍ଶନ କରିବା ନିମନ୍ତେ ପ୍ରବଳ ଜନସମାଗମ ହୋଇଥିଲା। ମା'ଙ୍କ ଯାତ୍ରା ଅବସରରେ ଛତ୍ରପୁର ଅନସ୍ଲୋ ଖେଳ ପଡ଼ିଆଠାରେ ରାମଦୋଳି ଓ ମିନା ବଜାର ଖୋଲାଯାଇଥିବା ବେଳେ ଲୋକେ ଏହାର ମଜା ଉଠାଉଛନ୍ତି। ଯାତ୍ରା ପାଇଁ ସାରା ସହର ଚଳ ଚଞ୍ଚଳ ହୋଇପଡ଼ିଥିବା ବେଳେ ସହରର ସମସ୍ତ ପ୍ରବେଶ ପଥକୁ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି।

## ଗାଧୁଆ ତୁଠ ଓ ରାସ୍ତା ନିର୍ମାଣ ଦାବି

**ପୋଲସରା, ୩୦।୫(ସମିସ):** ପୋଲସରା ମ୍ୟୁନିସିପାଲିଟି ୮ନମ୍ବର ୱାର୍ଡ ଅନ୍ତର୍ଗତ କଇଁଫୁଲିଆ ପୋଖରୀ ପୁରୁଷ ଗାଧୁଆ ତୁଠ ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୀର୍ଘବର୍ଷ ପୂର୍ବରୁ ଲୋକଙ୍କ ପାଇଁ ନିର୍ମିତ ହୋଇଥିବା ଏହି ଏହି ଗାଧୁଆ ତୁଠ କିଛିବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। କଇଁଫୁଲିଆ ପୋଖରୀ ସହରର ଏକ ପୁରାତନ ପୋଖରୀ ଏବଂ ଏଠାରେ ୩ଟି ଗାଧୁଆ ତୁଠ ନିର୍ମାଣ ହୋଇଥିଲା। କିନ୍ତୁ ପୌରପରିଷଦ ତରଫରୁ ରକ୍ଷଣାବେକ୍ଷଣ ଅଭାବ ଓ ପ୍ରଶାସନିକ ଦାୟିତ୍ୱହୀନତା କାରଣରୁ ଏହି ତୁଠ ଏବେ ଭୁଶୁଡିବାରେ ଲାଗିଛି। କେଉଁଠି କେଉଁଠି ବଡ଼ ଗର୍ତ୍ତ ସୃଷ୍ଟି ହୋଇ ବିଷାକ୍ତ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। କେବଳ ସେତିକି ନୁହେଁ ତୁଠକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଏବେ ଜଙ୍ଗଲ ପାଲଟିଛି। ଟିକେ ଅସାବଧାନତା ହେଲେ ପାଣିରେ ପଡ଼ିବା ଥୟ। କିନ୍ତୁ ବର୍ଷ ସାରା ଏହି ପୋଖରୀରେ ପାଣି ଭରପୁର ରହୁଛି ଯାହାଫଳରେ ଦୈନିକ ଶତାଧିକ ମହିଳା ପୁରୁଷ ଗାଧୁଆ ଓ ସମୟ ସମୟରେ ଅନ୍ୟ କିଛି ଲୋକେ ଏଠାକୁ ଦଶାହ କର୍ମ ପାଇଁ ଆସିଥାନ୍ତି। ଅନ୍ୟପଟେ ସହର ମଧ୍ୟ ଭାଗରେ ଏହି ପୋଖରୀ ଥିବା କାରଣରୁ ବାହାର ଲୋକ ମଧ୍ୟ ଅଧିକାଂଶ ସମୟରେ ଏଠାକୁ ଅସିଥାନ୍ତି। ସେହିପରି ପୋଲସରା ମ୍ୟୁନିସିପାଲିଟି ତରଫରୁ ଆଲୋକୀକରଣ ବ୍ୟବସ୍ଥା ଥିଲେ ମଧ୍ୟ ଅଧିକାଂଶ ସମୟ ଉକ୍ତ ଅଞ୍ଚଳଟି ଅନ୍ଧକାର ହୋଇ ରହିଥାଏ। ଫଳରେ ଅନେକ ସମୟରେ ଘଟଣା ଓ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଗାଧୁଆ ତୁଠ ମରାମତି ସହ ସଂଯୋଗ କରୁଥିବା ପୋଖରୀ ରାସ୍ତାକୁ ତୁରନ୍ତ ମରାମତି ଓ ନିର୍ମାଣ କରିବା ସହ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ପୋଲସରା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନାଙ୍କ ସହ ଯୋଗାଯୋଗ ବେଳେ ପୋଲସରା ସହରର ସମସ୍ତ ପୋଖରୀରେ ଥିବା ଗାଧୁଆ ତୁଠ ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଖୁବ୍‌ଶୀଘ୍ର ତାହାକୁ ମରାମତି କରାଯିବା ସହ କଇଁଫୁଲିଆ ତୁଠ ରାସ୍ତା କାମ ଓ ଆଲୋକୀକରଣ ବ୍ୟବସ୍ଥା ହେବ ବୋଲି କହିଛନ୍ତି।



## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ପାତ୍ରପୁର, ୩୦।୫(ସମିସ):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ମହନ୍ତ ଶ୍ରୀପରାଙ୍କୁଶ ବିଦ୍ୟାପୀଠର ୧୯୮୨ ମସିହା ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ୟୁନିଅନ କ୍ଲବ୍ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାପୀଠର ଦୁଇ ଶିକ୍ଷକ ବିଶ୍ୱନାଥ ନାୟକ ଓ ଭାସ୍କର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଦୁଇ ଶିକ୍ଷକଙ୍କୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସେହି ସମୟର ସ୍ମୃତିକୁ ଦୁଇ ଶିକ୍ଷକ ମନେ ପକାଇଥିଲେ। ପୁରାତନ ଛାତ୍ର ନରସିଂହ ଦାସ, ପ୍ରଶାନ୍ତ କୁମାର ପଣ୍ଡା, ଗୋପାଳ ରାଓ ଦୋରା, ଈଶ୍ୱର ସାହୁ, ଶଙ୍କର ଅଧିକାରୀ, ନିରଞ୍ଜନ ରେଡ୍ଡୀ, ବିଜୟ ଘଡ଼େଇ, ସୁଦର୍ଶନ ପ୍ରସାଦ ପାତ୍ର, ଲୋକନାଥ ମହାନ୍ତି, ନରସିଂହ ପାଢ଼ୀ, ବିଜୟ କୁମାର ପଣ୍ଡା, ପ୍ରଫୁଲ୍ଲ ପ୍ରଧାନ, ବିରଞ୍ଚି ପାଢ଼ୀଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ।

## ନାରୀ ଅଧିକାର ପାଇଁ ମହିଳା ବିଜେଡିର ପଦଯାତ୍ରା

**ଖଲ୍ଲିକୋଟ, ୩୦।୫(ସମିସ):** ନାରୀ ଅଧିକାର ନେଇ ଖଲ୍ଲିକୋଟରେ ଆଜି ବିଜେଡି ରାଲି କରିବା ସହିତ ବ୍ଲକ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏବିଡ଼ିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମିତାଞ୍ଜଳି ମିଶ୍ର, ବିଜେଡିର ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେଡି ମହିଳା କର୍ମୀ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା, ରାଜ୍ୟରେ ନାରୀ ନିର୍ଯାତନା ବନ୍ଦ କରିବା ଆଦି ଦାବି କରି ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ଏକ ବିଶାଳ ରାଲିରେ ବାହାରି ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ନାରୀ ନିର୍ଯାତନା ବୃଦ୍ଧି ନେଇ ଉଦବେଗ ପ୍ରକାଶ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ ବିଜେଡିର ନେତୃବୃନ୍ଦ। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଏବିଡ଼ିଓ ଗାୟତ୍ରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ନଗର ସଭାପତି ରାମମୋହନ ପଣ୍ଡା, ଦୟାନିଧି ସାହୁ, ପୂର୍ବତନ ସରପଞ୍ଚ ସୂର୍ଯ୍ୟନାରାୟଣ ଘୋଷ, କନକା ସରପଞ୍ଚ ରେଖା ଜାଲି, ସାବୁଲିଆ ସରପଞ୍ଚ ଅଞ୍ଜଳି ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି ପ୍ରମୁଖ ଉପସ୍ଥିତ ଥିଲେ।



## ଫେରାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନାରେ ତ୍ରିପାକ୍ଷିକ ବୈଠକ

**ଛତ୍ରପୁର, ୩୦।୫(ସମିସ):** ଛତ୍ରପୁର ଥାନା ଅଧିନ ଗୋବା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୧ ଜୁଲାଇ ୨୦୨୫ରେ ତୋଫାନ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଛତ୍ରପୁର ପୁଲିସ ୧୦ ଜଣଙ୍କୁ ଗିରଫ କରିଥିବା ବେଳେ ଏବେ ବି ୩ ଜଣ ଫେରାର ଅଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ ଦାବି ନେଇ ଛତ୍ରପୁର ଥାନା ଘେରଉ କରିଥିଲେ ଗୋବା ଗ୍ରାମର ବହୁ ମହିଳା ଓ ପୁରୁଷ। ଅନ୍ୟପକ୍ଷରେ ବିରୋଧୀ ପକ୍ଷର ଏକ ଗୋଷ୍ଠୀର ସଦସ୍ୟମାନେ ସେମାନଙ୍କ ପରିବାରମାନଙ୍କୁ କିପରି ହଇରାଣ କରୁଛନ୍ତି ସେମାନେ ଥାନା ଅଧିକାରୀଙ୍କୁ ଭେଟି ଅବଗତ କରାଇଛନ୍ତି। ଏପରିକି ସେମାନଙ୍କୁ ବିଲକୁ ଚାଷ କରିବାକୁ ଛାଡୁନଥିବା କହିଥିଲେ। ଦୁଇ ଗୋଷ୍ଠୀର ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ଛତ୍ରପୁର ଥାନାରେ ଏକ ବୈଠକ ହୋଇଥିଲା। ନିଜେ ଏସଡିପିଓ ଚନ୍ଦନ ଘଡାଇ ଓ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ। ମୃତ ତୋଫାନଙ୍କ ବାପା ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିରୋଧୀ ଗୋଷ୍ଠୀର କୌଣସି ଲୋକଙ୍କୁ ବିଲକୁ ଛାଡିବି ନାହିଁ ବୋଲି କହିଥିଲେ। ଗ୍ରାମରେ ଶାନ୍ତି ବଜାୟ ରଖିବାକୁ ଉଭୟ ଗୋଷ୍ଠୀଙ୍କୁ କୁହାଯାଇଛି। ଯିଏ ବିଶୃଙ୍ଖଳା କରିବ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

## ଓକିଲଙ୍କୁ ମହିଳାଙ୍କ ଦୁର୍ବ୍ୟବହାର ଅଭିଯୋଗ; ଥାନାରେ ଏତଲା

**ବ୍ରହ୍ମପୁର, ୩୦।୫(ସମିସ):** ବ୍ରହ୍ମପୁର କୋର୍ଟ ପରିସରରେ ଓକିଲଙ୍କୁ ଜନୈକ ମହିଳା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ କୋର୍ଟ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ସମ୍ପୃକ୍ତ ଓକିଲ ଗୁରୁ ପ୍ରସାଦ ସାହୁ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଗଞ୍ଜାମ ଓକିଲ ସଂଘକୁ ଅବଗତ କରିଥିବା ଜଣାପଡ଼ିଛି। ଅଭିଯୋଗ ପ୍ରକାରେ, ସମ୍ପୃକ୍ତ ମହିଳା ନିଜେ ଓକିଲ ନ ଥାଇ ସୁଦ୍ଧା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନୈକ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଶପଥ ପାଠ କରିଥିବା ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଓକିଲ ଗୁରୁ ପ୍ରସାଦ ସାହୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ପରେ ମହିଳାଙ୍କ ସହ ଓକିଲ ଗୁରୁପ୍ରସାଦଙ୍କର ଉଚ୍ଚବାଚ ହୋଇଥିଲା। ପରେ ସର୍ବସମ୍ମୁଖରେ ଓକିଲ ଗୁରୁ ସାହୁଙ୍କୁ ମହିଳା ଜଣକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁପ୍ରସାଦ ଗଞ୍ଜାମ ଓକିଲ ସଂଘର ସଭାପତି ସୀତାଂଶୁ ଶେଖର ପଣ୍ଡା ଓ ସମ୍ପାଦକ ଜଗନ୍ନାଥ ମିଶ୍ରଙ୍କୁ ଅବଗତ କରିବା ସହ ବୈଦ୍ୟନାଥପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ବର୍ତ୍ତମାନ କୋର୍ଟ ଛୁଟି ଥିବାରୁ ଅଭିଯୋଗ ସମ୍ପର୍କିତ ତଦନ୍ତ ଓ ଆଲୋଚନା ଛୁଟି ପରେ କରିବାକୁ ସଂଘ ପକ୍ଷରୁ କୁହାଯାଇଥିବା ଗୁରୁ ସାହୁ କହିଛନ୍ତି। ସମ୍ପୃକ୍ତ ମହିଳା ଜଣକ ଆଇନଜୀବୀ ନହୋଇ ସୁଦ୍ଧା ଓକିଲଙ୍କ ଦାୟିତ୍ୱ ନିର୍ବାହ କରୁଥିବା ଅଭିଯୋଗ ହୋଇଛି।

## ପାକ୍ସ ସଭାପତିଙ୍କ ପରଲୋକ



**ଧରାକୋଟ, ୩୦।୫(ସମିସ):** ଧରାକୋଟ ବ୍ଲକ ସିଙ୍ଗିପୁର ସ୍ଥିତ ଧବଳେଶ୍ୱର ସେବା ସମବାୟ ସମିତିର ସଭାପତି ପ୍ରଭାକର ପାଳଙ୍କ ୭୪ ବର୍ଷରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କର ପିତା ସ୍ୱର୍ଗତ ରଘୁନାଥ ପାଳ ସିଙ୍ଗିପୁର ପଞ୍ଚାୟତର ପ୍ରଥମ ସରପଞ୍ଚ ଓ ପ୍ରଥମ ପାକ୍ସ ସଭାପତି ଥିଲେ। ବାପାଙ୍କ ମୃତ୍ୟୁ ପରେ ଜଳସେଚନ ବିଭାଗ ଚାକିରି ଛାଡ଼ି ପ୍ରଭାକର ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସିଙ୍ଗିପୁର ପଞ୍ଚାୟତ ସରପଞ୍ଚ ଓ ଦଶଥର ସେବା ସମବାୟ ସମିତିର ସଭାପତି ଭାବରେ ନିର୍ବାଚିତ ହୋଇ କାର୍ଯ୍ୟ କରିଆସୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀଙ୍କ ସହ ଦୁଇପୁଅ ଇଂ. ପ୍ରେମ ପ୍ରକାଶ ଓ ଇଂ. ପ୍ରଭୁ ପ୍ରସାଦ ଉପସ୍ଥିତ ଥିଲେ।

# ବଡ଼ବନ୍ଧ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ରାଜନୈତିକ ଛକାପଞ୍ଝା

**ଦିଗପହଣ୍ଡି, ୩୦।୫(ସମିସ)**




ଦିଗପହଣ୍ଡି ସହରର ଐତିହ୍ୟ ସମ୍ପନ୍ନ ବଡ଼ବନ୍ଧ ପୋଖରୀ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ପୋଖରୀରୁ ପଙ୍କ ଉଦ୍ଧାର ନହେବା ପୂର୍ବରୁ ଅନିୟମିତତା ଅଭିଯୋଗ ସାଧାରଣ ଜନତାଙ୍କୁ ବିସ୍ମିତ କରିଛି। ଦିଗପହଣ୍ଡି ସହରର ସାମାଜିକକର୍ମୀ ବିକାଶ ପଶୁପାଳକଙ୍କ ନେତୃତ୍ୱରେ କିଛି ଯୁବକ ଶୁକ୍ରବାର ଏନଏସି କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ସାକ୍ଷାତ କରି ସବିଶେଷ ଆଲୋଚନା କରିବାସହ ପୋଖରୀରୁ ସମ୍ପୂର୍ଣ୍ଣ ପଙ୍କ ଓ ମାଟି ଉତ୍ତୋଳନ ପରେ ହିଁ ଉନ୍ନୟନ କାମ କରିବାକୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୀର୍ଘବର୍ଷର ବାଦବିବାଦ ପରେ ବହୁ ପ୍ରତିକ୍ଷୀତ ବଡ଼ବନ୍ଧ ପୁନରୁଦ୍ଧାର ପାଇଁ ଡ୍ରଇଂ ଡିଜାଇନ ଏବଂ ଆବଶ୍ୟକ ଖର୍ଚ୍ଚ ଅଟକଳକୁ ପ୍ରଶାସନିକ ଅନୁମୋଦନ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ସହରୀ ବିକାଶ ଯୋଜନା ଏବଂ ଜଳାଶୟ ଉନ୍ନତିକରଣ ଯୋଜନାରେ ଏନ୍‌ଏସି ଅଧିନରେ ଥିବା ରାଜା ରାଜୁଡ଼ା ସମୟର ଐତିହ୍ୟ ସମ୍ପନ୍ନ ବଡ଼ବନ୍ଧ ପୋଖରୀର ପୁନଃରୁଦ୍ଧାର ଓ ବିକାଶ କରାଯିବ। ଏହି ପ୍ରକଳ୍ପରେ ପୋଖରୀ ହିଡରେ ମିନିପାର୍କ, ପୋଖରୀର ଚତୁର୍ଦ୍ଦିଗକୁ ସୌନ୍ଦର୍ଯ୍ୟକରଣ ସହ ଅତ୍ୟାଧୁନିକ ଆଲୋକୀକରଣ ପାଇଁ ବ୍ୟବସ୍ଥା ରହିଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ହେବାପରେ ଗତ ମେ' ୧୫ ତାରିଖରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। କିନ୍ତୁ ସେହି ଉନ୍ନୟନ କାର୍ଯ୍ୟ ଅତି ତରବରିଆ ଭାବେ କରାଯାଇ ସେଥିରେ ବହୁ ଅନିୟମିତତା କରାଯାଉଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଗତ ୧୫ ଦିନ ହେଲା ବଡ଼ବନ୍ଧ ପୋଖରୀରୁ ପଙ୍କ ବାହାର କରିବା କାର୍ଯ୍ୟ ଜାରି ରହିଥିବା ବେଳେ ଏହାର କୌଣସି ବିଲ୍ ମଧ୍ୟ ମଞ୍ଜୁର କରାଯାଇନାହିଁ। ତେଣୁ କାମରେ କୌଣସି ଅନିୟମିତତାର ପ୍ରଶ୍ନ ଉଠୁନାହିଁ। ଦିଗପହଣ୍ଡି ସହରବାସୀଙ୍କ ସ୍ୱପ୍ନକୁ ସାକାର କରିବା ସହ ସହରର ବିକାଶମୂଳକ କାର୍ଯ୍ୟକୁ ବିରୋଧ ନ କରି କାମ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସହଯୋଗ କରିବାକୁ ସେ ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କୁ ପଚାରିବାରୁ ସହରବାସୀଙ୍କ ଦୀର୍ଘଦିନର ଦାବିକୁ ସମ୍ମାନ ଜଣାଇ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁଅଛି। କିଛିଦିନ ଭିତରେ ପୋଖରୀରୁ ସମ୍ପୂର୍ଣ୍ଣ ଭାବେ ପଙ୍କ ବାହାର କରାଯିବ। ଏପରିକି ପ୍ରକଳ୍ପର ଡିପିଆର ଅନୁସାରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ତେଣୁ ସହରବାସୀ ଏଥିରେ କୌଣସି ରାଜନୈତିକ ମତଭେଦ ନରଖି ବିକାଶ କାର୍ଯ୍ୟକୁ କ୍ରିୟାଶୀଳ କରିବା ପାଇଁ ଏନଏସି ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବହୁ ଅଧ୍ୟାପକ ପଦ ଖାଲି

# ମଞ୍ଜୁରୀପ୍ରାପ୍ତ ୯୮ ପଦବୀରୁ ୬୦ ଖାଲି

**ବାରିପଦା, ୩୦।୫(ସମିସ)**



ଭାରତୀୟ ଶିକ୍ଷା ଜଗତରେ ଗୌରବମୟ ଅଧ୍ୟାୟ ସୃଷ୍ଟି କରିବାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରିଚୟ ସ୍ୱତନ୍ତ୍ର ଓ ଅନନ୍ୟ। ଓଡ଼ିଶା ମାଟିରେ ସ୍ଥାପିତ ଏହି ଆଦର୍ଶ ଶିକ୍ଷାନୁଷ୍ଠାନ ୨୮ ବର୍ଷରେ ପାଦ ଥାପିବାକୁ ଯାଉଛି। ପୂର୍ଣ୍ଣ ଯୌବନ ଓ ଯୁବତ୍ୱର ଅମାପ ଶକ୍ତିରେ ଶିକ୍ଷା ଜଗତକୁ ଦିଗଦର୍ଶନ ଦେବାରେ ଏହା ସମସ୍ତଙ୍କ ଆକର୍ଷଣ ହୋଇପାରିଛି। ତେବେ ଉକ୍ତ ବିଶ୍ୱବିଦ୍ୟାଳୟରେ ବହୁ ଅଧ୍ୟାପକ ପଦ ଖାଲିପଡ଼ିଛି। ମଞ୍ଜୁରୀପ୍ରାପ୍ତ ୯୮ଟି ପଦବୀରୁ ୬୦ଟି ଖାଲି ପଡ଼ିଥିବାବେଳେ ୫ଟି ବିଭାଗରେ ଅଧ୍ୟାପକ ନାହାନ୍ତି। ଫଳରେ ଏଠାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

୧୯୯୮ ଜୁଲାଇ ୧୩ ତାରିଖରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମରେ ଏହାର ଜନ୍ମଲଗ୍ନ ପ୍ରସ୍ତୁତ ଓ ୧୯୯୯ରୁ ବାରିପଦା ମାଟିରେ ଏହାର ଗୌରବ ଯାତ୍ରା ଅବ୍ୟାହତ ରହିଛି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଉଚ୍ଚ ଶିକ୍ଷାଦାନ ପାଇଁ ସଗର୍ବେ ଦଣ୍ଡାୟମାନ ଏହି ବିଶ୍ୱବିଦ୍ୟାଳୟ ସମୟ ସହିତ ତାଳଦେଇ, ପ୍ରତିକୂଳ ପରିସ୍ଥିତି ଓ ପ୍ରତିବନ୍ଧକକୁ ଡେଇଁ କୋଟି ପ୍ରାଣର ଶିକ୍ଷାଗୁରୁ ପାଲଟିଛି। ଓଡ଼ିଶାର ପୁଣ୍ୟଶ୍ଳୋକ ପ୍ରଜାବତ୍ସଳ, ବିଦ୍ୟାନୁରାଗୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ସମ୍ପ୍ରତି ଏହି ବିଶ୍ୱବିଦ୍ୟାଳୟର ନୂତନ ନାମକରଣ ହୋଇଛି। ପ୍ରାକୃତିକ ପରିବେଶ ଓ ଶିକ୍ଷାନୁକୂଳ ବାତାବରଣ ଭିତରେ ଓଡ଼ିଶା ଓ ଓଡ଼ିଶା ବାହାର ଆଗ୍ରହୀ ଛାତ୍ରଛାତ୍ରୀ, ଗବେଷକ ନିଜକୁ କେବଳ ସ୍ୱଚ୍ଛ ସମ୍ପୂର୍ଣ୍ଣ କରୁନାହାନ୍ତି; ବରଂ ନୂତନ ଜ୍ଞାନକୌଶଳ ସହିତ ସୁଦକ୍ଷ ଶିକ୍ଷକଙ୍କ ଶିକ୍ଷାଦାନ, ଗବେଷଣା ଲାଗି ବିସ୍ତୃତ ଭିତ୍ତିଭୂମି ଓ ଆଦିବାସୀ ମାଟି-ମଣିଷର ଅନ୍ତରଙ୍ଗପୂର୍ଣ୍ଣ ନିମନ୍ତ୍ରଣକୁ ମଧ ଅନୁଭବୁଛନ୍ତି। ବିଶେଷକରି ନାରୀଶିକ୍ଷାର ପ୍ରସାର ସହିତ ଜୀବନର ସର୍ବାଙ୍ଗୀନ ବିକାଶରେ ଲୋଡ଼ା ସ୍ୱତନ୍ତ୍ର ତାଲିମ ସାଙ୍ଗକୁ ଲୋକ କଳା, ପରମ୍ପରା, ଲୋକ ସାହିତ୍ୟ, ଲୋକ ସଂସ୍କୃତି, ଆଦିବାସୀ କଳା-ସାହିତ୍ୟର ବିକାଶ, ଲୋକ ଉପକରଣର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ନିରନ୍ତର ସଚେତନ କରିବାରେ ଏହି ଅନୁଷ୍ଠାନ ଗ୍ରହଣ କରିଛି ମହନୀୟ ଭୂମିକା। ଏଥିସହିତ ଦୂରଦର୍ଶୀ ଶିକ୍ଷାବିତ୍ ଓ ସମର୍ଥ-ପ୍ରାଜ୍ଞ କୁଳପତିଙ୍କ ଯୁଗୋପଯୋଗୀ ନିଷ୍ପତ୍ତି ଏହାର ଶୈକ୍ଷିକ ଓ ପ୍ରାଶାସନିକ ବ୍ୟବସ୍ଥାକୁ ଅନୁରୂପ ଭାବେ ବେଶ୍ ସୁଦୃଢ଼ କରିପାରିଛି। ଦେଶ ବିଦେଶରୁ ବହୁ ଶିକ୍ଷାବିତ୍, ସାଧକ ଏହାର ଗୌରବମୟ ଐତିହ୍ୟକୁ ସ୍ୱୀକାର କରିଛନ୍ତି। ଭାରତର ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କାଲାମଙ୍କଠାରୁ ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯାଏଁ ବହୁ ବରେଣ୍ୟ ରାଜନୀତିଜ୍ଞ ଓ ମହାନାୟକଙ୍କ ଆଗମନର ଭୂମି ପାଲଟିଯାଇଛି ଏହି ବିଶ୍ୱବିଦ୍ୟାଳୟ। ଦେଶ ଯେତେବେଳେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତ; ସେହି ଅବସରରେ ବିଶ୍ୱବିଦ୍ୟାଳୟ ତା'ର ରୌପ୍ୟ ଜୟନ୍ତୀ ଶେଷ କରି ଆଗକୁ ମାଡ଼ିଚାଲିଛି। ନାକ୍ ଦ୍ୱାରା ସ୍ୱୀକୃତ 'ଏ' ମାନ୍ୟତା ଏହାର ସଫଳତାକୁ ପ୍ରମାଣିତ କରିଛି। ତେବେ ଦୀର୍ଘ ବର୍ଷ ପରେ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦର ଅଧାରୁ ଅଧିକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ଆଣୁଛି।

### ୫ଟି ବିଭାଗରେ ନାହାନ୍ତି ଅଧ୍ୟାପକ

ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବିଶ୍ୱବିଦ୍ୟାଳୟର ୮ଟି ବିଷୟରେ ରହିଥିବା ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ (ଏସଏଫସି)କୁ ନିୟମିତ କରାଯାଇ ନ ଥିବାରୁ ବିଦ୍ୟାର୍ଥୀମାନେ ଅଧିକ କୋର୍ସ ଫି ଓ ବିକାଶ ଦେୟ ଦେବା ସହିତ ପାଠପଢ଼ା ନେଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଣିଜ୍ୟ, ଇଂରାଜୀ, ଭୂତତ୍ତ୍ୱ, ଇତିହାସ, ରାଜନୀତି ବିଜ୍ଞାନ, ରିମୋଟ୍ ସେନସିଂ ଆଣ୍ଡ ଗ୍ଲୋବାଲ ଇନଫରମେସନ ସିଷ୍ଟମ, ଯୋଗ ଆଣ୍ଡ ନେଚୁରୋପାଥ୍ ଓ ସଂସ୍କୃତ ବିଭାଗ ଛାତ୍ରଛାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଏସଏଫସି ପାଠ୍ୟକ୍ରମକୁ ନିୟମିତ କରାଯିବା ସହିତ ସେହି ଅନୁଯାୟୀ ଅଧ୍ୟାପକ ଓ ଅଣଶିକ୍ଷକ ପଦ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଏଥିସହିତ ଏହି ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ଥିବା ନିୟମିତ ୧୭ଟି ବିଷୟର ପାଠ୍ୟକ୍ରମ ସକାଶେ ସରକାରୀ ଭାବେ ୯୮ ଜଣ ଅଧ୍ୟାପକ ରହିବାକୁ ଥିବାବେଳେ ଗତ ୫ ବର୍ଷ ଧରି ୬୦ଟି ପଦ ଖାଲି ରହିଛି। ମାତ୍ର ୩୮ ଜଣ ଅଧ୍ୟାପକଙ୍କୁ ନେଇ ଶିକ୍ଷାଦାନ ଜାରି ରହିଛି। ସେ ମଧ୍ୟରୁ ୫ଟି ବିଷୟର ପାଠ୍ୟକ୍ରମ ଗଣିତ, ଶିକ୍ଷା, କମ୍ପ୍ୟୁଟର ସାଇନ୍ସ, ଏମଏସଡବ୍ଲ୍ୟୁ, ଏମବିଏ ଏବଂ ଇଣ୍ଟିଗ୍ରେଟେଡ୍ ବିଏଡ-ଏମଏଡରେ ୬ଟି ଲେଖାଏଁ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଥିବାବେଳେ ସମସ୍ତ ପଦ ଖାଲିପଡ଼ିଛି। ସେହିପରି ରସାୟନ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଷୟ ପାଠ୍ୟକ୍ରମରେ ମଞ୍ଜୁରୀପ୍ରାପ୍ତ ୬ଟି ପଦ ମଧ୍ୟରୁ ୫ଟି, ସାନ୍ତାଳୀ ବିଷୟରେ ମଞ୍ଜୁରୀପ୍ରାପ୍ତ ୫ଟି ପଦ ମଧ୍ୟରୁ ୪ଟି, ଓଡ଼ିଆ ବିଷୟରେ ମଞ୍ଜୁରୀପ୍ରାପ୍ତ ୩ ପଦ ମଧ୍ୟରୁ ୨ଟି, ଅର୍ଥନୀତି ଓ କମ୍ପ୍ୟୁଟର ସାଇନ୍ସ ଏମଏସସି ବିଷୟରେ ମଞ୍ଜୁରୀପ୍ରାପ୍ତ ୬ଟି ପଦ ମଧ୍ୟରୁ ୪ଟି, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ଆପ୍ଲିକେସନ ଓ ବନ୍ୟପ୍ରାଣୀ ବିବିଧତା ବିଷୟରେ ମଞ୍ଜୁରୀପ୍ରାପ୍ତ ୬ ପଦ ମଧ୍ୟରୁ ୩ଟି କରି ପଦ, ବାୟୋଟେକ୍ନୋଲୋଜି ଓ ନୃତତ୍ତ୍ୱ ଓ ଜନଜାତି ଶିକ୍ଷା ବିଷୟରେ ମଞ୍ଜୁରୀପ୍ରାପ୍ତ ୬ଟି ପଦରୁ ୨ଟି, ପଦାର୍ଥ ବିଜ୍ଞାନ ବିଷୟରେ ମଞ୍ଜୁରୀପ୍ରାପ୍ତ ୬ଟି ପଦ ମଧ୍ୟରୁ ଗୋଟିଏ ପଦ ଖାଲିରହିଛି। ଫଳରେ ଶିକ୍ଷାଦାନରେ ବାଧା ଉପୁଜିବା ସହିତ ବିଦ୍ୟାର୍ଥୀ ଅଧିକ ଖର୍ଚ୍ଚାନ୍ତ ହୋଇ କୋଚିଂ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି।

ତତ୍‌ସହିତ ୧୪୧ଟି କର୍ମଚାରୀ ପଦ ମଧ୍ୟରୁ ୮୬ଟି ପଦ ଖାଲିପଡ଼ିଛି। ସେଗୁଡ଼ିକ ମଧ୍ୟରେ ଡେଭେଲପମେଣ୍ଟ ଅଫିସର, ଡେପୁଟି ରେଜିଷ୍ଟ୍ରାର, ମେଡିକାଲ ଅଫିସର, ସିକ୍ୟୁରିଟି ଅଫିସର, ଜୁନିୟର ଇଞ୍ଜିନିୟର, ଅଡିଟର, ଗେଷ୍ଟ ହାଉସ ମ୍ୟାନେଜର, କ୍ୟୁରେଟର, ଟାଇପିଷ୍ଟ, ନର୍ସ, ଫାର୍ମାସିଷ୍ଟ, ଲାଇବ୍ରେରୀ ଆଟେଣ୍ଡାଣ୍ଟ, ଲାବ୍ରୋଟୋରୀ ଆଟେଣ୍ଡାଣ୍ଟ, କେୟାର ଟେକର, ଡ୍ରେସର ଓ ରୋଷେୟା ପଦ ଅନ୍ତର୍ଭୁକ୍ତ। ଏପରିକି ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଟ ଓ ସେକ୍ସନ ଅଫିସର ପଦ ପାଇଁ ୨୦୨୫ ଜାନୁଆରୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପାଇଥିବାବେଳେ ପ୍ରଶାସନିକ ଅଧିକାରୀ, ସହକାରୀ ରେଜିଷ୍ଟ୍ରାର ଆଦି ପଦ ପାଇଁ ଏ ପର୍ଯ୍ୟନ୍ତ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖାଲିରହିଥିବା ୬୦ ଜଣଙ୍କ ଅଧ୍ୟାପକଙ୍କ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିବାବେଳେ ଜୁନ ୧୯ ତାରିଖ ସୁଦ୍ଧା ଆବେଦନ କରାଯିବା ସକାଶେ ସମୟ ଧାର୍ଯ୍ୟ କରାଯାଇଥିବାର କହିଛନ୍ତି।

## ନୂଆସାହି ଡିଗ୍ରୀ କଲେଜ ପ୍ରାଣୀ ଓ ରସାୟନ ବିଜ୍ଞାନ ବିଭାଗର ତାଲିମ ଶିବିର



**କପ୍ତିପଦା, ୩୦।୫(ସମିସ):** ଯୁବଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ଓ କୃଷିଭିତ୍ତିକ ସ୍ୱରୋଜଗାର ଦିଗରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ନୂଆସାହି ଡିଗ୍ରୀ ମହାବିଦ୍ୟାଳୟର ପ୍ରାଣୀ ଓ ରସାୟନ ବିଜ୍ଞାନ ବିଭାଗର ଚତୁର୍ଥ ସେମିଷ୍ଟର ଛାତ୍ରଛାତ୍ରୀ ଉଦଳାସ୍ଥ ଶୋଭା ବେସରକାରୀ ସଂଗଠନ ଆନୁକୂଲ୍ୟରେ ଶ୍ରେଣୀ ଶିକ୍ଷା ଓ ବିଭିନ୍ନ କ୍ଷେତ୍ର ପରିଦର୍ଶନ ଶିକ୍ଷାଲାଭ କରିଥିଲେ। ତନ୍ମଧ୍ୟରୁ ଧାନ ଚାଷ, ଜିଆ ଚାଷ, ମହୁ ଚାଷ, କୁକୁଡ଼ା ଚାଷ ଓ ଜୈବିକ ଖତ ପ୍ରସ୍ତୁତି ମାଧ୍ୟମରେ ପିଲାମାନଙ୍କୁ କାର୍ଯ୍ୟଦକ୍ଷତା ଓ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବା ପାଇଁ ଉତ୍ସାହ ଯୋଗାଇଥିଲା। କ୍ଷେତ୍ର ପ୍ରଦର୍ଶନକାରୀ ଶ୍ରୀମତୀ ପ୍ରୋମଦିନୀ ମହାପାତ୍ର ପିଲାମାନଙ୍କୁ ଜୈବିକ ଖତର ଚାହିଦା ଓ ପ୍ରସ୍ତୁତ ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। ପରେ କୃଷି ଅଧିକାରୀ ମନୋଜ ସ୍ୱାଇଁ ଧାନଚାଷରେ କିପରି ଅଧିକରୁ ଅଧିକ ଉତ୍ପାଦନ ହେଇ ପାରିବ ତାହା ପୁଣି ବିନା ରାସାୟନିକ ସାର ଓ ଚାଷ ପ୍ରଣାଳୀର ଚାହିଦା ବିଷୟରେ ଅବଗତ କରାଇଥିଲେ। ପରେ ପିଲା କ୍ଷେତ୍ର ପରିଦର୍ଶନରେ ଜୈବିକ ଖତର ପ୍ରକାର ଭେଦ, ଏହାର ଉପଯୋଗିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହାକୁ ଉପଯୋଗ କରି ମାଟିର ଉର୍ବରତା ବଜାୟ ରଖିବାକୁ ହେବ। ଶେଷରେ ଶୋଭା ମୁଖ୍ୟ ସଂଯୋଜକ ହିମାଂଶୁ ଦାଶ ପିଲାଙ୍କୁ ସ୍ୱାବଲମ୍ବୀ ଓ ସ୍ୱରୋଜଗାର ଉପରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ସାଧୁବାଦ ଜଣାଇବା ସହିତ ଏହା ଏକ ଯୁଗୋପଯୋଗୀ ପଦକ୍ଷେପ ବୋଲି ଦର୍ଶାଇଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତି କୋଷର ସଂଯୋଜକ ତଥା ପ୍ରାଣିବିଜ୍ଞାନ ବିଭାଗ ମୁଖ୍ୟ ଡଃ ନିବାରଣ ଶତପଥୀ ଶିବିର ପରିଚାଳନା କରିଥିବାବେଳେ ରସାୟନ ବିଜ୍ଞାନ ମୁଖ୍ୟ ଡଃ ଗୋପାଳ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ମୂଲ୍ୟାୟନ ଓ ମାନ୍ୟତା ପରିଷଦର ସଂଯୋଜକ ତଥା ଶିକ୍ଷା ବିଭାଗ ମୁଖ୍ୟ ଡଃ ଶାନ୍ତ ସୁନ୍ଦର ଆଚାର୍ଯ୍ୟ, ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ ସେନାପତି, ସହଗ୍ରନ୍ଥାଗରିକ ଶଶୀଧର ଜେନା, କଲେଜର ମୁଖ୍ୟ ଡଃ ଲିପିକା ବେହେରା ଓ ମୁଖ୍ୟ କିରାଣି ରତିକାନ୍ତ ମହାନ୍ତି ଯୋଗ ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

**ବଡ଼ସାହି, ୩୦।୫(ସମିସ):** ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ, ପଟିସାରୀ, ସୁହାଗପୁର, ଦୁର୍ଗାପୁର, ଯୋଗୀନୂଆଗାଁ, କୋଚିଲାଖୁଣ୍ଟା, ପାଉଁଶିଆ, ବଡ଼ସାହି ଓ ମାଧପୁର ପଞ୍ଚାୟତରେ ନିର୍ମିତ ୧୯ଟି ପ୍ରକଳ୍ପର ଉଦ୍‌ଘାଟନ ସହିତ ଅତିରିକ୍ତ ୪ଟି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ବନଜା ଦାସ,



ମିନତୀ ସିଂ, ସାଂସଦ ପ୍ରତିନିଧି ଶଶୀଶେଖର ପଣ୍ଡା, ମଣ୍ଡଳ ସଭାପତି ଭବାନୀଶଙ୍କର ସାହୁ ଓ ସୁମନ୍ତ ମହାର୍ଣ୍ଣା, ସୁବାସ ଦ୍ୱିବେଦୀ, ନରୋତ୍ତମ ମହାପାତ୍ର, ଅମୂଲ୍ୟ ପାଢ଼ୀ, ବୀରଭଦ୍ର ପ୍ରଧାନ, ରାଜେଶ ପଶା ଓ ରତ୍ନାକର ଜେନା ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ୨୦୨୪-୨୫ ଓ ୨୦୨୫-୨୬ର ବିକଶିତ ଗାଁ ଓ ବିକଶିତ ଭାରତ, ୫ମ ଏସଏଫ୍‌ସି, ଏସ ଏଣ୍ଡ ଏମଇ, ବିଧାୟକଙ୍କ ହାତପାଣ୍ଠି ଓ ଓମ୍ବାଡସି ଏହି ପ୍ରକଳ୍ପ ନିର୍ମିତ ହୋଇଥିବା ଜଣାଯାଇଛି। ସାଂସ୍କୃତିକ ଗୃହ, ଲାଇବ୍ରେରୀ, ଟୁରିଜିମ ସ୍ପଟ୍, ଗ୍ରାମୀଣ ହାଟ, ଜିପି ଫେସିଲେସନ ସେଣ୍ଟର, ଅତିରିକ୍ତ ଶ୍ରେଣୀଗୃହ, ମାର୍କେଟ୍ କମ୍ପ୍ଲେକ୍ସ, ମିଟିଂ ହଲସେଡ୍, ବ୍ଲକ ରିସର୍ସ ସେଣ୍ଟର ଓ ଗ୍ରାମୀଣ ପାର୍କ ଆଦି ନିର୍ମାଣ ହୋଇଥିବା ଜଣାପଡ଼ିଛି।

## ବର୍ଷାରେ ଉଦଳା ଚିକେନ ଓ ମଟନ୍ ମାର୍କେଟ ବେହାଲ



**ଉଦଳା, ୩୦।୫ (ସମିସ):** ସାମାନ୍ୟ ବର୍ଷାରେ ବେହାଲ ଉଦଳା ଏନ୍‌ଏସି ୧୨ ନମ୍ବର ୱାର୍ଡରେ ଥିବା ଚିକେନ ଓ ମଟନ ମାର୍କେଟ। ଆଜି ସାମାନ୍ୟ ବର୍ଷା ହେବା ଫଳରେ ଚିକେନ ମାର୍କେଟରେ ପାଣି ଉବୁଟୁବୁ। ଯଦ୍ୱାରା ଗ୍ରାହକ ସେହି ପାଣି ଦେଇ ଚିକେନ କିଣିବାକୁ ଯାଉଛନ୍ତି। ଉଦଳା ଏନ୍‌ଏସିରେ ଥିବା ଚିକେନ ଓ ମଟନ୍ ସେଣ୍ଟରକୁ ୧୨ ନମ୍ବର ୱାର୍ଡରେ ଥଇଥାନ କରାଯାଇଥିଲା। ଉକ୍ତ ସ୍ଥାନରେ ସ୍ଥାନୀୟ ଆରଏମ୍‌ସି ପକ୍ଷରୁ ଦୋକାନୀଙ୍କ ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

**କରଞ୍ଜିଆ, ୩୦।୫(ସମିସ):** କରଞ୍ଜିଆ ସହରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଭଡ଼ା ଘରେ ରହୁଥିବା ଜଣେ ୧୨ ବର୍ଷୀୟ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ନାବାଳିକା ଜଣକ ବିଶୋଇ ଥାନା ଅନ୍ତର୍ଗତ ବନେଇକଳା ଅଞ୍ଚଳର ଗୁଣ୍ଡୁରିଆ ଗ୍ରାମର ସ୍ୱର୍ଗତ ରାଜୀବ କୁମାର ନାୟକଙ୍କ ଝିଅ ପଲ୍ଲବୀ ନାୟକ। ନାବାଳିକାଙ୍କ ମା' ସସ୍ମିତା ନାୟକଙ୍କ ଅଭିଯୋଗ ମୁତାବକ, ଘର ମାଲିକ ଓ ଜଣେ ଗାଡ଼ି ମାଲିକଙ୍କ ଦ୍ୱାରା ତାଙ୍କ ପରିବାରକୁ ଦୀର୍ଘଦିନ ଧରି ହଇରାଣ କରାଯାଉଥିଲା। ଘର ଭଡ଼ା ଓ ମାଲିକାନାକୁ ଯାଇଥିବା ଏକ ଗାଡ଼ିର ବକେୟା ଟଙ୍କାକୁ କେନ୍ଦ୍ର କରି ପରିବାର ଉପରେ ଚାପ ସୃଷ୍ଟି କରାଯାଉଥିବା ସେ କହିଛନ୍ତି। ଏଥିସହ ତାଙ୍କ ବ୍ୟାଙ୍କ ପାସବୁକ, ଏଟିଏମ କାର୍ଡ ଓ ମୋବାଇଲ ଫୋନ ମଧ ଜବରଦସ୍ତ ନେଇ ରଖାଯାଇଥିବା ନେଇ ସସ୍ମିତା ଅଭିଯୋଗ କରିଛନ୍ତି। ଘଟଣା ସମୟରେ ନାବାଳିକା ଘରେ ଏକାକୀ ଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କରଞ୍ଜିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମାମଲା ରୁଜୁ କରିଛି। ନାବାଳିକାଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ଓ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ନାବାଳିକାଙ୍କ ପରିବାର ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଅନାସ୍ଥା ଭୋଟରେ ହାରି ପଦ ହରାଇଲେ ନାଏବ ସରପଞ୍ଚ

**ଉଦଳା, ୩୦।୫(ସମିସ):** ପଡ଼ିଥିଲା ଅନାସ୍ଥା ଭୋଟ। ହେଲେ ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ପାଇଁ ହୋଇପାରି ନ ଥିଲା ଗଣତି। ଶେଷରେ ଆଜି ହୋଇଛି ଅନାସ୍ଥା ଭୋଟର ଗଣତି। ଉଦଳା ବ୍ଲକ ନୂଆଗାଁ ପଞ୍ଚାୟତର ନାଏବ ସରପଞ୍ଚ ଗୁଣ୍ଡୁରୀ ସିଂଙ୍କ ବିରୋଧରେ ଆସିଥିଲା ଅନାସ୍ଥା। ଯାହାକୁ ନେଇ ଗତ ନଭେମ୍ବରରେ ପଡ଼ିଥିଲା ଅନାସ୍ଥା ଭୋଟ। ଏହାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ନାଏବ ସରପଞ୍ଚ। ଯେଉଁଥିପାଇଁ ହୋଇପାରି ନ ଥିଲା ଗଣତ। ଆଜି ଗଣତିରେ ୯ ଜଣ ୱାର୍ଡ ମେମ୍ବର ନାଏବ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିବାବେଳେ ଅନାସ୍ଥାରେ ନାଏବ ସରପଞ୍ଚ ହାରିଥିବା ଜଣାଯାଇଛି। ଗୋପବନ୍ଧୁନଗର ବିଡିଓ ପୃଥ୍ୱୀରାଜ ପରିଡ଼ା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇ ଗଣତି କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ଗଣତି ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିବାବେଳେ ସରକାରୀ ସ୍ତରରେ ଫଳାଫଳ ଘୋଷଣା ହେବ ବୋଲି କହିଛନ୍ତି ନିର୍ବାଚନ ଅଧିକାରୀ।

## କପ୍ତିପଦା ବ୍ଲକ୍‌ର ୨୪ଟି ଜାହେରାର ଉନ୍ନତିକରଣ ଦାବି



**ବାରିପଦା, ୩୦।୫(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ୨୪ଟି ଜାହେରା (ପୂଜାଶାଳ)ର ଉନ୍ନତିକରଣ ଓ ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ଶନିବାର ଶରତ ବିକାଶ ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂଜାଶାଳ (ଜାହେରା) ଉନ୍ନତିକରଣ କରାଯିବା ପାଇଁ ଦିଆଯାଇଥିବା ଦାବିପତ୍ରରେ ରାଣୀପୋଖରୀ ପଞ୍ଚାୟତର ଲାମ୍ବୁଆସାହି ଓ ଧନୁସାହି, ପଦ୍ମପୋଖରୀ ପଞ୍ଚାୟତର ଧପଡ଼ା ସାନ୍ତାଳୀ, ଡାଳପୂଜା ଓ ଧନାସାହି ଦିଶାଉଲି, କଳମଗୋଡିଆ ପଞ୍ଚାୟତର ରୁଗୁଡି ହାଟସାହି, ମଲ୍ଲିପାଟ, ଦୁଗୁଧା ସାନ୍ତାଳୀସାହି, ଗୋଳାସାହି ଡାଳପୂଜା, ଝାଡ଼ଉଁରୀ ଚୁଇତି ପରବ, ସୁଡ଼ଙ୍ଗ ସାନ୍ତାଳୀସାହି, କାଠଚୁଆ-କଣ୍ଟାମାରୀ ଚୁଇତି ପରବ, ସରଡିହା ପଞ୍ଚାୟତର ଭଣ୍ଡାର ମାଣାକିସାହି ବଙ୍ଗା, ଭଣ୍ଡାର ଲାତାରସାହି ଗୋଳା ବାଙ୍କି, ସ୍କୁଲସାହି ଚୁଇତି ପରବ, ରାମଚନ୍ଦ୍ରପୁର ପଞ୍ଚାୟତର କେନ୍ଦୁଗୋଠ ଦେଓଗାମସାହି, ମହୁଲଡିହା ବଙ୍ଗାଶାଳ, ଦୋଳିପଡ଼ା ଦେହୁରୀସାହି ଆସାଳା, ଦେୱାନବାହାଲୀ ପଞ୍ଚାୟତର ଚୁଇତି ପରବ, ବିଶୁନଗାଁ କନ୍ଦାସାହି, ଲାବଣ୍ୟଦେଇପୁର ପଞ୍ଚାୟତର ହଦଗୁଠ ଆସ୍ଥାନ ବଙ୍ଗା ଜାହେରା ପ୍ରଭୃତି ସ୍ଥାନ ପାଇଛି। ଜାହେରାର ଉନ୍ନତିକରଣ କରାଯିବା ସହିତ ପାଚେରି ନିର୍ମାଣ, ପୂଜା ପିଣ୍ଡି, କମ୍ୟୁନିଟି ରୋଷେଇ ଘର ନିର୍ମାଣ ଓ ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ ରହିଛି। ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି, ସେ ସମସ୍ତ ପୂଜାଶାଳ(ଜାହେରା) ପରିଦର୍ଶନ କରିବା ସହିତ ମ୍ୟାପିଙ୍ଗ କରି ଅର୍ଥ ଅନୁମୋଦନ କରାଯିବା ସକାଶେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପତ୍ର ପ୍ରେରଣ କରିବେ। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇଙ୍କ ସମେତ ଯୁଗ୍ମସମ୍ପାଦକ ଜାମାଦାର ବାଲମୁଚୁ, ଦୁଲମୁ ଆଲଡା, ଗୁଲୁରାମ ସିଂ ଲାମାଏ, ଶରତ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଗୋପିନାଥ ସିଂ ହାଇବୁରୁ, ନବୀନ ମୁଣ୍ଡୁରୀ ଓ ବେଲମଣୀ ତିୟୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଆରକେ କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାରିପଦା, ୩୦।୫(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ଡିଆରକେ କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଶିଳ୍ପପତି ଗିରିଶ ଚନ୍ଦ୍ର ଦାସ ଓ ଉପନଗରପାଳ ସୀମା ଦାସ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କାଶୀନାଥ ରଣା, କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ଜେନା, ସମ୍ପାଦକ ସଞ୍ଜୀବ ଦ୍ୱିବେଦୀ, କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରୀଡ଼ା ସଂଗଠକ ଅମର ସେଠୀ, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ଲୋହିତ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଲାଲବଜାର ୱାରିୟର୍ସ ୭୪ ରନରେ ପରୀ ଚ୍ୟାଲେଞ୍ଜରକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱାରିୟର୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିବ୍ୟରଞ୍ଜନ ଦାସ ୭୯, ଦିବ୍ୟଲୋଚନ ଦାସ ୨୯ ଓ ସୁଧାକର ନାଏକ ୨୬ ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୩ଟି ଓ ସାମନ୍ତ ଶେଖର ପାଲ ଓ ଅନିକେତ ସିଂହ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପରୀ ଚ୍ୟାଲେଞ୍ଜର ୧୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସତ୍ୟକାମ ଭରଦ୍ୱାଜ ସର୍ବାଧିକ ୬୭ ରନ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ କୁମାର ବସା ୪ଟି, ଦୀପକ କୁମାର ୩ଟି ଓ କ୍ଷମାସାଗର ବଳ ୨ଟି ୱିକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଶେଖ ଅମଜିତ ଖେଳ ପରିଚାଳନା କରିଥିବାବେଳେ ସମ୍ବିତ କୁମାର ମହାରଣା ସ୍କୋରର ଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି ଓ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ସହଆୟୋଜକ ସତ୍ୟନାରାୟଣ ଜୀଉ ଜଣାଇଛନ୍ତି। ଚାମ୍ପିଅନ ଦଳ ପାଇଁ ୧ ଲକ୍ଷ ୨୦ ହଜାର ଓ ରନର୍ସଅପ ଦଳ ପାଇଁ ୮୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିବା ମୁଖ୍ୟ ଆୟୋଜକ ଅମିତାଭ ଦାସ ଜଣାଇଛନ୍ତି।

## ଦେଶୀମଦ ଓ ବିଅର ଜବତ, ୩ ଗିରଫ

**ବେତନଟୀ, ୩୦।୫(ସମିସ):** ବେତନଟୀ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ଦିନ ମାଳିହାତୀ, ନାଖରା ଓ ତୁଳସୀଚଉରା ଅଞ୍ଚଳରେ ପୃଥକ ପୃଥକ ଚଢ଼ଉ କରି ପ୍ରାୟ ୨୬ ଲିଟର ଚୋରା ଦେଶୀମଦ ଓ ସାଢେ ୬ ଲିଟର ବିଅର ଜବତ କରାଯାଇଛି। ଏହି ମାମଲାରେ ତିନିଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମାଳିହାତୀ ଗ୍ରାମର ମାୟାଦି ହାଁସଦା ଓ ତୁଳସୀଚଉରା ଅଞ୍ଚଳର ଗଣେଶ ମହାନ୍ତଙ୍କ ନିକଟରୁ ୧୩ ଲିଟର ଲେଖାଏଁ ମୋଟ ୨୬ ଲିଟର ଦେଶୀମଦ ଜବତ ହୋଇଛି। ସେହିପରି ନାଖରାଠାରେ ଚଢ଼ଉ ବେଳେ ସୁରେନ୍ଦ୍ର ପାଲଙ୍କ ପାଖରୁ ସାଢେ ୬ ଲିଟର ବିଅର ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ଥାନା ପକ୍ଷରୁ ତିନୋଟି ପୃଥକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ବେତନଟୀ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇଛି।

## ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

# ବାଳକରେ ବହଳଦା ଓ ବାଳିକାରେ ସାତକୋଶିଆ ଚାମ୍ପିଅନ୍




**ବାରିପଦା, ୩୦।୫(ସମିସ):** ବାରିପଦା ଷ୍ଟାଡ଼ିୟମରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସହଯୋଗରେ ଚାଲିଥିବା ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି। ବାଳକ ବିଭାଗରେ ଏନୱାଇକେ, ବହଳଦା ଦଳ ଟାଇବ୍ରେକର ଜରିଆରେ ୩-୦ ଗୋଲରେ ଉଦଳା ସରକାରୀ ଉଚ୍ଚବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ପୂର୍ବରୁ ବାଳିକା ବିଭାଗରେ ସାତକୋଶିଆ ଚଢେଇଗାଁ ଦଳ ୯-୦ ଗୋଲରେ ବଡ଼ସାହି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି।

ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଉଭୟ ବିଭାଗର ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦରା ସୋରେନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ପ୍ରସନ୍ନଜିତ ମହାନ୍ତି, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ ଓ ମନୋରଞ୍ଜନ ଜୀଉ ଯୋଗ ଦେଇଥିଲେ। ଏହି ଚାମ୍ପିଅନସିପ ମାଧ୍ୟମରେ ଉଭୟ ବିଭାଗରୁ ମୟୂରଭଞ୍ଜ ଜିଲ୍ଲା ପାଇଁ ୨୦ ଜଣିଆ ଦଳ ଚୟନ କରାଯାଇଛି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ଉଭୟ ଦଳ ସୁନ୍ଦରଗଡ଼ଠାରେ ଜୁନ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ।

# କଟକ ସିଟି





# ଜନଗହଳି ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା | ଦୁର୍ଘଟଣାରେ ଯୁବତୀ ମୃତ

## ମାଲଗୋଦାମ ଥାନା ନିକଟରେ ସ୍କୁଟିକୁ ଧକ୍କାଦେଲା ବସ୍; ଚାଳକ ଗିରଫ

## ଘଟଣାସ୍ଥଳରେ ଚାପା ଉତ୍ତେଜନା; ପୁଲିସ ହସ୍ତକ୍ଷେପରେ ପରିସ୍ଥିତି ସ୍ୱାଭାବିକ





କଟକ,୩୦।୫(ସମିସ):

ମାଲଗୋଦାମ ଥାନା ନିକଟରେ ଥିବା ଆଇ ଲଭ୍ କଟକ ଲୋଗୋ ନିକଟରେ ଘଟିଛି ଅଘଟଣ। ସହରର ଏହି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଜଣଙ୍କ ଜୀବନ ଯାଇଥିବା ବେଳେ ତାଳଦଣ୍ଡା କେନାଲ ସଂପ୍ରସାରିତ ରାସ୍ତାରେ ଏକ କମ୍ପାନୀରେ ନିୟୋଜିତ ବସ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ଯୁବତୀ ଜଣକ ହେଲେ ତୁଳସୀପୁର ଅଞ୍ଚଳର ପଞ୍ଚାନନ ମହାନ୍ତିଙ୍କ ଝିଅ ସ୍ୱାଗତିକା(୨୩)। ଏହି ଘଟଣାରେ ମାଲଗୋଦାମ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରିବା ସହ ଚାଳକ ଲକ୍ଷ୍ମୀଧର ସାହୁଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ସ୍ୱାଗତିକା କଲେଜରେ ପାଠପଢ଼ା ସହ ଏକ ଏନ୍‌ଜିଓରେ ସଦସ୍ୟ ହୋଇ ସମାଜସେବା କାର୍ଯ୍ୟ କରୁଥିଲେ। ଆଜି ଉକ୍ତ ଏନଜିଓ ପକ୍ଷରୁ ଚାଉଳିଆଗଞ୍ଜ ଅଞ୍ଚଳରେ ରକ୍ତଦାନ ଶିବିର ହୋଇଥିଲା। ଉକ୍ତ ଶିବିରରେ ରକ୍ତ ଦେବା ଲାଗି ମଧ୍ୟାହ୍ନ ସମୟରେ ସ୍ୱାଗତିକା ସ୍କୁଟି ନେଇ ଘରୁ ବାହାରିଥିଲେ। ସେ ଯୋବ୍ରା ଆନିକଟ ଛକରୁ ଭାଙ୍ଗି କଲେଜଛକ ଦେଇ ଓଏମପି ଆଡକୁ ଯାଉଥିଲେ। ଏତିକିବେଳେ ଆଇ ଲଭ୍ କଟକ ନିକଟରେ ଥିବା ଗ୍ରେଟ୍ ଇଣ୍ଡିଆ ଟ୍ରାନ୍ସପୋର୍ଟ ସମ୍ମୁଖରେ ହଠାତ ଏକ ବସ ପଛରୁ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଏହାପରେ ସେ ସ୍କୁଟିରୁ ତଳେ ପଡିଯାଇଥିଲେ। କ୍ଷଣିକରେ ବସ୍‌ର ଚକା ସ୍ୱାଗତିକାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବସର ଚାଳକ ଫେରାର ହେବାକୁ ଉଦ୍ୟମ କରୁଥିଲା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରି ନେଇଥିଲେ। ସେଠାରେ ଦେଢ଼ ଘଣ୍ଟା ଧରି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମାଲଗୋଦାମ ଥାନା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଥିଲା। ଏହି ଘଟଣାରେ ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟି ସହିତ ଦୁର୍ଘଟଣା ଘଟାଇଥିବା ବସ୍(ଓଆର-୧୯-ଏନ-୮୬୯୨)କୁ ଜବତ କରିଛି। ତତ୍‌ସହିତ ବସର ଚାଳକ ଲକ୍ଷ୍ମୀଧରକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ବସଟି ଏକ ସଂସ୍ଥା ପକ୍ଷରୁ ନିର୍ମାଣାଧୀନ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ହୋଇଥିଲା। ଶ୍ରମିକଙ୍କୁ ନେବାଆଣିବା କାର୍ଯ୍ୟ କରୁଥିଲା। ଦୁର୍ଘଟଣା ପୂର୍ବରୁ ବସ ଚାଳକ ଶ୍ରମିକଙ୍କୁ ଧରି ଜଗତପୁରସ୍ଥିତ ମେସ୍ ଅଭିମୁଖେ ଯାଉଥିଲେ ବୋଲି ଜଣାପଡିଛି। ଏନେଇ ପୁଲିସ କେସ୍ ନଂ ୧୯୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅନ୍ୟପଟେ ମାଲଗୋଦାମ ଛକ ଟ୍ରାଫିକ୍ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚୌଦ୍ୱାର ପଟୁ ଆସୁଥିବା ଗାଡ଼ି, ରିଂରୋଡ୍‌ରେ ଆସୁଥିବା ଗାଡ଼ି ଏବଂ କଲେଜ ଛକ ପଟୁ ଅସୁଥିବା ଗାଡ଼ିକୁ ଶୃଙ୍ଖଳିତ ଭାବେ ଯାତାୟାତ କରୁ ନଥିବା ଅଭିଯୋଗ ହୋଇଛି। ଏଠାରେ ମାତ୍ର ଜଣେ ଟ୍ରାଫିକ୍ ପୁଲିସ ଡ୍ୟୁଟି କରୁଥିବା ବେଳେ ଅନେକ ସମୟରେ ରଂରୁଟ୍‌ରେ ଲୋକମାନେ ଯାତାୟାତ କରୁଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୁଲିସ ନିୟୋଜିତ କରାଯାଉ ନାହିଁ। ସେହିପରି କଲେଜ ଛକ ପଟୁ ଆସୁଥିବା ଗାଡ଼ିଗୁଡ଼ିକ ଦ୍ରୁତ ଗତିରେ ଆସୁଥିବା ବେଳେ ସେମାନେ ଟ୍ରାଫିକ୍ ନିୟମ ପାଳନ କରୁନାହାନ୍ତି। ନିକଟରେ ମାଲଗୋଦାମ ଥାନା ରହିଥିବା ବେଳେ ପୁଲିସ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ଟ୍ରାଫିକ୍ ପୁଲିସ ସହଯୋଗ କରୁ ନଥିବା ଅଭିଯୋଗ ଉଠିଛି। ଫଳରେ ଅନେକ ସମୟରେ ବାରମ୍ବାର ଦୁର୍ଘଟଣା ଘଟୁଛି।

## ଜମି ବିବାଦରୁ ଗଣ୍ଡଗୋଳ: ଅଭିଯୁକ୍ତ ଗିରଫ

କଟକ,୩୦।୫(ସମିସ): ଦରଘାବଜାର ଥାନା ଅଞ୍ଚଳରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏତଲାକ୍ରମେ ପୁଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତ ତଥା ତିନିକୋଣିଆ ବଗିଚା ଅଞ୍ଚଳର ନିଖିଲକୁମାର ଦାସ(୩୦)କୁ ଗିରଫ କରିଛି। ସନ୍ଧ୍ୟାରେ ତାକୁ କୋର୍ଟଚାଲାଣ କରାଯାଇଥିବା ବେଳେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜମିବାଡ଼ିକୁ କେନ୍ଦ୍ରକରି ଧଡ଼ିଆ ବେହେରା(୫୫) ଏବଂ ନିଖିଲଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେଲାଣି ବିବାଦ ଲାଗିରହିଥିଲା। ବିବାଦର ସମାଧାନ ପାଇଁ ସ୍ଥାନୀୟ କେତେକ ଲୋକେ ଏକାଧିକ ଥର ଉଦ୍ୟମ କରିଥିଲେ ହେଁ, କିଛି ସୁଫଳ ମିଳିବା ପରିବର୍ତ୍ତେ ବିବାଦ ଦିନକୁ ଦିନ ଆହୁରି ବଢ଼ିବାରେ ଲାଗିଥିଲା। ଏହି ଘଟଣାକୁ ନେଇ ଆଜି ଉଭୟ ପରିବାର ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନିଖିଲ ଧଡ଼ିଆଙ୍କୁ ଆକ୍ରମଣ କରିଥିଲା। ଏକ ଲୁହା ଜିନିଷ ଧରି ତାଙ୍କ ମୁହଁକୁ ଆକ୍ରମଣ କରିଥିଲା। ଫଳରେ ରକ୍ତାକ୍ତ ହୋଇ ଧଡ଼ିଆ ତଳେ ପଡିଯାଇଥିଲେ। ଏହାସତ୍ତ୍ୱେ ନିଖିଲ ତାଙ୍କୁ ବିଧା ଗୋଇଠା ମାରିଚାଲିଥିଲା। ପରିବାରର ସଦସ୍ୟମାନଙ୍କ ପାଟିଶୁଣି କିଛି ପଡ଼ୋଶୀ ସେଠାକୁ ଧାଇଁ ଆସିବାରୁ ନିଖିଲ ସେଠାରୁ ଚମ୍ପଟ ମାରିଥିଲା। ଧଡ଼ିଆଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ସିଟି ହସପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା, ହେଲେ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡ଼ିବାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ଆଧାରରେ ନିଖିଲକୁ ଗିରଫ କରାଯାଇଥିବା ଥାନାଧିକାରୀ ରାକେଶକୁମାର ବେହେରା ସୂଚନା ଦେଇଛନ୍ତି।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭାଷା ସାହିତ୍ୟ ଚର୍ଚ୍ଚା | ଆଧୁନିକ ମାନକ ଓଡ଼ିଆ ଭାଷାର ନିର୍ମାତା ଥିଲେ ଗୌରୀଶଙ୍କର



କଟକ,୩୦।୫(ସମିସ): ଆଧୁନିକ ଓଡ଼ିଆ ଭାଷାର ନିର୍ମାଣ ପାଇଁ ଗୌରୀଶଙ୍କର ରାୟଙ୍କ ଅବଦାନ ଅତୁଳନୀୟ। କେବଳ ଓଡ଼ିଆ ଭାଷାର ସୁରକ୍ଷାରେ ନୁହେଁ, ଉତ୍କଳ ଦୀପିକାରେ ତାଙ୍କର ଓଡ଼ିଆ ଭାଷାର ବ୍ୟବହାର ହିଁ ଥିଲା ମାନକ ଓଡ଼ିଆ ଭାଷାର ସର୍ବଶ୍ରେଷ୍ଠ ଉଦାହରଣ। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଭାଷା ସାହିତ୍ୟ ଚର୍ଚ୍ଚାରେ ଯୋଗଦେଇ ମାନକ ଓଡ଼ିଆ ଭାଷାର ନିର୍ମାଣ ଓ ଗୌରୀଶଙ୍କର ବିଷୟରେ ଆଲୋଚନା କରି ଆଲୋଚକମାନେ ମତ ପ୍ରକାଶ କରିଛନ୍ତି। ଆଜି ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ଼କ୍ଟର ଗୌରାଙ୍ଗ ଚରଣ ଦାଶ ମାନକ ଓଡ଼ିଆ ଭାଷାର ନିର୍ମାଣ ଓ ଗୌରୀଶଙ୍କର ବିଷୟରେ ଆଲୋକପାତ କରି କହିଲେ ଯେ ପତ୍ରିକା ସମ୍ପାଦନା, ବିଭିନ୍ନ ପୁସ୍ତକର ଆଲୋଚନା ଓ ଗ୍ରନ୍ଥ ସଂପାଦନାରେ ମାନକ ଓଡ଼ିଆ ଭାଷାର ପ୍ରୟୋଗକୁ ଯେ କେହି ଲକ୍ଷ୍ୟ କରିପାରିବେ। ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜର କୋଷାଧକ୍ଷ ଦିଲ୍ଲୀପ କୁମାର ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସାହିତ୍ୟ ଆଲୋଚନର ସମ୍ପାଦକ ରଘୁ ସାହୁ ସ୍ୱାଗତ ଭାଷଣ,ସାହିତ୍ୟ ଆଲୋଚନାର ଅନ୍ୟତମ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଅତିଥି ପରିଚୟ ଓ କାର୍ଯ୍ୟନିର୍ବାହୀକା ସଦସ୍ୟ ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶିବାଶିଷ କର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପକ ଉମାଶଙ୍କର ମିଶ୍ର ଓ ଅଧ୍ୟାପକ ଅକ୍ଷୟ କୁମାର ଭଦ୍ର ଅଂଶଗ୍ରହଣ କରିଥିଲେ।

## କଟକ ଜିଲ୍ଲାରେ ଖରିଫ ଫସଲ ପାଇଁ ଜଳସେଚନ ଚିନ୍ତା

# ୨୪୦ ଉଠା ଜଳସେଚନ ପଏଣ୍ଟ ଅଚଳ



କଟକ, ୩୦।୫(ସମିସ): ଚଳିତ ବର୍ଷ ଏଲନିନୋ ପ୍ରଭାବରେ ରାଜ୍ୟରେ କମ ବୃଷ୍ଟିପାତର ଆଶଙ୍କା ଉପୁଜିଛି। ମେ ମାସ ଶେଷ ହେବାକୁ ବସିଥିବା ବେଳେ ଏଯାଏଁ ଖରିଫ ଫସଲ ପାଇଁ ପାଗ ଅନୁକୂଳ ହୋଇପାରିନାହିଁ। କଟକ ଜିଲ୍ଲାର ୧ଲକ୍ଷ ୮୮ହଜାର ହେକ୍ଟର ଜମିରେ ଖରିଫ ଚାଷ ହେଉଥିବା ବେଳେ ପ୍ରାୟ ୪୦ ହଜାର ହେକ୍ଟର ଜମିରେ ଉଠା ଜଳସେଚନ ପଏଣ୍ଟ ଜରିଆରେ ଜଳସେଚନ ହୋଇଥାଏ। ଜିଲ୍ଲାରେ ୨୪୦ଟି ଉଠା ଜଳସେଚନ ପଏଣ୍ଟ ଅଚଳ ଅବସ୍ଥାରେ ରହିଥିଲେ ସୁଦ୍ଧା ଏଗୁଡିକୁ ସଚଳ କରାଯାଇପାରି ନଥିବା ଜଣାପଡିଛି।

ଜିଲ୍ଲାରେ ମୋଟ ୧୫୩୩ଟି ଏଲଆଇ ପଏଣ୍ଟ ରହିଛି। ଏଗୁଡିକ ମଧ୍ୟରୁ ୨୭୪ଟି ପଏଣ୍ଟ ଅଚଳ ହୋଇରହିଥିବା ବେଳେ ସେଥି ମଧ୍ୟରୁ ୩୪ଟି ପଏଣ୍ଟ ସଚଳ ହୋଇ ସାରିଲାଣି। ଏବେ ସଚଳ ପଏଣ୍ଟ ମାଧ୍ୟମରେ ୨୮ହଜାର ୧୪୩ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇପାରୁଛି। କଟକ ସଦର, ମାହାଙ୍ଗା, ବାଙ୍କୀ-ଡମପଡା, ନରସିଂହପୁର ଓ ନିଆଳି ଆଦି ବ୍ଲକରେ ଅଧିକାଂଶ ଏଲଆଇ ପଏଣ୍ଟ ଅଚଳ ହୋଇପଡିଛି। ଗୋଟିଏପଟରେ ଅନୁଦାନ ଅଭାବରୁ ଅଚଳ ରହିଥିବା ଏଲଆଇ ପଏଣ୍ଟ ଗୁଡିକୁ ସଚଳ କରାଯାଇନଥିବା ବେଳେ ସରକାର ନୂତନ ପଏଣ୍ଟ ପାଇଁ ଯୋଜନା କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଏବେ ଜିଲ୍ଲାର ସମସ୍ତ ୧୪ଟି ବ୍ଲକରେ ଚଳିତ ୨୦୨୬-୨୭ଆର୍ଥିକ ବର୍ଷରେ ଆହୁରି ୨୩୭ଟି ନୂତନ ଏଲଆଇ ପଏଣ୍ଟ ସ୍ଥାପନ କରାଯିବ। ଏଥିପାଇଁ ଜିଲ୍ଲା ଉଠା ଜଳସେଚନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ପର୍ବ ଶେଷ ହୋଇଥିବା ଜଣାପଡିଛି। ଏହି ପ୍ରକଳ୍ପଗୁଡିକ ପାଇଁ ଖର୍ଚ୍ଚ ହେବାକୁ ଥିବା ୯୪ କୋଟି ୮୦ ଲକ୍ଷ ଟଙ୍କାର ଅନୁଦାନ ନାବାର୍ଡ ବହନ କରିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଆଗାମୀ ଏକ ବର୍ଷ ମଧ୍ୟରେ ଯଦି ସମସ୍ତ ପ୍ରକଳ୍ପର କାର୍ଯ୍ୟ ଶେଷ ହୁଏ, ଜିଲ୍ଲାରେ ଆହୁରି ୪ହଜାର ୭୪୦ହେକ୍ଟର ଚାଷ ଜମିରେ ଏହା ମାଧ୍ୟମରେ ଚାଷ ଜମିକୁ ଜଳସେଚିତ କରାଯାଇପାରିବ ବୋଲି କୁହାଯାଇଛି।

## କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆମ୍ବୁଲାନ୍ସ ସେବାର ଲୋକାର୍ପଣ

କଟକ,୩୦।୫(ସମିସ): ରେଡ୍‌କ୍ରସ ଖେଳପଡ଼ିଆଠାରେ ଆଜି ସାଂସଦ ଭର୍ତ୍ତୃହରି ମହତାବଙ୍କ ସାଂସଦ ପାଣ୍ଠିରୁ ସାତ ଲକ୍ଷ ଟଙ୍କା ବ୍ୟୟରେ ଏକ ଆମ୍ବୁଲାନ୍ସ କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟକୁ ପ୍ରଦାନ କରାଯାଇଛି। କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉକ୍ତ ଆମ୍ବୁଲାନ୍ସ ସେବା ଲୋକାର୍ପିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ ଆମ୍ବୁଲାନ୍ସ ସେବାର ଲୋକର୍ପଣ କରିବା ସହ ଏହା ମାଧ୍ୟମରେ ରୋଗୀମାନେ ଏବେ ସୁଲଭ ମୂଲ୍ୟରେ ଡାକ୍ତରଖାନା ଯାଇପାରିବେ ବୋଲି ଆଶା ପ୍ରକଟ କରିଥିଲେ। ବାଇଶି ଦିଗ ଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କଟକ-ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଇଂ ପ୍ରଦୀପ ବେହେରା, ବିଶ୍ୱଜିତ ସୂର୍ଯ୍ୟବଂଶୀ, ୫୩ ନଂ ୱାର୍ଡର କର୍ପୋରେଟର ଅରବିନ୍ଦ ଜେନା, କଲ୍ୟାଣୀନଗର ଅଞ୍ଚଳର ମୁରବୀ ତଥା ଟ୍ରଷ୍ଟର ଉପଦେଷ୍ଟା ଡ଼ଃ ବିପିନ ଭୋଳ ପ୍ରମୁଖ ଯୋଗ ଦେଇ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ପ୍ରଶଂସା କରିଥିଲେ। ଏହି ଆମ୍ବୁଲାନ୍ସଟି ଏବେ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟ ସ୍ଥାନୀୟ କଲ୍ୟାଣୀନଗରଠାରେ ରହିବ। ଯଦି କୌଣସି ରୋଗୀଙ୍କ ଆବଶ୍ୟକ ପଡେ ତେବେ ୭୨୦୫୮୧୦୪୧୭ ଓ ୯୯୩୭୯୪୭୭୨୨ରେ ଯୋଗାଯୋଗ କଲେ ଏହି ଆମ୍ବୁଲାନ୍ସ ସେବା ଅବିଳମ୍ବେ ମିଳିପାରିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ଲିପ୍ତିମୟୀ ମହାନ୍ତି, ସଭାପତି ସଂଜୀବ କୁମାର ସ୍ୱାଇଁ ଓ ସମ୍ପାଦକ ମାନସ ମୁଦୁଲି କହିଛନ୍ତି।

## ଜୁନ୍ ପହିଲାରୁ ଗୋପାଳପୁର ସ୍ୱୟଂଚାଳିତ ଡ୍ରାଇଭିଂ କେନ୍ଦ୍ରରେ ହେବ ଡିଏଲ୍ ଓ ଏଲ୍‌ଏଲ୍‌ଆର୍ ପରୀକ୍ଷା

କଟକ,୩୦।୫(ସମିସ): ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଏବଂ ଲର୍ଣ୍ଣର୍ସ ଲାଇସେନ୍ସ (ଏଲ୍‌ଏଲ୍‌ଆର୍) ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟାଳୟ ଆଦେଶ ଅନୁଯାୟୀ, ବର୍ତ୍ତମାନ ସେକ୍ଟର-୬, ସିଡିଏ, କଟକରେ ପରିଚାଳିତ ହେଉଥିବା ଡ୍ରାଇଭିଂ ପରୀକ୍ଷାକୁ ଆସନ୍ତା ଜୁନ୍ ୧ତାରିଖଠାରୁ ଗୋପାଳପୁରସ୍ଥିତ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ଷ୍ଟେସନ୍ (ଏଡିଟିଏସ)କୁ ସ୍ଥାନାନ୍ତର କରାଯାଇଛି। ଏହି ନୂତନ କେନ୍ଦ୍ରରେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସହ ଲର୍ଣ୍ଣର୍ସ ଲାଇସେନ୍ସ ପରୀକ୍ଷା ମଧ ୧ ଜୁନ୍‌ଠାରୁ କାର୍ଯ୍ୟକାରୀ ହେବ। ଯେଉଁ ଆବେଦନକାରୀମାନେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ପାଇଁ ପୂର୍ବରୁ ସମୟ ଓ ତାରିଖ ବୁକ୍ କରିଛନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ନୂତନ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ୧ ଜୁନ୍ କିମ୍ବା ଏହା ପରବର୍ତ୍ତୀ ତାରିଖ ପାଇଁ ବୁକିଂ କରିଥିବା ଆବେଦନକାରୀଙ୍କୁ ପରୀକ୍ଷା ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚିତ କରାଯିବ।

### ବଜାର ଦର ଉପରେ ପରିବହନ ଖର୍ଚ୍ଚ ବୃଦ୍ଧିର ପ୍ରଭାବ

## ବଢ଼ିଲା ପନିପରିବା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର

କଟକ,୩୦।୫(ସମିସ): ରାଜ୍ୟରେ ବିଗତ କିଛି ଦିନ ହେବ ପେଟ୍ରୋଲ ଓ ଡିଜେଲ ଦରରେ କ୍ରମାଗତ ବୃଦ୍ଧି ଘଟି ଚାଲିଛି। ତୈଳ ଦର ବୃଦ୍ଧି ପାଇଁ ମାଲବାହୀ ଗାଡି ତଥା ଟ୍ରକ ଓ ପିକଅପଗୁଡିକର ଭଡ଼ା ଅଘୋଷିତ ଭାବେ ବଢିଯାଇଛି। ଫଳରେ ଏହା ପରିବହନ ଖର୍ଚ୍ଚକୁ ବଢ଼ାଇ ଦେଇଛି। ଏହିକ୍ରମରେ ଓଡ଼ିଶାରେ ଡିଜେଲ ଦର ଲିଟର ପିଛା ୧୦୦ ଟଙ୍କା ପାର୍ କରିଯାଇଛି। ଡିଜେଲ ଲିଟର ପିଛା ୧୦୦ଟଙ୍କା ୯୦ପଇସା ହୋଇଥିବା ବେଳେ ଗତ ୧୫ଦିନ ତଳେ ଏହା ୯୫ଟଙ୍କା ଥିଲା। ରାଜ୍ୟର ବୃହତ୍ତମ ହୋଲସେଲ ମାର୍କେଟ କଟକ ମାଲଗୋଦାମର ବ୍ୟବସାୟୀଙ୍କ କହିବା ଅନୁଯାୟୀ, ପରିବହନ ସଂସ୍ଥାଗୁଡ଼ିକ ପନିପରିବା, ଫଳ ଓ ଗ୍ରୋସେରୀ ସାମଗ୍ରୀ ଆଣିବା ପାଇଁ ଅଧିକ ଭଡ଼ା ଦାବି କଲେଣି। କଟକ ଚାମ୍ବର ଅଫ୍ କମର୍ସର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରୁ ଆସୁଥିବା ମାଲ୍‌ବାହୀ ଟ୍ରକ୍‌ଗୁଡ଼ିକର କ୍ୱିଣ୍ଟାଲ ପିଛା ପରିବହନ ଖର୍ଚ୍ଚ ବଢ଼ିଛି। ଛତିଶଗଡ଼ର ରାୟପୁରରୁ ଆସୁଥିବା ଗାଡ଼ି ଭଡ଼ା କ୍ୱିଣ୍ଟାଲ ପିଛା ୧୬୦ ଟଙ୍କାରୁ ବଢ଼ି ୨୫୦ ଟଙ୍କା ହୋଇଗଲାଣି। ଯଦିଓ ପାଇକାରୀ ବଜାରରେ ଖାଉଟି ସାମଗ୍ରୀ ଦର ବଢିନାହିଁ ତେବେ ଖୁଚୁରା ବିକ୍ରେତାମାନେ ଅଧିକ ଗାଡି ଭଡା ଦେଇ ସାମଗ୍ରୀ ନେଉଥିବାରୁ ବଜାରରେ ଖାଉଟି ସାମଗ୍ରୀ ଖାଇବା ତେଲ, ଡାଲି, ଅଟା, ଚୋକଡ଼ ଓ ପନିପରିବା ଦର ବୃଦ୍ଧି ଘଟିଛି। ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ବସ୍ତା ପ୍ରତି ଦର ପୂର୍ବରୁ ୪୦୦ ଟଙ୍କା ରହିଥିବା ବେଳେ ଏବେ ଏହା ପରିବହନ ଖର୍ଚ୍ଚ ବୃଦ୍ଧି ପାଇଁ ୪୭୦ଟଙ୍କା ହୋଇଛି। ସେହିଭଳି ଆନ୍ଧ୍ରପ୍ରଦେଶ ଓ ନାସିକରୁ ଆସୁଥିବା ପିଆଜ ଦର ଏବେ କ୍ୱିଣ୍ଟାଲ ପ୍ରତି ୧୫୦୦ଟଙ୍କାରୁ ବୃଦ୍ଧି ପାଇ ୨୫୦୦ଟଙ୍କା ହୋଇଛି। ଏବେ ପନିପରିବା ସ୍ଥାନୀୟ ଉତ୍ପାଦନ ଉପରେ ନିର୍ଭରଶୀଳ ଥିବାରୁ ବେଶୀ ଦର ବଢିନାହିଁ କିନ୍ତୁ ଆଉ ୧୦ ଦିନ ଭିତରେ ବାହାର ରାଜ୍ୟରୁ ପନିପରିବା ଆମଦାନୀ ହେଲେ ସେତେବେଳେ ବର୍ଦ୍ଧିତ ପରିବହନ ଖର୍ଚ୍ଚ ଯୋଗୁଁ ବଜାରରେ ପନିପରିବା ଦର ମଧ୍ୟ ହୁ ହୁ ହୋଇ ବଢ଼ିବ ବୋଲି କୁହନ୍ତି ଛତ୍ରବଜାର ବ୍ୟବସାୟୀ। ଅନ୍ୟପଟରେ ଫଳଗୁଡିକ ବାହାରୁ ଆମଦାନୀ ହେଉଥିବାରୁ ଏହାର ଦର ପରିବହନ ଖର୍ଚ୍ଚ ବୃଦ୍ଧି ପାଇଁ ବଢିଚାଲିଛି।

## ଗୋବରୀ ଜଳ ନିକାଶ ସଂଯୋଗୀ ନାଳି ଉନ୍ନତୀକରଣରେ ଅନିୟମିତତା

# ମେସିନରେ ଖୋଳି ହାଇୱାରେ ବିକ୍ରି ହେଉଛି ମାଟି






ଭଦ୍ରେଶ୍ୱର,୩୦।୫(ସମିସ):

ନିର୍ମାଣ ନିୟମକୁ ଫୁ କରି ଉଡାଇ ଦେଉଛି ଡ୍ରେନେଜ ବିଭାଗ। ନାମକୁ ମାତ୍ର ନଦୀ ଗର୍ଭକୁ ଖୋଳାଯାଉଥିଲା ବେଳେ ସଠିକ ଢଙ୍ଗରେ ନିର୍ମାଣ ହେଉନି ଶଯ୍ୟା। ଉଭୟ ପାଶ୍ୱର୍ ବନ୍ଧକୁ ଠିକାଦାର ମେସିନ ସହାୟତାରେ ମନଇଚ୍ଛା ମାଟି ତାଡି ହାଇୱାରେ ବିକ୍ରି କରୁଥିବାର ଅଭିଯୋଗ ହୋଇଛି। ମାହାଙ୍ଗାର ସ୍ୱାଧୀନ ବିଧାୟକଙ୍କ ନାଁ ନେଇ ଖସିଯିବାକୁ ବସିଛନ୍ତି ବିଭାଗୀୟଯନ୍ତ୍ରୀ। ଏଭଳି ଅନିୟମିତତାର ନମୁନା ଦେଖିବାକୁ ମିଳିଛି ମାହାଙ୍ଗା ଡ୍ରେନେଜ ବିଭାଗ କାର୍ଯ୍ୟାଳୟରେ। ଯେଉଁଠି ଡ୍ରେନେଜ ବିଭାଗ ପକ୍ଷରୁ ନିର୍ମାଣ ହେଉଛି ଗୋବରୀ ଜଳ ନିକାଶ ସଂଯୋଗୀ ନାଳି(ମଇଜୋର)ର ଉନ୍ନତିକରଣ କାର୍ଯ୍ୟ। ଏହି ଉନ୍ନତିକରଣ କାର୍ଯ୍ୟ ବାବଦକୁ ବିଭାଗ ପକ୍ଷରୁ ୮କୋଟି ୪୩ଲକ୍ଷ ୬୨ହଜାର ୫୪୪ଟଙ୍କା ବ୍ୟୟ ବରାଦ କରାଯାଇଛି।

ନିୟମାନୁଯାୟୀ, ନଦୀର ଗଭୀରତା, ଉଚ୍ଚତା ଓ ଦୁଇବନ୍ଧ ମଧ୍ୟରେ ଦୂରତା ସଠିକ ଭାବରେ ରହୁନଥିବାର ଦେଖିବାକୁ ମିଳିଛି। ଏପରିକି ସଠିକ ଢଙ୍ଗରେ ନଦୀ ଶଯ୍ୟା (ବେଡ)ର ନିର୍ମାଣ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। ନାମକୁ ମାତ୍ର ନଦୀ ଶଯ୍ୟା ନିର୍ମାଣ କରାଯାଉଥିଲା ବେଳେ ବିଭିନ୍ନ ସ୍ଥାନରେ ଠୁଳ କରାଯାଇଛି ଖୋଳାଯାଇଥିବା ମାଟି। ଏପରିକି ୧ଫୁଟ ମାଟିଖୋଳି ୪-୫ଫୁଟର ବିଲ କରିବାକୁ ଚାଲିଛି ମସୁଧା। ନଦୀ ଗର୍ଭରୁ ଯେତିକି ମାଟି ଖନନ କରାଯାଏ ତାହା ଉଭୟ ପାଶ୍ୱର୍ବନ୍ଧରେ ପକାଯିବାର ନିୟମ ରହିଛି। ଆବଶ୍ୟକତାଠାରୁ ଅଧିକ ମାଟି ଖନନ କରାଯାଉଥିଲେ ତାହା ବନ୍ଧଠାରୁ ୧୦୦ମିଟର ଦୂରତା ମଧ୍ୟରେ ପକାଯିବାର ନିୟମ ରହିଛି। କିନ୍ତୁ ଠିକାଦାରଙ୍କ ପକ୍ଷରୁ ଏହି ନିର୍ମାଣ ନିୟମକୁ ପାଳନ କରାଯାଉ ନଥିବାର ଅଭିଯୋଗ ହୋଇଛି। ବନ୍ଧ ଉପରେ ଶଯ୍ୟା ନିର୍ମାଣ କରାନଯାଇ ମନଇଚ୍ଛା ମାଟି ଗଦା କରିଦିଆଯାଉଥିବାର ଅଭିଯୋଗ ହୋଇଛି। ଯାହାଫଳରେ ବର୍ଷା ହେଲେ ବନ୍ଧରୁ ମାଟି ଧୋଇହୋଇ ପୁନର୍ବାର ନଦୀ ଗର୍ଭରେ

### ବିଧାୟକଙ୍କ ନାମ ନେଇ ଖସିଯିବାକୁ ବସିଛନ୍ତି ଯନ୍ତ୍ରୀ

ପଶିବାର ସମ୍ଭାବନା ରହିଛି। ଏପରିକି ନିର୍ମାଣ ଆଇନକୁ ଖୁଲମ ଖୁଲା ଭାବେ ଉଲଙ୍ଘନ କରାଯାଇ ମେସିନ ସହାୟତାରେ ରାତି ଅଧରେ କରାଯାଉଛି ନିର୍ମାଣ କାର୍ଯ୍ୟ। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଦିନ ଦ୍ୱିପ୍ରହରରେ ମେସିନ ସହାୟତାରେ ମାଟି ଖନନ କରାଯାଇ ହାଇୱା ଯୋଗେ ଅନ୍ୟତ୍ର ଚାଲାଣ କରାଯାଉଛି। ଏହି ମାଟିକୁ ବିକ୍ରୟ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଅର୍ଥ ଆଦାୟ କରାଯାଉଛି। ଯାହାର ଏକ ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି ଲକ୍ଷ୍ମୀନାରାୟଣପୁର ଠାରେ। ଯେଉଁଠି ହାଇୱାରେ ମାଟି ଲୋଡ କରାଯାଇ ବିକ୍ରି ହେଉଥିଲା ବେଳେ ଏବେ ମଧ୍ୟ ବିଭିନ୍ନ ବେସରକାରୀ ସ୍ଥାନରେ ବିକ୍ରିପାଇଁ ଠୁଳ କରାଯାଇଛି ବିପୁଳ ପରିମାଣର ମାଟି। ତେବେ ଏହି ମାଟି ବିକ୍ରି ଓ ଠୁଳ କରିବାକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଯନ୍ତ୍ରୀ କୁହନ୍ତି ବିଧାୟକଙ୍କ ନିର୍ଦ୍ଦେଶରେ ନଦୀ କଡରେ ଥିବା ଏକ ଶ୍ମଶାନକୁ ପୋତାଯାଇଛି। ତେବେ ଶ୍ମଶାନ କଡରେ ଏକ ବେସରକାରୀ ଜାଗାରେ ମାଟି ଠୁଳ ହେବା ଓ ହାଇୱାରେ ମାଟି ବିକ୍ରି କରିବା ବାବଦରେ କୌଣସି ମତ ରଖିନଥିଲେ ବିଭାଗୀୟ ଯନ୍ତ୍ରୀ। କେବଳ ବିଧାୟକଙ୍କ ନିର୍ଦ୍ଦେଶରେ ଶ୍ମଶାନ ପୋତାଯାଇଛି ନା ହାଇୱାରେ ମାଟି ଲୋଡ ହୋଇ ବିକ୍ରିପଛରେ ବିଧାୟକଙ୍କ ହାତ ରହିଛି ? ତେବେ ଘଟଣାକୁ ନେଇ ସ୍ପଷ୍ଟ ପ୍ରମାଣ ମିଳୁଛି ନଦୀ ଖୋଳାଯିବା ଆଳରେ ମାଟି ବିକ୍ରିର ଚେର ବିଭାଗଠାରୁ ବିଧାୟକ ଓ ଠିକାଦାରଙ୍କ ପର୍ଯ୍ୟନ୍ତ ଲମ୍ବିଛି। ତେବେ ଗୋବରୀ ନଦୀ ଜଳ ନିକାଶ ଆଳରେ ଯେଉଁ କୋଟି କୋଟି ଟଙ୍କାର ଦୁର୍ନୀତି ହେବାକୁ ଯାଉଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଘଟଣାରେ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଯାଜପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା



**ଯାଜପୁର, ୩୦।୫(ସମିସ)**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଯାଜପୁର ଗସ୍ତରେ ଜିଲ୍ଲାରେ ଖରିଫ ଓ ରବି ଧାନ ସଂଗ୍ରହ ବାବଦରେ ସମୀକ୍ଷା କରିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ଯୋଗାଣ ବ୍ୟବସ୍ଥା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ପିଡିଏସ ହିତାଧିକାରୀଙ୍କ ଇ-କେୱାଇସି ସମ୍ବନ୍ଧୀୟ ପରିସଂଖ୍ୟାନ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଆର୍ଥିକ ବର୍ଷ ୨୦୨୫-୨୬ରେ ଖରିଫ ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ୯୮.୧୬ ପ୍ରତିଶତ ଟାର୍ଗେଟ ହାସଲ କରିଛି ଏବଂ ୯୧.୧୭ ପ୍ରତିଶତ ଚାଷୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ସଫଳତା ପାଇଁ ସରକାର ରାଜ୍ୟ ସ୍ତରରେ ଯାଜପୁର ଜିଲ୍ଲାକୁ ପୁରସ୍କୃତ କରିଛନ୍ତି। ୨୫-୨୬ ଆର୍ଥିକ ବର୍ଷରେ ୫୯, ୯୬୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ମୋଟ ୧୯, ୪୪, ୬୩୮ କ୍ୱିଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯାଇଛି। ସେହିଭଳି ଚଳିତ ରବି ଋତୁରେ ୩୦ଟି ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକରଣ କରିଥିବା ବେଳେ ୯ଟି ମିଲର ଅଂଶଗ୍ରହଣ କରିଛନ୍ତି ଏବଂ ୪୬୦୭ କୃଷକ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲା ପାଇଁ ୧, ୧୫, ୫୦୦ କ୍ୱିଣ୍ଟାଲ ରବି ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧାନ ସଂଗ୍ରହ ବେଳେ ଚାଷୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ନୋଡାଲ ଅଫିସର ସେଠାରେ ଉପସ୍ଥିତ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଗରିବ ଲୋକ ଯେମିତି ତୁରନ୍ତ ରାସନ୍ କାର୍ଡ ପାଇବେ, ସେ ଦିଗରେ ଦୃଷ୍ଟି ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୋଗାଣ ବିଭାଗରେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କଡ଼ାକଡ଼ି କହିଛନ୍ତି। ଯେଭଳି ଟଙ୍କାଟିଏ ମଧ ଦୁର୍ନୀତି ନ ହେବ, ସେ ଦିଗରେ ସଚେତନ ହେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ କେଉଁ ସ୍ଥାନରେ ଧାନ ରଖିବା ପାଇଁ ଗୋଦାମ ଆବଶ୍ୟକ ରହିଛି, ସେ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ କହିଥିଲେ। ଏହାସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ ହେବ ଏବଂ ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ ବୋଲି ଯୋଗାଣ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହାଦ୍ୱାରା ଲୋକଙ୍କ ଖାଦ୍ୟ ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି। ଜିଲ୍ଲାରେ ପ୍ରତି ୧୦୦ରେ ୮୩ ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ମୋଟ ୧୫, ୨୦, ୨୦୨ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଅଛନ୍ତି। ବର୍ତ୍ତମାନ ୯୭ ପ୍ରତିଶତ ପିଡିଏସ ହିତାଧିକାରୀଙ୍କ ଇ-କେୱାଇସି ଶେଷ ହୋଇଛି। ଆସନ୍ତା ମାସ ଶେଷ ସୁଦ୍ଧା ଶହେ ପ୍ରତିଶତ ଇ-କେୱାଇସି ଶେଷ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହିଥିଲେ। ଏହାସହ ମନ୍ତ୍ରୀ ଶ୍ରୀ ପାତ୍ର ଏଲ୍‌ପିଜି ଗ୍ୟାସ ଯୋଗାଣ ସ୍ଥିତି ମଧ ସମୀକ୍ଷା କରିଥିଲେ। ମଇ ମାସ ସୁଦ୍ଧା ଯାଜପୁର ଜିଲ୍ଲାରେ ୩୫ଟି ଏଜେନ୍ସି ଏବଂ ୨୩ଟି ଅନ୍ୟାନ୍ୟ ଜାଗା ଉପରେ ଇନ୍ସପେକ୍ସନ କରାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ୩୧୯ଟି ଘରୋଇ ସିଲିଣ୍ଡର ଏବଂ ୪୭ଟି କମର୍ସିଆଲ ସିଲିଣ୍ଡର ସିଜ୍ କରାଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ମାର୍କେଟ ଇନ୍ସପେକ୍ଟର, ଆରଏମସି ସମ୍ପାଦକ, ସମବାୟ, କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଆଇ ପକ୍ଷରୁ ଜିଲ୍ଲା ପରିଷଦ ବୈଠକ

**ପାଣିକୋଇଲି, ୩୦।୫(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଯାଜପୁର ଜିଲ୍ଲା ପରିଷଦ ତୃତୀୟ ବୈଠକ ପାଣିକୋଇଲି ଠାରେ ଅନୁଷ୍ଠିତ ହୋଇଯାଇଛି କୋରେଇ ଜୋନାଲ କମିଟି ସମ୍ପାଦକ କମ୍ରେଡ ଆଲୋକ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ଜୋନ ସମ୍ପାଦକ ଏସ ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ବିଜୟ ଜେନା, ଜିଲ୍ଲା ସମ୍ପାଦକ ଇଶ୍ୱର ପରିଡ଼ା ଯୋନ ସମ୍ପାଦକ ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସିପିଆଇଏମର ଜିଲ୍ଲା ସମ୍ପାଦକ ଡ. ନିର୍ମଳ ରଥଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଗଷ୍ଟ ୬ରୁ ୧୫ ପର୍ଯ୍ୟନ୍ତ ଗାଁ ଗାଁରେ ସଚେତନତା ପଦଯାତ୍ରା, ସେପ୍ଟେମ୍ବର ୨୮ ଦିଲ୍ଲୀ ସମାବେଶରେ ବହୁ ସଂଖ୍ୟାରେ ଯୋଗଦାନ, ଜୁନ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ କମ୍ରେଡ ଗୋଲକ ମହାନ୍ତି ସମ୍ପର୍କରେ ସ୍ମାରକୀ ରାଜ୍ୟସ୍ତରୀୟ ଶିକ୍ଷା ଶିବିରରେ ଯୋଗଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁରେନ୍ଦ୍ର ମଲିକ, ଗଗନ ଜେନା, ବିଜୟ ନାୟକ, ଅଭୟ ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ, କରୁଣାକର ମହାରଣା, ସୁର ମୋହନ ମହାପାତ୍ର, ଭରତ ଜେନା, ଭଗବାନ ପଣ୍ଡା, ଚୌଧୁରୀ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଯାଜପୁର, ୩୦।୫(ସମିସ):** କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଏବଂ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଆଗ୍ରା ଦ୍ୱାରା ପ୍ରାୟୋଜିତ ତଥା ହିନ୍ଦୀ ଶିକ୍ଷା ସଂସ୍ଥାନ, ଓଡ଼ିଶା ବିରଜା କ୍ଷେତ୍ର ଯାଜପୁର ମାଧମରେ ଯାଜପୁର ଗରିଆପୁର ବିଦ୍ୟାଳୟରେ ପରିଚାଳିତ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ହିନ୍ଦୀ ଶିକ୍ଷା ସଂସ୍ଥାନ, ଓଡ଼ିଶାର ସଭାପତି ଡ.ଅଜିତ୍ ପ୍ରସାଦ ମହାପାତ୍ରଙ୍କ ଅଧକ୍ଷତାରେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ଦାଶ, ହାଇଦ୍ରାବାଦରୁ ଆସିଥିବା ପ୍ରଫେସର ଡ. ଚନ୍ଦ୍ର ପ୍ରକାଶ ସିଂ, ପୁରୀରୁ ଆସିଥିବା ଅବସରପ୍ରାପ୍ତ ପ୍ରଫେସର ଡ. ଲକ୍ଷ୍ମୀଧର ଦାଶ ଉପସ୍ଥିତ ଥିଲେ। ସଂସ୍ଥାନର ସଂଯୋଜକ ଜହିରୁଦ୍ଦିନ ଖାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରବି ଶତପଥୀ ଅନୁଷ୍ଠାନର ବିବରଣୀ ପ୍ରଦାନ କରିଥିଲେ। ହିନ୍ଦୀ ସଂସ୍ଥାନର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ସାହୁ, ଉପସଭାପତି ବେଣୁଧର ମହାରଣା ଏବଂ ଗରିଆପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ନାୟକ ନିଜ ନିଜ ବକ୍ତବ୍ୟରେ ରଖିଥିଲେ। ଚଳିତ ବର୍ଷ ୯୧ ଜଣ ଛାତ୍ର-ଛାତ୍ରୀ ୧୨ ଦିବସୀୟ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଯୋଗ୍ୟତା ଅନୁସାରେ ଛାତ୍ର ଛାତ୍ରୀଙ୍କ ମଧରେ ସୁଶ୍ରୀ ମୋନାଲିସା ପଣ୍ଡା, ସସ୍ମିତା ରାଉତ, ଅଜିରୁଦ୍ଦିନ ଖାଁ, ହରିଶ୍ଚନ୍ଦ୍ର ସାହୁ, ପୂଜାରିଣୀ ସାହୁ ଏବଂ ଗୋମତୀରାଣୀ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ଏମାନଙ୍କ ସହିତ ଉପସ୍ଥିତ ୯୧ଜଣ ପ୍ରଶିକ୍ଷଣାର୍ଥୀ ମାନଙ୍କୁ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ତରଫରୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ଭୁବନେଶ୍ୱରୁ ଆସିଥିବା କାର୍ଯ୍ୟାଳୟ ସହାୟକ ବିବେକାନନ୍ଦ ବିଶ୍ୱକର୍ମା, ହିନ୍ଦୀ ଶିକ୍ଷା ସଂସ୍ଥାନ, ଯାଜପୁରର ନୂତନ କୁମାର ଦାସ, ବିନୋଦ କୁମାର ପାଣିଗ୍ରାହୀ, ସୌଭାଗ୍ୟ କୁମାର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

## ଯୋଗାଣ ମନ୍ତ୍ରୀଙ୍କ ଅଚାନକ ବିଞ୍ଝାରପୁର ଗସ୍ତ

**ବିଞ୍ଝାରପୁର, ୩୦।୫(ସମିସ):** ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ଅପରାହ୍ନରେ ଅଚାନକ ବିଞ୍ଝାରପୁର ବ୍ଲକ ଗସ୍ତରେ ଆସି ଫତେପୁରସ୍ଥିତ ବରୁଣେଇ ପ୍ରାଥମିକ କୃଷି ସମବାୟ ସମିତିରେ ପହଞ୍ଚି ଚାଷୀ ସମାସ୍ୟା, ରବି ଋତୁରେ ଧାନ କିଣା ସମ୍ପର୍କରେ ସମୀକ୍ଷା କରିବା ସହିତ ସମ୍ପାଦକ ମାନସରଞ୍ଜନ କବିଙ୍କ ଠାରୁ ସମିତିର ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଏହି ସମିତିରେ ଗୋଦାମ ଗୃହ, ଚାଷୀଙ୍କ ପାଇଁ ବିଶ୍ରାମ ଗୃହ ନ ଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ର କ୍ଷୋଭ ପ୍ରକାଶ କରିବା ସହିତ ତୁରନ୍ତ ଭିତ୍ତିଭୂମିର ବିକାଶ ପାଇଁ ବିଭାଗିୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ରଞ୍ଜନ କୁମାର ଦେହୁରୀ, ବିଡିଓ ଆକାଶ ପଟ୍ଟନାୟକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ଜ୍ୟୋତି ପ୍ରକାଶ ନାୟକ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ବରୀ ବ୍ଲକରେ ବିକାଶ ଠପ୍

## ଅସନ୍ତୋଷ ପ୍ରକାଶ କଲେ ବରୀ ବିଧାୟକ



**ବରୀ, ୩୦।୫(ସମିସ):** ଯାଜପୁର ଜିଲ୍ଲାର ପ୍ରମୁଖ ବ୍ଲକ ଭାବେ ଜଣା ବରୀ ବ୍ଲକରେ ବିକାଶ ଠପ୍। ପ୍ରଶାସନିକ ଅବ୍ୟବସ୍ଥା ଓ ବିଡିଓ ଅଦଳ ବଦଳରେ ସମୟ ଯାଉଥିବା ବେଳେ ଲୋକଙ୍କ ପାଖରେ ସରକାରୀ ସେବା ପହଞ୍ଚି ପାରୁନି। ଏପରିକି ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ମାନଙ୍କ ପାଇଁ ମିଳୁଥିବା ସହାୟତା ଅର୍ଥ ଦୁଇ ମାସ ହେବ ମିଳି ନଥିବାରୁ ଦୈନିକ ଶହ ଶହ ସଂଖ୍ୟାରେ ବୃଦ୍ଧ, ବୃଦ୍ଧା ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିକି ଯାଉଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ହୋଇଥିବା ବେଳେ ଲୋକଙ୍କ ଖାତାକୁ ଟଙ୍କା ଯାଉନାହିଁ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧମରେ ଗ୍ରାମାଞ୍ଚଳରେ ବିକାଶ ପାଇଁ ସରକାର ଅର୍ଥ ଦେଉଥିବା ବେଳ ବରୀ ବ୍ଲକରେ ତାହା ଆରମ୍ଭ ହୋଇନାହିଁ। ଏହିପରି ଅନେକ ସରକାରୀ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବରୀ ବ୍ଲକ ପ୍ରଶାସନ ବିଫଳ ବୋଲି ଆଜି ବରୀ ବ୍ଲକ କାର୍ଯ୍ୟାଳୟକୁ ଗସ୍ତ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ। ଆଜି ବରୀ ବ୍ଲକ କାର୍ଯ୍ୟାଳୟରେ ସରକାରୀ ଯୋଜନା ଏବଂ ବ୍ଲକରେ ବିକାଶ କାର୍ଯ୍ୟକୁ ତଦାରଖ କରିବାକୁ ବିଧାୟକ ପୂର୍ବରୁ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ମିନତୀ ଜଗଦେବଙ୍କୁ ସୂଚନା ଦେଇଥିଲେ। ଆଜି ସକାଳ ୮.୩୦ରେ ବ୍ଲକ କାର୍ଯ୍ୟାଳୟରେ ବିଧାୟକ ପହଞ୍ଚିବା ପରେ ବିଡିଓଙ୍କୁ ଛାଡି ଅନ୍ୟ କର୍ମଚାରୀ ତଥା ଜେଇ, ଏଇମାନେ ଅନୁପସ୍ଥିତ ଥିଲେ। ଯାହାକି ବିକାଶ ପାଇଁ ତଦାରଖ କରିବା ସମ୍ଭବ ହୋଇନଥିଲା। ଯାହାକୁ ନେଇ ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ ବ୍ଲକ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି। ଏ ନେଇ ବରୀ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ମିନତୀ ଜଗଦେବଙ୍କୁ ପଚାରିବାରୁ କିଛି ଅସୁବିଧା ରହିଛି କିଛି ସମନ୍ୱୟ ଅଭାବରୁ କିଛି କାର୍ଯ୍ୟ ରେ ବାଧକ ଆସୁଛି। ଆଗକୁ ସବୁ କାର୍ଯ୍ୟ ସଠିକ୍ ଭାବେ ହେବ ବୋଲି ପ୍ରକାଶ କରିଛନ୍ତି।

## ମା' ତାରିଣୀ କ୍ଲବ ପକ୍ଷରୁ ସଫେଇ



**ବରୀ, ୩୦।୫(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିଆପାଳ ସ୍ଥିତ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ବିନାୟକ ଦାମୋଦର ସାବରକରଙ୍କ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଅନାଦି ଚରଣ ବେହେରା, ସମ୍ପାଦକ ପ୍ରଦୀପ କୁମାର ସାହୁ, ସମାଜସେବୀ ଦଶରଥ ସାହୁ, ରାଜେନ୍ଦ୍ର କୁମାର ଦାସ ଓ ତରଣୀସେନ ଦାସ ଅତିଥି ଭାବେ ଯୋଗଦାନ କରିଥିଲେ। ସମାଜସେବୀ ସୁଶାନ୍ତ କୁମାର ସାହୁ, ମାନସ ରଞ୍ଜନ ମଲ୍ଲିକ, ଉତ୍ତମ କୁମାର ମଲ୍ଲିକ, ଦୋଳଗୋବିନ୍ଦ ସାହୁ, ଅର୍ଜୁନ କୁମାର ପାଣି, ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକାଡେମୀ ଅଫ ସକସେସର ଛାତ୍ର ଛାତ୍ରୀ ାସ୍ତା ସଫେଇ କରିଥିଲେ।

## ଦିବ୍ୟାଙ୍ଗ ଦିଲ୍ଲୀପଙ୍କୁ ସହାୟତା



**ବ୍ରହ୍ମବରଦା, ୩୦।୫(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ ୬ ନମ୍ବର ୱାର୍ଡର ବାବାଜୀ ସାହୁଙ୍କ ପୁଅ ଦିଲ୍ଲୀପ କୁମାର ସାହୁ(୫୯) ଗତ କିଛି ମାସ ତଳେ ବାମ ଗୋଡ଼ ହରାଇ ଦିବ୍ୟାଙ୍ଗ ଜୀବନ ଅତିବାହିତ କରୁଛନ୍ତି। ତାଙ୍କର ବାମ ଗୋଡ଼ ପାଦରେ ଏକ ଘାଆ ହୋଇ ଥିଲା। ଡାଇବେଟିସ କାରଣରୁ ଘାଆ ସଂକ୍ରମିତ ହେବା ଦ୍ୱାରା ନିଜ ଗାଁରେ ଚିକିତ୍ସା କରାଇବା ପରେ ଭଲ ନ ହେବାରୁ ଦିଲ୍ଲୀପ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଇଥିଲେ। କିନ୍ତୁ ପାଦ ଭଲ ହେବା ପରିବର୍ତ୍ତେ ସଂକ୍ରମଣ ଅଧିକ ହେବାରୁ ଡାକ୍ତରଙ୍କ ପରାମର୍ଶ କର୍ମେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସଂକ୍ରମଣ ରୋକିବା ପାଇଁ ତାଙ୍କର ବାମ ଗୋଡ଼ କଟା ଯାଇଥିଲା। ଗୋଡ ହରେଇ ବା ପରେ ସେ ସମ୍ପୂର୍ଣ୍ଣ ବେରୋଜଗାର ହୋଇ ଯାଇଥିଲେ। ଦିଲ୍ଲୀପଙ୍କ ଏପରି ଅବସ୍ଥା ବିଷୟରେ ଜାଣିବା ପରେ ରସୁଲପୁର ବ୍ଲକର ଏକ ଅଗ୍ରଣୀ ଅନୁଷ୍ଠାନ ପ୍ରମୋଦ ପତି ଫାଉଣ୍ଡେସନ ସଂଗଠନ ସାହାଯ୍ୟର ହାତ ବଢ଼ାଇଥିଲା। ଫାଉଣ୍ଡେସନର ସଚିବ ଦିବ୍ୟଜ୍ୟୋତି ପତି (ଦିପୁ)ଙ୍କ ସମେତ ଚିତ୍ତରଞ୍ଜନ ଦାସ, ମାନୋଜ ସାହୁ, ସନ୍ତୋଷ କୁମାର ସାହୁ, ଜ୍ଞାନେନ୍ଦ୍ର କୁମାର ମହାନ୍ତି ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଏକ ମାସ ପାଇଁ ରାସନ ସହିତ ମେଡିସିନ ଖର୍ଚ୍ଚ ବାବଦକୁ କିଛି ଆର୍ଥିକ ଟଙ୍କା ଦିଲ୍ଲୀପଙ୍କୁ ସହାୟତା ପ୍ରଦାନ କରିଥିଲେ। ଦିଲ୍ଲୀପଙ୍କୁ ଏକ ତିନି ଚକିଆ ଟ୍ରାଇ ସାଇକଲ ଯୋଗାଇ ଦେବାକୁ ଶ୍ରୀ ପତି ପ୍ରତିଶ୍ରୁତି ଦେଇଥିଲେ।

## ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ; ଜଣେ ଅଟକ

**ଧର୍ମଶାଳା, ୩୦।୫(ସମିସ):** ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ସାରୋଇ ନିକଟରେ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରୁଥିବା ଜଣେ ଯୁବକକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ କାବୁ କରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ୭ଟା ୩୦ମିନିଟ୍ ସମୟରେ ରାଜପଥର ସାରୋଇ ନିକଟରେ ଭୁବନେଶ୍ୱର ମୋଚି ସାହି ଅଞ୍ଚଳର ଆର ଆଦିତ୍ୟ ରାଓ ରାସ୍ତାରେ ଯାଉଥିବା ଲୋକଙ୍କ ଠାରୁ ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଲୋକେ ତାକୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ଉକ୍ତ ଯୁବକକୁ ଗିରଫ କରିବାରେ ସଫଳ ହୋଇଛି। ତେବେ ଯୁବକ ଜଣକ ବ୍ୟବହାର କରିଥିବା ବନ୍ଧୁକ ଅସଲି କିମ୍ବା ନକଲି ଓ ଯୁବକ ସମ୍ପର୍କରେ ପୁଲିସ ଅଧିକ ତଥ୍ୟ ଯୋଗାଡ କରୁଛି। ଏଥିସହ ପୁଲିସ ଉକ୍ତ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ବର୍ଜ୍ୟ ପାଉଁଶ ବଢ଼ାଉଛି ବାୟୁ ପ୍ରଦୂଷଣ



**ଦାନଗଦି, ୩୦।୫(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଧୁଳିଗଡ଼ ପଞ୍ଚାୟତର ମାନଗୋବିନ୍ଦପୁର ଗ୍ରାମ ନିକଟରେ ବେଆଇନ ଭାବେ କାରଖାନା ବର୍ଜ୍ୟ ପାଉଁଶ ସବୁ ଗଚ୍ଛିତ ରଖାଯାଇ ରାତି ଅଧିଆ ବିକ୍ରି କରାଯାଉଛି। ସାମାନ୍ୟ ପବନରେ ଏହି ପାଉଁଶ ସବୁ ଉଡ଼ି ଗାଁ ଗଣ୍ଡାର କୂଅ ପୋଖରୀ ସମେତ ବାୟୁ ପ୍ରଦ୍ୟୁଷଣ କରୁଛି। ଏହି ପାଉଁଶ ସବୁକୁ କିଏ ପକାଉଛି ପୁଣି ରାତି ଅଧିଆ ବିକ୍ରି କରୁଛି କାହା ସାହସରେ ବିନା ଅନୁମତିରେ ଜନବସତି ଓ ବିଦ୍ୟାଳୟ ପାଖରେ ଏଭଳି କାମ କରୁଛି ତାହା ତଦନ୍ତ ସାପେକ୍ଷ। ବାୟୁ ପ୍ରଦୂଷଣ ନିମନ୍ତେ ବାରମ୍ବାର ଗଣ ମାଧମରେ ଖବର ପ୍ରକାଶ ପାଉ ଥିଲେ ମଧ କିଛି ମାଫିଆ ପାଉଁଶ ଗଦା କରି ରାତି ଅଧିଆ ବିକ୍ରି କରି ମାଲେ ମାଲ ହୋଉଥିବା ବେଳେ ଜନସାଧାରଣ ବାୟୁ ପ୍ରଦୂଷଣରେ ବିଭିନ୍ନ ରୋଗରେ ପଡ଼ି ମୃତୁ ବରଣ କରୁଛନ୍ତି। ତେବେ କିପରି ଓ କାହା ନିର୍ଦ୍ଦେଶରେ ମାନ ଗୋବିନ୍ଦପୁର ଗ୍ରାମରେ ଏହି ବେଆଇନ ପାଉଁଶ ସବୁ ଗଦା ହୋଇଛି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରବି ଲାବଣ୍ୟଙ୍କ ୮୯ ତମ ଜୟନ୍ତୀ ଉତ୍ସବ

**ଧର୍ମଶାଳା, ୩୦।୫(ସମିସ):** ରବି ଲାବଣ୍ୟଙ୍କ ପରି ରାଜନେତା ବିରଳ। ରବି ଲାବଣ୍ୟଙ୍କ ସଂଗ୍ରାମ ଓ ସଂଘର୍ଷମୟ ଜୀବନ ଆଗାମୀ ପିଢ଼ୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୯ ତମ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ କାଏମା କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ 'ବନ୍ଦେ ଉତ୍କଳ ଜନନୀ' ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବକୁ ଆମ ଓଡ଼ିଶାର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ



ଦଲାଲ୍ ଯୋଗଦେଇଥିଲେ। ଅନ୍ୟତମ ଅତିଥି ପୂର୍ବତନ ସାଂସଦ ତଥା ଓଡ଼ିଶା ବିଧାନସଭାର ମୁଖ୍ୟ ସଚେତକ ରବି ନାରାୟଣ ପାଣି, କଲିକତା ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର୍ ବୈଷ୍ଣବ ସାମଲ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସମାଜସେବୀ ମିନତୀ ସାହୁ, ଅଭ୍ୟର୍ଥନା କମିଟି ସଦସ୍ୟ କାହ୍ନୁଚରଣ ଦାଶ, ଡ. ରାଜକିଶୋର ପାଢ଼ୀ ଯୋଗଦେଇଥିଲେ। ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ଚତୁର୍ଥ ଭାଗକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସ୍ମରଣିକା ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଏହାର ସମୀକ୍ଷା କରିଥିଲେ। ପତ୍ରିକାର ସହସମ୍ପାଦିକା ପ୍ରେମଲତା ମହାରଣା ଓ ସୁଭଦ୍ରା କୁମାରୀ ଦାଶ ଉନ୍ମୋଚନ ବେଳେ ଉପସ୍ଥିତ ଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଓ ଶ୍ୟାମସୁନ୍ଦର ହାଇସ୍କୁଲ୍ ମିର୍ଜାପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମନାଭ ସାହୁଙ୍କୁ ରବିଲାବଣ୍ୟ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଧର୍ମଶାଳା ବ୍ଲକ ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ ଏ-୧ ପାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ରବିଲାବଣ୍ୟ ମେଧାବୀ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯିବା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅଭ୍ୟର୍ଥନା କମିଟିର ସଦସ୍ୟ ଡ. ଜଗନ୍ନାଥ ଜେନା, ଡ. ରମାକାନ୍ତ ଜେନା, ଡ. ତୁହିନାଂଶୁ ରଥ, ଗଙ୍ଗାଧର ପରିଡ଼ା, ଅଭିମନ୍ୟୁ ଧଳ, ଭରତ ଦାସ, ନିରଞ୍ଜନ କଦମ, ଅକ୍ଷୟ ଦାଶ, ପ୍ରଶାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କବାଟବନ୍ଧ ମେଡିକାଲ ଅନ୍ଧାର; ରୋଗୀ ହନ୍ତସନ୍ତ

**କବାଟବନ୍ଧ, ୩୦।୫(ସମିସ)**



ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଅଞ୍ଚଳରେ ପ୍ରଚଣ୍ଡ କାଳବୈଶାଖୀର ତାଣ୍ଡବ ଯୋଗୁଁ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ ସେବା ବନ୍ଦ ଥିବାରୁ କବାଟବନ୍ଧ ମେଡ଼ିକାଲରେ ରୋଗୀ ମାନେ ତ୍ରାହି ତ୍ରାହି ଡାକି ଥିଲେ। ଜେନାପୁର ଥାନା ଅଧୀନ କବାଟବନ୍ଧ ବିଦ୍ୟୁତ ସବଷ୍ଟେସନ ଅଧିନ ରାଇଛନ୍ଦା, ରେଖିଦେଇପୁର, ଏଣ୍ଡଲବା, ଚକ୍ରଧରପୁର, କବାଟବନ୍ଧ, ଅଞ୍ଜିରା, ଜେନାପୁର, ବୃନ୍ଦାଦେଇପୁର, ମର୍ଜତାପୁର, ମଧୁସୂଦନପୁର ସମେତ ବିଭିନ୍ନ ପଞ୍ଚାୟତର ଅନେକ ଗାଁକୁ ଦୀର୍ଘ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ମଧ ବିଦ୍ୟୁତ ସେବା ସ୍ୱାଭାବିକ ହୋଇ ପାରି ନ ଥିଲା। ସଧାରଣ ଲୋକଙ୍କ ଅପେକ୍ଷା କବାଟବନ୍ଧ ମେଡ଼ିକାଲକୁ ଆସୁଥିବା ରୋଗୀ ମାନେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଅସ୍ତବ୍ୟସ୍ତ ହୋଇଥିଲେ। ଯାହାକି ଜଣେ ରୋଗୀର ଶାରିରିକ ଯନ୍ତ୍ରଣା ସହିତ ରୋଗ ବୃଦ୍ଧିର ସମ୍ଭାବନା ମଧ ରହିଛି। କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କେବଳ ଧର୍ମଶାଳା ବ୍ଲକ କବାଟବନ୍ଧ ଅଞ୍ଚଳର ରୋଗୀ ତଥା ଜନସାଧାରଣ ନୁହଁନ୍ତି ବରଂ ଜିଲ୍ଲାର ସୁକିନ୍ଦା ଏବଂ ଦାନଗଦୀ ବ୍ଲକ ସମେତ ପଡୋଶୀ ଢେଙ୍କାନାଳ ଜିଲ୍ଲାର ରୋଗୀ ମାନେ ମଧ ନିର୍ଭର କରନ୍ତି। ଦୈନିକ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ଦୂରଦୁରାନ୍ତରୁ ଆସୁଥିବା ରୋଗୀ ମାନଙ୍କୁ ଚିକିତ୍ସା ପାଇଁ ସାଧାରଣତଃ ଅପେକ୍ଷା କରିବାକୁ ପଡ଼େ। ମାତ୍ର ରୋଗୀ ମାନେ ପ୍ରତୀକ୍ଷାଳୟରେ ଗରମ ଗୁଳୁଗୁଳି ରେ ଅସ୍ତବ୍ୟସ୍ତ ହେଉଛନ୍ତି। ମେଡ଼ିକାଲରେ ଇନଭର୍ଟର ସୁବିଧା ରହିଥିଲେ ମଧ ତାହା ଅଳ୍ପ ସମୟ ପାଇଁ କାର୍ଯ୍ୟ କରେ। ଲାଇନ କଟିଲେ ପ୍ରାୟ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଇନଭର୍ଟର ବ୍ୟାକଅପ ଦିଏ। ତାହା ପୁଣି ପର୍ଯ୍ୟାପ୍ତ ନୁହେଁ। ଏହା ଛଡା ମେଡ଼ିକାଲରେ ରୋଗୀ ଚିକିତ୍ସା ଗୃହ, ଡ୍ରେସିଂ ରୁମ୍, ମେଡିସିନ୍ ବିତରଣ ଗୃହ, ଚିକିତ୍ସା ୱାର୍ଡ୍, ସମେତ ଅନ୍ୟାନ୍ୟ ଗୃହ ରହିଛି। ଫଳରେ ଏଠାରେ ଇନଭର୍ଟର କେବଳ ନାମକୁ ମାତ୍ର ରହିଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ପାଇଁ ଏହା କୌଣସି ସମାଧାନ ର ରାସ୍ତା ନୁହେଁ। ତେଣୁ ରୋଗୀର ସୁବିଧା ନିମନ୍ତେ ଏଠାରେ ଏକ ସ୍ଥାୟୀ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବାର ଆବଶ୍ୟକ ରହିଛି। ଆବଶ୍ୟକ ଅନୁଯାୟୀ ଏଠାରେ ଏକ ଜେନେରେଟର (ଡିଜି)ର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ସ୍ଥାନୀୟ ଜନସାଧାରଣ ଉକ୍ତ ମେଡ଼ିକାଲରେ ଏକ ଜେନେରେଟରର ବ୍ୟବସ୍ଥା କରାଇ ବିଦ୍ୟୁତ କାଟର ସ୍ଥାୟୀ ସମାଧାନ କରାଇବାକୁ ଧର୍ମଶାଳା ବିଧାୟକଙ୍କୁ ଅନୁରୋଧ କରିଛନ୍ତି।

# ୧୫ ଦିନରେ ଫାଟିଲା ନବନିର୍ମିତ ଢଳେଇ ରାସ୍ତା



**ନିଶ୍ଚିନ୍ତକୋଇଲି, ୩୦।୫(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ତଦାରଖ ଅଭାବ ଓ ଦାୟିତ୍ୱହୀନତା ପାଇଁ ୫ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା ନବନିର୍ମିତ ଢଳେଇ ରାସ୍ତାଟି ଫାଟି ଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ଟଙ୍କା ଅନୁଦାନରେ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ମାତକତପୁର ୧୧ ନମ୍ବର ୱାର୍ଡ ସେଠୀ ସାହିରେ ଗତ ୧୫ ଦିନ ହେବ ଏକ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରାସ୍ତା ନିର୍ମାଣର କାର୍ଯ୍ୟାଦେଶ ରହିଥିଲା ବେଳେ ସ୍ଥାନୀୟ କେତେକ ବ୍ୟକ୍ତି ଏହି କାର୍ଯ୍ୟକୁ କରିଥିଲେ। ପ୍ରକଳ୍ପ ଅନୁଯାୟୀ ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଗାର୍ଡ ୱାଲ ସହିତ କଂକ୍ରିଟ କରାଯିବା ପାଇଁ ବ୍ୟବସ୍ଥା ରହିଥିଲା। ଠିକାଦାର କାର୍ଯ୍ୟ କରିବା ସମୟରେ ବ୍ଲକର କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସଠିକ୍ ତଦାରଖ ଅଭାବରୁ ରାସ୍ତାର ଅବସ୍ଥା ଏଭଳି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି କାର୍ଯ୍ୟରେ ବ୍ୟବହୃତ ହୋଇଥିବା ନିର୍ମାଣ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସରକାରୀ ଅଟକଳ ଅନୁଯାୟୀ ସିମେଣ୍ଟ, ବାଲି ଓ ଗୋଡି ଦିଆଯାଇନଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ହେଲେ ରାସ୍ତା ନିର୍ମାଣର ୧୫ ଦିନ ନଯାଉଣୁ ଏବେ ଏହା ଫାଟି ଯାଇଥିବାରୁ ଏ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ସେଠୀ ସାହି ବାସିନ୍ଦା ବ୍ଲକ କାର୍ଯ୍ୟାଳୟରେ ଜଣାଇବା ପରେ ଘଟଣାସ୍ଥଳରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଠିକାଦାର ଏହାକୁ ଭାଙ୍ଗି ପୁନର୍ବାର ନିର୍ମାଣ କରିବ ବୋଲି ଲୋକଙ୍କୁ କହିଥିବା ବେଳେ ଏହାକୁ ଯଦି କରା ନଯାଏ ତାହା ହେଲେ ବିଲ୍ ବନ୍ଦ କରାଯିବ ବୋଲି ସେ ଲୋକଙ୍କୁ ପତିଶ୍ରୁତି ଦେଇଛନ୍ତି। ପରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟତା ଯାଞ୍ଚ କରି ଫେରିଯାଇଥିଲେ।

### ଜିଲ୍ଲାରେ ୨୦ ଲକ୍ଷ ୮୫ ହଜାର ଭୋଟରଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ ଆରମ୍ଭ

# ଘରକୁ ଘର ଯାଇ ଫର୍ମ ଦେଲେ ବିଏଲ୍ଓ



**କଟକ, ୩୦।୫(ସମିସ):** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ଆଜିଠାରୁ ଜିଲ୍ଲାରେ ଆରମ୍ଭ କରାଯାଇଛି। ବୁଥ୍ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ଘରକୁ ଘର ଯାଇ ଭୋଟରମାନଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ ଆରମ୍ଭ କରିଛନ୍ତି। ବିଏଲଓମାନେ ପ୍ରତ୍ୟେକ ଭୋଟରଙ୍କୁ ପୂର୍ବରୁ ମୁଦ୍ରିତ ୨ଟି ଲେଖାଏଁ ଗଣନା ଫର୍ମ ପ୍ରଦାନ କରି ସେଗୁଡିକ ପୂରଣ କରି ଗୋଟିଏ ନିଜେ ନେଉଛନ୍ତି ଏବଂ ଅନ୍ୟଟି ଭୋଟରଙ୍କୁ ଦେଉଛନ୍ତି। ବିଏଲଓ ସଂଗୃହୀତ ଫର୍ମଗୁଡ଼ିକୁ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଅପଲୋଡ୍ କରିବେ। ଜିଲ୍ଲାରେ ସମୁଦାୟ ଭୋଟର ସଂଖ୍ୟା ୨୦, ୮୫, ୭୭୯ ଜଣ ଥିବାବେଳେ ମ୍ୟାପିଙ୍ଗ ସମୟରେ ୧୯, ୫୦, ୧୯୮ ଜଣ ଭୋଟର ଥିବା ଜଣାପଡ଼ିଛି।

ସେହିପରି ଜିଲ୍ଲାରେ ସମୁଦାୟ ୨୨୯୧ଟି ବୁଥ ରହିଥିବାବେଳେ ଆଉ ୬୦୬ଟି ନୂତନ ବୁଥ କରାଯିବ। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୨୨୯୧ ଜଣ ବିଏଲଓ, ୬୦୬ ଜଣ ଅତିରିକ୍ତ ବିଏଲଓ, ୨୨୭ ଜଣ ସୁପରଭାଇଜର, ୬୬ ଜଣ ଏଇଆରଓ, ୨୨୯୧ ଜଣ ସ୍ୱେଚ୍ଛାସେବୀ ଓ ୧୩୦୩ ଜଣ ବୁଥ୍ସ୍ତରୀୟ ଏଜେଣ୍ଟ ରହିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ରୁ ୧୧ଟା ଓ ଅପରାହ୍ନ ୪ରୁ ୭ଟା ପର୍ଯ୍ୟନ୍ତ ବିଏଲଓମାନେ ଏହି କାର୍ଯ୍ୟ କରୁଛନ୍ତି।

**ତିଗିରିଆ:** ଆଜିଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ। ଆଠଗଡ଼ ଉପଖଣ୍ଡ ପଞ୍ଜୀକରଣ ଅଧିକାରୀ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଆଠଗଡ଼ ବିଧାନସଭା କ୍ଷେତ୍ରରେ ଆଜିଠାରୁ ଆରମ୍ଭ କରାଯାଇଛି। ତିଗିରିଆ ବ୍ଲକ ସହକାରୀ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ, ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭୨ଟି ବୁଥରେ ସଘନ ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତି ବୁଥର ବୁଥସ୍ତରୀୟ ଅଧିକାରୀମାନେ ଭୋଟରମାନଙ୍କ ଘରକୁ ଘର ଯାଇ ସେମାନଙ୍କ ପରିବାରକୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି ଯାହାକି ଏହାକୁ ସେମାନେ ବୁଥ ଅଧିକାରୀଙ୍କ ସହାୟତାରେ ପୂରଣ କରିବା ସହିତ ତାଲିକାରେ ଥିବା ତ୍ରୁଟିକୁ ସୁଧାର ନିମନ୍ତେ ଅବଶ୍ୟକ ପ୍ରମାଣପତ୍ର ମାନ ପ୍ରଦାନ କରିବେ। ଏହି କାର୍ଯ୍ୟ ଅସନ୍ତା ଜୁଲାଇ ୨୮ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ବୁଥ ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମଣି ମିଶ୍ର, ବିଶ୍ୱରଞ୍ଜନ ଜେନା, ପ୍ରମୋଦ କୁମାର ଗୋଛି, ସଚ୍ଚିଦାନନ୍ଦ ରାଉଳ, ପ୍ରଭାତ କୁମାର ପଣ୍ଡା ଏବଂ ଗଙ୍ଗାଧର ସାମଲ ପ୍ରମୁଖ ସହଯୋଗ କରୁଛନ୍ତି।



# ନୂତନ କଂଗ୍ରେସ କମିଟି ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧନା




**ସାଲେପୁର, ୩୦।୫(ସମିସ):** ନୂତନ ଭାବେ ଗଠିତ ହୋଇଥିବା କଟକ ଓ ସାଲେପୁର କଂଗ୍ରେସ କମିଟି ପକ୍ଷରୁ ଆଜି ସାଲେପୁର ଅଞ୍ଚଳର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁର ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ କୁମାର କର, ଉପସଭାପତି ସେକ୍ ପୀର ବକ୍ସ, ହରେକୃଷ୍ଣ ବେହେରା, ସଂଖ୍ୟାଲଘୁ ସେଲ୍‌ର ବ୍ଲକ କଂଗ୍ରେସ ସଭାପତି ମୁସ୍ତାକିନ୍ ଖାଁ, କଟକ ଜିଲ୍ଲା ଆଦିବାସୀ ସେଲର ସଭାପତି ହୃଦାନନ୍ଦ ଦେହୁରୀ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଅଶ୍ୱିନୀ କୁମାର ଦାସ, ଚନ୍ଦ୍ରକାନ୍ତ କର, ଦେବେନ୍ଦ୍ର ନାଥ ସାମଲ, ସତ୍ୟସ୍ୱରୂପ ଦାଶ ପ୍ରମୁଖ ସାଲେପୁର ତହସିଲଦାର ଭାବେ ନୂତନ ଭାବେ ଯୋଗଦେଇଥିବା ଊର୍ମିଳା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ, ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ଆଇଆଇସି ମହେଶ୍ୱର ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମ୍ବର୍ଦ୍ଧନା କରିବା ସହ ଆଗାମୀ ଦିନରେ ସାଲେପୁର କଂଗ୍ରେସ ନେତା ଇଂ ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ସହ ଘରେ ଘରେ କଂଗ୍ରେସର ଲୋକାଭିମୁଖୀ କାର୍ଯ୍ୟକୁ ପହଞ୍ଚାଇବା ପାଇଁ ଶପଥ ନେଇଥିଲେ।

# ‘ମାଳିକା’କୁ ନେଇ ବିଭ୍ରାନ୍ତିକର ତଥ୍ୟ; ପ୍ରତିବାଦ କଲା ରିସର୍ଚ୍ଚ ସେଣ୍ଟର

**ନିଶ୍ଚିନ୍ତକୋଇଲି, ୩୦।୫(ସମିସ):** ମାଳିକାର ଭବିଷ୍ୟବାଣୀକୁ ନେଇ ଏକ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମ ଚ୍ୟାନେଲରେ ଜଣେ ପ୍ରବଚକ ଏକ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଥିଲେ। ଗତ ମେ ୨୬ ତାରିଖଠାରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପି ଅନ୍ଧାର ଘୋଟିବ ବୋଲି ରାଜ୍ୟବାସୀଙ୍କୁ ସେ ସିଧାସଳଖ ଭାବେ ତାଙ୍କ ପ୍ରବଚନରେ କହିଥିଲେ। ଯାହାକୁ ନେଇ ସାରା ରାଜ୍ୟରେ ପ୍ରଚାର ପ୍ରସାର ଜୋର ହେବାରୁ ଲୋକମାନଙ୍କ ମଧ୍ୟରେ ଏକ ଭୟର ବାତାବରଣ ଖେଳିଯାଇଥିଲା। ଏପରିକି ଗାଁ ଗହଳିରେ ବହୁ ଲୋକମାନେ ଲଣ୍ଠନ, ମହମବତି ଭଳି ଅତ୍ୟାବଶ୍ୟକ ଜିନିଷ କିଣି ଘରେ ରଖିବାକୁ ଲାଗିଥିଲେ। ହେଲେ ଆଜି ଜୁନ୍ ୩୦ ତାରିଖ ହୋଇଥିଲେ ମଧ୍ୟ କୌଣସି ଦିନରେ ଅନ୍ଧାର ହୋଇ ନ ଥିବାରୁ ସମ୍ପୃକ୍ତ ପ୍ରବଚକଙ୍କ ତଥ୍ୟ ଭୁଲ ବୋଲି ପ୍ରମାଣିତ ହୋଇଛି। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ରଚିତ ମାଳିକାକୁ ଭଲ ଭାବରେ ନ ବୁଝି ଏଭଳି ଅଜ୍ଞତା ଭାବେ ଚ୍ୟାନେଲ ମାଧ୍ୟମରେ ଲୋକମାନଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ଅଚ୍ୟୁତପ୍ରେମୀଙ୍କ ମନରେ କୁଠାରଘାତ କରିଥିବାରୁ ଏ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାପୁରୁଷ ଅଚ୍ୟୁତାନନ୍ଦ ଇନ୍‌ଫରମେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସମ୍ପୃକ୍ତ ପ୍ରବଚକଙ୍କ ତଥ୍ୟ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ନାରାୟଣ ଓଝା ଏକ ଦାବିପତ୍ର ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁଙ୍କୁ ପ୍ରଦାନ କରିଛନ୍ତି। କର୍ମକର୍ତ୍ତା ହିମାଂଶୁ ମହାପାତ୍ର, ଦର୍ଶନୀ ନାୟକ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ସୋସିଆଲ୍ ମିଡିଆରେ ବିଧାୟକଙ୍କ ନାମରେ ମିଥ୍ୟା ଅପପ୍ରଚାର

### ଜଗତପୁର ଓ ସାଲେପୁର ଥାନାରେ ଏତଲା



**ସାଲେପୁର, ୩୦।୫(ସମିସ):** କିଛି ଦିନ ହେବ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସୋସିଆଲ୍ ମିଡ଼ିଆରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ମିଥ୍ୟାରେ ବଦନାମ କରିବା, ତାଙ୍କ ନାମରେ ଅପପ୍ରଚାର କରିବା ଓ ତାଙ୍କୁ ବଦନାମ କରୁଥିବା ଏକ ୟୁଟ୍ୟୁବ୍ ଚ୍ୟାନେଲର ମାଲିକ ଏବଂ ଉପସ୍ଥାପିକାଙ୍କ ବିରୁଦ୍ଧରେ ଯୁବ ବିଜେଡି ପକ୍ଷରୁ ଜଗତପୁର ଓ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଯଦି ପୁଲିସ ପ୍ରଶାସନ ତୁରନ୍ତ ବିଧାୟକଙ୍କ ନାମ ନେଇ ମିଥ୍ୟା ଅପ ପ୍ରଚାର କରୁଥିବା ୟୁଟ୍ୟୁବ୍ ମାଲିକ ଓ ଉପସ୍ଥାପିକାଙ୍କ ବିରୁଦ୍ଧରେ ତୁରନ୍ତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଯୁବ ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରକାଶ ଯେ ୨/୩ଦିନ ହେବ ଉତ୍କଳ ଗୌରବ ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲରେ ସିଧାସଳଖ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନାମ ନେଇ କୌଣସି ତଥ୍ୟ ଉପସ୍ଥାପନ ନ କରି ମିଥ୍ୟା ଅପପ୍ରଚାର କରିବା ଓ ତାଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏହାନେଇ ସାଲେପୁର ଯୁବ ବିଜୁ ଜନତା ଦଳ ପକ୍ଷରୁ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ଏନ୍‌ଏସି ଯୁବ ସଭାପତି ଗୁଲରେଜ ଅଲ୍ଲି, ସରପଞ୍ଚ ପବିତ୍ର ସାମଲ, ବିଜୟ ପୃଷ୍ଟି, ମନୋଜ ସାମଲ, ଦୀପକ ରାଉତ, ସୌମ୍ୟରଞ୍ଜନ ମଲ୍ଲ, ବିନୋଦ ମଲ୍ଲିକ, ପୂର୍ବତନ ସରପଞ୍ଚ କୈଳାସଚନ୍ଦ୍ର ବେହେରା, ଯଦୁନାଥ ମହାପାତ୍ର, ସରୋଜ ଦୀକ୍ଷିତଙ୍କ ସମେତ ଯୁବ ବିଜେଡିର ବହୁ କର୍ମକର୍ତ୍ତା ଜଗତପୁର ଓ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଗାଁମୁହାଁ ହାତୀ ପଲ; ଅଞ୍ଚଳବାସୀ ଆତଙ୍କିତ

**ନରସିଂହପୁର, ୩୦।୫(ସମିସ):** ନରସିଂହପୁର ବ୍ଲକରେ ଏବେ ହାତୀ ପଲ ଗାଁମୁହାଁ ହୋଇଛନ୍ତି। ଆଜକୁ ୬/୭ ଦିନ ଏକ ଛଅଟିକିଆ ହାତୀପଲ ଆଖପାଖ ଅଞ୍ଚଳରେ ବୁଲୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହି ସନ୍ଧ୍ୟା ହେଲେ ତାଟିବାଡ଼ି ପକାଇ ଭୟରେ ରହୁଛନ୍ତି। ୬ଟିକିଆ ହାତୀପଲ ପ୍ରଥମେ ପଞ୍ଚଗୋଛିଆ ଜଙ୍ଗଲରୁ ଆସି ଚାମ୍ପେଶ୍ୱରସ୍ଥିତ କାନ୍ଧବେରାଣୀସ୍ଥିତ ମୁଖ୍ୟ ରାସ୍ତା, ଚଷା ବାରବାଟୀ, ସିଆରିଆ ଗ୍ରାମର ଆଖପାଖ ଅଞ୍ଚଳ ଦେଇ ବର୍ତ୍ତମାନ କଳାମାଟିଆ ଗ୍ରାମର ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲ ନିକଟରେ ରହିଛନ୍ତି। ଆଜି ଦିନତମାମ ସିଆରିଆ ଗ୍ରାମର ଚାରିପାଖ ଓ କଟାବନ୍ଧ ନିକଟରେ ବୁଲୁଥିବା ବେଳେ ବନ କର୍ମଚାରୀ ଜଗି ରହିଥିବାର ବନପାଳ ପଦ୍ମ ଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିସହିତ ୮ ଦିନ ତଳେ ଦୁଇରୁ ଅଧିକ ଦନ୍ତା ସହିତ ଅନ୍ୟ ହାତୀ ମିଶି ନରସିଂହପୁର ବନାଞ୍ଚଳର ପଞ୍ଚଗୋଛିଆ, ପତ୍ରଭାଗ, ସାଗର ଅଞ୍ଚଳରେ ପଶି ବହୁ ଲୋକଙ୍କର ବାଡ଼ି ବଗିଚା ନଷ୍ଟ କରିବା ସହିତ ଶତାଧିକ ଆମ୍ବ ଗଛ ଏବଂ ଅନ୍ୟାନ୍ୟ ଦାମୀ ଗଛ ନଷ୍ଟ କରୁଛନ୍ତି। ସ୍ଥାନୀୟ ବନ ବିଭାଗ ଏଥିନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



# ଦଶାହ କାର୍ଯ୍ୟ ବେଳେ ଛୁରାମାଡ଼; ୨ ଆହତ

**ବାରଙ୍ଗ, ୩୦।୫(ସମିସ):** ଶାଶୂଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଆସି ଶୌଚ ବେଳେ ଛୁରାମାଡ଼ ହୋଇଛି। ଛୁରାମାଡ଼ରେ ୨ ଜଣ ଆହତ ହୋଇଥିବା ନେଇ ଶୁକ୍ରବାର ରାତିରେ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ଆଠଗଡ଼ ବେଣ୍ଟପଦା ଗ୍ରାମର ଲକ୍ଷ୍ମୀଧର ରାଉଳ ଶାଶୂଙ୍କ ଶୁଦ୍ଧଘର କାମ ନିମନ୍ତେ ପରିବାର ସହ ଚଣ୍ଡୀପ୍ରସାଦ ଗ୍ରାମକୁ ଆସିଥିଲେ। ଶୌଚ ପାଇଁ ଲକ୍ଷ୍ମୀଧର, ପତ୍ନୀ ସୁକାନ୍ତି, ପୁଅ ଆକାଶଙ୍କ ସମେତ ଶଶୁର ଘର ଲୋକମାନେ ପୁରୀମେନ କେନାଲକୁ ଶୁକ୍ରବାର ଅପରାହ୍ନରେ ଆସିଥିଲେ। ଏହି ସମୟରେ ପପୁ ନାମକ ଯୁବକ ଦୃତ ଗତିରେ ବାଇକ୍ ନେଇ ସେହି ବାଟରେ ଯାଇଥିଲା। ଏଭଳି ଗାଡ଼ି ନ ଚଳାଇବାକୁ ପପୁକୁ ଡାକି ଲକ୍ଷ୍ମୀଧରଙ୍କ ପୁଅ ଆକାଶ କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପପୁ ତାର ସହଯୋଗୀମାନଙ୍କୁ ଡାକି ସମସ୍ତଙ୍କୁ ମାରଧର କରିଥିଲା। ଏପରିକି ଲକ୍ଷ୍ମୀଧର ଓ ତାଙ୍କ ପୁଅ ଆକାଶଙ୍କୁ ଛୁରିରେ ଆକ୍ରମଣ କରିଥିଲା। ପପୁର ସହଯୋଗୀମାନେ ସେଠାରେ କିଛି ସମୟ ପାଇ ଉତ୍ପାତ ସୃଷ୍ଟି କରି ପଳାଇ ଆସିଥିଲେ ବୋଲି ବାରଙ୍ଗ ଥାନାରେ ଲକ୍ଷ୍ମୀଧରଙ୍କ ପତ୍ନୀ ସୁକାନ୍ତି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କଲେଜ ଛାତ୍ରୀ ଉଦ୍ଧାର; ଅପହରଣକାରୀ ଗିରଫ

**ନିଶ୍ଚିନ୍ତକୋଇଲି, ୩୦।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ଗ୍ରାମପଞ୍ଚାୟତ ହଳଧରପୁର ଗ୍ରାମରୁ ଅପହୃତ ହୋଇଥିବା ନାବାଳିକା କଲେଜ ଛାତ୍ରୀକୁ ପୁଲିସ କେନ୍ଦ୍ରାପଡ଼ାରୁ ଉଦ୍ଧାର କରି ଅପହରଣକାରୀକୁ ଗିରଫ କରିଛି। ଅପହରଣକାରୀ ଜଣକ ଏକ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀ ଜଣକ +୨ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଥିବା ବେଳେ ଇଦ ପର୍ବ ଦିନ ସ୍ଥାନୀୟ ଗ୍ରାମର ୩ଟି ସନ୍ତାନର ଜନକ ସୋଫିଆନ ଖାଁ ତାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

### ବାଲିପୁଟ ବୋମାମାଡ଼ ଘଟଣା

# ଫେରାର ଅଭିଯୁକ୍ତଙ୍କ ପଛରେ ପୁଲିସ

**ତିଗିରିଆ, ୩୦।୫(ସମିସ):** ଚଳିତ ମାସ ୨୮ ତାରିଖ ବିଳମ୍ବିତ ରାତିରେ ତିଗିରିଆ ଥାନା ଅଧୀନ ବାଲିପୁଟ ଗ୍ରାମରେ ହୋଇଥିବା ବୋମାମାଡ଼ ଘଟଣାରେ ପୁଲିସ ଏହି ଥାନା ଅଧୀନ କରଡାପଲ୍ଲୀ ଗ୍ରାମର ମହମ୍ମଦ ମୁସାଫଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ୭୨ ଘଣ୍ଟା ପରେ ବି ଏହି ମାମଲାରେ ସଂପୃକ୍ତ ଥାଇ ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଏନେଇ ଥାନା ଆଇଆଇସି ରମାକାନ୍ତ ନାୟକଙ୍କୁ ପଚାରିବାରୁ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ କରଡ଼ାପଲ୍ଲୀ ଗ୍ରାମ ସମେତ ଅନ୍ୟାନ୍ୟ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ ଜାରି ରଖିଛି। ଅଭିଯୁକ୍ତମାନଙ୍କୁ ଧରାଇବାରେ ସହଯୋଗ କରିବା ପାଇଁ ଅଭିଯୁକ୍ତଙ୍କ ପରିବାରକୁ କୁହାଯାଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ରାତିରେ ତିଗିରିଆ ପୁଲିସ ପକ୍ଷରୁ କରଡ଼ାପଲ୍ଲୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚଢ଼ାଉ କରାଯାଇଥିଲେ ମଧ୍ୟ କାହାରିକୁ ଗିରଫ କରାଯାଇପାରିନାହିଁ।

# ହଳଦୀବସନ୍ତରେ ଧରିତ୍ରୀମାତା ବଞ୍ଚାଅ ଅଭିଯାନ

**ଟାଙ୍ଗୀ, ୩୦।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମରେ ବ୍ଲକ କୃଷି ବିଭାଗ ଓ ହଳଦୀବସନ୍ତ ସେବା ସମବାୟ ସମିତିର ମିଳିତ ଆନୁକୂଲ୍ୟରେ ଧରିତ୍ରୀ ମାତା ବଞ୍ଚାଅ ସଚେତନତା ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସେବା ସମବାୟ ସମିତି ସମ୍ପାଦକ ନିକୁଞ୍ଜ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କୃଷି ବିଭାଗର ଗ୍ରାମ୍ୟ କୃଷି ଅଧିକାରୀ ଚାଷ କାର୍ଯ୍ୟରେ ରସାୟନିକ ସାର ବ୍ୟବହାର ନକରି ନାନୋ ଜୈବିକ ସାର ବ୍ୟବହାର କଲେ ମାଟିର ଉର୍ବରତା ବୃଦ୍ଧି ହେବା ସଙ୍ଗେ କୌଣସି ରୋଗ ହେବନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମିତି ସଭାପତି କରୁଣାକର ବେହେରା, ବିଜୟ କୁମାର ପରିଡ଼ା ଓ ବଂଶିଧର ସ୍ୱାଇଁଙ୍କ ସମେତ ବିଭିନ୍ନ ଗ୍ରାମର ଚାଷୀ ଯୋଗଦେଇଥିଲେ। ଭଗବାନ ବସ୍ତିଆ ସହଯୋଗ କରିଥିବାବେଳେ କୃଷକ ସାଥୀ ଗୋକୁଳଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



# ବିଜେଡିରୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ଇସ୍ତଫା



**ନିଶ୍ଚିନ୍ତକୋଇଲି, ୩୦।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୮ ନଂ ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟା ସବିତା ବିଶ୍ୱାଳ ଏବଂ ତାଙ୍କ ସ୍ୱାମୀ ଦିଲ୍ଲୀପ କୁମାର ବିଶ୍ୱାଳ ବିଜେଡିରୁ ଇସ୍ତଫା ଦେଇଥିବା ଜଣାଯାଇଛି। ଏସଂକ୍ରାନ୍ତରେ କଟକ ଜିଲ୍ଲାପରିଷଦ ସଭାପତିଙ୍କ ଜରିଆରେ ବିଜେଡିର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ସେମାନେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଗତ ୨୦୨୦ମସିହାରୁ ଏହି ଦମ୍ପତି ବିଜେଡି ଦଳରୁ ପଞ୍ଚାୟତ ଓ ଜିଲ୍ଲାପରିଷଦ ଜୋନ୍‌ରେ ବିଭିନ୍ନ ପଦପଦବୀରେ ରହି ଦଳୀୟ ସଂଗଠନକୁ ମଜଭୁତ କରିଥିଲେ। ନିଜର ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଦଳର ସଦସ୍ୟତା ପଦରୁ ଇସ୍ତଫା ଦେଉଥିବା ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

# ୩ ଦିନିଆ ରଜ ମହୋତ୍ସବ ଓ ରକ୍ତଦାନ ଶିବିର ପ୍ରସ୍ତୁତି



### ଏଥରର ଆକର୍ଷଣ ଶଙ୍ଖ ଫୁଙ୍କା ପ୍ରତିଯୋଗିତା

**କଣ୍ଟାପଡ଼ା, ୩୦।୫(ସମିସ):** ସାଇଲୋ ବଡ଼ବିଲସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ରଜ ଉତ୍ସବ ୨୦୨୬ ଓ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ସ୍କୁଲ ନିକଟରେ ଥିବା ସ୍ଥାୟୀ ସଭାମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦର ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବ ୩ ଦିନ ଧରି ଆୟୋଜନ କରାଯିବା ସହ ଏଥର ଶଙ୍ଖ ଫୁଙ୍କା ପ୍ରତିଯୋଗିତାକୁ ନୂତନ ଭାବରେ ସ୍ଥାନିତ କରାଯାଇ ସେନେଇ ଆଲୋଚନା ହୋଇଥିଲା। ପହଲି ରଜରେ ସକାଳେ ପୋଡ଼ପିଠା, ମୁରୁଜ ଇତ୍ୟାଦି ପ୍ରତିଯୋଗିତା ହେବ। ରକ୍ତଦାନ ଶିବିରକୁ ସନ୍ଧ୍ୟାରେ ହେବାକୁ ସ୍ଥିର କରାଯାଇଛି। ପ୍ରଥମ ସନ୍ଧ୍ୟାରେ କନିଷ୍ଠ ବର୍ଗର ଝିଅମାନଙ୍କ ଦ୍ୱାରା ଉଭୟ ଆଧୁନିକ ଓ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା, ଦ୍ୱିତୀୟ ସନ୍ଧ୍ୟାରେ ବରିଷ୍ଠ ବର୍ଗ ଝିଅମାନଙ୍କ ନୃତ୍ୟ ପ୍ରତିଯୋଗିତା ସହ କୁଇଜ ଏବଂ ଶଙ୍ଖ ଫୁଙ୍କା ପ୍ରତିଯୋଗିତା ଓ ଶେଷ ଦିନରେ ସଙ୍ଗୀତ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ରଞ୍ଜିତ ରାଉତରାୟ, ବିରେନ ଆଚାର୍ଯ୍ୟ, ପୁନାନନ୍ଦ ପାତ୍ର, ଅତୀଶ ରାଉତ, ଜ୍ୟୋତିରଞ୍ଜନ ଦାଶ, ସୁକାନ୍ତ ବେହେରା, ମନମୋହନ ବେହେରା, ପରମେଶ୍ୱର ଦାସ, ଅକ୍ଷୟ ରାଉତ, ବିଶ୍ୱରଞ୍ଜନ ଆଚାର୍ଯ୍ୟ, ଅନିଲ କୁମାର ଜେନା, ବିଶ୍ୱରଞ୍ଜନ ରାଉତ, ବିଭୂପ୍ରଦ ଆଚାର୍ଯ୍ୟ, ସଞ୍ଜୟ କୁମାର ଦାସ, ଅଭିଜିତ ଆଚାର୍ଯ୍ୟ, ସୁଜାତା ରାଉତରାୟ, ସୁମିତ୍ରା ବେହେରା, ଅମ୍ଳାନ ଆଚାର୍ଯ୍ୟ, ବିଜୟ କୁମାର ରାଉତରାୟ, ଅଭିଜିତ ପାତ୍ର, ସମ୍ବିତ କୁମାର ରାଉତରାୟ, ପୁପା ମହାରଣା, ସ୍ୱୟଂଶୁ ସ୍ୱସ୍ତିକ ରାଉତରାୟ ସୌମ୍ୟ ପାତ୍ର ଓ ଛାତ୍ର ସଂସଦର ସମ୍ପାଦକ ସଞ୍ଜୟ ରାଉତରାୟ ଅଂଶଗ୍ରହଣ କରିଥିଲେ।

# ହନୁମାନ ମନ୍ଦିର ପୂଜକଙ୍କ ପରଲୋକ

**ନରସିଂହପୁର, ୩୦।୫(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡ଼ାପଟଣାସ୍ଥିତ ହନୁମାନ ମନ୍ଦିର ପୂଜକ ସରୋଜ କୁମାର କର (୫୮)ଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ଘର କାକୁଡିଆ ଗ୍ରାମର ହୋଇଥିବା ବେଳେ ଜଣେ ଭଲ ପୂଜକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମକ୍ରିୟା ସମ୍ପନ୍ନ ହୋଇଛି। ପୁତ୍ର ରୁଦ୍ର କର ଚିତାଗ୍ନି ଦେଇଥିଲେ।



# ନଦୀ ପଠାରୁ ଗଛ କଟା ଉଦ୍ୟମକୁ ଗ୍ରାମବାସୀଙ୍କ ବିରୋଧ

**ନିଶ୍ଚିନ୍ତକୋଇଲି, ୩୦।୫(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗ ପଞ୍ଚାୟତ ଚିତ୍ରୋତ୍ପଳା ନଦୀ ପଠାରୁ କାଠ ମାଫିଆମାନେ ଚାରିଟି ବହୁ ପୁରାତନ ଚାଖୁଣ୍ଡା ଗଛକୁ କାଟିନେବା ପାଇଁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତୀବ୍ର ପ୍ରତିବାଦ କରିଛନ୍ତି। ଏ ଅଞ୍ଚଳରେ ଦିନକୁ ଦିନ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିଲା ବେଳେ ପୁଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି। ଏହି ନଦୀବନ୍ଧ ପାର୍ଶ୍ୱରେ ଥିବା କେଉଁ କାଳରୁ ଚାରିଟି ବିରାଟକାୟ ଚାଖୁଣ୍ଡା ଗଛ ରହିଛି। ଫଳରେ ବନ୍ୟା ସମୟରେ ଉକ୍ତ ଚାରୋଟି ଗଛ ନଦୀବନ୍ଧକୁ ସୁରକ୍ଷା ଦେବା ସହିତ ରଜ ଆସିଲେ ଗାଁର ପିଲାମାନେ ଏହି ଗଛରେ ବିଭିନ୍ନ ଦୋଳି ଲଗାଇ ରଜ ମଉଜ ପାଳନ କରିଥାଆନ୍ତି। ଏବେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଗଛକୁ କାଠ ମାଫିଆକୁ ବିକ୍ରି କରି ଦେବାକୁ ମସୁଧା ଚଳାଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ କିଶନନଗର ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ ସେ ନ ଶୁଣିବାରୁ ଗ୍ରାମର ଶତାଧିକ ମହିଳା ପ୍ଲା-କାର୍ଡ ଧରି ଏହାର ବିରୋଧ କରି ଗଛ ନ କାଟିବା ପାଇଁ ଜିଦ୍ ଧରି ବସିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ କିଶନନଗର ଥାନା ପୁଲିସ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିବା ଜଣାଯାଇଛି। ସରକାରୀ ଜାଗାରୁ କ’ଣ ପାଇଁ ପୁରୁଣା ଚାଖୁଣ୍ଡାଗଛ କଟାଯାଉଛି ଏହି ଗଛ ବିକ୍ରିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ କରିବା ପାଇଁ ବନବିଭାଗ ପାଖରେ ସାଧାରଣରେ ଦାବି ହୋଇଛି।



### ଅନାସ୍ଥା କାର୍ଯ୍ୟକାରୀ କରିବାରେ ବିଳମ୍ବ

# ଉପଜିଲ୍ଲାପାଳଙ୍କୁ ଘେରିଲେ ଜନପ୍ରତିନିଧି

ନୟାଗଡ଼,୩୦।୫(ସମିସ)

ନୟାଗଡ଼ ବ୍ଲକ ରାଜନୀତିକୁ ନେଇ ସୃଷ୍ଟି ହୋଇଛି ଘମାସନ ପରିସ୍ଥିତି। ବ୍ଲକ ଅଧ୍ୟକ୍ଷ କିଶୋର ସାହୁଙ୍କୁ ପଦରୁ ବିତାଡ଼ିତ କରିବା ପାଇଁ ଜିଦ୍‌ରେ ଅଟଳ ଅଛନ୍ତି ସରପଞ୍ଚ ଓ ସମିତିସଭ୍ୟ। ବିଜେଡି ସମର୍ଥନରେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା କିଶୋର ଦଳ ସହ ବିଶ୍ୱାସଘାତକତା କରି ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛନ୍ତି। ନିଜ ବ୍ୟବସାୟ ସୁରକ୍ଷା ପାଇଁ ସେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଗତ ୧୮ ତାରିଖ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଅନାସ୍ଥା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଉପଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବରେ ରହିଥିବା ଦସ୍ତଖତ ଯାଞ୍ଚ କରିବାକୁ ପଠାଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶନିବାର ଅନେକ ଜନପ୍ରତିନିଧି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଘେରଉ କରିଛନ୍ତି। ଏକ ବୈଠକରେ ଉପଜିଲ୍ଲାପାଳ ବସିଥିବା ଦେଖି ସମସ୍ତ ନିର୍ବାଚିତ ପ୍ରତିନିଧି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମେ ବସି



ରହିଥିଲେ। ବୈଠକରୁ ଉପଜିଲ୍ଲାପାଳ ବାହାରିବା ପରେ ପ୍ରଶ୍ନବାଣରେ ତାଙ୍କୁ ଛନ୍ଦିଥିଲେ। କାହିଁକି ବିଳମ୍ବ ହେଉଛି, ଚାପରେ ପ୍ରଶାସନ ଚେପା ହେଉଛି କି ବୋଲି ପ୍ରଶ୍ନ କରିଥିଲେ। ଉପଜିଲ୍ଲାପାଳ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ। ଯାହାକୁ ନେଇ ଜନପ୍ରତିନିଧିମାନେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପହଞ୍ଚି ଜନପ୍ରତିନିଧିଙ୍କୁ ବୁଝାସୁଝା କରିଥିଲେ। ଦୁଇଦିନ ମଧ୍ୟରେ ଅନାସ୍ଥା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟ ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ସୁବାସ ଚନ୍ଦ୍ର କହଁର, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ ଜନପ୍ରତିନିଧି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ଘଟଣାକୁ ନେଇ ନୟାଗଡ଼ରେ ରାଜନୈତିକ ମାହୋଲ ଉଷ୍ମ ହୋଇଛି। ପ୍ରଶାସନ ସରକାରୀ ଦଳର ହାତବାରିଶି ସାଜିଥିବା ଅଭିଯୋଗ ହୋଇଛି। ନୟାଗଡ଼ ବ୍ଲକ ରାଜନୀତିକୁ ନେଇ ଏବେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ୪୫ ଜଣ ସରପଞ୍ଚ ଓ ସମିତିସଭ୍ୟ ଅନସ୍ଥା ପାଇଁ ଦସ୍ତଖତ କରି ପ୍ରସ୍ତାବ ଆଗତ କରିଥିବା ବେଳେ ୪ ସରପଞ୍ଚ ଓ ସମିତିସଭ୍ୟ ଦସ୍ତଖତ କରି ନ ଥିବା ନେଇ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ନୟାଗଡ଼ ବ୍ଲକ ରାଜନୀତି ଭିନ୍ନ ମୋଡ଼ ନେବା ସମ୍ଭାବନା ସୃଷ୍ଟି ହୋଇଛି।

## ଓଡ଼ଗାଁ ଅଞ୍ଚଳରେ ଲୋ-ଭୋଲଟେଜ ସମସ୍ୟା ଉଗ୍ର

● ଉପଭୋକ୍ତାଙ୍କୁ ମିଳୁଛି ୧୭୦-୧୮୦ ଭୋଲ୍ଟ ବିଜୁଳି

ଓଡ଼ଗାଁ,୩୦।୫(ସମିସ): ଓଡ଼ଗାଁ ବିଦ୍ୟୁତ ସେକ୍ସନ ଅଞ୍ଚଳରେ ଲୋ-ଭୋଲଟେଜ ସମସ୍ୟା ଏବେ ଗୁରୁତର ରୂପ ନେଇଛି। ଫଳରେ ଉପଭୋକ୍ତା ଦୈନନ୍ଦିନ ଜୀବନରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫ୍ୟାନ, ଫ୍ରିଜ, ମୋଟର, ଗ୍ରାଇଣ୍ଡରଠାରୁ ଆରମ୍ଭ କରି ଏଲଇଡି ବଲ୍‌ବ ଆଦି ବୈଦ୍ୟୁତିକ ଯନ୍ତ୍ର ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବର୍ତ୍ତମାନର ତୀବ୍ର ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗରମ ମଧ୍ୟରେ ଲୋ-ଭୋଲଟେଜ ସମସ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ଦିନ ଓ ରାତିରେ ଗୁଳୁଗୁଳି ଯୋଗୁଁ ଲୋକେ ଅସ୍ଥିର ହୋଇପଡୁଛନ୍ତି।

ନୟାଗଡ଼ ରାଜପାଟଣା ଗ୍ରୀଡ୍‌ରୁ ଓଡ଼ଗାଁକୁ ୩୩ କେଭି ବିଦ୍ୟୁତ ଯୋଗାଣ ହେଉଥିବା ସତ୍ତ୍ୱେ ପରିବହନ ସମୟରେ ଭୋଲଟେଜ ଡ୍ରପ୍ ହେତୁ ଓଡ଼ଗାଁ ଷ୍ଟ୍ରକ୍‌ଚରରେ ମାତ୍ର ୨୭ କେଭି ବିଦ୍ୟୁତ ପହଞ୍ଚୁଛି। ଏହି ୬ କେଭି ହ୍ରାସ ଲୋ-ଭୋଲଟେଜର ପ୍ରମୁଖ କାରଣ ବୋଲି କୁହାଯାଉଛି। ଏହାର ପ୍ରଭାବରେ ୧୧ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରର ପ୍ରାଇମେରୀରେ ପହଞ୍ଚିବା ପରେ ଆଉଟପୁଟରେ ମାତ୍ର ୯ କେଭି ବିଦ୍ୟୁତ ମିଳୁଛି। ଫଳରେ ଘରୋଇ ଉପଭୋକ୍ତାଙ୍କୁ ଆବଶ୍ୟକ ୨୩୦ ଭୋଲ୍ଟ ପରିବର୍ତ୍ତେ ପ୍ରାୟ ୧୭୦ ଭୋଲ୍ଟ ବିଦ୍ୟୁତ ଯୋଗାଣ ହେଉଛି। ବିଶେଷଜ୍ଞଙ୍କ ମତାନୁସାରେ, ପରିବହନ ଜନିତ ହ୍ରାସ ସହ ତାରର କ୍ଷମତା ହ୍ରାସ, ଅଧିକ ପରିମାଣରେ ଜମ୍ପର ବ୍ୟବହାର, ନିମ୍ନମାନର ବୈଦ୍ୟୁତିକ ଯନ୍ତ୍ରାଂଶ ପ୍ରୟୋଗ ଓ ସମୟୋପଯୋଗୀ ପରିବର୍ତ୍ତନର ଅଭାବ ଯୋଗୁଁ ବିଦ୍ୟୁତ ଅପଚୟ ବଢୁଛି। ଏହି ଅପଚୟ ରୋକାଯାଇ ପାରିଲେ ଲୋ-ଭୋଲଟେଜ ସମସ୍ୟାକୁ ଅନେକ ଅଂଶରେ ନିୟନ୍ତ୍ରଣ କରିହେବ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପଟେ, ଉପଭୋକ୍ତାମାନେ ଉପଯୁକ୍ତ ଭୋଲଟେଜ ପାଉ ନ ଥିଲେ ମଧ୍ୟ ନିୟମିତ ଭାବେ ବିଦ୍ୟୁତ ବିଲ୍ ଦେବାକୁ ବାଧ୍ୟ ହେଉଛନ୍ତି। ଲୋ-ଭୋଲଟେଜ କାରଣରୁ ବୈଦ୍ୟୁତିକ ଯନ୍ତ୍ରପାତି ନଷ୍ଟ ହେବାରୁ ସେଗୁଡ଼ିକ ମରାମତି ପାଇଁ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡୁଛି। ଏହା ଉପଭୋକ୍ତାଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି।

## ପରକୀୟା ପ୍ରୀତି; ୪ ଜଣଙ୍କୁ ମରଣାନ୍ତକ ଆକ୍ରମଣ

ନୟାଗଡ଼,୩୦।୫(ସମିସ): ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଗୋଟିଏ ପରିବାରର ୪ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ନୟାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରିଯାଇଛି। ନୟାଗଡ଼ ଟାଉନଥାନା ଦେଉଳପଲ୍ଲି ଗାଁର ପୀତବାସ ମାର୍ଥାଙ୍କ ଭାଇବୋହୂଙ୍କର ସେହି ଗାଁର ରମେଶ ଭୋଳଙ୍କ ସହ ଅନୈତିକ ସମ୍ପର୍କ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଭାଇବୋହୂଙ୍କୁ ରମେଶ ବୋଲଗଡ଼ ଅଞ୍ଚଳରେ ନେଇ ରଖିଥିବା ପୀତବାସ କହିଛନ୍ତି। ଏ ସମ୍ପର୍କରେ ଜଣାପଡ଼ିବା ପରେ ପୀତବାସଙ୍କ ସାନଭାଇ ଘର ଛାଡ଼ି ଚାଲିଯାଇଛନ୍ତି। ଘଟଣା ସମ୍ପର୍କରେ ଗାଁରେ ଆଲୋଚନା ହେବାରୁ ପୀତବାସଙ୍କ ପରିବାର ସଦସ୍ୟ ସମସ୍ତଙ୍କୁ ଏସବୁ କହିଥିବା ସନ୍ଦେହରେ ରମେଶ ବିଭିନ୍ନ ସମୟରେ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ପୀତବାସ ଏ ନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଶନିବାର ସକାଳେ ପୀତବାସ ଘରେ ଶୋଇଥିବା ବେଳେ ରମେଶ ହଠାତ୍ ଘରେ ପଶି ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏହାକୁ ବିରୋଧ କରିବାରୁ ରମେଶ ପୀତବାସଙ୍କ ସ୍ତ୍ରୀ, ମା' ଏବଂ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସମସ୍ତଙ୍କୁ ସମ୍ପର୍କୀମାନେ ଗୁରୁତର ଅବସ୍ଥାରେ ନୟାଗଡ଼ ମେଡିକାଲ ଆଣିଥିଲେ। ପୀତବାସ ଏବଂ ତାଙ୍କ ସ୍ତ୍ରୀ ମମତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୁଲିସର ଅବହେଳା ପାଇଁ ଘଟଣା ଘଟିଲା ବୋଲି ପୀତବାସ କହିଛନ୍ତି।

## ରଥଯାତ୍ରା ପାଇଁ ଶାଳକାଠ ପ୍ରେରଣ



ନୂଆଗାଁ,୩୦।୫(ସମିସ): ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ମହିପୁର ବନାଞ୍ଚଳ ମାଇଛେଳି ଜଙ୍ଗଲରୁ ଶାଳକାଠ ପଠାଯାଇଛି। ରାଜ୍ୟ ମୁଖ୍ୟ ବନସଂରକ୍ଷକ କେ ମୁରୁଗେସନ, ଆରସିସିଏଫ ପି ଅର୍ଥାମାରୀ, ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବର୍ଚ୍ଚନା ବେହେରା, ଏସିଏଫ୍ ସତ୍ୟଜିତ୍ କର, ମହିପୁର ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସାହୁ, ବନପାଳ ରମେଶ ମଲ୍ଲିକ, ଜଙ୍ଗଲ କମିଟି ସଭାପତି ଚନ୍ଦ୍ରମଣି ବେହେରା, ମାଇଛେଳି ସରପଞ୍ଚ ସ୍ୱାଗତିକା ପ୍ରୀୟଦର୍ଶିନୀ ପ୍ରଧାନ ଓ ଅଞ୍ଚଳର ସମାଜସେବୀ ଦାଶରଥି ପ୍ରଧାନଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ପୂଜାପାଠ କରିଥିଲେ। ମହାପ୍ରଭୁଙ୍କ ରଥରେ ବ୍ରେକ ଓ ମାଲକାଠ ନିମନ୍ତେ ୧୧ଟି ଶାଳକାଠ ପଠାଯାଇଛି। ସେଥିମଧ୍ୟରୁ ୩ଟି ବ୍ରେକ୍ ପାଇଁ ଓ ୮ଟି ମାଲକାଠ (ଚାରମାଳ) ପାଇଁ ବ୍ୟବହାର ହେବ ବୋଲି ଜଣାଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ରଣପୁର,୩୦।୫(ସମିସ): ରଣପୁର ଶିକ୍ଷା ବ୍ଲକ ଅନ୍ତର୍ଗତ ନୃସିଂହପୁର ଟାଙ୍ଗୀସାହି ପ୍ରାଥମିକ ବିଦ୍ୟାଳୟର ପରିଚାଳନା ସମିତି ସଭାପତି ଦେବରାଜ ରଗଡ଼ଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ତପନ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ସଚିବ ଜ୍ୟୋତିରଞ୍ଜନ ଦାଶ, ବିଶିଷ୍ଟ ଅତିଥି ଭାବେ ରଣପୁର ବିଇଓ ପିଣ୍ଟୁ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ କର, ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ସିଆର୍‌ସିସି ଅକ୍ରୂର କୁମାର ରାଉତରାୟ, ଓପିଏସ ଶିକ୍ଷକ ସଂଘ ସଭାପତି ବିଶ୍ୱଜିତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ଦାଶ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷକ ଗଦାଧର ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ଦେଇଙ୍କ ଗୁଣଗାନ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ମାନସ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ପୁଷ୍ପଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ୱାର୍ଡରେ ଭିତ୍ତିପ୍ରସ୍ତର ସ୍ଥାପନ

ଖଣ୍ଡପଡ଼ା,୩୦।୫(ସମିସ): ଖଣ୍ଡପଡ଼ା ସହର ଉନ୍ନତୀକରଣ ପାଇଁ ଏକାଧିକ ୱାର୍ଡରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଅଙ୍କୁର ଅଭିଳାଷ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଓ ସମାଜସେବୀ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

## ପଥଚାରୀଙ୍କୁ ପଣା ବଣ୍ଟନ

ଭାପୁର,୩୦।୫(ସମିସ): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ପ୍ରଦୀପ କୁମାର ପାଇକରାୟ ଶନିବାର ମଧ୍ୟାହ୍ନରେ ଶତାଧିକ ଲୋକଙ୍କୁ ଦହି ସର୍ବତ ବଣ୍ଟନ କରିଛନ୍ତି। ସବୁବର୍ଷ ପରି ଏ ବର୍ଷ ମଧ୍ୟ ଡା. ପାଇକରାୟ ଭାପୁର ବସଷ୍ଟାଣ୍ଡ ନିକଟରେ ଏହି ସେବାକାର୍ଯ୍ୟ ଆୟୋଜନ କରିଥିଲେ। ବ୍ୟସ୍ତବହୁଳ ଜୀବନରୁ ସମୟ କାଢ଼ି ଅପରାହ୍ନ ଗୋଟାଏ ସମୟରେ ଶହ ଶହ ଲୋକଙ୍କୁ ଦହିପଣା କରି ନିଜେ ବାଣ୍ଟିଥିଲେ। ଡାକ୍ତରଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ଖୁବ ପ୍ରଶଂସା କରାଯାଇଛି।

## ନାବାଳିକା ନିଖୋଜକୁ ନେଇ ଗଣ୍ଡଗୋଳ

### ଜଣେ ଆହତ, ଜଣେ ଗିରଫ

ଓଡ଼ଗାଁ,୩୦।୫(ସମିସ): ଓଡ଼ଗାଁ ବ୍ଲକ ନନ୍ଦିଘୋର ପଞ୍ଚାୟତ ଯାତ୍ରାବରପାଟଣା ଗ୍ରାମର ଜଣେ ନାବାଳିକା ନିଖୋଜକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ଗ୍ରାମର ସୁଶାନ୍ତି ବାରିକ ଆହତ ହୋଇଥିବା ବେଳେ ପୁଲିସ ଜଣଙ୍କୁ ଗିରଫ କରିଛି। ନାବାଳିକା ନିଖୋଜ ଘଟଣାକୁ ନେଇ ସନ୍ଦେହ ହେଉଥିବା ପରିବାର ସହ ସୁଶାନ୍ତି ବାରିକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ରମେଶ ଟାଙ୍ଗିଆରେ ସୁଶାନ୍ତିଙ୍କ ମୁଣ୍ଡକୁ ଆଘାତ କରିଥିଲେ। ସେ ଗୁରୁତର ଆହତ ହୋଇଥିଲେ। ସୁଶାନ୍ତିଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଅଭିଯୋଗ ପରେ ଓଡ଼ଗାଁ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ରମେଶଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଘଟଣାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ ପଠାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ରମେଶଙ୍କ ଭାଇ ଚକର ବାରିକ ଫେରାର ହୋଇଯାଇଛନ୍ତି। ପୁଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ରାମମନ୍ଦିର ରାସ୍ତାରୁ କାର ଖସିପଡ଼ି ୩ ଆହତ

ଭାପୁର,୩୦।୫(ସମିସ): ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ମନ୍ଦିର ଦର୍ଶନ କରି କାରରେ ଫେରୁଥିବା ଏକ ପରିବାର ଦୁର୍ଘଟଣାର ଶିକାର ହୋଇଛି। ସେମାନଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା ପରେ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳର ଗୋଟିଏ ପରିବାର ଏକ କାରରେ ଶନିବାର ଅପରାହ୍ନରେ ଫତେଗଡ଼ ରାମ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ। ଫେରିବା ବେଳେ ଡ୍ରାଇଭର ଗାଡ଼ିକୁ ନ୍ୟୁଟ୍ରାଲ କରି ଗଡ଼ାଉଥିଲେ। ତେବେ ପ୍ରଥମ ବୁଲାଣି ରାସ୍ତାରେ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲା। ଫଳରେ କାରରେ ଥିବା ତିନି ଜଣ ଆହତ ହୋଇଥିଲେ। ଆହତମାନେ ହେଲେ ଆଠଗଡ଼ର ଲିଟୁନା ବରାଡ଼ (୩୨), ସସ୍ମିତା ବରାଡ (୨୫) ଓ ବଡ଼ମ୍ବାର ଛବିନା ମହାନ୍ତି। ଲିଟୁନାଙ୍କ ଛାତି, ମୁଣ୍ଡ ଓ ହାତରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଛି। ସସ୍ମିତାଙ୍କ ହାତ ଭାଙ୍ଗିଛି। ଛବିତା ସାମାନ୍ୟ ଆହତ ହୋଇଛନ୍ତି।

## ବାପା, ମା'ଙ୍କ ମୃତ୍ୟୁରେ ଅସହାୟ ପୁଅ ଓ ଝିଅ

● ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ

ଖଣ୍ଡପଡ଼ା,୩୦।୫(ସମିସ): ଖଣ୍ଡପଡ଼ା ବ୍ଲକ ରୟତି ଢୋଲମରା ଗ୍ରାମର ହଟିଆ ସ୍ୱାଇଁଙ୍କ ୧୦ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ତାଙ୍କ ସ୍ତ୍ରୀ ଚୁମୁକିଙ୍କର ଗତ ୨୭ ତାରିଖ ମୃତ୍ୟୁ ହୋଇଛି। ବାପାମାଆଙ୍କ ମୃତ୍ୟୁ ପରେ ପୁଅ ଚିନ୍ମୟ (୧୭) ଓ ଝିଅ ସୁଜାତା (୧୯) ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଖବର ପାଇ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଗ୍ରାମରେ ପହଞ୍ଚି ଚିନ୍ମୟ ଓ ସୁଜାତାଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଏହି ପରିବାର ପ୍ରତି ଜିଲ୍ଲାପାଳ ମଧୁମିତା ରଥ ସହାୟତାର ହାତ



ବଢ଼ାଇଛନ୍ତି। ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଓ ଆନୁଷଙ୍ଗିକ ସହାୟତା ରାଶି ପ୍ରଦାନ କରିଛନ୍ତି। ସହାୟତା ରାଶି ମିଳିବା ପରେ ମୃତକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ସଭ୍ୟ ଶତପଥୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖଣ୍ଡପଡ଼ା ବିଧାୟକ ଓ କଟକ ସାଂସଦ ଏହି ପରିବାରକୁ ସହଯୋଗର ହାତ ବଢ଼ାଇବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

● ସଞ୍ଜୟ ହତ୍ୟାକାଣ୍ଡ

## ଅଭିଯୁକ୍ତଙ୍କୁ ଗିରଫ ଦାବିକଲା ସିଆଇଟିୟୁ

ଗଣିଆ,୩୦।୫(ସମିସ): ଗଣିଆ ଥାନା ବାଲିସାହି-ଏରୁଣ୍ଡିପଥର ରାସ୍ତାରେ ଗତ ୧୧ ତାରିଖ ଅପରାହ୍ନରେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଯୁବକ ହେଲେ ଢୋଲମରା ପଞ୍ଚାୟତ କନ୍ଧମିରିଗି ଗ୍ରାମର ସଞ୍ଜୟ ପ୍ରଧାନ। ସଞ୍ଜୟଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ୨୦ ଦିନ ବିତିଯାଇଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବା ତଥା ଅଭିଯୁକ୍ତଙ୍କୁ ସିଆଇଟିୟୁ ପକ୍ଷରୁ ଦାବି କରାଯାଇଛି। ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ଛୁଟିରେ ଥିବାରୁ ଆନ୍ଦୋଳନକାରୀ ତାଙ୍କ ସହ ଫୋନ୍ ମାଧ୍ୟମରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ନଚେତ୍ ସିଆଇଟିୟୁର ଜିଲ୍ଲା ସଂଗଠନ ଆଗାମୀ ଦିନରେ ଥାନା ସମ୍ମୁଖରେ ଧାରଣା ଦେବ ବୋଲି ଚେତାବନୀ ଦେଇଥିଲେ। ସଞ୍ଜୟଙ୍କ ମା' ପାଚିକା ଭାବେ କାର୍ଯ୍ୟ କରୁଥିବାରୁ ସେ ସିଆଇଟିୟୁ ସଂଗଠନକୁ ଏ ସମ୍ପର୍କରେ ଜଣାଇଥିଲେ। ସିଆଇଟିୟୁ ରାଜ୍ୟ ସମ୍ପାଦକ ସୁରେଶ ସ୍ୱାଇଁ, ନୟାଗଡ ଜିଲ୍ଲା ଆବାହକ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଏମଡିଏମ ସଂଗଠନର ସମ୍ପାଦିକା ଜୟନ୍ତୀ ଦାଶ, ସଞ୍ଜୁକ୍ତା ସେଠୀ, ମଙ୍ଗୁଳି ରାଉତ, ଲକ୍ଷ୍ମୀ ଅମାୟନ୍ତ, କାଳନ୍ଦୀ ନାୟକଙ୍କ ସମେତ ସଞ୍ଜୟଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ଖଣ୍ଡପଡ଼ା,୩୦।୫(ସମିସ): ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ବାହାଡ଼ା ଗ୍ରାମ ନୂଆସାହିର ଧର୍ମପରାୟଣ ବ୍ୟକ୍ତି ତଥା ବନ୍ଦୋବସ୍ତ କମିଶନର କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ନିର୍ବାହୀ ସହାୟକ ପ୍ରସନ୍ନ ମିଶ୍ରଙ୍କ ଗୁରୁବାର ବିଳମ୍ବିତ ରାତିରେ ନିଜ ବାସଭବନରେ ପରଲୋକ ହୋଇଛି। ସ୍ୱର୍ଗତ ମିଶ୍ର ଜଣେ ମିଷ୍ଟଭାଷୀ, ମେଳାପୀ ବ୍ୟକ୍ତି ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଅରୁଣ ମିଶ୍ର ମୁଖାଗ୍ନି ଦେଇଥିଲେ।

# ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ





ଗଣିଆ,୩୦।୫(ସମିସ): ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଗଣିଆ ବ୍ଲକ କଂଗ୍ରେସ କମିଟି ତରଫରୁ ସ୍ଥାନୀୟ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ନାରାବାଜି କରାଯାଇଛି। ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀ ବିଦ୍ୟୁତ୍ କାଟ ନ କରିବାକୁ ଘୋଷଣା କରିଥିଲେ ମଧ୍ୟ ତାଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରି ଦେଇଛନ୍ତି ବିଭାଗୀୟ ଅଧିକାରୀ। ଶନିବାର କଂଗ୍ରେସ ପକ୍ଷରୁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରଉ କରାଯାଇଥିବା ବେଳେ ଯନ୍ତ୍ରୀ ଉପସ୍ଥିତ ନ ଥିଲେ। ଆଗାମୀ ଦିନରେ ଯଦି ଏହି ସମସ୍ୟା ଲାଗି ରହେ ତେବେ କାର୍ଯ୍ୟାଳୟ ଜାଳିଦେବାକୁ ବ୍ଲକ କଂଗ୍ରେସ ସଭାପତି ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ସଭାପତି ହଲିମ୍ ଖାଁ, ବରିଷ୍ଠ ନେତା ସୁକାନ୍ତ କୁମାର ଶତପଥୀ, ତ୍ରିନାଥ ବେହେରା, ପ୍ରଦୀପ୍ତ କୁମାର ମହାପାତ୍ର, ବାବୁନି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

**ଖଣ୍ଡପଡ଼ା:** ଟିପିସିଓଡିଏଲର ମନମାନିକୁ ନେଇ ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ଦୀର୍ଘଦିନ ଧରି ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଆସୁଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବା ଦାବିରେ ଖଣ୍ଡପଡ଼ା ନଗର କଂଗ୍ରେସ କମିଟି ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ ନେତ୍ରୀ ବିନୋଦିନୀ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଟାଟା ପାୱାର କମ୍ପାନୀ ସଦାବେଳେ ଅଘୋଷିତ ବିଦ୍ୟୁତ କାଟ କରି ଯେଉଁ ଗ୍ରାହକ ଶୋଷଣ ନୀତି ଚଳାଇଛି ତାହାକୁ କଂଗ୍ରେସ କେବେ ବି ବରଦାସ୍ତ କରିବ ନାହିଁ ବୋଲି କହିଥିଲେ। ଭାପୁର ବ୍ଲକ କଂଗ୍ରେସ ସଭାପତି ବାଙ୍କ ବିହାରୀ ଧଳ, ଖଣ୍ଡପଡ଼ା ବ୍ଲକ ସଭାନେତ୍ରୀ ଲିଳିବାଳା ନାୟକ, ଖଣ୍ଡପଡ଼ା ନଗର କଂଗ୍ରେସ ଉପସଭାପତି ସମରେନ୍ଦ୍ର ବାରିକ, କାଉନସିଲର ସରୋଜ ପ୍ରଧାନଙ୍କ ସମେତ ଯୁବ କଂଗ୍ରେସ କର୍ମୀ ଓ ଦଳର ବହୁ ପୁରୁଖା ନେତା ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ବହୁ ବିଦ୍ୟୁତ ଉପଭୋକ୍ତା ଯୋଗଦେଇଥିଲେ। ଟିପିସିଓଡିଏଲର ବରିଷ୍ଠ ଅଧିକାରୀ ଅନିଲ କୁମାର ସାହୁ ବିକ୍ଷୋଭ ସ୍ଥଳରେ ପହଞ୍ଚି କଂଗ୍ରେସ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ଖୁବଶୀଘ୍ର ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ।

**ଓଡ଼ଗାଁ:** ଓଡ଼ଗାଁ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲ୍ଟେଜ୍ ସମସ୍ୟା ପ୍ରତିବାଦରେ ଶନିବାର ସ୍ଥାନୀୟ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଯୋଗଦେଇ ସରକାର ଓ ବିଦ୍ୟୁତ ବିଭାଗର ଉଦାସୀନତାକୁ କଡ଼ା ସମାଲୋଚନା କରିଥିଲେ। ବିକ୍ଷୋଭରେ ଡିସିସି କିସାନ ସେଲ୍ ସଭାପତି ବସନ୍ତ କର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବସୁନ୍ଦର ସାହୁ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଓଡ଼ଗାଁ ଏନଏସି ସଭାପତି ବିଭୂତି ରାଉତ, ଜୋନ ସଭାପତି ମଦନମୋହନ ବିଶୋଇ, ବୁଲୁ ପାଟଶାଣୀ, ଶ୍ରୀନିବାସ ନାୟକ, ସୋମନାଥ ସାହୁ, ପ୍ରଶାନ୍ତ କୁମାର ଦାସ, ଦଣ୍ଡପାଣି ମହାରଣା, ଜଗନ୍ନାଥ ଭଟ୍ଟ, ବିଜୟ ପ୍ରଧାନ ଓ ସେବାଦଳ କାର୍ଯ୍ୟକର୍ତ୍ତା ନିରଞ୍ଜନ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।



**ରଣପୁର:** କଂଗ୍ରେସ ପକ୍ଷରୁ ରଣପୁର ବିଦ୍ୟୁତ ମୁଖ୍ୟ କାର୍ଯ୍ୟାଳୟ ଆଗରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ରଣପୁର ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘ୍ନ ପାଇକରାୟ, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ନାୟକ, ରଣପୁର ଜୋନ ସଭାପତି ଅନିଲ ପରିଡ଼ା, ପ୍ରଭାତ କୁମାର ଦଳେଇ ଓ ଜିଲ୍ଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରତିମା ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ମାମଲା ପ୍ରତ୍ୟାହାର ନିମନ୍ତେ ମୃତକଙ୍କ ପରିବାରକୁ ଧମକ



ଢେଙ୍କାନାଳ,୩୦।୫(ସମିସ): ସଦର ଥାନା ବଡ଼ନାଗେନା ବାଲିଘାଟରେ ୨୦୨୫ ମେ ମାସରେ ଜେସିବି ଚଢ଼ାଇ ଚାଲକଙ୍କୁ ହତ୍ୟା ମାମଲା ପ୍ରତ୍ୟାହାର କରିନେବାକୁ ମୃତକଙ୍କ ପରିବାରକୁ ଧମକ ଦିଆଯାଉଥିବାର ଅଭିଯୋଗ ହୋଇଛି। ଏ ନେଇ ମୃତ ଡ୍ରାଇଭରଙ୍କ ପତ୍ନୀ ପରିବାର ସଦସ୍ୟଙ୍କ ସହ ଜିଲାପାଳଙ୍କୁ ଭେଟି ସୁରକ୍ଷା ଯୋଗାଇ ଦେବାକୁ ପାଇଁ ନିବେଦନ କରିଛନ୍ତି। ବଡ଼ନାଗେନା ବାଲିଘାଟରେ ଖମାର ଗାଁର ରୁଦ୍ରଭାନୁ ନାଏକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ରୁଦ୍ରଭାନୁ ସେଠାରେ ଜେସିବି ଡ୍ରାଇଭର ଭାବେ କାମ କରୁଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ବର୍ଷକ ପରେ ଅଭିଯୁକ୍ତମାନେ ମାମଲା ପ୍ରତ୍ୟାହାର କରିବା ନିମନ୍ତେ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏନେଇ ମୃତ ଡ୍ରାଇଭରଙ୍କ ବାପା କ୍ଷୀର ନାଏକ, ପତ୍ନୀ ବବି ନାଏକ ସୁରକ୍ଷା ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ପାଇପ ବିଛାଇବା ପରେ ରାସ୍ତା ମରାମତି କଲେନି



ଗଁଦିଆ,୩୦।୫(ସମିସ): ଗଁଦିଆ ବ୍ଲକ୍ ଅଞ୍ଚଳରେ ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଠିକାସଂସ୍ଥା ବିଭିନ୍ନ ଗ୍ରାମରେ ପାଇପ୍ ବିଛାଇବା ସହ ଓଭରହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ କରୁଛି। ତେବେ ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ନାଁ ନେଉନି। ଅନ୍ୟପଟେ ଠିକା ସଂସ୍ଥାର ମନମୁଖି କାର୍ଯ୍ୟ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଠିକାସଂସ୍ଥା ପକ୍ଷରୁ ପାଇପ୍ ବିଛାଇବାକୁ ରାସ୍ତା ଖୋଳି ଦିଆଯାଉଥିବା ବେଳେ ତାହାକୁ ମରାମତି କରାଯାଉନି। ନିୟମ ଅନୁଯାୟୀ, ରାସ୍ତା ଖୋଳି ପାଇପ୍ ବିଛାଇବା ପୂର୍ବରୁ ସମ୍ପୃକ୍ତ ରାସ୍ତା ଯେଉଁ ବିଭାଗ ଅଧୀନରେ ରହିଛି ସେଠାରୁ ଅନୁମତି ନେବା ଆବଶ୍ୟକ। ପାଇପ୍ ବିଛା ସରିବା ପରେ ମରାମତି କରି ପୂର୍ବସ୍ଥିତି ଫେରାଇ ଆଣିବା କଥା। ମାତ୍ର ପାଇପ୍ ବିଛାଇବା ପରେ ଅଳ୍ପ କିଛି ମାଟି ଘୋଡ଼ାଇ ଦେଇ କର୍ମଚାରୀ ଚାଲି ଯାଉଛନ୍ତି। ରାସ୍ତାରେ ମାଟି ଗଦା ହୋଇ ରହୁଥିବା ବେଳେ ତାହା ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ବର୍ଷାରେ ମାଟି ଭିଜି କାଦୁଅ ପଚପଚ ହେଉଛି। ଏପରିକି ଘର ଓ ଦୋକାନ ସମ୍ମୁଖରେ ମାଟି ଗଦା ହେବାଦ୍ୱାରା ଲୋକେ ହନ୍ତସନ୍ତ ହେଉଛନ୍ତି। ପାଇପ୍ ଅଳ୍ପ କିଛି ମାଟି ପକାଇ ଦିଆଯାଇଥିବାରୁ ବର୍ଷାରେ ତାହା ଦବି ଯାଇ ଖାଲ ହୋଇରହୁଛି। ଯାହା ଦୁର୍ଘଟଣାର କାରଣ ସାଜିଛି। ଠିକାସଂସ୍ଥା କୌଣସି କଥା ଶୁଣୁ ନ ଥିବା ବେଳେ ଏ ନେଇ ଲୋକେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଛନ୍ତି। ମାତ୍ର କୌଣସି ସୁଫଳ ମିଳୁନି। ଏପରିକି ବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ଖୋଳି ନଷ୍ଟ କରାଯାଉଥିବା ବେଳେ ଆଉ ମରାମତି କରାଯଉନି। ଗଁଦିଆ ବଜାର ଓ ଆଖପାଖ ଅଞ୍ଚଳରେ ଏହି ସମସ୍ୟା ଜଟିଳ ରୂପ ଧାରଣ କରିଛି। ଯାହାକୁ ନେଇ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଠିକାସଂସ୍ଥା କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହୋଇଛି।

# ହାତୀପଲ ଉପଦ୍ରବ ଯୋଗୁଁ ବ୍ୟାପକ କ୍ଷୟକ୍ଷତି



ଢେଙ୍କାନାଳ,୩୦।୫(ସମିସ): ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଗ୍ରାମ ମାଟି ଗାଡ଼ିଆ ସାହି ନିକଟରେ ହାତୀପଲ ଉପଦ୍ରବ ଯୋଗୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହାତୀପଲ ଗାଁ ନିକଟ ଆମ୍ବ ବଗିଚାରେ ପଶି ଆମ୍ବ ଫସଲ ନଷ୍ଟ କରି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଗଛ ଡାଳ ଭାଙ୍ଗିବା ନଷ୍ଟ କରିଦେଇଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଗ୍ରାମବାସୀଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦାବି ହୋଇଛି।

# ନୂଆ ମଦ ଦୋକାନ ଖୋଲିବା ବିରୋଧରେ ବିକ୍ଷୋଭ



ଢେଙ୍କାନାଳ,୩୦।୫(ସମିସ): ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ତରଫରୁ ରାଜ୍ୟରେ ଶହଶହ ସଂଖ୍ୟାରେ ନୂଆ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ମିଳିତ ଓଡ଼ିଶା ନିଶା ନିବାରଣ ସଂଘ ତରଫରୁ ତୀବ୍ର ବିରୋଧ କରାଯାଇଛି। ଏ ନେଇ ଢେଙ୍କାନାଳରେ ଉର୍ବଶୀ ନାୟକଙ୍କ ନେତୃତ୍ୱରେ ସଂଘର ବହୁ ମହିଳା ଏବଂ ପୁରୁଷ ସଦସ୍ୟ ଏବଂ ଅନ୍ୟ ସାମାଜିକ ଏବଂ ରାଜନୈତିକ ସଂଗଠନର ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ସଦସ୍ୟ ରୁଦ୍ରପ୍ରକାଶ ଶରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସମ୍ପାଦକ ସରୋଜ ଶତପଥୀ, ସମାଜସେବୀ ବିନୟ କୁମାର ସାହୁ, ପ୍ରଫେସର ଡା. ତୁଷାରକାନ୍ତି ନାୟକ ପ୍ରମୁଖ ଯୋଗଦେଇ ମୋହନ ମାଝି ସରକାରଙ୍କ ଅବକାରୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟରେ ବିଜେପି ସରକାର ଗଠନ କଲେ ମଦ ଉପରେ ଅଙ୍କୁଶ ଲଗାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ତାହାର ବିପରୀତ କାର୍ଯ୍ୟ କରି ଲୋକଙ୍କୁ ପ୍ରତାରିତ କରିଛି ବୋଲି ବକ୍ତାମାନେ କହିଥିଲେ। ରାଜ୍ୟରେ ଆଉ ନୂଆ ମଦ ଦୋକାନ ନ ଖୋଲି ଦୋକାନ ସଂଖ୍ୟା ଧୀରେ ଧୀରେ କମାଇବା ନିମନ୍ତେ ସଂଗଠନ ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ବାମପନ୍ଥୀ ନେତା ସର୍ବଜ୍ଞ ସାହୁ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସଭାପତି ଅନ୍ତର୍ଯ୍ୟାମୀ ରଥ, ମିଳିତ ଓଡ଼ିଶା ନିଶା ନିବାରଣ ସଂଘ ଜିଲ୍ଲା ସଦସ୍ୟା ସ୍ମିତାରାଣୀ ସାମଲ, ଶ୍ରୀମତୀ ବାସନ୍ତୀ, ନବନିର୍ମାଣ କୃଷକ ସଂଗଠନର ପ୍ରଫୁଲ୍ଲ ପରିଡ଼ା, ମୋନାର ଜିଲ୍ଲା ମହିଳା ସଂଯୋଜକ ଉର୍ବଶୀ ନାୟକ, ଶାନ୍ତିଲତା ବେହେରା, ସୁଷମା ସାମଲ, ଦେବରାଜ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ଢେଙ୍କାନାଳ ଜିଲ୍ଲାକୁ ହୋମ୍ ଷ୍ଟେ ପ୍ରୋତ୍ସାହନ ନୀତି ଅଧୀନରେ ସାମିଲ କରିବାକୁ ଦାବି

ଢେଙ୍କାନାଳ,୩୦।୫(ସମିସ): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ବିଜ୍ଞାପିତ ହୋଇଥିବା 'ହୋମ୍ ଷ୍ଟେ ପ୍ରୋତ୍ସାହନ ନୀତି' ଅଧୀନରେ ଢେଙ୍କାନାଳ ଜିଲ୍ଲାକୁ ସାମିଲ କରାଯାଇନାହିଁ। ଜିଲ୍ଲାର କପିଳାସ ଦେଓଗାଁ ପଞ୍ଚାୟତ, ମହିମାଗାଦି ଯୋରନ୍ଦା, ଯୋରନ୍ଦା ପଞ୍ଚାୟତ ଏବଂ ସପ୍ତଶଯ୍ୟା, ସପ୍ତଶଯ୍ୟା ପଞ୍ଚାୟତକୁ ଓଡ଼ିଶା ହୋମ୍ ଷ୍ଟେ ପ୍ରୋତ୍ସାହନ ନୀତି ଅଧୀନରେ ସାମିଲ କରିବା ପାଇଁ ଦାବି କରାଯାଇଛି। ଜିଲ୍ଲା ଦାୟିତ୍ୱବାନ ନାଗରିକ ଫୋରମ୍ ସଂଯୋଜକ ରୋଟାରିଆନ୍ ରାଜକିଶୋର ବେହେରା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ, ନିର୍ଦ୍ଦେଶକଙ୍କୁ ଇ-ମେଲ ମାଧ୍ୟମରେ ଏ ନେଇ ଅନୁରୋଧ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ 'ଏକ୍ସ' ଯୋଗେ ଅନୁରୋଧ କରିଛନ୍ତି। ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ହୋମ୍ ଷ୍ଟେ ପ୍ରୋତ୍ସାହନ ନୀତିରେ ସାମିଲ କରାଗଲେ ପର୍ଯ୍ୟଟକମାନେ ଉତ୍ତମ ସୁବିଧା ପାଇବା ସହ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହେବ। ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ ଏବଂ ସନ୍ତୁଳିତ ଆଞ୍ଚଳିକ ପର୍ଯ୍ୟଟନ ବିକାଶକୁ ଗତି ମିଳିବ ବୋଲି ସେ ଦର୍ଶାଇଛନ୍ତି।

# ଜଙ୍ଗଲରେ ସ୍ତ୍ରୀକୁ ହତ୍ୟା; ସ୍ୱାମୀ ଅଟକ

କାମାକ୍ଷାନଗର,୩୦।୫(ସମିସ): କଙ୍କଡ଼ାହାଡ଼ ଥାନା ଓଡ଼ିଶ ଚାରି ନମ୍ବର କଲୋନୀରେ ଘଟିଛି ଅଭାବନୀୟ ଘଟଣା। ସ୍ତ୍ରୀକୁ ଘର ନିକଟ ଜଙ୍ଗଲକୁ ନେଇ ହତ୍ୟା କରିଛି ସ୍ୱାମୀ। ଏ ନେଇ ମୃତକଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ସୁକୁରା ଗାଗରାଇଙ୍କ ସ୍ତ୍ରୀ ସଞ୍ଜୁ ଗାଗରାଇ।

କାମାକ୍ଷାନଗର ଥାନା ଚୁଳିଆ ମୁଣ୍ଡାସାହିର ଚରଣ ବରୁଆଙ୍କ ଝିଅ ସଞ୍ଜୁ କଙ୍କଡ଼ାହାଡ଼ ଥାନା ଓଡ଼ିଶ ଚାରିନମ୍ବର କଲୋନୀର ସୁକୁରା ଗାଗରାଇଙ୍କୁ ବିବାହ କରିଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏରେ ଚରଣ ଝିଅଜ୍ୱାଇଁଙ୍କ ସହ କାମାକ୍ଷାନଗର ସହର ନିକଟ ରେକୁଲା ଗ୍ରାମରୁ ଓଡ଼ିଶ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଚରଣ ନିଜ ସମୁଦୁଣୀଙ୍କ ସହ କଥା ହେଉଥିବା ବେଳେ ଝିଅଜ୍ୱାଇଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କିଛି ସମୟ ପରେ ଜ୍ୱାଇଁ ସୁକୁରା ଝିଅକୁ ଜଙ୍ଗଲ ଆଡ଼କୁ ନେଇଯାଇଥିବା ବେଳେ ପରେ ଜଙ୍ଗଲରେ ଝିଅର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜ୍ୱାଇଁ ଜଙ୍ଗଲ ଭିତରେ ଝିଅକୁ ହତ୍ୟା କରିଥିବା ଚରଣ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କାମାକ୍ଷାନଗର ମେଡିକାଲ ପଠାଇବା ସହ ଜ୍ୱାଇଁ ସୁକୁରାଙ୍କୁ ଅଟକ ରଖିଛି। ଜିଲ୍ଲା ସାଇଣ୍ଟିଫିକ ଟିମ କାମାକ୍ଷାନଗର ମେଡିକାଲରେ ପହଞ୍ଚି ପାରିପାଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିବା ସହ ଅଧିକ ତଦନ୍ତ ଜାରି ରହିଛି। ତେବେ ମୃତା ସଞ୍ଜୁଙ୍କ ଶରୀରରେ କ୍ଷତସ୍ଥାନ ଦେଖିବାକୁ ମିଳିଥିଲା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକ ପ୍ରକାଶ କରିଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ

କାମାକ୍ଷାନଗର,୩୦।୫(ସମିସ): କାମାକ୍ଷାନଗର ଥାନା ଜଡ଼ାପାଳ ନିକଟରେ ଚୋରା ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାମାକ୍ଷାନଗର ଥାନା ଭାଗୀରଥିପୁର ଗ୍ରାମର ଜଗବନ୍ଧୁ ରାଉତ। ତାଙ୍କ ନିକଟରୁ ୧କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଶୁକ୍ରବାର ରାତିରେ ଢେଙ୍କାନାଳ-କାମାକ୍ଷାନଗର ପୂର୍ତ୍ତ ରାସ୍ତାର ଜଡ଼ାପାଳ ଠାରେ ଗଞ୍ଜେଇ ଚାଲାଣ କରାଯିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲା।

# ତିନିମାସ ଧରି ଭତ୍ତାରୁ ବଞ୍ଚିତ ବୃଦ୍ଧବୃଦ୍ଧା

## ■ ବିଡିଓଙ୍କୁ ଭେଟି ଅଭିଯୋଗ କଲେ



କାମାକ୍ଷାନଗର,୩୦।୫(ସମିସ): କାମାକ୍ଷାନଗର ବ୍ଲକ ମହୁଲପାଳ ପଞ୍ଚାୟତରେ ତିନିମାସ ଧରି ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି ୬୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା। ସରପଞ୍ଚଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ଭତ୍ତା ନ ମିଳିବାରୁ ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପୂର୍ବରୁ ଏମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭତ୍ତା ଟଙ୍କା ଆସୁଥିବା ବେଳେ ଗତ ତିନିମାସ ହେବ ଆସୁନାହିଁ। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରୁ ଭତ୍ତା ଟଙ୍କା ଆସି ନ ଥିବା କହୁଛନ୍ତି। ତେଣୁ ସେମାନେ ବାରମ୍ବାର ପଞ୍ଚାୟତରୁ ବ୍ୟାଙ୍କ ଦଉଡ଼ି ଦଉଡ଼ି ଶେଷରେ ବିଡିଓଙ୍କୁ ଭେଟି ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାସହ ତୁରନ୍ତ ଭତ୍ତା ପ୍ରଦାନ କରିବା ପାଇଁ ହିତାଧିକାରୀମାନେ ଅନୁରୋଧ କରିଛନ୍ତି।

# ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ସରିତାଙ୍କୁ ସମ୍ବର୍ଦ୍ଧନା

ପରଜଙ୍ଗ,୩୦।୫(ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ୪୬ତମ ରାଙ୍କରେ କୃତକାର୍ଯ୍ୟ ହୋଇଥିବା ପରଜଙ୍ଗ ବ୍ଲକ ପରଜଙ୍ଗ ପଞ୍ଚାୟତର ଖଣ୍ଡୁଆଳମୁଣ୍ଡା ଗାଁର ସରିତା ବେହେରାଙ୍କୁ ଗ୍ରାମବାସୀଙ୍କ ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସଂଘର୍ଷ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ଏହି ଅବସରରେ ସରିତା ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହା ସହ ସେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତି ଚଳାଇଥିବା କହିଛନ୍ତି।



# 'ଲଘୁ ଖଣିଜ ଦ୍ରବ୍ୟର ସୁଲଭ ବିନିଯୋଗ ପାଇଁ ସ୍ୱତନ୍ତ୍ର ନିଗମ ଗଠନ କରାଯାଉ'



ଢେଙ୍କାନାଳ,୩୦।୫(ସମିସ): ରାଜ୍ୟର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ପରିବାର ସଂଖ୍ୟା ବୃଦ୍ଧି, ଗୃହ ନିର୍ମାଣ ସଂଖ୍ୟା ବୃଦ୍ଧି ଓ ବହୁତଳ ଆପାର୍ଟମେଣ୍ଟ ନିର୍ମାଣ ସାଙ୍ଗକୁ କଳାଧନଧାରୀ ବ୍ୟକ୍ତିଙ୍କର ବିଭିନ୍ନ ସ୍ଥାନରେ ଏକାଧିକ ବହୁତଳ ବିଶିଷ୍ଟ ଗୃହ ନିର୍ମାଣ ଓ ସରକାରୀ ନିର୍ମାଣ କାର୍ଯ୍ୟ ଆଦି ପାଇଁ ନଦୀବାଲିର ସର୍ବାଧିକ ଆବଶ୍ୟକତା ପଡୁଥିବାବେଳେ ମାଙ୍କଡ଼ା ପଥର, ମାଟି ଇଟା, ସାନ ଓ ବଡ଼ ମେଟାଲ୍ ଓ ଚିପ୍ସର ଚାହିଦା ବର୍ଷକୁ ବର୍ଷ ଅଧିକରୁ ଅଧିକ ବଢ଼ିବାରେ ଲାଗିଛି। ଫଳରେ ସାଧାରଣ ଲୋକଙ୍କୁ ନିଜର ସୀମିତ ସମ୍ବଳ ମଧ୍ୟରେ ଗୃହଟିଏ ନିର୍ମାଣ କରିବା ବର୍ତ୍ତମାନ କାଠିକର ପାଠ ହେଲାଣି। ନିର୍ମାଣ ସାମଗ୍ରୀଠାରୁ ମଜୁରି ବାବଦ ବ୍ୟୟ ବଢ଼ି ଚାଲିଛି। ଶ୍ରମଜୀବୀଙ୍କ ଦୈନିକ ମଜୁରି ବଢ଼ିବା ସହ ସେମାନଙ୍କ କାର୍ଯ୍ୟ ସମୟ ହ୍ରାସ ପାଇ ଚାଲିଛି। ଏ ପରିପ୍ରେକ୍ଷୀରେ ଲଘୁ ଖଣିଜ ଦ୍ରବ୍ୟର କଳାବଜାରକୁ ନିୟନ୍ତ୍ରଣ କରାଯିବା ସହ ନିର୍ଦ୍ଦିଷ୍ଟ ଧାର୍ଯ୍ୟ ଦରରେ ସୁଲଭ ମୂଲ୍ୟରେ ଗୃହ ନିର୍ମାଣ ସାମଗ୍ରୀ ଯୋଗାଇଦେବା ଜରୁରୀ ହୋଇପଡ଼ିଲାଣି। ରାଜସ୍ୱ ବିଭାଗ ହେଉ ବା ଖଣି ବିଭାଗ, ଲଘୁ ଖଣିଜ ଦ୍ରବ୍ୟ ସୈରାତଗୁଡ଼ିକର ନିଲାମ କ୍ଷେତ୍ରରେ ହେଉ ବା ଚୋରା ଚାଲାଣ ଧରପଗଡ଼ ଦିଗରେ ହେଉ ଦୀପତେଜି ହାତ ଚିକ୍କଣ କରିବା ସାର ହୋଇଛି। ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ମାଟିଠାରୁ ବାଲି, ମୋରମ ପର୍ଯ୍ୟନ୍ତ ଯେତେ ନିର୍ମାଣ ଉପଯୋଗୀ ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାର ହେଉଛି ତା'ର ବଡ଼ ଅଂଶ ସରକାରଙ୍କ ରାଜକୋଷକୁ ନ ଯାଇ ଅସାଧୁ ବ୍ୟକ୍ତିଙ୍କ ପକେଟ୍‌କୁ ଯାଉଛି। ଏ ସମସ୍ତ ବିଷୟ ବିଚାରକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ରାଜ୍ୟରେ ଲଘୁଖଣିଜ ଦ୍ରବ୍ୟର ସୁଲଭ ବିପଣନ ପାଇଁ ଏକ ନିଗମ ଗଠନ କରନ୍ତୁ ବୋଲି ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ଏହା ବହୁ ବେକାର ଯୁବକଙ୍କୁ କର୍ମନିଯୁକ୍ତି ଦେବା ସହ ଲୋକଙ୍କୁ ସୁଲଭ ଦରରେ ବାଲି, ମାଟି, ମେଟାଲ୍, ଚିପ୍ସ ଓ ମାଙ୍କଡ଼ାପଥର ଆଦି ଯୋଗାଇବାରେ ଠିକଣା ପଦକ୍ଷେପ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରି ପଦକ୍ଷେପ ନେବାକୁ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବ୍ୟାଙ୍କ କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା




ହିନ୍ଦୋଳ,୩୦।୫(ସମିସ): ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ପ୍ରଭାସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ ବ୍ୟାଙ୍କରେ ସୁବାସ ଚନ୍ଦ୍ର ଦେହୁରୀ ଦୀର୍ଘ ୪୦ ବର୍ଷ ହେବ ବରିଷ୍ଠ ଗ୍ରାହକ ସେବା ସହଯୋଗୀ ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ବ୍ୟାଙ୍କ ଆରମ୍ଭ ହେବା ଦିନରୁ ସେହି ବ୍ୟାଙ୍କରେ ସେ କାର୍ଯ୍ୟ କରିଆସୁଥିଲେ। ଏବେ ସେ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ଶିକ୍ଷାବିତ ବିରଞ୍ଚିନାରାୟଣ ତ୍ରିପାଠୀ, ରତିକାନ୍ତ ଗଡ଼ନାୟକ, ଅନୁଗୋଳ ଜିଲ୍ଲା ବ୍ୟାଙ୍କ କର୍ମଚାରୀ ସଂଗଠନ ସଦସ୍ୟ ମକରନ୍ଦ ଦାସ, ଢେଙ୍କାନାଳ ଜିଲ୍ଲା ବ୍ୟାଙ୍କ କର୍ମଚାରୀ ସଂଗଠନ ସଦସ୍ୟ ପଦ୍ମନାଭ ଜେନା, ବାଲାଜୀ ଭୁତିଆ ଯୋଗଦେଇ ଜନସାଧାରଣଙ୍କୁ ସୁବାସ ଦେହୁରୀ ନିରନ୍ତର ସେବା ଯୋଗାଇ ଦେଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ।

# ସବ୍-ରେଜେଷ୍ଟ୍ରି ଅଫିସ୍‌ରେ କର୍ମଚାରୀଙ୍କ ମନମାନି ଅଭିଯୋଗ

ଢେଙ୍କାନାଳ,୩୦।୫(ସମିସ)

ଢେଙ୍କାନାଳ ସବ୍-ରେଜେଷ୍ଟ୍ରି ଅଫିସ୍‌ରେ ରେଜିଷ୍ଟ୍ରେସନ୍ କରିବାକୁ ଆସୁଥିବା ପକ୍ଷମାନେ କର୍ମଚାରୀ ଓ ଅଧିକାରୀମାନଙ୍କ ମନମାନି ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ସବ୍-ରେଜିଷ୍ଟ୍ରାର ଓ ଏଡିଏମ୍‌ଙ୍କୁ ଭେଟି ଲିଖିତ ଭାବେ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ରେଜେଷ୍ଟ୍ରି ନିମନ୍ତେ ସ୍ଲଟ ଆବେଦନ ସମୟ ରାତି ୩ଟାରେ ବୁକିଂ ହେଉଥିଲେ ମଧ୍ୟ ସ୍ଲଟ ମିଳୁ ନାହିଁ। ଫଳରେ ପକ୍ଷମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଲଟ ନିମନ୍ତେ ୩ ଶହ ଟଙ୍କା ଦେଉଥିଲେ ମଧ୍ୟ ସେମାନଙ୍କ ରେଜିଷ୍ଟ୍ରେସନ୍ ହୋଇପାରୁ ନାହିଁ। ଫଳରେ ସେମାନଙ୍କ ମୂଲ୍ୟବାନ ସମୟ ନଷ୍ଟ ହେବା ସହ ଆର୍ଥିକ ଦଣ୍ଡ ମଧ୍ୟ ଭୋଗୁଛନ୍ତି। ପୁନର୍ବାର ସ୍ଲଟ କରିବାକୁ ପଡୁଛି ଏବଂ ଆଉ ଥରେ ୩ ଶହ ଟଙ୍କା ଦେବାକୁ ପଡୁଛି। ସେହି ସ୍ଲଟ ରଦ୍ଦ ହୋଇପାରୁ ନାହିଁ କି ପକ୍ଷ ଦେଇଥିବା ୩ଶହ ଟଙ୍କା ପାଇ ପାରୁନାହିଁ। ସରକାର ନିର୍ଦ୍ଧାରଣ କରିଥିବା ସମୟ ମଧ୍ୟରେ ସବ୍-ରେଜିଷ୍ଟ୍ରାର ଏବଂ କର୍ମଚାରୀମାନେ ପହଞ୍ଚୁ ନାହାନ୍ତି। କିନ୍ତୁ ପକ୍ଷମାନଙ୍କର ୨ ମିନିଟ୍ ବିଳମ୍ବ ହୋଇଗଲେ ରେଜିଷ୍ଟ୍ରେସନ୍ ହୋଇପାରିବ ନାହିଁ ବୋଲି କହି ଫେରାଇ ଦେଉଛନ୍ତି। ଫଳରେ ପକ୍ଷମାନଙ୍କ ମୂଲ୍ୟବାନ ସମୟର ଅପବ୍ୟୟ ହେବା ସହ ଆର୍ଥିକ ଦଣ୍ଡ ମଧ୍ୟ ଗଣୁଛନ୍ତି।

ସବ୍-ରେଜେଷ୍ଟ୍ରି ଅଫିସ୍‌ରେ ପିସି କାରବାର ମଧ୍ୟ ଜୋରଦାର ହେଉଥିବା ଅଭିଯୋଗ ହେଉଛି। ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ୍ ପାଇଁ ୧୫ ହଜାର ଟଙ୍କା, ସେୟାର ଟ୍ରାନ୍ସଫର ପାଇଁ ୧୫ ହଜାର ଟଙ୍କା, ଭିଜିଟ୍ ରେଜିଷ୍ଟ୍ରେସନ୍ ପାଇଁ ମାନମୁଖି ଭାବେ ୧୦ ହଜାରରୁ ୫୦ ହଜାର ଟଙ୍କା ଏବଂ ଅଫିସ୍‌ରେ ନନ୍‌ଫିସ୍ ୧ ଲକ୍ଷ ଟଙ୍କାରେ ୫ ଶହ ଟଙ୍କା ଆଦାୟ କରାଯାଉଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ସବ୍-ରେଜିଷ୍ଟ୍ରାରଙ୍କୁ ଜମି ରେଜେଷ୍ଟ୍ରି ନିମନ୍ତେ ସ୍ଲଟ ବଢ଼ାଇବା ପାଇଁ ଆବେଦନ କଲାପରେ ସେ କର୍ମଚାରୀ ନ ଥିବା କହି କମ୍ ଦଲିଲ ରେଜିଷ୍ଟ୍ରେସନ୍ କରିବାକୁ ପରାମର୍ଶ ଦେଉଛନ୍ତି। ଫଳରେ ଲୋଚକେ ସୁବିଧାରେ ରେଜେଷ୍ଟ୍ରିକରଣ ନ ହୋଇପାରି ୧ ସପ୍ତାହ ପର୍ଯ୍ୟନ୍ତ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ସବ୍-ରେଜିଷ୍ଟ୍ରାର ବେଞ୍ଚମାର୍କ ମୂଲ୍ୟାୟନକୁ ଅହେତୁକ ବୃଦ୍ଧି କରି ବାହାବା ନେଉଥିବା ବେଳେ ସାଧାରଣ ଲୋକେ ଜମି ବିକାକିଣା ପାଇଁ ପଞ୍ଜୀକରଣ ନିମନ୍ତେ ସେମାନଙ୍କୁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସାମାନ୍ୟ ଭୁଲ ଥିଲେ ହେଁ ତାହା ତହସିଲରୁ ଠିକ୍ କରି ଆଣିବାକୁ ପରାମର୍ଶ ଦେଉଛନ୍ତି ଯାହା ତହସିଲ ଅଫିସର ଭୁଲ ଲୋକମାନଙ୍କ ନୁହେଁ ଏବଂ ଯେଉଁ କାର୍ଯ୍ୟ ଆଫିଡିଭିଟ୍ ଦ୍ୱାରା ଲୋକମାନେ ଲାଭ ପାଇପାରିବେ ତାହା ସବ୍ ରେଜିଷ୍ଟ୍ରାର ନ କରି ଲୋକଙ୍କୁ ଅସୁବିଧାରରେ ପକାଉଛନ୍ତି। ଅନୁରୂପ ତହସିଲ ଅଫିସ୍‌ରୁ ଚିଠି ଖଣ୍ଡେ ପ୍ରେରଣ ପାଇଁ ମାସ ମାସ ଲାଗୁଥିବା ବେଳେ ଲୋକମାନେ ତହସିଲ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ ଏଥି ପ୍ରତି କହାରି ନିଘା ନାହିଁ। ତହସିଲଦାର ଭୁଲ ପଟ୍ଟା ବଣ୍ଟନ ଓ ସବ୍ ରେଜିଷ୍ଟ୍ରାରଙ୍କ ଜିଦ୍ ପାଇଁ ବହୁ ଲୋକ ଜମି ରେଜେଷ୍ଟ୍ରିକରଣ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ସାହି ବାସିନ୍ଦାଙ୍କ ଚଳପ୍ରଚଳ ରାସ୍ତା ଅବରୋଧ

ଢେଙ୍କାନାଳ,୩୦।୫(ସମିସ): ସ୍ଥାନୀୟ ୧୦ନଂ ୱାର୍ଡର ଶ୍ୟାମସିଂ ବିହାର କଲୋନୀର ମୁଖ୍ୟ ରାସ୍ତାକୁ କେତେକ ଅସାଧୁ ବ୍ୟକ୍ତି ବନ୍ଦ କରିଦେଇଥିବାରୁ ସ୍ଥାୟୀ ବାସନ୍ଦାମାନେ ଚଳପ୍ରଚଳରେ ଘୋର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସହର କ୍ରମଶଃ ବୃଦ୍ଧି ପାଉଥିବା ବେଳେ କେତେକ ଜମି ମାଫିଆ କମ୍ ଦାମ୍‌ରେ ଜମି କ୍ରୟ କରି ଉକ୍ତ ଜମିକୁ ବିକ୍ରି କରି ମାଲେମାଲ୍ ହେଉଛନ୍ତି। ମାତ୍ର ପ୍ରଶାସନ ସ୍ତରରେ ରାସ୍ତା ପ୍ରଶସ୍ତ ଅଛି କି ନାହିଁ ତଦନ୍ତ କରାଯାଉ ନ ଥିବାରୁ ଜନସାଧାରଣ ଯାତାୟାତରେ ଘୋର ସମସ୍ୟା ଭୋଗୁଛନ୍ତି। କିଛଦିନ ତଳେ ଶ୍ୟାମସିଂ ବିହାରର ଜଣେ ବାସିନ୍ଦା ଅସୁସ୍ଥ ହେବାରୁ ଆମ୍ବୁଲାନ୍ସ ଡକାଇଥିଲେ। ମାତ୍ର ଉକ୍ତ ରାସ୍ତାକୁ କେତେକ ଅସାଧୁ ବ୍ୟକ୍ତି ବନ୍ଦ କରି ରଖିଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଫଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶ୍ୟାମସିଂ ବିହାରରେ ପ୍ରାୟ ୨୦ ପରିବାର ୪/୫ ବର୍ଷ ହେବ ସ୍ଥାୟୀ ଘର ରହି ଆସୁଛନ୍ତି। କଲୋନୀ ହେବା ପୂର୍ବରୁ ସମସ୍ତ ଜମି ମାଲିକ ନିଜ ଇଚ୍ଛାରେ ସମସ୍ତଙ୍କ ଯାତାୟାତ ସୁବିଧା ନିମନ୍ତେ ରାସ୍ତା ନିର୍ମାଣ କରିଥିଲେ। ୨୦୧୪ରେ ଏହି ରାସ୍ତା ନିର୍ମାଣ ସମୟରେ ରବିନାରାୟଣ ମଲିକ ଓ ରତ୍ନାକର ମଲିକ ବାଉଁଶପାଟଣା ୱାର୍ଡ ନଂ-୧୦ର କଲୋନୀ ବାସିନ୍ଦାଙ୍କଠାରୁ ୧୩ ଡିସିମିଲ୍ ଜାଗା (ଖାତା ନଂ-୧୯୪, ପ୍ଲଟ୍ ନଂ-୧୨୮୫)କୁ ସର୍ବସାଧାରଣ ରାସ୍ତା କରିବା ନିମନ୍ତେ ୬ଲକ୍ଷ ୫୦ହଜାର ଟଙ୍କା ଚୁକ୍ତିନାମା ବଳରେ ନେଇଥିଲେ ଏବଂ ତଦନୁଯାୟୀ ଏହି ଜମିକୁ କଲୋନୀବାସିନ୍ଦାଙ୍କ ଚଳପ୍ରଚଳ ନିମନ୍ତେ ହସ୍ତାନ୍ତର କରିଥିଲେ। ପରେ କଲୋନୀର ସ୍ଥାୟୀ ବାସିନ୍ଦାଙ୍କ ସହଯୋଗରେ ଉକ୍ତ ଜମିରେ ସର୍ବସାଧାରଣ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ବର୍ତ୍ତମାନ ଉକ୍ତ ରାସ୍ତାକୁ ରବିନାରାୟଣ ମଲିକ ଓ ରତ୍ନାକର ମଲିକ ଜୋରଜବରଦସ୍ତ ବାଡ଼ ପକାଇ ଦଖଲ କରିରଖିଛନ୍ତି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ସ୍କୁଲ୍ ବସ୍, ଆମ୍ବୁଲାନ୍ସ ଆଦି ଜରୁରୀକାଳୀନ ସେବାରେ ବାଧା ଉପୁଜୁଛି। ଏହାର ତଦନ୍ତ କରି ଜବରଦଖଲ ଉଚ୍ଛେଦ କରିବାକୁ କଲୋନୀର ସୁରେଶ ଚନ୍ଦ୍ର ସାହୁ, ସସ୍ମିତା ସାହୁ, ଜୟଲକ୍ଷ୍ମୀ ରାଉତ, ରତ୍ନଭୂଷଣ ସାହୁ, ବୁବୁନା ସିଂଙ୍କ ସମେତ ବହୁ ବାସିନ୍ଦା ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ସକାଳ
THE SAKALA



# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ,୩୦।୫(ସମିସ):




ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଶନିବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏମ ଅବଦାଲ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଜିଲ୍ଲା ରାଜପଥ ଟାସ୍କ ଫୋର୍ସ ଗଠନ ଏବଂ ଏହାର କାର୍ଯକାରିତା ଉପରେ ଦୃଷ୍ଟିପାତ କରାଯାଇଥିଲା। ପରେ ଏପ୍ରିଲ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଏପ୍ରିଲ ମାସରେ ଜିଲ୍ଲାରେ ମୋଟ ୨୮ ଦୁର୍ଘଟଣା ଘଟି ୧୪ ଜଣଙ୍କ ମୃତ୍ୟୁ ହୋଇଛି ଓ ୧୪ ଜଣ ଆହତ ହୋଇଛନ୍ତି। ମାର୍ଚ୍ଚ ତୁଳନାରେ ଏପ୍ରିଲ ମାସରେ ଦୁର୍ଘଟଣା ହାର ହ୍ରାସ ପାଇଛି। ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୧୧୨୪, ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ୧୪୦୧, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୨୬, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୬୫ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୪୭୮ ଜଣଙ୍କର ଲାଇସେନ୍ସ ନିଲମ୍ବନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ସହକାରୀ ଏସ୍‌ପି ବିରଞ୍ଚି ବାଗ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ତାଳଚେର ମୋଟରଯାନ ନିରୀକ୍ଷକ ତପନ କୁମାର ବେଟୀ, ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସହସମ୍ପାଦକ ସୂର୍ଯ୍ୟକାନ୍ତ ସାମନ୍ତ, ସୁଶୀଲ ସ୍ୱାଇଁଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବଅଁରପାଳ,୩୦।୫(ସମିସ): ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ଦୈବ୍ୟ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶିକ୍ଷା କ୍ଷେତ୍ରର ସୌଦାମିନୀଙ୍କ ଅବଦାନକୁ ସ୍ମରଣ କରିଥିଲେ। ତାଙ୍କର ନମ୍ର ବ୍ୟବହାର, ଶୃଙ୍ଖଳାପ୍ରିୟତା ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ନିରନ୍ତର ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ତାଙ୍କୁ ଉପହାର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ବକ୍ତବ୍ୟରେ ସୌଦାମିନୀ ବିଦ୍ୟାଳୟ ସହ ଜଡ଼ିତ ସ୍ମୃତିଗୁଡ଼ିକୁ ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ସମସ୍ତଙ୍କ ସ୍ନେହ, ସହଯୋଗ ଓ ସମ୍ମାନ ପାଇଁ କୃତଜ୍ଞତା ଜଣାଇଥିଲେ।

## ଭୋଟର ସଚେତନତା ରଥ ଉଦଘାଟିତ



ତାଳଚେର,୩୦।୫(ସମିସ): ତାଳଚେର ଉପଜିଲ୍ଲାପାଳ କାର୍ଯାଳୟ ପକ୍ଷରୁ ଭୋଟର ସଚେତନତା ଏବଂ ଏସଆଇଆର-୨୦୨୬ କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ଭୋଟର ସଚେତନତା ରଥ ଉଦଘାଟନ କରାଯାଇଛି। ଏହି ରଥ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମ, ସହର ଏବଂ ଗଳିକନ୍ଦିରେ ପହଞ୍ଚି ସଚେତନ କରିବ। ଏସଆଇଆରର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୋଗ୍ୟ ଏବଂ ବାସ୍ତବ ଭୋଟରଙ୍କୁ ଇଲେକ୍ଟୋରାଲ ସୁନିଶ୍ଚିତ କରିବା ସହ ମୃତ କିମ୍ବାର ଭାରତୀୟ ନାଗରିକ ହୋଇ ନ ଥିବା ବ୍ୟକ୍ତିଙ୍କ ନାମକୁ ଭୋଟର ତାଲିକାରୁ ବାହାର କରିବା। ଏହି ସଚେତନତା ରଥକୁ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଡାନିଏଲ ଏକା, ମାନସ ମୋହନ ସେଟ୍, ନିବେଦିତା ନାୟକଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ତାଳଚେର ପୂର୍ବରୁ ମ୍ୟାପିଙ୍ଗ କାର୍ଯ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଶୀର୍ଷ ୫ଟି ବିଧାନସଭା କ୍ଷେତ୍ର ମଧ୍ୟରେ ସ୍ଥାନ ପାଇଥିଲା। ଉପଜିଲ୍ଲାପାଳଙ୍କ କହିବା ଅନୁଯାୟୀ ଏଥର ମଧ୍ୟ ଏସଆଇଆର କାର୍ଯ୍ୟ ସଫଳତାର ସହ ପୁଣି ଥରେ ଉତ୍କୃଷ୍ଟ ପ୍ରଦର୍ଶନ କରିବ।

## ୩ମାସ ହେବ ଭତ୍ତା ନ ପାଇ ହିତାଧିକାରୀ ହନ୍ତସନ୍ତ



ତାଳଚେର,୩୦।୫(ସମିସ): ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତରେ ପ୍ରାୟ ୩ମାସ ହେବ ବୃଦ୍ଧବୃଦ୍ଧାମାନେ ଭତ୍ତାରୁ ବଞ୍ଚିତ ରହିଛନ୍ତି। ଏ ନେଇ ଶୁକ୍ରବାର ତାଳଚେର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳ ଏହାକୁ ହୃଦୟଙ୍ଗମ କରି ଖୁବଶୀଘ୍ର ଭତ୍ତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

● ତାଳଚେରରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ

## ତତଲା କଡ଼େଇରେ ଭାଜି ହେଉଛନ୍ତି ଲୋକେ



ତାଳଚେର,୩୦।୫(ସମିସ): ଚଳିତବର୍ଷ ଅଘୋଷିତ ବିଦ୍ୟୁତକାଟ୍ କରାଗଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶକ୍ତିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ମଧ୍ୟ ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟରେ ଏଠିକାର ଜନସାଧାରଣ ତତଲା କଡ଼େଇରେ ଭାଜି ହେଉଛନ୍ତି। ଭାରତ ମାନଚିତ୍ରରେ ତାଳଚେର ଏକ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଥିବା ବେଳେ ଏଠାରେ ଖଣିଖାଦାନ ଓ ଅସନ୍ତୁଳିତ ପରିବେଶକୁ ନେଇ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇଆସୁଛି। ତାଳଚେର ଅଞ୍ଚଳରେ ୩ଟି ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡ଼ିକରୁ ରାଜ୍ୟ ବାହାରକୁ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇ ଦିଆଯାଉଥିବା ବେଳେ ତାଳଚେରରେ ଏହାର ବ୍ୟତିକ୍ରମ ଦେଖାଦେଉଛି। ତାଳଚେର ତାପମାତ୍ରା ୪୫ ଡିଗ୍ରୀ ରହୁଥିବା ବେଳେ ଝାଞ୍ଜି ପବନ ସହ ଅସହ୍ୟ ଗୁଳୁଗୁଳି ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିପକାଉଛି। ସକାଳ ୮ଟାରୁ ପ୍ରଖର ତାତି ଯୋଗୁଁ ଘରୁ ବାହାରିବା ସମ୍ଭବ ହେଉନାହିଁ। ମଧ୍ୟାହ୍ନ ସମୟରେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଏପରିକି, ଗଛପତ୍ର ଝାଉଁଳି ଯାଉଥିବା ବେଳେ ପଶୁପକ୍ଷୀମାନେ ତ୍ରାହି ତ୍ରାହି ଡାକୁଛନ୍ତି। ଏପରିସ୍ଥଳେ ତାଳଚେରବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପରିବର୍ତ୍ତେ ଘନଘନ ଅଘୋଷିତ ବିଦ୍ୟୁତ୍ କାଟ ସହ ଲୋ-ଭୋଲଟେଜ୍ ସମସ୍ୟା କଟା ଘା'ରେ ଚୂନ ଦେଲା ଭଳି ଅବସ୍ଥା ସୃଷ୍ଟି କରିଛି।

## ଋତୁସ୍ରାବ ସ୍ୱଚ୍ଛତା ଦିବସରେ ସଚେତନତା




କିଶୋରନଗର,୩୦।୫(ସମିସ): ବିଶ୍ୱ ଯୁବକେନ୍ଦ୍ର, ବଣିନାଳୀ ଦ୍ୱାରା ବଇଣ୍ଡା ଦକ୍ଷତା ବିକାଶ କେନ୍ଦ୍ରରେ କିଶୋରି ବାଳିକାମାନଙ୍କୁ ନେଇ ଋତୁସ୍ରାବ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶ୍ୱ ଯୁବକେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶ୍ୱ ଯୁବକେନ୍ଦ୍ର କୋଷାଧ୍ୟକ୍ଷ ଭାରତୀ ନାୟକ ଯୋଗଦେଇ କିଶୋରାବସ୍ଥାରେ ଶାରୀରିକ ପରିବର୍ତ୍ତନ, ହର୍ମୋନର ପରିବର୍ତ୍ତନ, ପିସିଓଏସ୍ ମାସିକ ଋତୁସ୍ରାବ ସମ୍ପର୍କିତ ସଚେତନତା, ବାଲ୍ୟ ବିବାହର କୁପ୍ରଭାବ, ଯୌନ ସଂକ୍ରମିତ ରୋଗ ଏଚଆଇଭି ଏଡ୍‌ସ ସଚେତନତା ଉପରେ ଆଲୋଚନା କରିଥିଲେ। ପ୍ରଜନନ ସ୍ୱାସ୍ଥ୍ୟ ମାନେ କେବଳ ରୋଗ ନ ଥିବା ଅବସ୍ଥା ନୁହେଁ ବରଂ ଶାରୀରିକ, ମାନସିକ ଓ ସାମାଜିକ ଭାବେ ସୁସ୍ଥ ଅବସ୍ଥାକୁ ବୁଝାଏ। ଏହା ପୁରୁଷ ଓ ମହିଳା ଉଭୟଙ୍କ ପାଇଁ ସମାନ ଭାବେ ଜରୁରୀ। ଏହାସହ ମାତୃ ସ୍ୱାସ୍ଥ୍ୟ, କିଶୋର ସ୍ୱାସ୍ଥ୍ୟ, ଅସୁରକ୍ଷିତ ଗର୍ଭପାତ ଉପରେ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୫୫ ଜଣ କିଶୋରୀ ବାଳିକା ଉପସ୍ଥିତ ଥିଲେ। ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତା ଅଭୟ ସ୍ୱାଇଁ, ଦୀପି ଦେହୁରି, ପପି ଦେହୁରି, ପୂଜା ସ୍ୱାଇଁ ସହଯୋଗ କରିଥିଲେ।

## ଧରିତ୍ରୀ ମାତା ବଞ୍ଚାଅ ନିଗରାନି ସମିତି ବୈଠକ

**ପାଲଲହଡ଼ା,୩୦।୫(ସମିସ):** ପାଲଲହଡ଼ା ଉପଖଣ୍ଡ ସଦରମହକୁମାରେ ଧରିତ୍ରୀ ମାତା ବଞ୍ଚାଅ ନିଗରାନି ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଖରିଫ ଋତୁ ପୂର୍ବରୁ ଚାଷୀଙ୍କୁ ସୁସମ ସାର ବଣ୍ଟନ ପାଇଁ ରଣନୀତି ପ୍ରସ୍ତୁତ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବୈଠକରେ ତାଳଚେର କୃଷି ଜିଲ୍ଲା ଅଧିକାରୀ ଦିଲୀପ କୁମାର ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଗୋଷ୍ଠୀ କୃଷି ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସହକାରୀ କୃଷି ଅଧିକାରୀ ମାନସୀ ମୋନାଲିସା ନାୟକ, ସହକାରୀ ଯନ୍ତ୍ରୀ (କ୍ଷୁଦ୍ର ଜଳସେଚନ) ପ୍ରଦୀପ କୁମାର ସେଠୀ, ଅତିରିକ୍ତ ବିଡିଓ ବୀରେନ୍ଦ୍ର ଦାସ, ସମବାୟ ସମିତି ସହକାରୀ ନିବନ୍ଧକ ଭୀମା ଚରଣ ବାସ୍କେଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଦିଲୀପ କୁମାର ମିଶ୍ର ଏଲ-ନିନୋ ପ୍ରଭାବ ଏବଂ ଯୁଦ୍ଧ ପରିସ୍ଥିତି ଯୋଗୁଁ ସାର ଯୋଗାଣ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଏହାର ପ୍ରସ୍ତୁତି ପାଇଁ ଗୁରୁତ୍ୱ ଦେଇଥିଲେ। ୟୁରିଆର ଅତ୍ୟଧିକ ବ୍ୟବହାର ଏବଂ ପଟାସ ଓ ଫସଫରସର ସଠିକ୍ ବ୍ୟବହାର ବିଷୟରେ ଚାଷୀଙ୍କୁ ସଚେତନ କରିବାର



ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତସ୍ତରୀୟ ସମିତି ଗଠନ କରି ଚାଷୀଙ୍କୁ ସଚେତନ କରିବା ପାଇଁ ପ୍ରୟାସ କରାଯିବ। ଚାଷୀଙ୍କ ପରିଚୟପତ୍ର ଏବଂ ଏଗ୍ରି-ଷ୍ଟାକ୍ ପୋର୍ଟାଲରେ ନାମଲେଖା ବାଧ୍ୟତାମୂଳକ କରାଯାଇଛି। ସୁଚାରୁରୂପେ ସାର ବଣ୍ଟନ ପାଇଁ ତହସିଲଦାରଙ୍କୁ ସାର ମହଜୁଦ ରଖିବା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପଜିଲ୍ଲାପାଳ ପଟେଲ ଚାଷୀଙ୍କ ସଂଗଠନକୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ପ୍ରମୁଖ ସ୍ଥାନରେ ସୂଚନା ବୋର୍ଡ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀ ନେତା, ପ୍ରାଥମିକ କୃଷି ସମବାୟ ସମିତି ଏବଂ ସାର ବ୍ୟବସାୟୀମାନଙ୍କ ସହ ଅନ୍ୟ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି।

## ସାଙ୍ଗ ଘରୁ ଲୁଟିନେଲେ ୯୦ ଗ୍ରାମ୍ ସୁନା; ୩ ଗିରଫ

**ଅନୁଗୋଳ,୩୦।୫(ସମିସ):** ସାଙ୍ଗ ଘରକୁ ବୁଲିବାକୁ ଆସି କଳାକନା ବୁଲାଇଲେ ଦମ୍ପତି। ଏକାଠି ବସି ଦହିବରା ଖାଇଲେ। ହସଖୁସିରେ ସମୟ ବିତାଇଲେ। ହେଲେ ଘରେ ଥିବା ସୁନାଗହଣା ଦେଖି ଲୋଭ ସମ୍ଭାଳି ପାରି ନ ଥିଲେ ସାଙ୍ଗ। ସୁଯୋଗ ଦେଖି ଆଲମିରାରୁ ପ୍ରାୟ ୯୦ ଗ୍ରାମ୍ ସୁନା ଅଳଙ୍କାର ଚୋରି କରି ନେଇଥିଲେ। ଅନୁଗୋଳ ସହର ଗୁଜୁରାଟିପଡ଼ାରେ ଘଟିଥିବା ଏହି ଘଟଣାର ପର୍ଦ୍ଦାଫାସ କରିଛି ଟାଉନ୍ ଥାନା ପୁଲିସ। ଘଟଣାରେ ସମ୍ପୃକ୍ତ ମହିଳା, ତାଙ୍କ ସ୍ୱାମୀ ଓ ଚୋରି ସୁନା କିଣିଥିବା ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ୭୦ ଗ୍ରାମ୍ ସୁନା ଅଳଙ୍କାର ଜବତ କରାଯାଇଛି।

ପୁଲିସ ସୂଚନା ଅନୁସାରେ, ଗୁଜୁରାଟିପଡ଼ାର ଅର୍ଚ୍ଚନା ନାୟକଙ୍କ ଘରୁ ଗତ ମାର୍ଚ୍ଚ ୧୬ ତାରିଖ ଚୋରି ହୋଇଥିଲା। ସେହିଦିନ ଅର୍ଚ୍ଚନା ତାଙ୍କ ସାଙ୍ଗ ଆଠମଲ୍ଲିକ ତଳବିଜିପୁର ଗ୍ରାମର ଲିଜାରାଣୀ ପ୍ରଧାନଙ୍କୁ ଘରକୁ ଡାକିଥିଲେ। ଉଭୟ ମିଶି ବଡ଼ି ପ୍ରସ୍ତୁତ କରିଥିଲେ। ପରେ ଦହିବରା ଖାଇବା ସହ ଶୋଇବା ଘରେ ବସି କଥା ହୋଇଥିଲେ। ଏହି ସମୟରେ ଲିଜାରାଣୀ ଆଲମିରାରେ ଥିବା ସୁନାଗହଣା ଦେଖିଥିଲେ। ଘରକୁ ଫେରିବା ପୂର୍ବରୁ ସେ ସୁଯୋଗ ନେଇ ପ୍ରାୟ ୯୦ ଗ୍ରାମ୍ ସୁନା ଅଳଙ୍କାର ଚୋରି କରି ନେଇଥିଲେ। ପରଦିନ ଗହଣା ନ ମିଳିବାରୁ ଅର୍ଚ୍ଚନା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଲିଜାରାଣୀ ଓ ତାଙ୍କ ସ୍ୱାମୀ ବିକାଶ ବେହେରାଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ପୁଲିସକୁ ମିଛ କହିବାକୁ ଉଭୟ ଚେଷ୍ଟା



କରିଥିଲେ ମଧ୍ୟ ଶେଷରେ ସତ ମାନିବାକୁ ବାଧ୍ୟ ହୋଇଥିଲେ। ଚୋରି ପରେ ଲିଜାରାଣୀ ଓ ତାଙ୍କ ସ୍ୱାମୀ ସମ୍ବଲପୁର ଆମ୍ବେଦକରନଗର ମୁଦିପଡ଼ାର ସରିତା ସିଂଙ୍କୁ ତାହାକୁ ବିକ୍ରି କରିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ ପୁଲିସ ସରିତାଙ୍କ ନିକଟରୁ ୭୦ ଗ୍ରାମ୍ ସୁନା ଅଳଙ୍କାର ଉଦ୍ଧାର କରିଛି। ଲିଜାରାଣୀ, ବିକାଶ ଓ ସରିତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଗତ ପରିଗଣନା ପର୍ଯ୍ୟାୟ ଆରମ୍ଭ

**ଅନୁଗୋଳ,୩୦।୫(ସମିସ):** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ପରିଗଣନା ପର୍ଯ୍ୟାୟ ମେ ୩୦ରୁ ଆରମ୍ଭ ହୋଇଛି। ଏହା ଜୁନ ୨୮ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏକ ଭୋଟର ସଚେତନତା ରଥକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଉଦଘାଟନ କରିଛନ୍ତି। ଏହି ପର୍ଯ୍ୟାୟରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ନିଜ ବୁଥ୍ ଅଞ୍ଚଳରେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ କରିବେ। ମତଦାତାଙ୍କୁ ପରିଗଣନା ଫର୍ମ ସଠିକ ଭାବରେ ପୂରଣ କରିବାରେ ସହାୟତା କରିବେ ଏବଂ ସେମାନଙ୍କଠାରୁ ଆବଶ୍ୟକ ଦସ୍ତାବିଜ ସହ ପୂରଣକୃତ ପରିଗଣନା ଫର୍ମ ସଂଗ୍ରହ କରିବେ। ଏହି ସ୍ୱତନ୍ତ୍ର ସଘନ ସଂଶୋଧନର ମୂଳ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କ ନାମ ମତଦାତା ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟ କିମ୍ବା ମୃତ ମତଦାତାଙ୍କ ନାମ ବିଲୋପ କରିବା ଏବଂ ମତଦାତା ତାଲିକାକୁ ନିର୍ଭୁଲ ଓ ଅଦ୍ୟତନ କରିବା। ମତଦାତାମାନଙ୍କ ସୁବିଧା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ, ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ସହାୟତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହାବ୍ୟତୀତ ଟୋଲ୍ ଫ୍ରି ନମ୍ବର ୧୯୫୦ ମାଧ୍ୟମରେ ମଧ୍ୟ ମତଦାତାମାନେ ଆବଶ୍ୟକ ସୂଚନା ଓ ସହାୟତା ପାଇପାରିବେ। ଜିଲ୍ଲା ନିର୍ବାଚନ ଶାଖା ପକ୍ଷରୁ ସମସ୍ତ ମତଦାତାଙ୍କୁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସହଯୋଗ କରି ସଠିକ୍ ତଥ୍ୟ ପ୍ରଦାନ କରିବା ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁରୋଧ କରାଯାଉଛି।



## ଅବସରପ୍ରାପ୍ତ ଏବିଡିଓ, ବଡ଼ବାବୁଙ୍କୁ ସମ୍ବର୍ଦ୍ଧନା



**କିଶୋରନଗର,୩୦।୫(ସମିସ):** କିଶୋରନଗର ବ୍ଲକ ସଭାଗୃହରେ ଶନିବାର ବ୍ଲକର ଅତିରିକ୍ତ ବିଡିଓ ଦିଲୀପ କୁମାର ପ୍ରଧାନ ଓ ମୁଖ୍ୟ କିରାଣି ସନ୍ତୋଷ ଗୋଚ୍ଛାୟତଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଡିଓ ଶୁଭକାନ୍ତ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ ଅବସର ଗ୍ରହଣ କରିଥିବା ଏବିଡିଓ ପ୍ରଧାନ ଓ ମୁଖ୍ୟ କିରାଣି ଗୋଚ୍ଛାୟତଙ୍କ ଦୀର୍ଘାୟୁ କାମନା କରିଥିଲେ। ଅବସରପ୍ରାପ୍ତ ଏବିଡିଓ ଓ ମୁଖ୍ୟ କିରାଣି ନିଜ ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏଥି ସହ ପିଇଓରୁ ଜିପିଡିଓ ପଦୋନ୍ନତି ପାଇ ଅନୁଗୋଳକୁ ବଦଳି ହୋଇଥିବା ରତ୍ନାକର ନାୟକଙ୍କୁ ମଧ୍ୟ ଉତ୍ତରୀୟ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିପିଡିଓ ସୁରେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗଦେଇଥିବା ଏବିଡିଓ ଘନଶ୍ୟାମ ନାୟକଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଏଡିଇଓ ଉପସ୍ଥିତ ଥିଲେ।

## ଓପିଟିସିଏଲ ସବ୍ ଷ୍ଟେସନରୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମଗ୍ରୀ ଚୋରି

**କଣିହାଁ,୩୦।୫(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ଓପିଟିସିଏଲ ପାୱାର ସବ୍ ଷ୍ଟେସନରୁ ବଡ଼ ଧରଣର ଚୋରି ହୋଇଛି। ଟ୍ରାନ୍ସଫର୍ମରରୁ କପର ତାର ଓ ଟ୍ରାନ୍ସଫର୍ମର ଅଏଲ୍ ଚୋରି ହୋଇଥିବା ନେଇ ଓପିଟିସିଏଲ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ, ସବ୍ ଷ୍ଟେସନରୁ ସାତ ଟନରୁ ଅଧିକ ତମ୍ବା ତାର ସହ ବହୁ ପରିମାଣର ଅଏଲ୍ ଚୋରି ହୋଇଛି। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୫୦ ଲକ୍ଷରୁ ଅଧିକ ଟଙ୍କା ହେବ। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ସନ୍ଦେହରେ ଚାରିଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଚୋରିରେ ରାକେଟ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।



## ବିନାୟକ ଯୁକ୍ତ ୨ ଆବାସିକ ମହାବିଦ୍ୟାଳୟର ସଫଳତା



**ଅନୁଗୋଳ,୩୦।୫(ସମିସ):** ବୌଦ୍ଧିକ ଓ ମାନସିକ ବିକାଶ ସହ ଶିକ୍ଷାର ଗୁଣାତ୍ମକ ଦିଗପ୍ରତି ସଚେତନ ଥିବା ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତ ବର୍ଷ ଉଚ୍ଚକୋଟୀର ସଫଳତା ଅର୍ଜନ କରି ଅନୁଷ୍ଠାନ ତଥା ଜିଲ୍ଲା ପାଇଁ ଗୌରବ ଆଣିଛି। ଶୃଙ୍ଖଳା ଓ ଅନୁଶାସନ ଭିତରେ ଛାତ୍ରଛାତ୍ରୀମାନେ ନିଜ ଶ୍ରେଷ୍ଠତା ପ୍ରତିପାଦନ କରିପାରିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟ ତରଫରୁ ୧୪୯ ଛାତ୍ରଛାତ୍ରୀ ବିଜ୍ଞାନରେ ପରୀକ୍ଷା ଦେଇଥିଲେ। ସେଥିରୁ ୧୪୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ଛାତ୍ରୀ ରୋଜାଲିନ ପ୍ରଧାନ ସର୍ବାଧିକ ୫୭୩ ନମ୍ବର ରଖି ପ୍ରଥମ, ଶୁଭଶ୍ରୀ ସାମଲ ୫୭୦ ନମ୍ବର ରଖି ଦ୍ୱିତୀୟ ଏବଂ ଇଶାରାଣୀ ପ୍ରଧାନ ୫୬୪ ନମ୍ବର ରଖି ତୃତୀୟ ହୋଇଛନ୍ତି। ୧୩ ଛାତ୍ରଛାତ୍ରୀ ୫୩୦ରୁ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନର ସଭାପତି ସୁଦୀପ ଦାଶ ଏବଂ ସମ୍ପାଦକ ଶରତ ପାଣି ଛାତ୍ରଛାତ୍ରୀଙ୍କ ସଫଳତାର ଶ୍ରେୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅନ୍ତେବାସୀ ତଥା ଛାତ୍ରଛାତ୍ରୀଙ୍କୁ ଦେବା ସହ କୃତଜ୍ଞତା ଜଣାଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କିଶୋରନଗର,୩୦।୫(ସମିସ):** କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗାଁର ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ ରାଉଳଙ୍କ ପରଲୋକ ଘଟିଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଅସୁସ୍ଥ ହେବାରୁ ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କିଶୋରନଗର ବରପଡ଼ିଆ ନିକଟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ସାନଭାଇ ପ୍ରଭାକର, ପୁଅ, ୩ ଝିଅ, ଜ୍ୱାଇଁ ନାତିନାତୁଣୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।



# ମହଙ୍ଗା ମାଡ଼ରେ ଖାଉଟି ହନ୍ତସନ୍ତ

ତାଳଚେର,୩୦।୫(ସମିସ):

ଜନସାଧାରଣଙ୍କ ଆୟ ଅନୁଯାୟୀ ବ୍ୟୟ ଅଧିକ ହେଉଥିବାରୁ ଏବେ ମଧ୍ୟବିତ ଶ୍ରେଣୀ ଗରିବ ହେବାକୁ ବସିଥିବା ବେଳେ ଧନୀ ଶ୍ରେଣୀ ମହଙ୍ଗା ମାଡ଼ରୁ ପାର ପାଇଯାଉଛନ୍ତି। ତେବେ ଗରିବ ଲୋକ ସରକାରୀ ହାତଟେକାକୁ ଚାହିଁ ଜୀବନ ଅତିବାହିତ କରୁଛନ୍ତି। ଯେଉଁ ଅନୁପାତରେ ଟିକସ, ଜିଏସ୍‌ଟି ଆଦାୟ କରାଯାଉଛି ସେହି ତୁଳନାରେ ଲୋକଙ୍କ ଆୟ ବୃଦ୍ଧି ପାଉନାହିଁ ବୋଲି ମତପ୍ରକାଶ କରିଛନ୍ତି। ଅପରପକ୍ଷେ ତୈଳଦର ବୃଦ୍ଧି ଯୋଗୁଁ ପନିପରିବାଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଦରଦାମ ଆକାଶଛୁଆଁ ହେଉଥିବାରୁ ଗ୍ରାହକଙ୍କ



ନିଦ ହଜି ଯାଇଛି। ଏପରିସ୍ଥଳେ ଜନସାଧାରଣ କିପରି ଚଳିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

ସରକାର ଜନସାଧାରଣଙ୍କ ସମସ୍ତ ସୁବିଧା ନିମନ୍ତେ ସରକାର ପ୍ରଚାର ପ୍ରସାର ମାଧ୍ୟମରେ ସର୍ବସ୍ୱ କରିଥିଲେ ମଧ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ହାଟକୁ ହଜାର ଟଙ୍କା ଧରି ଗଲେ ମଧ୍ୟ ବ୍ୟାଗ୍ ପୂର୍ଣ୍ଣ ହେଉନାହିଁ। ବର୍ତ୍ତମାନ ଆଳୁ ଦର ୧୦ରୁ ୨୦ଟଙ୍କା ମଧ୍ୟରେ ଥିବା ବେଳେ ପିଆଜ ୨୦ରୁ ୩୫, ବାଇଗଣ ୫୦, ଟମାଟୋ ୪୦, ଭେଣ୍ଡି ୪୦, କଞ୍ଚା କଦଳୀ ୭୦, ଶାଗବିଡ଼ା ୧୦, ଝୁଡ଼ଙ୍ଗ ୭୦, କଖାରୁ କେଜି ପ୍ରତି ୩୦, କାଙ୍କଡ଼ ୫୦, କଞ୍ଚାଲଙ୍କା ୧୦୦, ସାରୁ ୩୦ରୁ ୪୦, ଖୁମ୍ବଆଳୁ ୬୦, ବିନ୍ ୬୦, କାକୁଡ଼ି ୪୦, କଲରା ୭୦ଟଙ୍କା ରହିଚି। ଫଳମୂଳ ଦାମ ନ କହିବା ଭଲ। ସେହିଭଳି ଉଷୁନା ଚାଉଳ କେଜି ୩୦, ଅରୁଆ ଚାଉଳ ୫୦ ଥିବାବେଳେ ସୋରିଷ ତେଲ, ରିଫାଇନ୍ ତେଲ, ସୁଜି, ମୁଗଡାଲି, ବୁଟଡାଲି, ବୁଟ, ମଟର, ଚିନି, ହରଡ଼ଡାଲି, ଅଟା, ବେସନ, ଶୁଖିଲା ଲଙ୍କା, ଲୁଣ ଆଦିର ଦର ଆହେତୁକ ବୃଦ୍ଧି ପାଇଛି। ଆମିଷ ଦର ମଧ୍ୟ କିଛି କମ ନୁହେଁ। ଛେଳି ମାଂସ କେଜି ୮ ଶହ, ବ୍ରଏଲର୍ କୁକୁଡ଼ା ୨୫୦, ମାଛ ୨ ଶହ, ଚିଙ୍ଗୁଡ଼ି ୬ଶହ, ଅଣ୍ଡା ଗୋଟିକୁ ୭ଟଙ୍କା ଏବଂ ଖିର ଲିଟର୍ ପ୍ରତି ୬୦ରୁ ୭୦ ଟଙ୍କା ରହିଛି। ମହଙ୍ଗା ମାଡ଼ରୁ ବଡ଼ବଡ଼ିଆ ତରି ଯାଉଥିବା ବେଳେ ଦିନମଜୁରୀଆ ଯେନତେଣ ଉପାୟରେ ଚଳିଯାଉଛନ୍ତି। ମାତ୍ର ମଧ୍ୟବିତ୍ତ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## କଇଁଛ ବିକ୍ରି ବେଳେ ମାଡ଼ି ବସିଲା ବନ ବିଭାଗ

# ବାଇକ୍ ସହ ୨୨ କଇଁଛ ଜବତ

ଉମରକୋଟ,୩୦।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବନାଞ୍ଚଳ ଅନ୍ତର୍ଗତ ଯୁଭି ୭ ନଂ ନୂଆଗୁଡାଠାରେ କଇଁଛ ବିକ୍ରି ସମୟରେ ମାଡ଼ି ବସିଥିଲା ବନ ବିଭାଗ। ଏହି ଘଟଣାରେ ବନ ବିଭାଗ କାହାକୁ ଗିରଫ କରିନାହିଁ। ଚଢ଼ଉ ବେଳେ ବନ ବିଭାଗ ୨୨ ଟି ବଞ୍ଚିଥିବା କଇଁଚ ଜବତ କରିବା ସହ ଏକ ବାଇକ୍ ଜବତ କରିଥିଲେ। ତେବେ ବନ ବିଭାଗକୁ ଦେଖି ଘଟଣାସ୍ଥଳରୁ କଇଁଛ ଚୋରା ଚାଲାଣକାରୀ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ, ଜଣେ ବ୍ୟକ୍ତି ହିରୋ ସ୍ପେଲଣ୍ଡର ବାଇକ୍ ଯୋଗେ ଯୁଭି ୭ ନଂ ନୂଆ ଗୁଡାଠାରେ କଇଁଛ ବିକ୍ରି କରିବା



ପାଇଁ ଆଣିଥିବା ସମୟରେ ଅଚାନକ ବନ ବିଭାଗ ଚଢ଼ଉ କରିଥିଲା। ବନ ବିଭାଗ କର୍ମଚାରୀଙ୍କୁ ଅଚାନକ ସାମ୍ନାରେ ଦେଖି ଚୋରା ଚାଲାଣକାରୀ ଜଣକ ନିଜ ବାଇକ୍ ଛାଡ଼ି ଘଟଣାସ୍ଥଳରୁ ଖସି ଫେରାର ହୋଇଯାଇଥିଲା। ବନ ବିଭାଗର ସୂଚନା ଅନୁଯାୟୀ, ଜବତ ହୋଇଥିବା ଏହି କଇଁଚ ଗୁଡ଼ିକୁ କଳାହାଣ୍ଡି ଜିଲ୍ଲାରୁ ଚୋରା ଚାଲାଣ କରାଯାଇ ଆଣିଥିବା ଅନୁମାନ କରାଯାଉଛି। ଜିଲ୍ଲା ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶ ଆସିବା ପରେ ଏହି ସମସ୍ତ କଇଁଛକୁ କୌଣସି ପାଣି ଥିବା ପୋଖରୀ କିମ୍ବା ଡ୍ୟାମ୍‌ରେ ସୁରକ୍ଷିତ ଭାବେ ଛଡ଼ାଯିବ ବୋଲି ବନ ବିଭାଗ କହିଛି। ତେବେ ଏହି କଇଁଛ ଚୋରା ଚାଲାଣ ପଛରେ ଆଉ କାହାର ହାତ ରହିଛି ଏବଂ ଏହି ରାକେଟ୍‌ରେ କିଏ କିଏ ସାମିଲ ଅଛନ୍ତି, ସେନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏହି ଚଢ଼ଉ ସମୟରେ ଉମରକୋଟ ଫରେଷ୍ଟର ଆକୁଳ ବୈରାଗୀ, ତେଲ ନଦୀ ବିଟ ଗାର୍ଡ ମଧୁସ୍ମିତା ପାଢୀ ଓ ପାରା କର୍ମଚାରୀ ସାମିଲ ଥିଲେ।

## ମନ୍ତ୍ରୀଆମ ଘାଟିରେ ଓଲଟିଲା ଟ୍ରକ୍ / ଟ୍ରକ୍ ତଳେ ଫସିଥିବା ଡ୍ରାଇଭରଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ବୈପାରିଗୁଡ଼ା,୩୦।୫(ସମିସ): ବୈପାରିଗୁଡା ଥାନା ଅନ୍ତର୍ଗତ ମନ୍ତ୍ରୀଆମ ଘାଟିରେ ଏକ ଲୁହା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଟ୍ରକ୍ ତଳେ ଚାପି ହୋଇଥିବା ଡ୍ରାଇଭରଙ୍କୁ ଦେଢ଼ ଘଣ୍ଟା ପରିଶ୍ରମ ପରେ ଉଦ୍ଧାର କରିଥିଲା ଅଗ୍ନିଶମ ବାହିନୀ। ଗତକାଲି ରାତି ଦୁଇଟା ବେଳେ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥର ବୈପାରିଗୁଡା ଥାନା ଅନ୍ତର୍ଗତ ମନ୍ତ୍ରୀଆମ ଘାଟିରେ ଏକ ଲୁହା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୂଚନା ଅନୁଯାୟୀ, ଛତିଶଗଡ଼ର ରାୟଗଡ଼ରୁ (ଏପି ୩୯ ୟୁବି ୮୨୦୮) ନମ୍ବର ବିଶିଷ୍ଟ ଏକ ଲୁହା ପାଇପ୍ ବୋଝେଇ ଟ୍ରକ୍ ଗତକାଲି ରାତି ହାଇଦ୍ରାବାଦ ଅଭିମୁଖେ ବାହାରିଥିଲା। ଲଙ୍ଗଳପାଖନା ଘାଟିରେ ଟ୍ରକର



ବ୍ରେକ ଫେଲ୍ ହେବା କାରଣରୁ ଭାରସାମ୍ୟ ହରାଇବାରୁ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଟ୍ରକ୍ ତଳେ ଚାପି ହୋଇଯାଇଥିଲେ କିନ୍ତୁ ହେଲପର ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ବୈପାରିଗୁଡା ପୁଲିସ ପହଞ୍ଚି ଅଗ୍ନିଶମ ବିଭାଗକୁ ଫୋନ୍ କରି ଡ଼କାଇ ଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଲୁହା କଟା କଟର୍ ସାହାଯ୍ୟରେ ଦେଢ଼ ଘଣ୍ଟା ପରିଶ୍ରମ କରି ଟ୍ରକ୍ ଲୁହା କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ବୈପାରିଗୁଡା ପୁଲିସ ଆମ୍ବୁଲାନ୍ସ ଯୋଗେ ଆହତ ଡ୍ରାଇଭର ଶ୍ରୀନିବାସ ରାଓଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ଡ୍ରାଇଭର ଶ୍ରୀନିବାସଙ୍କ ଗୋଡ଼ ଏବଂ ମୁହଁରେ ଆଘାତ ଲାଗିଥିଲା ଜଣାପଡିଛି। ବୈପାରିଗୁଡା ପୁଲିସ ତଦନ୍ତ କରୁଛି।

## ୨ ବାଇକ ମୁହାଁମୁହିଁ: ୨ ଚାଳକ ମୃତ, ଜଣେ ଗୁରୁତର

ଜୟପୁର,୩୦।୫(ସମିସ): ଜୟପୁର ସହରର ଉପକଣ୍ଠ ୨୬ ନମ୍ବର ଜାତୀୟ ରାଜପଥ ବାରିଣିପୁଟ ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଦୁଇ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ବାଇକର ଆରୋହୀ ଗୁରୁତର ଭାବେ ଆହତ ହୋଇ ବିଶାଖାପଟଣାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ମୃତକ କୋରାପୁଟ ସଦରଥାନା କୋଲାବନଗରର ଯୁବକ ଟୁନା ଖୋସ୍ଲା (୨୦) ଏବଂ ଅନ୍ୟ ବାଇକର ଚାଳକ ଜୟପୁର ସଦରଥାନା କେରାପୁଟ ଗ୍ରାମର ନବୀନ ଟାକ୍ରୀ (୩୦)। ଗୁରୁତର କୋଲାବ ନଗରର ମୋହିତ ଖରା (୧୮)। ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଉଭୟ ବାଇକ ଦୃତଗତି ଯାଉଥିବା ବେଳେ ଘଟଣାସ୍ଥଳରେ ଜାତୀୟ ରାଜପଥରେ ବୁଲାଣିରେ ଉଭୟ ବାଇକ ନିୟନ୍ତ୍ରଣ ହରାଇ ମୁହାଁମୁହିଁ ଧକ୍କାରେ ଏହି ମୁମୁର୍ଷ ଦୁର୍ଘଟଣା ଘଟିଥିଲା । କିନ୍ତୁ କେଉଁ ବାଇକ କେଉଁ ଆଡେ ଯାଉଥିଲା ଏହା ସ୍ପଷ୍ଟ ହୋଇପାରିନାହିଁ। ଖବରପାଇ ବାରିଣିପୁଟ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ବାଇକକୁ ରାସ୍ତା ପାର୍ଶ୍ୱକୁ ଉଠାଇନେବା ସହିତ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ ଏବଂ ପ୍ରଥମେ ସମସ୍ତ ୩ ଜଣ ଗୁରୁତରଙ୍କୁ ସ୍ଥାନୀୟ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଳୟର ଜଣେ ବାଇକ ଚାଳକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଅନ୍ୟଜଣେ ଯୁବକ ଗୁରୁତର ରହିଥିବା ଯୋଗୁଁ ତାଙ୍କୁ ବିଶାଖପାଟଣା ସ୍ଥାନାନ୍ତରିତ କରାଯାଇଥିବା ନେଇ ବାରିଣିପୁଟ ଫାଣ୍ଡି ଅଧିକାରୀ ଏଏସ୍ଆଇ ତିରୁପତି ଶବର ପ୍ରକାଶ କରିଛନ୍ତି।

## ରବିଧାନ ସଂଗ୍ରହ ନେଇ ପ୍ରଶିକ୍ଷଣ ଓ ସଚେତନାତା ଶିବିର



ଜୟପୁର,୩୦।୫(ସମିସ): କୋରାପୁଟ ଜିଲ୍ଲାରେ ଆସନ୍ତା ଜୁନ ୩ରୁ ଚାଷୀଙ୍କ ଅମଳ ରବିଧାନ କ୍ରୟ ନେଇ ମଣ୍ଡିର ଶୁଭାରମ୍ଭ ହେବ। ତେଣୁ ଆଜି ଜୟପୁର ଉପଖଣ୍ଡର ସ୍ଥାନୀୟ ଆଞ୍ଚଳିକ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଧାନ ସଂଗ୍ରହ ନେଇ ପ୍ରଶିକ୍ଷଣ ଏବଂ ଚାଷୀଙ୍କ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମବାୟ ବିଭାଗ ଉପନିବନ୍ଧକ ମୋନିକା ରାୟ, ଉପଜିଲ୍ଲାପାଳ ତଥା ଆଞ୍ଚଳିକ ନିୟନ୍ତ୍ରିତ ବଜାର କମିଟିର ସଭାପତି ଯଦୁମଣି ନାୟକ ଏବଂ ବଜାର କମିଟିର ଉପାଧ୍ୟକ୍ଷ ବାଲା ରାୟଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଥିଲା। ଏହି ପ୍ରଶିକ୍ଷଣ ଓ ସଚେତନତା ଶିବିରକୁ ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାର କାନ୍ତ ସେଠୀ ପରିଚାଳନା କରିଥିଲେ। ଏହି ଅବସରରେ ଜୟପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳର ସମସ୍ତ ଚାଷୀମାନେ ଏବଂ ସମସ୍ତ କମିଟିର ନିର୍ଦ୍ଦେଶକମାନେ ମଧ ଉପସ୍ଥିତ ରହିଥିଲେ। ଆସନ୍ତା ମଣ୍ଡି ଶୁଭାରମ୍ଭ ହେବା ସହିତ ସରକାର ଯେଉଁ ଧାନର ସର୍ବନିମ୍ନ ମୂଲ୍ୟ ୨୩ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି ଏବଂ ବୋନସ ୮ ଶହ ଟଙ୍କା ଦେବା ପାଇଁ ନିଷ୍ପତି ନେଇଛନ୍ତି। ଚାଷୀମାନଙ୍କ ଅମଳ ଧାନର ଉଚିତ ମୂଲ୍ୟ ପାଇବେ ଏବଂ ସଠିକ ଭାବେ ଧାନର ମାନ ଯାଞ୍ଚ କରାଯାଇ କ୍ରୟ କରାଯିବା ନେଇ ଜୟପୁର ନିୟନ୍ତ୍ରିତ କମିଟି ଏବଂ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉଚିତ ମାନର ଧାନ ଚାଷୀ ଆଣିବେ ଏବଂ ମଣ୍ଡିରେ ଠିକ ଢଙ୍ଗରେ ପହଞ୍ଚାଇବେ ଯାହା ଫଳରେ ଧାନର ମୂଲ୍ୟ ସର୍ବନିମ୍ନ ଯାହା ରହିଛି ତାଙ୍କର ପ୍ରାପ୍ୟ ଠିକ୍ ପାଇବେ ସେଥିପ୍ରତି ଧ୍ୟାନ ଦିଆଯାଇଛି। ଆଜିର ଏହି ପ୍ରଶିକ୍ଷଣ ଶିବିରରେ ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଦେଶକ ଦେବେନ୍ଦ୍ର ବାହିନୀପତି, କୃଷ୍ଣଚନ୍ଦ୍ର ନେପାକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶଙ୍କର ସେନ ଭୋଇ, ସହକାରୀ ଯୋଗାଣ ଅଧିକାରୀ ଏନ୍. ଲକ୍ଷ୍ମଣ ରାଓ ଏବଂ ଚାଷୀମାନେ ଉପସ୍ଥିତ ଥିଲେ। କ୍ରୟକାରୀ ସଂସ୍ଥା ଭାବେ ଲ୍ୟାମ୍ପ ଏବଂ ପାଣିପଞ୍ଚାୟତର କର୍ମଚାରୀ ଏବଂ ନିୟନ୍ତ୍ରିତ ବଜାର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଦଶମନ୍ତପୁରରେ କାଳବୈଶାଖୀ ତାଣ୍ଡବ

ପୋଡ଼ାଗଡ଼,୩୦।୫(ସମିସ): ଦୀର୍ଘ ଦିନର ପ୍ରଚଣ୍ଡ ଖରା ପରେ ଆଜି ଦଶମନ୍ତପୁର ଅଞ୍ଚଳରେ ତାଣ୍ଡବ ରଚିଲା କାଳ ବୈଶାଖୀ। ଆଜି ଅପରାହ୍ନ ୫ଟା ସମୟରେ ପ୍ରବଳ ବର୍ଷା ସହ ଘଡଘଡି ପବନରେ ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ବେଳେ କେତେକ ସ୍ଥାନରେ ଘର ଛାତ ଉଡେଇ ନେଇଥିବା ଦେଖାଦେଇଛି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅଧିନସ୍ଥ ଗାଦିଆଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଖଜୁରୀପୁଟ ଗ୍ରାମର ସାରଥୀ ସାଉନ୍ତା ନାମକ ବ୍ୟକ୍ତିଙ୍କ ଘର ଅଜାବେଷ୍ଟସ୍ ପବନରେ ଉଡ଼ି ଯାଇଥିବା ଦେଖାଦେଇଛି। ସାରଥୀ ଅତି ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ଅନୁରୋଧ କରିଛନ୍ତି। ସେହିପରି ଗାଦିଆ ଗୁଡ଼ା ପଞ୍ଚାୟତର ପୁକି ଗ୍ରାମରେ ଅନେକ ଗଛ ପଡ଼ି ସାହିକୁ ଜିବରଦସ୍ତ ଅପରଦ୍ଧ ଯାଇଥିବା ସୂଚନାରୁ ଜଣାପଡ଼ିଛି। ବର୍ଷା କମିଯିବା ପରେ ଗ୍ରାମବାସୀ ଉକ୍ତ ଗଛ କାଟି ସଫା କରିଥିବା ଗ୍ରାମବାସୀ କହିଛନ୍ତି।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଉମରକୋଟ,୩୦।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସମ୍ମିଳନୀ ଗୃହ ଠାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୟାନିଧି ଦାସଙ୍କୁ ଚାକିରିରୁ ଅବସର ନେବା ପରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପଞ୍ଚାୟତ ନିର୍ବାହୀ ସଂଘର ସଭାପତି ସିମାଞ୍ଚଳ ମାଳୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଶଶାଙ୍କ ମାଝୀ, ଜୋନ-୧ର ଉପ ସଭାପତି ପ୍ରଶ୍ନ କୁମାର ବିଷୋୟୀ, ଜୋନ-୨ର ଉପ ସଭାପତି କୁମାରୀ ସୁନୀତା ବିଷୋୟୀ, ଜୋନ ୧ ର ସହ ସମ୍ପାଦକ ମିଥିଲେଶ କୁମାର ସ୍ୱାଇଁ, ଜୋନ ୨ ର ସହ ସମ୍ପାଦକ ସୁଚରିତା କବିରାଜ, କୋଷାଧ୍ୟକ୍ଷ ସୁଦର ବେହେରା, ଅଡିଟର ଯୁଧିଷ୍ଠିର ରାଜ ଗଣ୍ଡ, ରାଜ୍ୟ କାଉନସିଲ ସଭ୍ୟ କେ. ରଜନୀକାନ୍ତ ଓ ସଦାନନ୍ଦ ହିଆଲ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଇଶ୍ୱର ବାଘ, ମନୁରାମ ଭତରା, ସପନ କୁମାର ସରକାର, ପିଣ୍ଟୁ ରଞ୍ଜନ ଦେ, ଦିବ୍ୟଶଙ୍କର ପୂଜାରୀ, ନରସିଂହ ଭତରା, ଟିକଚାନ୍ଦ ନାୟକ, ଗୌରବ ପ୍ରଧାନ, ପର୍ଶୁରାମ ମାଳୀ ଓ ପ୍ରତାପ ରୁଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ● କୋରାପୁଟ ମେଡିକାଲ କଲେଜରେ ସଫଳ ଅସ୍ତ୍ରୋପଚାର

## ୭ ମାସ ଶିଶୁର ଗଳାରୁ ବାହାରିଲା ହେଡକ୍ଲିପ୍

କୋରାପୁଟ,୩୦।୫(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର ଦ୍ୱାରା ୭ ମାସର ଏକ ଶିଶୁର ଗଳାରେ ଅଟକିଥିବା



ହେଡକ୍ଲିପ୍ ବାହାର କରି ଡାକ୍ତରୀ ଦଳ ପୁଣି ନୂଆ ଇତିହାସ ରଚିଛନ୍ତି। ଶିଶୁ ଜଣକ ନିଜ ଘରେ ଖେଳୁ ଖେଳୁ ଅସାବଧାନତାବଶତଃ ଏକ ହେଡକ୍ଲିପ୍ ଗିଳି ଦେଇଥିଲା। କ୍ଲିପ୍‌ଟି ତାର ଗଳାରେ ଅଟକି ଯିବାରୁ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ପରିବାର ଲୋକେ ତୁରନ୍ତ ଶିଶୁଟିକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ଇଏନଟି ବିଭାଗର ଡାକ୍ତର ରାଜେଶ କର, ଡାକ୍ତର ଗୋପାଳ ନାୟକ ଏବଂ ଅନ୍ୟମାନଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଅସ୍ତ୍ରୋପଚାର କରି ସଫଳତାର ସହ କ୍ଲିପ୍ ବାହାର କରିଥିଲେ। ବର୍ତ୍ତମାନ ଶିଶୁଟି ବିପଦମୁକ୍ତ ଥିବା ସୂଚନା ମିଳିଛି। ଡାକ୍ତରୀ ଦଳର ଏହି ସଫଳତାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼ ଘଟଣାକୁ ପୂର୍ବତନ ବିଧାୟକଙ୍କ ନିନ୍ଦା

ନନ୍ଦପୁର,୩୦।୫(ସମିସ): ଦାବିପତ୍ର ଦେବା ବେଳେ ଧସ୍ତା ଧସ୍ତି ଘଟଣାକୁ ନେଇ କୂଳାର ସିଂହ ସରପଞ୍ଚ ସ୍ୱାମୀଙ୍କୁ ବିଧାୟକ ତଥା ସିଏଲ୍‌ପି ନେତା ରାମଚନ୍ଦ୍ର କାଡ଼ାମ ମାଡ଼ ମାରିଥିବା ଅଭିଯୋଗକୁ ନିଜେ ବିଧାୟକ ଅସ୍ୱୀକାର କରିଥିବା ବେଳେ ଏହି ଘଟଣାକୁ ନେଇ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ନିନ୍ଦା କରିଛନ୍ତି। ତତ୍ ସହିତ ଆସନ୍ତା ବୁଧବାର ଦିନ ଏକ ପଟାଙ୍ଗୀ ବିଧାୟକଙ୍କ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା କରିବାକୁ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପଟରେ ଏହି ଘଟଣାକୁ ନେଇ ହିନ ରାଜନୀତି କରିଛି ବିଜେଡି ବୋଲି କହିଛନ୍ତି ନନ୍ଦପୁର ବିଧାୟକ ପ୍ରତିନିଧି କାମେସ କାମୁଡି।

## କଂଗ୍ରେସର ମଶାଲ ଶୋଭାଯାତ୍ରା

ସେମିଳିଗୁଡା,୩୦।୫(ସମିସ): ଓଡିଶା ପ୍ରଦେଶ କଂଗ୍ରେସର ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡାରେ କଂଗ୍ରେସ ମଶାଲ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାଙ୍ଗୀ ବିଧାୟକ ତଥା ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଓ ସେମିଳିଗୁଡ଼ା ବ୍ଲକ କଂଗ୍ରେସ କମିଟିର ସଭାପତି ସନିଆ ମାଝୀଙ୍କ ନେତୃତ୍ୱରେ ୩୩ ମହିଳା ସଂରକ୍ଷଣ ଲାଗୁ କରିବା ଦାବିରେ ସେମିଳିଗୁଡ଼ା ବସଷ୍ଟାଣ୍ଡ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମଶାଲ ପଦଯାତ୍ରା କରାଯାଇଥିଲା। ବ୍ଲକ୍ କାର୍ଯ୍ୟାଳୟଠାରେ କେନ୍ଦ୍ର ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ମହିଳାଙ୍କ ପ୍ରତି ଅନ୍ୟାୟ ବିରୁଦ୍ଧରେ କଂଗ୍ରେସ ଲଢେଇ ଜାରି ରହିବ ବୋଲି ବିଧାୟକ କାଡାମ ଚେତାବନୀ ଦେଇଛନ୍ତି। ଜିଲ୍ଲା ପରିଷଦ ସଦସ୍ୟ ମୋହନ ଜାନୀ, ସାଂସଦ ପ୍ରତିନିଧି ଜଗତ ରାୟ କିନ ବୁଢ଼ୀ, ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ, ମହିଳା କଂଗ୍ରେସ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ସମସ୍ତ ସରପଞ୍ଚ ସମିତି ମେମ୍ବର କଂଗ୍ରେସ ନେତା କର୍ମୀ ଉପସ୍ଥିତ ଥିଲେ।




## ବ୍ଲକ୍‌ସ୍ତରୀୟ ସରଗମ ମେଲୋଡି ବାଦ୍ୟ କଳାକାର ସଙ୍ଘ ଗଠିତ



ପାପଡାହାଣ୍ଡି,୩୦।୫(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସହୀଦମିନାରଠାରେ ବ୍ଲକ୍‌ସ୍ତରୀୟ ସରଗମ ମେଲୋଡି ବାଦ୍ୟ କଳାକାର ସଙ୍ଘ ଗଠିତ ହୋଇଛି। ପାପଡାହାଣ୍ଡି ବ୍ଲକ୍‌ର ୨୩ ଗୋଟି ଗ୍ରାମପଞ୍ଚାୟତର ୩୦ ଗୋଟି ମେଲୋଡି ପାର୍ଟି ମିଳିତ ଭାବେ ସରଗମ ମେଲୋଡି ସଙ୍ଘ ଗଠିତ କରାଯାଇଛି। ସମସ୍ତ ସଦସ୍ୟ ସହମତିରେ ସରଗମ ବାଦ୍ୟ କଳାକାର ସଂଘର ବ୍ଲକ୍ ସଭାପତି ଭାବେ ଅଭିଷେକ ସୁନା, ଉପସଭାପତି ସୁଦର୍ଶନ ହରିଜନ, ସମ୍ପାଦକ ଉଜ୍ଜ୍ୱଳ ହରିଜନ, ସହ ସମ୍ପାଦକ କିରଣ ବାଗ, ପୁରସତୀ ଯାନୀ, କୋଷାଧ୍ୟକ୍ଷ ଗଜେନ୍ଦ୍ର ହରିଜନ, ୫ ଜଣଙ୍କୁ ଉପଦେଷ୍ଟା ମଣ୍ଡଳୀ ଭାବେ ଚୟନ କରାଯାଇଛି। ସଭାପତି ଅଭିଷେକ ସଭାପତି ଭାବେ ଚୟନ ହେବା ପରେ ସମସ୍ତ କଳାକାରକୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତଙ୍କୁ ନେଇ ସଙ୍ଘ ପିରିଚାଳନା କରିବା ଶହ ସମସ୍ତ କଳାକାରଙ୍କ ସମସ୍ୟା ସୁବିଧା କରିବେ ଓ ସରକାରୀ ସହାୟତା ପାଇ ଦାବି କରିବେ ବୋଲି କହିଛନ୍ତି। ବ୍ଲକ୍‌ର ୩୦ ଗୋଟି ମେଲୋଡି ବାଦ୍ୟ କଳାକାର ଉପସ୍ଥିତ ରହିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ଓ ଉପଖଣ୍ଡ ମାନ୍ୟତା ଦାବି

# ମଙ୍ଗଳବାର ବୈପାରୀଗୁଡା ସୁରକ୍ଷା ମଞ୍ଚର ୩ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା

ବୈପାରୀଗୁଡ଼ା,୩୦।୫(ସମିସ): ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଏବଂ ଉପଖଣ୍ଡ ମାନ୍ୟତା ଦାବି ନେଇ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ଅଞ୍ଚଳବାସୀ। ବୈପାରୀଗୁଡା ସୁରକ୍ଷା ମଞ୍ଚ ପକ୍ଷରୁ ମେଡିକାଲ ସାମ୍ନାରେ ଆସନ୍ତା ଜୁନ୍ ୨ ତାରିଖ ସକାଳ ୯ ଠାରୁ ଅପରାହ୍ନ ୧୨ ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ। ଏନେଇ ଆଜି ବୈପାରୀଗୁଡା ଥାନା ଅଧିକାରୀ ଡମ୍ବରୁ ଧର ବର୍ତ୍ତିଆଙ୍କୁ କମିଟି ତରଫରୁ ଅବଗତ କରାଯାଇଛି। ସୂଚନା ଥାଉକି, ବୈପାରୀଗୁଡା ଗୋଷ୍ଠୀ ଚିକିତ୍ସାଳୟରେ ବିଭିନ୍ନ ପ୍ରକାର ସମସ୍ୟା ରହିଛି। ବୈପାରୀଗୁଡା ବ୍ଲକ ସଦରମହକୁମା ସ୍ଥିତି ମୁଖ୍ୟ ଛକ ତଥା ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ



ପାର୍ଶ୍ୱରେ ମେଡିକାଲ ରହିଛି। କିନ୍ତୁ ବୈପାରୀଗୁଡା ବ୍ଲକର ୨୦ ଗୋଟି ପଞ୍ଚାୟତ ସମେତ କୁନ୍ଦୁରା ବ୍ଲକର ପାଞ୍ଚଟି ଫଚାୟତ, ଲମତାପୁଟ ଓ ମାଥିଲି ବ୍ଲକର କିଛି ଫଚାୟତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏଠାରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ହେଉନାହିଁ କି ବିଶେଷଜ୍ଞ ଡାକ୍ତର ପ୍ରଦାନ କରାଯାଉନାହିଁ । ସେହିଭଳି ଏକ୍ସରେ ମେଶିନି ଅଛି କିନ୍ତୁ ବ୍ୟବହାର ହେଉନାହିଁ। ଇସିଜି ସୁବିଧା ନାହିଁ, ଶବ ବାହକ ଗାଡି ନାହିଁ, ବିଶେଷ କାରି ଷ୍ଟାପ ନର୍ସ, ଏଲଟି, ଫିଲଡ ଷ୍ଟାପ, ଆବଶ୍ୟକ ଡାକ୍ତରଙ୍କ ଅଭାବ ରହିଛି। ଏହି ସମସ୍ୟା ସମାଧାନ ସହ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ଦାବି ନେଇ ଧାରଣା ଦିଆଯିବ ବୋଲି ସୁରକ୍ଷା ମଞ୍ଚ ପକ୍ଷରୁ ସୂଚନା ରହିଛି।

# ଭୁବନେଶ୍ୱର ସିଟି



# ନ୍ୟାୟ ଦାବି | ରାସ୍ତାକୁ ଓହ୍ଲାଇଲେ ସୌମ୍ୟଙ୍କ ପରିବାର

ଭୁବନେଶ୍ୱର, ୩୦ା୫(ସମିସ)

ବାଲିଅନ୍ତା ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ଶେଷରେ ରାଜରାସ୍ତାରେ କାନି ପତାଇ ମୃତ ସୌମ୍ୟଙ୍କ ମା' କବିତା ସ୍ୱାଇଁ ନ୍ୟାୟ ଭିକ୍ଷା କରିଛନ୍ତି। ଶନିବାର ସୌମ୍ୟଙ୍କ

- ଅଭିଯୋଗ ଶୁଣାଣି ଶିବିର ଯାଇ ଦାବିପତ୍ର ଦେଲେ
- ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଭେଟି ଫେରିଲେ

ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ କ୍ରାଇମବ୍ରାଞ୍ଚର ତଦନ୍ତରେ ଅସନ୍ତୋଷ ବ୍ୟକ୍ତ କରି ରାଜଧାନୀ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି ଶିବିର ଯାଇଥିଲେ। ପରେ ଲୋୟର ପିଏମଜି ଆସି ରାଜରାସ୍ତାରେ ନିଜ ପଣତକାନି ପତାଇ ନ୍ୟାୟ ଭିକ୍ଷା କରିଥିଲେ। ମୃତ ସୌମ୍ୟଙ୍କ ମା' କବିତା ସ୍ୱାଇଁ



କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ ଦେଖା ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସହ କଥା ହୋଇ ଫେରିଲୁ। ସେ ଆସନ୍ତା ୪ରୁ ୮ ଦିନ ସମୟ ମାଗିଛନ୍ତି। ଏହାରି ମଧ୍ୟରେ ମୁଖ୍ୟମନ୍ତ୍ରୀ ଦେଖା କରିବାକୁ ଡାକିବେ ବୋଲି ସଚିବ କହିଛନ୍ତି। ଆବଶ୍ୟକସ୍ଥଳେ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଚିବ କହିଥିବା ସୌମ୍ୟଙ୍କ ମା' କହିଛନ୍ତି। ଅନ୍ୟପଟେ ସୌମ୍ୟଙ୍କ ମା' କ୍ରାଇମବ୍ରାଞ୍ଚର ତଦନ୍ତକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କ୍ରାଇମବ୍ରାଞ୍ଚ ଏହି ମାମଲାକୁ ଦବାଇବାକୁ ଚାହୁଁଛି। କେବଳ ଆମ ସନ୍ତୁଷ୍ଟି ପାଇଁ ଏବେ ଉପରଠାଉରିଆ ଭାବେ କିଛି କିଛି କୁହାଯାଉଛି। ଯଦି ଏହି ସମୟ ମଧ୍ୟରେ କିଛି ସମାଧାନ ନ ହେବ ତେବେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୌମ୍ୟରଞ୍ଜନଙ୍କ ମା, ବନ୍ଧୁ-ପରିଜନ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ ମୋଟ୍ ୧୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆହୁରି ୧୦ ଜଣଙ୍କୁ ଚିହ୍ନଟ କରାଯାଇଛି। ଶୀଘ୍ର ସେମାନଙ୍କୁ ଗିରଫ କରିବା ଟିମ୍ ଉଦ୍ୟମ କରୁଥିବା କ୍ରାଇମବ୍ରାଞ୍ଚ ଡିଆଇଜି କହିଛନ୍ତି। ୭ ତାରିଖରେ ବାଲିଅନ୍ତା ଅଞ୍ଚଳରେ କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ବହୁ ଲୋକ ପିଟିପିଟି ହତ୍ୟା କରିଥିଲେ। ଯୁବତୀଙ୍କ ସହ ଗଣ୍ଡଗୋଳରୁ ସ୍ଥାନୀୟ ଲୋକ ପିଟିପିଟି ସୌମ୍ୟଙ୍କୁ ମାରି ଦେଇଥିଲେ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରିବାର ଲୋକେ ଏହି ଘଟଣାର ସିବିଆଇ ତଦନ୍ତ ଦାବି କରୁଛନ୍ତି।

## ଗାଁର ଭାବ ସହରରେ ନାହିଁ

ଭୁବନେଶ୍ୱର, ୩୦ା୫(ସମିସ): ଗାଁ ଦେଇଥିବା ସ୍ନେହ, ଭାଇଚାରା ଏବଂ ଅଗଣିତ ସ୍ମୃତି ସବୁବେଳେ ସାଇତା ହୋଇ ରହିଛି। ସମୟ ବଦଳିଛି, ଦୂରତା ବଢ଼ିଛି ହେଲେ ଗାଁ ମନସ୍କ ମନ ଆଜି ବି ସେଇ ଗାଁ ଦାଣ୍ଡରେ ଘୂରି ବୁଲୁଛି ଯେପରି। ଗାଁ ମୋର ନଈ, ନାଳ ଆଉ ଗଛଲତାର ମେଳରେ ବେଶ ସୁନ୍ଦର ଦେଖାଯାଏ। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି।



ଏଇଭଳି ଜଣେ ଗାଁ ମନସ୍କ ମହିଳା ହେଲେ ଲକ୍ଷ୍ମୀପ୍ରିୟା ଚୌଧୁରୀ। ଖୋର୍ଦ୍ଧା ଜିଲ୍ଲାର ବନମାଳୀପୁର ସ୍ଥିତ ଦେୱାନପାଟଣା ଗ୍ରାମରେ ତାଙ୍କ ଘର। ଦୀର୍ଘ ୩୧ ବର୍ଷ ହେବ ରାଜଧାନୀରେ ରହୁଛନ୍ତି। ବର୍ତ୍ତମାନ ତାଙ୍କ ଠିକଣା ହେଉଛି ଘାଟିକିଆ ଅଞ୍ଚଳ ଏବଂ ସେ ଜଣେ ଗୃହିଣୀ। ନିଜ ଗାଁର ଅନୁଭୂତିରେ ସେ କହିଛନ୍ତି ଗାଁ ଦାଣ୍ଡ ଏବେ କଂକ୍ରିଟ ହୋଇଗଲାଣି। ସମୟସହ ସେ ଧୂଳିମାଟିରେ ଖେଳିବାର ମଜା ବି ଏବେକାର ପିଲା ଜାଣିନାହାନ୍ତି ହୁଏତ। ଗାଁ ମୁଣ୍ଡରେ ବଡ଼ ବରଗଛ ଆଉ ପୋଲ ସେପାଖରେ ନଈ। ସାଙ୍ଗମନଙ୍କୁ ଧରି ସେଠି କେତେ ମଜା ଆଉ ଖେଳ। ସେ ଦିନଗୁଡ଼ାକ ଯେପରି ଆଖି ଆଗରେ ନାଚି ଯାଉଛି। ସହରତ ମୂଳରୁ କଂକ୍ରିଟ ହେଇଗଲାଣି। ଗାଁରେ ଭାଇଚାରା ଅଛି, ସ୍ନେହ ଭରା ଡାକ, ଲୋକଙ୍କ ଆତ୍ମୀୟତା ସେଠି ସବୁ ମିଳିବ। ହେଲେ ଏଠି ତ ପଡୋଶୀ ମଧ୍ୟ ପଡୋଶୀକୁ ଭଲକରି ଜାଣେନି। ଗାଁର ଭାବ ସବୁଠୁ ସୁନ୍ଦର ଆଉ ସହରର କେବଳ ଦେଖିବାକୁ ଚାକଚକ୍ୟ। ଏଠି ସିନା ସମ୍ପର୍କର ମୂଲ୍ୟ ନାହିଁ କିନ୍ତୁ ଗାଁରେ ମଣିଷ ସମ୍ପର୍କକୁ ନେଇ ଚଳେ। ଗାଁର ବିଭିନ୍ନ ପର୍ବପର୍ବାଣୀ ସମୟରେ ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳରେ ଉତ୍ସବ ମୁଖର ହୋଇ ଉଠେ ଗାଁ। ଆଜି ବି ସେଠାକୁ ଗଲେ ସବୁକିଛି ଫେରି ପାଇଲା ଭଳି ଲାଗେ। ଆମ ଗାଁ ମନ୍ଦିର ନିକଟରେ ସନ୍ଧ୍ୟା ହେଲେ ସେଠି ଗାଁର ବୟୋଜ୍ୟେଷ୍ଠଙ୍କ ମେଳରେ ଆଧ୍ୟାତ୍ମିକ ଚର୍ଚ୍ଚା ହୁଏ। ହେଲେ ସହରରେ କେବଳ ଗାଡି ମଟରର କେଁ କାଁ ଶବ୍ଦ। ସମୟ ସହ କେବଳ ଏଠି ଲୋକ ସଂଖ୍ୟା ବଢ଼ି ଚାଲିଛି କିନ୍ତୁ ପ୍ରକୃତରେ ଆପଣାର ଲୋକମାନେ ସବୁ ସେଇ ଗାଁରେ ହିଁ ରହିଛନ୍ତି। ସହରର ଚଳଣୀ ସବୁବେଳେ ଦୁଃଖ ଦାୟକ। ମୋ ଜୀବନର ଶେଷ ସମୟ ମୋ ଗାଁ ଦାଣ୍ଡରେ ହିଁ କଟିଛି। ଗାଁର ଯେଉଁ ଆପଣାପଣର ବାସ୍ନା, ସବୁଦିନ ପାଇଁ ମନ ସହରରେ ଖୋଜି ଥାଏ।

ଆମେ ଗାଁରୁ ଆସିଛୁ

● ବାରଙ୍ଗ ଥାନାରେ ପୋଲିସ ଅତ୍ୟାଚାର ଘଟଣା

## ସିପିଡିଆର୍‌ଏସ୍ ପକ୍ଷରୁ ଉଦ୍‌ବେଗ, କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୩୦ା୫(ସମିସ): ବାରଙ୍ଗ ଥାନାରେ ଜଣେ ଯୁବକଙ୍କ ଉପରେ ପୁଲିସର ଅମାନୁଷିକ ଥାର୍ଡ ଡିଗ୍ରୀ ଘଟଣାରେ ସିପିଡିଆରଏସ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ଥାନା ଭିତରେ ପୁଲିସ ମାଡରେ ଗୁରୁତର ଭାବରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବକଙ୍କୁ ତାଙ୍କ ପରିବାର ବର୍ଗଙ୍କୁ ଦେଖିବାକୁ ଦିଆଯାଉନାହିଁ। କିମ୍ବା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପରିବାରବର୍ଗଙ୍କୁ ଅବଗତ କରାଯାଉନାହିଁ ବୋଲି ଗଣ ମାଧ୍ୟମରେ ପ୍ରକାଶିତ ତଥ୍ୟ ସତ୍ୟ ହୋଇଥିଲେ ଅତ୍ୟନ୍ତ ସାଂଘାତିକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ପରିସ୍ଥିତିରେ ଥାନା ଇନ୍ସପେକ୍ଟରଙ୍କ ସମେତ ସମସ୍ତ ଅଭିଯୁକ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ଆସାମୀ ଭାବରେ ମାମଲା ରୁଜୁ କରିବା ଓ ପୀଡ଼ିତ ଯୁବକଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ଓ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାପାଇଁ ସିପିଡିଆରଏସ ପକ୍ଷରୁ ସରାକରଙ୍କ ନିକଟରେ ଦାବି କରାଯାଇଛି।

## ବିବାହ ପାଇଁ ମନା କରିବାରୁ ଯୁବତୀଙ୍କ ଫଟୋ ଭାଇରାଲ୍



ଭୁବନେଶ୍ୱର, ୩୦ା୫ (ସମିସ): ବିବାହ କରିବାକୁ ମନା କରିବାରୁ ଯୁବତୀଙ୍କ ଫଟୋ ଭାଇରାଲ କରିଛି ପ୍ରେମିକ। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବଗାଡ଼ିଆର ନିତେଶ କୁମାର ସାହୁ (୩୦)।

ପୁଲିସ ସୂଚନାନୁସାରେ, ଗଞ୍ଜାମ ଜିଲ୍ଲାର ଜଣେ ୨୩ ବର୍ଷୀୟା ଯୁବତୀ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଛନ୍ତି। ଗତବର୍ଷ ଇନଷ୍ଟାଗ୍ରାମ ଜରିଆରେ ଯୁବତୀ ଓ ନିତେଶ ମଧ୍ୟରେ ପରିଚୟ ହୋଇଥିବା ବେଳେ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରେମ ଆଳରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ସେହି ସମୟରେ ନିତେଶ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ତେବେ ନିକଟରେ ଯୁବତୀ ଜଣକ ବିବାହ କରିବେ ନାହିଁ ବୋଲି ନିତେଶଙ୍କୁ କହିଥିଲେ। ନିତେଶ ରାଗିଯାଇ ତାଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଥିଲା। ପରବର୍ତ୍ତୀ ସମୟରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ଯୁବତୀଙ୍କ ସମ୍ପର୍କୀୟଙ୍କୁ ପଠାଇ ଦେଇଥିଲା। ଯୁବତୀ ଜଣକ ପଚାରିବାରୁ, ନିତେଶ ତାଙ୍କୁ ମାଡ଼ ମାରିଥିଲା। ଏନେଇ ଯୁବତୀ ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେବାପରେ ପୁଲିସ ନିତେଶକୁ ଗିରଫ କରିଛି। ତା' ଠାରୁ ମୋବାଇଲ ଫୋନ୍ ଜବତ କରିଛି।

## ମହିଳାଙ୍କ ଫଟୋ ଭାଇରାଲ୍; ପ୍ରେମିକ ଗିରଫ



ଭୁବନେଶ୍ୱର, ୩୦ା୫ (ସମିସ): ମହିଳାଙ୍କ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲିଙ୍ଗରାଜ ରେଳଷ୍ଟେସନ ନିକଟରେ ରହୁଥିବା ମନୋଜ ବାରିକ (୪୬)।

ପୁଲିସ ସୂଚନାନୁଯାୟୀ, ଜଣେ ୩୮ ବର୍ଷୀୟା ମହିଳା ଓ ମନୋଜର ପରିଚୟ ହେବାପରେ ପ୍ରାୟ ୩ ମାସ ହେବ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଭିଡିଓ କଲ୍ ଜରିଆରେ କଥାବାର୍ତ୍ତା ହେବାବେଳେ ମନୋଜ ତାଙ୍କର ସ୍କ୍ରିନସଟ୍ ସଂଗ୍ରହ କରି ନେଇଥିଲା। ଏହାପରେ ସେହି ଫଟୋଗୁଡ଼ିକୁ ଫୋନ୍-ପେ ଦ୍ୱାରା ମହିଳାଙ୍କ ପାଖକୁ ପଠାଇ ଫେବର୍ ମାଗିଥିଲା। ଏମିତିକି ଦିନେ ବିଳମ୍ବିତ ରାତିରେ ମହିଳାଙ୍କୁ ଘରକୁ ପଶିବାକୁ ଉଦ୍ୟମ କରିଥିଲା। ହେଲେ ପଡ଼ୋଶୀ ଉଠି ଯିବାରୁ ବିଫଳ ହୋଇଥିଲା। ଏନେଇ ମହିଳା ଜଣକ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ମନୋଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସାନ୍ଧ୍ୟ ଭ୍ରମଣରେ ଯୁବତୀଙ୍କୁ ଅସଦାଚରଣ

ଭୁବନେଶ୍ୱର, ୩୦ା୫ (ସମିସ): ସାନ୍ଧ୍ୟ ଭ୍ରମଣ ବେଳେ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅଞ୍ଚଳର ଦୀପକ କୁମାର ମଲ୍ଲିକ (୨୪)।

ପୁଲିସ ସୂଚନା ଅନୁସାରେ, ତମାଣ୍ଡୋ ଥାନା ଅଞ୍ଚଳର ରହୁଥିବା ଜଣେ ଯୁବତୀ ସାନ୍ଧ୍ୟ ଭ୍ରମଣ କରୁଥିଲେ। ସେହି ସମୟରେ ଦୀପକ ତାଙ୍କୁ ରାସ୍ତାରେ ଅଟକାଇ ଫେବର୍ ମାଗିଥିଲା। ଯୁବତୀ ଜଣକ ବିରୋଧ କରିବାରୁ ଦୀପକ ତାଙ୍କୁ ଅସଦାଚରଣ କରିଥିଲା। ପାଟି ଶୁଣି ସ୍ଥାନୀୟ ଲୋକେ ଏକାଠି ହେବାରୁ ଦୀପକ ଖସି ଯାଇଥିଲା। ଏନେଇ ଯୁବତୀ ଜଣକ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗାଡ଼ିରେ ନକଲି ନମ୍ବର ପ୍ଲେଟ୍: ସୁନା ଚେନ୍ ଲୁଟ୍ ଉଦ୍ୟମ



- ସ୍କୁଟି ସହ ଦୁଇ ଲୁଟେରାଙ୍କୁ ଧରି ପୁଲିସ ଜିମା ଦେଲେ ସ୍ଥାନୀୟ ଲୋକେ
- ଜଣେ ଅଭିଯୁକ୍ତ ନାଁରେ ରହିଛି ୧୦ ମାମଲା

ଭୁବନେଶ୍ୱର, ୩୦ା୫ (ସମିସ): ଗାଡ଼ିରେ ନକଲି ନମ୍ବର ପ୍ଲେଟ୍ ଲଗାଇ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଉଦ୍ୟମ ବେଳେ ଧରାପଡ଼ିଛନ୍ତି ଦୁଇ ଲୁଟେରା। ଖସିବାକୁ ଉଦ୍ୟମ ବେଳେ ଲୋକମାନେ ଧରି ପୁଲିସ ଜିମାରେ ଦେଇଛନ୍ତି। ୟୁନିଟ୍ ୨ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାଣପୁର ଥାନା ଦାଶରଥିପୁରର ରାଜେଶ ନାୟକ (୩୨) ଓ ୟୁନିଟ୍ ୫ ତାରିଣୀ ବସ୍ତିର ସନ୍ତୋଷ ନାୟକ (୩୫)।

ପୁଲିସ ସୂଚନାନୁସାରେ, ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ରାଜେଶ ଓ ସନ୍ତୋଷ ୟୁନିଟ୍ ୨ ଜୋଡା ଗଳିରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଫଳରେ ମହିଳା ଜଣକ ତଳେ ପଡ଼ିଯିବା ସହ ଚିତ୍କାର କରିଥିଲେ। ଲୁଟ୍ ବିଫଳ ହେବା ପରେ ଦୁଇ ଜଣ ଯାକ ଦ୍ରୁତ ଗତିରେ ସ୍କୁଟି ଚଳାଇ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକମାନେ ଚିତ୍କାର ଶୁଣି ଦୁଇ ଜଣଙ୍କୁ କାବୁ କରି ଅଟକ ରଖିଥିଲେ। ଖବରପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଥାନାକୁ ଆଣିଥିଲା। ସେମାନଙ୍କ ଠାରୁ ଘଟଣାରେ ବ୍ୟବହୃତ ସ୍କୁଟି ଜବତ କରିଥିଲା। ଯାଞ୍ଚ ବେଳେ ସ୍କୁଟିର ଆଗ ଓ ପଛ ନମ୍ବର ପ୍ଲେଟର ରେଜିଷ୍ଟ୍ରେସନ୍ ନମ୍ବର ମେଳ ଖାଇ ନ ଥିଲା। ଅଭିଯୁକ୍ତମାନେ ପ୍ରକୃତ ରେଜିଷ୍ଟ୍ରେସନ୍ ନମ୍ବରକୁ ଲୁଚାଇବା ପାଇଁ ପଛ ପ୍ଲେଟରେ ଅନ୍ୟ ଏକ ନମ୍ବର ଲେଖିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏଏସ୍‌ଆଇ ପୁଷ୍ପାଞ୍ଜଳି ବେହେରାଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଗିରଫ କରିଥିଲା। ରାଜେଶ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ନୂଆପଲ୍ଲୀ, ଖଣ୍ଡଗିରି ଓ କ୍ୟାପିଟାଲ ଥାନାରେ ୧୦ଟି ପୂର୍ବ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ୨୨ ଦିନରେ ସରିଲା ବିଚାର | ସୁନାଗହଣା ଚୋରକୁ ଅଢ଼େଇ ବର୍ଷ ଜେଲ୍



ଭୁବନେଶ୍ୱର, ୩୦ା୫ (ସମିସ): ପୁଲିସ ଓ ସରକାରୀ ଓକିଲଙ୍କ ସମନ୍ୱୟ ଅଭିଯୋଗକାରୀଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ କରିଛି। ଭୁବନେଶ୍ୱର ସ୍ଥିତ ଜେଏମ୍‌ଏଫସି (ଚତୁର୍ଥ) ଅଦାଲତର ବିଚାରପତି ସୋମେଶ ସୋମ୍ୟଜିତ ପଣ୍ଡା ମାତ୍ର ୨୨ ଦିନ ମଧ୍ୟରେ ଚୋରି ମାମଲାର ବିଚାରକରି କରି ରାୟ ପ୍ରକାଶ କରିଛନ୍ତି। ଲକ୍ଷ୍ମୀସାଗର ଥାନାରେ ରୁଜୁ ହୋଇଥିବା ଏକ ସିନ୍ଧିଚୋରି ମାମଲାର ଆସାମୀ ମନୋଜ କୁମାର ସାମନ୍ତରାୟ ଓରଫ୍ ମିଞ୍ଜାକୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ୬ ମାସର ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ପୁଲିସ ସୂଚନାନୁସାରେ, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ସୁଶାନ୍ତ ବେହେରା ଓ ତାଙ୍କ ପରିବାର ଲୋକେ ଚଳିତ ମାସ ୪ ତାରିଖ ରାତିରେ ଘରେ ଶୋଇଥିଲେ। ସେହି ସମୟରେ ମିଞ୍ଜା ଚୋରି ତାଙ୍କ ଘରେ ପଶି ମଙ୍ଗଳସୂତ୍ର, ଏକ ଯୋଡ଼ା ସୁନା କାନଫୁଲ ଏବଂ ଏକ ଯୋଡ଼ା ରୂପା ବଳା ଚୋରି କରିଥିଲା। ଶବ୍ଦ ଶୁଣି ସୁଶାନ୍ତଙ୍କ ନିଦ ଭାଙ୍ଗିଯିବାରୁ ସେ ଘର ଭିତରେ ମିଞ୍ଜାକୁ ଦେଖିଥିଲେ। ଚିତ୍କାର କରିବା ସହ ଏକ ଟର୍ଚ୍ଚ ଲାଇଟ୍ ଧରି ତାଙ୍କୁ ପିଛା କରିଥିଲେ। ସୁଶାନ୍ତ ପିଛା କରି ମିଞ୍ଜାକୁ ଚିହ୍ନଟ କରିଥିଲେ ମଧ୍ୟ ସେ ଖସି ଯାଇଥିଲା। ଏନେଇ ସୁଶାନ୍ତ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ କେସ୍ ନଂ - ୩୩୨/୨୬ ରେ ଦଫା - ୩୦୫ ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ଏଏସ୍‌ଆଇ ଆଲୋକ ରଞ୍ଜନ ତ୍ରିପାଠୀ ଘଟଣାର ତଦନ୍ତ କରି ମିଞ୍ଜାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏଥିସହିତ ମାତ୍ର ୭ ଦିନ ମଧ୍ୟରେ ମିଞ୍ଜା ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ମୋଟ ୪ ଜଣ ସାକ୍ଷୀଙ୍କ ବୟାନ ୦ ୧୦ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାରରେ ମାମଲାର ବିଚାର କରି ମିଞ୍ଜାକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।

## କାର୍‌କୁ ଘୋଷାରି ଥିବା ହାଇୱା ଡ୍ରାଇଭର ଗିରଫ



ଭୁବନେଶ୍ୱର, ୩୦ା୫ (ସମିସ): କାରକୁ ୫୦୦ ମିଟର ଯାଏଁ ଘୋଷାରି ନେଇଥିବା ହାଇୱା ଟ୍ରକ ଡ୍ରାଇଭରକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ହାଇୱା ଡ୍ରାଇଭର ହେଲେ ବୌଦ୍ଧର ପୁରୁଣା କଟକର ଜଗମୋହନ ଭୁକ୍ତା(୩୬)। ତାକୁ ଶନିବାର ଦିନ କୋର୍ଟଚାଲାଣ କରାଯାଇଛି। ଜାତୀୟ ରାଜପଥ ନମ୍ବର ୧୬ ଗଙ୍ଗୁଆ ନାଳ ପୋଲ ନିକଟରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୨ଟା ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଘଟଣା ପରେ ସମ୍ପୃକ୍ତ ହାଇୱାଟି ଘଟଣାସ୍ଥଳରୁ ଚାଲିଯିବାକୁ ଚେଷ୍ଟା କରିଥିଲା। ପିସିଆର୍ ଟିମ୍ ଚତୁରତାର ସହ ଟ୍ରକ୍‌କୁ ଅତିକ୍ରମ କରି ଆଗକୁ ଯାଇ ପାହାଳ ଥାନା ଅନ୍ତର୍ଗତ ମଦର୍ସ ପବ୍ଲିକ ସ୍କୁଲ ନିକଟରେ ଅନ୍ୟ ଏକ ହାଇୱା ଟ୍ରକ୍ ସହାୟତାରେ ରାସ୍ତାରେ କୃତ୍ରିମ ଯାତାୟାତ ଜାମ୍ କରିଥିଲା। ଫଳରେ ଅଭିଯୁକ୍ତ ଟ୍ରକ୍ ଚାଳକ ଗାଡ଼ି ଅଟକାଇବାକୁ ବାଧ୍ୟ ହୋଇଥିଲା। ଏହାପରେ ପୁଲିସ ତାଙ୍କୁ କାବୁ କରିବା ସହ ଟ୍ରକ୍‌କୁ ଜବତ କରିଥିଲା।

ସୂଚନାଯୋଗ୍ୟ, ମଞ୍ଚେଶ୍ୱରରୁ ପାହାଳ ଆଡ଼କୁ ଏକ କାର ଯାଉଥିଲା। ସେଥିରେ ଦାଦା ଝିଆରୀ ରହିଥିଲେ। କଟକ ଅଭିମୁଖେ ଯାଉଥିବା ବେଳେ କାରଟିକୁ ହାଇୱା ଧକ୍କା ଦେଇ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଏହି ଦୁର୍ଘଟଣାରେ ଦାଦା ସୁବ୍ରତ ପଟ୍ଟନାୟକ ଓ ଝିଆରି ଆଦ୍ୟାଶା ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ଆଇନଜୀବୀଙ୍କୁ ଆକ୍ରମଣ

ଭୁବନେଶ୍ୱର, ୩୦ା୫(ସମିସ): ନୂଆପଲ୍ଲୀ ଥାନା ମେଫେୟାର ହୋଟେଲ ନିକଟରେ କିଛି ଦୁର୍ବୃତ୍ତ ଯୁବ ଆଡଭୋକେଟ୍ ଆୟୁଷ ଶୁଭଦର୍ଶୀଙ୍କ ଉପରେ ଆକ୍ରମଣ କରିଛନ୍ତି। ୮ରୁ୧୦ ଜଣ ଯୁବକଙ୍କ ଏକ ଗୋଷ୍ଠୀ ତାଙ୍କୁ ଘେରିଯାଇଥିଲେ। ସେମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଆକ୍ରମଣରେ ଆୟୁଷଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଓ ପଥଚାରୀମାନେ ହସ୍ତକ୍ଷେପ କରିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଆୟୁଷଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରମଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାସ୍ଥଳ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି।

# କଟକଣା ତା ବାଟରେ; ବିକ୍ରି ହେଉଛି ଖୁଲମଖୁଲା

ଭୁବନେଶ୍ୱର, ୩୦ା୫(ସମିସ)

ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ

ତମାଖୁ ନିଶା କବଳରେ ଏବେ ଯୁବପିଢ଼ି ଓ ପିଲାମାନେ ବୁଡ଼ି ରହିଛନ୍ତି। ଫଳରେ ଏହି ତମାଖୁ ସେବନ କରିବା ଦ୍ୱାରା ଯୁବପିଢ଼ି ହୁଅନ୍ତୁ ଅବା ପିଲାମାନେ ବିଭିନ୍ନ ଅପାରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯେଉଁ ବୟସରେ ବହି ପାଖରେ ବସିବା କଥା ସେହି ସମୟରେ ହାତରେ ସିଗାରେଟ ସହିତ ଅନ୍ୟ ନିଶା ସେବନ ଜିନିଷ ରହୁଛି। ଫଳରେ ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାରେ ଲାଗିଲାଣି ଏହି ତମାଖୁ ସେବନ।

ରାଜଧାନୀରେ ମଧ୍ୟ ବିଭିନ୍ନ ଶିକ୍ଷାନୁଷ୍ଠାନ ହଉ ଅବା ଅନ୍ୟ ଛକ ବଜାର ହାଟରେ ତମାଖୁ ଅତି ସହଜରେ ମିଳିଯାଉଛି। ଫଳରେ ଯୁବପିଢ଼ି ହୁଅନ୍ତୁ ଅବା ଛୋଟ ପିଲାମାନେ ଯେଉଁ ଦୋକାନରୁ ତମାଖୁ କିଣୁଛନ୍ତି ସେହି ସ୍ଥାନରେ ସେବନ କରୁଛନ୍ତି। ଗୋଟେ ଦୋକାନରୁ ସିଗାରେଟ୍ କିଣିବା ପରେ ସେହି ସ୍ଥାନରେ ହିଁ ସେହି ସିଗାରେଟକୁ ଲଗାଉଛନ୍ତି। ଯାହା ଦ୍ୱାରା ସିଗାରେଟରୁ ବାହାରୁଥିବା ଧୂଆଁରେ ଆଖ ପାଖରେ ଥିବା ସମସ୍ତେ ସେହି ଧୂଆଁର ସଂସ୍ପର୍ଶରେ



ଆସୁଛନ୍ତି। ଯଦ୍ୱାରା ଧୂମପାନ କରୁ ନ ଥିବା ଲୋକଟିଏ ମଧ୍ୟ ଏ ଧୂଆଁର ସଂସ୍ପର୍ଶରେ ଆସିବା ଫଳରେ କ୍ୟାନ୍ସର ସମେତ ଅନ୍ୟ ଶ୍ୱାସଜନିତ ରୋଗରେ ପୀଡ଼ିତ ହେଉଛି।

ସର୍ବସାଧାରଣରେ ଗୁଟ୍‌କା ସେବନ ବାରଣ ସହ ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଉପରେ କଟକଣା ରହିଥିଲେ ମଧ୍ୟ ଏହାକୁ ଫୁ କରି ଦେଉଛନ୍ତି ଅମାନିଆ। ବିଭିନ୍ନ ସ୍ଥାନରେ ମଧ୍ୟ ହୁକା ବାର ମଧ୍ୟ ଖୋଲିବା ସହିତ ସହରର ପ୍ରତି ପାନ ଦୋକାନରେ ଆଜି ବି ଗୁଟ୍‌ଖା, ଖଇନି, ଜର୍ଦ୍ଦା, ପାନ ମସଲା, ବିଡ଼ି ସିଗାରେଟ ଆଦି ଖୁଲମଖୁଲା ବିକ୍ରି ହେଉଛି। ଧର୍ମକୁ ଆଖିଠାର ଭଳି ଦିନେ ଅଧେ ଧଡ଼ପଗଡ଼ ପରେ ପୁଣି ଯଥା ପଟଂ ତଥା ପୂର୍ବଂ ଭଳି ହୋଇଯାଉଛି।

ରାଜଧାନୀରେ ପ୍ରାୟ ୧୦ ରୁ ୧୫ ପ୍ରତିଶତ ଯୁବପିଢ଼ି ଏହି ନିଶା କବଳରେ ରହିଛନ୍ତି। ଧୂମପାନ କରୁଥିବା ଲୋକେ କେବଳ କର୍କଟ ନୁହେଁ ଅନ୍ୟ ରୋଗରେ ପୀଡ଼ିତ ହେଉଛନ୍ତି। ବିଶେଷ କରି ଷ୍ଟ୍ରୋକ, ହୃଦରୋଗ, ଦାନ୍ତ ଓ ମାଢ଼ି ରୋଗ, ଉଚ୍ଚ ରକ୍ତଚାପ ଆଦି ରୋଗ ହୋଇଥାଏ ବୋଲି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ଡା. ଜ୍ୟୋତି ରଞ୍ଜନ ସ୍ୱାଇଁ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ତମାଖୁ ବିଷୟରେ ଅନ୍‌ଲାଇନ୍‌ରେ ସହଜରେ ବିଭିନ୍ନ ବିଜ୍ଞାପନ ଦେଖିବାକୁ ପାଉଛନ୍ତି। ଫଳରେ ସେମାନଙ୍କ ମନରେ ଏହାକୁ ସେବନ କରିବାକୁ ନେଇ ଇଚ୍ଛା ସୃଷ୍ଟି ହଉଛି। ପରେ ସେମାନେ ତମାଖୁ ସେବନ କରୁଛନ୍ତି। ଏହି ଯୁବପିଢ଼ିମାନଙ୍କୁ ତମାଖୁ ପାଖରୁ ଦୂରେଇବାକୁ ହେଲେ ସେମାନଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକ ମାନେ ପ୍ରଥମେ ସଚେତନ ହେବା ଦରକାର। ପିଲାମାନଙ୍କୁ ବୁଝାଇବା ସହିତ ଏଥିସହିତ ତମାଖୁ ବର୍ଜନ ସଚେତନତାକୁ ଅଧିକ ମାତ୍ରାରେ କରିବାକୁ ପଡ଼ିବ। ଏବଂ ଯେଉଁମାନେ ଏହାକୁ ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଗଲେ ତେବେ କିଛି ମାତ୍ରାରେ ତମାଖୁ ସେବନ ଦିଗରେ ସଚେତନତା ଆସିପାରିବ ବୋଲି ସେ କହିଛନ୍ତି।

# ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଏସ୍ଆଇଆର୍ ଆରମ୍ଭ

କେନ୍ଦୁଝର, ୩୦।୫(ସମିସ):

ଭାରତୀୟ ନିର୍ବାଚନ କମିସନଙ୍କ ବିଜ୍ଞପ୍ତି ଅନୁଯାୟୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ସମ୍ପର୍କରେ ଶୁକ୍ରବାର ଦରବାର ହଲଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିଲ୍ଲାସ୍ତରର ପ୍ରସ୍ତୁତି ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି।

ଏହି ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା। ଏହି କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାର ସମସ୍ତ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କରାଯିବ। ନିଷ୍ପତ୍ତିରେ ଅସନ୍ତୁଷ୍ଟ କୌଣସି ବି ବ୍ୟକ୍ତି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ। ଆବଶ୍ୟକ ସ୍ଥଳେ, ୩୦ ଦିନ ମଧ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦ୍ୱିତୀୟ ଅପିଲ୍ ମଧ୍ୟ କରାଯାଇପାରିବ।

ଜିଲ୍ଲାର ପରିସଂଖ୍ୟାନ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି ଯେ ୦୪-କେନ୍ଦୁଝର ସଂସଦୀୟ ନିର୍ବାଚନ ମଣ୍ଡଳୀ ଅଧୀନରେ କେନ୍ଦୁଝର ଜିଲ୍ଲାର ୬ଟି ବିଧାନସଭାମଣ୍ଡଳୀ ଆସୁଛି ଏବଂ ଏହାର ସମୁଦାୟ ଭୋଟର ସଂଖ୍ୟା ୧୩,୭୨,୬୫୧। ଜିଲ୍ଲାରେ ବର୍ତ୍ତମାନ ୧,୭୨୩ ଟି ପୋଲିଂ ଷ୍ଟେସନ ରହିଛି ଏବଂ ନୂତନ ଭାବେ ୧୯୨ଟି ପୋଲିଂ ଷ୍ଟେସନ ସୃଷ୍ଟି କରାଯିବା ପରେ ସମୁଦାୟ ପୋଲିଂ ଷ୍ଟେସନ ସଂଖ୍ୟା ୧,୯୧୫କୁ ବୃଦ୍ଧି ପାଇବ। ଏହି ସଂଶୋଧନ କାର୍ଯ୍ୟ ପାଇଁ ସମୁଦାୟ ୧,୯୧୫ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସହାୟତା ପାଇଁ ନାଗରିକମାନେ ପ୍ଲାଟଫର୍ମ ମାଧ୍ୟମରେ ଯୋଗାଯୋଗ କରିପାରିବେ। ଜିଲ୍ଲା କାର୍ଯ୍ୟାଳୟରେ ସ୍ଥାପିତ ହେଲ୍ପ ଡେସ୍କ ନିକଟକୁ ଯାଇପାରିବେ। ଭୋଟର ହେଲ୍ପଲାଇନ ନମ୍ବର ୧୯୫୦କୁ କଲ୍ କରିପାରିବେ କିମ୍ବା ଭୋଟର ସେବା ପୋର୍ଟାଲ୍ ପରିଦର୍ଶନ କରିପାରିବେ। ସାମ୍ବାଦିକ ସମ୍ମିଳନୀରେ ଡେପୁଟି କଲେକ୍ଟର (ନିର୍ବାଚନ) ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଏବଂ ସହକାରୀ ଜିଲ୍ଲାପାଳ ସନ୍ତୋଷ ପରିଡ଼ା ଉପସ୍ଥିତ ଥିଲେ।

## ଘରକୁ ଘର ବୁଲି ଫର୍ମ ବଣ୍ଟନ କଲେ ବିଏଲଓ



ଡୁରୁମୁଙ୍ଗା, ୩୦।୫(ସମିସ): ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ଏସ୍ଆଇଆର୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୋଟର ତାଲିକାକୁ ଅଧିକ ସଠିକ୍ ଓ ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ବୁଥ୍ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଘରକୁ ଘର ବୁଲି ଏସ୍ଆଇଆର୍ ଫର୍ମ ବଣ୍ଟନ କରୁଛନ୍ତି। ଏହି ଅଭିଯାନ ମାଧ୍ୟମରେ ଯୋଗ୍ୟ ଭୋଟରଙ୍କ ନାମ ସଂଯୋଜନ, ତ୍ରୁଟି ସଂଶୋଧନ ଏବଂ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବିଲୋପ ପାଇଁ ଆବଶ୍ୟକ ସୂଚନା ସଂଗ୍ରହ କରାଯାଉଛି। ବିଏଲଓମାନେ ଭୋଟରଙ୍କୁ ଫର୍ମ ପୂରଣ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ଦସ୍ତାବିଜ ସମ୍ବନ୍ଧରେ ମଧ୍ୟ ଅବଗତ କରାଉଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରି ସଠିକ୍ ସୂଚନା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏସ୍ଆଇଆର୍ ଅଭିଯାନ ସଫଳ ହେଲେ ଭୋଟର ତାଲିକା ଅଧିକ ନିର୍ଭୁଲ ଓ ନୂତନ ହୋଇପାରିବ ବୋଲି ପ୍ରଶାସନ ଆଶା ପ୍ରକାଶ କରିଛି।

## ଦଶମ ଶ୍ରେଣୀ ବାର୍ଷିକ ବୋର୍ଡ ଫଳାଫଳ ସମୀକ୍ଷା କଲେ ଜିଲ୍ଲାପାଳ

କେନ୍ଦୁଝର, ୩୦।୫(ସମିସ): କେନ୍ଦୁଝର ଦରବାର ହଲ୍ଠାରେ ଦଶମ ଶ୍ରେଣୀ ବାର୍ଷିକ ବୋର୍ଡ ଫଳାଫଳ, ସ୍କୁଲ ଡ୍ରପ ଆଉଟ ରୋକିବା, ଛାତ୍ର ସୁରକ୍ଷା ଏବଂ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଉପରେ ଜିଲ୍ଲାସ୍ତରୀୟ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ନୈରାଶ୍ୟଜନକ ହୋଇଛି। ରାଜ୍ୟରେ ଚଳିତ ବର୍ଷ ହାଇସ୍କୁଲ ପରୀକ୍ଷା ଫଳ ଭଲ ହୋଇଥିବାବେଳେ ରାଜ୍ୟର ମୋଟ ପାସ ହାର ୯୫.୩୩ ପ୍ରତିଶତ ରହିଛି ଓ କେନ୍ଦୁଝର ଜିଲ୍ଲାର ପାସହାର ୯୪.୩୫ ପ୍ରତିଶତ ରହିଛି। ଯେଉଁ କେତେକ ବିଦ୍ୟାଳୟରେ ଅଧିକ ପରୀକ୍ଷା ଫଳ ହୋଇଛି ସେହି ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଫଳ ବା ଏ-୧ ଏବଂ ଏ-୨ ଗ୍ରେଡର କୌଣସି ଛାତ୍ରଛାତ୍ରୀ ପାଇନାହାଁନ୍ତି। ପରୀକ୍ଷା ଫଳାଫଳ ନେଇ ଜିଲ୍ଲାପାଳ ରିପୋର୍ଟ ମାଗି ସମୀକ୍ଷା କରିଥିଲେ। ବିଶେଷ କରି ଅନେକ ପିଏମ୍ଶ୍ରୀ ବିଦ୍ୟାଳୟରେ ଫଳାଫଳ ନୈରାଶ୍ୟଜନକ ହୋଇଥିବାରୁ ଜିଲ୍ଲାପାଳ ଚିନ୍ତାପ୍ରକଟ କରିଥିଲେ। ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ ନିୟମିତ ସ୍କୁଲ ପରିଦର୍ଶନ କରି ବିଦ୍ୟାଳୟର ପାଠପଢା, ଶିକ୍ଷକ ଉପସ୍ଥାନ, ଶିକ୍ଷକମାନଙ୍କ ପାଠ୍ୟ ଖସଡା ନିୟମିତ ତଦାରଖ



କରିବାକୁ କହିଥିଲେ। ରାଜ୍ୟ ସରକାର ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ୫ ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସଚେତନ କରାଯାଉଛି। ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ବାଂଶପାଳ, ହରିଚନ୍ଦନପୁର ବ୍ଲକରେ ଡ୍ରପ ଆଉଟ ହାର ଅଧିକ ରହୁଥିବାରୁ ଏହି ଅଞ୍ଚଳରେ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ କିପରି ସ୍କୁଲ ଫେରିବେ ସେନେଇ ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଥିଲେ। ଯେଉଁ ପିଲାମାନେ ପୁନଃ ସ୍କୁଲ ଆସୁଛନ୍ତି ସେମାନଙ୍କର ନିୟମିତ ଟ୍ରାକିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ସ୍କୁଲ ପରିସର ସଫେଇ ଉପରେ ଗୁରୁତ୍ୱାରୋପ କରିଥିଲେ। ଯେଉଁ ସ୍କୁଲ ପରିସରରେ ଅସୁରକ୍ଷିତ ଘର ରହିଛି ତାହାର ରିପୋର୍ଟ ବିଡିଓଙ୍କୁ ଜଣାଇବାକୁ କହିଥିଲେ। କେନ୍ଦୁଝର ଜିଲ୍ଲାରେ ୯୦ରୁ ଅଧିକ ଏକକ ଶିକ୍ଷକ ଥିବା ବିଦ୍ୟାଳୟରେ ଶିକ୍ଷକ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଡେପୁଟୀ କଲେକ୍ଟର ଅଭିଳାଷ ପୁରୋହିତ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ (ଏଷ୍ଟାବ୍ଲିସମେଣ୍ଟ), ଶ୍ରୀକାନ୍ତ ବେହେରା (ଏକାଡେମିକ), ରୁଦ୍ରନାରାୟଣ ସାମଲ (ସ୍କିମ), ସଦର ବ୍ଲକ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ପାଟଣା ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଯୋଡା ବିଇଓ କ୍ଷେତ୍ରମୋହନ ହାଁସଦା, ଆନନ୍ଦପୁର ବିଇଓ ହରିହର ଦଳେଇ, ହାଟଡିହି ବିଇଓ ରାଜୀବ ଦଳେଇ, ଘଟଗାଁ ବିଇଓ ହରେକୃଷ୍ଣ ନାୟକ, ବାଂଶପାଳ ବିଇଓ ଦାଶରଥୀ ଶୁଣ୍ଡି, ହରିଚନ୍ଦନପୁର ବିଇଓ ଚିନ୍ମୟ କୁମାର ରାଉତ, ଯୋଜନା ସଂଯୋଜିକା ଅପର୍ଣ୍ଣା ତ୍ରିପାଠୀ, ଆଦିବାସୀ ଶିକ୍ଷା ସଂଯୋଜକ ଦୁର୍ଗାପ୍ରସନ୍ନ ନାୟକ, ଅନ୍ତଃନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ପେଡାଗୋଜି ସଂଯୋଜକ ମାନସ ରଞ୍ଜନ ଦାସ, ପ୍ରୋଗ୍ରାମର ଏମ୍ଆଇଏସ୍ ରଶ୍ମିରଞ୍ଜନ ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ସମଗ୍ର ଶିକ୍ଷା ଅଭିଯାନ ବରିଷ୍ଠ ବୈଷୟିକ ପରାମର୍ଶଦାତା ଇଂ ପ୍ରଦୀପ କୁମାର ପଟ୍ଟନାୟକ, ଅର୍ଥ ପରାମର୍ଶଦାତା ଏମ୍ଡି ଫଜିଲ ଜାଭିଦ୍ ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀରେ ବୁଡ଼ି ବୃଦ୍ଧ ମୃତ

**● ଆମ୍ବୁଲାନ୍ସ ସାଜିଛି ଶବ ସଂରକ୍ଷଣ ଗୃହ**

ତେଲକୋଇ, ୩୦।୫(ସମିସ): ତେଲକୋଇ ଥାନା କରଦାଙ୍ଗିସ୍ଥିତ ସମାକୋଇ ନଦୀ ସାପଲାଞ୍ଜି ଘାଟରେ ଜଣେ ବୃଦ୍ଧ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ହେଲେ ଅନୁଗୁଳ ଜିଲ୍ଲା ଖମାର ଥାନା କରତକଟା ଗ୍ରାମର ରବିନ୍ଦ୍ର ଖିଲାର(୬୦)। ରବିନ୍ଦ୍ର ଗତ



ଶୁକ୍ରବାର କରଦଙ୍ଗି ସାପଲାଞ୍ଜି ଶଶୁର ଘରକୁ ନଦୀ ପାରି ହୋଇ ଯାଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ନଦୀରେ ମୃତଦେହ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ସନ୍ଧ୍ୟାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ସଂରକ୍ଷଣ ଗୃହ କିମ୍ବା ଶବ ବ୍ୟବଚ୍ଛେଦ ଗୃହ ନଥିବାରୁ ମୃତଦେହ ଶୁକ୍ରବାର ରାତି ପ୍ରାୟ ୮ଟାରୁ ଶନିବାର ପୂର୍ବାହ୍ନ ଯାଏଁ ମହାପ୍ରୟାଣରେ ରହିଥିଲା। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପଟେ ଶବ ବ୍ୟବଚ୍ଛେଦ ଗୃହକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ତେଲକୋଇ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଦାବି ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଫଳରେ ଲୋକଙ୍କୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଯାଇ ବହୁ ହଇରାଣ ହରକତ ହେବାକୁ ପଡୁଛି।

# ତୈଳ ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଦର ବୃଦ୍ଧିର ପ୍ରତିବାଦ




କେନ୍ଦୁଝର, ୩୦।୫(ସମିସ): ତୈଳ ଦର ଓ ଅତ୍ୟାବଶ୍ୟକ ଦ୍ରବ୍ୟର ଦରବୃଦ୍ଧି ପ୍ରତିବାଦରେ ବିଜୁ ଜନତା ଦଳ ସଦର ନିର୍ବାଚନମଣ୍ଡଳୀ ତରଫରୁ ଆଜି ଏକ ପ୍ରତୀକାତ୍ମକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମମନ୍ଦିର ନିକଟସ୍ଥ ପେଟ୍ରୋଲ ପମ୍ପ ସମ୍ମୁଖରେ ସକାଳ ୯ଟାରେ ବିଜୁଜନତା ଦଳର ଶତାଧିକ କର୍ମୀ ଏକତ୍ରିତ ହୋଇ ବିଜେପି ସରକାରର ଜନବିରୋଧୀ କାର୍ଯ୍ୟର ପ୍ରତିବାଦ କରିଥିଲେ। ବିଜେଡ଼ି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ସାଂସଦ ତଥା ବିଜୁ ଜନତାଦଳ ଦଳର ରାଜ୍ୟ ସାଧାରଣ ସମ୍ପାଦକ ମାଧବ ସର୍ଦ୍ଦାର, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପ ସଭାନେତ୍ରୀ ମୀନା ମାଝୀ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା ବରିଷ୍ଠ ନେତା ରକ୍ଷାକର ସାହୁ, ସତ୍ୟ ନାୟକ, ଅରୁଣ ମନ୍ତ୍ରୀ, ଯୁବନେତା ବାସୁଦେବ ଜେନା, ଏମଡି ସଫିକ୍ ତାପସ ଦେହୁରୀ, ନରେନ୍ଦ୍ର ନାଏକ ସୁରେଶ ନାଏବ କମୁଲୁ ସାହୁ, ନାରୀନେତ୍ରୀ ପୁନମ କୁମାରୀ, ଗୀତାଞ୍ଜଳି ମହାନ୍ତି, ମଂଜୁଲତା ନାୟକ, ରୁନୁ ମଲ୍ଲିକ, କୁମୁଦିନ ନାଏକ, ଅଂଜଳି ନାଏକ, ତୁଳସୀ ମହାନ୍ତ ସାମିଲ ଥିଲେ।

# ଉଠା ଜଳସେଚନ କରି ଚାଷୀ ହନ୍ତସନ୍ତ



ଆନନ୍ଦପୁର, ୩୦।୫(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତର କୃଷ୍ଣପୁର ଗ୍ରାମରେ ଚାଷ ଜମିରେ ଉଠା ଜଳସେଚନ କରି ଚାଷୀ ହନ୍ତସନ୍ତ ହେଉଛନ୍ତି। ତିନି ବର୍ଷ ତଳେ ଚାଷ ଜମିରେ ପାଣି ମଡାଇବା ପାଇଁ ସରକାରଙ୍କ ଓଡ଼ିଶା କୃଷି ଶିଳ୍ପ ନିଗମ ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ଲିମିଟେଡ ଦ୍ୱାରା ଚାଷୀଙ୍କୁ ଉଠା ଜଳସେଚନ ଯୋଗାଇ ଦିଆଯାଉଥିଲା। କିନ୍ତୁ ଚାଷ ଜମିକୁ ତିନି ବର୍ଷ ଧରି ଜଳସେଚନ ହୋଇପାରୁ ନଥିବାରୁ ଚାଷୀଙ୍କ ଜମିଙ୍କୁ ପାଣି ମଡାଇବା ସାତ ସପନ ହୋଇଛି। କୃଷ୍ଣପୁର ଗ୍ରାମର ୧୭ ଜଣ ଗରିବ ଚାଷୀ ଧାରକରଜ କରି ଉଠା ଜଳସେଚନ ପାଇଁ ଟଙ୍କା ଯୋଗାଡ କରି ଜମିରେ ବିଭିନ୍ନ ଫସଲ କରିବା ପାଇଁ ଲିଫ୍ଟ ପଏଣ୍ଟ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଚାଷ ଜମିରେ ପାଣି ମାଡ଼ିବା ସ୍ୱପ୍ନ ପାଲଟିଛି। ଚାଷୀମାନେ ବାରମ୍ବାର କେନ୍ଦୁଝର କୃଷି ଆଗ୍ରୋଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉନାହାନ୍ତି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନହୁଏ ତା'ହେଲେ କୃଷ୍ଣପୁର ଗ୍ରାମର ଚାଷୀ ଉଦୟନାଥ ମାଝୀ, ବିନୋଦ ବିହାରୀ ମାଝୀ, ସୌମ୍ୟରଞ୍ଜନ ମାଝୀ, ନିରଞ୍ଜନ ସ୍ୱାଇଁ, ହିମାଂଶୁ ଶେଖର ରାଉତ, ବିନୟ କୁମାର ସ୍ୱାଇଁ, ଶିଶିର ମଲ୍ଲିକ, ରମାକାନ୍ତ ଦାସ, କଳାକାର ମହାରଣା, ସୁରେନ୍ଦ୍ର ମହାରଣା, ବିଶ୍ୱନାଥ ମହାରଣା, ସୁଜିତ କୁମାର ଜେନା, ବିଜୟ ଜେନା, ବିଷ୍ଣୁନାରାୟଣ ରାଉତ, ସ୍ମୃତିରଞ୍ଜନ ଜେନା, ଚତୁର୍ଭୂଜ ଓଝା, ଭାଗୀରଥି ଓଝା ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ମତ ବ୍ୟକ୍ତ କରିଛନ୍ତି।

**ବଢୁଛି ଚାଷୀଙ୍କ ଅସନ୍ତୋଷ**

# କାଡା କେନାଲ କାର୍ଯ୍ୟରେ କୋଟି କୋଟି ଟଙ୍କାର ହେର୍ଫେର

ଆନନ୍ଦପୁର,୩୦।୫(ସମିସ): ବିଭାଗୀୟ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ି ତଦନ୍ତ ପରିସରଭୁକ୍ତ ହୋଇଥିବା ବେଳେ କୋଟି କୋଟି ଟଙ୍କାର କେନାଲ କାର୍ଯ୍ୟ କାହା ଇସାରାରେ ଚାଲିଛି ? ସେନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଣି ପଞ୍ଚାୟତ ସଭାପତିଙ୍କ ମନମାନି କାର୍ଯ୍ୟକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ। ପାଇକଚାଟ୍ରା ଗ୍ରାମରେ ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଚାଲିଛି





କାଡ଼ା କେନାଲ ନିର୍ମାଣ କାମ; ହେଲେ ଆରମ୍ଭ ଦିନରୁ ହିଁ ଏହି କାମକୁ ବିରୋଧ କରିଆସୁଛନ୍ତି ସ୍ଥାନୀୟ ଚାଷୀ। ଚାଷୀଙ୍କ ଅଭିଯୋଗ, ଯେଉଁ ସ୍ଥାନରେ ପାଣି ରହୁନାହିଁ ସେଠାରେ କାମ ନକରି, ପାଣି ଜମୁଥିବା ଅଞ୍ଚଳରେ କେନାଲ ନିର୍ମାଣ କରାଯାଉଛି। ଏପରିକି କେନାଲ ନିର୍ମାଣ କାର୍ଯ୍ୟ ଅଙ୍କା ବଙ୍କା ପରି ହେଉଛି। କେନାଲ କାର୍ଯ୍ୟରେ ଲାଗୁଥିବା ଲୁହାରଡ଼ ନିମ୍ନମାନର ଏବଂ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ କୋଟି କୋଟି ଟଙ୍କାର କାମକୁ ନିମ୍ନମାନର କରାଯାଉଥିବାରୁ ଚାଷ ଜମି ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ଚାଷୀ ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯେଉଁ ଯନ୍ତ୍ରୀ ଏହି କାମ ତଦାରଖ କରୁଥିଲେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ବେଳେ ବର୍ତ୍ତମାନ କାହା ନିର୍ଦ୍ଦେଶରେ ଚାଲିଛି କାମ ? କାମ ସ୍ଥଳରେ ସୂଚନାଫଳକ ନଥିବା ଓ କିଏ ତଦାରଖ କରୁଛି ତାହାକୁ ନେଇ ମଧ୍ୟ ଉଠିଛି ପ୍ରଶ୍ନ। ଚାଷୀମାନେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନଥିବା ଅଭିଯୋଗ ହେଉଛି। ଏନେଇ ଉକ୍ତ ଗ୍ରାମର ଚାଷୀମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ବିଭାଗୀୟ ଅଧିକାରୀ ଓ ଘଷିପୁରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କାମ ସ୍ଥଗିତ କରିବାକୁ ପରାମର୍ଶ ଦେଇଥିଲେ। ହେଲେ କିଛି ଦିନ କାର୍ଯ୍ୟ ବନ୍ଦ ରହିବା ପରେ ପୁଣି ଆରମ୍ଭ ହୋଇଥିବାରୁ ଚାଷୀଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି ଅସନ୍ତୋଷ।

**ଯନ୍ତ୍ରୀ ଭିଜିଲାନ୍ସ ଜାଲରେ, ଚାଷୀଙ୍କୁ ପଚାରେ କିଏ ?**

## ଅବସରକାଳୀନ ପେନ୍ସନ ପ୍ରଦାନ

ଆନନ୍ଦପୁର,୩୦।୫ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁସ୍ଥିତ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମଞ୍ଜରୀ ମିଶ୍ର ଅବସର ନେବାର ପୂର୍ବ ଦିନ ଚୂଡ଼ାନ୍ତ ପେନସନ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ସ୍ୱଦେସମାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସହକାରୀ



ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ସେକ୍ସନ ଅଫିସର ମନୋଜ ନାୟକ ଏହି ସରକାରୀ ପ୍ରାପ୍ୟର ଚେକ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷାଧିକାରୀ ହାଡିବନ୍ଧୁ ସାହୁ, ସିନିଅର ଆସିଷ୍ଟାଣ୍ଟ ବିଜୟସେଠ ଜୁନିଅର ଅର ଆସିଷ୍ଟାଣ୍ଟ ପ୍ରଯୋକ୍ତା ରାଜ ସହଯୋଗ କରିଥିଲେ।

## ଆହତ ବିଜେପି ନେତାଙ୍କୁ ଭେଟିଲେ ଯୋଗାଣ ମନ୍ତ୍ରୀ

ଆନନ୍ଦପୁର, ୩୦।୫(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସଡକ ଦୁର୍ଘଟଣାରେ ବାମ ଗୋଡ ଭାଙ୍ଗି ଯାଇଥିବା ଖବର ପାଇ ଆନନ୍ଦପୁର ଲକ୍ଷ୍ମୀବଜାର ସାହିସ୍ଥିତ ବାସଭବନଠାରେ ମନ୍ତ୍ରୀ ପହଞ୍ଚି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତତସହିତ ଚଳିତ ରବି ଧାନ ସଂଗ୍ରହ ଅଭିଯାନ ରାଜ୍ୟରେ ଶୃଙ୍ଖଳିତ ଏବଂ ସ୍ୱଚ୍ଛତାର ସହିତ ହେବା ପାଇଁ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟ ବରିଷ୍ଠ ବିଜେପି ନେତା ଚିତ୍ତରଞ୍ଜନ କଂସ, କେନ୍ଦୁଝର ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଶ୍ରୀ ମନୀଷା ଚିନ୍ମୟୀ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜିକା ସୁଶ୍ରୀ ଜୟଲକ୍ଷ୍ମି ମହାନ୍ତି, ଜଗତସିଂହପୁର ଜିଲ୍ଲା ବରିଷ୍ଠ ବିଜେପି ନେତା ଶ୍ରୀ ତପନ କୁମାର ବେହେରା, ଘସିପୁରା ବରିଷ୍ଠ ନେତା ଡକ୍ଟର ଶମ୍ଭୁନାଥ ରାଉତ, ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ବରିଷ୍ଠ ସରକାରୀ ଓକିଲ ହେମନ୍ତ କୁମାର ମଲ୍ଲିକ, ଆନନ୍ଦପୁର ନଗର ମଣ୍ଡଳ ସଭାପତି ହେମନ୍ତ ସାହୁ, ବରିଷ୍ଠ ବିଜେପି ନେତା ଅନାଦୀ ସାହୁ, ନିରାକର ଦଳେଇ,ନରେନ୍ଦ୍ର ପଣ୍ଡା, ନାରୀ ନେତ୍ରୀ ପ୍ରଣୟିନୀ ବ୍ରହ୍ମ, ବବିତା ଶତପଥୀ, ରିନୁ ଦାସ, ଆନନ୍ଦପୁର ନଗର ବିଜେପି ନେତା ମଳୟ ମିଶ୍ର, ମାନସ ସାହୁ, ସଚିନ ମଲିକ ଉପସ୍ଥିତ ଥିଲେ।

# ଜେଏସଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ୧୦୦ ଦିନିଆ ଟିବିମୁକ୍ତ ଅଭିଯାନ

ଯୋଡ଼ା, ୩୦।୫(ସମିସ):



ଭାରତୀୟ ଖଣି ବ୍ୟୁରୋର ତତ୍ତ୍ୱାବଧାନରେ ଜେଏସଡବ୍ଲୁ ଷ୍ଟିଲ୍ର ଓଡ଼ିଶା ଖଣି ବିଭାଗ ଏହାର ଖଣି ସ୍ଥାନଗୁଡ଼ିକରେ ୧୦୦ ଦିନିଆ ଟିବିମୁକ୍ତ ଭାରତ ଅଭିଯାନ ସଫଳତାର ସହ ପରିଚାଳନା କରିଛି। ଏହି ପଦକ୍ଷେପ ଯକ୍ଷ୍ମା (ଟିବି) ବିଷୟରେ ସଚେତନତା ପ୍ରସାର କରିବା, ପ୍ରାରମ୍ଭିକ ଚିହ୍ନଟକୁ ଉତ୍ସାହିତ କରିବା ଏବଂ ଖଣି ଅଞ୍ଚଳରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥିଲା। ଅଭିଯାନର ଏକ ଅଂଶ ଭାବରେ, ନରାୟପୋଶି ଖଣି ନିକଟବର୍ତ୍ତୀ କସିରା ଗ୍ରାମ ଏବଂ ନୂଆଗାଁ ଖଣି ଡିସପେନ୍ସରୀରେ ସଚେତନତା ଅଧିବେଶନ, ମାଗଣା ଟିବି ସ୍କ୍ରିନିଂ ଶିବିର ଏବଂ ଶିକ୍ଷାଗତ ପୁସ୍ତିକା ବଣ୍ଟନ ଆୟୋଜନ କରାଯାଇଥିଲା, ଯେଉଁଥିରେ ସ୍ଥାନୀୟ ବାସିନ୍ଦା ଏବଂ ଜେଏସଡବ୍ଲୁ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମାନବ ସମ୍ପଦ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ଆଲୋକପାତ କରିଥିଲେ ଯେ ଏହି ଅଭିଯାନ ଜେଏସଡବ୍ଲୁର କର୍ମଚାରୀ ଏବଂ ଆଖପାଖର ସମ୍ପ୍ରଦାୟ ପ୍ରତି ଯତ୍ନ ଏବଂ ଦାୟିତ୍ୱର ସଂସ୍କୃତିକୁ ପ୍ରତିଫଳିତ କରେ। ସେ ସମସ୍ତଙ୍କୁ ଅବଗତ ରହିବା, ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। ନୂଆଗାଁ ଖଣିରେ ଅନୁଷ୍ଠିତ ସମାପନୀ ଉତ୍ସବରେ ଭାରତୀୟ ଖଣି ବ୍ୟୁରୋ ଅରୁଣ କୁମାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ଅପରେସନ୍ ଏବଂ ପ୍ରୋଜେକ୍ଟ ମୁଖ୍ୟ ରାମଶଙ୍କର ଶର୍ମା, ସିଏଚସି ବାର୍ବିଲ୍ର ଅଧୀକ୍ଷକ ଡକ୍ଟର ସୌଭାଗ୍ୟ ସାମଲ, ଅନୁରାଗ ଦ୍ୱିବେଦୀ ଏବଂ ଖଣି ପରିଚାଳକମାନେ ମଧ୍ୟ ଯୋଗ ଦେଇଥିଲେ। ଡକ୍ଟର ଗଣେଶ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ସଚେତନତା ଅଧିବେଶନ ସହିତ ଆରମ୍ଭ ହୋଇଥିଲା ଏବଂ ଖଣି କ୍ଷେତ୍ରର ଶ୍ରମିକ ଏବଂ ସମ୍ପ୍ରଦାୟ ପାଖରେ ସଫଳତାର ସହିତ ପହଞ୍ଚିଥିଲା, ଯାହା ଷ୍ଟିଲ ଶିଳ୍ପ ଉତ୍କର୍ଷତା ଏବଂ ସାମାଜିକ ଦାୟିତ୍ୱ ଉଭୟ ପ୍ରତି ଉତ୍ସର୍ଗତାକୁ ପ୍ରତିଫଳିତ କରିଥିଲା।

**ଆବାସ ଯୋଜନା ଦିଗହରା**

# ପାଞ୍ଚ ପ୍ରାଣୀକୁଟୁମ୍ବ ସହ ଖୋଲା ଆକାଶ ତଳେ ସୁକାନ୍ତୀ

ତେଲକୋଇ, ୩୦।୫(ସମିସ): ସରକାର ଆଦିବାସୀମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ବେଳେ ସେମାନଙ୍କ ବିକାଶ ହୋଇପାରୁନାହିଁ। ଏପରିକି ମୌଳିକ ସୁବିଧା ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ହିତାଧିକାରୀଙ୍କର ଚିହ୍ନଟ ପ୍ରକ୍ରିୟାକୁ ପଞ୍ଚାୟତ ସ୍ତରରେ ଥିବା କର୍ମଚାରୀଙ୍କ ଅବହେଳା ପାଇଁ ଆବାସ ଯୋଜନା ଦିଗହରା ହୋଇ ପଡୁଛି। ଏହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଶିବନାରାୟଣପୁର



ଗୋଡା ପଞ୍ଚାୟତର ବିରିଦା ଗ୍ରାମରେ। ବିରିଦା ଗ୍ରାମର ସୁକାନ୍ତୀ ଦେହୁରୀ (୪୦) ସ୍ୱାମୀ ବୈଦ ଦେହୁରୀ ସହ ଝିଅ ୩ ଜଣ ଓ ପୁଅ ୨ ଜଣ ରହିଥିବା ବେଳେ ସ୍ୱାମୀ ଘରେ ନ ରହି ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଘର ଜଞ୍ଜାଳ କେବେ ବୁଝନ୍ତି ନାହିଁ। ଫଳରେ ସୁକାନ୍ତୀ ଦିନ ମଜୁରିଆ କରି ପିଲାମାନଙ୍କର ଭରଣ ପୋଷଣ କରୁଥିବା ଗ୍ରାମବାସୀ କହନ୍ତି। ତେବେ ଝାଟିମାଟି ଘରେ ୬ ପ୍ରାଣୀ କୁଟୁମ୍ବ ଜୀବନ ଅତିବାହିତ କରୁଥିବା ବେଳେ ୫/୬ ଦିନ ପୂର୍ବରୁ କାଳବୈଶାଖୀରେ ସମ୍ପୂର୍ଣ୍ଣ ଚାଳ ଘରଟି ଭୁଶୁଡ଼ି ପଡ଼ିଛି। ଖୋଲା ଆକାଶ ତଳେ ପରିବାରକୁ ନେଇ ରହୁଥିବା ସୁକାନ୍ତୀ ବର୍ତ୍ତମାନ ବେସାହାରା ହୋଇ ପଡିଛନ୍ତି। ଘର ଉଡ଼ି ଯାଇଥିଲେ ହେଁ ପ୍ରଶାସନ ଓ କୌଣସି ସହାୟତା ମିଳି ନ ଥିବା ବେଳେ ରାତ୍ରିଯାପନରେ ବିଷଧର ସର୍ପର ଭୟ ରହିଛି। ତୁରନ୍ତ ସୁକାନ୍ତୀଙ୍କୁ ପ୍ରଶାସନ ପକ୍ଷରୁ ଆବାସ ଯୋଜନା ଖଣ୍ଡିଏ ଯୋଗାଇ ଦେବାକୁ ପଞ୍ଚାୟତର ନାଏବ ସରପଞ୍ଚ ସୁଶୀଲ କୁମାର ମହାନ୍ତ ଦାବି କରିଛନ୍ତି।



## ଭୁବନେଶ୍ୱର ସିଟି

# ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି ସହିଦ ନଗର ସ୍ମାର୍ଟପାର୍କ

ଭୁବନେଶ୍ୱର, ୩୦।୫(ସମିସ)

ରକ୍ଷଣାବେକ୍ଷଣ ଅଭାବରୁ ରାଜଧାନୀର ସହିଦନଗର ସ୍ମାର୍ଟ ପାର୍କର ଅବସ୍ଥା ଦୟନୀୟ ହୋଇପଡ଼ିଛି। ପାର୍କ ଭିତରେ ଅନାବନା ଗଛ ଉଠିବା ସହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ବିଭିନ୍ନ ସରଞ୍ଜାମ।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୨୦୧୮ ମସିହାରେ ଏହି ସ୍ମାର୍ଟ ପାର୍କ ସମୂହ ଉଦ୍‌ଘାଟିତ

**■ କୁଢ଼କୁଢ଼ ଆବର୍ଜନା ସହ ବଣବୁଦାରେ ଭର୍ତ୍ତି**
**■ ବର୍ଷେ ହେଲା ଶୌଚାଳୟରେ ତାଲା, ଶୁଖିଗଲାଣି ଫ୍ଲାସ୍ ପୁଲ୍**

ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏହା ଏକ ରିଫ୍ରେଶ୍ ସେଣ୍ଟର କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁଠାରେ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଆସି ନିଜର କ୍ଲାନ୍ତ ମେଣ୍ଟାଇଥାନ୍ତି। ବିଶେଷ କରି ସକାଳ ଓ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଲୋକ ଚାଲିବାକୁ ଆସୁଥିବା



ବେଳେ ଅନ୍ୟ ସମୟରେ ପାର୍କରେ ଭିଡ଼ ଜମେ। ହେଲେ ବର୍ତ୍ତମାନ ଶ୍ରୀହିନ ପାଲଟିଛି ଏହି ସମୂହ ପାର୍କ। ପାର୍କର ପ୍ରବେଶ ପଥରୁ ଆରମ୍ଭ କରି ପରିସରରେ ଗଦା ହୋଇଛି କୁଢ଼କୁଢ଼ ଆବର୍ଜନା। ମୁକ୍ତାପାଶ ଗ୍ୟାଲେରୀରେ ଅନାବନା ଗଛ ଭର୍ତ୍ତି ହୋଇଛି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଭଳିକିଭଳି ଫୁଲଗଛଗୁଡ଼ିକ ଶୁଖି ମାଟିରେ ମିଶି ଗଲାଣି। କେବଳ ସେତିକି ନୁହେଁ ପାର୍କ ପରିସରରେ ଥିବା ଶୌଚାଳୟ ପ୍ରାୟ ବର୍ଷେ ହେବ ଅଚଳ ହୋଇଥିବାରୁ ତାଲା ଝୁଲୁଛି। ଏଠାରେ ରହିଥିବା ଭ୍ୟୁ ପଏଣ୍ଟରେ ସଞ୍ଜ ହେଲେ ଅସାମାଜିକଙ୍କ ଭିଡ଼ ଜମୁଛି। ଚାରିଆଡ଼େ ମଦ ବୋତଲ ସାଙ୍ଗକୁ ପ୍ଲାଷ୍ଟିକ୍ ଗ୍ଲାସ୍ ଉଡ଼ି ରହିଛି। ସେହିପରି ପାର୍କର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ଫ୍ଲାସ୍ ପୁଲ୍ ମଧ୍ୟ ଶୁଖିଲା ପଡ଼ିଛି। ସନ୍ଧ୍ୟା ହେଲେ ଯେଉଁସ୍ଥାନରେ ପ୍ରବଳ ଜନସମାଗମ ହୋଇଥାଏ ବର୍ତ୍ତମାନ ପାର୍କରେ ଅଧାରୁ ଅଧିକ ଲାଇଟ୍ ଜଳୁ ନ ଥିବା ବେଳେ ୪ଟି ପାର୍କ ଦାୟିତ୍ୱରେ ଜଣେ ମାତ୍ର ସୁରକ୍ଷାକର୍ମୀ ରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଏହି ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ପାର୍କର ବିଭିନ୍ନ ସମସ୍ୟା ନେଇ ଉକ୍ତ ସଂସ୍ଥାକୁ ଅଭିଯୋଗ କରାଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଏନେଇ ୱାର୍ଡର କର୍ପୋରେଟର ରାଜକିଶୋର ଦାସଙ୍କୁ ଯୋଗାଯୋଗ କରାଯିବା ପରେ ଶ୍ରୀ ଦାସ ପାର୍କରେ ପହଞ୍ଚି ସ୍ଥିତି ପରିଦର୍ଶନ କରିବା ସହ ସୁରକ୍ଷାକର୍ମୀଙ୍କ ସହ ଆଲୋଚନା କରିଛନ୍ତି। ପାର୍କ ପରିସର ଜଙ୍ଗଲ ପାଲଟିଥିବା ସହ ଡଷ୍ଟବିନ୍ ନିୟମିତ ସଫା ହେଉନଥିବାରୁ ତାଗିଦ କରିଛନ୍ତି। ତେବେ କର୍ପୋରେଟର ଶ୍ରୀ ଦାସ କହିଛନ୍ତି ଯେ ପୂର୍ବରୁ ପାର୍କର ଦାୟିତ୍ୱ ସ୍ମାର୍ଟସିଟି ଅଧୀନରେ ଥିବାବେଳେ ବର୍ଷେ ହେବ ବିଏମ୍‌ସି ଅଧିନରେ ରହିଛି। ଘରୋଇ ସଂସ୍ଥା କିମ୍ବା ଏସଏଚଜିଙ୍କୁ ଦାୟିତ୍ୱ ଦିଆଯିବ ବୋଲି ବିଏମସି ପକ୍ଷରୁ ସ୍ଥିର ହୋଇପାରୁନି। ପ୍ରତି କର୍ପୋରେସନ୍ ମିଟିଂରେ ପାର୍କ ସମସ୍ୟା ବିଷୟରେ ଆଲୋଚନା ହେଉଛି। କିନ୍ତୁ ତାହା କେବଳ ଆଲୋଚନାରେ ସୀମିତ ରହିଯାଇଛି। ସ୍ଥାନୀୟ ଲୋକେ ମଧ୍ୟ ମୋତେ ଅଭିଯୋଗ କରିଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ରାଜଧାନୀର ଏଭଳି ଏକ ସ୍ଥାନରେ ପାର୍କର ସ୍ଥିତି ଏଭଳି ଅବସ୍ଥା ଅତ୍ୟନ୍ତ ପରିତାପର ବିଷୟ ବୋଲି ସେ କହିଛନ୍ତି।

## ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର, ୩୦।୫(ସମିସ): ଭୀଷଣ ଗ୍ରୀଷ୍ମ ପ୍ରଭାବ ସମୟରେ ଓଡ଼ିଶାରେ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ପରିଲକ୍ଷିତ ହେଉଛି। ଏହି ସମୟରେ ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ରୁଚିକା ବଜାର, ବରମୁଣ୍ଡା ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ସ୍ଥାନୀୟ ବଜାରର ବ୍ୟବସାୟୀ ଓ ଜନସାଧାରଣଙ୍କ ଭରପୂର ସମର୍ଥନ ମିଳିବା ସହିତ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇପାରିଛି। ଶିବିରଟି ଅଧକ୍ଷ ଅକ୍ଷୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ତ୍ରିଲୋଚନ ଦାସ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ସାରା ରାଜ୍ୟରେ ରକ୍ତଦାନ ଶିବିର କରିବା ପାଇଁ ପଦକ୍ଷେପ ନେବା କଥା ଜଣାଇଛନ୍ତି।

## ଇସ୍ରୋ ପରିଦର୍ଶନରେ କିଟ୍ ଛାତ୍ରୀ



ଭୁବନେଶ୍ୱର, ୩୦।୫ (ସମିସ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଛାତ୍ରୀ ରିଶିତା ସାମନ୍ତରାୟଙ୍କୁ ଟାଟା ଷ୍ଟିଲ୍ ଯୁବ ଆବିଷ୍କାର ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନ୍ତର୍ଗତ ପୂର୍ଣ୍ଣ ପ୍ରଯୋଜିତ ଶିକ୍ଷାମୂଳକ ଭ୍ରମଣ ପାଇଁ ଇସ୍ରୋ, ଶ୍ରୀହରିକୋଟା ପଠାଯାଇଛି। ମେ ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପାଞ୍ଚଦିନିଆ ଯାତ୍ରାରେ ସେ ଭାରତର ମିଶନ୍ କଣ୍ଟ୍ରୋଲ ସେଣ୍ଟର୍ ପରିଦର୍ଶନ କରିବା ସହ ଦେଶର ଏକମାତ୍ର ସ୍ପେସ୍ ଲଞ୍ଚ୍ ପ୍ୟାଡ୍‌ରେ ଠିଆ ହେବାର ସୁଯୋଗ ପାଇଛନ୍ତି। ରିଶିତାଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଆଇଏଏସ୍ ଚିତ୍ରା ଅରୁମୁଗମ୍ ଦ୍ୱାରା ୧୯ତମ ଟାଟା ଷ୍ଟିଲ୍ ୱାଇଏଟିଏସ୍ ଫ୍ଲାଗ୍-ଅଫ୍ ଅବସରରେ ସମ୍ମାନିତ କରାଯାଇଥିଲା।

## ସମ୍‌ରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ନେଇ ଦୁଇ ଦିନିଆ ସମ୍ମିଳନୀ



ଭୁବନେଶ୍ୱର, ୩୦।୫(ସମିସ): ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲଠାରେ ଆଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍‌ର ଗୁରୁତ୍ୱକୁ ନେଇ 'ଇଣ୍ଡିଆନ୍ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ଆଣ୍ଡ ଇମ୍ୟୁନୋହେମାଟୋଲୋଜି' (ଆଇଏସ୍‌ବିଟିଆଇ) ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଦୁଇ ଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଏସ୍‌ବିଟିଆଇର ନ୍ୟାସ୍‌ନାଲ୍ ପ୍ରେସିଡେଣ୍ଟ ଡ. ୟୁଧବୀର ସିଂ, ଆଇଏସ୍‌ବିଟିଆଇ (ମୋଟିଭେସନାଲ) ଭାଇସ୍ ପ୍ରେସିଡେଣ୍ଟ ଡ. ଟି.ଆର. ରୈନା, ଆଇଏସ୍‌ବିଟିଆଇ ସାଧାରଣ ସମ୍ପାଦିକା ଡ. ସଙ୍ଗୀତା ପାଠକ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ହସ୍ପିଟାଲର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡ. ଗିରିଜାନନ୍ଦିନୀ କାନୁନ୍‌ଗୋ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଡାକ୍ତର ନାଲାଗୋଣ୍ଡଲା ତୁଳସୀରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର



ଭୁବନେଶ୍ୱର, ୩୦।୫(ସମିସ): ଓଡ଼ିଶା ସଚିବାଳୟ ଲେଖକ ପରିଷଦର ମେ ମାସର ସ୍ୱାରସ୍ୱତ ଆସର ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଭାରେ ସଭାପତିତ୍ୱ କରିଥିଲେ ରଶ୍ମିରେଖା ମିଶ୍ର ଏବଂ ସଂଯୋଜନା କରିଥିଲେ ବିଜନବାଳା ପାଟଯୋଷି। ସୁନନ୍ଦା ମିଶ୍ର, ରଶ୍ମିତା ମହାନ୍ତ, କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ତ୍ରିଲୋଚନ ପ୍ରଧାନ, ସଞ୍ଜୟ ଆନନ୍ଦ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ମୌସୁମୀ ଦାସ ଗଳ୍ପ ଓ ସୁଶାନ୍ତ ଧର ପ୍ରବନ୍ଧ ପାଠ କରିଥିଲେ। ପରିଷଦର ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ସହିତ ପରିଷଦର ମୁଖପତ୍ର 'ସୃଜନର ପାହାଚ'ର ସଫଳ ପ୍ରକାଶନ ଆଗାମୀ ଦିନରେ କିପରି ସୁରୁଖୁରୁରେ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ସହଯୋଗ କରିଥିଲେ ପ୍ରଦ୍ୟୁମ୍ନ କୁମାର ମୁଦୁଲି ଓ ସୁସ୍ମିତା ମିଶ୍ର। ସଭା ଶେଷରେ ମାଙ୍ଗଳୀକା ଦାସ ଧନ୍ୟବାଦ ଦେଇଥିଲେ।

## ପିକକ୍ ପକ୍ଷରୁ ଜିପିସିପିସି ସଦସ୍ୟମାନଙ୍କୁ ତାଲିମ





ଭୁବନେଶ୍ୱର, ୩୦।୫(ସମିସ): ପିକକ୍ ପକ୍ଷରୁ ଆଡପ୍ଟସେଣ୍ଟ୍ରମ୍‌ର ସହଯୋଗ ଏବଂ ବାଲିଅନ୍ତା ପଞ୍ଚାୟତ ସମିତିର ସହାୟତାରେ ବାଲିଅନ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଗ୍ରାମ ପଞ୍ଚାୟତ ଶିଶୁ ସୁରକ୍ଷା କମିଟି (ଜିପିସିପିସି) ସଦସ୍ୟମାନଙ୍କ ପାଇଁ ଏକ ଦିନିଆ ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ବାଲିଅନ୍ତା ବିଡିଓ ରଶ୍ମିତା ନାଥ, ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ. ଗାୟତ୍ରୀ ମିଶ୍ର ଯୋଗ ଦେଇଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ବାଣୀଶ୍ରୀ ପଟ୍ଟନାୟକ, ବାଲିଅନ୍ତା ସହକାରୀ ଶ୍ରମ ଅଧିକାରୀ ଦେବଶ୍ରୀ ବେହେରା, ଶିଶୁ ଏବଂ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ଓ ଶ୍ରମ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପିକକ୍‌ର ବ୍ଲକ ସଂଯୋଜିକା ଉପମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## 'ଫୁଡ୍ ସିଷ୍ଟମ ଡାଇଲଗ୍' କର୍ମଶାଳା





ଭୁବନେଶ୍ୱର, ୩୦।୫(ସମିସ): ଖାଦ୍ୟ ସାର୍ବଭୌମତ୍ୱ ବିଷୟରେ ବୁଝାମଣା ସ୍ପଷ୍ଟ କରିବା ସହ ବାସ୍ତବରେ ଖାଦ୍ୟ ସାର୍ବଭୌମତ୍ୱ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଶନିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭିଙ୍ଗ ଫାର୍ମସ ଦ୍ୱାରା ଏବଂ ରାଇଟ ଟୁ ଫୁଡ୍ କ୍ୟାମ୍ପେନ୍, ନ୍ୟାସନାଲ କୋଲିସନ୍ ଫର୍ ନ୍ୟାଚୁରାଲ ଫାର୍ମିଂ, ହ୍ୟାଣ୍ଡସ ଅଫ୍ ଟ୍ରାଞ୍ଜିସନ୍, ସକ୍ରାଟସ୍‌ହୋ, ୟୁଥ୍ ଫର୍ ୱାଟର, ଲିବ ଟେକ୍, ରୂପାୟନ ସହଯୋଗରେ ସ୍ଥାନୀୟ ଏକ ହୋଟେଲରେ 'ଫୁଡ୍ ସିଷ୍ଟମ ଡାଇଲଗ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଖାଦ୍ୟ ସାର୍ବଭୌମତ୍ୱ, ସାମୂହିକ ସମ୍ବଳ ଉପରେ ଅଧିକାର, ପରିବେଶ ଉପଯୋଗୀ ଚାଷ ଆଦି ବିଷୟରେ ଆଲୋଚନା ହୋଇଥିଲା। କର୍ମଶାଳାରେ ଡ. ଦେବଲ୍ ଦେବ, ଡ. ଶ୍ରୀଚରଣ ବେହେରା, ପ୍ରଫେସର କୁମାରଜିବ ପେଗୁ, ସନ୍ଦୀପ ପଟ୍ଟନାୟକ, ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଖାଦ୍ୟ ସାର୍ବଭୌମତ୍ୱ ପ୍ରତିଷ୍ଠା ପାଇଁ ଗୁରୁତ୍ୱାରୋପ କରିଥିଲେ। ଲିଭିଙ୍ଗ ଫାର୍ମସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଚିତ୍ର ବିଶ୍ୱାଳ କହିଥିଲେ ଯେ, ଖାଦ୍ୟ ସାର୍ବଭୌମତ୍ୱ ପାଇଁ ଲିଭିଙ୍ଗ ଫାର୍ମସ ଅନୁଷ୍ଠାନ ପରିବେଶ ଉପଯୋଗୀ ଚାଷର ପ୍ରୋତ୍ସାହନ, ପ୍ରାକୃତିକ ଉତ୍ସରୁ ମିଳୁଥିବା ଖାଦ୍ୟର ପ୍ରୋତ୍ସାହନ ଓ ପ୍ରାକୃତିକ ସମ୍ବଳ ଉପରେ ଲୋକଙ୍କ ଅଧିକାର ଓ ପରିଚାଳନା, ସରକାରୀ ଯୋଜନା ହାସଲ କରିବା, ବିହନ ଉପରେ ଅଧିକାର ଓ ସାମୂହିକ ଜୀବନ ଶୈଳୀର ପୁନରୁଦ୍ଧାର ମାଧ୍ୟମରେ ଖାଦ୍ୟ ସାର୍ବଭୌମତ୍ୱ ପ୍ରତିଷ୍ଠା ପାଇଁ କାମ କରୁଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଏହି କର୍ମଶାଳା ମାଧ୍ୟମରେ ଖାଦ୍ୟ ସାର୍ବଭୌମତ୍ୱ ପ୍ରତିଷ୍ଠା ଦିଗରେ କିଛି ଜରୁରୀ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ହେବାର ଉଦ୍ଦେଶ୍ୟ ରହିଛି।

## ଶ୍ରମିକମାନଙ୍କ ସଶକ୍ତୀକରଣ ନିମନ୍ତେ ସ୍ୱ-ଶିକ୍ଷା ବୃଦ୍ଧି ଜରୁରୀ





ଭୁବନେଶ୍ୱର, ୩୦।୫(ସମିସ): ଆକ୍ସନଏଡ୍ ତରଫରୁ ଶ୍ରମିକ ପାଠଶାଳା କାର୍ଯ୍ୟକ୍ରମ ଶନିବାର ୱାର୍ଡ ନଂ-୧୭ ଅଧୀନସ୍ଥ ପଥର ବନ୍ଧ ବସ୍ତିଠାରେ ଆୟୋଜିତ ହୋଇଯାଇଛି। କର୍ମକ୍ଷେତ୍ରରେ ସୁରକ୍ଷା, ଓ ସ୍ୱାସ୍ଥ୍ୟ ପ୍ରତି ପ୍ରତ୍ୟେକ ଶ୍ରମିକ ଯତ୍ନବାନ ହେବା ଜରୁରୀ ବୋଲି ମାନସ ରଞ୍ଜନ ପ୍ରଧାନ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରମିକମାନଙ୍କ ଅଧିକାର ସଂକ୍ରାନ୍ତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାସ୍କର ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ବିଷ୍ଣୁପ୍ରିୟା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତାପରୁଦ୍ରପୁରରେ ଖୋଲିଲା ଧାନମଣ୍ଡି



ବାଲିଅନ୍ତା, ୩୦।୫(ସମିସ): ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ସେବା ସମବାୟ ସମିତିରେ ରବି ଧାନମଣ୍ଡି ଶୁଭାରମ୍ଭ ହୋଇଛି। ମୋଟ ୭ ଜଣ ଚାଷୀଙ୍କ ଠାରୁ ୪୦୦ କ୍ୱିଣ୍ଟାଲରୁ ଅଧିକ ଧାନ ସଂଗୃହୀତ ହୋଇଥିଲା। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ଜିଲ୍ଲା ସହକାରୀ ନିବନ୍ଧକ ଅଳକାନନ୍ଦା ଜେନା, ଏରିଆ ଅଫିସର ଅମୀୟ ଖୁଣ୍ଟିଆ, ସମବାୟ ସମିତି ସଭାପତି ସୁଧିର ଚରଣ ପ୍ରଧାନ, ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟା ଉମାରାଣୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ସମ୍ପାଦକ ବିଶ୍ୱନାଥ ପଣ୍ଡା ମଣ୍ଡି ପରଚାଳନା କରିଥିଲେ।

## ରାମେଶ୍ୱର ବରିଷ୍ଠ ନାଗରିକ ସଂଘର ସାଧାରଣ ଅଧିବେଶନ



ଭୁବନେଶ୍ୱର, ୩୦।୫(ସମିସ): ରାମେଶ୍ୱର ବରିଷ୍ଠ ନାଗରିକ ସଂଘର ଦଶମ ସାଧାରଣ ଅଧିବେଶନ ରାମେଶ୍ୱର ମନ୍ଦିର ସଭାଗୃହରେ ଶାନ୍ତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଅଧିବେଶନରେ ସମ୍ପାଦକ ହରିହର ବରାଳ ନିଜ ବକ୍ତିବ୍ୟରେ ସଂଘ ୨୦୧୬ ମସିହାରୁ ରେଜେଷ୍ଟ୍ରିଭୁକ୍ତ ହୋଇ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପ୍ରଦତ୍ତ ଚିତ୍ତୋବିନୋଦନ କେନ୍ଦ୍ର ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ରକ୍ଷା ପାଇଁ ଜିମ୍ ସେଣ୍ଟର, ପାଠାଗାର, ସ୍ୱାସ୍ଥ୍ୟ ସଚେତନତା ପରି ବହୁମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠାନ ପକ୍ଷରୁ ହେଉଛି। ଅଧିବେଶନରେ ମୁଖ୍ୟ ଅତିଥିଭାବେ ବାଣିଜ୍ୟ ବ୍ୟବସାୟୀ ତାରିଣି ପ୍ରସାଦ ମହାନ୍ତି ଓ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର ସମ୍ମାନୀୟ ଅତିଥିଭାବେ ଯୋଗଦେଇ ଥିଲେ। ଅନୁଷ୍ଠାନର ସ୍ମରଣିକା 'ବରିଷ୍ଠ ମୁଖପତ୍ର' ସଂଘର ସମସ୍ତ କର୍ମକର୍ତ୍ତା ଜଗଦୀଶ ସାହୁ, ମହେନ୍ଦ୍ର ମହାପାତ୍ର, କ୍ଷୀତିସି ମହାନ୍ତି, ରାଜେନ୍ଦ୍ର ପ୍ରସାଦ ରୁଥ, ସୁବାଶ ଚନ୍ଦ୍ର ବିଶ୍ୱାଳ, କେଦାର ପଟ୍ଟନାୟକ ପ୍ରମୁଖ କର୍ମକର୍ତ୍ତାଙ୍କ ଉପସ୍ଥିତରେ ଉନ୍ମୋଚିତ କରାଯାଇଥିଲା।

## ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ'





ଭୁବନେଶ୍ୱର ୩୦।୫(ସମିସ): ସର୍ଜନର ଶେଷ ନାହିଁ। ପୂର୍ଣ୍ଣତାର ଉପଲବ୍ଧି ଆସିଲେ ଆଉ ଲେଖି ହୁଏନାହିଁ। ପ୍ରତି ଲେଖକ କୌଣସି ଲେଖାକୁ ଶେଷ ବୋଲି ମନେ କରିବା ଉଚିତ ନୁହେଁ ବୋଲି ନାଟ୍ୟକାର ଓ ସ୍ତମ୍ଭକାର ବିଜୟ ଦାସ ଉଲ୍ଲେଖ କରିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ଦାସ 'ମୋ ସୃଜନ :ମୋ ଜୀବନ' ଶୀର୍ଷକ ବକ୍ତବ୍ୟ ରଖିଥିଲେ। କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ଦାସ ଜଣେ ଉଦଘୋଷକ, ଗୀତିକାର, ନାଟ୍ୟକାର ଓ ସ୍ତମ୍ଭକାର ଭାବରେ ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। 'ଏ ମାସର କଥାକାର' ଭାବରେ ରଶ୍ମି ରଞ୍ଜନ ରାଉତ ଯୋଗ ଦେଇ ସ୍ୱରଚିତ ଗଳ୍ପ ପାଠ କରିଥଲେ। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଅଶୋକ ସିଂହ ସୂଚନା ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ମିନତି ମିଶ୍ର ଓ କୁମୁଦିନୀ ଜୀଙ୍କ ମିଳିତ ସଂଯୋଜନାରେ ପ୍ରଦୀପ୍ତ ବାରିକ, ରଜନୀ ରଞ୍ଜନ, ପ୍ରହରାଜ ଜୟନାରାୟଣ ନନ୍ଦ, ମିହିରକାନ୍ତି ଦାସ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୃତ୍ୟାର୍ଚ୍ଚନା' ପକ୍ଷରୁ ଗୁରୁ ଦେବପ୍ରସାଦ ଦାସ ସମ୍ମାନ ଉତ୍ସବ



ଭୁବନେଶ୍ୱର, ୩୦।୫(ସମିସ): ଓଡ଼ିଶୀ ନୃତ୍ୟ ଗୁରୁ ସୁରେଶ କୁମାର ଖୁଣ୍ଟିଆଙ୍କ ଦ୍ୱାରା ସ୍ଥାପିତ ତଥା ପରିଚାଳିତ 'ନୃତ୍ୟାର୍ଚ୍ଚନା' ଭଞ୍ଜକଳା ମଣ୍ଡପରେ ଗୁରୁଦେବ ପ୍ରସାଦ ଦାସ ସମ୍ମାନ ଉତ୍ସବ- ୨୦୨୬ ପାଳିତ ହୋଇଛି। ଗୀତିକବି ରାଧାଶ୍ୟାମ ପାତ୍ରଙ୍କର ସଭାପତିତ୍ୱରେ ଅତିଥି ଭାବରେ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଡା. ବିଶ୍ୱନାଥ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଆର୍ତ୍ତତ୍ରାଣ ପ୍ରଧାନ, ରାଜ ସୁନାଖଳାସ୍ଥିତ ଓଡ଼ିଶୀ ନୃତ୍ୟ ନୃତ୍ୟ ପ୍ରଣାମ ଅନୁଷ୍ଠାନର ପରିଚାଳକ ତଥା ସାହିତ୍ୟିକ କିଶୋର ଚନ୍ଦ୍ର ଦାସ ତଥା ଓଡ଼ିଶୀ ନୃତ୍ୟଗୁରୁ ସାଧାରଣ ସମ୍ପାଦକ ସୁରେଶ କୁମାର ଖୁଣ୍ଟିଆ ଯୋଗଦେଇ ଥିଲେ। ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପୁଷ୍ପିତା ମିଶ୍ରଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ପରେ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଗୁରୁ ପୁଷ୍ପିତା ମିଶ୍ରଙ୍କ ପରେ ପଲ୍ଲବୀ ନୃତ୍ୟରେ ସାଗର ଖୁଣ୍ଟିଆ, ଲୀମା ଦାସ, ରୋଜାଲିନ ନାୟକ, ଶୀତଲ ତ୍ରିପାଠୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଦେବ ପ୍ରଧାନ, ଡାକ୍ତର ବାସନ୍ତୀ ମହାପାତ୍ର, ସୁଚେତା ମହାପାତ୍ର ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସ୍ୱରୂପା ସାବତ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ନୃତ୍ୟର୍ଚ୍ଚନାର ନୃତ୍ୟ ଶିଳ୍ପୀ ତଥା ନୃତ୍ୟ ପ୍ରଣାମ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ବୃନ୍ଦ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଓଡ଼ିଶୀ ନୃତ୍ୟଶିଳ୍ପୀ ସାଗର କୁମାର ଖୁଣ୍ଟିଆ ଏବଂ ଲୀମା ଦାସ ପରିଚାଳନା କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଥିଲେ ନନ୍ଦିଘୋଷ ଟିଭି।

■ କସିଆ ସାମୁଦ୍ରିକ ଥାନାର ଅଜବ ନୀତି

# ତାର ଚୋରକୁ ଖସାଇ ଦେଇ ଗ୍ରାମବାସୀଙ୍କୁ ବାନ୍ଧିଲେ

**ପ୍ରତିବାଦରେ ରାସ୍ତା ଅବରୋଧ**

**ବାସୁଦେବପୁର,୩୦।୫(ସମିସ):** ପୁଲିସ ଆଚରଣକୁ ସମଗ୍ର ରାଜ୍ୟର ନିଆଁ ଜଳୁଥିବାବେଳେ ବାସୁଦେବପୁର ବ୍ଲକ୍‌ର କସିଆ ସାମୁଦ୍ରିକ ଥାନା ପୁଲିସ ଚୋରଙ୍କୁ ଅନୁକମ୍ପା ପ୍ରଦର୍ଶନକୁ ବିରୋଧ କରି ପାରାପୋଖରୀ ଛକରେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ବାସୁଦେବପୁରରୁ ଧାମରା ଯାତାୟାତ ଠପ୍ ହୋଇଯାଇଥିଲା। ଶୁକ୍ରବାର ରାତିରେ ପାରାପୋଖରୀ ଛକ ନିକଟରେ ୬ରୁ ୭ ଜଣ ଯୁବକ ୩୩ କେଭି ବିଦ୍ୟୁତ୍ ତାର ଚୋରି କରିବାକୁ କାଟୁଥିବାବେଳେ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଖବର ପାଇ କସିଆ ସାମୁଦ୍ରିକ ଥାନା ପୁଲିସ ପହଞ୍ଚି ଉଭୟ ପକ୍ଷରୁ ୪ ଜଣଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ। ରାତିରେ ବିଦ୍ୟୁତ୍ ତାର ଚୋରି କରୁଥିବା ୨ ଜଣ ଯୁବକଙ୍କୁ ପୁଲିସ ପକେଟ୍ ଗରମ କରି ଛାଡ଼ିଦେଇଥିଲା। ହେଲେ ଚୋରି ଧରାଇଥିବା ଯୁବକଙ୍କୁ ପୁଲିସ ଅଟକ ରଖିଥିଲା। ଚୋରଙ୍କୁ ପୁଲିସ କାହିଁକି ଅନୁକମ୍ପା ପ୍ରଦର୍ଶନ କଲା? ତାର ଚୋରଙ୍କ ସହିତ ପୁଲିସର ହାତ ରହୁଛି କି? ରାତି ଅଧିଆ କାହିଁକି ଛାଡ଼ିଲା? ପୁଲିସ ରାତି ଅଧିଆ କାରବାର ଉପରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୋରିକୁ ବିରୋଧ କରୁଥିବା ଯୁବକଙ୍କୁ ପୁଲିସ ଅଟକ ରଖିବାକୁ ବିରୋଧ କରି ଗ୍ରାମବାସୀ ପାରାପୋଖରୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଚୋରକୁ ଛାଡ଼ି ଚୋରିକୁ ବିରୋଧ କରୁଥିବା ଯୁବକଙ୍କୁ ଥାନାରେ ଅଟକ ରଖାଯିବାକୁ ନେଇ ପୁଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟି ଯାଉଛି। ଯେପର୍ଯ୍ୟନ୍ତ ନିର୍ଦ୍ଦୋଷ ଯୁବକମାନଙ୍କୁ ପୁଲିସ ନ ଛାଡ଼ିବ ସେପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଥିଲେ। ଘଟଣାସ୍ଥଳରେ କସିଆ ସାମୁଦ୍ରିକ ଥାନା ଅଧିକାରିଣୀ ସୁଜାତା ଖମାରୀ ପହଞ୍ଚି ବୁଝାସୁଝା କରୁଥିଲେ ହେଁ ଉତ୍ତେଜନା ଲାଗି ରହିଥିଲା।

## ବ୍ଲକ୍‌ସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ ଶୋଭାଯାତ୍ରା




**ଦୋଳସାହି,୩୦।୫(ସମିସ):** ତିହିଡ଼ି ବ୍ଲକ୍‌ରେ ଶନିବାର ସକାଳ ୭ଟାରେ ତହସିଲ୍ ଅଫିସଠାରୁ ଏକ ଶୋଭାଯାତ୍ରା ବାହାରି ତିହିଡ଼ି ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଥିରେ ତିହିଡ଼ି ତହସିଲ୍‌ଦାର ସୁଭାଶିଷ୍ ସାହୁ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ଏବିଡିଓ ମୀନକେତନ ବାରିକ, ଜନମଙ୍ଗଳ ଅଧିକାରିଣୀ ସୌମ୍ୟ ସୁଚରିତା ମହାନ୍ତି, ବିଏସ୍‌ଏସ୍‌ଓ ନିହାର ରଞ୍ଜନ ରାଉତ ଓ ତିହିଡ଼ି ବ୍ଲକ୍‌ର ୧୯ ଜଣ ବିଏଲ୍‌ଓ ସୁପରଭାଇଜର, ଶତାଧିକ ବିଏଲ୍‌ଓ, କଲେଜ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସମାଜସେବୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ସଘନ ସଂଶୋଧନ ସମ୍ବନ୍ଧୀୟ ସ୍ଲୋଗାନ ଦେଉଥିବା ପରିଲକ୍ଷିତ ହୋଇଥିଲା। ବିଶେଷ କରି ଉକ୍ତ କାର୍ଯ୍ୟକ୍ରମ ତିହିଡ଼ି ବ୍ଲକ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରାଯାଉଥିବା ପରିଲକ୍ଷିତ ହୋଇଥିଲା।

**ମରଣଯନ୍ତା ପାଲଟିଛି ଧାମନଗର-ଦୋବଲ ରୋଡ୍**

# ଦେଢ଼ ବର୍ଷରେ ଆଁ କଲାଣି କଂକ୍ରିଟ ରାସ୍ତା

**ଦୋବଲ,୩୦।୫(ସମିସ):**



୨୦୨୪ରେ ଓଡ଼ିଶାରେ ନୂଆ ସରକାର ଆସିବା ପରେ ଜନସାଧାରଣଙ୍କ ସୁବିଧା ପାଇଁ ଧାମନଗରର ଅନ୍ୟତମ ମୁଖ୍ୟ ରାସ୍ତା କୁହାଯାଉଥିବା ଧାମନଗର-ଷେଣ୍ଢପୁର ଭାୟା ଦୋବଲ ରାସ୍ତାର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ପରିତାପର ବିଷୟ ଯେ, ନିର୍ମାଣର ମାତ୍ର ଦେଢ଼ ବର୍ଷ ନ ପୂରୁଣୁ ଏହି କୋଟି କୋଟି ଟଙ୍କାର କଂକ୍ରିଟ ରାସ୍ତାଟି ଏବେ ବିଭିନ୍ନ ସ୍ଥାନରେ ଫାଟି ଆଁ କଲାଣି।

ପୂର୍ତ୍ତ ବିଭାଗର ସରକାରୀ ଗାଇଡ୍‌ଲାଇନ୍ ଏବଂ ବୈଷୟିକ ନିୟମାବଳୀକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ କରାଯାଇଥିବା ଏହି ନିମ୍ନମାନର ନିର୍ମାଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ସ୍ଥିତି ଏବେ ଅତ୍ୟନ୍ତ ଶୋଚନୀୟ। ଧାମନଗର କଲେଜ ସାମ୍ନାରେ ରାସ୍ତାକୁ ପ୍ରାୟ ୬ ଇଞ୍ଚ ଉଚ୍ଚା କରି କଂକ୍ରିଟ୍ ଢଳେଇ କରାଯାଇଥିଲା। ଆଶ୍ଚର୍ଯ୍ୟର ବିଷୟ, ଏହି ୬ ଇଞ୍ଚ ମୋଟାର ନୂତନ ସ୍ଲାବ୍ ମଧ୍ୟ ଭାରୀଯାନର ଚାପ ସହି ନ ପାରି ଫାଟିଗଲାଣି। ସେହିପରି ଖଡ଼ିପଦାରୁ ଦୋବଲ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏଯାଏଁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଗୋଟିଏ ପଟେ ଠିକାଦାର କାମ ଅଧପନ୍ତରିଆ କରି ରଖିଥିବାବେଳେ, ଅନ୍ୟପଟେ ନିର୍ମିତ ହୋଇସାରିଥିବା ଅଂଶରେ ଏବେଠାରୁ ହିଁ ବଡ଼ ବଡ଼ ଫାଟ ଦେଖାଦେବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି। ଧାମନଗର ଓ ଦୋବଲ ଅଞ୍ଚଳର ଭୌଗୋଳିକ ସ୍ଥିତି ଅନୁସାରେ ଏହି ରାସ୍ତା ତଳେ କେଲୁଅ ବା ଅତ୍ୟଧିକ ଚିକିଟା ମାଟି ରହିଛି। ଏହି ମାଟିର ପ୍ରକୃତି ହେଉଛି ବର୍ଷା ଦିନେ ଏହା ଫୁଲିଯାଏ ଏବଂ ଖରା ଦିନେ ସଙ୍କୁଚିତ ହୋଇଯାଏ। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ ନିୟମାବଳୀ ଅନୁଯାୟୀ, ଏଭଳି ମାଟି ଉପରେ କଂକ୍ରିଟ୍ ରାସ୍ତା ପ୍ରସ୍ତୁତ କରିବା ପୂର୍ବରୁ ସ୍ୱତନ୍ତ୍ର ସ୍ଥିରୀକରଣ ଡିଜାଇନ୍ କରିବା ବାଧ୍ୟତାମୂଳକ। ମାତ୍ର ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ସଲାସୁତରା ଯୋଗୁଁ କୌଣସି ସ୍ୱତନ୍ତ୍ର ପ୍ରତିକାରମୂଳକ ବ୍ୟବସ୍ଥା ନ କରି ସିଧାସଳଖ ଢଳେଇ କରିଦିଆଗଲା, ଯାହା ଆଜି ରାସ୍ତା ଫାଟିବାର ପ୍ରମୁଖ କାରଣ ସାଜିଛି। ତାପମାତ୍ରାର ଅତ୍ୟଧିକ ପରିବର୍ତ୍ତନ ତଥା ସଙ୍କୋଚନ ଓ ପ୍ରସାରଣ ଯୋଗୁଁ ରାସ୍ତାର ଦୁଇଟି ଲେନ୍ ମଝିରେ ଥିବା ସଂଯୋଗସ୍ଥଳଗୁଡ଼ିକ ଏବେ ପ୍ରଶସ୍ତ ହେବାରେ ଲାଗିଛି। ନିୟମ ଅନୁସାରେ ଏହି ଜଏଣ୍ଟଗୁଡ଼ିକୁ ସଠିକ୍ ସମୟରେ କାଟି ସେଥିରେ ବେକର୍ ରଡ୍ ଏବଂ ବିଟୁମିନ ବା ସିଲାଣ୍ଟ ଭରିବା କଥା। ମାତ୍ର ତାହା କରା ନ ଯିବାରୁ ଏହି ସଂଯୋଗସ୍ଥଳଗୁଡ଼ିକ ଚଉଡ଼ା ହୋଇ ଲମ୍ବା ଓ ଗଭୀର ଗାଡ଼ରେ ପରିଣତ ହେଲାଣି।

**'କେଲୁଅ ମାଟି' ପାଇଁ ପ୍ରସ୍ତୁତ ହେଲାନି ସ୍ୱତନ୍ତ୍ର ଡିଜାଇନ୍; ପୂର୍ତ୍ତ ବିଭାଗ ନିୟମାବଳୀକୁ ଜଳାଞ୍ଜଳି**

ବିଶେଷ କରି ରାତି ସମୟରେ ଦ୍ରୁତଗତିରେ ଯାଉଥିବା ବାଇକ୍ ଚାଳକଙ୍କ ଚକା ଏହି ଗାଡ଼ରେ ପଶିଯିବା ଫଳରେ ଅନେକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବୈଷୟିକ ତ୍ରୁଟି ସହିତ ବୋଝ ଉପରେ ନଳିତା ବିଡ଼ା ସାଜିଛି ବେଆଇନ ଓଭରଲୋର୍ଡିଂ। ବୈତରଣୀ ନଦୀରୁ ପ୍ରତିଦିନ ଶହଶହ ଓଭରଲୋଡେଡ୍ ବାଲି ବୋଝେଇ ହାଇୱା ଓ ଟ୍ରକ୍ ଏହି ରାସ୍ତା ଦେଇ ଦିନରାତି ଚଳାଚଳ କରୁଛି। ଏହା ସହିତ ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇଥିବାରୁ ମେଟାଲ, ଚିପ୍ସ ଏବଂ ଲୁହା ରଡ୍ ବୋଝେଇ ଭାରୀଯାନ ମଧ୍ୟ ଏହି ରାସ୍ତା ଉପରେ ନିରନ୍ତର ଯାତାୟାତ କରୁଛନ୍ତି। ରାସ୍ତାର ନିର୍ଦ୍ଧାରିତ ଭାର ବହନ କ୍ଷମତାଠାରୁ କେତେ ଗୁଣ ଅଧିକ ଓଜନର ଗାଡ଼ି ଚାଲୁଥିବାରୁ, ଦୁର୍ବଳ ବେସ୍ ଉପରେ ଥିବା କଂକ୍ରିଟ୍ ସ୍ଲାବ୍ ଏହି ଚାପ ସହି ନ ପାରି ଫାଟି ଆଁ କରୁଛି।

ସରକାରଙ୍କ ପୂର୍ତ୍ତ ବିଭାଗ ନିୟମ ଅନୁଯାୟୀ, କୌଣସି ବି ନୂତନ କଂକ୍ରିଟ୍ ରାସ୍ତାର ଡିଫେକ୍ଟ ଲାଏବିଲିଟି ପିରିୟଡ୍ ଅତିକମ୍‌ରେ ୩ରୁ ୫ ବର୍ଷ ରହିଥାଏ। ଏହି ସମୟ ମଧ୍ୟରେ ଯଦି ରାସ୍ତା ଖରାପ ହୁଏ, ତେବେ ସମ୍ପୃକ୍ତ ଠିକାଦାର ନିଜ ଖର୍ଚ୍ଚରେ ଏହାର ସମ୍ପୂର୍ଣ୍ଣ ମରାମତି ବା ପୁନଃନିର୍ମାଣ କରିବା ପାଇଁ ଆଇନଗତ ଭାବେ ବାଧ୍ୟ। ଏ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି ଯେ, ରାଜ୍ୟ ସରକାର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପଠାଇ ଧାମନଗର-ଦୋବଲ ରାସ୍ତାର ଯାଞ୍ଚ କରନ୍ତୁ। ମାଟିର ପ୍ରକୃତି ଅନୁସାରେ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରାଯାଇ ଠିକାଦାରଙ୍କ ଜରିଆରେ ରାସ୍ତାର ପୁନଃନିର୍ମାଣ କରାଯାଉ ଏବଂ ଓଭରଲୋର୍ଡିଂ ଗାଡ଼ିଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ଆଗାମୀ ଦିନରେ ବୃହତ୍ ଆନ୍ଦୋଳନ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଘେରିବା ପାଇଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ନୂତନ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟିତ

**ଅସୁରାଳି,୩୦।୫(ସମିସ):** ଧାମନଗର ବ୍ଲକ୍ ନଦୀଗାଁ ପଞ୍ଚାୟତ ଅଧୀନ ନଡ଼ିଆବାଗ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ଗୌରାଙ୍ଗ ଚରଣ ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଭା ସାମାଜିକ କର୍ମୀ ମାନସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଶ୍ରୀ ବାରିକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ଖିଲାର, ନଦୀଗାଁ ସରପଞ୍ଚ ଝରଣା ମାଝୀ, ନିରଞ୍ଜନ ମାଝୀ, ମିଶନ ଶକ୍ତି ସଭାନେତ୍ରୀ ପ୍ରଗତି ମିଶ୍ର, ଅଙ୍ଗନବାଡ଼ି ସୁପରଭାଇଜର ମମତା ରାଉତ, ପଣ୍ଡିତ ଦୟାନିଧି ମିଶ୍ର, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ତପନ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଲକ୍ଷ୍ମୀପ୍ରିୟା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନୂତନ ଗୃହ ହେବା ଫଳରେ ନଡ଼ିଆବାଗ ଗ୍ରାମବାସୀଙ୍କର ଦୀର୍ଘ ଦିନର ଦାବି ପୂରଣ ହେବା ସହିତ ନଡ଼ିଆବାଗ ଗ୍ରାମର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଉନ୍ନତି ହେବ ବୋଲି କହିଛନ୍ତି ସ୍ଥାନୀୟ ଜନସାଧାରଣ।



## କାଳବୈଶାଖୀର ତାଣ୍ଡବ; ବ୍ୟାପକ କ୍ଷୟକ୍ଷତି



**ଅସୁରାଳି,୩୦।୫(ସମିସ):** ଅସୁରାଳି ଓ ଏହାର ଆଖପାଖ ଅଞ୍ଚଳରେ କାଳବୈଶାଖୀ ବ୍ୟାପକ ତାଣ୍ଡବ ରଚିଛି। ପ୍ରବଳ ବିଜୁଳି ଓ ଘଡ଼ଘଡ଼ି ସହିତ ଘଣ୍ଟା ପ୍ରତି ପ୍ରାୟ ୫୦ରୁ ୬୦ କିଲୋମିଟର ବେଗରେ ବହିଥିବା ଝଡ଼ପବନ ସମଗ୍ର ଅଞ୍ଚଳକୁ ଅସ୍ତବ୍ୟସ୍ତ କରି ପକାଇଛି। ଧୂଷୁରୀ, କୋଠାର, ଅସୁରାଳି, ଗୋବିନ୍ଦପୁର, କୋରୁଆ, ଗଡ଼ିଆଳି ଓ ଉଚ୍ଚପଦା ପ୍ରମୁଖ ଅଞ୍ଚଳ ପ୍ରଭାବିତ ହୋଇଥିଲା। ପ୍ରବଳ ବେଗରେ ବହିଥିବା ଏହି ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଏବଂ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପରେ ଗଛ ପଡ଼ିଯିବା ଫଳରେ ତାର ଛିଣ୍ଡି ସମ୍ପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। କୋଠାର, ଅସୁରାଳି ଓ ଗୋବିନ୍ଦପୁର ଭଳି ପ୍ରମୁଖ ବଜାରରେ ବ୍ୟବସାୟୀଙ୍କ ଚାଳିଆ ଓ ସାଇନ୍‌ବୋର୍ଡ ଉଡ଼ିଯାଇଛି। ହଠାତ୍ ଆସିଥିବା ଏହି ଝଡ଼ ତୋଫାନ ଯୋଗୁଁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା ଏବଂ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। କୋରୁଆ, ଗଡ଼ିଆଳି ଓ ଉଚ୍ଚପଦା ଗ୍ରାମିଣ ଅଞ୍ଚଳରେ କେତେକ ଗରିବ ଲୋକଙ୍କ ଆଜ୍‌ବେଷ୍ଟସ ଓ ଚାଳ ଛପର ଘର ଉଡ଼ିଯାଇଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ପନିପରିବା ଚାଷ ମଧ୍ୟ ଏହି ପବନ ମାଡ଼ରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏବେ ସୁଦ୍ଧା ସେପରି କୌଣସି ବଡ଼ଧରଣର ଜୀବନହାନୀର ଖବର ମିଳି ନ ଥିବାବେଳେ, ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି। ରାସ୍ତାରୁ ଗଛ କାଟି ସଫା କରିବା ଏବଂ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ବିଦ୍ୟୁତ ବିଭାଗ କର୍ମଚାରୀ କାର୍ଯ୍ୟରେ ଲାଗିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଗରମରୁ ଆଶ୍ୱସ୍ତି ମିଳିଲା।

## ବଜ୍ରପାତରେ ଜଣେ ମୃତ

**ମଙ୍ଗଳପୁର,୩୦।୫(ସମିସ):** ଶୁକ୍ରବାର ଦଶରଥପୁର ବ୍ଲକରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ଖୁବ ଜୋରରେ ବଜ୍ରପାତ ଘଟିଥିଲା। ଫଳରେ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି। ଏହି ବଜ୍ରପାତରେ କନିକାପଡା ପଞ୍ଚାୟତସ୍ତ ମାନସିଂପାଟଣା ଗ୍ରାମର ଜେନାସାହିରେ ବଜ୍ର ପଡି ରଥିଆ ଯେନା ଓ ଗୋପିଆ ଯେନାଙ୍କ ୩ ବଖରା ଘର ଜଳିଯାଇଛି। ନିଆଁର ପ୍ରଭାବ ଏତେ ମାତ୍ରାରେ ଥିଲାଯେ ଗ୍ରାମବାସୀଙ୍କ ଦ୍ୱାରା ନିଆଁକୁ ଆୟତ୍ତ କରିବା ସମ୍ଭବ ପର ହୋଇନଥିଲା। ଶେଷରେ ଦଶରଥପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଗ୍ରାମର ରବୀନ୍ଦ୍ର ସାମଲଙ୍କ ପତ୍ନୀ ଜାନକୀ ସାମଲ (୪୭) ବୋଲି ଜଣାପଡିଛି। ଜାନକୀ ନିଜ ଗାଧୁଆ ଘରୁ ପଦାକୁ ବାହାରୁଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା ଓ ଏହି ବଜ୍ରପାତ ଫଳରେ ଜାନକୀ ଚିତ୍କାର କରିବା ସହ ହଠାତ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଚେତା ଶୂନ୍ୟ ଅବସ୍ଥାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାନ୍ଥ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**କୁଆଖିଆ,୩୦।୫(ସମିସ):** ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ଅର୍ଡିଆ କୁସୁନପୁର ଗ୍ରାମରେ ଆଜି ସକାଳେ ଘର କାନ୍ଥ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଛି। ସୂଚନା ଅନୁଯାଇ ଏହି ଗ୍ରାମର କୈଳାସ ମଳିକ (୭୦) ନାମକ ବୃଦ୍ଧ ସକାଳ ଜଳଖିଆ ସାରି ଘରେ ଶୋଇଥିବା ବେଳେ ହଠାତ ଚାଳ ଛପର ଘରର କାନ୍ଥ ଭୁଶୁଡ଼ି ବୃଦ୍ଧଙ୍କ ଉପରେ ପଡ଼ି ଯାଇଥିଲା। ଚିତ୍କାର ଶୁଣି ପଡ଼ିଶା ଲୋକେ ବୃଦ୍ଧଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୁଆଖିଆ ପୁଲିସ ଏବଂ ରସୁଲପୁର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ବୃଦ୍ଧଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ଧର୍ମଶାଳା ପଠାଇଥିଲେ। ମୃତ କୈଳାସଙ୍କ ଦୁଇପୁଅ ଥିବାବେଳେ ବଡ଼ ପୁଅ ସୁରେଶ ମଳିକ କୁଆଖିଆ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଏହି ଘଟଣାରେ ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସହଯୋଗ ଯୋଗାଇ ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ହାତୀବାରି ଅଙ୍ଗନବାଡ଼ି କେନ୍ଦ୍ରରେ ଅଗ୍ନିକାଣ୍ଡ

**ସୁକିନ୍ଦା,୩୦।୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ଅଙ୍ଗନବାଡି କେନ୍ଦ୍ରରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଅଙ୍ଗନବାଡ଼ି ଘରେ ହଠାତ୍ ନିଆଁ ଦେଖି ସ୍ଥାନୀୟ ଲୋକମାନେ ତୁରନ୍ତ ସୁକିନ୍ଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ସୁକିନ୍ଦା ଅଗ୍ନିକ ଅଧିକାରୀ ରଜନୀକାନ୍ତ ସାମଲ ଏକ ସ୍ୱତନ୍ତ୍ର ଟିମ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଧରଣର ଅଘଟଣ ଟଳି ଯାଇଥିବା କୁହାଯାଉଛି। ତେବେ ଗ୍ୟାସ ଟାଙ୍କିରେ କିପରି ନିଆଁ ଲାଗିଲା, ସେନେଇ ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଆତଙ୍କ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ କାଳବୈଶାଖୀ ସାଙ୍ଗକୁ ଘଡଘଡି ବର୍ଷା ହୋଇଥିଲା। ବଜ୍ରପାତ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ବଜ୍ରପାତରେ ସଂପୃକ୍ତ ଘରର କାନ୍ଥ ଫାଟି ଯାଇଥିବା ଦେଖିବାକୁ ମିଳିଛି।

# ଋତୁସ୍ରାବ ସ୍ୱଚ୍ଛତା ସଚେତନତା ଅଭିଯାନ




**ଦାନଗଦି,୩୦।୫(ସମିସ):** "ଋତୁସ୍ରାବ ସ୍ୱଚ୍ଛତା ଦିବସ' ଉପଲକ୍ଷେ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ କଳିଙ୍ଗନଗର ଓ ଏହାର ଆଖପାଖ ଅଞ୍ଚଳରେ ଚାରିଦିନିଆ ବ୍ୟାପକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। କମ୍ପାନୀର କର୍ମଚାରୀ ସ୍ୱେଚ୍ଛାସେବୀ ଗ୍ରୁପ୍‌ର ପ୍ରୟାସ ଦ୍ୱାରା ପରିଚାଳିତ ଏହି ଗ୍ରାମୀଣ ସଚେତନତା କାର୍ଯ୍ୟକ୍ରମ ସାରଙ୍ଗପୁର, ବାରଗାଡ଼ିଆ, କାନ୍ତିପୁର, ଓଲଳ, ଗୋବରଘାଟି, ସାନସାଇଲୋ, ତ୍ରିଜଙ୍ଗା, ସୁଲିଆ, ଦୁବୁରୀ ଏବଂ ଧନଞ୍ଜୟପୁର ସମେତ ୧୦ଟି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୬୦ ଜଣ ନିଷ୍ଠାପର କର୍ମଚାରୀ, ସ୍ୱେଚ୍ଛାସେବୀ ଏହି ଆଲୋଚନା ଚକ୍ରଗୁଡ଼ିକୁ ପରିଚାଳନା କରିଥିଲେ, ଯାହା ଦ୍ୱାରା ପ୍ରାୟ ୫୫୦ ଜଣ କିଶୋରୀ ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇଛନ୍ତି। ତୃଣମୂଳ ସ୍ତରରେ ଏହାର ଏକ ଦୀର୍ଘସ୍ଥାୟୀ ପ୍ରଭାବ ସୁନିଶ୍ଚିତ କରିବା ପାଇଁ, ଏହି ଅଭିଯାନରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ସାମିଲ କରାଯାଇଥିଲା। ସ୍ୱାସ୍ଥ୍ୟକର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବାସ୍ତବ ପଦକ୍ଷେପ ସ୍ୱରୂପ ସମସ୍ତ କିଶୋରୀମାନଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଥିଲା। ଏହି ସଫଳ ଅଭିଯାନ ମାଧ୍ୟମରେ, ଏନଆଇଏନଏଲ୍ ନିଜର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ଯୁବତୀ ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦା ରକ୍ଷା ସହିତ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଏବଂ ଗ୍ରାମୀଣ ବିକାଶ ପ୍ରତି ନିଜର ନିରନ୍ତର କାର୍ଯ୍ୟ କରିଆସୁଛି।

# କାଗଜରେ ଜଳଛତ୍ର; ଜନତାଙ୍କୁ ମିଳୁନି ପାଣି

**କଯାଁଗୋଲା,୩୦।୫(ସମିସ):**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଦଶରଥପୁର ବ୍ଲକର ୩୫ଟି ପଞ୍ଚାୟତରେ ଜଳଛତ୍ର ଖୋଲାଯାଇଥିବା କାଗଜପତ୍ରେ ଦର୍ଶାଯାଇଥିଲେ ହେଁ, ବାସ୍ତବରେ ଏଗୁଡ଼ିକ ଜନସାଧାରଣଙ୍କ କାମରେ ଆସୁନଥିବା ଅଭିଯୋଗ ହୋଇଛି।

ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଛକ, ହାଟ, ବଜାର ଓ ରାସ୍ତା କଡ଼ରେ ଜଳଛତ୍ର ଖୋଲିବାର ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରତି ପଞ୍ଚାୟତରେ ମାଟି ହାଣ୍ଡିରେ ଥଣ୍ଡା ପାଣି ଓ ଛାମୁଣ୍ଡିଆ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ଯୋଗାଣ ପାଇଁ ଜଣେ ବ୍ୟକ୍ତିକୁ ପାରିଶ୍ରମିକ ଦେଇ ଦାୟିତ୍ୱ ଦିଆଯାଇଛି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଅନେକ ପଞ୍ଚାୟତରେ ଉଦ୍‌ଘାଟନ ପର ଦିନଠାରୁ ହାଣ୍ଡି ଓ ବ୍ୟାନର



ଗାଏବ ହୋଇଯାଇଛି। କେତେକ ସ୍ଥାନରେ ପାଣି ବଦଳୁନଥିବାରୁ ୨ ପୁରୁଣା ପାଣିରେ ଦେଖିବାକୁ ମିଳୁଛି। ଆଉ କେତେକ ସ୍ଥାନରେ ହାଣ୍ଡିରେ ଢାଙ୍କୁଣୀ ନଥିବା ବେଳେ ପାଣି ମଧ୍ୟ ନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବ୍ଲକ ପକ୍ଷରୁ ଅର୍ଥ ଖର୍ଚ୍ଚ ହେଉଥିଲେ ହେଁ ଜଳଛତ୍ର ଜନସାଧାରଣଙ୍କ କାମରେ ଲାଗୁନି। କିଛି ଅଧିକାରୀ ଲୋକ ଦେଖାଣିଆ ପାଇଁ ପଥିକଙ୍କୁ ଡାକି ଜଳଛତ୍ର ପାଖରେ ଛିଡ଼ା କରାଇ ଫଟୋ ଉଠାଇ ବ୍ଲକ କାର୍ଯ୍ୟାଳୟକୁ ପଠାଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୧୫ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ କୁହାଯାଇଛି। ବୁଦ୍ଧିଜୀବୀ ମହଲ କହୁଛନ୍ତି, ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରାଯାଏ, ତେବେ ଜଳଛତ୍ର ପ୍ରକୃତ ସ୍ଥିତି ସାମ୍ନାକୁ ଆସିବ।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**କବାଟବନ୍ଧ,୩୦।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ବିଭିନ୍ନ ଗାଁକୁ ଯିବା ଆସିବା ବିଚ୍ଛିନ୍ନ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ ହୋଇଛି। ବ୍ଲକର କବାଟବନ୍ଧ, ଜେନାପୁର, ବୃନ୍ଦାଦେଇପୁର, ଅଞ୍ଜିରା, ଚକ୍ରଧରପୁର, ମଧୁସୂଦନ ପୁର, ମର୍ଜିତାପୁର, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଏଣ୍ଡଲବା ସମେତ ବିଭିନ୍ନ ପଞ୍ଚାୟତର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉକ୍ତ ଅଞ୍ଚଳରେ ବର୍ଷା ହେବା ସହିତ ପବନର ବେଗ ଖୁବ ଅଧିକ ଥିଲା। ଫଳରେ ବହୁ ପରିମାଣର ଗଛ ଭାଙ୍ଗିବା ସହିତ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ୁଥିଲା। ରାଇଛନ୍ଦା ପଞ୍ଚାୟତରେ ଏକ ଟ୍ରାନ୍ସଫର୍ମରକୁ ବସା ଯାଇଥିବା ସିମେଣ୍ଟ ଚଟାଣ ଉପରୁ ବାହାରକୁ ଫୋପାଡ଼ି ଦେଇଛି। କୁସୁନପୁର ନିକଟରେ ଗଛ ମୂଳରେ ଥିବା ଏକ ଟ୍ରାକ୍ଟର ଉପରେ ଗଛ ଡାଳ ଭାଙ୍ଗି ପଡ଼ିଥିବା ସହିତ ସେଠାରେ ଥିବା ଗ୍ୟାରେଜରୁ ଆଜବେଷ୍ଟ ଉଡାଇ ନେଇଛି। କନ୍ତପଡ଼ା ନିକଟରେ ଏକ କେବିନ ଦୋକାନକୁ ମଧ୍ୟ ଆଂଶିକ ଭାବେ ଓଲଟି ପଡି ଆଜବେଷ୍ଟ ଉଡ଼ାଇ ନେଇଥିଲା। ସେହିପରି ରାଇଛନ୍ଦା ତୋଟାସାହି ନିକଟରେ ଇଲେକ୍ଟ୍ରି ଖୁଣ୍ଟ ଭାଙ୍ଗିବା ସହିତ ବିଭିନ୍ନ ସ୍ଥାନରେ ୧୧ କେଭି ତାର ଉପରେ ଗଛ ପଡ଼ି ଇଲେକ୍ଟ୍ରି ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବ୍ରାହ୍ମଣୀ ବ୍ରିଜ ବଜାରରେ ୩ ଗୋଟି ଦୋକାନକୁ ଭାଙ୍ଗିଦେଇଛି। କବାଟବନ୍ଧ ବଜାରରେ ସୋଲାର ଲାଇଟ ପୋଲ ସହିତ ଗଛ ପଡି ଘର ଭାଙ୍ଗିଛି। ସୋରାଇ ନିକଟରେ ଠିବା ମଙ୍ଗଳା ମନ୍ଦିରର ବହୁ ପୁରୁଣା ଗଛ ମଧ୍ୟ ଭାଙ୍ଗି ମନ୍ଦିରକୁ କ୍ଷତି କରିଛି। ସାଥୁଆ ପାଟଣା ଏବଂ ସୋରାଇ ରେ ଛାତ ଉପରେ ଲଗା ଯାଇଥିବା ସୋଲାର ପ୍ୟାନେଲକୁ ମଧ୍ୟ ପବନ ଉଡାଇଛି। ଅଣ୍ଟିଆ ତଳ ସାହି ଗ୍ରାମର ମାଳଗୋଡ଼ି ପଡିଆରେ ଥିବା ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଜେନାପୁର ରେଳ ଷ୍ଟେସନ ଠାରୁ ମେଡ଼ିକାଲ ରୋଡ଼ ଏବଂ ରାମପୁର କଇଥାରୁ କନ୍ତପଡ଼ା ରାସ୍ତାରେ ଗଛ ପଡି ଯାତାୟାତ ବନ୍ଦ ହୋଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଛ କଟା ଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା।



## ଜୁନ୍ ଓ ଜୁଲାଇ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

**ଯାଜପୁର,୩୦।୫(ସମିସ):** ଆସନ୍ତା ଜୁନ୍ ଓ ଜୁଲାଇ ମାସରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜୁନ୍ ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ୧ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁରରେ, ୮ ତାରିଖ ବଡ଼ଚଣା ବ୍ଲକରେ ସକାଳ ୭ରୁ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ୨୨ ତାରିଖ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ, ୨୯ ତାରିଖ କୋରେଇ ବ୍ଲକ କାର୍ଯ୍ୟାଳୟରେ ଦିନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ଜୁଲାଇ ମାସ ୬ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ, ୧୩ ତାରିଖ କେଏନ୍‌ଡିଏ ସମ୍ମିଳନୀ ଗୃହ କଳିଙ୍ଗନଗରରେ, ୨୦ ତାରିଖ ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏବଂ ୨୭ ତାରିଖ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଦିନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଣୁ ବଡ଼ଚଣା, ବିଞ୍ଝାରପୁର, କୋରେଇ, ବରୀ, ସୁକିନ୍ଦା ବ୍ଲକ ଏବଂ ଜିଲ୍ଲାର ଜନସାଧାରଣଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସରକାରୀ ବସ୍‌ର ବଦଳାଯାଉଛି ରଙ୍ଗ ଓ ନାମ

# ୬ ଦିନ ଧରି ହନ୍ତସନ୍ତ ହେଉଛନ୍ତି ଯାତ୍ରୀ

ବେତନଟୀ, ୩୦।୫(ସମିସ): ବେତନଟୀ ବ୍ଲକ ମୁଖ୍ୟାଳୟରୁ ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରୁଥିବା ସରକାରୀ ବସ୍ ସେବା ନାମ ଓ ରଙ୍ଗ ବଦଳାଇବା ପାଇଁ ୬ ଦିନ ଧରି ବନ୍ଦ ରହିଥିବାରୁ ହଜାର ହଜାର ଗ୍ରାମୀଣ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମହିଳା, ଛାତ୍ର ଓ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି। ନବୀନ ସରକାରଙ୍କ ସମୟରେ ୨୦୨୪ ଫେବୃଆରୀ ୧୩ରେ ଆରମ୍ଭ ହୋଇଥିବା ଏହି ଲକ୍ଷ୍ମୀ ବସ୍ ସେବା ବେତନଟୀ ବ୍ଲକ ଅଧୀନ ୨୪ଟି ପଞ୍ଚାୟତକୁ ସଂଯୋଗ କରୁଥିଲା। ମାତ୍ର ପାଞ୍ଚ ଟଙ୍କା ଭଡ଼ାରେ ଯାତ୍ରୀ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୃଷି ବିଭାଗ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାତାୟାତ କରି କାମ ସାରି ଫେରିପାରୁଥିଲେ। ଏହା ବିଶେଷକରି ଗ୍ରାମୀଣ ମହିଳାଙ୍କ ପାଇଁ ଏକ ବହୁମୁଖୀ ଜନକଲ୍ୟାଣକାରୀ ପଦକ୍ଷେପ ବୋଲି ବିବେଚିତ ହେଉଥିଲା।

ତେବେ ସରକାର ପରିବର୍ତ୍ତନ ପରେ ପରିସ୍ଥିତି ବଦଳିଲା। ଏହି ସରକାରୀ ବସ ସେବାରେ ଗହଣ ଲାଗିଲା। ପ୍ରଥମେ ରଙ୍ଗ ବଦଳାଇବା ଆଳରେ ବସ୍ ସଂଖ୍ୟା କମାଯିବା ଆରମ୍ଭ ହୋଇଥିଲା। ପରେ ଯୁଗଳ, ତିଳଦା, ମୁର୍କୁଣ୍ଡିଆ, ହତିଝୁରି, ଧଡ଼ାସାହି ସମେତ ଏକାଧିକ ଗ୍ରାମକୁ ବସ୍ ସେବା ବନ୍ଦ ହୋଇଗଲା। ଫଳରେ ଏ ଅଞ୍ଚଳର ଲୋକେ ପାଖାପାଖି ତିନି କିଲୋମିଟରରୁ ପାଞ୍ଚ କିଲୋମିଟର ରାସ୍ତା ଚାଲି କିମ୍ବା ସାଇକଲ ଯୋଗେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆସି ବସ୍ ଧରୁଛନ୍ତି। ସାଇକଲ ଛକରେ ରଖି ଯିବା ସମୟରେ ଚୋରି ହେବା ଘଟଣା ମଧ୍ୟ ଘଟିଛି ବୋଲି କେତେକ କଲେଜ ଛାତ୍ର ଅଭିଯୋଗ କରିଛନ୍ତି।



ପୂର୍ବରୁ ଚାରୋଟି ରୁଟ୍‌ରେ ଏହି ବସ ସେବା ଚାଲୁ କରିବାର ପରିକଳ୍ପନା ଥିଲା। ଏବେ ମାତ୍ର ତିନୋଟି ରୁଟ୍‌ରେ ବେତନଟୀ-କଳମା, ବେତନଟୀ-ଆମ୍ବଗଡ଼ିଆ ଓ ବେତନଟୀ-ମହିଷାଖୋଲ ହିଁ ଚାଲୁ ରହିଛି। ବେତନଟୀ-ବାମଡ଼ା ରୁଟ୍ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏଥିସହିତ ପୂର୍ବର ପାଞ୍ଚ ଟଙ୍କା ଭଡ଼ା ବଦଳରେ ଏବେ କିଲୋମିଟର ପିଛା ୮୮ ପଇସା ନିଆଯାଉଛି। ଯାହା ସଧାରଣ ଘରୋଇ ବସ୍ ଭଡ଼ା ସହ ପ୍ରାୟ ସମାନ। ଗତ ୬ ଦିନ ଧରି ଏହି ଗୁରୁତ୍ୱପୂର୍ଣ୍ଣ ବସ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଓଏସଆରଟିସି ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ବସ୍ କେନ୍ଦୁଝର ପଠାଯାଇଛି ରଙ୍ଗ ବଦଳାଇବା ପାଇଁ। ଏହି ସମୟରେ ପ୍ରାୟ ୧୫୦୦ ଯାତ୍ରୀ ପ୍ରତିଦିନ ପ୍ରଭାବିତ ହେଉଛନ୍ତି। ପ୍ରତ୍ୟେକ ସକ୍ରିୟ ରୁଟ୍‌ରେ ଦୈନିକ ୩୦୦ରୁ ୫୦୦ ଲୋକ ଯାତାୟାତ କରୁଥିବାରୁ ଦୈନିକ ସେଲ୍‌ଫ ମଧ୍ୟ ୩, ୦୦୦ରୁ ୫, ୦୦୦ ଟଙ୍କା ପର୍ଯ୍ୟନ୍ତ ହେଉଥିଲା। ଏ ବିଷୟରେ ଓଏସଆରଟିସି ମୟୂରଭଞ୍ଜ ଜିଲ୍ଲା ମ୍ୟାନେଜର ସତ୍ୟଜିତ୍ ବିଶୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବସ୍‌ଗୁଡ଼ିକୁ କେନ୍ଦୁଝର ପଠାଯାଇଛି। ଏହା ଏକ ପ୍ରକ୍ରିୟା। ଯାତ୍ରୀଙ୍କୁ ଅସୁବିଧା ହେଉଛି ଜାଣି ମଧ୍ୟ ଆମେ ସରକାରୀ ନିର୍ଦ୍ଦେଶ ପାଳନ କରୁଛୁ। ରୁଟ୍ ଓ ବସ୍ ସଂଖ୍ୟା ବୃଦ୍ଧି ପାଇଁ ସାରା ମୟୂରଭଞ୍ଜ ପାଇଁ ୪୫ଟି ବସ୍ ଦେବା ପାଇଁ ପ୍ରସ୍ତାବ ପଠାଯାଇଛି। ସ୍ଥାନୀୟ ଲୋକେ କହୁଛନ୍ତି ଯେ, ବସ୍ ସେବା ଧୀରେ ଧୀରେ ଲୋକଙ୍କ ଅଭ୍ୟାସ ହୋଇଯାଇଥିଲା। ହଠାତ୍ ଏପରି ନିଷ୍ପତ୍ତି ଯୋଗୁଁ ଅନେକ ଲୋକ ସରକାରୀ କାର୍ଯ୍ୟ କରିପାରିନାହାନ୍ତି। ବିଶେଷକରି ବ୍ଲକ ଉପାନ୍ତ ଅଞ୍ଚଳର ମହିଳା ଓ ବୃଦ୍ଧଙ୍କ ପାଇଁ ଏହା ଅଧିକ କଷ୍ଟକର ହୋଇଛି। ଏହି ଘଟଣା ଗ୍ରାମାଞ୍ଚଳରେ ପରିବହନ ସେବାର ଗୁରୁତ୍ୱ ଓ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ବାସିନ୍ଦା ଶୀଘ୍ର ଏହି ବସ୍ ସେବା ପୁନଃ ଆରମ୍ଭ କରିବା ସହ ପୂର୍ବ ଭଡ଼ା ବ୍ୟବସ୍ଥା ଓ ଅଧିକ ରୁଟ୍‌ରେ ଏହି ବସ୍ ସେବା ପହଞ୍ଚାଇବା ପାଇଁ ପ୍ରଶାସନ ଓ ଓଏସଆରଟିସି ନିକଟରେ ଦାବି ଜଣାଇଛନ୍ତି।

## ଜୁଲିମଣି ବେହେରାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ



ବାରିପଦା, ୩୦।୫(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ତଥା ବଡ଼ସାହି ବ୍ଲକର ଉଠାଣିନୂଆଗାଁ ଗ୍ରାମର ଜୁଲିମଣି ବେହେରାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୫ତମ ତିରୋଧାନ ଦିବସ ଉପଲକ୍ଷେ ରାଜୀବଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସେଣ୍ଟର ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ଜୁଲିମଣିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜୀବ ଗାନ୍ଧୀ ଛାତ୍ର ଫୋରମର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ସଂଯୋଜନା କରିଥିବାବେଳେ ବିଚାରପତି ଜଷ୍ଟିସ୍ ଡିପି ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୁଲିମଣିଙ୍କ ଅତୁଳନୀୟ ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଡ. ପବିତ୍ର ମୋହନ ସାମନ୍ତରାୟ, ରାଜ୍ୟ କଂଗ୍ରେସ ଗଣମାଧ୍ୟମ ସେଲ୍‌ଫ ଅଧ୍ୟକ୍ଷ ଅରବିନ୍ଦ ଦାସ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ କୁମରବର ଦାସ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜୁଲିମଣି ଭାରତୀୟ ଯୁବ ରେଡ୍‌କ୍ରସର ଜଣେ ସ୍ୱେଚ୍ଛାସେବୀ ଭାବେ ବିଭିନ୍ନ ଶିବିରରେ ଯୋଗଦାନ କରି ଜିଲ୍ଲା ଓ ଜିଲ୍ଲା ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ମିଳିତ ବିରୋଧୀ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ

# ଉଚ୍ଛେଦ ପରେ ତୁରନ୍ତ ଥଇଥାନ କରାଯାଉ

ବାରିପଦା, ୩୦।୫(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦା ସହର ସମେତ ଅନ୍ୟାନ୍ୟ ସ୍ଥାନରେ କରାଯାଉଥିବା ଉଚ୍ଛେଦ ପ୍ରକ୍ରିୟାକୁ ସ୍ୱାଗତ କରିବା ସହିତ ପରବର୍ତ୍ତୀ ସମୟରେ ଉଚ୍ଛେଦ ବ୍ୟବସାୟୀ ଓ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବା ନିମନ୍ତେ ଏକ ଦାବିପତ୍ର ମିଳିତ ବିରୋଧୀ ଦଳ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଛି। କଂଗ୍ରେସ ନେତା ଶାନ୍ତନୁ ପାଲଙ୍କ ନେତୃତ୍ୱରେ କଂଗ୍ରେସ, ସିପିଆଇ ଓ ସିପିଏମ ତରଫରୁ ବାରିପଦା ସହରର ରାସ୍ତା ପ୍ରଶସ୍ତୀକରଣ ପ୍ରକ୍ରିୟାକୁ ସମର୍ଥନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ଉଠା ଦୋକାନୀ କିମ୍ବା ସ୍ଥାୟୀ ଦୋକାନୀ ନିଜ ଦୋକାନ ସାମ୍ନାରେ ଆଗକୁ ବଢ଼ାଇ ଡ୍ରେନକୁ କବ୍‌ଜା କରିବା ଦ୍ୱାରା ରାସ୍ତା ସଂକୁଚିତ ହେଉଛି। ଏଥିନିମନ୍ତେ ଜିଲ୍ଲା ପ୍ରଶାସନର ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ଯୁକ୍ତିଯୁକ୍ତ। କିନ୍ତୁ ଉଚ୍ଛେଦ ଦ୍ୱାରା ବହୁ ଦୋକାନୀ ପରିବାର ଅସୁବିଧାର ଶିକାର ହେଉଛନ୍ତି। ବହୁ ବେକାର ଯୁବକ ରୋଜଗାର ହରାଉଛନ୍ତି। ଯଦ୍ୱାରା ସେମାନେ ଦେବାଳିଆ ହୋଇଯାଉଛନ୍ତି। ତେଣୁ ଦୋକାନ ଉଚ୍ଛେଦ ସହିତ ସେମାନଙ୍କୁ ଥଇଥାନ କଲେ ସେମାନଙ୍କ ପରିବାର ସାମୂହିକ କଷ୍ଟରୁ ବର୍ତ୍ତିପାରନ୍ତେ। ନଚେତ ସେମାନେ ବେକାର ହେବା ସହିତ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବେ ଓ ସହରରେ ଚୋରି, ଛିନତାଇ, ଡକାୟତି ଭଳି ଅପରାଧ ମଧ୍ୟ ବୃଦ୍ଧି ଘଟିବ।



କେନ୍ଦ୍ର ସରକାର ସ୍ୱାବଲମ୍ବୀ ହେବା ପାଇଁ ଯୋଜନା କରୁଛନ୍ତି, ହେଲେ ଦୋକାନ ଘର ବଣ୍ଟନରେ ଡିପୋଜିଟ ଖର୍ଚ୍ଚ ଲକ୍ଷାଧିକ ଟଙ୍କା ଥିବାରୁ ସମସ୍ତେ ଦୋକାନ ଘର ପାଇପାରୁନାହାନ୍ତି। ସମସ୍ତ ପ୍ରକାର ସମସ୍ୟାକୁ ବିଚାର କରି ଯୁବ ବର୍ଗଙ୍କ ରୋଜଗାରକୁ ଦୃଷ୍ଟିରେ ଥଇଥାନ ପୂର୍ବକ ଉଚ୍ଛେଦ କଲେ ଜନସାଧାରଣ ଉପକୃତ ହେବା ସହ ରୋଜଗାର ହରାଉଥିବା ପରିବାର ଆଶ୍ୱସ୍ତ ହେବେ। ଦାବିପତ୍ର ପ୍ରଦାନ ସମୟରେ କଂଗ୍ରେସ ପକ୍ଷରୁ ନିର୍ମଳ ପ୍ରଧାନ, ନିହାର ରଞ୍ଜନ ମଡୁଆଳ, ରବିନାରାୟଣ ପରିଡ଼ା, ଭବାନୀ ଶଙ୍କର ସାହୁ, ନାରାୟଣ ବାର, ଦିଲ୍ଲୀପ ପାତ୍ର, ରତିକାନ୍ତ ଚୌଧୁରୀ, ସିପିଆଇ ପକ୍ଷରୁ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ ଓ ସିପିଏମର ରବି ଗୋସ୍ୱାମୀ ପ୍ରମୁଖ ସାମିଲ ଥିଲେ।

# ଜିଲ୍ଲାସ୍ତରୀୟ 'ମେଧାବୀ ମୟୂରଭଞ୍ଜ' ସମ୍ବର୍ଦ୍ଧନା ସମାରୋହ

ବାରିପଦା, ୩୦।୫(ସମିସ): ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ ଓ ତତସହିତ ଅଧିକ ସଂଖ୍ୟାରେ ଏ-୧ ଗ୍ରେଡରେ ଛାତ୍ରଛାତ୍ରୀଙ୍କୁ ଉତ୍ତୀର୍ଣ୍ଣ କରିବା ଲକ୍ଷ୍ୟ ନେଇ ୨୦୨୪-୨୫ ଶିକ୍ଷାବର୍ଷରୁ ଆରମ୍ଭ ହୋଇଛି ଲୋକପ୍ରିୟ ଜିଲ୍ଲାପାଳଙ୍କ ମାନସପ୍ରସୂ କାର୍ଯ୍ୟକ୍ରମ 'ମେଧାବୀ ମୟୂରଭଞ୍ଜ' ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିଲ୍ଲା ଶିକ୍ଷା ବିଭାଗର ସମସ୍ତ ପଦାଧିକାରୀଙ୍କ ନିୟମିତ ତଦାରଖ, ଶିକ୍ଷକଶିକ୍ଷୟିତ୍ରୀଙ୍କ ସମୟୋପଯୋଗୀ ଉତ୍ସର୍ଗୀକୃତ ଶିକ୍ଷାଦାନ ଜିଲ୍ଲାକୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅଭୂତପୂର୍ବ ସଫଳତା ଦେଇଛି। ୨୦୨୪ ମସିହାରେ ଆମ ଜିଲ୍ଲାରେ ୪୦ ଜଣ ଏ-୧ ଗ୍ରେଡ୍ ପାଇଥିବାବେଳେ 'ମେଧାବୀ ମୟୂରଭଞ୍ଜ' ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ୨୦୨୫ରେ ୮୦ ଜଣ ଓ ଚଳିତ ବର୍ଷ ୧୪୬ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ଏଥର ଜିଲ୍ଲାର ସଫଳତାର ହାର ଶତକଡା ୯୭.୫୨ ଅଟେ। ମୋଟ ଏ-୧ ଗ୍ରେଡ ପାଇଥିବା ବିଦ୍ୟାଳୟ ସଂଖ୍ୟା ୪୭ ଥିବାବେଳେ ସେଥିମଧ୍ୟରୁ ୩୯ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ହୋଇଥିବାବେଳେ ୮ଟି ବେସରକାରୀ ବିଦ୍ୟାଳୟ ରହିଛି। ଜିଲ୍ଲାସ୍ତରରେ ହାରାହାରି ପାସ୍ ହାର ଆଧାରରେ ଏକ ମାନ ନିର୍ଦ୍ଧାରଣ କରାଯାଇ ୩ଟି ଉଚ୍ଚ ବିଦ୍ୟାଳୟ ଚକାଡୋଲା ବିଦ୍ୟାପୀଠ, ମାଣିକପୁର, ରାସଗୋବିନ୍ଦପୁର ବ୍ଲକ, ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ, ବାରିପଦା ବ୍ଲକ, ଟିକରପଡ଼ା ଉଚ୍ଚ ବିଦ୍ୟାଳୟ, ଶାମାଖୁଣ୍ଟା ବ୍ଲକକୁ ସର୍ବୋତ୍କୃଷ୍ଟ ବିଦ୍ୟାଳୟ ଭାବେ ପୁରସ୍କୃତ କରାଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାରିପଦା-୨ର ଛାତ୍ର ପାର୍ଥସାରଥି ମହାନ୍ତ ୯୮ ପ୍ରତିଶତ ନମ୍ବର ରଖି ରାଜ୍ୟ ଟପ୍ପର ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଯାହା ପରବର୍ତ୍ତୀ ସମୟରେ ଅନ୍ୟ ପିଲାଙ୍କୁ ପ୍ରେରଣା ଯୋଗାଇବ। ଜିଲ୍ଲାର ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟା ଓ ବଳିଷ୍ଠ ଉଦ୍ୟମ ଜିଲ୍ଲାକୁ ସଫଳତା ଶୀର୍ଷରେ ପହଞ୍ଚାଇ ପାରିଛି। ଏ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସହିଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ 'ମେଧାବୀ ମୟୂରଭଞ୍ଜ' ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଛି। ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପଦକ, ମାନପତ୍ର, ପୁସ୍ତକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। କୃତି ଛାତ୍ରଛାତ୍ରୀଙ୍କ ଅଭିଭାବକ, ଅଧ୍ୟୟନରତ ସମସ୍ତ ବିଦ୍ୟାଳୟର ଶିକ୍ଷକ, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ପରିବେଶ ଓ ଜଙ୍ଗଲ, ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସାଂସଦ ନବଚରଣ ମାଝି, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ନାବାଳିକା ଉଦ୍ଧାର, ପରିବାର ଲୋକଙ୍କୁ ହସ୍ତାନ୍ତର

ରାଇରଙ୍ଗପୁର/ବିଶୋଇ, ୩୦।୫(ସମିସ): ବିଶୋଇ ଥାନା ପୁଲିସ ଦ୍ୱାରା ନିଖୋଜ ଥିବା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉକ୍ତ ନାବାଳିକା କିଛିଦିନ ହେବ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିବା ପରେ ପଚାରଉଚରା କରାଯାଇଥିଲା। ସମସ୍ତ ଆଇନ ପ୍ରକ୍ରିୟା କରିବା ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ମହିଳାଙ୍କ ଆତ୍ମହତ୍ୟା, ନିର୍ଯାତନା ଅଭିଯୋଗ ଆଣିଲେ ପରିବାର

ରାଇରଙ୍ଗପୁର/କରଞ୍ଜିଆ, ୩୦।୫(ସମିସ): ମହିଳାଙ୍କୁ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ମହିଳା ଜଣକ କରଞ୍ଜିଆ ଥାନା ଅନ୍ତର୍ଗତ ପ୍ରାଚୀ ପଲ୍ଲବୀ ନାୟକ। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଝିଅଙ୍କ ସହ ରହୁଥିଲେ। ତାଙ୍କ ଶାଶୂଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ଲୋକ ମହିଳାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁଲିସ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଏଏସଆଇଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଗାଏବ

ରାଇରଙ୍ଗପୁର, ୩୦।୫(ସମିସ): ପୁଲିସ ଏଏସଆଇଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୯୫, ୦୦୦ ଟଙ୍କା ଗାଏବ ହୋଇଛି। ଏନେଇ ବାଦାମପାହାଡ଼ ଥାନା ଏଏସଆଇ ପ୍ରଦୀପ କୁମାର ମହାରଣା ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟରୁ ତାଙ୍କ ଅଜାଣତରେ ଉକ୍ତ ଟଙ୍କା ଉଠାଣ ହୋଇଛି। ତାଙ୍କୁ ଏକ ଇମେଲ ଯୋଗେ ସୂଚନା ମିଳିଥିଲା। ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ବେଳେ ସେ ଏହା ଜାଣିବାକୁ ପାଇଥିଲେ। ସରକାରୀ ବ୍ୟାଙ୍କ ଆକାଉଣ୍ଟକୁ ୟୁପିଆଇ ଜରିଆରେ ଉକ୍ତ ଟଙ୍କା ଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସାଇବର ଠକେଇର ଶିକାର ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କଖାରୁପନା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ



ଶୁକ୍ଳି, ୩୦।୫(ସମିସ): ଶୁକ୍ଳି ବ୍ଲକ ଅନ୍ତର୍ଗତ କଖାରୁପନା ଗ୍ରାମରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ଶୁଭାଧିବାସ କରାଯାଇ ବୁଧବାର ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ମୟୂରଭଞ୍ଜ ଜିଲ୍ଲାର ରାଇବଣି, ଭଣ୍ଡଗାଁ, ହାଣ୍ଡିଫୁଟା, ଢେଙ୍କାନାଳ ଜିଲ୍ଲାର ନରଣପୁର, ବଲାଙ୍ଗୀର ଜିଲ୍ଲାର ସୁନାମଧନ୍ୟା ଗାୟିକା ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ ଦଳ ଯୋଗ ଦେଇଥିଲେ। ପ୍ରତିଦିନ ଗ୍ରାମବାସୀଙ୍କ ସହାୟତାରେ ଆନନ୍ଦ ବଜାର ଖୋଲାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା। ଯଜ୍ଞ କାର୍ଯ୍ୟକୁ କର୍ମକାଣ୍ଡବିତ ଚିତ୍ତରଞ୍ଜନ ମିଶ୍ର ସମାପନ କରିଥିଲେ।

# ରକ୍ତଦାନ ଶିବିର; ୧୭ ୟୁନିଟ୍ ସଂଗୃହୀତ

ରାଇରଙ୍ଗପୁର, ୩୦।୫(ସମିସ): ଜୁନିୟର ରେଡ୍‌କ୍ରସ ମୟୂରଭଞ୍ଜ ଓ ଲଞ୍ଚ ଉଇଣ୍ଡୋଜ ଏଜୁ୍ୟକେଶନ ଟ୍ରଷ୍ଟ ରାଇରଙ୍ଗପୁର ପକ୍ଷରୁ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଟ୍ରଷ୍ଟି ଦୀପକ ବେହେରା, ଡାଇରେକ୍ଟର୍ ଗୀତାଞ୍ଜଳି ମହାକୁଡ, ଏମଡି ଆଶିଷ ଦଳେଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବହଳଦା ବ୍ଲକ ବିଆରସିସି ବିଭୂତି ଭୂଷଣ ପଲେଇ ଓ ସମ୍ମାନିତ ଅତିଥି ଭାବେ ୧୩ ନମ୍ବର ୱାର୍ଡ କାଉନସିଲର ଧୀରା ବେଶ୍ରା, ସାମ୍ବାଦିକ ତୁଷାରକାନ୍ତ ମହାନ୍ତ, ରାଇରଙ୍ଗପୁର ଉଚ୍ଚବିଦ୍ୟାଳୟର ଶିକ୍ଷକ ଉଦୟଭାନୁ ପ୍ରଧାନ, ଏଚଡିଏଫସି ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ସୁରଜ ପଟ୍ଟନାୟକ, ରକ୍ତଦାତା ଗତିକୃଷ୍ଣ ମହାନ୍ତ, ଅଭିନାଶ ପ୍ରସାଦ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ଆଗକୁ ଉପଖଣ୍ଡରେ ଯେମିତି କୌଣସି ରୋଗୀର ରକ୍ତଭାବରୁ ଜୀବନ ନ ଯାଉ, ସେନେଇ କେମିତି ଶିବିର ଆୟୋଜନ କରାଯିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏ ଅବସରରେ ପ୍ରଥମଥର ରକ୍ତଦାନ କରିଥିବା ଜଗନ୍ନାଥ ବେହେରାଙ୍କୁ ରାଇରଙ୍ଗପୁର ରକ୍ତ ଭଣ୍ଡାର ଅଧିକାରୀ ସୁଦିବ୍ୟଲୋଚନ ସିଂ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟି ଦୀପକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଶିବିରରେ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ସୁଦିବ୍ୟଲୋଚନ ସିଂ, ଏଲଟି ଦେବବ୍ରତ ଗିରି, ସୁମନ୍ତ ଗିରି, ବବୁଲ ମୁର୍ମୁ, ସୁଜାତା ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୧୭ ୟୁନିଟ୍ ରକ୍ତ ସଂଗୃହ ହୋଇଥିଲା। ଲଞ୍ଚ ଉଇଣ୍ଡୋଜ୍ କମ୍ପ୍ୟୁଟରର ୧୨ ବର୍ଷ ପୂର୍ତ୍ତି ଅବସରରେ ଏହି ଶିବିର ଆୟୋଜନ କରାଯାଇଥିଲା। ଶେଷରେ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦିଆଯାଇଥିବାବେଳେ ଟ୍ରଷ୍ଟ ସଦସ୍ୟା ରଶ୍ମିତା ବେହେରା, ସାମ୍ବାଦିକ କଳ୍ପନା ସେନାପତି, ସଞ୍ଜୟ ପାତ୍ର, ସତ୍ୟନାଥ ଦାସ, ଧନେଶ୍ୱର ମାରାଣ୍ଡି, ମୁନା ଷ୍ଟାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/କରଞ୍ଜିଆ, ୩୦।୫(ସମିସ): ବାଲି ଚୋରାଚାଲାଣ ବେଳେ ଯଶିପୁର ଥାନା ପୁଲିସ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବହୁ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିବାବେଳେ ମଦରାଙ୍ଗାଯୋଡ଼ି ନଦୀରୁ ବାଲି ବେଆଇନ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଟୁନଟୁନା ଛକ ପଟକୁ ଯାଉଥିବାବେଳେ ଚଢ଼ଉ କରି ଟ୍ରାକ୍ଟର ଜବତ କରାଯାଇଥିଲା। ଟ୍ରାକ୍ଟର ଚାଳକଙ୍କୁ ପଚରାଉଚରା କରିବା ପରେ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିଥିବା ନେଇ ଜଣାପଡ଼ିଥିଲା। ଗାଡ଼ି ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଥିଲା। ଏ ନେଇ ଯଶିପୁର ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବାଇକ୍‌ରୁ ପଡ଼ି ଜଣେ ମୃତ

ରାଇରଙ୍ଗପୁର/କରଞ୍ଜିଆ, ୩୦।୫(ସମିସ): ରାସ୍ତାରେ ଯାଉଥିବାବେଳେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟର ୱେଷ୍ଟ ସିଂହଭୂମ ଅଞ୍ଚଳର ମଝିଗାଁ ଲକ୍ଷ୍ମଣ ଚାତାର (୩୨)। ସେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ବେନିସାଗର ଛକଠାରେ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଯଶିପୁର ଥାନାରେ ମାମଲା ରୁଜୁ କରାଯାଇଛି।

## ପ୍ରଶାସନର ଅବହେଳା

# ବିଧବା ଭତ୍ତା ପାଇବାରୁ ମାନିକି ବଞ୍ଚିତ



ରାଇରଙ୍ଗପୁର, ୩୦।୫(ସମିସ): ଜଣେ ଅସହାୟ ମହିଳା ବିଧବା ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଭତ୍ତା ମିଳିପାରୁନାହିଁ। ଏଭଳି ଘଟଣା ବିଜାତଳା ବ୍ଲକର ମଢେଇକଚା ପଞ୍ଚାୟତ ଖେଜୁରୀ ଗ୍ରାମର ବିଧବା ମହିଳା ମାନିକି ମୁର୍ମୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ବିଜେପି ସରକାର ଅଧିକ ଭତ୍ତା ପ୍ରଦାନ କରିବାର ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବାବେଳେ ଅସହାୟ ମହିଳା ଜଣକ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଯାହାକି ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମାନିକି ମୁର୍ମୁଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ପଡ଼ିଛି। ଆର୍ଥିକ ଅଭାବ ମଧ୍ୟରେ ସେ ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ଭତ୍ତା ମିଳିଲେ ତାଙ୍କ ଦୈନନ୍ଦିନ ଜୀବନରେ କିଛିଟା ସହାୟତା ମିଳିପାରିବ ବୋଲି ଆଶା କରି ସେ ଆବେଦନ କରିଥିଲେ। ଏଥିପାଇଁ ସେ ସମସ୍ତ ଆବଶ୍ୟକ କାଗଜପତ୍ର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। କିନ୍ତୁ ଆବେଦନ କରି ବହୁ ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ଆବେଦନ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଫେରୁଥିବା କହିଛନ୍ତି। ପ୍ରତିଥର କେବଳ ଆଶ୍ୱାସନ ମିଳୁଥିବାବେଳେ ପ୍ରକୃତରେ ଭତ୍ତା ମଞ୍ଜୁର ହେଉ ନ ଥିବାରୁ ସେ ମାନସିକ ଓ ଆର୍ଥିକ ଭାବେ ଭାଙ୍ଗିପଡ଼ିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଧବା ମାନିକି ମୁର୍ମୁ ଜଣେ ପ୍ରକୃତ ହିତାଧିକାରୀ ହୋଇଥିଲେ ମଧ୍ୟ ତାଙ୍କୁ ସରକାରୀ ସହାୟତା ମିଳୁନାହିଁ। ଏହା ସରକାରୀ ଅବହେଳା ନୁହେଁ ତ ଆଉ କ'ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସରକାର ଗରିବ ଓ ଅସହାୟ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ତୃଣମୂଳ ସ୍ତରରେ ତାହାର ସଠିକ୍ କାର୍ଯ୍ୟକାରୀ ନ ହେବାରୁ ଅନେକ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଥିବା ସେମାନେ କହିଛନ୍ତି। ଗ୍ରାମବାସୀ ଓ ସ୍ଥାନୀୟ ସଚେତନ ମହିଳାଙ୍କ ପକ୍ଷରୁ ଶୀଘ୍ର ଏହି ଘଟଣାର ତଦନ୍ତ କରି ମାନିକି ମୁର୍ମୁଙ୍କୁ ଭତ୍ତା ଯୋଗାଇ ଦେବାକୁ ଦାବି କରାଯାଇଛି।

# ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ

# ଡଷ୍ଟବିନ୍‌ରେ ତମାଖୁ ଆଇନ




- ଖୁଲମଖୁଲା ଭାବେ ବିକ୍ରି ହେଉଛି ତମାଖୁଯୁକ୍ତ ସାମଗ୍ରୀ
- ଶିକ୍ଷାନୁଷ୍ଠାନ, ମନ୍ଦିର, ପର୍ଯ୍ୟଟନ କ୍ଷେତ୍ର ବି ବାଦ୍ ପଡୁନି
- ପ୍ରହସନ ପାଲଟିଛି ନିଷିଦ୍ଧ ଗୁଟ୍‌ଖା ବିକ୍ରି କଟକଣା

ଖୋର୍ଦ୍ଧା, ୩୦।୫(ସମିସ):

ଧୂମପାନ ହେଉ କି ତମାଖୁ ସେବନର ଭୟାବହତା ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ପରାମର୍ଶ ଦେଇ ଆସୁଛନ୍ତି। ନିଶା ସେବନ ଦିନକୁ ବଢି ଚାଲିଛି। କିଏ ପିକା ଟାଣୁଛି ତ ଆଉ କିଏ ପ୍ୟାକେଟ ପ୍ୟାକେଟ ସିଗାରେଟ, ବିଡି, ଗୁଣ୍ଡିପାନ, ଗୁଟୁଖା ଖାଇବାରେ ବ୍ୟସ୍ତ। କିଛି ଲୋକେ ଏହାର ଏଭଳି ଅବ୍ୟସ୍ତ ହୋଇଗଲେଣି ଯେ, ଏହା ସେମାନଙ୍କ ଦୈନିନ୍ଦିନ ଜୀବନର ଅଂଶ ପାଲଟିଗଲାଣି। ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ପରାମର୍ଶ ସତ୍ୱେ ନିଶା ସେବନକାରୀଙ୍କ ମଧ୍ୟରେ କୌଣସି ପରିବର୍ତନ ନାହିଁ। ଏହାର ଭୟାବହତାକୁ ଉପଲକ୍ଷ କରି ତମାଖୁ ଏବଂ ଅନ୍ୟ ନିଶା ସେବନ ବର୍ଜନ, ସଚେତନତା ଉଦ୍ଦେଶ୍ୟରେ ପ୍ରତିବର୍ଷ ମଇ ୩୧ତାରିଖରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ(ୱାଲର୍ଡ ନୋ ଟବାକୋ ଡେ)। ସରକାର ଏ ବାବଦକୁ କୋଟି କୋଟି ଟଙ୍କା ଅର୍ଥ ଶ୍ରାଦ୍ଧ କରୁଛନ୍ତି। ତମାଖୁକୁ ବର୍ଜନ ପାଇଁ ସରକାର ପ୍ରଣୟନ କରୁଥିବା ଆଇନ ଅଳିଆ ଗଦାରେ ପଡି ରହିଛି। ଫଳରେ ତମାଖୁ ବ୍ୟବହାର ନିଷିଦ୍ଧ ହେବା ପରିବର୍ତ୍ତେ ବଢି ବଢି ଚାଲିଛି। ବର୍ଷକୁ ଗୋଟିଏ ଦିନ ସରକାରୀ ତଥା ବେସରକାରୀସ୍ତରରେ ଏହାକୁ ପାଳନ କରାଯାଉଛି। ବାକି ୩୬୪ଦିନ ଏହା ଉପରେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ୨୦୧୩ ଜାନୁୟାରୀ ମାସରୁ ଗୁଟୁଖା ସମେତ ଅନେକ ତମାଖୁ ସାମଗ୍ରୀର ଉତ୍ପାଦନ, ବିକ୍ରି ଏବଂ ବ୍ୟବହାର ଉପରେ ଓଡ଼ିଶାରେ ଆଇନତଃ ନିଷିଦ୍ଧି କରାଯାଇଛି। ରାଜ୍ୟ ସରକାର ଏ ବାବଦରେ ଲକ୍ଷାଧିକ ଟଙ୍କାର ରାଜସ୍ୱ ମଧ୍ୟ ହରାଉଛନ୍ତି।

ଅନ୍ୟପଟେ ବଡ ବଡ ହୋଟେଲ, ମାର୍କେଟ କମ୍ପ୍ଲେକ୍ସ, ମଲ୍ ଏବଂ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପ୍ରଭୃତି ସ୍ଥାନରେ ତମାଖୁ ବିକ୍ରି ଓ ସେବନ ଉପରେ କଟକଣା ରହିଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉ କିମ୍ବା ପ୍ରଶାସନିକ କଳର ଆନ୍ତରିକତାର ଅଭାବରୁ ଗୁଟଖା, ତମାଖୁ ପ୍ରଭୃତି ସାମଗ୍ରୀ ବ୍ରିକି ବଢି ଚାଲିଛି। ସହରାଂଚଳଠାରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ସବୁଠି ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ଠାରୁ ରାସ୍ତାକଡ ଫୁଟପାଥ ଦୋକାନ, ପାନ ଦୋକନ ପ୍ରଭୃତି ସ୍ଥାନରେ ମାଳ ମାଳ ଗୁଟୁଖା ତମାଖୁ ଖୁଲମଖୁଲା ବିକ୍ରି ଚାଲିଛି। ଶିକ୍ଷାନୁଷ୍ଠାନ ଠାରୁ ୧୦୦ ମିଟର ଦୂରତା ମଧ୍ୟରେ ତମାଖୁ ବିକ୍ରି କରାଯାଇପାରିବ ନାହିଁ ବୋଲି କୋଟପା ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ମାତ୍ର ଖୋର୍ଦ୍ଧା ଜିଲ୍ଲାରେ ଏକାଧିକ ଶିକ୍ଷାନୁଷ୍ଠାନ ନିକଟରେ ଖୁଲମଖୁଲା ଭାବେ ବିକ୍ରି ଚାଲିଛି। ଏପରିକି କିଛି ସରକାରୀ କାର୍ଯ୍ୟାଳୟ ପରିସରରେ ମଧ୍ୟ ବ୍ରିକି ଚାଲିଛି। ସର୍ବସାଧାରଣରେ ଧୂମପାନ, ନିଶା ସେବନ, ଛେପ ପକାଇବା ଆଇନତଃ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ସର୍ବସାଧାରଣ ସ୍ଥାନ, ବସଷ୍ଟାଣ୍ଡ, ଜନଗହଳି ସ୍ଥାନରେ ଏହା ଚାଲିଛି। ଏପରିକି ସରକାରୀ କାର୍ଯ୍ୟାଳୟରେ କେତକ ସରକାରୀ ବାବୁ, କର୍ମଚାରୀ ମାନେ ପାଟିରେ ଗୁଟୁଖା, ପାନ ଧରି କାମ କରୁଛନ୍ତି। କାର୍ଯ୍ୟାଳୟକୁ ଆସୁଥିବା କେତକ ବ୍ୟକ୍ତି ବିଶେଷ ମଧ୍ୟ ପାନଗୁଟୁଖା ଖାଇ ଏଣେତେଣେ ଛେପ ପକାଉଛନ୍ତି। ଏହା ଦ୍ୱାରା ପରିବେଶ ନଷ୍ଟ ହେବା ସହ ଏକ କଳୁଷିତ ବାତାବରଣ ସୃଷ୍ଟି ହେଉଛି। ତେବେ ତମାଖୁ ଦ୍ୱାରା ପ୍ରଭାବିତ ଲୋକଙ୍କ ମୃତ୍ୟୁ ଓ କର୍କଟ ରୋଗୀଙ୍କ ସଂଖ୍ୟା ଏବେ ଚିନ୍ତାର କାରଣ ପାଲଟିଛି। ଗୁଟଖା, ଖଇନି, ସିଗାରେଟ ଆଦିର ବ୍ୟବହାର ଫଳରେ ଲୋକମାନଙ୍କ ପାଟିରେ କ୍ୟାନସର ରୋଗ ହେଉଥିବା ବେଳେ ସାଧାରତଃ ଜିଲ୍ଲାରେ ଯୁବ ପିଢିଙ୍କ କ୍ଷେତ୍ରରେ ଦେଖାଯାଉଛି।

ଶିକ୍ଷାନୁଷ୍ଠାନର ଶହେ ମିଟର ଦୂରତା ମଧ୍ୟରେ ତମାଖୁ ବିକ୍ରୀ ଉପରେ କଟକଣା ଜାରୀ କରାଯାଇଥିଲେ ମଧ୍ୟ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ବେଆଇନ ତମାଖୁ ବିକ୍ରି ଏବଂ ସେବନ ରୋକିବାକୁ ୨୦୧୧ମସିହାରେ ମାର୍ଚ୍ଚ ୨୬ତାରିଖରୁ ଏକ ସ୍ୱତନ୍ତ୍ର କକ୍ଷ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରୁଥିବାବେଳେ ଏହାକୁ ନିୟନ୍ତ୍ରଣ ନିମନ୍ତେ ପୁଲିସ, ଭେଷଜ ବିଭାଗ, ଖାଦ୍ୟ ନିରୀକ୍ଷକ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ନେଇ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ମାତ୍ର ଆଜି ମଧ୍ୟ ଖୁଲମଖୁଲା ଭାବେ ବିଭିନ୍ନ ପାନ ଦୋକାନଠାରୁ ଆରମ୍ଭ କରି ତେଜରାତି ଦୋକାନ ପର୍ଯ୍ୟନ୍ତ ଏବଂ ଗାଁ ଗାଁର ଗଳିକନ୍ଦିରେ ସିଗାରେଟ୍, ଗୁଟଖା ଭଳି ତମାଖୁ ଜାତ ଦ୍ରବ୍ୟ ବିକ୍ରି ହେଉଛି। ତେବେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଭାଗ ପକ୍ଷରୁ ଏନେଇ ସଚେତନତା କରାଯାଉଥିବା ସ୍ୱାସ୍ଥ୍ୟବିଭାଗ ସଫେଇ ଦେଉଥିବାବେଳେ ତମାଖୁ ରାକ୍ଷସଙ୍କ ହାତରୁ ଲୋକଙ୍କ ନିସ୍ତାର ମିଳୁନି। ଚଢାଉ ଭୟରେ ତମାଖୁ ବ୍ୟବସାୟୀ ଗାଁ ମୁହାଁ ହୋଇଥିବାବେଳେ ଏବେ ପ୍ରତି ଗଳିକନ୍ଦି ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ ହତାରେ ଓ ବହୁ ଦେବାଳୟ ନିକଟରେ ଖୋଲମ ଖୋଲା ଭାବେ ତମାଖୁ ବିକ୍ରୀ ହେଉଛି।ଆଇନଜିବୀ ଶିଶିର ପରିଡା କୁହନ୍ତି ଶିକ୍ଷାନୁଷ୍ଠାନ ଶହେ ମିଟର ପରିସର ମଧ୍ୟରେ ଗୁଟୁଖା ବିକ୍ରି ଆଇନତଃ ନିଷିଦ୍ଧ। ଏଥିଲାଗି ଦଣ୍ଡବିଧାନ କଡାକଡି ହେବା ଦରକାର। ସେହିପରି ପୂର୍ବତନ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କୁହନ୍ତି ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିବା, ପାନଛେପ ପକାଇବା ଦ୍ୱାରା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। କେବଳ ସରକାର ନୁହଁ ଲୋକେ ଏଥିପ୍ରତି ସଚେତନ ହେବା ଜରୁରୀ। ଏ ନେଇ ସିଡିଏମଓ ଡା. ସଞ୍ଜୟ ଚନ୍ଦ୍ର ରାୟଙ୍କୁ ଯୋଗଯୋଗ କରିଥିଲେ ହେଁ ତାହା ସମ୍ଭବ ହୋଇନି।

## ନାଚୁଣୀ ଥାନା ଅଧିକାରୀଙ୍କୁ ଭେଟିଲେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମକର୍ତ୍ତା



ଚିଲିକା, ୩୦।୫(ସମିସ): ଆଜି ନାଚୁଣୀ ଥାନା ନୂତନ ଭାରପ୍ରାପ୍ତ ଅଧିକାରୀ ବିଭୁତି ଭୂଷଣ ମହାପାତ୍ରଙ୍କୁ ସ୍ଥାନୀୟ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତା ଭେଟି ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଥିବାରୁ ସ୍ୱାଗତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଉକ୍ତ ସାକ୍ଷାତକାରରେ ବିଶ୍ୱହିନ୍ଦୁ ପରିଷଦ, ବାଣପୁର ପ୍ରଖଣ୍ଡର ସହ-ସମ୍ପାଦକ ଦିଲ୍ଲୀପ କୁମାର ବରାଳ, ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ସଂଯୋଜକ ଆଶୁତୋଷ ପାଢ଼ୀ, ବଜରଙ୍ଗ ଦଳ ବାଣପୁର ପ୍ରଖଣ୍ଡ ସହ-ସଂଯୋଜକ ସାଇ ଅମିତ ମହାପାତ୍ର, ବଜରଙ୍ଗ ଦଳ ନାଚୁଣୀ ଖଣ୍ଡ ସହ-ସଂଯୋଜକ ସିଦ୍ଧାନ୍ତ ମାଲି ଏବଂ ବଜରଙ୍ଗ ଦଳର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ଥାନା ଅଧିକାରୀଙ୍କୁ ଆଞ୍ଚଳିକ ସମସ୍ୟା ଏବଂ ବିଶେଷ କରି ଗୋଚାଲାଣ ବିଷୟରେ ପ୍ରଶାସନର ଆବଶ୍ୟକୀୟ ସହଯୋଗ ପାଇଁ ଆଲୋଚନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନଙ୍କୁ ଥାନାଧିକାରୀ ଶ୍ରୀ ମହାପାତ୍ର ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଏବଂ କଡା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ।

## ରାସ୍ତା ଉପରେ ରହିଛି ବିଦ୍ୟୁତ୍ ଖୁଣ୍ଟ; ସ୍ଥାନାନ୍ତର ଦାବି



ବେଗୁନିଆ, ୩୦।୫ (ସମିସ): ବାଙ୍କୀ - ସିମୋର ପୂର୍ତ୍ତ ବିଭାଗ ରାସ୍ତାର କୋଟପଲ୍ଲା-ପୋଡ଼ାଡିହ ମଧ୍ୟରେ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ଉପରେ ରହିଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଦିବା ଓ ରାତ୍ରରେ ଯାତ୍ରୀବାହୀ ବସ, ଲଘୁ ଏବଂ ଭାରୀ ମୋଟରଯାନ ଯାତାୟାତ କରୁଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ କେତେବେଳେ ଧନ ଜୀବନ ଯିବା ଭଳି କଣ ଅଘଟଣ ଘଟିବ ତାହା କହିବା ମୁସ୍କିଲ ହୋଇ ପଡିଛି। ଏଭଳି ଅବସ୍ଥାରେ ଖୁଣ୍ଟି ରହିଥିବାରୁ ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ଦେଖିବାକୁ ମିଳିଛି। କିଛି ଅଘଟଣ ଘଟିବା ଆଗରୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଦାବି ହେଉଛି।

## ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ

ଭୂଷଣ୍ଡପୁର,୩୦।୫ (ସମିସ): ରାଜ୍ୟ ସରକାର ଷାଠିଏ ବର୍ଷରୁ ଉର୍ଦ୍ଧ ଏବଂ ଅଶି ବର୍ଷରୁ ଉର୍ଦ୍ଧ, ବିକଳାଙ୍ଗ ତଥା ଶତକଡା ଅଶି ଭାଗରୁ ଉର୍ଦ୍ଧ ବିକଳାଙ୍ଗ ମାନଙ୍କ ପାଇଁ ଭତ୍ତା ଦେବାର ବ୍ୟବସ୍ଥା କରିଥିଲେବି ଆଜକୁ ଦୁଇ ବର୍ଷ ହେବ ନୂଆ ଭତ୍ତା ଦେବାର ନାଁ ଗନ୍ଧ ନାହିଁ। ସବୁଠୁ ପରିତାପର ବିଷୟ ଭତ୍ତା ପାଉଥିବା ଲୋକେ ନିୟମିତ ଭତ୍ତା ପାଇବାରୁ ବଂଚିତ ହେଉଛନ୍ତି। ଏବେ କିଛି ବୃଦ୍ଧବୃଦ୍ଧା ଏବଂ ବିକଳାଙ୍ଗ ଦୁଇମାସ ହେଲା ଭତ୍ତା ପାଇବାରୁ ବଂଚିତ। ଚଳିତ ଗ୍ରୀଷ୍ମ ଋତୁରେ ଅସହ୍ୟ ରୌଦ୍ରତାପରେ ବାରମ୍ବାର ବ୍ୟାଙ୍କ ଏବଂ ପଂଚାୟତକୁ ଯାଇ ନିରାଶରେ ଫେରିବା ସେମାନଙ୍କ ପକ୍ଷେ ଅତୀବ ଯନ୍ତ୍ରଣା ଦାୟକ ହେଉଛି, ଏଣୁ ସମସ୍ୟାର ଆଶୁ ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗଡ଼ିଲା ଏସ୍‌ଆଇଆର୍ ସଚେତନତା ରଥ



ଖୋର୍ଦ୍ଧା, ୩୦।୫ (ସମିସ): ଚଳିତ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ସଚେତନତା ରଥର ଶୁଭାରମ୍ଭ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ରୁ ହୋଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏହାର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ସମସ୍ତ ଜନସାଧାରଣ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିର୍ଭୁଲ ଭୋଟର ତାଲିକା ପ୍ରକାଶନରେ ବଳିଷ୍ଠ ସହଯୋଗ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ତହସିଲ ଏବଂ ବ୍ଲକ ଅଞ୍ଚଳ ବୁଲି ଜନସାଧାରଣଙ୍କୁ ଏସ୍‌ଆଇଆର୍ ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିବ ବୋଲି ଜିଲ୍ଲାପାଳ କହିଥିଲେ। ଏଥିସହିତ ଯେତେବେଳେ ବି.ଏଲ.ଓ ମାନେ ଆପଣମାନଙ୍କ ପାଖକୁ ତଥ୍ୟ ସଂଗ୍ରହ କରିବାକୁ ଯିବେ ସେମାନଙ୍କୁ ସଠିକ ତଥ୍ୟ ଦେବା ସହିତ ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ସଚେତନତା ରଥ ଶୁଭାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା, ଡେପୁଟି କଲେକ୍ଟର ସଂଗ୍ରାମ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଖୋର୍ଦ୍ଧା ଜିଲ୍ଲା ବିଜେଡିର ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା,୩୦।୫(ସମିସ): ନାରୀ ଅଧିକାର ଅଭିଯାନ, ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ବିରୋଧରେ ବିକ୍ଷୋଭ ନିମନ୍ତେ ଜିଲ୍ଲା ବିଜେଡିର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଇଗଲ କ୍ଲବ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଙ୍କ ଆହ୍ୱାନ କ୍ରମେ ଓ ଉପସ୍ଥିତ ବିଜୁ ପ୍ରେମୀ ମାନଙ୍କ ନିଷ୍ପତିକ୍ରମେ ଆଗାମୀ ଜୁନ ୫ତାରିଖ ଦିନ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦେଶ୍ୟ ରେ ଜିଲ୍ଲାପାଳ ଙ୍କୁ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୌରପରିଷଦ, ଖୋର୍ଦ୍ଧା ବ୍ଲକ ଓ ଟାଙ୍ଗୀ ବ୍ଲକ ର ଚାରି ହଜାର ରୁ ଉଦ୍ଧ୍ୱର୍ ବିଜୁ ପ୍ରେମୀ, ବିଜେଡି ର ରାଜ୍ୟସ୍ତରୀୟ ନେତୃତ୍ୱ, ବେଗୁନିଆ ବୋଲଗଡ, ଚିଲିକା ଓ ଜଟଣୀ ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକ ରେ ଜ଼ିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ଖୋର୍ଦ୍ଧା ପୌରପରିଷଦର ଅନେକ ଦଳୀୟ କାଉନ୍ସିଲର, ସରପଂଚ, ସମିତି ସଭ୍ୟ, କର୍ମକର୍ତ୍ତା ଓ ବିଜୁ ପ୍ରେମୀ ଯୋଗଦେଇଥିଲେ।

## ୭୦ ଲକ୍ଷର ସୁନାଗହଣା ଲୁଟିନେଲେ

ଟାଙ୍ଗୀ, ୩୦।୫ (ସମିସ): ଟାଙ୍ଗୀ ଥାନା ସୁନ୍ଦରପୁର ପଞ୍ଚାୟତ ଉଦୁଗିରି ଗଉଡ ସାହି ର ବିଜୟ ପ୍ରଧାନଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଏକ ଯୋଜନାବଦ୍ଧ ଡକାୟତି ହୋଇଥିବା ବେଳେ ଝିଅ ବାହାଘର ପାଇଁ ରଖାଯାଇଥିବା ୭୦ ଲକ୍ଷ ଟଙ୍କାର ସୁନାଗହଣା, ନଗଦ ୧ଲକ୍ଷ ୨୫ ହଜାର ଟଙ୍କା,୩୦ ହଜାର ଟଙ୍କିଆ ଦାମୀ ମୋବାଇଲ ବିଭିନ୍ନ ଆସବାବପତ୍ର ଲୁଟ ହୋଇଥିବା ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ଉଦୁଗିରି ଗ୍ରାମର ବିଜୟ ପ୍ରଧାନଙ୍କ ଘରର ଏକ ଝରକା ଗ୍ରିଲ ଉପାଡି ଘରେ ପଶି ଚାରି ଗୋଟି ଆଟାଜ ବାହାରକୁ ନେଇ ଯାଇଥିଲେ ତେବେ ଗୋଟେ ଆଟାଚ ଭାଙ୍ଗି ଘର ପାଖରେ ଫୋପାଡି ଦେଇଥିବା ବେଳେ ତିନୋଟି ଆଟାଚ ନିକଟସ୍ଥ ଜଙ୍ଗଲରେ ଭାଙ୍ଗି ସବୁ ସୁନାଗହଣା ନେଇ ଭଙ୍ଗା ଆଟାଚ ଛାଡିଦେଇଥିବା ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ ଠାବ କରିଥିବା ବେଳେ ଦୁର୍ବୃତ୍ତ କଳାକନା ବୁଲେଇ ଯାଇଥିବା ପରିବାର ଲୋକେ ମତପ୍ରକାଶ କରିଛନ୍ତି। ଏପରିକି ଲୁଟ ସମୟରେ ଏକ ପ୍ରାୟ ୫ ଲକ୍ଷ ଟଙ୍କାର ଗଳିପଡିଥିବା ହାର ଉଦ୍ଧାର ହୋଇଥିବା ଜଣାପଡିଛି। ଝିଅ ବାହାଘର ପାଇଁ ଏହି ସୁନା ଗହଣା, ମୂଲ୍ୟବାନ ଜିନିଷପତ୍ର ରଖାଯାଇଥିବା ଦୁଃଖ ରେ ଭାଙ୍ଗି ପଡିଥିବା ପରିବାର ଲୋକେ କହିଛନ୍ତି। ଏ ସଂପର୍କରେ ଟାଙ୍ଗୀ ଥାନା ରେ ଲିଖିତ ଅଭିଯୋଗ ପରେ ଟାଙ୍ଗୀ ଆଇଆଇସି ରବିନ୍ଦ୍ର କୁମାର ଭୂଜୁବଳ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ, ସନ୍ଧାନି କୁକୁର ସାଇଣ୍ଟିଫିକ ଟିମ ତଦନ୍ତ କରିଥିବା ଜଣାପଡିଛି। ଏହି ଘଟଣା ନିଶାଡ଼ିଙ୍କ ଏଭଳି କାଣ୍ଡ ବୋଲି ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର ପ୍ରକାଶ କରିବା ସହ ଏହା ନିରପେକ୍ଷ ଆଶୁ ତଦନ୍ତ ଦାବି କରିଛନ୍ତି।

## ବ୍ରାଉନସୁଗର ଓ ବାଇକ୍ ଜବତ, ୨ଗିରଫ




ଖୋର୍ଦ୍ଧା,୩୦।୫(ସମିସ): ତରତୁଆ-ପିତାପଲ୍ଲୀ ନୂଆ ଏନ୍‌ଏଚ୍ ର ଗୁରୁଜଙ୍ଗ ଠାରେ ଆଦର୍ଶଥାନା ପୁଲିସ୍ ଚଢଉ କରି ୨ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ବ୍ରହ୍ମପୁର ଖଲ୍ଲିକୋଟ ଅଂଚଳର ରାକା ସେଠୀ (୨୦) ଏବଂ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ହୁଲୁହୁଲା ର ଦୀପକ ପ୍ରଧାନ (୨୫)। ଉଭୟ ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀରେ ରହୁଥିବା ପୁଲିସ ପ୍ରକାଶ କରିଛି। ସେମାନଙ୍କ ଠାରୁ ପୁଲିସ ୧୧ଗ୍ରାମ ବ୍ରାଉନସୁଗର, ୨ମୋବାଇଲ ଏବଂ ଓଡି.୦୨ଏୟୁ-୭୬୮୪ ଗାଡି କୁ ଜବତ କରିଛି।

ପ୍ରକାଶ ଥାଉକି, ନୂଆ ଏନ୍‌ଏଚ୍ ର ଗୁରୁଜଙ୍ଗଠାରେ ଦିନ ପ୍ରାୟ ୧୦ଟାବେଳେ ରାକା ଓ ଦୀପକ ବେପାର କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସ୍‌ପି ପରମାର ସ୍ମିଥ ପର୍ଶୋତମଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝି ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ସେଠାରେ ଚଢଉ କରିଥିଲେ। ଚଢଉବେଳେ ରାକା ଓ ଦୀପକ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ସେମାନଙ୍କୁ କାବୁ କରିଥିଲା। ବ୍ରାଉନସୁଗର ବିକ୍ରି ଅଭିଯୋଗରେ ୩୧୭/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଏହି ଚଢାଉରେ ଏସ୍‌ଆଇ ବସନ୍ତ ପଟ୍ଟନାୟକଙ୍କ ସମେତ ଏଏସ୍‌ଆଇ ସୁଶାନ୍ତ କୁମାର ମଲ୍ଲିକ, ହାବିଲଦାର ଅଭିରାମ ସାମନ୍ତରାୟ, ପି.କେ. ସାହୁ, ସୁନୀତା ବରାଳ ପ୍ରମୁଖ ସାମିଲ ହୋଇଥିଲେ।

## ଦ୍ୱିତୀୟ ଦିନରେ ଚିଲିକାରୁ ୧୫ଶହ ଏକର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ

ବାଲୁଗାଁ, ୩୦।୫ (ସମିସ):



ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଲିକା ତହସିଲ ତତ୍ତ୍ୱାବଧାନରେ ଶୁକ୍ରବାର ପ୍ରଥମ ଦିବସରେ ଚିଲିକା ତହସିଲ ଅଧିନ ଚିଲିକା ଉପକୂଳ ସିଡ଼ିଏ କାର୍ଯ୍ୟାଳୟଠାରୁ କଳିଯୁଗେଶ୍ୱର ପାହାଡ଼ ପର୍ଯ୍ୟନ୍ତ ପ୍ରାୟ ୯ ଶହ ଏକର ଅଞ୍ଚଳରୁ ବେଆଇନ ଘେରି ଉଚ୍ଛେଦ କରାଯାଇଥିବା ବେଳେ ଦ୍ୱିତୀୟ ଦିବସ ଶନିବାର ଚିଲିକା ଉପକୂଳ କଳିଯୁଗେଶ୍ୱର ପାହାଡ଼ ଠାରୁ ଘିଅଖଳା, ଲମ୍ବୋଦରପୁର ଓ ପାଟଶାଣୀପୁର ପର୍ଯ୍ୟନ୍ତ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିଛି ପ୍ରଶାସନ। ତେବେ ଦୁଇ ଦିନରେ ସମୁଦାୟ ୨୪ଶହ ଏକର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଥିବା ଚିଲିକା ଅତିରିକ୍ତ ତହସିଲଦାର ବିଷ୍ଣୁପିୟା ବେହେରା ସୁଚନା ଦେଇଛନ୍ତି।

ଚିଲିକାକୁ ବେଆଇନ ଘେରି ମୁକ୍ତ କରିବା ପାଇଁ ମତ୍ସ୍ୟଜିବୀ ମାନେ ବାରମ୍ବାର ଅଭିଯୋଗ କରିଆସୁଥିବା ସ୍ଥଳେ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଲିକା ଜଳ ରାଶିରୁ ବାରମ୍ବାର ଘେରି ଉଚ୍ଛେଦ କରାଯାଉ ଥିଲେ ମଧ୍ୟ ପରବର୍ତ୍ତି ସମୟରେ ଉକ୍ତ ସ୍ଥାନରେ ବେଆଇନ ଘେରି ମାନ ଗଢି ଉଠୁଥିବା ଦେଖିବାକୁ ମିଳୁଛି। ଚିଙ୍ଗୁଡି ଘେରି ଗଢି ଉଠିଥିବା ଯୋଗୁଁ ଚିଲିକାର ସୌନ୍ଦର୍ଯ୍ୟ ଓ ଜୈବ ବିବିଧତା କ୍ଷତି ହେବା ସହିତ ମତ୍ସ୍ୟ ଉତ୍ପାଦନ ଦିନକୁ ଦିନ ହ୍ରାସ ପାଉଥିବାରୁ ମତ୍ସ୍ୟଜୀବୀ ମାନେ ଅନ୍ୟ ଉପାୟ ନପାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଚିଙ୍ଗୁଡି ମାଫିଆ ମାନେ ଚିଲିକା ମଧ୍ୟରେ ଶହ ଶହ ଏକର ଜାଗାରେ ଜାଲ ବିଛାଇ ଘେରି ସୃଷ୍ଟି କରି ସେଥି ମଧ୍ୟରେ ବେଆଇନ ଭାବେ ଚିଙ୍ଗୁଡି ଚାଷ କରି ପ୍ରଚୁର ଲାଭବାନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରେ ବିଗତ ଦିନରେ ପ୍ରଶାସନ ପକ୍ଷରୁ ବହୁ ଅର୍ଥ ବ୍ୟୟ କରାଯାଇ ଲୋକ ଦେଖାଣିଆ ଘେରି ଉଚ୍ଛେଦ କାର୍ଯ୍ୟକ୍ରମ ମାନ କରି ପ୍ରଶାସନ ଚୁପ ବସି ଯାଇଥିଲେ। ତେବେ ପ୍ରଶାସନର କଠୋର କାର୍ଯ୍ୟାନୁଷ୍ଠାନ ନ ନେବାର ସୁଯୋଗ ନେଇ ପୁଣିଥରେ ଚିଲିକାରେ ଘେରି ମାନ ମୁଣ୍ଡ ଟେକୁଛି। ଫଳରେ ଘେରି ଉଚ୍ଛେଦ କାର୍ଯ୍ୟ ଏକ ପ୍ରହସନ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଚିଙ୍ଗୁଡି ମାଫିଆମାନଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଚିଲିକା ହ୍ରଦରେ ଘେରି ମାନ ଗଢି ଉଠୁଥିବା ମତ୍ସ୍ୟଜିବୀ ମାନେ ଅଭିଯୋଗ କରିଆସୁଥିଲେ। ତେବେ ଦୀର୍ଘ ଚାରି ମାସ ପରେ ଚିଲିକା ତହସିଲ ପ୍ରଶାସନ ତତ୍ତ୍ୱାବଧାନରେ ଦୁଇ ଦିନରେ ମୋଟ ୨୪ଶହ ଏକର ଅଞ୍ଚଳରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ଶୁକ୍ରବାର ପ୍ରଥମ ଦିବସରେ ତହସିଲ ଅଧିନ ଚିଲିକା ଉପକୂଳ ସିଡ଼ିଏ କାର୍ଯ୍ୟାଳୟଠାରୁ କଳିଯୁଗେଶ୍ୱର ପାହାଡ଼ ପର୍ଯ୍ୟନ୍ତ ପ୍ରାୟ ୯ ଶହ ଏକର ପରିମିତ ଅଞ୍ଚଳରୁ ବେଆଇନ ଘେରି ଉଚ୍ଛେଦ କରାଯାଇଥିବା ବେଳେ ଦ୍ୱିତୀୟ ଦିବସ ଶନିବାର ଚିଲିକା ଅତିରିକ୍ତ ତହସିଲଦାର ବିଷ୍ଣୁପିୟା ବେହେରାଙ୍କ ତତ୍ତ୍ୱାବଧାନରେ ଚିଲିକା ଉପକୂଳ କଳିଯୁଗେଶ୍ୱର ପାହାଡ଼ଠାରୁ ଘିଅଖଳା, ଲମ୍ବୋଦରପୁର ଓ ପାଟଶାଣୀପୁର ପର୍ଯ୍ୟନ୍ତ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛୋଦ କରାଯାଇଛି। ଉକ୍ତ ଘେରିରୁ ଜବତ ୨୫ କ୍ୱିଣ୍ଟାଲ ଜାଲ ସହ ବାଉଁଶ ଓ କିଳା ଆଦିକୁ ପୋଡି ନଷ୍ଟ କରି ଦିଆ ଯାଇଛି। ଏହି ଘେରି ଉଚ୍ଛେଦ କାର୍ଯ୍ୟରେ ଅତିରିକ୍ତ ତହସିଲଦାରଙ୍କ ସମେତ ସ୍ଥାନୀୟ ପ୍ରଶାସନ, କର୍ମଚାରୀ ଓ ଶ୍ରମିକ ସାମିଲ ଥିଲେ।

### ଆର୍‌ଏସ୍‌ପି ଡିଆଇସିଙ୍କ ସହ ବିଧାୟକଙ୍କ ଆଲୋଚନା

# ସମ୍ପ୍ରସାରିତ ଆର୍‌ଏସ୍‌ପି କ୍ୱାର୍ଟର୍ସ ଉଚ୍ଛେଦ ନୋଟିସ୍ ସାମୟିକ ସ୍ଥଗିତ

**ରାଉରକେଲା, ୩୦ା୫(ସମିସ)**

ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ସମ୍ପ୍ରସାରିତ ଆର୍‌ଏସ୍‌ପି କ୍ୱାର୍ଟର୍ସ ଉଚ୍ଛେଦ ନୋଟିସର କାର୍ଯ୍ୟକାରିତାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇ ଏହାର ପୁନଃତର୍ଜମା ଚାଲିଥିବା ସୂଚନା ମିଳିଛି। ଆରଏସ୍‌ପିର ଏତାଦୃଶ ନିଷ୍ପତ୍ତି ବିରୁଦ୍ଧରେ ଅସନ୍ତୋଷ ହେବା, ନଗର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଆରଏସପି ଡିଆଇସି ଆଲୋକ ବର୍ମାଙ୍କ ସହ ଆଲୋଚନା କରିବା ଯୋଗୁଁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ରାଉରକେଲା ସହରର ବିଭିନ୍ନ ସେକ୍ଟରରେ ଥିବା ଆରଏସପି କ୍ୱାର୍ଟର୍ସକୁ ଲାଇସେନ୍ସ ଆକାରରେ ଅବସରପ୍ରାପ୍ତ ଆର୍‌ଏସ୍‌ପି କର୍ମଚାରୀ ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂସ୍ଥାକୁ ଦିଆଯାଇ ଥିଲାବେଳେ ସେମାନେ ଆରଏସପିର ସର୍ତ୍ତ ଖିଲାପ କରି ଅହେତୁକ ଭାବେ ମୂଳକ୍ୱାର୍ଟର୍ସର ଆକାରକୁ ଭାଙ୍ଗିରୁଜି ସମ୍ପ୍ରସାରଣ କରିଥିଲେ। ଏପରିକି କିଛି ସମ୍ପ୍ରସାରିତ ଘର ଆର୍‌ଏସ୍‌ପି ଡ୍ରେନ୍, ପାଣି ପାଇପ ଉପରେ ନିର୍ମାଣ କରାଯାଇଥିବାରୁ ପରବର୍ତ୍ତୀ ସମୟରେ ମେଣ୍ଟେନାନ୍ସ କାର୍ଯ୍ୟରେ ଅସୁବିଧା ହେଉଥିଲା। କେବଳ ସେତିକି ନୁହେଁ ଅଧିକାଂଶ ଲୋକ ଆର୍‌ଏସ୍‌ପି ଘର ନେବା ପରେ ଆରଏସପିକୁ ନିର୍ଦ୍ଧାରିତ ଭଡା ଦେଇ ଏହାକୁ ଅଧିକ ଭଡାରେ ଅନ୍ୟଲୋକଙ୍କୁ ଦେଇଥିଲେ। କେବଳ ସେତିକି ନୁହେଁ ଅଧିକାଂଶ ଲାଇସେନ୍ସପ୍ରାପ୍ତ କ୍ୱାର୍ଟର୍ସଧାରୀ ଆରଏସପିକୁ ଆଦୌ ଭଡ଼ା ଦେଉ ନ ଥିବାରୁ ସେମାନଙ୍କର ଘରଭଡ଼ା ପ୍ରାୟ ୬ କୋଟି ଟଙ୍କାରେ ପହଞ୍ଚିଥିବା ସୂଚନା ମିଳିଛି। ସେହିପରି ଆଶ୍ଚର୍ଯ୍ୟର ବିଷୟ ଯେ ରାଉରକେଲା ଶିକ୍ଷା ଜିଲ୍ଲାର ବିଶ୍ରା ଓ ଲାଠିକଟା ବ୍ଲକରେ ଦିଆଯାଇଥିବା ଲିଜ୍ କ୍ୱାର୍ଟର୍ସକୁ ଶିକ୍ଷକମାନେ ମଧ୍ୟ ଭଡାରେ ଦେଇଥିବା ସୂଚନା ମିଳିଛି। କେବଳ ସେତିକି ନୁହେଁ ଅଧିକାଂଶ ଶିକ୍ଷକ ଅବସରପରେ ବି ଉକ୍ତ ଘରକୁ ହସ୍ତାନ୍ତର ନ କରି ଏହାକୁ ସମ୍ପ୍ରସାରଣ କରି ନିଜେ ରହୁଛନ୍ତି ଅଥବା ଭଡ଼ା ଦେଇ ଅର୍ଥ ରୋଜଗାର କରୁଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ସବୁଠାରୁ ବିସ୍ମୟର ବିଷୟ ଯେ ଆରଏସପି କ୍ୱାର୍ଟର୍ସ ନେଇ ମଧ୍ୟ କେତେକ ଶିକ୍ଷକ ସରକାରଙ୍କଠାରୁ ହାଉସ ରେଣ୍ଟ (ଘର ଭଡା) ମଧ୍ୟ ନେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କ୍ୱାର୍ଟର୍ସଧାରୀଙ୍କ ଅଭିଯୋଗ ମୁତାବକ ଭଙ୍ଗାରୁଜା ଘରକୁ ଲକ୍ଷଲକ୍ଷ ଟଙ୍କାରେ ନେଇ ପୁନର୍ବାର ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ଘରକୁ ବାସୋପଯୋଗୀ କରି ପିଲାଛୁଆଙ୍କୁ ଧରି ସେମାନେ ରହୁଛନ୍ତି। ତେବେ ସମ୍ପ୍ରସାରଣ ବେଳେ ଆରଏସପି ନୀରବ ରହିଥିବା ବେଳେ ଦୀର୍ଘବର୍ଷ ପରେ ଏପରି ନୋଟିସ ଜାରି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ଠିପି ବନ୍ଦ ମଦ ଦୋକାନ ପାଇଁ ଲଟେରି ମାଧ୍ୟମରେ ୩୨ ଜଣଙ୍କୁ ଅନୁମତି

**ରାଉରକେଲା, ୩୦ା୫(ସମିସ):** ରାଉରକେଲା ଅବକାରୀ ଜିଲ୍ଲାରେ ଠିପି ବନ୍ଦ ମଦ ଦୋକାନ ପାଇଁ ଲଟେରି ମାଧ୍ୟମରେ ୩୨ ଜଣଙ୍କୁ ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ୨୦୨୬-୨୭ ବର୍ଷ ପାଇଁ ରାଉରକେଲା ଅବକାରୀ ଜିଲ୍ଲାର ୩୫ଟି ବିଦେଶୀ ଠିପିବନ୍ଦ ମଦ ଦୋକାନ ବନ୍ଦୋବସ୍ତ ପାଇଁ ବିଜ୍ଞପ୍ତିପ୍ରକାଶ ପାଇଥିଲା। ତେବେ ୩୨ଟି ଦୋକାନ ପାଇଁ ମୋଟ ୯୪୦ ଜଣ ବେପାରୀ ଆବେଦନ କରିଥିଲେ। ଏଥିପାଇଁ ରାଉରକେଲା ମହାନଗର କାଉନସିଲ ହଲଠାରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଲଟେରି ଉଠାଣ ପ୍ରକ୍ରିୟା କରାଯାଇଥିଲା। ଜିଲ୍ଲାପାଳ ନିଜେ ଆଖିରେ କଳାପଟି ବାନ୍ଧି ଲଟେରି ଉଠାଣ ଶୁଭାରମ୍ଭ କରିଥିଲେ। ଏହି ପ୍ରକ୍ରିୟାରେ ସମୁଦାୟ ୩୨ ଜଣଙ୍କୁ ଠିପି ବନ୍ଦ ମଦ ବିକ୍ରି ପାଇଁ ବିଜେତା ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ପଟ୍ଟନାୟକ, ଡିଆଇଓ, ଏନଆଇସି କାନ୍ଦରା ହେମ୍ବ୍ରମ, ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ, ଅତିରିକ୍ତ ତହସିଲଦାର ମୁକେଶ କୁମାର ପୋଥାଲ, ଅବକାରୀ ନିରୀକ୍ଷକ ମୋହନ ପ୍ରଧାନ, ହେମନ୍ତ ମହାନନ୍ଦିଆ ଓ ଦିଲ୍ଲିପ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ତେବେ ଅବଶିଷ୍ଟ ୩ଟି ମଦ ଦୋକାନ ପାଇଁ କୌଣସି ଆବେଦନପତ୍ର ପଡ଼ି ନଥିବା ଜଣାପଡ଼ିଛି। ଠିପି ବନ୍ଦ ମଦ ଦୋକାନ ପାଇଥିବା ବିଜେତାମାନେ ହେଲେ ଝିରପାଣି ମଦ ଦୋକାନ ପାଇଁ ବିନିତା ସିଂହ ଛାବ୍ରା, ବୀରମିତ୍ରପୁର ପାଇଁ ସୋନି କୁମାର ସାହୁ, ସିଭିଲ ଟାଉନସିପ ପାଇଁ ଅର୍ପିତ ଶିବାରେ, ବିଶ୍ରା ରୋଡ - ୨ ପାଇଁ ରତିରଞ୍ଜନ ସାହୁ, ଟାଙ୍ଗରପାଲ୍ଲୀ ଓ ସାରନଗରୀ ପାଇଁ ସକେତ ଅଗ୍ରଓ୍ୱାଲ, ସେକ୍ଟର-୧୯ ପାଇଁ ପ୍ରଶାନ୍ତ ଦାଶ, ଲାଠିକଟା ପାଇଁ ପ୍ରମୋଦ କୁମାର ପାତ୍ର, ସେକ୍ଟର - ୫ ପାଇଁ ଜ୍ୟୋତି ପ୍ରକାଶ ଦାଶ, ନୟାବଜାର ପାଇଁ ରମେଶ କୁମାର ପାତ୍ର, ବନ୍ଧମୁଣ୍ଡା ପାଇଁ ଶୈଳଜା ସାହୁ, କୋଇଡା ପାଇଁ ରୀତିକା ଜୈସ୍ୱାଲ, ଗଙ୍ଗାଧରପାଲ୍ଲୀ ପାଇଁ କୈଳାସ ଚନ୍ଦ୍ର ପ୍ରସାଦ, ଟେନସା ଜିରୋ ପଏଣ୍ଟ ପାଇଁ ରାମ ଶ୍ରେଷ୍ଠ ରାୟ, ପାନପୋଷ ପାଇଁ ପ୍ରେମଲତା ସିଂହ, ଲହୁଣିପଡ଼ା ପାଇଁ ବିନ୍ଦି କୁମାରୀ, ବାସନ୍ତୀ କଲୋନୀ ପାଇଁ ଆର୍ଯ୍ୟମାନ ଜୟସ୍ୱାଲ, ନୂଆଗାଁ ପାଇଁ ପ୍ରିତିକା ଜୟସ୍ୱାଲ, ଟିସିଆଇ ଛକ ପାଇଁ ମନଦେବୀ ସିଂହ, ଲୁଙ୍ଗେଇ ପାଇଁ ଶିବରାମ ତିୱାରୀ, ଗାନ୍ଧୀରୋଡ ପାଇଁ ବିକାଶ ସିଂହ, ସମରଦରି ପାଇଁ ବିନିତ ଶିବାରେ, ସେକ୍ଟର-୧୫ ପାଇଁ ଶ୍ୟାମଜୀ କୁମାର, ଡେଲି ମାର୍କେଟ (୧) ପାଇଁ ରୋହିତ କୁମାର ଅଗ୍ରୱାଲ, କୋଏଲନଗର ପାଇଁ ପ୍ରତାପ ଚନ୍ଦ୍ର ସ୍ୱାଇଁ, ସେକ୍ଟର -୨ ପାଇଁ ସନ୍ଦୀପ ଅଗ୍ରୱାଲ, ଛେଣ୍ଡ କଲୋନୀ ପାଇଁ ରାମାଶିଷ ଯାଦବ, ବିଶ୍ରା (ଗ୍ରାମାଞ୍ଚଳ) ପାଇଁ ବିକାଶ କୁମାର, ବଣେଇଁ ପାଇଁ ସନ୍ଧ୍ୟା ଜୟସ୍ୱାଲ, ଡେଲି ମାର୍କେଟ (୩) ପାଇଁ ମୁସ୍କାନ ଅଗ୍ରୱାଲ, ବିଶ୍ରାରୋଡ(୧) ପାଇଁ ଚନ୍ଦ୍ରକାନ୍ତ ମହାନ୍ତି, କୁଆଁରମୁଣ୍ଡା ଗ୍ରାମାଞ୍ଚଳ ପାଇଁ ଅବିନାଶ ଭିଗ୍ ଏବଂ ଉଦିତନଗର (୨) ଠିପି ବନ୍ଦ ମଦ ଦୋକାନ ପାଇଁ ଚନ୍ଦନ ଅଗ୍ରୱାଲ। ସୂଚନାଯୋଗ୍ୟ ଯେ ମଦ ଦୋକାନ ଗୋଟିଏ ପାଇବାକୁ ଜଣେ ବେପାରୀ ନିଜ ଓ ସମ୍ପର୍କୀୟଙ୍କ ନାଁରେ ୩୦ରୁ ୪୦ଟି ଫର୍ମ ପକାଇଥିବା ବେଳେ ପ୍ରତି ଫର୍ମ ପିଛା ୩ ଲକ୍ଷ ଲେଖାଏଁ ଜମା କରିଥିଲେ। ତେବେ ମଦ ଦୋକାନ ପାଇ ନ ଥିବା ବ୍ୟକ୍ତିଙ୍କର ଏହି ଟଙ୍କା ଆଉ ଫେରସ୍ତ ନ ହୋଇ ରାଜ୍ୟ ତହବିଲକୁ ଚାଲିଯାଇଥିବା ଜଣାପଡ଼ିଛି। ତେବେ ଏ ବାବଦରେ ସରକାର ୨୮ କୋଟି ୨୦ ଲକ୍ଷ ଟଙ୍କା ରାଜସ୍ୱ ପାଇଛନ୍ତି। ଏହି ଟଙ୍କା ଫେରସ୍ତ ହେବନାହିଁ ବୋଲି ଜାଣି ସୁଦ୍ଧା ମଦ ଦୋକାନ ପାଇବା ପାଇଁ ୯୪୦ ଜଣ ମଦ ବେପାରୀ ଆବଦନ କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

# ସାପ କାମୁଡ଼ାରେ ଯୁବତୀ ମୃତ

**ରାଉରକେଲା, ୩୦ା୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହାତିବରୀ ଥାନା ଅଧୀନ ତାବଡ଼ା ଗ୍ରାମରେ ଜଣେ ଯୁବତୀଙ୍କୁ ସାପ କାମୁଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ନାମଲେନ୍ ହୋର ନାମକ ଉକ୍ତ ଯୁବତୀ କୁତ୍ରା ଥାନା ଅଧୀନ ଖଟଙ୍ଗ ଗ୍ରାମର ସ୍ଥାୟୀ ବାସିନ୍ଦାଥିବାବେଳେ ମେ' ମାସ ୨୦ ତାରିଖରୁ ସେ ତାଙ୍କ ମାମୁଁ ଘର ଲୁକୁମବେଡ଼ା ପଞ୍ଚାୟତ ତାବଡ଼ା ଗ୍ରାମକୁ ଆସିଥିଲେ। ଶୁକ୍ରବାର ରାତିରେ ଶୋଇଥିବାବେଳେ ତାଙ୍କୁ ସାପ କାମୁଡ଼ି ଥିଲା। ସକାଳେ ସେ ନ ଉଠିବାରୁ ମାମୁଁ ଘର ଲୋକେ ଯାଇ ଦେଖିବାରୁ ସେ ଅଚେତ୍ ଥିବା ଜାଣିବାକୁ ପାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ହାତିବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଡକାୟତି ଯୋଜନା ପଣ୍ଡ; ୫ ଗିରଫ

# ବିପୁଳ ମାରଣାସ୍ତ୍ର ଜବତ

**ରାଉରକେଲା, ୩୦ା୫(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ନୟାବଜାର ସ୍ଥିତ କଂଗ୍ରେସଭବନ ପଛ ନିକଟ ପଡ଼ିଆରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ ବଡ଼ଧରଣର ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୁଲିସ ଏହି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ୫ ଡକାୟତଙ୍କୁ ଗିରଫକରି ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ନୟାବଜାର କଂଗ୍ରେସଭବନ ପଛପଟ ପଡ଼ିଆରେ ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ବଡ଼ଧରଣର ଡକାୟତି ସହ ଘର ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଏହି ସୂଚନା ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଚଢ଼ଉ କରି ଘଟଣାସ୍ଥଳରୁ ୫ ଡକାୟତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ନୂଆ ବସ୍‌ଷ୍ଟାଣ୍ଡ ଗାନ୍ଧିରୋଡ ଅଞ୍ଚଳର ସୋନୁ ସିଂହ ଓରଫ ତୁଣ୍ଡି(୨୦) ଓ ଭିକି ଅହମ୍ମଦ ଓରଫ ରକି(୨୪), ରେଲ୍‌ୱେ କଲୋନୀ ଝୁମ୍ପୁଡିବସ୍ତିର ଦୀପକ ଷଣ୍ଢ ଓରଫ୍ ସାନବାବୁ(୨୯), ରହମତନଗରର ସାହିଦ ଖାନ୍ ଓରଫ ସାହିଲ(୧୯) ଏବଂ ରେଲ୍‌ୱେ କଲୋନୀ ହରିଜନ ବସ୍ତିର କ୍ରିଷ୍ଣା ଦାସ ଓରଫ ଖେପା(୧୯)। ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ୨ଟି ଲୁହାଛଡ଼ ଓ ଏକ ଭୁଜାଲି ଜବତ କରାଯାଇଛି। ସେମାନେ ନିକଟସ୍ଥ ପେଟ୍ରୋଲପମ୍ପ ସମେତ କିଛି ଘର ଓ ଦୋକାନରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ଗିରଫ ପରେ ସେମାନେ ପୁଲିସକୁ ସୂଚନା ଦେଇଛନ୍ତି। ଗିରଫ ସୋନୁ ସିଂହ ନାଁରେ ପ୍ଲାଣ୍ଟସାଇଟ୍ ଥାନା ଅଧୀନରେ ୫ଟି ବିଭିନ୍ନ ଅପରାଧିକ ମାମଲା ରହିଛି। ସେହିପରି ଦୀପକ ଷଣ୍ଢ ନାଁରେ ରାଉରକେଲା ଜିଆରପି ଥାନାରେ ୬ଟି, ପ୍ଲାଣ୍ଟସାଇଟ୍ ଥାନାରେ ୧୪ଟି, ଛେଣ୍ଡ ଥାନାରେ ଗୋଟିଏ, ରଘୁନାଥପାଲି ଥାନାରେ ଗୋଟିଏ, ଝିରପାଣି ଥାନାରେ ୨ଟି, ଉଦିତନଗର ଥାନାରେ ଗୋଟିଏ ଏବଂ ସେକ୍ଟର-୩ ଥାନାରେ ୨ଟି ବିଭିନ୍ନ ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି। ସେହିପରି ଭିକି ଅହମ୍ମଦ ନାଁରେ ପ୍ଲାଣ୍ଟସାଇଟ୍ ଥାନାରେ ଗୋଟିଏ, ସାହିଦ ଖାନ ନାଁରେ ଜିଆରପି ଥାନାରେ ଗୋଟିଏ, କ୍ରିଷ୍ଣାଦାସ ନାଁରେ ପ୍ଲାଣ୍ଟସାଇଟ୍ ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି।



# ଜୁନ୍ ୧ ରେ ନୂଆଗାଁ ବ୍ଲକ୍‌ରେ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୩୦ା୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୧ ଜୁନ୍ ତାରିଖ ଦିନ ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଶୁଣାଣି ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ହେବ। ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ନିଜର ଅଭିଯୋଗ ଓ ସମସ୍ୟା ନେଇ ଉକ୍ତ ଶୁଣାଣିରେ ଯୋଗ ଦେଇ ପାରିବେ। ସେହିପରି ଚଳିତ ମାସ ୮ରେ ସବଡେଗା ବ୍ଲକ, ୧୬ରେ କୁଆଁରମୁଣ୍ଡା ବ୍ଲକ, ୨୨ରେ ରାଜଗାଙ୍ଗପୁର ଓ ୨୯ରେ ଗୁରୁଣ୍ଡିଆ ବ୍ଲକରେ ଜନଅଭିଯୋଗ ଶୁଣାଣି ହେବ।

### ଗୁଜରାଟ ପ୍ରତିନିଧିଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା

# କୋଣାର୍କ, ହୀରାକୁଦ ଡ୍ୟାମ୍, ସମ୍ବଲପୁରୀ ହସ୍ତତନ୍ତ ପଞ୍ଚାୟତ ପରିଦର୍ଶନ କଲେ ଛାତ୍ରଛାତ୍ରୀ

**ରାଉରକେଲା, ୩୦ା୫(ସମିସ):** ଭାରତ ସରକାରଙ୍କ 'ଏକ ଭାରତ ଶ୍ରେଷ୍ଠ ଭାରତ' ପଦକ୍ଷେପ ଅଧୀନରେ ଗୁଜରାଟର ଛାତ୍ର ପ୍ରତିନିଧିମାନଙ୍କୁ ଏନ୍‌ଆଇଟି ରାଉରକେଲା ପକ୍ଷରୁ ସ୍ୱାଗତ କରାଯିବା ସହ 'ଯୁବ ସଙ୍ଗମ ପର୍ଯ୍ୟାୟ - ୬' ସମ୍ପନ୍ନ ହୋଇଛି। ୬ ଦିନିଆ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଗୁଜରାଟର ୩୯ ଜଣ ଛାତ୍ର ପ୍ରତିନିଧି ଏବଂ ଭାରତୀୟ ପରିଚାଳନା ସଂସ୍ଥାନ ଅହମ୍ମଦାବାଦର ପାଞ୍ଚ ଜଣ ସଂଯୋଜକଙ୍କୁ ୨୫ ତାରିଖ ଦିନ ସ୍ୱାଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଏନ୍‌ଆଇଟି ରାଉରକେଲା ଗୁଜରାଟର ପ୍ରତିନିଧିତ୍ୱ କରୁଥିବା ନୋଡାଲ ପ୍ରତିଷ୍ଠାନ ଆଇଆଇଏମ୍ ଅହମ୍ମଦାବାଦ ସହଯୋଗରେ ଓଡ଼ିଶାର ନୋଡାଲ ପ୍ରତିଷ୍ଠାନ କାର୍ଯ୍ୟ କରୁଛି। ଏନ୍‌ଆଇଟି ରାଉରକେଲା ଦ୍ୱିତୀୟ ଦିନରେ ଏହି ପ୍ରତିନିଧି ଦଳ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପରିଦର୍ଶନ କରିଥିଲେ। ତୃତୀୟ ଦିନରେ, ପ୍ରତିନିଧିମାନେ ଭୁବନେଶ୍ୱରର ଲୋକସେବା ଭବନ ପରିଦର୍ଶନ କରିଥିଲେ ଏବଂ ରାଜ୍ୟପାଳ ଡ. ହରିବାବୁ କାମଭାମପତିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ, ଯୁବ ସଙ୍ଗମ ଭଳି କାର୍ଯ୍ୟକ୍ରମ ଯୁବ ପିଢ଼ିଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନ ଏବଂ ଜାତୀୟ ସଂହତିକୁ ସୁଦୃଢ଼



କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସ୍ଥାୟିତ୍ୱ, ଡିଜିଟାଲ୍ ନବସୃଜନ, ବୈଦ୍ୟୁତିକ ଗତିଶୀଳତା, ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଭାରତର ବିକାଶ ଯାତ୍ରା ଉପରେ ସେମାନଙ୍କ ସହ ଆକର୍ଷଣୀୟ ଆଲୋଚନା ପ୍ରକୃତରେ ପ୍ରେରଣାଦାୟକ ଥିଲା ବୋଲି ସେ କହିଥିଲେ। ପରେ, ଅଂଶଗ୍ରହଣକାରୀମାନେ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ସେହିପରି ଚତୁର୍ଥ ଦିନରେ, ଅଂଶଗ୍ରହଣକାରୀମାନେ ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ବ୍ଲକକୁ ଯାତ୍ରା କରିଥିଲେ, ଯେଉଁଠାରେ ସେମାନେ ତେଲିଘନା ଗ୍ରାମ ପରିଦର୍ଶନ କରିଥିଲେ ଏବଂ ପ୍ରାକୃତିକ କୃଷି ପଦ୍ଧତି, ସ୍ଥାୟୀ ଗ୍ରାମୀଣ ଜୀବିକା ଏବଂ ସମ୍ପ୍ରଦାୟ-ଆଧାରିତ ବିକାଶ ପଦକ୍ଷେପଗୁଡ଼ିକୁ ବୁଝିବା ପାଇଁ କିଷାନ ସାଥୀ ଫାଉଣ୍ଡେସନ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ପ୍ରତିନିଧିମାନଙ୍କୁ ଆଦିବାସୀ ସଂସ୍କୃତି, ପାରମ୍ପରିକ ଖାଦ୍ୟ ଅଭ୍ୟାସ, ସ୍ଥାନୀୟ ଜୀବନଶୈଳୀ ଏବଂ ଗ୍ରାମୀଣ ଓଡ଼ିଶାର ସାମାଜିକ ଗଠନ ବିଷୟରେ ପ୍ରତ୍ୟକ୍ଷ ଭାବରେ ଅବଗତ କରାଇଥିଲା। ପ୍ରତିଷ୍ଠାତା ଅମୂଲ୍ୟ ପ୍ରତାପ ଲାକ୍ରା, ସଚିବ ଦୀପକ ମିଞ୍ଜ୍ ଏବଂ ମାର୍ଗଦର୍ଶକ ଜୋଜୋ ସୁନୀଲ କୁମାରଙ୍କ ସମେତ କିଷାନ ସାଥୀ ଫାଉଣ୍ଡେସନର ଦଳ, ତେଲିଘନାର ସରପଞ୍ଚ ଏବଂ ଗ୍ରାମବାସୀଙ୍କ ସହିତ, ଗସ୍ତ ସମୟରେ ଛାତ୍ରଛାତ୍ରୀମାନଙ୍କୁ ଉଷ୍ମ ଆତିଥ୍ୟ ଦେଇଥିଲେ। ୫ମ ଦିନରେ, ପ୍ରତିନିଧିମଣ୍ଡଳୀ ସମ୍ବଲପୁର ଯାତ୍ରା କରି ମା ସମଲେଶ୍ୱରୀ ମନ୍ଦିର ଏବଂ ହୀରାକୁଦ ବନ୍ଧ ପରିଦର୍ଶନ କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପରମ୍ପରା, ବିଶେଷକରି ସମ୍ବଲପୁରୀ ବସ୍ତ୍ର ଏବଂ ଗ୍ରାମୀଣ କାରିଗର ଜୀବିକା ସହିତ ଜଡିତ କାରିଗରୀ ବୁଝିବା ପାଇଁ ବୈଜାମୁଣ୍ଡା ଗ୍ରାମର କାରିଗର ଏବଂ ବୟନକାରୀ ସମ୍ପ୍ରଦାୟଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ।

# ସୁନ୍ଦରଗଡ଼ ଜିଲ୍ଲାରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ

**ରାଉରକେଲା, ୩୦ା୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସମଗ୍ର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ସମସ୍ତ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇସାରିଛି। ପରିଗଣନା ଫର୍ମ ଛପା ହୋଇ ବିଭିନ୍ନ ବ୍ଲକ ପଏଣ୍ଟରେ ଉପଲବ୍ଧ କରାଯାଇଛି। ଆସନ୍ତା ମଇ ୩୦ ତଥା ଶନିବାରଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଏଲଓ ଘରେ ଘରେ ପହଞ୍ଚି ଭୋଟରମାନଙ୍କୁ ପରିଗଣନା ଫର୍ମ ପ୍ରଦାନ କରିବେ ଓ ଫର୍ମ ପୂରଣ କରିବାରେ ସହଯୋଗ କରିବେ। ପୂରଣ ହୋଇଥିବା ଫର୍ମ ସଂଗ୍ରହ ପରେ ସେମାନେ ଭୋଟରମାନଙ୍କୁ ପର୍ଚ୍ଚି ପ୍ରଦାନ କରିବେ ବୋଲି ଜିଲ୍ଲାପାଳ କହିଥିଲେ। ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ଏହି ଦାବି ଓ ଆପତ୍ତି ଉପରେ ୫ ଜୁଲାଇରୁ ୨ ସେପ୍ଟେମ୍ବର ମଧ୍ୟରେ ଶୁଣାଣି ଓ ନିଷ୍ପତ୍ତି ଗ୍ରହଣ କରାଯିବ। ପରେ ୬ ସେପ୍ଟେମ୍ବରରେ ଅନ୍ତିମ ଭୋଟର ତାଲିକା ପ୍ରକାଶ କରାଯିବ। ଚୂଡାନ୍ତ ତାଲିକା ପ୍ରକାଶ ପରେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି କିମ୍ବା ଅଭିଯୋଗ ରହିଥାଏ, ତେବେ ସେମାନେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିପାରିବେ।



ଏହାପରେ ମଧ୍ୟ ଯଦି ଅଭିଯୋଗ ରହିଥାଏ ୩୦ ଦିନ ମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ ବୋଲି ଜିଲ୍ଲପାଳ କହିଛନ୍ତି। ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ, ମହିଳା ଏବଂ ସଚେତନ ଯୁବବର୍ଗଙ୍କୁ ବିଏଲଓମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପରିବାରର କୌଣସି ବି ଯୋଗ୍ୟ ସଦସ୍ୟ, ବିଶେଷକରି ୧୮ ବର୍ଷ ବୟସ ପୂରଣ କରିବାକୁ ଯାଉଥିବା ନୂତନ ଭୋଟରମାନଙ୍କ ନାମ ଭୋଟର ତାଲିକାରେ ସମ୍ମିଳିତ କରିବାକୁ ସେ ସମସ୍ତଙ୍କୁ ସଚେତନ ରହିବାକୁ କହିଥିଲେ। ସେହିପରି ସମସ୍ତ ରାଜନୈତିକ ଦଳମାନଙ୍କୁ ନିଜ ନିଜ ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

# ଓଏଏସ୍‌ରେ ସଫଳତା ପାଇଥିବା ସନ୍ଦୀପଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଲହୁଣୀପଡ଼ା ୩୦ା୫(ସମିସ):** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ରାଜ୍ୟସ୍ତରରେ ୮୭ତମ ସ୍ଥାନ ଅଧିକାର କରି ସଫଳତା ହାସଲ କରିଥିବା ଲହୁଣୀପଡ଼ା ବ୍ଲକ ଅଧୀନ ରାଜାମୁଣ୍ଡା ପଞ୍ଚାୟତର ଶରଧାପୁର ଗ୍ରାମର କୃତୀ ସନ୍ତାନ ସନ୍ଦୀପ କୁମାର ମାହାନ୍ତଙ୍କୁ ଗ୍ରାମବାସୀ ଓ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି। ଭୁବନେଶ୍ୱରରୁ ଫେରିବାପରେ ସନ୍ଦୀପଙ୍କୁ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସନ୍ଧ୍ୟାରେ ଶରଧାପୁର ଜଗନ୍ନାଥମନ୍ଦିର ପ୍ରାଙ୍ଗଣରେ ମନ୍ଦିର କମିଟି ସଭାପତି ଭୃକୁଟି ମାହାନ୍ତଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଧନେଶ୍ୱର ମାହାନ୍ତ ମୁଖ୍ୟଅତିଥି ଓ ରାଜକିଶୋର ମାହାନ୍ତ ଏବଂ ବିବେକାନନ୍ଦ ମାହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସନ୍ଦୀପଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଦୈତାରୀ ମାହାନ୍ତ, ସହ-ସମ୍ପାଦକ ଅଜୟ କୁମାର ମହାକୁଳଙ୍କ ସମେତ ହରେକୃଷ୍ଣ ମାହାନ୍ତ, ମଧୁସୂଦନ ମାହାନ୍ତ, ଦୀନକୃଷ୍ଣ ମାହାନ୍ତ, ଛବି କିଶୋର ମାହାନ୍ତ, ଜ୍ୟୋତି ରଞ୍ଜନ ମାହାନ୍ତ, ସୁମନ୍ତ କୁମାର ସାହୁ ଓ ଘନଶ୍ୟାମ ମାହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଡ. ଯତୀନ କୁମାର ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଦୀପ ବଣାଇସ୍ଥିତ ଆର୍‌ଡି. ହାଇସ୍କୁଲରେ ପ୍ରାଥମିକ ଓ ସ୍କୁଲ ଶିକ୍ଷା ଗ୍ରହଣ କରିବାପରେ ଭୁବନେଶ୍ୱରସ୍ଥିତ ଆଇଟିଇଆରରୁ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ।



# ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

**ରାଉରକେଲା, ୩୦ା୫(ସମିସ)**

ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସିପିଆଇଏମ୍ ପକ୍ଷରୁ ଆଜି ଆଇନ୍ ଅମାନ୍ୟ ଆନ୍ଦୋଳନ ଓ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାଛଡା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇଏମ୍ ପଲିଟବ୍ୟୁରୋ ସଦସ୍ୟ କମ୍ରେଡ୍ ପିନାରାୟୀ ବିଜୟନ ବାସଭବନ ଉପରେ ଇଡି ରେଡ୍ କରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସିପିଆଇଏମ୍ ଅଭିଯୋଗ କରି ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ଉଦିତ ନଗର ସ୍ଥିତ ଆମ୍ବେଦକର ଛକ ଠାରେ ବିଶାଳ ବିକ୍ଷୋଭ ଓ ରାସ୍ତା ଅବରୋଧ କରି ପାର୍ଟିର ଶତାଧିକ କର୍ମୀ ଆଇନ୍ ଅମାନ୍ୟ ଆନ୍ଦୋଳନ ସଂଗଠିତ କରିଥିଲେ। ସିପିଆଇଏମ୍, ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଆୟୋଜିତ ଆନ୍ଦୋଳନରେ




ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗିର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ରାଜ୍ୟ କମିଟି ସଦସ୍ୟା ସୁଶିଳା ମୁଣ୍ଡା, ଜିଲ୍ଲା କମିଟି ସଦସ୍ୟ ହୃଦୟାନନ୍ଦ ଯାଦବ, ବିପି ମହାପାତ୍ର, ବସନ୍ତ ନାୟକ, ଆନନ୍ଦମାସି ହରୋ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପେଟ୍ରୋଲ ଓ ଡିଜେଲ ଦର ୮ ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧି ପାଇଥିଲାବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବା, ଓଡ଼ିଶାର ଡବଲ ଇଞ୍ଜିନ ସରକାର ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଦୁଇ ମାସ ଧରି ବନ୍ଦ ରଖିଥିବାବେଳେ ଏହାକୁ ତୁରନ୍ତ ପ୍ରଦାନ କରିବା, ରାଉରକେଲାରେ କାଳବୈଶାଖୀ ବର୍ଷା ଓ ଝଡ଼ତୋଫାନ ରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସରକାରୀ କ୍ଷତିପୂରଣ ଓ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ଦାବିରେ ଆଜିର ଏହି ବିକ୍ଷୋଭ ଓ ଆଇନ ଅମାନ୍ୟ ଆନ୍ଦୋଳନ ସଂଗଠିତ କରାଯାଇଥିଲା ବୋଲି ପାର୍ଟି ପକ୍ଷରୁ ପ୍ରେସ ବିବୃତିରେ କୁହାଯାଇଛି। ରାଉରକେଲା ମୁଖ୍ୟରାସ୍ତା ଅବରୋଧ କରିବାରୁ ପୁଲିସ ଆନ୍ଦୋଳନକାରୀଙ୍କୁ ଗିରଫ ଘୋଷଣା କରି ପରେ ଛାଡ଼ି ଦେଇଥିଲା। ଏହି କାର୍ଯ୍ୟକ୍ରମକୁ ପାର୍ଟି ନେତା ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଲକ୍ଷ୍ମୀଧର ନାୟକ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଏନ୍‌ଏନ୍ ପାଣିଗ୍ରାହୀ, ଅରିନ୍ଦମ୍ ଦତ୍ତ, ସୁରେନ୍ଦ୍ର ମହାନ୍ତି, ପ୍ରଦୀପ ସେଠୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ଅଜିତ ଏକ୍କା, ସୁଧାଂଶୁ ଜେନା, ସମ୍ବିତ ସ୍ୱାଇଁ, ଅନାଦି ସାହୁ, ବିନୟ ବେହୁରିଆ, ଅଶୋକ ଦାସ, ବୁଧନୀ ମୁଣ୍ଡାରୀ, ରଜତ ମୁଣ୍ଡା, କବି ପ୍ରଧାନ, ବସନ୍ତ ପାଢ଼ୀ, ସରୋଜ ବାର୍ଲା, ସାଗର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ।

**ସିପିଆଇଏମ୍‌ର ଆଇନ୍ ଅମାନ୍ୟ ଆନ୍ଦୋଳନ**

### ଅବହେଳିତ ପିଣ୍ଡାପଥରର ମୁଣ୍ଡାଢିପା ପୋଖରୀ

# ଜମି ବିବାଦ ପାଇଁ ଅଟକିଛି ଉନ୍ନୟନ କାର୍ଯ୍ୟ





**ସମାଧାନ ନ ହେଲେ ରାସ୍ତାରୋକ ଚେତାବନୀ**

**କୁଚିଣ୍ଡା, ୩୦।୫ (ସମିସ)**

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ପିଣ୍ଡାପଥର ଗ୍ରାମରେ ଥିବା ମୁଣ୍ଡାଢିପା ଭୋଗରା ପୋଖରୀର ଉନ୍ନୟନ କାର୍ଯ୍ୟ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ଅଟକି ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ବର୍ଷ ପରେ ବର୍ଷ ପୋଖରୀର ମରାମତି କିମ୍ବା ପୁନରୁଦ୍ଧାର ନ ହେବାରୁ ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଇବାକୁ ବସିଥିବା ବେଳେ ଗ୍ରାମବାସୀ ଏହାର ତୁରନ୍ତ ଉନ୍ନତିକରଣ ପାଇଁ ଦାବି ଜୋରଦାର କରିଛନ୍ତି। ସୂଚନା ଅନୁଯାୟୀ, ମୁଣ୍ଡାଢିପା ପୋଖରୀ ଗ୍ରାମର ଏକ ପୁରାତନ ଜଳାଶୟ ହୋଇଥିଲେ ମଧ୍ୟ ଗତ ଦଶନ୍ଧି ଧରି ଏହାର ସଂରକ୍ଷଣ ଓ ଉନ୍ନୟନ ପ୍ରତି କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ପୋଖରୀର କିଛି ଅଂଶକୁ ନେଇ ଜମି ବିବାଦ ଥିବା ଏବଂ ଜଣେ ସ୍ଥାନୀୟ ବ୍ୟକ୍ତି ସେହି ଜମି ଉପରେ ନିଜସ୍ୱ ଦାବି କରିବା ସହ ଆଇନଗତ ଲଢ଼େଇ ଆରମ୍ଭ କରିଥିବାରୁ ସରକାରୀ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ପୂର୍ବରୁ ପିଣ୍ଡାପଥର ପଞ୍ଚାୟତ, ବାମରା ବ୍ଲକ କାର୍ଯ୍ୟାଳୟ, କୁଚିଣ୍ଡା ଉପଜିଲ୍ଲାପାଳ ଏବଂ ବାମରା ତହସିଲ କାର୍ଯ୍ୟାଳୟରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ପ୍ରଶାସନିକସ୍ତରରେ ପଦକ୍ଷେପ ନ ହେବାରୁ ଗ୍ରାମବାସୀ ବର୍ତ୍ତମାନ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପୋଖରୀର ଜମି ବିବାଦର ଶୀଘ୍ର ସମାଧାନ କରି ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାସ୍ତାରୋକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଦୀର୍ଘ ବର୍ଷ ଧରି ପୋଖରୀରେ ପଙ୍କ ଓ ଜଳଜ ଘାସ ଜମି ରହିଥିବାରୁ ଏହା ଆଉ ପୂର୍ବଭଳି ଉପଯୋଗୀ ରହିନାହିଁ। ଜଳ ସଂରକ୍ଷଣ, ଗୃହପାଳିତ ପ୍ରାଣୀଙ୍କ ପାଣି ପିଇବା ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ ଏହାର ବ୍ୟବହାର ପ୍ରାୟ ବନ୍ଦ ହୋଇଯାଇଛି। ଉନ୍ନୟନ କାର୍ଯ୍ୟ ଆରମ୍ଭ ନ ହେଲେ ଆଗାମୀ ଦିନରେ ପୋଖରୀ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ମତରେ, ଯଦି ବିବାଦୀୟ ଜମିର ତୁରନ୍ତ ସମାଧାନ ସମ୍ଭବ ନୁହେଁ, ତେବେ ବିବାଦମୁକ୍ତ ଅଂଶରେ ଅତି କମରେ ପୋଖରୀର ସଫେଇ, ପଙ୍କ ଉଠାଣ ଓ ଉନ୍ନୟନ କାର୍ଯ୍ୟ ଆରମ୍ଭ କରାଯାଉ। ଏହାଦ୍ୱାରା ପୋଖରୀର ଅସ୍ତିତ୍ୱ ରକ୍ଷା ପାଇବା ସହ ଗ୍ରାମବାସୀ ମଧ୍ୟ ଉପକୃତ ହେବେ। ଏନେଇ ପିଣ୍ଡାପଥର ସରପଞ୍ଚ ବିରଞ୍ଚି ମାଝିଙ୍କୁ ପଚାରିବାରୁ ପୋଖରୀକୁ ନେଇ ଜମି ବିବାଦ ଥିବା ସହ ସମ୍ପୃକ୍ତ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଏହି କାରଣରୁ ଉନ୍ନୟନ କାର୍ଯ୍ୟ ଆଗକୁ ବଢ଼ିପାରୁନାହିଁ। ତେବେ ଗ୍ରାମବାସୀ ପ୍ରଶାସନ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଶୀଘ୍ର ସମାଧାନର ବାଟ ଖୋଜିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ, ମୁଣ୍ଡାଢିପା ପୋଖରୀ କେବଳ ଏକ ଜଳାଶୟ ନୁହେଁ, ବରଂ ଗ୍ରାମର ଐତିହ୍ୟ ଓ ଜଳ ସମ୍ପଦର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ପ୍ରଶାସନ ଓ ଜନପ୍ରତିନିଧିମାନେ ଏହାର ସଂରକ୍ଷଣ ଓ ପୁନରୁଦ୍ଧାର ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ପୂର୍ବତନ ସରପଞ୍ଚ ରବି ବାଘ, ୱାର୍ଡ ମେମ୍ବର ବାସନ୍ତି ମିଞ୍ଜ, ଲକ୍ଷ୍ମୀ ମିଞ୍ଜ, ବିଲାସ ବାଘ, ପଦ୍ମାବତୀ ଟପ୍ପୋ, ମଙ୍ଗବତୀ ବାଘ, ନଳିନୀ ବାଘ, ସୁନେତ୍ର ମିଞ୍ଜ, ବିନେଶ୍ୱରୀ ମିଞ୍ଜ, ପୁତଲି ଟପ୍ପୋ, ସାଲଗି ବାଘ, ତୁଳସା ବାଘ, ଯଜ୍ଞସିନୀ ମିଞ୍ଜ, ସୁତେନ୍ଦ୍ର ବାଘ, ସୁକ୍ରୁ ବାଘ ଓ ରାଜେନ୍ଦ୍ର ମିଞ୍ଜଙ୍କ ସହ ଅନ୍ୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ପ୍ରକୃତି ବଞ୍ଚିଲେ ମଣିଷ ବଞ୍ଚିବ

# ନିଆରା ଢଙ୍ଗରେ ପ୍ରକୃତି ସୁରକ୍ଷା

**ପାଇକମାଲ, ୩୦।୫(ସମିସ):** ପ୍ରକୃତି ବଞ୍ଚିଲେ ମଣିଷ ବଞ୍ଚିବ ଭଳି ମହାନ ବାଣୀକୁ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରି ପାଇକମାଲ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଡ଼. ସୁରେଶ କୁମାର ଅଗ୍ରୱାଲ ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଦୀର୍ଘ ୧୨ରୁ ୧୩ ବର୍ଷ ଧରି ସେ ପାଇକମାଲ ଓ ଝାରବନ୍ଧ ବ୍ଲକ ଅଞ୍ଚଳରେ ନିରନ୍ତର ଭାବେ ବୃକ୍ଷରୋପଣ, ପରିବେଶ ସଚେତନତା ଓ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଚଳାଇ ଆସୁଛନ୍ତି। ପ୍ରତିବର୍ଷ ବର୍ଷା ଋତୁ ପୂର୍ବରୁ ସେ ରାସ୍ତା କଡ଼, ପୋଖରୀ ହୁଡ଼ା, ଜଙ୍ଗଲ ସଂଲଗ୍ନ ଅଞ୍ଚଳ ଓ ଖାଲି ପଡ଼ିଥିବା ଜମିରେ ବିଭିନ୍ନ ପ୍ରଜାତିର ବୀଜବପନ କରିଥାନ୍ତି। ଏହା ସହ ସିଡ୍ ବଲ୍ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଫିଙ୍ଗିବା ମାଧ୍ୟମରେ ପ୍ରାକୃତିକ ଭାବେ ନୂତନ ଗଛ ସୃଷ୍ଟିର ଏକ ଅଭିନବ ପ୍ରୟାସ କରିଆସୁଛନ୍ତି। କେବଳ ବୃକ୍ଷରୋପଣରେ ସୀମିତ ନ ରହି ସେ ଜଣେ ସକ୍ରିୟ ସମାଜସେବୀ ଭାବେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ଆଶ୍ରମ, ସ୍କୁଲ, କଲେଜ ଓ ସାମାଜିକ ଅନୁଷ୍ଠାନଗୁଡ଼ିକରେ ଗଛ ଲଗାଇବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଉଛନ୍ତି। ତାଙ୍କ ପ୍ରେରଣାରେ ଅନେକ ଯୁବକ ଓ ସାମାଜିକ କର୍ମୀ ବୃକ୍ଷରୋପଣ ଅଭିଯାନରେ ସାମିଲ ହେଉଛନ୍ତି। ଡ଼. ଅଗ୍ରୱାଲଙ୍କ ପରିବେଶ ପ୍ରତି ଭଲପାଇବାର ଆଉ ଏକ ଉଜ୍ଜ୍ୱଳ ଉଦାହରଣ ହେଉଛି ତାଙ୍କର ନିଜସ୍ୱ ୧୨ ଏକର ଜମିରେ ସୃଷ୍ଟି କରିଥିବା ସବୁଜ ବନାଞ୍ଚଳ। ନିସ୍ୱାର୍ଥ ସମାଜସେବା, ପରିବେଶ ସୁରକ୍ଷା ଓ ମାନବ କଲ୍ୟାଣ ପ୍ରତି ତାଙ୍କର ଏହି ନିରନ୍ତର ପ୍ରୟାସ ପାଇଁ ପାଇକମାଲ ଓ ଝାରବନ୍ଧ ଅଞ୍ଚଳର ଜନସାଧାରଣ ଡ଼. ଅଗ୍ରୱାଲଙ୍କୁ ଉଚ୍ଚ ପ୍ରଶଂସା କରୁଛନ୍ତି।



# ହନୁମାନ ପ୍ରତିମୂର୍ତ୍ତିକୁ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଅସମ୍ମାନ

### ଜୟନ୍ତୀ ଶୋଭାଯାତ୍ରା ପରେ ବାରଣ୍ଡାରେ ପଡ଼ିଛି ପ୍ରତିମୂର୍ତ୍ତି

**ସମ୍ବଲପୁର, ୩୦।୫(ସମିସ):** ସମ୍ବଲପୁରର ମହାଆଡ଼ମ୍ବରରେ ହନୁମାନ ଜୟନ୍ତୀ ପାଳିତ ହେଉଛି। ଏହି ଅବସରରେ ବିରାଟ ଶୋଭାଯାତ୍ରା ମଧ୍ୟ ସହର ପରିକ୍ରମା କରୁଛି। ଭଗବାନ ଶ୍ରୀରାମ ଓ ହନୁମାନଙ୍କ ପ୍ରତିମୂର୍ତ୍ତି ଶୋଭାଯାତ୍ରା ସାମିଲ କରି ସହରରେ ପରିକ୍ରମା କରାଯାଉଛି। କିନ୍ତୁ ଶୋଭାଯାତ୍ରା ପରେ ହନୁମାନ ପ୍ରତିମୂର୍ତ୍ତି ଅବହେଳିତ ପଡ଼ି ରହିଥିବା ସୂଚନା ରହିଛି। ସ୍ଥାନୀୟ କଚେରୀ ରୋଡସ୍ଥିତ ବିଜେପି କାର୍ଯ୍ୟାଳୟରେ ହନୁମାନ ପ୍ରତିମୂର୍ତ୍ତି ବାରଣ୍ଡାରେ ଅଦରକାରୀ ସାମଗ୍ରୀ ଭଳିଆ ପଡ଼ି ରହିଛି। ପ୍ରତିମୂର୍ତ୍ତି ଗୋଟିଏ ପାର୍ଶ୍ୱରେ ଢ଼ଳି ଯାଇଛି। ଯାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ଏହି ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ନିଜକୁ ଧର୍ମ ଓ ସଂସ୍କୃତିର ରକ୍ଷକ ବୋଲି ଦାବି କରୁଥିବା ବିଜେପି ନେତାମାନଙ୍କ ପ୍ରକୃତ ଚେହେରା ଘଟଣା ପରେ ସାମ୍ନାକୁ ଆସିଛି। ଯେଉଁ ସ୍ଥାନରେ ସାଧାରଣତଃ ପୂଜାର୍ଚ୍ଚନା କରାଯିବା କଥା, ସେଠାରେ ଦଳୀୟ ବ୍ୟାନର, ପୋଷ୍ଟର ଏବଂ ଅନ୍ୟାନ୍ୟ ଅଳିଆ ଆବର୍ଜନା ଜମା କରି ରଖାଯାଇଛି। କେବଳ ସେତିକି ନୁହେଁ, କେତେକ ଦଳୀୟ କର୍ମୀ ଓ ନେତା ଭଗବାନଙ୍କ ଏହି ପ୍ରତିମୂର୍ତ୍ତି ସମ୍ମୁଖରେ ଅତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଥିବା ନେଇ ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ସ୍ଥାନୀୟ ନେତୃବୃନ୍ଦ ଏବଂ ସାମାଜିକ ସଂଗଠନଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଜେପି ସର୍ବଦା ଧର୍ମକୁ ନେଇ ରାଜନୀତି କରେ ଏବଂ ନିଜକୁ ହିନ୍ଦୁ ଧର୍ମର ଏକମାତ୍ର ଠିକାଦାର ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରେ। କିନ୍ତୁ ଆଜି ସେମାନଙ୍କ ନିଜ କାର୍ଯ୍ୟାଳୟ ଭିତରେ ଭଗବାନଙ୍କୁ ଯେଉଁଭଳି ଭାବେ ଅପବ୍ୟବହାର ଓ ଅସମ୍ମାନ କରାଯାଉଛି, ସେଥିରୁ ସ୍ପଷ୍ଟ ହେଉଛି ଯେ ସେମାନଙ୍କ ପାଇଁ ଭଗବାନ କେବଳ ଭୋଟ୍ ପାଇବାର ଏକ ମାଧ୍ୟମ ବୋଲି ବିରୋଧିମାନେ ପ୍ରକାଶ କରିଛନ୍ତି।



## ପୂର୍ବତନ ସରପଞ୍ଚ ଶରତ ଅଦାବରଙ୍କ ପରଲୋକ



**ବରଗଡ଼, ୩୦।୫ (ସମିସ):** ବରଗଡ଼ ବ୍ଲକ ବରଡୋଲ ପଞ୍ଚାୟତ ପୂର୍ବତନ ସରପଞ୍ଚ ଶରତ ଅଦାବରଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ବିଜେଡି ବରିଷ୍ଠ ନେତା ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଯୁବ ନେତା ସମ୍ବିତ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ, ଓକିଲ୍ ସଂଘ ସଭାପତି ଭୀଷ୍ମ ଦେବ ସରାଫ, ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା, ଡିଷ୍ଟ୍ରିକ ପ୍ରେସ କ୍ଲବ୍ ସଭାପତି ସତ୍ୟଜିତ୍ ଦାଶ, ଜାବ ସଭାପତି ରବି ପଣ୍ଡା, ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ଅଦାବର୍ ଜଣେ ଦକ୍ଷ ସଂଗଠକ ଓ ପରୋପକାରୀ ବ୍ୟକ୍ତି ଥିଲେ ବୋଲି ଶୋକ ବାର୍ତ୍ତାରେ ଉଲ୍ଲେଖ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନାଜ୍ଞାପନ କରିବା ସହିତ ସ୍ୱର୍ଗତ ଅଦାବର୍ଙ୍କ ଆତ୍ମାର ସଦ୍‌ଗତିତି କାମନା କରିଛନ୍ତି।

# କ୍ରସର୍ ବନ୍ଦ ଦାବିରେ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ରେଢ଼ାଖୋଲ, ୩୦।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତ ହେଲେଇ ଗ୍ରାମରେ ଅବସ୍ଥିତ କ୍ରସର୍‌କୁ ସମ୍ପୂର୍ଣ୍ଣ ବନ୍ଦ ଦାବି ଜୋର ଧରିଛି। ଶନିବାର ଦିନ ଶତାଧିକ ଗ୍ରାମବାସୀ ରାଲିରେ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ରେଢାଖୋଲ ବଂଶାଜାଲ ପଞ୍ଚାୟତ ବାରବାଙ୍କ, ହେଲେଇ, ସରପାଲ ଓ ରତ୍ନାବଡମାଳ ଗ୍ରାମବାସୀ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ପଥର କ୍ରସର୍‌ରେ ଚଳିତ ମାସରେ ଦୁଇ ଜଣ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି। ହେଲେଇ ୨୦୦ରୁ ୩୦୦ମିଟର ମଧ୍ୟରେ ଏହି କ୍ରସର ଅହରହ ଚାଲିଥାଏ, ଯାହା ଫଳରେ ପଥର ବ୍ଲାଷ୍ଟିଂ ଯୋଗୁଁ ବଡ ଛୋଟ ପଥର ଖଣ୍ଡ ଉଡି ଆସି ଚାଷ ଜମି ଉପରେ ପଡୁଥିବାରୁ ଚାଷ ଜମି ଗୁଡିକ ନଷ୍ଟ ହୋଇଯାଉଛି। ଏହାଛଡା ଗାଈ, ଗୋରୁ ଇତ୍ୟାଦି ଗୃହ ପାଳିତ ପଶୁ ଚରିବା ସମୟରେ ପଥର ଖଣ୍ଡମାନ ବାଜି ଆଘାତ ହେଉଛନ୍ତି। ବ୍ଲାଷ୍ଟିଂ ହେବା ଫଳରେ ଗ୍ରାମବାସୀଙ୍କ ଗୃହ ଗୁଡକି ଦୋହଲି ଫାଟ ସୃଷ୍ଟି ହୋଇଯାଇଛି। ଫଳରେ ଗ୍ରାମବାସୀ ଭୟଭିତ ଅବସ୍ଥାରେ ରହିଛନ୍ତି। କ୍ରସର୍ ଯୋଗୁଁ ପଥର ଗୁଣ୍ଡ ଧୂଳି ଯୋଗୁଁ ପରିଶେଷ ଦୂଷିତ ଏବଂ ପିଇବା ପାଣି ଦୂଷିତ ହେବା ଦ୍ୱାରା ଗ୍ରାମବାସୀ କିଡନୀ ଓ ଅନ୍ୟାନ୍ୟ ରୋଗରେ ପୀଡିତ ହେଉଛନ୍ତି। ଗ୍ରାମ ଗୁଡିକରେ କିଡନୀ ରୋଗରେ ୫୦ରୁ ୬୦ଜଣଙ୍କ ମୃତ୍ୟୁ ହେଲାଣି। ବିଦ୍ୟାଳୟ ଛାତ୍ରଛାତ୍ରୀ ହେଲେଇଗ୍ରାମରୁ ବାରବାଙ୍କ ହାଇସ୍କୁଲକୁ ଅଧ୍ୟୟନ ପାଇଁ ଯାତାୟତ ସମୟରେ ହାଇୱା ଗାଡି ଗୁଡିକରୁ ପଥର ଖଣ୍ଡ ଗୁଡିକ ରାସ୍ତା ଉପରେ ପଡୁଥିବାରୁ ଛାତ୍ରଛାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ ଗୁଡିକର ଜଳସ୍ତର କମିଯାଇ ବନ୍ଧ, ପୋଖରୀ, କୂଅ ଗୁଡିକ ଶୁଖି ଯାଉଅଛି। ଯାହାଫଳରେ ଜଳ ସମସ୍ୟା ମଧ୍ୟ ଦେଖା ଦେଇଛି।ଏ ସଂକ୍ରାନ୍ତରେ ୨୦୨୫ ମସିହା ନଭେମ୍ବର ମାସରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା।ଦାବିପତ୍ର ପ୍ରଦାନ ବେଳେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଆସବ ଅଲ୍ଲୀ ଖାନ୍, ବଂଶାଜାଲ ପଞ୍ଚାୟତ ସରପଞ୍ଚ ଲୋକନାଥ ପ୍ରଧାନ ପ୍ରମୁଖ ସମେତ ଶତାଧିକ ସଂଖ୍ୟାରେ ଗ୍ରାମବାସୀ ସାମିଲ ଥିଲେ।



### କୁଚିଣ୍ଡା ବ୍ଲକ୍ ଓୟୁଜେର ବୈଠକ

# ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ ନିଷ୍ପତ୍ତି

**କୁଚିଣ୍ଡା, ୩୦।୫ (ସମିସ):** କୁଚିଣ୍ଡା ପଞ୍ଚାୟତ ସମିତିର ବୈଠକ ମଙ୍ଗଳବାର ଚାଲୁଥିବା ବେଳେ ସାମ୍ବାଦିକ ଓ କୁଚିଣ୍ଡା ବିଡ଼ିଓଙ୍କ ମଧ୍ୟରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ କୁଚିଣ୍ଡା ବ୍ଲକ ଓୟୁ ଜେ ପକ୍ଷରୁ ବିଡ଼ିଓଙ୍କ ବ୍ୟବହାରର ତୀବ୍ର ନିନ୍ଦା କରିଛି।ସୂଚନାରୁ ପ୍ରକାଶ ଯେ, କୁଚିଣ୍ଡା ପଞ୍ଚାୟତ ସମିତିର ବୈଠକରେ ଯୋଗଦାନ କରିବାକୁ କୁଚିଣ୍ଡା ଓୟୁଜେକୁ ବିଡ଼ିଓ ତାଙ୍କର ଚିଠି ନଂ ୧୮୧୪/୧୧.୫.୨୦୨୬ ତାରିଖରେ ନିମନ୍ତ୍ରଣ କରିଥିଲେ।ବୈଠକରେ ଅନେକ ସାମ୍ବାଦିକ ଯୋଗ ଦେଇଥିଲେ। ବୈଠକରେ ପାନୀୟ ଜଳ ବିଭାଗର କାର୍ଯ୍ୟକୁ ନେଇ ସରଗରମ ଆଲୋଚନା ହୋଇଥିଲା। ସେଠାରେ ଉପସ୍ଥିତ ସାମ୍ବାଦିକମାନେ ନିଜ ଗଣ ମାଧ୍ୟମ ପାଇଁ ଫଟୋ ଓ ଭିଡ଼ିଓ ଉତ୍ତୋଳନ କରୁଥିଲେ। ଏହି ସମୟରେ ହଠାତ୍ ବିଡ଼ିଓ ଜୟନ୍ତ ସାହୁ ନିଜ ସିଟରୁ ଉଠି ଫଟୋ ଓ ଭିଡିଓ ନ କରିବା ପାଇଁ ସାମ୍ବାଦିକଙ୍କୁ ବାରଣ କରିଥିଲେ।ଫଳରେ ଅସନ୍ତୋଷ ପ୍ରକାଶ କରି ସାମ୍ବାଦିକମାନେ ଚାଲି ଆସିଥିଲେ। ଏହାପରେଶୁକ୍ରବାର ଦିନ କୁଚିଣ୍ଡା ଓୟୁଜେ ସଂଘରେ ଜରୁରୀ ବୈଠକ ସଭାପତି ଦିନେଶ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଡ଼ିଓଙ୍କ ଏତାଦୃଶ ବ୍ୟବହାରକୁ ତୀବ୍ର ନିନ୍ଦା କରାଯାଇ ଭବିଷ୍ୟତରେ କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକମାନେ ବର୍ଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ବୈଠକରେ ଜିଲ୍ଲା ସଭାପତି ପ୍ରଭାତ ବେହେରା, ସୁଶୀଳ କର, ପ୍ରଶାନ୍ତ ଶର୍ମା, ସୁଧୀର ମହାନ୍ତି, ସଞ୍ଜୟ ମିଶ୍ର, ତପନ ଦାସ, ଦେବେନ୍ଦ୍ର ବେହେରା, ମନିସ ତିୱାରୀ, ସୌମ୍ୟ ଧଳ, ରୀଙ୍କୁ କୁସୁମ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମହିଳା ସଂଘର ଅଭିଯୋଗ ପରେ ମଦ ଜବତ

**କୁଚିଣ୍ଡା, ୩୦।୫ (ସମିସ):** ବାମରା ବ୍ଲକ କେଶାଇବାହାଲ ସୋଲବଗାରେ ଅବାଧ ମଦ କାରବାର ବିରୋଧରେ ମହିଳା ସଂଘ ସ୍ୱର ଉତ୍ତୋଳନ କରିବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୯.୪୮୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ସୋଲବଗା ଗ୍ରାମର ଲିଲି ନାଏକଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, କେଶାଇବାହାଲପଞ୍ଚାୟତ ସୋଲବଗା ଗ୍ରାମରେ ଅବାଧ ମଦ ବିକ୍ରି ଚାଲିଥିବା ନେଇ ସ୍ଥାନୀୟ ମହିଳା ସଂଘ ପକ୍ଷରୁ ଅବକାରୀ ବିଭାଗକୁ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଅବକାରୀ ଅଧିକାରୀମାନେ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୯.୪୮୫ ଲିଟର ବିଦେଶୀ ମଦ ଜବତ କରିଥିଲେ। ଅଭିଯୁକ୍ତ ଲିଲି ନାଏକଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ସେହି ଦିନ କୁଚିଣ୍ଡା ଅଦାଲତରେ ହାଜର କରାଯାଇଥିଲା। ଗୋବିନ୍ଦପୁର ଅବକାରୀ ଅଧିକାରୀ ଦୁଲେଶ୍ୱର୍ କୁମୁରା, ଶ୍ୟାମ ଭୋଇ ଓ ଆଲମା ତିଗାଙ୍କ ସହ ଅନ୍ୟମାନେ ଚଢ଼ଉରେ ସାମିଲ ଥିଲେ।

## ମଣ୍ଡଳ ରେଳବାଇ ହସ୍ପିଟାଲରେ ରକ୍ତଦାନ ଶିବିର




**ସମ୍ବଲପୁର, ୩୦।୫ (ସମିସ):** ମଣ୍ଡଳ ରେଳବାଇ ହସ୍ପିଟାଲ, ସମ୍ବଲପୁରରେ ଶନିବାର ସମ୍ବଲପୁରର ମାରୱାଡି ଯୁବ ମଞ୍ଚ, ନବଚେତନାର ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ସୁବାଷଚନ୍ଦ୍ର ଚୌଧରୀ, ସମ୍ବଲପୁର ମଣ୍ଡଳ ରେଳପ୍ରବନ୍ଧକ ପ୍ରଦୀପ ପ୍ରଜ୍ୱଳନ ସମାରୋହ ସହିତ ଶିବିର ଆରମ୍ଭ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ରକ୍ତଦାନ ମାଧ୍ୟମରେ ପଦକ୍ଷେପକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯାଇଥିଲା।ସମ୍ବଲପୁରର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ମନଜିତ ସିଂହ ସନସନୱାଲ; ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧ୍ୟକ୍ଷ ବିନ୍ଦୁ ଚୌଧରୀ; ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ହିମାଂଶୁ ଶେଖର ବାରିକ, ଡକ୍ଟର ଡି. ଗୀତା ଦେବୀ, ଏସିଏମଏସ ଏବଂ ଅନ୍ୟାନ୍ୟ ଡାକ୍ତର, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ସଦସ୍ୟ, ରେଳ ଅଧିକାରୀ ଏବଂ କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଶିବିରରେ୨୧ ଜଣ ସ୍ୱେଚ୍ଛାସେବୀ ରକ୍ତଦାତା ଅଂଶଗ୍ରହଣ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁରର ମାରୱାଡି ଯୁବ ମଞ୍ଚ, ନବଚେତନା ଏବଂ ସମସ୍ତ ରକ୍ତଦାତାଙ୍କୁ କାର୍ଯ୍ୟକ୍ରମକୁ ସଫଳ କରିବାରେ ସେମାନଙ୍କର ସକ୍ରିୟ ସହଯୋଗ ଏବଂ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।

# ବେଦାନ୍ତ ଆଲୁମିନିୟମ୍ 'ଭେଦକ୍ଷତା'ରେ ନିଯୁକ୍ତିକୁ ସୁଦୃଢ଼ କରିଛି

**ସମ୍ବଲପୁର, ୩୦।୫(ସମିସ)**

ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ଦକ୍ଷତା ବିକାଶ ପଦକ୍ଷେପ 'ଭେଦକ୍ଷତା' ମାଧ୍ୟମରେ ଝାରସୁଗୁଡାରେ ଯୁବକମାନଙ୍କ ନିଯୁକ୍ତି କ୍ଷମତାକୁ ବୃଦ୍ଧି କରିଛି। ସଂରଚିତ ତାଲିମ ଅଧିବେଶନ, ବ୍ୟବହାରିକ ଶିଳ୍ପ ସମ୍ବୋଧନ ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ, କାର୍ଯ୍ୟକ୍ରମ ସେମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ କ୍ଷମତା ସହିତ ସଶକ୍ତ କରିବା ଲକ୍ଷ୍ୟ ରଖିଛି। ସାମାଜିକ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ସମାଜ ଏନଜିଓ ସହିତ ସହଭାଗୀତାରେ କାର୍ଯ୍ୟକାରୀ, ଭେଦକ୍ଷତା ହେଉଛି ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, କର୍ମକ୍ଷେତ୍ର ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଆବାସିକ ଦକ୍ଷତା ବିକାଶ ପଦକ୍ଷେପ। ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ ଆବାସିକ ଦକ୍ଷତା କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବରେ, ଏହା ବର୍ତ୍ତମାନ ଖାଦ୍ୟ ଏବଂ ପାନୀୟ ସେବା, ମୋବାଇଲ୍ ମରାମତି ଏବଂ ହାର୍ଡୱେର୍ ଟେକ୍ନିସିଆନ୍ ଟ୍ରେଡରେ ତାଲିମ ପ୍ରଦାନ କରୁଛି। ଯାହା ଯୁବକମାନଙ୍କୁ ଆତିଥ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ କ୍ଷେତ୍ରରେ ଜୀବିକା ନିର୍ବାହର ସୁଯୋଗ ପାଇବାକୁ ସକ୍ଷମ କରିଛି। ସମ୍ପ୍ରତି, କମ୍ପାନୀ ଏହି ପଦକ୍ଷେପ ଅଧୀନରେ ୬୦ ଜଣ ଯୁବକଙ୍କ ପାଇଁ ତାଲିମର ସଫଳ ସମାପ୍ତିକୁ ଚିହ୍ନିତ କରି ମୋବାଇଲ୍ ମରାମତି ଟେକ୍ନିସିଆନ୍ ଏବଂ ଖାଦ୍ୟ ଏବଂ ପାନୀୟ ଟ୍ରେଡରେ ପ୍ରଶିକ୍ଷାର୍ଥୀଙ୍କ ପାଇଁ ବିଦାୟ ସମାରୋହ ଆୟୋଜନ କରିଥିଲା।ବେଦାନ୍ତ ଆଲୁମିନିୟମର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଅର୍ଥପୂର୍ଣ୍ଣ ବିକାଶ ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତାର ସୁଯୋଗ ମାଧ୍ୟମରେ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ଭେଦକ୍ଷତା ମାଧ୍ୟମରେ, ଆମେ ସ୍ଥାନୀୟ ଯୁବକମାନଙ୍କୁ ବ୍ୟବହାରିକ ଦକ୍ଷତା, ଶିଳ୍ପ ସମ୍ପ୍ରସାରଣ ଏବଂ ସ୍ଥାୟୀ ଜୀବିକା ନିର୍ବାହର ପଥ ହାସଲ କରିବାରେ ସକ୍ଷମ କରୁଛୁ। ବଜାର ଆବଶ୍ୟକତା ସହିତ ସେମାନଙ୍କର ତାଲିମକୁ ସମନ୍ୱିତ କରି, ନିଯୁକ୍ତିକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛୁ। ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ସାମୁଦାୟିକ ବିକାଶ ପଦକ୍ଷେପଗୁଡ଼ିକ ବର୍ତ୍ତମାନ ୬୧ଟି ଗାଁର ୭ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ଯାହାକି ଜୀବିକା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳ ଏବଂ ପରିମଳ, ସାମୁଦାୟିକ ଭିତ୍ତିଭୂମି, କ୍ରୀଡା ଏବଂ ସଂସ୍କୃତି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଛି। କମ୍ପାନୀ ଭେଦକ୍ଷତାର ସଂରଚିତ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସହାୟତାକୁ ବିସ୍ତାର କରି ୪୫୦ ଜଣ ଯୁବକଙ୍କୁ ଲାଭ ପହଞ୍ଚାଇବା, ଓଡ଼ିଶାରେ ଶିଳ୍ପ ପାଇଁ ପ୍ରସ୍ତୁତ ପ୍ରତିଭାଙ୍କ ବୃଦ୍ଧିରେ ଯୋଗଦାନ ଏବଂ ଝାରସୁଗୁଡା ଜିଲ୍ଲା ମଧ୍ୟରେ ସ୍ଥାନୀୟ ନିଯୁକ୍ତି ଫଳାଫଳରେ ନିରନ୍ତର ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି।



# ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଦାବିପତ୍ର



**ବରଗଡ଼, ୩୦।୫(ସମିସ):** ଶନିବାର ଦିନ ବିଦ୍ୟୁତ ଉପଭୋକ୍ତା ସଙ୍ଘର ସଦସ୍ୟମାନେ ଟାଟା ପାୱାରର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଭୁତି ଭୂଷଣ ଶତପଥୀ ଏବଂ ଏସଡିଓ ଲକ୍ଷ୍ମଣ ପ୍ରଧାନଙ୍କୁ ସହରରେ ବିଦ୍ୟୁତ୍ ବିଭ୍ରାଟ ନେଇ ବିଷ୍ଣୁ ଚରଣ ଦାଶଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି।ବିଦ୍ୟୁତ୍ ଉପଭୋକ୍ତା ସଂଘର ସଦସ୍ୟମାନଙ୍କ ପକ୍ଷରୁ, ଟାଟା ପାୱାରର ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷିତ କରାଯାଉଛି। ବର୍ଷସାରା ବରଗଡ଼ର ଅନେକ ସ୍ଥାନରେ ରକ୍ଷଣାବେକ୍ଷଣ ନାମରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିଲା। ଯାହା ଗ୍ରୀଷ୍ମ ଋତୁରେ ସୁବିଧାରେ ବିଦ୍ୟୁତ୍ ଯୋଗାଣ ଯୋଗାଇବା କୁହା ଯାଉଥିଲା; କିନ୍ତୁ ଫଳାଫଳ ସମାନ।ମୂଳ କଥା ହେଉଛି ବରଗଡ଼ ସହରରେ ଏତେ ରକ୍ଷଣାବେକ୍ଷଣ କାହିଁକି ଆବଶ୍ୟକ ଏବଂ ତାହା ମଧ୍ୟ ଗ୍ରୀଷ୍ମ ଋତୁରେ। ପ୍ରକୃତ ରକ୍ଷଣାବେକ୍ଷଣ ନ ଥିଲେ ମଧ୍ୟ କେବଳ ବାରମ୍ବାର ବିଭ୍ରାଟ ଏବଂ ବିଦ୍ୟୁତ୍ ଟ୍ରିପ୍ ସହିତ କେତେକ ସମୟରେ କମ ଭୋଲଟେଜ୍ ସମସ୍ୟା ଦେଖା ଯାଉଛି। ଅନେକ କ୍ଷେତ୍ରରେ, ବିଶେଷକରି ରାତିରେ, ଦିଆଯାଇଥିବା ଟୋଲଫ୍ରି ନମ୍ବରଗୁଡ଼ିକ ଗ୍ରହଣ କରା ଯାଉନାହିଁ।ସମସ୍ତ ସମସ୍ୟାଙ୍କୁ ଗମ୍ଭୀର ଭାବରେ ଶୁଣିଲା ପରେ ଶ୍ରୀ ଶତପଥି ନିଶ୍ଚୟ ଏଥିପ୍ରତି ଦୃଷ୍ଟି ଦେବି ଆମ ସମସ୍ତ ଜେଇମାନଙ୍କୁ ଆପଣଙ୍କ ସଂଘ ଗ୍ରୁପରେ ଯୋଡନ୍ତୁ ଏବଂ ଆପଣଙ୍କୁ ସମସ୍ତ ସୂଚନା ଏବଂ ସମସ୍ୟାର ସମାଧାନ ନିଶ୍ଚୟ କରିବୁ ବୋଲି କହିଛନ୍ତି। ଉକ୍ତ ଆଲୋଚନା ସମୟରେ ସଂଘର ସାଧାରଣ ସମ୍ପାଦକ ସର୍ଦାର ପ୍ରୀତମ ସିଂହ, କୋଷାଧ୍ୟକ୍ଷ କମଳ ଯୋଶୀ, ବରିଷ୍ଠ ସଦସ୍ୟ କେଦାର ମିଶ୍ର, ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, ତୁଳସୀ ଚରଣ ଦାଶ, ବରିଷ୍ଠ ପତ୍ରକାର କିଶନ ଅଗ୍ରୱାଲ, 'ସକାଳ' ଜିଲ୍ଲା ପ୍ରତିନିଧି ସରୋଜ ଷଡଙ୍ଗୀ, ଉଦ୍ଧବ ବେହେରା, ପ୍ରିତି ଗୁରୁ, ସଂଘମିତ୍ରା ପଟେଲ ଏବଂ ଆରତୀ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

## ସମସ୍ୟା ଘେରରେ ଭେଡେନ ବ୍ଲକ୍ କାର୍ଯ୍ୟାଳୟ

# ବିଡିଓଙ୍କ ସମେତ ବହୁ ପଦବୀ ଖାଲି

**ବରଗଡ଼/ଭେଡେନ, ୩୦।୫(ସମିସ)**

ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୨୧ଟି ପଞ୍ଚାୟତକୁ ନେଇ ଗଠିତ।ସାଧାରଣ ଜନତା ଅନେକ କାମ ପାଇଁ ବ୍ଲକ ଉପରେ ନିର୍ଭର କରନ୍ତି ହେଲେ ଅନେକ ଦିନ ହେଲା ଭେଡେନ ବ୍ଲକରେ ଥିବା

### ଅସୁବିଧା ଭୋଗୁଛନ୍ତି ଲୋକ

ଭେଡେନ ବିଡିଓ କର୍ଣ୍ଣ ସୁନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରପାଣି ଦାଶ, ଏନଏସପି ପିଏ ଭକ୍ତବନ୍ଧୁ ମହାନ୍ତି, ବ୍ଲକ ବଡ଼ବାବୁ କୁବେର ମାଝୀ, ବ୍ଲକ କ୍ୟାସିୟର ଶିବଶଙ୍କର ଦୋରା ପ୍ରମୁଖଙ୍କ ଗତ ୭ ତାରିଖରେ ବଦଳି ହୋଇଥିଲା। ବ୍ଲକର କ୍ଲର୍କ ପଦ୍ମିନୀ ବେହେରାଙ୍କୁ ବଡ଼ ବାବୁ ଦାୟିତ୍ୱ ମିଳିଥିବା ବେଳେ ବିଡ଼ିଓଙ୍କ ସମେତ ଅନ୍ୟ ପଦବୀ ଖାଲି ପଡ଼ିଛି। ସେପଟେ ଏବିଡିଓ ସୌଭାଗ୍ୟ ରଞ୍ଜନ ପଧାନଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯୋଗୁଁ ଏବେ କିଛିଦିନ ହେବ ଠିକ୍ ଭାବେ ବ୍ଲକ କୁଆସି ପାରୁନାହାନ୍ତି ଫଳରେ ବ୍ଲକର ସମସ୍ତ କାମ ବନ୍ଦ।



ସେହିପରି ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସୁନୀଲ ପୃଷ୍ଟିଙ୍କୁ ଅତାବିରା ବ୍ଲକ ଓ ଭେଡେନ ବ୍ଲକ ଦାୟିତ୍ୱ ନେଇଥିବାରୁ ଉଭୟ ବ୍ଲକ କୁ ସେ ଯିବା ଆସିବା କରୁଛନ୍ତି। ଫଳରେ ସାଧାରଣଜନତା କୌଣସି କାମ ପାଇଁ ବ୍ଲକକୁ ଆସିଲେ କୌଣସି କାମ ହୋଇପାରୁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକେ କିଛି ଜାଣିନପାରି ବ୍ଲକରେ ଅପେକ୍ଷା କରି ନିରାଶ ହୋଇ ପ୍ରଚଣ୍ଡ ରୌଦ୍ର ତାପରେ ଘରକୁ ଫେରୁଛନ୍ତି। କିଏ ନୂତନ ଭତ୍ତା ପାଇଁ ଆସୁଥିବା ବେଳେ କିଏ ଭତ୍ତା ପାଉନଥିବା ଅଭିଯୋଗ ଆଣି ଅନେକ ବୁଢା, ବୁଢ଼ୀ ଛୋଟ ଛୁଆକୁ ଧରି ବିଧବା ମହିଳା, ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ବ୍ଲକକୁ ଆସି ଅଫିସମାନଙ୍କରେ ତାଲା ପଡ଼ିଥିବାର ଦେଖି ହଇରାଣ ହେଉଥିବା ଅଭିଯୋଗ ହେଉଛି। ଲୋକେ କାଳେ ଅଫିସ ଖୋଲା ହେବ ଭାବି ଦିନ ୧୨ ପର୍ଯ୍ୟନ୍ତ ଅପେକ୍ଷା ରହି ଶେଷରେ ନିରାଶ ହୋଇ ପ୍ରଚଣ୍ଡ ରୌଦ୍ର ତାପରେ ଘରକୁ ଫେରୁଛନ୍ତି। ବିଡ଼ିଓ ନଥିବାରୁ ବ୍ଲକରେ କୋଣସି କାମ ହୋଇ ପାରୁନାହି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବିହିତ ପଦକ୍ଷେପ ନେବାକୁ ଜନସାଧାରଣ ଦାବି ହେଉଛି।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷାଦାନ



**ବରଗଡ଼, ୩୦।୫(ସମିସ):** ସ୍ଥାନୀୟ ବରଗଡ଼ରେ ଥିବା ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଶ୍ରୀଓଂକାର ଟ୍ରଷ୍ଟ ଦ୍ୱାରା ଅଞ୍ଚଳର ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମାଗଣା କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଇଛି।ଗ୍ରୀଷ୍ମ ଛୁଟିରେ ୧୨ ମଇ ୨୦୨୬ ରୁ ୩୦ ମଇ ୨୦୨୬ ପର୍ଯ୍ୟନ୍ତ ଶିକ୍ଷାଦାନ ପ୍ରକ୍ରିୟା ଚାଲିଥିଲା। ପ୍ରାୟ ୬୩ ଜଣ ପିଲାମାନେ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ଆଧୁନିକ ସୁବିଧାସମ୍ପନ୍ନ କମ୍ପ୍ୟୁଟର ଲ୍ୟାବରେ ବିଦ୍ୟାଳୟର ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱିଟି, ମହେନ୍ଦ୍ର, ତାପସ, ଆରିୟନ ସାର୍, ଦିବ୍ୟା, ସାକ୍ଷୀ, ଦିପ୍ତି ଓ ମୋନାଲିସାଙ୍କ ନିର୍ଦ୍ଦେଶନାରେ ଯୋଜନାରୁ ଲାଭ ଉଠାଇଛନ୍ତି। ପ୍ରଶାନ୍ତ ସାର୍ ଓ ଅହଲ୍ୟା ମ୍ୟାଡମ ଛାତ୍ରଛାତ୍ରୀଙ୍କୁ ସମ୍ବଲପୁରୀ ନୃତ୍ୟ ଶିଖାଇବା ସହ ଯୁଧିଷ୍ଠିର ସାର୍ ଓ ରାଜକିଶୋର ସାର ଚିତ୍ରାଙ୍କନ ମଧ୍ୟ ଶିଖାଇଛନ୍ତି। କମ୍ପ୍ୟୁଟର ଶିକ୍ଷା ସମାପନ ପରେ ପିଲାମାନଙ୍କୁ ପ୍ରମାଣପତ୍ର ଦିଆଯିବା ସହ ଖେଳିବା ପାଇଁ ବିଭିନ୍ନ ସାମଗ୍ରୀ ଦିଆଯିବାର ବ୍ୟବସ୍ଥା କରାଯାଇଛି। ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ୍ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇଥିଲେ। ଓଂକାର ଏଜୁକେସନାଲ୍ ଟ୍ରଷ୍ଟ ସମାଜର ସେବା ପାଇଁ ସ୍ଥାପିତ ହୋଇଛି। ଏହାର ଅନ୍ତର୍ଗତ ଟ୍ରଷ୍ଟ ଗୌଶାଳା, ଅନାଥ ଆଶ୍ରମ, ବୃଦ୍ଧାଶ୍ରମ, ଡାକ୍ତରଖାନା ଇତ୍ୟାଦି ସ୍ଥାନରେ ସମୟ ସମୟରେ ନିଜ ସେବା ଯୋଗାଇ ଦେଇଥାଏ।

# ନୃସିଂହନାଥ ଧର୍ମଶାଳାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ପାଇକମାଲ, ୩୦।୫(ସମିସ):** ମାନସିକ ସ୍ୱାସ୍ଥ୍ୟ ପ୍ରତି ସମୂଦାୟରେ ସଚେତନତା ସୃଷ୍ଟି ଓ ମାନସିକ ରୋଗ ସମ୍ପର୍କିତ ଭ୍ରାନ୍ତଧାରଣା ଦୂରୀକରଣ ଉଦ୍ଦେଶ୍ୟରେ ପଲ୍ଲୀଆଲୋକ ପାଠାଗାର ଏବଂ ବେସିକ ନିଡ୍ସ ଇଣ୍ଡିଆ ପକ୍ଷରୁ ନୃସିଂହନାଥ ଧର୍ମଶାଳାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ସଂଯୋଜିକା ରମିଳା ପଧାନ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନର ମୂଳ ଆଧାର ବୋଲି କହିଥିଲେ। ସେ ମାନସିକ ରୋଗକୁ ନେଇ ସମାଜରେ ରହିଥିବା କଳଙ୍କ ଓ ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରକଳ୍ପ ସଂଯୋଜକ ହୀରାଲାଲ ମିଶ୍ର ବର୍ତ୍ତମାନର ଚାପପୂର୍ଣ୍ଣ ଜୀବନଶୈଳୀ, ବେକାରି, ଆର୍ଥିକ ଅନିଶ୍ଚିତତା, ପାରିବାରିକ ସମସ୍ୟା ଓ ନିଶାସକ୍ତି ଯୋଗୁଁ ମାନସିକ ସମସ୍ୟା ବୃଦ୍ଧି ପାଉଥିବା ଉଲ୍ଲେଖ କରିଥିଲେ। ସମୁଦାୟ ସ୍ତରରେ ମାନସିକ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଚିକିତ୍ସା ସେବା ସହ ଲୋକଙ୍କୁ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଫିଲ୍ଡ ୱାର୍କ ଅଫିସର ରଞ୍ଜନ ପାଣ୍ଡେ ଉଦାସୀନତା, ଉତ୍କଣ୍ଠାଜନିତ ବ୍ୟାଧି, ବାଇପୋଲାର ଡିସଅର୍ଡର, ସ୍କିଜୋଫ୍ରେନିଆ ଏବଂ ନିଶାସକ୍ତିଜନିତ ମାନସିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କମ୍ୟୁନିଟି ହେଲଥ୍ ଅଫିସର, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସମୁଦାୟ ନେତୃବୃନ୍ଦ ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଶେଷରେ ପ୍ରଶାନ୍ତ ଥାପା ଧନ୍ୟବାଦ ଜ୍ଞାପନ କରି କହିଥିଲେ।



## ସାମ୍ବାଦିକଙ୍କୁ ମାରିବା ନେଇ ହ୍ୱାଟ୍ସଆପ୍‌ରେ ଚାଟ୍

# ୪ ଜଣଙ୍କ ନାଁରେ ଥାନାରେ ଅଭିଯୋଗ

**ବରଗଡ଼/ଭେଡେନ, ୩୦।୫ (ସମିସ):** ଭେଡେନ ବ୍ଲକରେ ବିଡିଓଙ୍କ ସମେତ ୫ ପଦବୀ ଖାଲିଥିବାରୁ ଏନେଇ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଉକ୍ତ ଖବରକୁ ନେଇ ଭେଡେନ ବ୍ଲକ ବିଜେପି ଗ୍ରୁପରେ ଭେଡେନର ଆକାଶ ଦୀପ, ଅରୁଣ କର୍ମୀ, ପ୍ରଭାତ ମିଶ୍ର ଓ ଦେଶ କୁମ୍ଭାରୀର ସୋମ୍ୟକାନ୍ତ ଦାଶ ସାମ୍ବାଦିକ ଶ୍ରୀ ଷଡ଼ଙ୍ଗୀଙ୍କୁ ମାରିବା ପାଇଁ ଓ ବ୍ଲକ ଭିତରକୁ ପୂରାଇ ନ ଦେବାପାଇଁ ଗ୍ରୁପରେ ମେସେଜ ହୋଇଥିଲା। ବିଗତ ବର୍ଷ ମାର୍ଚ୍ଚ ୨୯ ତାରିଖରେ ମଧ୍ୟ ଶ୍ରୀ ଷଡ଼ଙ୍ଗୀଙ୍କୁ ବାଲିଚୋରା ଚାଲାଣ ବିଷୟରେ ବହୁତ ନିୟୁଜ କରୁଛୁ କହି ପେଟ୍ରୋଲ ଟାଙ୍କି ସମ୍ମୁଖରେ ଆକାଶ ଓ ତାର କିଛି ସାଥି ଜୀବନରେ ମାରିବାର ଚେଷ୍ଟା କରିଥିଲେ। ହେଲେ ପୁଲିସ ଆସିବାର ଜାଣି ରାସ୍ତାରେ ଫିଙ୍ଗି ଚାଲିଯାଇଥିଲେ। ଶ୍ରୀ ଷଡଙ୍ଗୀଙ୍କ ଜୀବନପ୍ରତି ବିପଦ ଥିବାରୁ ଉକ୍ତ ଚାରି ଜଣଙ୍କ ନାଁରେ ଭେଡେନ ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୋଗ ସମୟରେ ଭେଡେନ ବ୍ଲକ ସାମ୍ବାଦିକ ସଙ୍ଘର ସଦସ୍ୟମାନେ ଉପସ୍ଥିତ ଥିଲେ।ଏନେଇ ବରଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ଓୟୁଜେ ପକ୍ଷରୁ ମଧ୍ୟ ଆସନ୍ତାକାଲି ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ ସାକ୍ଷାତ କରି ଭେଡେନ ବ୍ଲକରେ ବିଜେପି କର୍ମୀଙ୍କ ଦାଦାଗିରି ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯିବ।

## ଭତ୍ତା ବିଳମ୍ବକୁ ନେଇ ଅସନ୍ତୋଷ

# ଟଙ୍କା ପାଇନାହାନ୍ତି ୪ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ

**ଝାରବନ୍ଧ, ୩୦।୫ (ସମିସ):** ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ବୃଦ୍ଧ, ବିଧବା ଓ ବିକଳାଙ୍ଗଙ୍କୁ ପ୍ରତିମାସ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଝାରବନ୍ଧ ବ୍ଲକରେ ଗତ ଦୁଇ ମାସ ଧରି ଭତ୍ତା ଟଙ୍କା ମିଳିନଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଭତ୍ତା ଉପରେ ନିର୍ଭରଶୀଳ ଅନେକ ଅସହାୟ ପରିବାର ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଅଭିଯୋଗ ହେଉଛି।ଝାରବନ୍ଧ ବ୍ଲକର ୧୪ଟିପଞ୍ଚାୟତରେ ମୋଟ ୪୦୭୬ ଜଣ ହିତାଧିକାରୀ ସାମାଜିକ ସୁରକ୍ଷା ଭତ୍ତା ପାଉଛନ୍ତି। ସେଥିମଧ୍ୟରୁ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତାର ୨୭୭୨ ଜଣ, ବିଧବା ଭତ୍ତାର ୧୧୮୩ ଜଣ ଏବଂ ବିକଳାଙ୍ଗ ଭତ୍ତାର ୧୨୧ ଜଣ ହିତାଧିକାରୀ ରହିଛନ୍ତି। ପ୍ରତିମାସ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଜମା ହେଉଥିଲେ ମଧ୍ୟ ଗତ ଦୁଇ ମାସ ଧରି କୌଣସି ଟଙ୍କା ଜମା ହୋଇନଥିବାରୁ ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଔଷଧ, ଖାଦ୍ୟ ଓ ଦୈନନ୍ଦିନ ଖର୍ଚ୍ଚ ପାଇଁ ଭତ୍ତା ଉପରେ ନିର୍ଭର କରୁଥିବା ବୃଦ୍ଧ, ବିଧବା ଓ ବିକଳାଙ୍ଗମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭତ୍ତା ପ୍ରଦାନରେ ବିଳମ୍ବ କାହିଁକି ହେଉଛି ସେ ନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ଶୀଘ୍ର ବକେୟା ଟଙ୍କା ପ୍ରଦାନ କରିବାକୁ ଦାବି ଜୋର ଧରିଛି।

# ଶିବ ମହାପୁରାଣ ପ୍ରବଚନ ମହୋତ୍ସବ ଉଦ୍‌ଯାପିତ

**ବରଗଡ଼, ୩୦।୫ (ସମିସ):** ବରଗଡ଼ ସହରସ୍ଥିତ କପିଳେଶ୍ୱର ନଗର ବ୍ରହ୍ମଚାରୀ, କପିଳେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଶିବ ମହାପୁରାଣ ପ୍ରବଚନ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦିବ୍ୟ ପ୍ରବଚନ ସମିତି ଓ କପିଳେଶ୍ୱର ପ୍ରବଚନ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।ଗତ ୧୬ ତାରିଖରୁ ଆରମ୍ଭ ହୋଇ ୨୬ତାରିଖ ପର୍ଯ୍ୟନ୍ତ ଚାଲିଥିବା ମହୋତ୍ସବରେ ପ୍ରତିଦିନ ସନ୍ଧ୍ୟା ୬:୩୦ ରୁ ରାତ୍ରି ୯:୦୦ଟା ପର୍ଯ୍ୟନ୍ତ ଶିବ ମହାପୁରାଣ ଉପରେ ଦିବ୍ୟ ପ୍ରବଚନ ଅନୁଷ୍ଠିତ ହେଉଥିଲା। ପ୍ରୟାଗରାଜରୁ ଆଗତ ସୁପ୍ରସିଦ୍ଧ ପ୍ରବଚକ ପବନ କୁମାର ଜୀ ମହାରାଜ ନିଜର ସୁମଧୁର କଣ୍ଠରେ ଶିବ ମହିମା ଓ ଆଧ୍ୟାତ୍ମିକତାର ତତ୍ତ୍ୱ ବଖାଣି ଭକ୍ତମାନଙ୍କୁ ବିଭୋର କରିଥିଲେ। ଏହି ଅବସରରେ ଭଗବାନଙ୍କୁ ୫୬ ଭୋଗ ଓ ଅନ୍ନକୂଟ ମହାପ୍ରସାଦ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଦେବଦେବ ମହାଦେବ ଏବଂ ମାତା ପାର୍ବତୀଙ୍କର ପବିତ୍ର ଦିବ୍ୟ ବିବାହ ଉତ୍ସବ। ବୈଦିକ ବିବାହ କାର୍ଯ୍ୟରେ ଗାୟତ୍ରୀ ବାରିକ ଓ ରଞ୍ଜନ ମୋହନ ବାରିକ 'ବର ମାତା ପିତା' ଦାୟିତ୍ୱ ତୁଲାଇଥିବା ବେଳେ ରାସେଶ୍ୱରୀ ପଧାନ ଓ ରମେଶ ପଧାନ 'କନ୍ୟା ମାତା ପିତା' ଭାବେ ସମସ୍ତ ବିବାହ ରୀତିନୀତି ସମ୍ପନ୍ନ କରିଥିଲେ। ଅକ୍ରୂର ମଲ୍ଲିକଙ୍କ ଆବାହକତ୍ୱ, ସୁରେଶ୍ୱର ଶତପଥୀଙ୍କ ମାର୍ଗଦର୍ଶନ ତଥା ସମିତିର ସଭାପତି ଚୂଡ଼ାମଣି ଦୋରା, ରୀତାଞ୍ଜଳି ଦାଶ ଓ ଉମା ବାଗ୍ ସମେତ ମହିଳା ସମିତି ଓ ମାତୃଶକ୍ତିଗଣ, ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱ ତୁଲାଇଥିବା ବେଳେ କପିଳେଶ୍ୱର ନଗର ବ୍ରହ୍ମଚାରୀର ସମସ୍ତ ଯୁବଶକ୍ତି, ସମିତି ଏବଂ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗ କରିଥିଲେ।

# ସଙ୍କଟରେ ତାଳଗଛ ; ଘୋଷଣା କରି ଭୁଲିଗଲେ ସରକାର

**ପଦ୍ମପୁର, ୩୦।୫(ସମିସ):** କାହିଁ କେଉଁ କାଳରୁ ପ୍ରାକୃତିକ ବିପର୍ଯ୍ୟୟ ରୋକିବାରେ ତାଳଗଛର ଗୁରୁତ୍ୱ ଭୂମିକା ବହନ କରିଆସୁଛି। ବାତ୍ୟା ସମୟରେ ତାଳଗଛ ଭୟଙ୍କର ପବନ ଓ ବଜ୍ରପାତ ବହୁଳ ପରିମାଣରେ ରୋକିଥାଏ। ପରିବେଶ ସୁରକ୍ଷା ଓ ସନ୍ତୁଳନର ଅଭାବ ଯୋଗୁଁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ସହାୟକ ତାଳଗଛ ଲୋପ ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟର ମାତ୍ର ବଢ଼ିଚାଲିଛି। ଗଛ କାଟିବା ଯୋଗୁଁ ପ୍ରକୃତି ଉପରେ ଗୁରୁତର ପ୍ରଭାବ ପଡୁଛି। ପ୍ରକୃତିର କୋପରେ ବାତ୍ୟା, ବନ୍ୟା ହେବା ସହିତ ତାପମାତ୍ରା ମଧ୍ୟ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ତାଳଗଛ ରୋପଣ ପାଇଁ ୨୦୨୪ 'ତାଳମିଶନ'ଆରମ୍ଭ କରିଥିଲେ। କିନ୍ତୁ ସରକାରୀ ଯୋଜନା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଗଛ ଲୋପ ପାଇବାରେ ଲାଗିଛି। ତାଳଗଛ କେବଳ ପ୍ରାକୃତିକ ସୁରକ୍ଷା ନୁହେଁ, ଓଡ଼ିଆ ସଂସ୍କୃତିର ମଧ୍ୟ ପ୍ରତୀକ। ବିଶେଷ କରି ରଜ, ସାବିତ୍ରୀ ପର୍ବରେ ଜାଳସଜକୁ ଭୋଗ ଭାବେ ବ୍ୟବହାର କରାଯାଇଥାଏ। ଗ୍ରୀଷ୍ମ ସମୟରେ ଜାଳସଜପଥଚାରୀଙ୍କ ଭୋକଶୋଷ ମେଣ୍ଟାଇଥାଏ। ତାଳପତ୍ରରେ ବିଞ୍ଚଣା, ଛତା ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ପାଚିଲା ତାଳରୁ ମଧ୍ୟ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ।ମାତ୍ର ଆଧୁନିକତାର ଛାପରେ ବର୍ତ୍ତମାନର ପିଢ଼ି ଏହି ପ୍ରକୃତି ଦତ୍ତ ଖାଦ୍ୟ ଖାଉ ନାହାଁନ୍ତି।ମାତ୍ର ଜୀବଜଗତର ସୁରକ୍ଷା ପାଇଁପ୍ରକୃତିର ସୁରକ୍ଷା ଅତ୍ୟାବଶ୍ୟକ ବୋଲି ପରିବେଶବିଦ୍‌ମାନେ ମତ ଦେଉଥିବା ବେଳେ ଧୀରେ ଧୀରେ ପଦ୍ମପୁର ଅଞ୍ଚଳରେ ତାଳଗଛ କମିବାରେ ଲାଗିଛି। ବିଶେଷ କରି ଗୋଚର, ଆବାଦୀ, ଅନାବାଦୀ ଜମିର ଜବରଦଖଲ ବେଆଇନ ଇଟାଭାଟି ଯୋଗୁଁ ତାଳଗଛ କମିବାରେ ଲାଗିଛି। ରାଜ୍ୟ ସରକାର ବ୍ୟାପକ ମାତ୍ରରେ ତାଳଗଛ ରୋପଣ କରି ରକ୍ଷଣାବେକ୍ଷଣ କରି ବହୁ ଚର୍ଚ୍ଚିତ 'ତାଳମିଶନ'କୁ ସଫଳ କରିବା ପାଇଁ ସାଧାରଣରେ ଦାବି ହେଉଛି।



# ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




**ପାଇକମାଲ, ୩୦।୫(ସମିସ):** ପାଇକମାଲ ବ୍ଲକ ମଲଦା ଠାରୁ ବନମାଲ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ଶୁକ୍ରବାର ଦିନ ଆନୁଷ୍ଠାନିକ ଭାବେ ସ୍ଥାପନ କରାଯାଇଛି। ପ୍ରାୟ ୬୨୯.୮୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା। ରାସ୍ତା ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ଯାତାୟାତ ସୁବିଧାରେ ବ୍ୟାପକ ସୁଧାର ଆସିବ। ବିଶେଷ କରି ଗ୍ରାମାଞ୍ଚଳର ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବଜାର ଯାତାୟାତ କ୍ଷେତ୍ରରେ ଅଧିକ ସୁବିଧା ପାଇପାରିବେ ବୋଲି ବିଧାୟିକା କହିଛନ୍ତି। ଗୌତମ ସିଂ, ହୃଦାନନ୍ଦ ବାରିକ, ଟାଇଲ ଚନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ଭିଷ୍ମ ସାହୁଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ବ୍ୟକ୍ତ କରିଛନ୍ତି। ପ୍ରକଳ୍ପ ମଲଦା ଓ ବନମାଲ ସମେତ ଆଖପାଖ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ଅଞ୍ଚଳବାସୀ ଆଶା ରଖିଛନ୍ତି।

# ବରଗଡ଼ରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଶୁଭାରମ୍ଭ

## ୫ଇଆର୍‌ଓ, ୨୭ଏଇଆର୍‌ଓ, ୧୪୦ସୁପରଭାଇଜରଓ ୧୩୯୭ବିଏଲ୍‌ଓ ନିୟୋଜିତ

**ବରଗଡ଼, ୩୦।୫(ସମିସ)**

ଓଡ଼ିଶାର ସମସ୍ତ ଯୋଗ୍ୟ ଭୋଟରଙ୍କ ନାମକୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ ଦେବା ସହ ଭୋଟର ତାଲିକାର ସଠିକତା ସୁନିଶ୍ଚିତ କରି ଏକ ସ୍ୱଚ୍ଛ, ସତ୍ୟାପିତ ତଥା ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲାଗି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବରଗଡ଼ ଜିଲ୍ଲାରେ ଅଭିଯାନ ଶୁଭାରମ୍ଭ ହୋଇଛି। ଜିଲ୍ଲାର ସମୁଦାୟ ୫ଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୩୯୭ଟି ବୁଥ୍‌ରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ୫ ଜଣ ଇଆର୍‌ଓ, ୨୭ ଜଣ ଏଇଆର୍‌ଓ, ଏବଂ ୧୪୦ଜଣ ବିଏଲ୍‌ଓ ସୁପରଭାଇଜରଙ୍କ ସମେତ ୧୩୯୭ ଜଣ ବିଏଲ୍‌ଓ ନିୟୋଜିତ ହୋଇଛନ୍ତି। ଆଜିଠାରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓମାନେ ସମସ୍ତ ଭୋଟରମାନଙ୍କ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରି ଦୁଇଟି ଲେଖାଏଁ ପରିଗଣନା ଫର୍ମ ପ୍ରଦାନ କରିବା ସହ ଫର୍ମଟିକୁ ସଠିକ୍ ଭାବରେ ପୂରଣ କରିବାରେ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବେ।ମତଦାତାଙ୍କ ଦ୍ୱାରା ଆବଶ୍ୟକୀୟ ସୂଚନା ପୂରଣ ହେବା ପରେ ସେଗୁଡିକୁ ସଂଗ୍ରହ କରି ଏହାର ପ୍ରମାଣ ସ୍ୱରୂପ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟରଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ। ଏହାପରେ ଆଗାମୀ ୨୮ ଜୁନ ୨୦୨୬ ସୁଦ୍ଧା ସମସ୍ତ ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କରାଯିବା ସହ ୫ ଜୁଲାଇରେ ଚିଠା ଭୋଟର ତାଲିକା ବା ଡ୍ରାଫ୍ଟ ଇଲେକ୍ଟ୍ରାଲ ରୋଲ ପ୍ରକାଶ ପାଇବ। ମତଦାତାଙ୍କ କୌଣସି ଦାବି/ଆପତ୍ତି ଥିଲେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ସୁଦ୍ଧା ଦାଖଲ କରିପାରିବେ। ପ୍ରାପ୍ତ ହୋଇଥିବା ସମସ୍ତ ଦାବି/ଆପତ୍ତିର ସତ୍ୟାସତ୍ୟର ଯାଞ୍ଚ ତଥା ପରିଗଣନା ଫର୍ମରେ ଭୋଟରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ପୂର୍ବ ଏସ୍‌ଆଇଆର୍-୨୦୦୨ ଭୋଟର ତାଲିକାର ବିବରଣୀ/ଡ଼ାଟାବେସ୍ ସହ ମେଳ ଖାଉନଥିଲେ କିମ୍ବା ଉପଲବ୍ଧ ନଥିଲେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ/ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ/ଏଇଆର୍‌ଓ) ସେହି ଭୋଟରଙ୍କୁ ନୋଟିସ ଜାରି କରିବେ।ନୋଟିସ ପାଇବା ପରେ, ଭୋଟରମାନେ ଉପଯୁକ୍ତ ଦସ୍ତାବିଜ ଇଆର୍‌ଓ/ଏଇଆର୍‌ଓମାନଙ୍କୁ ପ୍ରଦାନ କରି ସଂଶୋଧନ କରିପାରିବେ। ୦୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଯାଞ୍ଚ ସରିବା ପରେ ୬ ସେପ୍ଟେମ୍ବର ୨୦୨୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ କାର୍ଯ୍ୟକ୍ରମରେ ବିଏଲଓମାନଙ୍କୁ ସହଯୋଗ କରିବା ସହ ସଠିକ୍ ତଥ୍ୟ ପ୍ରଦାନ କରି ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ସହାଭାଗୀ ହେବା ପାଇଁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ରଖିଛନ୍ତି ପଦ୍ମଶ୍ରୀ ଡ଼ ହଳଧର ନାଗ।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ଟିଭି ଉଦ୍ଧାର, ଅଭିଯୁକ୍ତ ଗିରଫ

**ଭଟଲି, ୩୦।୫(ସମିସ):** ଭଟଲି ଥାନା ଅଞ୍ଚଳରେ ଏକ ହସ୍ପିଟାଲରୁ ଚୋରି ହୋଇଥିବା ଏଲଇଡି ଟିଭିକୁ ପୁଲିସ ଉଦ୍ଧାର କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଭଟଲି ଥାନାରେ ମାମଲା ନମ୍ବର ୧୪୫/୨୦୨୬ରେ ମାମଲା ରୁଜୁ ହୋଇଥିଲା। ଗତ କିଛି ଦିନ ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୱେଟିଂ ହଲ୍‌ରେ ଲାଗିଥିବା ଏକ ଏଲଇଡି ଟିଭି ଚୋରି ହୋଇଥିବା ନେଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ ଅଭିଯୋଗ ଦାଖଲ କରାଯାଇଥିଲା। ଘଟଣାର ତଦନ୍ତ ସମୟରେ ପୁଲିସ ହସ୍ପିଟାଲ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଫୁଟେଜ ଆଧାରରେ ଅଭିଯୁକ୍ତଙ୍କ ପରିଚୟ ମିଳିବା ପରେ ପୁଲିସ ଚୋରକୁ ଧରିବାରେ ସଫଳ ହୋଇଥିଲା।ଗିରଫ ହୋଇଥିବା ଅଭିଯୁକ୍ତ ସୋହେଲା ଥାନା ଶ୍ରୀଗିଡା ଗାଁର କମଳ ବାରିକ। ତା ନିକଟରୁ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ଏଲଇଡି ଟିଭି ଜବତ କରାଯାଇଛି। ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।



# ଜାତିଆଣ ଆକ୍ଷେପ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ମ.ରାମପୁର, ୩୦।୫(ସମିସ):** ଜଣେ ବୃଦ୍ଧାଙ୍କୁ ସରକାରୀ ବାବୁଙ୍କ ଜାତିଆଣ ଆକ୍ଷେପ ସହ ଧମକପୂର୍ଣ୍ଣ ମନ୍ତବ୍ୟ ନେଇ ଅଭିଯୋଗ। ପ୍ରାପ୍ତ ସୂଚନାନୁଯାୟୀ ମଦନପୁର ରାମପୁର ବ୍ଲକ ପଣ୍ଡକାମାଲ କଲୋନୀପଡ଼ାର ହାବିଲ ହରପାଲ କିଛି ଦିନ ତଳେ ଅନ୍ତ୍ୟୋଦୟ ଯୋଜନାରେ ଗୃହ ଆଦେଶ ପାଇଥିଲେ।କିନ୍ତୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ଥିବାରୁ ସେ ଘର ତିଆରି କରିବାରେ ଅସମର୍ଥ ହୋଇଥିଲେ। ଯାହାକୁ ନେଇ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ସାହୁ ଶୁକ୍ରବାର ଦିନ ତାଙ୍କ ଘରକୁ ଯାଇ ବାରମ୍ବାର ଗୃହ ନିର୍ମାଣ କରିବା ପାଇଁ ତାଗିଦ୍ କରିଥିଲା। ଏନେଇ ହାବିଲ୍ ହରପାଲଙ୍କ ସହ ଯୁକ୍ତି ହୋଇଥିଲା, କାର୍ଯ୍ୟନିର୍ବାହୀ ଅଧିକାରୀ ଜଣକ ଉତ୍ୟକ୍ତ ହୋଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜାତିକୁ ନେଇ ନାନାଦି ପ୍ରକାର ନିନ୍ଦା କରିଥିଲେ। ଯାହା ଉକ୍ତ ବୃଦ୍ଧା ଜଣଙ୍କୁ ବ୍ୟଥିତ କରିଛି। ଏହାର ସୁବିଚାର ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଅବଗତି ଲାଗି ଲିଖିତ ଅଭିଯୋଗ କରିଥିବା ଜଣା ଯାଇଛି।

# ଭଟାଙ୍ଗପଦରରେ କଂଗ୍ରେସର କର୍ମୀ ସମ୍ମିଳନୀ



**ଲାଞ୍ଜିଗଡ଼, ୩୦।୫(ସମିସ):** ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ଖେଳ ପଡ଼ିଆରେ କଂଗ୍ରେସ ପଞ୍ଚାୟତ ସଭାପତି ଦୁଲ ମାଝୀଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼ ବଳଭଦ୍ର ମାଝୀ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ବହୁମାତ୍ରାରେ ଭୋଟ ଦେଇ ଜିତେଇବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇ ବିଜେପି ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କଂଗ୍ରେସ କମିଟି ମହିଳା ସାଧାରଣ ସମ୍ପାଦିକା ଦ୍ରୋପଦି ମାଝୀ, କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମନୋଜ କୁମାର ରାଉତ, ଜିଲ୍ଲା କାର୍ଯ୍ୟକାରିଣୀ କମିଟିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ, ସକ୍ରିୟ ସଦସ୍ୟ ଟି ପ୍ରଭାକର ରାଓ, ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପ୍ରଧାନୀ, ସାଧାରଣ ସମ୍ପାଦକ ଗଣେଶ ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଟଙ୍କଧର ମାଝୀ, ଜଗନ୍ନାଥପୁର ସମିତି ସଭ୍ୟ ପ୍ରଦିପ ମାଝୀ, ଲାଞ୍ଜିଗଡ଼ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଳ, ଲାଞ୍ଜିଗଡ଼ ରାଜିବ ଗାନ୍ଧୀ ପଞ୍ଚାୟତ ରାଜ ସଗଠର ଆବାହକ ମୁଲୁ ମାଝୀ, ରବି ମାଝୀ ପ୍ରମୁଖ ମଞ୍ଚାସିନ ରହି ଆଗାମୀ ପଞ୍ଚାୟତ ନିର୍ବାଚନରେ କିଭଳି ଜିଲ୍ଲା ପରିଷଦ ଓ ନିଜ ଦଳ ସମର୍ଥିତ ସରପଞ୍ଚ ସମିତି ସଭ୍ୟ ସଭ୍ୟା ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ହାତେଇବେ ଉପସ୍ଥିତ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଯୁବ ନେତା ଗୋପାଳ ଦାସ ମହାନନ୍ଦ ସଭା ପରିଚାଳନା କରିଥିବା ବେଳେ ନିର୍ମଳ ବାଗ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶେଷରେ କଂଗ୍ରେସ ନେତା ଭାସ୍କର ଚନ୍ଦନ ଧନ୍ୟବାଦ ଦେଇଥିଲେ।

## କଳାହାଣ୍ଡି ଜିଲ୍ଲାରେ ଏସ୍ଆଇଆର୍ ଆରମ୍ଭ

# ୧୪୧୩ ଜଣ ବିଏଲ୍ଓ ନିୟୋଜିତ

**ଭବାନୀପାଟଣା, ୩୦।୫(ସମିସ)**

କଳାହାଣ୍ଡି ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଅଭିଯାନ ଶନିବାର ଠାରୁ ଆରମ୍ଭ ହୋଇଛି। ଓସ୍ୱାନ ହଲରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସାମ୍ବାଦିକ ସମ୍ମିଳନୀରେ ଅଭିଯାନର ବିଷୟ ବସ୍ତୁ ଓ ଲକ୍ଷ୍ୟ ଉପରେ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲ୍ଲାର ସମୁଦାୟ ୫ଟି ନିର୍ବାଚନ ମଣ୍ଡଳୀର ୧୪୧୩ଟି ବୁଥ୍‌ରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ୫ ଜଣ ଇଆର୍‌ଓ, ୩୨ଜଣ ଏଇଆର୍‌ଓ, ଏବଂ ୧୪୨ ଜଣ ବିଏଲଓ ସୁପରଭାଇଜରଙ୍କ ସମେତ ୧୪୧୩ ଜଣ ବିଏଲ୍ଓ ନିୟୋଜିତ ହୋଇଛନ୍ତି। ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲଓମାନେ ସମସ୍ତ ଭୋଟରଙ୍କ ଘରକୁ ଘର ବୁଲି ତଥ୍ୟ ଯାଞ୍ଚ କରି ଦୁଇଟି ଲେଖାଏଁ ପରିଗଣନା ଫର୍ମ ପ୍ରଦାନ କରିବା ସହ ଫର୍ମଟିକୁ ସଠିକ ଭାବରେ ପୂରଣ କରିବାରେ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବେ। ଏଥିସହ ମତଦାତାଙ୍କ ଦ୍ୱାରା ଆବଶ୍ୟକୀୟ ସୂଚନା ପୂରଣ ହେବା ପରେ ସେଗୁଡିକୁ ସଂଗ୍ରହ କରି ଏହାର ପ୍ରମାଣ ସ୍ୱରୂପ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟରଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ। ଏହାପରେ ଆଗାମୀ ୨୮ ଜୁନ୍ ୨୦୨୬ ସୁଦ୍ଧା



ସମସ୍ତ ମତଦାନ କେନ୍ଦ୍ରର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କରାଯିବା ସହିତ ୫ ଜୁଲାଇ ୨୦୨୬ରେ ଚିଠା ଭୋଟର ତାଲିକା ବା ଡ୍ରାଫ୍ଟ ଇଲେକ୍ଟ୍ରାଲ ରୋଲ ପ୍ରକାଶ ପାଇବ। ମତଦାତାଙ୍କ କୌଣସି ଦାବି/ଆପତ୍ତି ଥିଲେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ସୁଦ୍ଧା ଦାଖଲ କରିପାରିବେ। ପ୍ରାପ୍ତ ହୋଇଥିବା ସମସ୍ତ ଦାବି/ଆପତ୍ତିର ସତ୍ୟାସତ୍ୟର ଯାଞ୍ଚ ତଥା ପରିଗଣନା ଫର୍ମରେ ଭୋଟରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ପୂର୍ବ ଏସ୍ଆଇଆର୍-୨୦୦୨ ଭୋଟର ତାଲିକାର ବିବରଣୀ/ଡାଟାବେସ୍ ସହ ମେଳ ଖାଉନଥିଲେ କିମ୍ବା ଉପଲବ୍ଧ ନ ଥିଲେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ/ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ/ଏଆଇଆର୍‌ଓ) ସେହି ଭୋଟରମାନଙ୍କୁ ନୋଟିସ ଜାରି କରିବେ। ନୋଟିସ ପାଇବା ପରେ, ଭୋଟରମାନେ ଉପଯୁକ୍ତ ଦସ୍ତାବିଜ ଇଆର୍‌ଓ/ଏଇଆର୍‌ଓମାନଙ୍କୁ ପ୍ରଦାନ କରି ସଂଶୋଧନ କରିପାରିବେ। ୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏହି ଯାଞ୍ଚ ସରିବା ପରେ ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।ଭୋଟର ତାଲିକାରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ଏବଂ ଅଯୋଗ୍ୟଙ୍କ ନାମ ହଟାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଯେଉଁମାନେ ବାହାରେ ରହୁଛନ୍ତି କିମ୍ବା ଅଫ୍‌ଲାଇନରେ ଫର୍ମ ପୂରଣ କରିପାରିବେ ନାହିଁ, ସେମାନେ ଅନଲାଇନ ମାଧ୍ୟମରେ ନିଜର ଆବେଦନ ଦାଖଲ କରିପାରିବେ, ଯାହାକୁ ପରେ ବିଏଲଓ ଏବଂ ଇଆରଓ ଯାଞ୍ଚ କରିବେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ସଫଳ କରିବା ନିମନ୍ତେ ବିଏଲଓ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ କଳାହାଣ୍ଡି ବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ଓ ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଉପସ୍ଥିତ ଥିଲେ।

# ମୃତଦେହ ଉଦ୍ଧାର ଘଟଣାର ତଦନ୍ତ

**କୋକସରା, ୩୦।୫(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ସଦର ପଞ୍ଚାୟତ ମତ୍ସ୍ୟ ବିଭାଗ ପଛପଟ ପୋଖରୀ ହୁଡ଼ାରୁ ଶନିବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ କୋକସରା ଗ୍ରାମର ରଘୁମଣି ନିଏଲ(୬୧)। ଗୋପାଳକମାନେ ପ୍ରଥମେ ଶବ ଦେଖିବା ପରେ ପୋଲିସକୁ ସୂଚନା ଦେଇଥିଲେ। ମୃତ ରଘୁମଣିଙ୍କ ନିଜ ଗ୍ରାମମହାଜନଗୁଡା ହୋଇଥିବା ବେଳେ, ସେ ଦୀର୍ଘ ବର୍ଷ ହେବ କୋକସରାରେ ଘରଜ୍ୱାଇଁ ହୋଇ ରହୁଥିଲେ। ସ୍ତ୍ରୀଙ୍କ ଦେହାନ୍ତ ଓ କୌଣସି ପୁଅଝିଅ ନଥିବାରୁ ସେ ଏକାକୀ ଜୀବନ କାଟୁଥିଲେ। ମୃତ୍ୟୁର ସ୍ପଷ୍ଟ କାରଣ ଜଣାପଡ଼ି ନଥିବା ବେଳେ, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କୋକସରା ଥାନା ପୁଲିସ ସୂଚନା ଦେଇଛି।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଆରମ୍ଭ

# ଗୁଜବ ଓ ଭ୍ରମାତ୍ମକ ସୂଚନାଠାରୁ ଦୂରେଇ ରହିବାକୁ ପରାମର୍ଶ

**ନୂଆପଡ଼ା, ୩୦।୫ (ସମିସ):** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆଜିଠାରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସବିଶେଷ ସୂଚନା ଦେଇଛନ୍ତି। ଏସ୍ଆଇଆର ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ଅଧିକ ନିର୍ଭୁଲ, ତ୍ରୁଟିମୁକ୍ତ ଏବଂ ଅଦ୍ୟତନ କରିବା। ଏହା ମାଧ୍ୟମରେ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବା ସହ ମୃତ, ସ୍ଥାନାନ୍ତରିତ ଏବଂ ଦ୍ୱିତୀୟ ନାମଭୁକ୍ତିଗୁଡ଼ିକୁ ଚିହ୍ନଟ କରି ସଂଶୋଧନ କରାଯିବ। ଆଜିଠାରୁ ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଘରକୁ ଘର ଯାଇ ମତଦାତାଙ୍କ ସୂଚନା ଯାଞ୍ଚ କରିବା ସହ ଗଣନା ଫର୍ମ ସଂଗ୍ରହ କରିବେ। ପ୍ରାପ୍ତ ତଥ୍ୟ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯିବ। କାର୍ଯ୍ୟର ସଫଳ ରୂପାୟନ ପାଇଁ ସମସ୍ତ ବିଏଲଓ ଓ ବିଏଲଓ ସୁପରଭାଇଜରଙ୍କୁ ପୂର୍ବରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ଡେପୁଟି ଜିଲ୍ଲାପାଳ (ନିର୍ବାଚନ), ଉପଜିଲ୍ଲାପାଳ, ଏଇଆରଓ ଏବଂ ଅନ୍ୟାନ୍ୟ ନିର୍ବାଚନ ଅଧିକାରୀମାନେ ପ୍ରକ୍ରିୟାର ନିରନ୍ତର ତଦାରଖ କରିବେ। ୭୧-ନୂଆପଡ଼ା ବିଧାନସଭା କ୍ଷେତ୍ରରେ ମୋଟ ୨, ୪୯, ୯୭୨ ଜଣ ମତଦାତା ଥିବାବେଳେ ସେଥିମଧ୍ୟରୁ ୨, ୩୯, ୦୪୮ ଜଣଙ୍କ ମ୍ୟାପିଂ ସମ୍ପନ୍ନ ହୋଇଛି, ଯାହା ୯୫.୬୩ ପ୍ରତିଶତ। ସେହିପରି ୭୨-ଖଡ଼ିଆଳ ବିଧାନସଭା କ୍ଷେତ୍ରରେ ମୋଟ ୨, ୫୫, ୩୦୪ ଜଣ ମତଦାତାଙ୍କ ମଧ୍ୟରୁ ୨, ୪୩, ୮୪୮ ଜଣଙ୍କ ମ୍ୟାପିଂ ସମ୍ପନ୍ନ ହୋଇଥିବାବେଳେ ଏହାର ହାର ୯୫.୫୧ ପ୍ରତିଶତ ରହିଛି। ଏସ୍ଆଇଆର୍ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ ଯେ, ଜୁଲାଇ ୫ ତାରିଖରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ ଏବଂ ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ।ବିଏଲଓମାନେ ଘରକୁ ଯିବାବେଳେ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିବା ସହ ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏସ୍ଆଇଆର୍‌କୁ ନେଇ ସୋସିଆଲ ମିଡିଆରେ ପ୍ରଚାରିତ କୌଣସି ଭ୍ରମାସକ ସୂଚନା କିମ୍ବା ଗୁଜବକୁ ବିଶ୍ୱାସ ନ କରି ନାଗରିକମାନେ କେବଳ ନିର୍ବାଚନ ଆୟୋଗ ଓ ଜିଲ୍ଲା ପ୍ରଶାସନର ଅଧିକୃତ ସୂଚନା ଉପରେ ନିର୍ଭର କରନ୍ତୁ।ଭୋଟର ତାଲିକା ସମ୍ବନ୍ଧୀୟ ସହାୟତା ପାଇଁ ନାଗରିକମାନେ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୫୦ରେ ଯୋଗାଯୋଗ କରିପାରିବେ। ସେହିପରି ହେଲ୍ପ ଲାଇନ ମାଧ୍ୟମରେ ମଧ୍ୟ ବିଭିନ୍ନ ସେବା ଉପଲବ୍ଧ ରହିଛି। ସାମ୍ବାଦିକ ସମ୍ମିଳନୀରେ ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବଜ୍ରାଘାତରେ ୩ ଗୋରୁ ମୃତ

**ସିନାପାଲି, ୩୦।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ପବନ ସାଙ୍ଗକୁ ବଜ୍ରପାତ ଘଡ଼ଘଡ଼ି ହୋଇଥଲା। ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଳପଞ୍ଚାୟତର ମହଗାଁର ୩ ଜଣ ଚାଷୀଙ୍କ ଗୋରୁ ବଜ୍ରପାତରେ ମୃତ୍ୟୁ ଘଟିଛି।ଶନିବାର ଅପରାହ୍ନ ପ୍ରାୟ ୪ ଘଣ୍ଟା ସମୟରେ ଘଡ଼ଘଡ଼ି ସହିତ ବଜ୍ରପାତ ହୋଇଥିଲା। ଏକ ଗଛ ମୂଳରେ ଗାଇ ଗୋରୁ ଛିଡା ହୋଇଥିବା ବେଳେ ହଠାତ୍ ବଜ୍ରପାତ ହୋଇ ମୃତ୍ୟୁ ଘଟିଛି। ଗ୍ରାମର ଭୁବନେ ମାଝି, ସୁବେ ମାଝି ଓ ତୁଳାରାମ ହରିଜନଙ୍କ ଗାଇ ଗୋରୁ ବୋଲି ଜଣାପଡ଼ିଛି। ସରକାରୀ ସହାୟତା ଯୋଗାଇବାକୁ ଦାବି ହେଉଛି।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ମ.ରାମପୁର, ୩୦।୫(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଡ଼ିଓ ଶରତ କୁମାର ସେଠୀ, ସହକାରୀ ଯନ୍ତ୍ରୀ ବଲବିନ୍ଦର ସିଂହ ଯାଦବ, ଏବିଡ଼ି ଓ ଲକ୍ଷ୍ମଣ ପଧାନ ଯୋଗ ଦେଇଥିଲେ।ପ୍ରତ୍ୟେକ ପଞ୍ଚାୟତର ପିଇଓ, ଏଡ଼ିଇଓ, ସିଆରପି ଉପସ୍ଥିତ ରହି ପଞ୍ଚାୟତରେ ହେଉଥିବା ମନରେଗା ଯୋଜନାରେ ହୋଇଥବା ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ମନରେଗା ଯୋଜନାରେ ଯେ କୌଣସି ନିର୍ମାଣ କାମ ଆରମ୍ଭ ପୂର୍ବରୁ ଲୋକଙ୍କ ଅବଗତି ପାଇଁ ସୂଚନା ଫଳକ ଲଗାଇବାର ନିୟମ ଥିଲେ ହେଁ ତାହା କରାଯାଉନଥିବା, ଫଟୋ ଅପଲୋଡ୍ କରାଯାଉନଥିବା, ନିୟମ ମୁତାବକ କାମ ହେଉନଥିବା ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦେବାକୁ ପିଇଓ, ଏଡିଇଓଙ୍କୁ ତାଗିତ କରାଯାଇଥିଲା।ଏହି ଶିବିରରେ ବନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ କୃଷି ବିଭାଗର କର୍ମଚାରୀ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରୀମାନଙ୍କ ସଫଳତା

# ବିବିଏ ଓ ବିସିଏରେ ବିଶ୍ୱବିଦ୍ୟାଳୟ ଟପ୍ପର

**ଭବାନୀପାଟଣା, ୩୦।୫(ସମିସ):** ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ପୁଣିଥରେ ଉତ୍କୃଷ୍ଟ ଶିକ୍ଷାଗତ ସଫଳତା ହାସଲ କରିଛି। ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସଦ୍ୟ ପ୍ରକାଶିତ ସ୍ନାତକ ପରୀକ୍ଷା ଫଳାଫଳରେ ଅନୁଷ୍ଠାନର ଛାତ୍ରୀ କୁମାରୀ ଗୁନଗୁନ ପ୍ରିୟଦର୍ଶିନୀ ପ୍ରଧାନ ବିବିଏ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ କୁମାରୀ ସଲୋନି ବେହେରା ବିସିଏ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ଅନୁଷ୍ଠାନର ସମସ୍ତ ସ୍ନାତକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ (୧୦୦%) ଫଳାଫଳ ହାସଲ କରିଛନ୍ତି। ଉଲ୍ଲେଖନୀୟ ସଫଳତା ପାଇଁ ଏଲ୍‌ଭିଜିଆଇର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାମ କୁମାର, ମୁଖ୍ୟ ଏକାଡେମିକ ଅଫିସର ଡି. ବିଜୟା ଓ ଡି.ପଦ୍ମିନୀଙ୍କ ସହ ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ସୁଦୀପ୍ତ କୁମାର ଜାନା ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଟପ୍ପର ଛାତ୍ରୀମାନଙ୍କୁ ଓ ସମସ୍ତ ସଫଳ ସ୍ନାତକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସଫଳତା ପଛରେ ଛାତ୍ରଛାତ୍ରୀଙ୍କ ନିଷ୍ଠା, ଅଧ୍ୟବସାୟ ଏବଂ ଅଧ୍ୟାପକମାନଙ୍କ ନିରନ୍ତର ମାର୍ଗଦର୍ଶନ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମତ ପ୍ରକାଶ ପାଇଛି।

# ଡିଏମଡି ପୀଡ଼ିତ ବାଳକଙ୍କ ଚିକିତ୍ସା ପାଇଁ ସହାୟତା

**ନୂଆପଡ଼ା, ୩୦।୫ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଏକ ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି ରୋଗରେ ପୀଡ଼ିତ ଜଣେ୧୪ ବର୍ଷୀୟ ବାଳକର ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ଲକ୍ଷ ଟଙ୍କାର ସହାୟତା ଚେକ୍ ପ୍ରଦାନ କରିଛନ୍ତି। ଖଡ଼ିଆଳ ଥାନା ଗୋଡ଼ଧୁଆପଦର ଗ୍ରାମର ସଚିନ ଶବର ଦୀର୍ଘଦିନ ଧରି ଦୁରାରୋଗ୍ୟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଶନିବାର ଜିଲ୍ଲାପାଳ ୧୦ଲକ୍ଷ ଟଙ୍କାର ଚେକ୍ ତାଙ୍କ ପିତା ଗଣେଶ ଶବରଙ୍କୁ ହସ୍ତାନ୍ତର କରାଯାଇଛି। ଗଣେଶ ଶବରଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଥିବାରୁ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ବ୍ୟୟ ବହନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନଥିଲା। ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆବେଦନର ଯାଞ୍ଚ ଓ ସୁପାରିଶ ପରେ ଚିକିତ୍ସା ଲାଗି୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି।ଉପ ଜିଲ୍ଲାଜରୁରୀକାଳୀନ ଅଧିକାରୀ ଶେଖ ନସୀମ ଉପସ୍ଥିତ ଥିଲେ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅକାଳ ବିୟୋଗ

**ଗୋଲାମୁଣ୍ଡା, ୩୦।୫(ସମିସ):** ଗୋଲାମୁଣ୍ଡା ବ୍ଲକ ସିନାପାଲି ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ନାଏକଙ୍କ ଅକାଳ ବିୟୋଗ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି। ତାଙ୍କର ଆକସ୍ମିକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସହ ସିନାପାଲି



ଗ୍ରାମ ପଞ୍ଚାୟତରେ ଗଭୀର ଶୋକ ର ଛାୟା ଖେଳିଯାଇଛି। ଜଣେ ଦକ୍ଷ ଓ ଜନପ୍ରିୟ ଅଧିକାରୀ ଶ୍ରୀ ଗୌରହରି ନାଏକ ସିନାପାଲି ଗ୍ରାମ ପଞ୍ଚାୟତରେ ନିଜର ଦାୟିତ୍ୱ ଅତ୍ୟନ୍ତ ସୁଚାରୁ ରୂପେ ସମ୍ପାଦନ କରୁଥିଲେ।ତାଙ୍କର ଅକାଳ ବିୟୋଗ ସିନାପାଲି ପଞ୍ଚାୟତ ପାଇଁ ଏକ ଅପୂରଣୀୟ କ୍ଷତି ସଦୃଶ। ଜଣେ ଦକ୍ଷ, କର୍ମଠ ଏବଂ ପରୋପକାରୀ ଅଧିକାରୀଙ୍କୁ ହରାଇ ସ୍ଥାନୀୟ ଜନସାଧାରଣ, ସହକର୍ମୀ ସମେତ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ସିନାପାଲି ସରପଞ୍ଚ ନଉକେଶ୍ୱର ପୁଟେଲ ପ୍ରମୁଖ ଗଭୀର ମର୍ମାହତ ହୋଇଛନ୍ତି। ତାଙ୍କର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ବିଭିନ୍ନ ମହଲରୁ ସମବେଦନା ଜ୍ଞାପନ କରାଯାଇଛି।

# ମରିଗଲେ ଶତାଧିକ କୁକୁଡ଼ା ଛୁଆ

**କୋମନା, ୩୦।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗ୍ରାମରେ କାଳବୈଶାଖୀ ରଚିଛି ତାଣ୍ଡବ। ପ୍ରଳୟଙ୍କରୀ ଝଡ଼ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବ କୁକୁଡ଼ା ଚାଷୀଙ୍କ ଫାର୍ମରେ ଶତାଧିକ କୁକୁଡ଼ା ଛୁଆଙ୍କ ମୃତ୍ୟୁ ହୋଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମହୁଲଭଟା ଗ୍ରାମର ଶିକ୍ଷିତ ଯୁବକ ସୁଦାମ ସାହୁ ପାଠପଢ଼ା ଶେଷ କରିବା ପରେ ଚାକିରି ପଛରେ ନଗୋଡ଼ାଇ ନିଜ ଗୋଡ଼ରେ ଛିଡ଼ା ହେବାକୁ ସଂକଳ୍ପ କରିଥିଲେ। ଏଥିପାଇଁ ସେ ବିଭିନ୍ନ ସୂତ୍ରରୁ ଓ ବ୍ୟାଙ୍କରୁ ଋଣ କରି ପ୍ରାୟ ୨ ବର୍ଷ ପୂର୍ବେ ଏକ କୁକୁଡ଼ା ଫାର୍ମ କରି ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ମାତ୍ରାରେ ଲାଭବାନ ହେବା ପରେ, ସେ ବ୍ୟବସାୟକୁ ଆଗକୁ ବଢ଼ାଇବା ଆଶାରେ ଚଳିତ ବର୍ଷ ଅଧିକ ସଂଖ୍ୟାରେ କୁକୁଡ଼ା ଛୁଆ ଆଣି ପାଳନ କରିଥିଲେ। ଶୁକ୍ରବାର ଅପରାହ୍ନରେ ହଠାତ ଆସିଥିବା କାଳବୈଶାଖୀର ପ୍ରବଳ ପବନ ଓ ବର୍ଷା ଯୋଗୁଁ କୁକୁଡ଼ା ଫାର୍ମର ବ୍ୟାପକ କ୍ଷତି ହୋଇଛି। ପ୍ରତିକୂଳ ପାଗ ଏବଂ ଅତ୍ୟଧିକ ଚାପ ଯୋଗୁଁ ଫାର୍ମ ଭିତରେ ଥିବା ଶହ ଶହ କୁକୁଡ଼ା ଛୁଆଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଫଳରେ ସୁଦାମଙ୍କ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଉଜୁଡ଼ି ଯାଇଛି। ଋଣର ବୋଝ ମୁଣ୍ଡରେ ଥିବା ବେଳେ ଏଭଳି



ବଡ଼ ଧରଣର କ୍ଷତି ସୁଦାମଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ସ୍ଥାନୀୟ ପ୍ରଶାସନ, ପ୍ରାଣୀଧନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସରଜମିନ ତଦନ୍ତ କରି କ୍ଷତିଗ୍ରସ୍ତ ଯୁବ ଚାଷୀ ସୁଦାମ ସାହୁଙ୍କୁ ସରକାରୀ ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

## ଆୟୁଷ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ସମୀକ୍ଷା ବୈଠକ

# ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ନୂଆପଡ଼ା, ୩୦।୫(ସମିସ)**



ନୂଆପଡ଼ା ଜିଲ୍ଲାର ଆୟୁଷ ଅଧିନସ୍ଥ ସରକାରୀ ହୋମିଓପାଥିକ ଓ ଆୟୁର୍ବେଦିକ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକଳାପ ଏବଂ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପର ସମୀକ୍ଷା ଲାଗି ଜିଲ୍ଲାସ୍ତରୀୟ ବୈଠକ ଶନିବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଜିଲ୍ଲାଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଡ଼. ଦୀନବନ୍ଧୁ ମୁଗ୍ରୀ, ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ଼. ଆଭାମୟୀ ନାୟକ ଓ ଜିଲ୍ଲାର ବିଭିନ୍ନ ଆୟୁଷ ଚିକିତ୍ସକମାନେ ଉପସ୍ଥିତ ଥିଲେ।ବୈଠକରେ ନୂଆପଡ଼ା ଜିଲ୍ଲାରେ ନବ ସ୍ଥାପିତ ହେବାକୁ ଥିବା ହୋମିଓପାଥି ମେଡିକାଲ କଲେଜ ପାଇଁ ଉପଯୁକ୍ତ ସ୍ଥାନ ଚୟନ ଓ ଆବଶ୍ୟକ ସରକାରୀ ଜମି ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାରୁ ଆୟୁଷ ନିର୍ଦ୍ଦେଶାଳୟ ଏବଂ ସମସ୍ତ ହୋମିଓପାଥି ଚିକିତ୍ସକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଯାଇଥିଲା। ନୂଆପଡ଼ା ଜିଲ୍ଲା ରାଜ୍ୟରେ ନବ ଅନୁମୋଦିତ ପାଞ୍ଚଟି ଆୟୁଷ ମେଡିକାଲ କଲେଜ ମଧ୍ୟରୁ ପ୍ରଥମ ଜିଲ୍ଲା ଭାବେ ଉପଯୁକ୍ତ ସ୍ଥାନ ଚୟନ କରି ଅଗ୍ରଣୀ ଭୂମିକା ନେଇଥିବା ସୂଚିତ କରାଯାଇଥିଲା। ଜିଲ୍ଲାର ପାଞ୍ଚଟି ସରକାରୀ ହୋମିଓପାଥିକ ଚିକିତ୍ସାଳୟକୁ ପ୍ରଥମ ଥର ପାଇଁ ଓଆରଏସ ଯୋଗାଣ କରାଯାଇଥିବାରୁ ଜିଲ୍ଲାପାଳ ଓ ସିଡିଏମ ଏବଂ ପିଏଚ୍‌ଓଙ୍କୁ ଧନ୍ୟବାଦ ଜଣାଯାଇଥିଲା। ଖଇରା ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ନେଇ ମଧ୍ୟ ଅବଗତ କରାଯାଇଥିଲା। ବୈଠକରେ ଗନ୍ଧବାହାଲି, କୁଲିଆବନ୍ଧା ଓ ଖଇରା ସରକାରୀ ହୋମିଓପାଥିକ ଚିକିତ୍ସାଳୟର ଜମି ସ୍ୱାସ୍ଥ୍ୟ ବିଭାଗ ନାମରେ ରେକର୍ଡଭୁକ୍ତ କରିବା, ନୂତନ ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ପାଇଁ ସରକାରୀ ଜମି ଚିହ୍ନଟ, ଅସ୍ଥାୟୀ କାର୍ଯ୍ୟାଳୟର ମରାମତି ଓ ନବୀକରଣ, କୁଲିଆବନ୍ଧା ଓ ସିଆଲାଟି ଚିକିତ୍ସାଳୟରେ ଜଳଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଗନ୍ଧବାହାଲି ହୋମିଓପାଥିକ ଚିକିତ୍ସାଳୟର ନୂତନ ଭବନ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସିଆଲାଟି ଚିକିତ୍ସାଳୟର ପାଚେରୀ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସକୁ ଜିଲ୍ଲାର ସମସ୍ତ ଆୟୁଷ ହେଲର୍ଥ ଆଣ୍ଡ ୱେଲନେସ୍ ସେଣ୍ଟରରେ ବ୍ୟାପକ ଭାବେ ପାଳନ କରିବା ଏବଂ 'ଟିବି ମୁକ୍ତ ଭାରତ ଅଭିଯାନ' ଅଧୀନରେ ୧୦୦ ଦିନିଆ ସ୍ୱତନ୍ତ୍ର ସର୍ଭେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହା ସହିତ ଆୟୁଷ ଚିକିତ୍ସକମାନଙ୍କ ପାଇଁ ଆରଏନ୍‌ଟିସିପି ମାଧ୍ୟମରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଆୟୋଜନ ପ୍ରସ୍ତାବ ରଖାଯାଇଥିଲା। ଜିଲ୍ଲାର ଦୁର୍ଗମ ଅଞ୍ଚଳ ସୁନାବେଢ଼ା, ଘାଟମାଳ, ସମତପଦର ଓ ବିକ୍ରମପୁର ଆଦି ଅଞ୍ଚଳରେ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ଜିଲ୍ଲାପାଳଙ୍କ ଅନୁମୋଦନ ଅନୁରୋଧ କରାଯାଇଥିଲା। ଏଥିସହ ଗନ୍ଧବାହାଲି ଓ ଖଇରା ଚିକିତ୍ସାଳୟରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବ୍ୟକ୍ତିଙ୍କ ପାଇଁ 'ଦ୍ୱାରମୁହଁରେ ହୋମିଓପାଥି ସେବା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲାଭ।ସମୀକ୍ଷା ବୈଠକରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଉକ୍ତ ସମସ୍ତ କାର୍ଯ୍ୟକୁ ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ମଣ୍ଡିରେ ଧାନ ସଂଗ୍ରହ ଅବ୍ୟବସ୍ଥା ନେଇ ଚାଷୀଙ୍କ ବୈଠକ

# ତହସିଲଦାରଙ୍କ ପ୍ରତିଶ୍ରୁତିକୁ ଚାଷୀଙ୍କ ଅପେକ୍ଷା

**ମ.ରାମପୁର, ୩୦।୫(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅପ୍ରେଲ ୨୪ରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ଉକ୍ତ ବୈଠକରେ ଜିଲ୍ଲାର ଜନ ପ୍ରତିନିଧି, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମଇ ମାସ ୨୦ ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲ୍ଲାପାଳ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମିଟର, ତାରପୋଲିନ, ୱେବ୍ରିଜ, ଧାନର ଗୁଣମାନ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ବିଶ୍ଳେଷଣ କିଟ୍ ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଆଲୋକ ବ୍ୟବସ୍ଥା, ସିସିଟିଭି ଏବଂ ଧାନ ଦର ଉଲ୍ଲେଖିତ ବୋର୍ଡ ପ୍ରଦର୍ଶନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାପାଳଙ୍କ ନିର୍ଦ୍ଦେଶ ଏବଂ ଜନ ପ୍ରତିନିଧିଙ୍କ ତାଗିଦ୍ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅଁଳାପାଳି ଉପକେନ୍ଦ୍ର ମଣ୍ଡିରେ ଆଶାନୁରୂପ ଧାନ କିଣା ବିକା ବ୍ୟବସ୍ଥା ପରିବର୍ତ୍ତେ ଅବ୍ୟବସ୍ଥା ଦେଖି ଆଜି ଶତାଧିକ ଚାଷୀ ସ୍ଥାନୀୟ ଉପକେନ୍ଦ୍ର ମଣ୍ଡି ନିକଟ ଗିରି ଗୋବର୍ଦ୍ଧନ ମନ୍ଦିର ପ୍ରାଙ୍ଗଣ ଠାରେ ଏକତ୍ରିତ ହୋଇ କିଭଳି ସୁଚାରୁ ରୂପେ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରିବ ଆଲୋଚନା କରିଥିଲେ। ପରେ ସର୍ବ ସମ୍ମତି କ୍ରମେ ଚାଷୀଙ୍କ ପକ୍ଷରୁ ତହସିଲଦାର ମୀମାଂସା ସାହୁଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ପ୍ୟାକ୍ସ କର୍ମଚାରୀଙ୍କ ସହ ୧୧ଟି ସମ୍ବଳିତ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ଧାର୍ଯ୍ୟ ତାରିଖ ଠାରୁ ଆଜିକୁ ୧୦ ଦିନ ବିତି ଯାଇଥିଲେ ହେଁ ମଣ୍ଡି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହା ସତ୍ତ୍ୱେ ଧୈର୍ଯ୍ୟର ସହ ଚାଷୀ ଅପେକ୍ଷା କରିଚି।ମିଳିତ କୃଷକ ସଙ୍ଗଠନର ଆବାହକ ତୁମେଶ୍ୱର ସାହୁଙ୍କ ସମେତ ଅବିଭକ୍ତ ସାଇଦଲଙ୍ଗା ଓ ବମକ ପଞ୍ଚାୟତର ଶତାଧିକ ଚାଷୀ ଅଂଶ ଗ୍ରହଣ କରିଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାର ୪ଟି ଗ୍ରାମରେ ସୁନାମୀ ମକ୍‌ଡ୍ରିଲ

ବାଲେଶ୍ୱର,୩୦।୫(ସମିସ)

ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ସମଗ୍ର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସୁନାମୀ ମକଡ୍ରିଲ ଗତ ୨୫ ତାରିଖ ସମ୍ପନ୍ନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ବାଲେଶ୍ୱର ଜିଲ୍ଲାର ୪ଟି ଗ୍ରାମ ପଂଚାୟତରେ ଅନୁରୂପ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକର ରସାଲପୁର, ବର୍ଦ୍ଧନପୁର, ଦୁବୁଲାଗଡି ଓ କଷାଫଳ ପ୍ରଭୃତି ପଂଚାୟତରେ ଏହି ସୁନାମୀ ପ୍ରାକ ପ୍ରସ୍ତୁତି ଅଭ୍ୟାସ କରାଯାଇଛି। ଏହି କ୍ରମରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ରସାଲପୁର ପଂଚାୟତର କୁସୁମୁଳି ପାହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କ ଦ୍ୱାରା ଆୟୋଜିତ ମକ୍‌ଡ୍ରିଲରେ ଏନଡିଆରଏଫ,



ଓଡ୍ରାଫ, ଅଗ୍ନିଶମ ବାହିନୀ ପ୍ରଭୃତି ସଂସ୍ଥା ସାମିଲ ହୋଇଥିଲେ। ପୂର୍ବ ଚିହ୍ନିତ କୁସୁମୁଳି ପାହି ଅଂଚଳର ସମସ୍ତ ଲୋକମାନଙ୍କୁ ନିର୍ଦ୍ଧାରିତ କ୍ରମରେ ସୁନାମୀ ସୂଚନା ଦେବା ସହ ସ୍ଥାନାନ୍ତର କରାଯାଇଥିଲା। କୌଣସି ପରିସ୍ଥିତିରେ ସାମ୍ଭବ୍ୟ ସୁନାମୀ ସମୟରେ ହେବାକୁ ଥିବା ଉଦ୍ଧାର କାର୍ଯ୍ୟ, ସ୍ୱାସ୍ଥ୍ୟ ସେବା ପ୍ରଦାନ, ଲୋକଙ୍କୁ ସୁନାମୀ ଆଶ୍ରୟ କେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରଣ, ପଶୁଧନର ସୁରକ୍ଷା ପ୍ରଭୃତି ଉପରେ ପ୍ରସ୍ତୁତି ଡ୍ରିଲ୍ କରାଯାଇଥିଲା। ଏଥିରେ ପୂର୍ବରୁ ପ୍ରଶିକ୍ଷଣ ନେଇଥିବା ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ଯୁବକ ଯୁବତୀମାନେ ସହଯୋଗ କରିଥିଲେ। ପରେ ସେଠାରେ ଆୟୋଜିତ ସଚେତନତା ସଭାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତାନ କୁମାର ଠାକୁର, ଏନଡିଆରଏଫ ଇନସପେକ୍ଟର ଚିତରଞ୍ଜନ ମାଝୀ ଓ ସ୍ଥାନୀୟ ସରପଂଚ ହରିପଦ ଦାସ ପ୍ରମୁଖ ଯୋଗଦେଇ ସୁନାମୀ ପ୍ରାକ୍ ପ୍ରସ୍ତୁତି (ମକ୍‌ଡ୍ରିଲ)ର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗରେ ଜିଲ୍ଲା ପ୍ରଶାସନ ଦ୍ୱାରା କରାଯାଉଥିବା ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ବକ୍ତାମାନେ କହିଥିଲେ। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅବନୀକାନ୍ତ ଭୂୟାଁ ଏଥିରେ ଯୋଗଦେଇ ମକ୍‌ଡ୍ରିଲର ରୂପରେଖ ସମ୍ପର୍କରେ ସୂଚନା ଦେଇ ବ୍ୟାପକ ଜନସଚେତନା ଦ୍ୱାରା ହିଁ ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ଜନଧନ ରକ୍ଷା ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଅନୁରୂପ ମକ୍‌ଡ୍ରିଲ ବର୍ଦ୍ଧନପୁର ପଂଚାୟତର ନିଧିପଡା କମ୍ୟୁନିଟି ହଲ, ବାହାବଲପୁର ପଂଚାୟତର ବଗଦା ବୀଣାପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ କଷାଫଳ ବାତ୍ୟାଶ୍ରୟରେ ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ସମ୍ପର୍କର ସମ୍ପାଦକ ପ୍ରଦୀପ କୁମାର ଜେନା ଜିଲ୍ଲାରେ ଜାରି ରହିଥିବା ସୁନାମୀ ମକ୍‌ଡ୍ରିଲ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ଥାନୀୟ ପଂଚାୟତ ପ୍ରତିନିଧି, ଆପଦାମିତ୍ର, ନେହେରୁ ଯୁବ କେନ୍ଦ୍ର, ସମ୍ପର୍କ, ରିଲାଏନ୍‌ସ ଫାଉଣ୍ଡେସନ ଭଳି ଅନୁଷ୍ଠାନଗୁଡିକର ସ୍ୱେଚ୍ଛାସେବୀଙ୍କ ଉପସ୍ଥିତି ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ସନ୍ଧ୍ୟାରେ ରାସ୍ତା କାମ ସରିଲା, ସକାଳେ ଫାଟି ଆଁ

**ଖଇରା, ୩୦।୫ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ୪ନମ୍ବର ୱାର୍ଡ ପାତ୍ରସାହିରେ ନିର୍ମିତ କଂକ୍ରିଟ ରୋଡ ୧୨ ଘଣ୍ଟା ନପୁରୁଣୁ ଫାଟି ଆଁ କରିବା ବର୍ତ୍ତମାନ ଏହି ପଞ୍ଚାୟତରେ ଚାଲିଥିବା ଦୁର୍ନୀତିକୁ ପଦାରେ ପକାଇଛି। ଏଭଳି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ୪ ନମ୍ବର ୱାର୍ଡବାସୀ ଦାବି କରିଛନ୍ତି।



୨୦୨୩ ମସିହାରେ ଦାନା ବାତ୍ୟା ପରେ ନଷ୍ଟ ହୋଇଥିବା ରାସ୍ତା ପାଇଁ ୧ଲକ୍ଷ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ଚୟନରେ ଅନିୟମିତତା ହୋଇଥିବା ନେଇ କିଛି ଲୋକପ୍ରତିନିଧିଙ୍କ ଅଭିଯୋଗ ସହ ମାମଲା ହାଇକୋର୍ଟ କୁ ଯିବାପରେ ପ୍ରକଳ୍ପ ନିର୍ମାଣ ଉପରେ ରହିତାଦେଶ ହୋଇଥିଲା। ଏବେ କିଛିମାସ ତଳେ ରହିତାଦେଶ ଉଠିବା ପରେ ଏହି ୱାର୍ଡରେ ଶୁକ୍ରବାର କଂକ୍ରିଟ କାମ କରାଯାଇଥିଲା। ସଂଧ୍ୟାରେ ବ୍ଲକ କନିଷ୍ଠ ଯନ୍ତ୍ରୀ କାମ ଶେଷ କରି ଯିବା ପରେ ସକାଳେ ରାସ୍ତା ଫାଟି ଆଁ କରିବା ଘଟଣା ଗ୍ରାମବାସୀଙ୍କ ନଜରକୁ ଆସିଥିଲା। ଯାହାକୁ ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଦାୟିତ୍ୱରେ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର କୁଣ୍ଡୁଙ୍କୁ ଯୋଗାଯୋଗ କରିବାରେ କାମ ସରୁସରୁ ବର୍ଷା ଯୋଗୁଁ କିଛି ଅଂଶ ଧସି ଯାଇଛି। ତାକୁ ମରାମତି କରି ଠିକଠାକ କରାଯିବ ବୋଲି କହିଛନ୍ତି। ଶନିବାର ଗ୍ରାମବାସୀ ମାନଙ୍କ ବିରୋଧ ପରେ ସେମାନଙ୍କୁ ଧମକ ଚମକ ମିଳୁଥିବା ନେଇ ଗ୍ରାମବାସୀ କହିଛନ୍ତି।

## ତେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ନିୟନ୍ତ୍ରଣରେ ସରକାର ବ୍ୟର୍ଥ: ସିପିଏମ୍

**ଜଳେଶ୍ୱର, ୩୦।୫(ସମିସ) :** ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ତଥା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧିରେ ଲୋକଙ୍କ ଭିତରେ ଯେତେବେଳେ ଅସନ୍ତୋଷ ବଢୁଛି ସେତେବେଳେ ସରକାର ଲୋକଙ୍କର ଦୃଷ୍ଟିକୁ ଅନ୍ୟ ଆଡ଼କୁ ନେବା ପାଇଁ ବିରୋଧୀଙ୍କ ଉପରେ ଅକାରଣରେ ଇ ଡି ଦ୍ୱାରା ଚଢ଼ଉ କରୁଛନ୍ତି। ଏହି ଅନିୟନ୍ତ୍ରିତ ଦର ବୃଦ୍ଧି ଓ କେରଳର ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ଭଡ଼ା ଘରେ ଇଡି ଚଢ଼ାଉକୁ ବିରୋଧ କରି ସି ପି ଏମ୍ ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଜଳେଶ୍ୱର ହାଟ ଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର




ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆପଣେଇ ଚାଲିଥିବା ନୀତିକୁ କଠୋର ସମାଲୋଚନା କରି କୁହାଯାଇଛି ପେଟ୍ରୋଲ ଡିଜେଲ ଠାରୁ ଆରମ୍ଭ କରି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମକୁ ରୋକିବାରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି ସରକାର। ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କଥା କହି ତେଲ କମ୍ପାନୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରଶାସନ କୃତ୍ରିମ ଅଭାବ ସୃଷ୍ଟି କରି ତେଲ ଦରକୁ ବୃଦ୍ଧି କରିଚାଲିଛନ୍ତି। ଆମେରିକାର ଗୋଡ଼ାଣିଆ ନୀତି ଏବଂ ଟ୍ରମ୍ପ ପ୍ରଶାସନ ପାଖରେ ବଶତା ସ୍ୱୀକାର କରିବାର ଫଳ ଆଜି ଶହେ ଚାଳିଶି କୋଟି ଦେଶବାସୀ ଭୋଗୁଛନ୍ତି।ଏହି ବାସ୍ତବ ସତ୍ୟଟି ଯେତେବେଳେ ଲୋକ ଲୋଚନକୁ ଆସୁଛି ଏବଂ ବିଶେଷକରି ଏହି କଥାଟି ଯେଉଁମାନେ ଲୋକଙ୍କୁ ଅବଗତ କରାଉଛନ୍ତି ସେତେବେଳେ ଏକ ଭୟର ପରିବେଶ ସୃଷ୍ଟି କରିବା ପାଇଁ ସିବିଆଇ,ଇ ଡି ଆଦି ସଂସ୍ଥା ଗୁଡ଼ିକୁ ହାତବାରିସି କରି ସେମାନଙ୍କ ଉପରେ ଚଢ଼ାଉ କରୁଛନ୍ତି। କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ଯିଏ ତାଙ୍କ ଶାସନ କାଳରେ କେରଳକୁ ପ୍ରଥମ ରାଜ୍ୟ ଭାବରେ ଦାରିଦ୍ର୍ୟ ମୁକ୍ତ କରିଛନ୍ତି, ସ୍ନାତକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ଶିକ୍ଷାର ବ୍ୟବସ୍ଥା କରିଛନ୍ତି, ଯିଏ ଶାସନ କ୍ଷମତାରୁ ଗଲା ମାତ୍ରେ ସରକାରୀ ବାସଭବନ ଛାଡ଼ି ଭଡ଼ା ଘରେ ରହୁଛନ୍ତି ସେହି ଭଳି ଜଣେ ସଚ୍ଚୋଟ ରାଜନେତାଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି କେନ୍ଦ୍ର ସରକାର। ଏଭଳି ଅସହିଷ୍ଣୁ ରାଜନୀତିକୁ ଆଜିର ସଭାରେ ତୀବ୍ର ନିନ୍ଦା କରାଯାଇଛି। ଏହି ପ୍ରତିଶୋଧ ପରାୟଣ ରାଜନୀତରୁ କ୍ଷାନ୍ତ ରହି ପେଟ୍ରୋଲ ଡିଜେଲ ଠାରୁ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମକୁ ନିୟନ୍ତ୍ରଣ କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଆହ୍ୱାନ କରିଛନ୍ତି ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ପାର୍ଟିର ଜିଲ୍ଲା ନେତା ଦିପ୍ତିମାନ ଆଚାର୍ଯ୍ୟ, କୃଷକ ନେତା ରବିନ୍ଦ୍ର ବାରିକ, ଶ୍ରମିକ ନେତା ପଲ୍ଟୁ ଦାସ, ଲକ୍ଷ୍ମୀଧର ପଲାଇ, ସବିତା ଭୂୟାଁ, ଅରୁଣ ଜେନା, ଧନଞ୍ଜୟ ପଲାଇ ଉପସ୍ଥିତ ଥିଲେ।

## ବାଲେଶ୍ୱର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଶାଳ ରକ୍ତଦାନ ଶିବିର

**ବାଲେଶ୍ୱର, ୩୦।୫ (ସମିସ):** ସ୍ଥାନୀୟ ଦୁର୍ଗା ଗାର୍ଡେନ କଲ୍ୟାଣ ମଣ୍ଡପ ପରିସରରେ ଆଜି ବାଲେଶ୍ୱର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆନୁକୂଲ୍ୟରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ମୋଟ ୨୨୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସକାଳେ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ରକ୍ତଦାନ ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ଓ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ସମ୍ପାଦକ ବିଭୁ ଦତ୍ତ ପରିଡାଙ୍କ ଆବାହକତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ଯୁବ ବିଜୁ ଜନତା ଦଳ ଉପସଭାପତି ମନୋଜ ସେନାପତି, ଉପସଭାପତି ଅରୂପ ଶ୍ରୀ ଚନ୍ଦନ ଓ ତାପସ ପାଣିଗ୍ରାହୀ, ସଦର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ନେତ୍ରୀ ମୀରା ପରିଡା, ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ପରିଷଦ



ସଭ୍ୟ ଗିରିଶ ଦତ୍ତ ଓ ଜୟରାମ ଦାସ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ସ୍ୱାଇଁ ଅଭିଜିତ ଦାସ ଓ ଶାନ୍ତନୁ ଦାସ,ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,

**୨୨୨ ୟୁନିଟ ରକ୍ତ ସଂଗୃହୀତ**

ଓଡିଶା ଖବର ସମ୍ପାଦକ ଅମୀୟ ମହାନ୍ତି, ରାଜ୍ୟ ବିଜୁ ଜନତା ଦଳର ପୂର୍ବତନ ଯୁଗ୍ମ ସମ୍ପାଦକ ସତ୍ୟ ରଞ୍ଜନ ଦାସ, ଯୁବ ନେତା ଜିତ ପ୍ରକାଶ ଦାଶ, ଯୁବ ନେତା ରାଜାଶ୍ରୀ ମହାନ୍ତି, ତାପସ ପରିଡା, ବାଲେଶ୍ୱର ଜିଲ୍ଲା ଓକିଲ ସଙ୍ଘ ସଭାପତି ମନୋଜ ନାୟକ, ଜିଲ୍ଲା ରକ୍ତ ଦାତା ସଙ୍ଘ ସଭାପତି କମଳ ଚକ୍ରବର୍ତ୍ତୀ, ବରିଷ୍ଠ ଆଇନଜୀବି ପ୍ରଣବ କୁମାର ପଣ୍ଡା, ପରିବେଶବିତ ରଘୁନାଥ ଲେଙ୍କା, କାଉନସିଲର ସନ୍ଧ୍ୟାରାଣୀ ଜେନା, ରାଜଲକ୍ଷ୍ମୀ ଚାଟାର୍ଜି, ପୂର୍ବତନ କାଉନସିଲର ଇନ୍ତେଖାବ ଅଲ୍ଲୀ ଖାନ, ଆସମା ବିବି, ଓ ତବସୁମ ବିବି,ସେକ ରାଜୁ, ବିଜେଡି ନେତା ସଂଗ୍ରାମ ମଲ୍ଲିକ, ଅକୁର ତରେଇ, ସୁଜିତ ପଣ୍ଡା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସୌଭାଗ୍ୟ ଖୁଣ୍ଟିଆ, ଅଦ୍ୟା ଆଶୁତୋଷ,ବିକାଶ କୁମାର ବେହେରା, ଅଭିଷେକ ମହାନ୍ତି, ହୃଷିକେଶ ବେହେରା, ସଂଜୀବ କୁମାର ହାତୀ, ଲକ୍ସନ ପ୍ରଧାନ,ତପନ ଦାସ,ଦୀପକ ଜେନାଙ୍କ ସମେତ ବହୁ ଯୁବ ଓ ଛାତ୍ର ଜନତା ଦଳ ର ସଭ୍ୟମାନେ ପରିଚାଳନା କରିଥିଲେ।

## ବିଶ୍ୱ ରକ୍ତଦାତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ନୀଳଗିରି, ୩୦।୫ (ସମିସ):** ନୀଳଗିରି ରକ୍ତ କେନ୍ଦ୍ର ଓ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ଜୁନ୍ ୧୪ ତାରିଖ ଦିନ ବିଶ୍ୱ ରକ୍ତଦାତା ଦିବସ ସାରା ବିଶ୍ୱରେ ପାଳନ କରାଯିବ। ଏହି ଅବସରରେ ନୀଳଗିରି ରକ୍ତ କେନ୍ଦ୍ରରେ କିଭଳି ଭାବେ ପାଳନ କରାଯିବ ସେଥିପାଇଁ ଆଜି ନୀଳଗିରି ରକ୍ତ କେନ୍ଦ୍ର ତରଫରୁ ପ୍ରସ୍ତୁତି ବୈଠକ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ସଭା ଘଟିକା ପର୍ଯ୍ୟନ୍ତ ବିଶ୍ୱ ରକ୍ତଦାତା ଦିବସ ଉପରେ ଆଲୋଚନା କାର୍ଯ୍ୟକ୍ରମ ସହିତ ରକ୍ତଦାତା ମାନଙ୍କର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଯେଭଳି ଭାବେ ଅଧିକରୁ ଅଧିକ ରକ୍ତଦାତା ଉପସ୍ଥିତ ରହିବେ ସେଥିପାଇଁ ପ୍ରସ୍ତୁତି କରା ଯାଇଛି। ଉକ୍ତ ବୈଠକରେ ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ବରିଷ୍ଠ ଉପଦେଷ୍ଟା ରବି ରାଉତ, ତପସ୍ୱିନୀ ପଣ୍ଡା, ଭଗବାନ ମହାନ୍ତି, ବାମନ ଚରଣ ମହାନ୍ତି, ପ୍ରଫୁଲ୍ଲ ଦଲେଇ, କାଳିଆ ପାତ୍ର, ରକ୍ତ କେନ୍ଦ୍ର



କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ସତ୍ୟନାରାୟଣ ନାୟକ ସଭାପତିତ୍ୱ କରିଥିଲେ। ଉକ୍ତଦିନ ପ୍ରଥମେ ସକାଳ ଆଠ ଘଟିକାରୁ ରକ୍ତଦାନ ଶିବିର ଅନୁଷ୍ଠିତ ହେବ, ଦିବା ଦଶ ଘଟିକା ଠାରୁ ଏଗାର ଅଧିକାରୀ ଡକ୍ଟର ମନୋଜ ବାରିକ, ଡକ୍ଟର ଶୁଭ୍ରାଂଶୁ ଶେଖର ପରିଡା, ରକ୍ତ କେନ୍ଦ୍ର ର ଟେକ୍ନିସିଆନ୍ ରାଜେଶ ବେହେରା, ଗତିକୃଷ୍ଣ ମହାନ୍ତି, କେଶବ ବେହେରା, ସଂଗ୍ରାମ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ଅକାଳ ବିୟୋଗ

**ସୋର, ୩୦।୫ (ସମିସ):** ସୋର ବ୍ଲକ ମଙ୍ଗଳପୁର ଅଞ୍ଚଳର ସମାଜସେବୀ ସଂଜିବ କୁମାର ଦାସଙ୍କର ଗତକାଲି ବିଳମ୍ବିତ ରାତିରେ ୫୭ ବର୍ଷ ବୟସରେ ହୃଦ୍‌ଘାତ ଜନିତ ମୃତ୍ୟୁ ହୋଇଯାଇଛି। ଗତକାଲି ରାତିରେ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱର ନିଆଯାଇଥିବା ବେଳେ ଭଦ୍ରକ ଠାରେ ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହବା ପରେ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଜି ତାଙ୍କର ମର ଶରୀରକୁ ମଙ୍ଗଳପୁର ସ୍ଥିତ ବାସଭବନକୁ ଅଣାଯିବା ପରେ ସୋର ବିଧାୟକ ମାଧବ ଧଡ଼ା, ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ା, ସମାଜସେବୀ ଶଶି କୁମାର ସାହୁ, ମଙ୍ଗଳପୁର କଲେଜ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ମଙ୍ଗଳପୁର କଲେଜ, ଗୋପୀନାଥପୁର ସେବା ସମବାୟ ସମିତି, ପଞ୍ଚାୟତ କାର୍ଯ୍ୟାଳୟ ସମେତ ମଙ୍ଗଳପୁର ବଜାର ପରିକ୍ରମା କରିବା ପରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଦିବ୍ୟାଂଶୁ ମୁଖାଗ୍ନି ଦେଇଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଦରବୀ ମଣିଷ ଭାବେ ଅଞ୍ଚଳରେ ଖୁବ ପରିଚିତ ଥିଲେ। ସେ ଗୋପୀନାଥପୁର ସେବା ସମବାୟ ସମିତିର ବୋର୍ଡ ଅଫ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମରଶରୀର ନିକଟରେ ଦୁଇ ଭାଇ ରାଜୀବ, ମିଳନଙ୍କ ସମେତ ଭଉଣୀ, ଭିଣୋଇ, ଭଣଜା, ଭାଣିଜୀ ପୁଅ, ପୁତୁରା ଉପସ୍ଥିତ ଥିଲେ।

## ବାଲେଶ୍ୱର ସଦର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ମେଳି



**ବାଲେଶ୍ୱର,୩୦।୫ (ସମିସ):** ସଦର ବ୍ଲକ ରାଜନୀତିରେ ବଡ଼ ବିପର୍ଯ୍ୟୟ। ବ୍ଲକ୍ ଅଧ୍ୟକ୍ଷା ସୁନୀତା ବେହେରାଙ୍କ ବିରୋଧରେ ଏକାଠି ହେଲେ ସରପଞ୍ଚ ଓ ସମିତିସଭ୍ୟ। ଅଧ୍ୟକ୍ଷାଙ୍କ ମନମାନି ଏବଂ ଅଣଦେଖା ଅଭିଯୋଗ ଆଣି ସେମାନେ ଏବେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। କିଛିଦିନ ପୂର୍ବରୁ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ସହ ବିଜେପିରେ ଯୋଗ ଦେଇଥିଲେ ଅଧ୍ୟକ୍ଷା ସୁନୀତା ବେହେରା। ହେଲେ ଦଳ ବଦଳ ପରେ ସେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ଏବଂ ଏସଏଫସି ଓ ସିଏଫସି ଅନୁଦାନ ବଣ୍ଟନରେ ପାତରଅନ୍ତର କରୁଥିବା ନେଇ ଅଭିଯୋଗ ହୋଇଛି। ବ୍ଲକରେ ୧୦ମ ସମିତି ବୈଠକ ଅନୁଷ୍ଠିତ ହେଉଥିବା ବେଳେ କୌଣସି ନିର୍ବାଚିତ ସଭ୍ୟଙ୍କୁ ଏନେଇ ଅବଗତ କରାଯାଇ ନଥିବା ଜଣାପଡ଼ିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଅଧ୍ୟକ୍ଷାଙ୍କ ଅନ୍ୟାୟ ବିରୁଦ୍ଧରେ ଅନାସ୍ଥା ଅନାସ୍ଥା ଆଣିବେ ବୋଲି ସରପଞ୍ଚ, ସମିତିସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ୨୮ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ସୋନାଲି ବିଶ୍ୱାଳ ଜିଲ୍ଲା ପରିଷଦ ସଦସ୍ୟ ବନ ଲତା ସେଠି ସମେତ ବିଭିନ୍ନ ପଂଚାୟତ ର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ।

## କିଶୋର ନ୍ୟାୟ ବୋର୍ଡରେ ଅଚଳାବସ୍ଥା

**ବାଲେଶ୍ୱର, ୩୦।୫ (ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଜିଲ୍ଲାପାଳଙ୍କୁ ସଠିକ ତଥ୍ୟ ପ୍ରଦାନ ନ କରିବା ଯୋଗୁଁ କିଶୋର ନ୍ୟାୟ ବୋର୍ଡ ଚଳିତ ମାସ ୨୧ ତାରିଖ ଠାରୁ ଅଚଳ ହୋଇପଡିଛି ବୋଲି ସରକାରୀ ଓକିଲ ମାନେ ଅଭିଯୋଗ କରିଛନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ବାଳ ଅପରାଧୀଙ୍କ ପରିବାର ସଦସ୍ୟମାନେ ନାହିଁ ନଥିବା ହଇରାଣ ହୋଇ ଫେରୁଛନ୍ତି। ଜିଲ୍ଲାପାଳ ଏହି ଦିଗରେ ତୁରନ୍ତ ପ୍ରତିକାର ପାଇଁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ଦୃଷ୍ଟି ଆକର୍ଷଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ସାଂସଦ ଓ ଜିଲ୍ଲାର ବିଧାୟକମାନଙ୍କ ଅପରିପକ୍ୱତା, ଅପରିଣାମଦର୍ଶିତା ଓ ଅଜ୍ଞତା ପାଇଁ ଏପରି ହୋଇଛି ବୋଲି ଶିଶୁ ଅଧିକାର କର୍ମୀ ଅଞ୍ଜନା ଦାସ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ତରଫରୁ ଚଳିତ ମାସ ୧୪ ତାରିଖ ପତ୍ର ସଂଖ୍ୟା ୧୦୮୮୫ କୁ ଆଧାର କରି ବାଲେଶ୍ୱର ଜେଜେ ଆକ୍ଟକୁ ଭୃକ୍ଷେପ ନ କରି ପତ୍ର ସଂଖ୍ୟା ୩୭୭ ୨୭ ତାରିଖ ମୂଳେ ଦୁଇ ଜେଜେ ବୋର୍ଡ ସଦସ୍ୟ / ସଦସ୍ୟାଙ୍କ ସମେତ ଅନ୍ୟ ମାନଙ୍କ ଶିଶୁ ମଙ୍ଗଳ କମିଟିରେ ଜଏନିଙ୍ଗକୁ ଗ୍ରହଣ କରିନେଇଛନ୍ତି। କିଶୋର ନ୍ୟାୟ ବୋର୍ଡ ନିୟମ ଉପଧାରା ନଅ ଅନୁସାରେ ଏକ ମାସ ପୂର୍ବରୁ ଜିଲ୍ଲାପାଳଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା ସଦସ୍ୟ/ ସଦସ୍ୟା ରାଜ୍ୟ ସରକାରଙ୍କୁ ଅବଗତ କରିବା କଥା କିନ୍ତୁ ଚଳିତ ମାସ ୧୯ ତାରିଖରେ ଚାକିରୀରୁ ହଠାତ୍ ଇସ୍ତଫା ଦେଇ ୨୧ ତାରିଖରେ ଜିଲ୍ଲାପାଳଙ୍କ ପାଖରେ ଜଏନିଙ୍ଗ କରିବାକୁ ଆଇନଜୀବୀମାନେ ଜିଲ୍ଲା ପ୍ରଶାସନର ଅଜ୍ଞତା ନା ଚତୁରତା ବୋଲି ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ପ୍ରଶାସନକୁ ଜେଜେ ଆକ୍ଟ ବାବଦରେ ପ୍ରକୃତ ତଥ୍ୟ ଅବଗତ ନକରି ଅନ୍ଧାରରେ ରଖି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଦୁଇ/ ତିନି ଜଣ କର୍ମଚାରୀ ଭୁଆଁ ବୁଲାଇ ଏହିପରି ଅର୍ଡର କରାଇ ନେଇଛନ୍ତି ବୋଲି ଆଇନର ଆଶ୍ରୟ ନେଇଥିବା ସୁଜାତାରାଣୀ ପଣ୍ଡା, ହରିଶଚନ୍ଦ୍ର ରାଜ, ପ୍ରଣବ କୁମାର ପଣ୍ଡା ଏବଂ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିବା ଅନ୍ୟତମ ଆବେଦନକାରୁ ରମେଶ ଚନ୍ଦ୍ର ସେଠୀ ଅଭିଯୋଗ କରିଛନ୍ତି।

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ବସ୍ ଧକ୍କାରେ ଗୁରୁତର ପୁରୁଷୋତ୍ତମ

ଚନ୍ଦନେଶ୍ୱର, ୩୦।୫ (ସମିସ)

ଭୋଗରାଇ ବ୍ଲକ ଅନ୍ତର୍ଗତ ପସରବିନ୍ଧା ପଞ୍ଚାୟତର ଜଣେ ଅତ୍ୟନ୍ତ ଦରିଦ୍ର ଓ ଭୂମିହୀନ ଦିନମଜୁରିଆ ବସ୍ ଧକ୍କାରେ ଗୁରୁତର ଆହତ ହୋଇ ଏବେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଘଟଣା ସମଗ୍ର ଅଞ୍ଚଳରେ ଚିନ୍ତା ଓ ଦୁଃଖର ପରିବେଶ ସୃଷ୍ଟି କରିଛି। ଗୁରୁତର ଆହତ ବ୍ୟକ୍ତି ହେଲେ ପସରବିନ୍ଧା ପଞ୍ଚାୟତର ସ୍ଥାନୀୟ ଅଧିବାସୀ ପୁରୁଷୋତ୍ତମ ବେହେରା (୫୦)।

ଗତ ବୁଧବାର ସକାଳ ପ୍ରାୟ ୫ଟା ସମୟରେ ପୁରୁଷୋତ୍ତମ ନିଜ ଗ୍ରାମ ନିକଟସ୍ଥ ଆଉସା ବନ୍ଧ ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିଲେ। ସେହି ସମୟରେ କୀର୍ତ୍ତନିଆରୁ ଆଉସା ଛକ ଦେଇ ବାଲିଆପାଳ ମାର୍ଗରେ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ତାଙ୍କୁ ଜୋରଦାର ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ପୁରୁଷୋତ୍ତମ ଘଟଣାସ୍ଥଳରେ ରକ୍ତାକ୍ତ ଅବସ୍ଥାରେ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ଘଟାଇବା ପରେ ବସ୍‌ଟି ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ଗ୍ରାମବାସୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁତର



ଆହତ ପୁରୁଷୋତ୍ତମଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ମୁଣ୍ଡରେ ଗୁରୁତର ଆଘାତ ଏବଂ ସ୍ନାୟୁ ଜନିତ ସମସ୍ୟା ଦେଖାଦେବାରୁ ତାଙ୍କୁ କଟକସ୍ଥ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଉନ୍ନତ ଚିକିତ୍ସାର ଆବଶ୍ୟକତା ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପରିବାର ଲୋକେ ତାଙ୍କୁ ଏକ ବେସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର

**ଚିକିତ୍ସା ପାଇଁ ସରକାରୀ ସହାୟତା ଦାବି**

କରିଥିବା ଜଣାପଡ଼ିଛି। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ପୁରୁଷୋତ୍ତମ ଜଣେ ଅବିବାହିତ ବ୍ୟକ୍ତି ହୋଇଥିବା ବେଳେ ନିଜ ସାନଭାଇ ଗଣେଶ ବେହେରା, ଭାତୃବଧୂ ସସ୍ମିତା ବେହେରା ଓ ପୁତୁରା-ଝିଆରୀଙ୍କ ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ ନିର୍ଭର କରୁଥିଲା। ଦିନମଜୁରି କରି ଯାହା ରୋଜଗାର କରୁଥିଲେ, ସେହି ଅର୍ଥରେ ସମଗ୍ର ପରିବାରର ଜୀବିକା ନିର୍ବାହ ହେଉଥିଲା। କିନ୍ତୁ ଏହି ଦୁର୍ଘଟଣା ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଗୋଟିଏ ପଟେ ପରିବାର ମୁଖ୍ୟ ଜୀବନ ସହ ସଂଗ୍ରାମ କରୁଥିବା ବେଳେ ଅନ୍ୟପଟେ ଚିକିତ୍ସା ଖର୍ଚ୍ଚ ବହନ କରିବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଛି। ଚିକିତ୍ସା ପାଇଁ ପ୍ରତିଦିନ ବହୁ ଅର୍ଥର ଆବଶ୍ୟକତା ପଡୁଥିବା ବେଳେ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ରହିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବିରେ ସ୍ଥାନୀୟ ସରପଞ୍ଚ ସୁମନ୍ତ ବେହେରା, ୱାର୍ଡ ସଦସ୍ୟ ଜ୍ୟୋତିଷ ବେହେରା, ଭାନୁଚରଣ ପରିଡ଼ା, ଅନିଲ କୁମାର ବାରିକ, ଲକ୍ଷ୍ମଣ ବେହେରା, ରାମଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ, ଦୁର୍ଘଟଣା ଘଟାଇଥିବା ବସଟି ଘଟଣାସ୍ଥଳରୁ ପ୍ରାୟ ୫୦୦ ମିଟର ଦୂରରେ ଜୟରାମପୁର ପଞ୍ଚବଟୀ ଛକ ନିକଟରେ ଅଟକି ଯାଇଥିବା ଜଣାପଡ଼ିଛି। ପରେ ଜେସିବି ସହାୟତାରେ ଗାଡ଼ିଟିକୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଦୁର୍ଘଟଣାର ସଠିକ୍ ତଦନ୍ତ ସହ ଆହତଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

### ନିମ୍ନ ମାନର କହି ଫେରାଇଦେଲା ଓମ୍‌ଫେଡ୍

# ରାସ୍ତାରେ ୩୭ ହଜାର ଲିଟର କ୍ଷୀର ଢାଳି ଚାଷୀଙ୍କ ପ୍ରତିବାଦ

ଉମରକୋଟ,୩୦।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଓମଫେଡ୍ ବିରୋଧରେ ତାତିଛନ୍ତି ଚାଷୀ। ନିମ୍ନମାନର କହି ବିଭାଗ ଫେରାଇଦେବା ପରେ ୩୭ ହଜାର ଲିଟର କ୍ଷୀର ରାସ୍ତାରେ ଢାଳି ପ୍ରତିବାଦ କରିଛନ୍ତି ଚାଷୀ। ଆଜି ସନ୍ଧ୍ୟାରେ ଜୟପୁର ଆଞ୍ଚଳିକ ଦୁଗ୍ଧ ସଂଗ୍ରହ ସମବାୟ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଉମରକୋଟ କ୍ଷେତ୍ର ପରିଦର୍ଶନ ବେଳେ ଘଟିଛି ଏଭଳି ଅଭାବନୀୟ ଘଟଣା। ଅଧିକାରୀଙ୍କ ଆଗରେ ହିଁ ଚାଷୀମାନେ କ୍ଷୋଭପ୍ରକାଶ କରି ଏହି କ୍ଷୀର ରାସ୍ତାରେ ଢାଳି ଦେଇଥିଲେ।



ମିଳିଥିବା ସୂଚନା ଅନୁଯାୟୀ, ଉମରକୋଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଅଧୀନରେ ଓମ୍‌ଫେଡ୍‌ର ୪ଟି ସଂଗ୍ରହ କେନ୍ଦ୍ର ରହିଛି। ସ୍ଥାନୀୟ ଚାଷୀମାନେ ଆଜି ୩୭ ହଜାର ଲିଟର କ୍ଷୀର ଦେଇ ଥିଲେ। ଜୟପୁର ଆଞ୍ଚଳିକ ଓମ୍ ଫେଡ୍ ପ୍ରୋସେସିଂ ୟୁନିଟ୍‌କୁ ଏହା ପଠାଯାଇଥିଲା।ସେଠାରେ ଏହାକୁ ନିମ୍ନମାନର କହି ଫେରସ୍ତ କରାଯାଇଥିଲା। ଜୟପୁର ଅଧିକାରୀ ଗତ ୩ ଦିନ ହେଲା କ୍ଷୀର ଫେରାଇ ଦେଉଥିବା ଚାଷୀମାନେ କହିଛନ୍ତି। ଚାଷୀଙ୍କ ଆକ୍ରୋଶକୁ ଦୃଷ୍ଟିରେ ରଖି ଜୟପୁରରୁ ଆଞ୍ଚଳିକ ଦୁଗ୍ଧ ସଂଗ୍ରହ ସମବାୟ ଅଧିକାରୀ ଶ୍ରୀ ସାହୁ କ୍ଷେତ୍ର ପରିଦର୍ଶନ ପାଇଁ ଉମରକୋଟ ଯାଇଥିଲେ। ଏହି ସମୟରେ ତାଙ୍କ ଆଗରେ ହିଁ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଆଣିଥିବା କ୍ଷୀର ସହ ଫେରସ୍ତ ହୋଇଥିବା ୩୭ ହଜାର ଲିଟର କ୍ଷୀର ଢାଳି ପ୍ରତିବାଦ କରିଥିଲେ। ଢ଼ଳାଯାଇଥିବା କ୍ଷୀର ପରିମାଣ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଶ୍ରୀ ସାହୁ କହିଛନ୍ତି, ମାର୍କେଟିଂ ସ୍ଥିତି ଠିକ୍ ନ ଥିବାରୁ ବିଭିନ୍ନ ଆଳ ଦେଖାଇ ଓମ୍‌ଫେଡ୍ କ୍ଷୀର ଫେରାଇ ଦେଉଛି। ଚାଷୀଙ୍କ କ୍ଷୀରର ମାନ ଠିକ୍ ଯାଞ୍ଚ୍ କରି ପଠାଯାଉଥିଲେ ମଧ୍ୟ ଫେରସ୍ତ କରିବା ଦୁର୍ଭାଗ୍ୟଜନକ। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ନଷ୍ଟ ହୋଇଥିବା କ୍ଷୀରର କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଜୟପୁରରେ ୪୦ ହଜାର ଲିଟର ଦୁଗ୍ଧ ରାସ୍ତାରେ ଫିଙ୍ଗାଗଲା

ଜୟପୁର,୩୦।୫(ସମିସ): ଗତ ଦୁଇଦିନ ପୂର୍ବରୁ କୌଣସି କାରଣରୁ ଅଧିକାଂଶ ଚାଷୀଙ୍କ ଉତ୍ପାଦିତ ଦୁଗ୍ଧ ଓମଫେଡର ଆବଶ୍ୟକ ସଂରକ୍ଷିତ ପ୍ଲାଣ୍ଟ ନଥିବା ଦର୍ଶାଇ ଗ୍ରହଣ କରାଯାଇନଥିବା ଯୋଗୁଁ ଏହାକୁ ରାସ୍ତାରେ ଫିଙ୍ଗାଯାଇଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁଗ୍ଧ ଉତ୍ପାଦନ ପାଇଁ ସରାକରଙ୍କ ପକ୍ଷରୁ ଗୋପାଳନ ପାଇଁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ରାଜ୍ୟ ସରକାରଙ୍କ ଅଧିନସ୍ଥ ଓମଫେଡ ପକ୍ଷରୁ ଚାଷୀଙ୍କ ଉତ୍ପାଦିତ ଦୁଗ୍ଧ ଗ୍ରହଣ କରାନଯାଇ ରାସ୍ତାରେ ଫିଙ୍ଗି ନଷ୍ଟ କରାଯିବାକୁ ନେଇ ଦୁଗ୍ଧ ଚାଷୀ ଏବଂ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସୂଚନାନୁଯାୟୀ, ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଗ୍ଧ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ଗାଈ ଦୁଗ୍ଧକୁ ଓମଫେଡ ପକ୍ଷରୁ କ୍ରୟ କରାଯାଇ ଜୟପୁର ପ୍ଲାଣ୍ଟରେ ପ୍ରସ୍ତୁତ କରାଯାଇ ପ୍ୟାକେଟ ଭର୍ତ୍ତି କରାଯାଇ ବିକ୍ରି କରାଯାଉଛି। ଜୟପୁର ଓମଫେଡ ପ୍ଲାଣ୍ଟକୁ ଦୈନିକ ସର୍ବାଧିକ ନବରଙ୍ଗପୁର ଜିଲ୍ଲାରୁ ୧୮ ହଜାର ଲିଟର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଦୁଗ୍ଧ ଆସିଥାଏ। ଜୟପୁର ପ୍ଲାଣ୍ଟକୁ ନବରଙ୍ଗପୁର, କୋରାପୁଟ, ରାୟଗଡା ଏବଂ ମାଲାକନଗିରି ଜିଲ୍ଲାରୁ ଦୈନିକ ଚାଷୀଙ୍କ ଉତ୍ପାଦିତ ୨୮ ହଜାର ଲିଟର ଦୁଗ୍ଧ ଆସୁଥିବା ବେଳେ ସର୍ବାଧିକ ନବରଙ୍ଗପୁର ଜିଲ୍ଲା ଚାଷୀଙ୍କ ଉତ୍ପାଦିତ ଦୁଗ୍ଧ ରହିଛି। ସେହିପରି ରାୟଗଡା ଜିଲ୍ଲାରୁ ୬ ହଜାର ଲିଟର ଏବଂ କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ପ୍ରତ୍ୟେକ ୨ ହଜାର ଲିଟର ଦୁଗ୍ଧ ରହିଛି। ଏହିପରି ଚାଷୀଙ୍କ ଠାରୁ ଦୁଗ୍ଧରମାନ ଅନୁଯାୟୀ ସର୍ବନିମ୍ନ ୩୫ରୁ ୬୦ ଟଙ୍କା ପର୍ଯ୍ୟନ୍ତ ଦୁଗ୍ଧ ଲିଟର ପିଛା କ୍ରୟ କରାଯାଉଛି। ଓମଫେଡ ପକ୍ଷରୁ ଦୁଗ୍ଧ, ଦହି ଏବଂ ଅନ୍ୟାନ୍ୟ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି କରୁଥିବା ବେଳେ ସମସ୍ତ ଚାଷୀଙ୍କ ଉତ୍ପାଦିନ ଦୁଗ୍ଧ ଉପଯୁକ୍ତ ଦର କ୍ରୟ କରିବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି ନବରଙ୍ଗପୁର ଜିଲ୍ଲାରେ ୧୪ଟି ଶୀତଳ ଭଣ୍ଡାର, କୋରାପୁଟ ଓ ରାୟଗଡାରେ ପ୍ରତ୍ୟେକ ୭ ଟି ଲେଖାଏଁ ଏବଂ ମାଲକାନଗିରିରେ ୨ଟି ରହିଛି। କିନ୍ତୁ ଏହାର ଦୁଗ୍ଧ ସଂରକ୍ଷଣ କ୍ଷମତା ବୃଦ୍ଧି କରିବାରେ ଓମଫେଡ କର୍ତ୍ତୃପକ୍ଷ କୌଣସି ପଦକ୍ଷପ ଗ୍ରହଣ କରାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଦୁଗ୍ଧଗୁଡିକ ନଷ୍ଟ କରାଯାଇଥିବାରୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଚାଷୀ ଓ ସାଧାରଣରେ ଦାବି ହୋଇଛି। ଏନେଇ ଅବିଭକ୍ତ କୋରାପୁଟ ଜିଲ୍ଲାର ଓମଫେଡ ଦୁଗ୍ଧ କ୍ରୟ ବିଭାଗର ସାଧାରଣ ପରିଚାଳିକା କୁନି ରାଉତ କହିଛନ୍ତି, ଆବଶ୍ୟକ କ୍ଷମତା ନଥିବା ଯୋଗୁଁ ଚାଷୀଙ୍କ ଦୁଗ୍ଧ ଗ୍ରହଣ ହୋଇପାରିନଥିଲା। ଏନେଇ ପ୍ରୟାସ କରାଯାଇଥିଲା, କିନ୍ତୁ ଚାଷୀଙ୍କ ପ୍ରାୟ ୭ ହଜାର ଲିଟର ଦୁଗ୍ଧ ନଷ୍ଟ ହୋଇଯାଇଥିବାରୁ ତାହା ଗ୍ରହଣଯୋଗ୍ୟ ନଥିଲା। ତେଣୁ ଏହାକୁ ଫିଙ୍ଗା ଯାଇଥିଲା। ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ଟଙ୍କା ପ୍ରଦାନ ନେଇ ବୋର୍ଡ ବୈଠକରେ ନିଷ୍ପତ୍ତି କ୍ରମେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## କୋରାପୁଟରେ ଏସ୍‌ଆଇଆର ଶୁଭାରମ୍ଭ



କୋରାପୁଟ,୩୦।୫(ସମିସ): କୋରାପୁଟ ଜିଲ୍ଲାରେ ଏସଆଇଆର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏସଆଇଆର ପତାକା ଉନ୍ମୋଚନ କରି ଏହାର ଶୁଭାରମ୍ଭ କରିଛନ୍ତି। ଆଜିଠାରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ଯାଇ ଭୋଟରଙ୍କୁ ଗଣନା ପତ୍ର ଦେବେ ଏବଂ ଭୋଟର ତାହା ପୂରଣ କରି ଫେରସ୍ତ କରିବେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶବର, ଆଇଏଏସ ପ୍ରୋବେସନର ଅନୁପ ନାୟକ, କୋରାପୁଟଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ,ଡେପୁଟି କଲେକ୍ଟର ମଙ୍ଗଳ ଚରଣ ବାସ୍କେ,ଆଦିବାସୀ ଉନ୍ନୟନ ସମବାୟ ନିଗମର ଶାଖା ପରିଚାଳକ ରାକେଶ ବିଶ୍ୱାଳ, କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ଏବଂ ଅନେକ ବୁଥ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଟ୍ରାଫିକ ସମସ୍ୟା ସୁଧାରିବାକୁ ଉପଖଣ୍ଡ ପ୍ରଶାସନର କଡ଼ା ପଦକ୍ଷେପ

## ରାସ୍ତାପାର୍ଶ୍ୱ ବସ୍ ପାର୍କିଂ, ଯାତ୍ରୀ ଉଠାଇବା ଉପରେ ରୋକ୍

ଜୟପୁର,୩୦।୫(ସମିସ)

ଜୟପୁର ସହରର ଟ୍ରାଫିକ ସମସ୍ୟା ଉଦବେଗଜନକ ପାଲଟିଥିବା ବେଳେ ଟାଉନଥାନାରେ ଆବଶ୍ୟକ ଟ୍ରାଫିକ କର୍ମଚାରୀଙ୍କ ଅଭାବ ଯୋଗୁଁ ସହରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି। ଏନେଇ ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀମାନେ ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଦାବି ପ୍ରଦାନ କରିଥିଲେ। ଶେଷରେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ପାରାବେଡା ଏବଂ ପୁରୁଣା ବସ୍ ଷ୍ଟାଣ୍ଡ ଅଞ୍ଚଳରେ ଯାତ୍ରୀବାହୀ ବସ୍‌ଗୁଡ଼ିକର ବେଆଇନ ପାର୍କିଂ ଓ ଯାତ୍ରୀ ଉଠାଉଥିବା ନେଇ ଏସଡିପିଓଙ୍କ ରିପୋର୍ଟ ଆଧାରରେ ଉପଜିଲ୍ଲାପାଳ ଯଦୁମଣି ନାୟକ ଏହି ଅଞ୍ଚଳରେ ଯାତ୍ରୀବାହୀ ବସ ଅଟକାଇବା ଉପରେ ନିଷେଧାଦେଶ ଜାରୀ କରିଛନ୍ତି। ନୂତନ ବସ୍ ଷ୍ଟାଣ୍ଡ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବାରୁ, ଏଣିକି କୌଣସି ଘରୋଇ ବା ସରକାରୀ ବସ୍ ପୌରପାଳିକା ସୀମା କିମ୍ବା

**ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଉପରେ କଟକଣା**

ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ରାସ୍ତାପାଶ୍ୱର୍ରେ ପାର୍କିଂ କିମ୍ବା ଯାତ୍ରୀ ଓହ୍ଲାଇ ପାରିବେ ନାହିଁ। ସମସ୍ତ ବସ୍ କେବଳ ନୂତନ ବସଷ୍ଟାଣ୍ଡରୁ ଯାତ୍ରା ଆରମ୍ଭ କରିବ। ସେହିପରି ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ସମ୍ମୁଖରେ ରାସ୍ତାଘାଟ ଏବଂ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଉପରେ ମଧ୍ୟ ପ୍ରଶାସନ ପକ୍ଷରୁ କଡ଼ା କଟକଣା ଜାରୀ କରାଯାଇଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଯୋଗୁଁ ସୃଷ୍ଟି ହେଉଥିବା ଅଶାନ୍ତି, ଜନସାଧାରଣଙ୍କ ଅସୁବିଧା ଏବଂ ମହିଳା ଓ ଶିଶୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉପଜିଲ୍ଲାପାଳ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅନୁଯାୟୀ ମୁଖ୍ୟ ବଜାର, ବସ୍ ଷ୍ଟାଣ୍ଡ, ପାର୍କ, ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥାନ, ଚିକିତ୍ସାଳୟ ଏବଂ ସରକାରୀ କାର୍ଯ୍ୟାଳୟ ଆଖପାଖ ଅଞ୍ଚଳକୁ 'ମଦ୍ୟପାନ ନିଷେଧାଞ୍ଚଳ' ଭାବେ ଘୋଷଣା କରାଯାଇଛି। ଉପଜିଲ୍ଲାପାଳଙ୍କ ଉଭୟ ନିର୍ଦ୍ଦେଶନାମା ଗତକାଲି ଠାରୁ କାର୍ଯ୍ୟକାରୀ କରିବା ସହିତ ଆସନ୍ତା ୬୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାକୁ ଉଲଘ୍ନନ କରାଗଲେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଆଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ ଥାନା ଅଧିକାରୀ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଯୁକ୍ତ ଦୁଇରେ ହରେକୃଷ୍ଣ ମହାପାତ୍ରଙ୍କ କୃତିତ୍ୱ



ଲକ୍ଷ୍ମୀପୁର,୩୦।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ସଦର ମହକୁମାରେ ରହୁଥିବା ହରେକୃଷ୍ଣ ମହାପାତ୍ର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଜୟପୁର ରୟାଲ କଲେଜ୍‌ରେ ସେ ଅଧ୍ୟୟନ କରୁଥିଲେ। ହରେକୃଷ୍ଣ ୫୪୧ ନମ୍ବର ରଖି ଯୁକ୍ତ ଦୁଇ ବିଜ୍ଞାନରେ ବିଦ୍ୟାଳୟରେ ୫ ସ୍ଥାନରେ ରହିଛନ୍ତି। ବାପା ତ୍ରିନାଥ ମହାପାତ୍ର ଜଣେ ଶିକ୍ଷକ ଏବଂ ଲକ୍ଷ୍ମୀପୁର ବ୍ଲକ ଶିକ୍ଷକ ସଙ୍ଘର ସାଧାରଣ ସମ୍ପାଦକ ରହିଛନ୍ତି। ସମ୍ପର୍କୀୟ ତଥା ସାଙ୍ଗ ସାଥୀ ମହଲରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି। ଆଗକୁ ଓଏଏସ୍ ପାଇଁ ପ୍ରସ୍ତୁତି କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

## ପଞ୍ଚାୟତ ସମିତି ସାଧାରଣ ବୈଠକ




ନନ୍ଦାହାଣ୍ଡି,୩୦।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର ଓ ଦିବ୍ୟଦାନ ସୁନା, ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ, ବିଧାୟକ ପ୍ରତିନିଧି ରୂପେ କୃଷ୍ଣ ଚନ୍ଦ୍ର ନାୟକ, ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ, ସହକାରୀ ଯନ୍ତ୍ରୀ ଶଙ୍କର ବୁଦେକ୍ ମଞ୍ଚାସିନ ରହିଥିଲେ। ବିଭିନ୍ନ ଅଧିକାରୀ ଯଥା କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ମନରେଗା, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍ , ଖାଦ୍ୟ ଯୋଗାଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ଉନ୍ନୟନ, ଜଙ୍ଗଲ ଏବଂ ପୁଲିସ ଭଳି ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଗତ ଆର୍ଥିକ ବର୍ଷରେ ନିଜ ନିଜ ବିଭାଗ ପକ୍ଷରୁ କରାଯାଇଥିବା ଉନ୍ନୟନ ଓ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସର୍ବସମ୍ମୁଖରେ ଉପସ୍ଥାପନ କରିଥିଲେ।

ପୂର୍ତ୍ତ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥିବାରୁ ବିଡିଓ ଶ୍ରୀ ସାହୁ କାରଣ ଦର୍ଶାଅ ନୋଟିସ ପ୍ରେରଣ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଶିକ୍ଷା ଅଧିକାରୀଙ୍କ ତଥ୍ୟ ଉପସ୍ଥାପନ ସମୟରେ ଚଳିତ ଶିକ୍ଷା ବର୍ଷର ମାଟ୍ରିକ ପରୀକ୍ଷାର ଫଳାଫଳ ତଥ୍ୟ ନଥିବାରୁ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ତାଗିଦ କରିବା ପରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ମତ୍ସ୍ୟ ଅଧିକାରୀ ଭବାନୀ ରେ‡ୀ ପୂର୍ବ ସମିତି ବୈଠକରେ ମିଥ୍ୟା ଯୋଜନା ବିଷୟରେ ସୂଚନା ଦେଇଥିବା ହେତୁ ଜନ ପ୍ରତିନିଧିମାନେ ଜନତାଙ୍କ ଆକ୍ରୋଶର ଶିକାର ହେଉଛୁ ବୋଲି ଧଣ୍ଡରା ସମିତି ସଭ୍ୟା ସଙ୍ଗୀତା ନାୟକ ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ଡିଜେଲ ଅଭାବୀ ବିକ୍ରି ଯୋଗୁଁ ମଞ୍ଜୁର ହୋଇଥିବା ନଳକୂପ ଖନନ ପ୍ରକ୍ରିୟାରେ ବିଳମ୍ବ ହେଉଛି ବୋଲି ବିଭାଗୀୟ ଯନ୍ତ୍ରୀ ଜୟ ପ୍ରକାଶ ମିଶ୍ର ମତ ରଖିଥିଲେ। ଅନ୍ୟ ସମସ୍ତ ବିଭାଗର ସାମାନ୍ୟ ତ୍ରୁଟି ଗୁଡ଼ିକ ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଲୋଡ଼ା ଯାଇ ସମାଧାନ କରାଯିବ ବୋଲି ଜନପ୍ରତିନିଧିମାନେ ସହମତି ପ୍ରକାଶ କରିଥିଲେ।

### ● ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ଘଟଣା

## ସ୍ଥିତି ଅନୁଧ୍ୟାନ କଲେ ପଟାଙ୍ଗୀ ବିଧାୟକ

ଲମତାପୁଟ,୩୦।୫(ସମିସ): ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ଘଟଣାକୁ ୭ ଦିନ ବିତିଛି। ଶୁକ୍ରବାର ପଟାଙ୍ଗୀ ବିଧାୟକ ତଥା କଂଗ୍ରେସର ସିଏଲପି ଲିଡର ରାମ ଚନ୍ଦ୍ର କାଡ଼ାମ ମାଛକୁଣ୍ଡ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ବହୁ ପୁରାତନ ପ୍ରକଳ୍ପଟି ଲାଭବାନ ପ୍ରକଳ୍ପ ଏବଂ ଏଥିରେ ଆନ୍ଧ୍ର ଓଡିଶାର ମିଳିତ ପ୍ରକଳ୍ପ ହୋଇଥିବାରୁ ଉଭୟ ରାଜ୍ୟ ପାଇଁ ପ୍ରକଳ୍ପଟି ଅତିସୁନ୍ଦର ହୋଇଛି। କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ କୌଣସି ଜୀବନ ହାନି କିମ୍ବା କାହାର କିଛି କ୍ଷତି ହୋଇନଥିଲା। ପ୍ରକଳ୍ପ କର୍ମଚାରୀମାନେ ଆଗକୁ କିପରି ସୁରକ୍ଷାରେ କାର୍ଯ୍ୟ କରିବେ ତାକୁ ନେଇ ଆଲୋଚନା କରିଥିଲେ ସେ। ଏହି ପ୍ରକଳ୍ପ ୭୦ ବର୍ଷରୁ ଉଦ୍ଧ୍ୱର୍ ହୋଇଯାଇଛି। ପ୍ରକଳ୍ପକୁ ଉଭୟ ରାଜ୍ୟ ମିଳିତ ଭାବରେ ନବୀକରଣ କରି ଅତ୍ୟାଧୁନିକ ଯନ୍ତ୍ରାଂଶ ଲଗାଇ ପାୱାର ଜେନେରେସନକୁ ଆହୁରି ବୃଦ୍ଧି କରିବା ଏବଂ ପ୍ରକଳ୍ପରେ ଅଗ୍ନି ନିରାପତ୍ତା ପାଇଁ ଅତ୍ୟଧୁନିକ ଯନ୍ତ୍ରପାତି ଲଗାଇବା ଭଳି କାର୍ଯ୍ୟ କରିବା ପାଇଁ କହିଥିଲେ ସେ। ଆନ୍ଧ୍ର ଓଡିଶା ଉଭୟ ୫୦ ଭାଗରେ ପ୍ରକଳ୍ପ ଚାଲିଥିବା ବେଳେ ପ୍ରକଳ୍ପରେ କେବଳ ଓଡିଶାର ୨୦ ଭାଗ କର୍ମଚାରୀ ଅଛନ୍ତି। ତେଣୁ ୩୦ ଭାଗ କର୍ମଚାରୀ ବଢ଼ାଇବା ଏବଂ ପ୍ରକଳ୍ପର ରୂପରେଖ ବଦଳାଇବା ପାଇଁ ଦାବି କରିଛନ୍ତି ସେ।

## ଦେବେନ୍ଦ୍ର ବାହିନୀପତି ଦେବୋତ୍ତର କମିଟିର ସଭାପତି ନିର୍ବାଚିତ

ଜୟପୁର,୩୦।୫(ସମିସ): କୋରାପୁଟ ଜିଲ୍ଲାର ଜୟପୁର ଦେବତ୍ତୋର ବିଭାଗର ସଭାପତି ଭାବେ ଆଇନଜୀବୀ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ବାହିନୀପତି କମିଟିର ନିର୍ବାଚନରେ ବିଜୟୀ ହୋଇଛନ୍ତି। ଗତକାଲି



ସଂଧ୍ୟାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଭାପତି ଚୟନ ନବ ମନୋନୀତ

**ପଦବୀ ପାଇଁ କଂଗ୍ରେସର ଦୁଇ ନେତା କରିଥିଲେ ଲଢ଼େଇ**

କମିଟିର ସଦସ୍ୟମାନଙ୍କ ବୈଠକରେ ଆପୋଷ ବୁଝାମଣାରେ ସଭାପତି ଚୟନ ହୋଇପାରିନଥିଲା। ଶେଷରେ ଗୁପ୍ତ ଭୋଟ ପ୍ରଦାନ ମାଧ୍ୟମରେ ଦେବତ୍ତୋର କମିଟିର ସଭାପତି ଚୟନ ହୋଇଥିଲା। ଏଥିରେ ଶ୍ରୀ ବାହିନୀପତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ସନ୍ଦିପ ସାମନ୍ତରାୟଙ୍କୁ ୯-୬ ଭୋଟରେ ପରାଜିତ କରିଥିଲେ। ସମୁଦାୟ ୧୭ଜଣଙ୍କୁ ନେଇ ଗଠିତ ଜୟପୁର ଦେବତ୍ତୋର କମିଟର ବୈଠକରେ ଦୁଇଜଣ ସଦସ୍ୟଙ୍କ ଅନୁପସ୍ଥିତିରେ ମାତ୍ର ୧୫ ଜଣ ସଦସ୍ୟ ଗୁପ୍ତ ଭୋଟଦାନ କରିଥିଲେ। ଏଥିରେ ୧୩ ଜଣ ସାଧାରଣତଃ ବୁଦ୍ଧିଜୀବି, ପ୍ରତିଷ୍ଠିତ ଲୋକଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିବା ବେଳେ ଜୟପୁର ଉପଜିଲ୍ଲାପାଳ, ବିଡିଓ, ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଟାଉନଥାନା ଅଧିକାରୀ ସରକାରୀ ପ୍ରତିନିଧି ଭାବେ ସଦସ୍ୟ ରହିଛନ୍ତି। ଦେବତ୍ତୋର ଅଧିକାରୀ ତଥା ଜୟପୁର ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାପତି ଚୟନ ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକାଶଯେ, ଏହି ନିର୍ବାଚନରେ ନୂତନ ଦେବତ୍ତୋର ସଭାପତି ଶ୍ରୀ ବାହନୀପତି କଂଗ୍ରେସ ଦଳର ଜଣେ ବରିଷ୍ଠ ସଦସ୍ୟ ହୋଇଥିବା ବେଳେ ପରାଜିତ ସଭାପତି ପ୍ରାର୍ଥୀ ଶ୍ରୀ ସାମନ୍ତରାୟ ଜିଲ୍ଲା ଯୁବ କଂଗ୍ରେସର ସଭାପତି ଭାବେ ରହିଛନ୍ତି। ତେଣୁ ଉଭୟ କଂଗ୍ରେସ ଦଳ ଦୁଇ ସଦସ୍ୟଙ୍କ ମଧ୍ୟରେ ଗୋଟିଏ ପଦବୀ ପାଇଁ ଲଢେଇକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା।

### ● ଅନାଥ ଶିଶୁଙ୍କ ପଞ୍ଜୀକରଣ କାର୍ଯ୍ୟକ୍ରମ

## ପ୍ରଥମ ପର୍ଯ୍ୟାୟରେ ୨୦୧ ଜଣ ପଞ୍ଜୀକୃତ

ନନ୍ଦପୁର,୩୦।୫(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ, କୋରାପୁଟ ପକ୍ଷରୁ ପିତାମାତାହୀନ ଓ ଅନାଥ ଶିଶୁଙ୍କ ଚିହ୍ନଟ ଏବଂ ପଞ୍ଜୀକରଣ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ନନ୍ଦପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) ଏବଂ ଶୋଭା ଏନ୍‌ଜିଓର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଡ. ଗାୟତ୍ରୀ ଦେବୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା। ଶିବାନୀ ପାତ୍ର ଓ କରଣ କୁମାରଙ୍କ ସହଯୋଗରେ କାର୍ଯ୍ୟକ୍ରମର ସଫଳ



ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମରେ ନନ୍ଦପୁର ସିଡିପିଓ ମିନତୀବାଳା ପଟ୍ଟନାୟକ, ସୁପରଭାଇଜର ହରପ୍ରିୟା ବେହେରାଙ୍କ ସମେତ ସମସ୍ତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହି ପଞ୍ଜୀକରଣ କାର୍ଯ୍ୟରେ ସହଯୋଗ କରିଥିଲେ। ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ଯୋଗାଇ ଏକକ ପିତାମାତାହୀନ ଓ ଅନାଥ ଶିଶୁମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ସହ ଯୋଡ଼ିବା ଏବଂ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ। ଜିଲ୍ଲାବ୍ୟାପୀ ଚାଲୁଥିବା ଏହି ପଞ୍ଜୀକରଣ ଅଭିଯାନର ଅଂଶସ୍ୱରୂପ ନନ୍ଦପୁର ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ମୋଟ ୨୦୧ ଜଣ ଏକକ ପିତାମାତାହୀନ ଓ ଅନାଥ ଶିଶୁଙ୍କୁ ପଞ୍ଜୀକୃତ କରାଯାଇଥିବା ସୂଚନା ମିଳିଛି।

### ଦାବିପତ୍ର ଦେବା ବେଳେ ଧସ୍ତା ଧସ୍ତି

# ସରପଞ୍ଚଙ୍କ ସ୍ୱାମୀଙ୍କୁ ବିଧାୟକ ମାଡ଼ ମାରିଥିବା ଅଭିଯୋଗ

ନନ୍ଦପୁର,୩୦।୫(ସମିସ)



ଦାବିପତ୍ର ଦେବା ବେଳେ ଧସ୍ତା ଧସ୍ତି। ସେପଟେ କୁଲାର ସିଂହ ସରପଞ୍ଚ ସ୍ୱାମୀଙ୍କୁ ବିଧାୟକ ତଥା ସିଏଲପି ନେତା ରାମଚନ୍ଦ୍ର କାଡ଼ାମ ମାଡ଼ ମାରିଥିବା ଅଭିଯୋଗ ହୋଇଥିବା ବେଳେ ଏହାକୁ ଅସ୍ୱୀକାର କରିଛନ୍ତି ବିଧାୟକ। ସୂଚନା ଥାଉ କି, ଶନିବାର

**ଅଭିଯୋଗକୁ ବିଧାୟକଙ୍କ ଅସ୍ୱୀକାର**

ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲେ। ଏହି ସମୟରେ ନନ୍ଦପୁର ବ୍ଲକ୍‌ର ସରପଞ୍ଚ, ସମିତି ସଭ୍ୟସଭ୍ୟାମାନଙ୍କୁ ନେଇ ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ବ୍ଲକ ସଭାପତି କାଶୀନାଥ ଗୋଲାରି, ଭଗବାନ ପେଟିଆ, ଯୁବନେତା ପ୍ରଭାତ ଗୁରୁ ମାଇ, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ନାରସୁଲୁ କାମୁଡି, କାର୍ତ୍ତିକ ଖେମୁଣ୍ଡୁ, ସେକ୍‌ନୂର୍ ସହ ବହୁ ବିଜେଡି କର୍ମୀ ବିଭିନ୍ନ ସମସ୍ୟା ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିବାକୁ ଆସିଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ଅନୁରୋଧ କ୍ରମେ ବିଧାୟକ ଶ୍ରୀ କାଡ଼ାମ ସଭା ସ୍ଥଳରୁ ଅପେକ୍ଷାରତ ସରପଞ୍ଚ ସମିତି ସଭ୍ୟ ନିକଟକୁ ଆସିଥିଲେ। ଏହି ସମୟରେ ଉପସ୍ଥିତ କୁଲାରସିଂହ ସରପଞ୍ଚଙ୍କ ସ୍ୱାମୀ ଶହ କୌଣସି ଏକ କଥାକୁ ନେଇ କଥା କଟାକଟା ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ନନ୍ଦପୁର ପୁଲିସ ଉପସ୍ଥିତିରେ ମାମଲା ଥଣ୍ଡା ପଡ଼ିବାରୁ ବିଧାୟକ ସଭା ସ୍ଥଳକୁ ଚାଲିଯାଇଥିଲେ। ପରେ ସଭା ଶେଷ ପରେ ବିଧାୟକ ଆସି ସରପଞ୍ଚ ସମିତି ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ବିଧାୟକ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ତେବେ ମାଡ଼ ମାରିବା କଥାକୁ ବିଧାୟକ ଅସ୍ୱୀକାର କରିଥିବା ବେଳେ କୁଲାର ସିଂହ ସରପଞ୍ଚ ଭଗମତି କ୍ରିଶାନି ବିଧାୟକ ମାଡ଼ ମାରିଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ ବିଧାୟକ ଶ୍ରୀ କାଡମ ସଂଯମତା ରକ୍ଷା କରି ନିଜ ଭିତରେ ରହିବା ଆବଶ୍ୟକ ବୋଲି କହିବା ସହ ସରପଞ୍ଚମାନଙ୍କ ଭିତରେ ଫକସି ସରପଞ୍ଚଙ୍କ ହୋ ହାଲ୍ଲା ଅଧିକ କାହିଁକି ବୋଲି ପ୍ରଶ୍ନ କରିଥିଲେ।

## ନନ୍ଦପୁର ବ୍ଲକ୍‌ରେ ଉନ୍ନୟନ ସମୀକ୍ଷା ବୈଠକ

ନନ୍ଦପୁର,୩୦।୫(ସମିସ): ପଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବିଧାୟକ ତଥା ସିଏଲପି ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ଏକ ଉନ୍ନୟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୋରାପୁଟ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ(ସିଡିଓ) ବେଣୁଧର ଶବର, ଅତିରିକ୍ତ ଜିଲ୍ଲା ଦଣ୍ଡାଧିକାରୀ ତପନ ନାୟକ, କୋରାପୁଟ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ସେମିଳିଗୁଡ଼ା ବିଡିଓ ଜାସ୍ମିନ କୁମାର ପ୍ରଧାନ, ପଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଓ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ସମେତ ବିଭିନ୍ନ ଉନ୍ନୟନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନର




ସ୍ଥିତି, କାର୍ଯ୍ୟର ଅଗ୍ରଗତି ଏବଂ ଆଗାମୀ ଦିନରେ ହାତକୁ ନିଆଯିବାକୁ ଥିବା ନୂତନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହାସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବିଧାୟକ ଶ୍ରୀ କାଡାମ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ଲୋକମାନଙ୍କ ମୌଳିକ ସମସ୍ୟାର ସମାଧାନ ସହ ଉନ୍ନୟନମୂଳକ ଯୋଜନା ଗୁଡ଼ିକର ସଫଳ ରୂପାୟନ ଦିଗରେ ଗୁରୁତ୍ୱ ନଦେବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ତିନି ମାସ ପରେ ପୁନର୍ବାର ଏପରି ଏକ ସମୀକ୍ଷା ବୈଠକ ଆୟୋଜନ କରାଯାଇ ଉନ୍ନୟନ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ବିଜେଡିର ନାରୀ ସୁରକ୍ଷା ଅଧିକାର ଅଭିଯାନ

# ମହିଳାଙ୍କ ଗର୍ଜନରେ କମ୍ପିଲା ମହାକାଳପଡ଼ା



**ମହାକାଳପଡ଼ା, ୩୦।୫(ସମିସ):** ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନରେ ବିଫଳତା, ବଢୁଥିବା ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ପରିସ୍ଥିତିର ଅବନତି ପ୍ରତିବାଦରେ ଶନିବାର ମହାକାଳପଡ଼ାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ନାରୀ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ହଜାର ହଜାର ମହିଳାଙ୍କ ଉପସ୍ଥିତି ଓ ଜୋରଦାର ସ୍ଲୋଗାନରେ ସମଗ୍ର ମହାକାଳପଡ଼ା ଅଞ୍ଚଳ ପ୍ରକମ୍ପିତ ହୋଇଛି। ମହାକାଳପଡ଼ା ଛକରୁ ନୂତନ ବିଜୁ ସେତୁ ପର୍ଯ୍ୟନ୍ତ ଏକ ବିରାଟ ରାଲି ବାହାରିଥିଲା। ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ମହିଳାମାନେ ସରକାର ବିରୋଧୀ ନାରାବାଜି କରିଥିଲେ। ଅପରାହ୍ନ ୪ଟାରେ ଆୟୋଜିତ ଏହି ସଭାରେ ଆଶାଠାରୁ ଅଧିକ ସଂଖ୍ୟାରେ ମହିଳାଙ୍କ ଯୋଗଦାନ ଦେଖିବାକୁ ମିଳିଥିଲା। ଯାହା ମହାକାଳପଡ଼ା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ସର୍ବଦା ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦେଇଆସିଛନ୍ତି। ମହିଳାଙ୍କ ସ୍ୱାବଲମ୍ବନ ଓ ସମ୍ମାନ ପାଇଁ ବିଜେଡି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ବର୍ତ୍ତମାନ ସରକାର ମହିଳା ସୁରକ୍ଷା ଓ ସଂରକ୍ଷଣ ପ୍ରସଙ୍ଗରେ ବିଫଳ ହୋଇଥିବା ସେ ଅଭିଯୋଗ କରିଥିଲେ। ଏହି ପ୍ରତିବାଦ ସଭାରେ ବାରଡ଼ାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, କଳ୍ପନା ରାଉତ, ମମତା ସାମଲ, ସରୋଜିନୀ ସେଠୀ, ସରୋଜ ଜେନା, ଆକାଶ ସ୍ୱାଇଁ, ସଞ୍ଜୟ ପ୍ରଧାନ, ଧର୍ମପଦ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସଭା ଆୟୋଜକ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅଭିଯୋଗ କରିଛନ୍ତି ଯେ, ପ୍ରତିବାଦ ସଭାକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ମହିଳାମାନଙ୍କୁ ନେଇ ଆସୁଥିବା ବିଭିନ୍ନ ଗାଡ଼ିକୁ ଆରଟିଓ ଓ ପୁଲିସ ପ୍ରଶାସନ ପକ୍ଷରୁ ରାସ୍ତାରେ ଅଟକାଇ ଜରିମାନା ଆଦାୟ କରାଯାଇଥିଲା। ତେବେ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ହଜାର ହଜାର ମହିଳାଙ୍କ ଉପସ୍ଥିତି ବିଜେଡିର ସାଂଗଠନିକ ଶକ୍ତି ଓ ମହିଳାଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷର ଏକ ସ୍ପଷ୍ଟ ସନ୍ଦେଶ ଦେଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

### ● କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ପରୀକ୍ଷା ଫଳ ପ୍ରକାଶ

# ପାସ୍‌ହାର ୯୨.୪୪ ପ୍ରତିଶତ; ଅର୍ଚ୍ଚିତା ଟପ୍ପର



**କେନ୍ଦ୍ରାପଡ଼ା,୩୦।୫(ସମିସ):** ଶିକ୍ଷା କ୍ଷେତ୍ରରେ ନିଜର ଗୌରବମୟ ପରମ୍ପରାକୁ ବଜାୟ ରଖି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଚଳିତ ବର୍ଷର +୩ ପରୀକ୍ଷା ଫଳରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶନିବାର ପ୍ରକାଶିତ ପରୀକ୍ଷାରେ କଲେଜର ୯୨.୪୪ ପ୍ରତିଶତ ରହିଥିବାବେଳେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଉତ୍କୃଷ୍ଟ ପ୍ରଦର୍ଶନ କରି କଲେଜର ସୁନାମକୁ ବଢ଼ାଇଛନ୍ତି। ଚଳିତ ବର୍ଷ ବିଜ୍ଞାନ ବିଭାଗର ପ୍ରାଣୀବିଜ୍ଞାନ ସମ୍ମାନ ଛାତ୍ରୀ ଅର୍ଚ୍ଚିତା ସ୍ୱାଇଁ ୯.୬୯ ସିଜିପିଏ ହାସଲ କରି କଲେଜ ଟପ୍ପର ହୋଇଛନ୍ତି। ସେହିପରି କଳା ବିଭାଗ ଭୂଗୋଳ ସମ୍ମାନ ଛାତ୍ର ଶାନ୍ତନୁ କୁମାର ସାହୁ ୯.୪୪ ସିଜିପିଏ ସହ ବିଭାଗର ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ବାଣିଜ୍ୟ ବିଭାଗର ଲକ୍ଷ୍ମୀପ୍ରିୟା ସାହୁ ୮.୮୭ ସିଜିପିଏ ହାସଲ କରି ବିଭାଗୀୟ ଟପ୍ପର ହୋଇଛନ୍ତି। କଲେଜର ମୋଟ ୧୧୦୬ ଜଣ ପଞ୍ଜିକୃତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୩୩ ଜଣ ପରୀକ୍ଷା ଦେଇଥିଲେ ଓ ୯୫୫ ଜଣ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରେ ୪୨୩ ଜଣ ଛାତ୍ର ଓ ୫୩୨ ଜଣ ଛାତ୍ରୀ ରହିଛନ୍ତି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଛାତ୍ରୀଙ୍କ ସଫଳତା ହାର ଓ ଉପସ୍ଥିତି ଉଭୟ ଉଲ୍ଲେଖନୀୟ ରହିଛି। ବିଭାଗଭିତ୍ତିକ ଫଳାଫଳ ମଧ୍ୟ ଉତ୍ସାହଜନକ ରହିଛି। କଳାରେ ୯୩.୪୭ ପ୍ରତିଶତ, ବିଜ୍ଞାନରେ ୯୨.୦୨ ପ୍ରତିଶତ ଓ ବାଣିଜ୍ୟରେ ୯୧.୬୪ ପ୍ରତିଶତ ପାସହାର ରହିଛି। କଳା ବିଭାଗରେ ସର୍ବାଧିକ ପାସହାର ସହ ଆଗରେ ରହିଥିବାବେଳେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ମଧ୍ୟ ଉଚ୍ଚମାନର ଫଳାଫଳ ଦେଇଛନ୍ତି। ବିଭିନ୍ନ ସମ୍ମାନ ବିଷୟରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସିଜିପିଏ ହାସଲ କରିଛନ୍ତି। ଅର୍ଥନୀତିରେ ରାଜଲକ୍ଷ୍ମୀ ସାହୁ, ଶିକ୍ଷାରେ ଶୁଭଶ୍ରୀ ନାୟକ, ରାଜନୀତି ବିଜ୍ଞାନରେ ନୁର ଫାତିମା, ସମାଜ ଶାସ୍ତ୍ରରେ ରଶ୍ମୀରେଖା ଜେନା, ଗଣିତରେ ସାଇ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ପଦାର୍ଥ ବିଜ୍ଞାନରେ ଅପର୍ଣ୍ଣା ପଣ୍ଡା ଓ କମ୍ପ୍ୟୁଟର ବିଜ୍ଞାନରେ ସାଇସ୍ମିତା ନାଥ ନିଜ ନିଜ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧ୍ୟକ୍ଷ ଶାନ୍ତନୁ ଜେନା ଟପ୍ପର ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଏ ଅବସରରେ ପ୍ରାଧ୍ୟାପକ ରମାନାଥ ମହାନ୍ତି, ଡ. ଗୌର ପ୍ରସାଦ ଷଡଙ୍ଗୀ, ଡ. ଗୌତମ ଚରଣ ଦାସ, ରଞ୍ଜିତ ଦାସ ଓ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସଫଳତାର ପ୍ରଶଂସା କରିଥିଲେ। ତେବେ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ କଲେଜର ସାମଗ୍ରିକ ପାସହାର ସାମାନ୍ୟ ହ୍ରାସ ପାଇଛି। ୨୦୨୫-୨୬ ଶିକ୍ଷାବର୍ଷରେ କଲେଜର ପାସହାର ୯୨.୬୯ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ତାହା ୯୨.୪୪ ପ୍ରତିଶତକୁ ଖସିଛି। ତଥାପି ଏହି ଫଳାଫଳ କଲେଜର ଶିକ୍ଷାଗତ ଗୁଣବତ୍ତା ଓ ଅଧ୍ୟାପକ-ଛାତ୍ରଛାତ୍ରୀଙ୍କ ନିଷ୍ଠାର ପ୍ରତିଫଳନ ବୋଲି ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି।

## କାଳବୈଶାଖୀରେ ଘର ଉପରେ ପଡ଼ିଲା ନଡ଼ିଆ ଗଛ

**ପଞ୍ଚୁପାଣ୍ଡବ,୩୦।୫(ସମିସ):** ଡେରାବିଶ ତହସିଲ ଅଧୀନ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ହରିବୋଲ ପଣ୍ଡାଙ୍କ ଘର ଉପରେ ଏକ ନଡ଼ିଆ ଗଛ ପଡ଼ି ଘରର ଛାତ ସହ କାନ୍ଥ ଫାଟିଯାଇଛି। ଶୁକ୍ରବାର ଦିନ ସନ୍ଧ୍ୟାରେ କାଳବୈଶାଖୀରେ ଘର ପାଖରେ ଥିବା ନଡ଼ିଆ ଗଛ ଠାକୁର ଘର ସହ ପରିବାର ଲୋକ ରହୁଥିବା ଘର ଉପରେ ପଡିଥିଲା। ପରେ କଠୁରିଆଙ୍କୁ ଡାକି ଗଛ କଟାଯାଇଛି। ଗଛ ପଡ଼ି ଠାକୁର ଘର, ରହୁଥିବା ଘରର ଛାତ ଓ କାନ୍ଥ ଫାଟି ଥିବାବେଳେ ପରିବାର ଲୋକ ବର୍ତ୍ତିଯାଇଛନ୍ତି। କିଛିଦିନ ପୂର୍ବେ କାଳବୈଶାଖୀରେ ନଡ଼ିଆ ଗଛ ପଡ଼ି ବେଣୀପୁର ପଞ୍ଚାୟତ ବଜାର ଗ୍ରାମର ହେମନ୍ତ ପରିଡ଼ାଙ୍କ ସ୍ତ୍ରୀ ପ୍ରିୟତମାଙ୍କ ମୃତ୍ୟୁ ହୋଇଥିଲା।



## ହାଇୱା-କାର୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

**ଡେରାବିଶ, ୩୦।୫(ସମିସ):** କଟକ-ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ କାକତିଆ ବଜାର ନିକଟରେ ଆଜି ଅପରାହ୍ନରେ ଏକ ହାଇୱା ଓ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ କାରରେ ଥିବା ୩ ଜଣ ଗୁରୁତର ଆହାତ ହୋଇଥିବା ଜଣାପଡ଼ିଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ସୌମ୍ୟରଞ୍ଜନ ସାହୁ, ତାଙ୍କ ସ୍ତ୍ରୀ ସଙ୍ଗୀତା ସାହୁ ଓ ଶାଳୀ ପୂଜା ରାଉତ ଭୁବନେଶ୍ୱରରୁ ଗ୍ରାମକୁ ଫେରୁଥିଲେ। ବୀପରିତ ଦିଗରୁ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ହାଇୱା ସହିତ କାର୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର୍ ଚୁରମାର ହୋଇଯାଇଥିବାବେଳେ କାର୍‌ରେ ଥିବା ତିନିଜଣ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଦୁର୍ଘଟଣା ଏତେ ଭୟାନକ ହୋଇଥିଲା ଯେ, କାର୍‌ର ବେଲୁନ୍ ନ ଥିଲେ ତିନିଜଣଙ୍କର ନିଶ୍ଚିତ ମୃତ୍ୟୁ ଘଟିଥା'ନ୍ତା। ଚାନ୍ଦୋଳ ଫାଣ୍ଡି ପୁଲିସ୍ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।



## କର୍ମବୀର ଯୁବକ ସଂଘ ପକ୍ଷରୁ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ,୩୦।୫(ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ଷଣ୍ଢପଲ୍ଲୀ କର୍ମବୀର ଯୁବକ ସଂଘ ପକ୍ଷରୁ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଡ଼ଭୋକେଟ ଅଶ୍ୱିନୀ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ପଟ୍ଟାମୁଣ୍ଡାଇ ପୌରପରିଷଦର ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ବିଶିଷ୍ଟ କବି ପ୍ରଦୀପ ନାୟକ ମୁଖ୍ୟବକ୍ତା ଓ ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ରମେଶ ସାହୁ, ଶିକ୍ଷାବିତ ଚତୁର୍ଭୁଜ ରାଉଳ, ୧ନଂ ୱାର୍ଡ କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ,୨ନଂ ୱାର୍ଡ କାଉନସିଲର ସନ୍ତୋଷ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ମାଟ୍ରିକ ବିଦ୍ୟାର୍ଥୀ ଧନଞ୍ଜୟ ଦାସ, ଅନନ୍ୟା ମହାଳିକ ଆଦିତ୍ୟ ରଞ୍ଜନ ଓଝା, ଏନ ଦିବ୍ୟାଂଶୁ ଦୀପଙ୍କର, ପୂର୍ଣ୍ଣିମା ବେହେରା, ସୁଶ୍ରୀ ସଙ୍ଗୀତା ସାହୁ ଓ +୨ ବିଦ୍ୟାର୍ଥୀ ଆର୍ଯ୍ୟ, ଏଆର ଓମ ପ୍ରକାଶ, ବ୍ରହ୍ମାନନ୍ଦ ସାହୁ, ଦେବୀକାରାଣୀ ସାହୁ, ତନ୍ମୟ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



### ଗ୍ରୀଷ୍ମ ପ୍ରବାହରେ ଦାଉ ସାଧୁଛି ବିଦ୍ୟୁତ୍ ବିଭାଗ

# ୨୨ ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ୍, ଉପଭୋକ୍ତା ହନ୍ତସନ୍ତ

**ମାର୍ଶାଘାଇ,୩୦।୫ (ସମିସ):** ଟାଟା ପାୱାରର ମନମାନୀ ଯୋଗୁଁ ବିଦ୍ୟୁତ ସେବାରେ ଗୁରୁତର ବିଭ୍ରାଟ ଦେଖାଦେଇଛି। ପବନ, ବର୍ଷା ପରେ ଗତକାଲି ସନ୍ଧ୍ୟା ୬.୩୦ରୁ ଶନିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଗୌଡ଼ଗାଁ ଗ୍ରୀଡ୍ ଅଧୀନରେ ଥିବା ହଜାର ହଜାର ସାଧାରଣ ଉପଭୋକ୍ତା ଅତିଷ୍ଠ ହୋଇପଡ଼ିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବିଦ୍ୟୁତ ଡିଭିଜନ (କେନ୍ଦ୍ରାପଡ଼ା-୨) ମାର୍ଶାଘାଇ ଓ ନୂଆପଡ଼ା ବିଦ୍ୟୁତ ବିଭାଗ ଅଧୀନରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଗୌଡ଼ଗାଁ ଗ୍ରୀଡ୍ ଅଧିନରେ ବଛରାଇ, ମେହେନ୍ଦିନଗର, ବନ୍ଧକଟା ପଞ୍ଚାୟତର ଶହଶହ ଉପଭୋକ୍ତା ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣଜନିତ ସମସ୍ୟାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଚଣ୍ଡ ଗୁଳୁଗୁଳିରେ ଲୋକେ ଆଉଟୁପାଉଟୁ ହେଉଥିବାବେଳେ ୨୨ ଘଣ୍ଟା ଧରି ନିରବଚ୍ଛିନ୍ନ ବିଦ୍ୟୁତ କାଟ୍ ଯୋଗୁ ପାନୀୟଜଳ ଯୋଗାଣ ସମ୍ଭବପର ନ ହେବାରୁ ଲୋକେ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ଏଭଳି ସ୍ଥିତିରେ ଟାଟା ପାୱାର କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ ମୋବାଇଲ ବିଜିମୋଡ୍‌ରେ ରଖି ସାଧାରଣ ଲୋକଙ୍କ ସମସ୍ୟାକୁ ଯେମିତ ଅଣଦେଖା କରିଛନ୍ତି। ବାରମ୍ବାର ବନ୍ଧକଟା, ପେଣ୍ଠ, ବାଲିକୁଦ, କୁଳସାହି, ଗୋଧନ, ବାରତୁଙ୍ଗା, ବଛରାଇ, ତେଲିଆକଣ, ମୂଷାଡିଆ, ଜରିଆବରେଇ ପ୍ରଭୃତି ଗ୍ରାମର ୧୫ ହଜାର ଊର୍ଦ୍ଧ୍ୱ ଲୋକେ ବିଦ୍ୟୁତ କାଟ୍ ଜନିତ ସମସ୍ୟାରେ ଅତିଷ୍ଠ ହୋଇଛନ୍ତି। ଗୌଡ଼ଗାଁ ଗ୍ରୀଡ୍‌ରୁ ପେଣ୍ଠ ଓ ବନ୍ଧକଟାକୁ ସିଧାସଳଖ ୧୧ କେଭି ବିଦ୍ୟୁତ୍ ଯୋଗଣ କରା ନ ଯାଇ ତଳମୁଣ୍ଡରୁ ୧୧ କେଭି ବୁଲେଇ ବଙ୍କେଇ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଯୋଗୁ ୨ଟି ଗାଁ ବାରମ୍ବାର ବିଦ୍ୟୁତ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ପୂର୍ବରୁ ମାର୍ଶାଘାଇ ବଜାର ବିଦ୍ୟୁତ ସମସ୍ୟା ଯୋଗୁଁ ପ୍ରାୟ କୋଡିଏ ହଜାର ବିଦ୍ୟୁତ ଉପଭୋକ୍ତା ରାତିସାରା ଅନ୍ଧାରରେ ରହିବା ସହିତ ଗରମ ଗୁଳୁଗୁଳି ସାଙ୍ଗକୁ ମଶା ପ୍ରଭାବରେ ଡହଳବିକଳ ହୋଇଥିଲେ। କଣ୍ଡକ୍ଟର ଫଲ୍ଟ ହୋଇଥିବା ସୂଚନା ମିଳିଥିଲେ ହେଁ ମରାମତି କର୍ମଚାରୀ ଓ ଶ୍ରମିକ ଅଭାବରୁ ରାତିରେ ତାହା କାର୍ଯ୍ୟକ୍ଷମ ହୋଇପାରି ନ ଥିଲା ବୋଲି ଜଣାପଡ଼ିଛି। ମାର୍ଶାଘାଇ ବଜାରଠାରୁ ଆରମ୍ଭ କରି ମଣିକୁଣ୍ଡା, ଶିଳିପୁର, ଅଙ୍ଗୁଳାଇ, ରାଜଗଡ଼, ଓରତ ପର୍ଯ୍ୟନ୍ତ ଉପଭୋକ୍ତା ପ୍ରଭାବିତ ହୋଇଥିଲେ। ସକାଳେ ମରାମତି କରାଯିବା ପରେ ବିଦ୍ୟୁତ ସରବରାହ ଠିକ ହୋଇଥିଲା। ବିଦ୍ୟୁତ କମ୍ପାନୀରେ ଠିକା କର୍ମଚାରୀ, ଶ୍ରମିକ ଧର୍ମଘଟରେ ଥିବାରୁ ଏକ ସାମାନ୍ୟ ପାଇଁ ରାତିସାରା ଅନ୍ଧାରରେ ରହିଲେ ବୋଲି ଉପଭୋକ୍ତା କହିଛନ୍ତି।

### ● ଡେରାବିଶ ଥାନାରେ ଅଭିଯୋଗକାରିଣୀଙ୍କ ଝିଅକୁ ମାଡ଼ ଅଭିଯୋଗ

# ନ୍ୟାୟ ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ଡେରାବିଶ, ୩୦।୫(ସମିସ):** ରାଜନଗର ତାଳଚୁଆ ସାମୁଦ୍ରିକ ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗରେ ଆଇଆଇସିଙ୍କୁ ନିଲମ୍ବନ ଘଟଣାକୁ ସପ୍ତାହେ ବିତି ନ ଥିବାବେଳେ ଡେରାବିଶ ଥାନାରେ ପୁଣିଏକ ଅଭାବନୀୟ ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି। ଏହି ଥାନାର ଜଣେ ମହିଳା ସବଇନ୍ସପେକ୍ଟର ଜଣେ ଅଭିଯୋଗକାରିଣୀଙ୍କ ସମ୍ପର୍କୀୟାଙ୍କୁ ମାଡ଼ ମାରି ଜଖମ କରିଥିବା ନେଇ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। ଏଭଳି ଏକ ସଙ୍ଗୀନ ଅଭିଯୋଗ କରିଛନ୍ତି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବରାହିଲୋ ଗ୍ରାମର ଗରିବ ମହିଳା ନର୍ମଦା ସାମଲ। ତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଗ୍ରାମର କେତେକ ବ୍ୟକ୍ତି ଏକ ପୋଖରୀ ଖୋଳି ତାଙ୍କ ୭୫ ବର୍ଷୀୟ ବୃଦ୍ଧା ମାଆ ମାତା ମହାନ୍ତି ନାମରେ ରହିଥିବା ପ୍ଲଟ ନଂ୧୦୪୩, ୧୦୫୬ ଓ ୧୦୫୭ ଉପରେ ଜୋର ଜବରଦସ୍ତ ମାଟି ପକାଇଥିଲେ। ବୃଦ୍ଧା ଜଣକ ଏହାର ବିରୋଧ କରିବାରୁ ଉକ୍ତ ବ୍ୟକ୍ତିମାନେ ତାଙ୍କୁ ଗାଳିଗୁଲଜ ସହ ବିଭିନ୍ନ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ତାଙ୍କ ବୃଦ୍ଧା ମାଆ ଡେରାବିଶ ଥାନାରେ ଗତ ୧୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରିଣୀ ଘଟଣାର ତଦନ୍ତ ପାଇଁ ଉଭୟ ପକ୍ଷଙ୍କୁ ଗତ ୨୨ ତାରିଖ ଦିନ ଡକାଇଥିଲେ ଓ ଉଭୟ ପକ୍ଷ ମଧ୍ୟ ହାଜର ହୋଇଥିଲେ। ବୃଦ୍ଧା ମାତାଙ୍କ ସହ ତାଙ୍କ ଝିଅ ନର୍ମଦା ଥାନାକୁ ଆସିଥିଲେ। ମହିଳା ସବଇନ୍ସପେକ୍ଟର ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ବୃଦ୍ଧା ମାତାଙ୍କୁ ଘଟଣାର ଏକପାଖିଆ ସମାଧାନ ପାଇଁ ଚାପ ପକାଇଥିଲେ। ତାଙ୍କ ସହ ଯାଇଥିବା ଝିଅ ନର୍ମଦା ଏହାର ବିରୋଧ କରିବା ସହ ସଠିକ ଭାବେ ନ୍ୟାୟ କରନ୍ତୁ ବୋଲି କହିବାରୁ ଏସଆଇ ଅନୁସୟା ବୃଦ୍ଧ ମାଆ ଓ ତାଙ୍କ ପ୍ରତି ଦୁର୍ବ୍ୟବହାର କରିବା ସହ ନର୍ମଦାଙ୍କୁ ଟାଣି ନେଇ ତାଙ୍କ ତଣ୍ଟିକୁ ଚିପିଦେଇ ହାତକୁ ବହୁ ଜୋରରେ ମୋଡି ଦେଇଥିଲେ। ନର୍ମଦା ବଚିକ୍ରାର କରିବାରୁ ପୁଲିସ ଅଧିକାରିଣୀ ତାଙ୍କ କଥା ନ ମାନିଲେ ସେମାନଙ୍କ ବିରୁଦ୍ଧରେ ବିଭିନ୍ନ ମିଥ୍ୟା ଦଫା ଲଗାଇ ଜେଲକୁ ପଠାଇଦେବାକୁ ଧମକ ଦେଇଥିଲେ। ନର୍ମଦା କୌଣସି ଭାବେ ଅଧିକାରିଣୀଙ୍କଠାରୁ ଖସି ଚିକିତ୍ସା ନିମନ୍ତେ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ପରଦିନ ନର୍ମଦା ସବଇନିସପେକ୍ଟର ଅନୁସୟାଙ୍କ ବିରୁଦ୍ଧରେ ଅଭିଯୋଗ କରିବା ପାଇଁ ଏସପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ସୁଦ୍ଧା ତାଙ୍କ ଅନୁପସ୍ଥିତି ପାଇଁ ଏସଡିପିଓ ଜ୍ୟୋତିରଞ୍ଜନ ଗୌଡଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ସେହିପରି ନର୍ମଦା ସୋମବାର ଗରଦପୁର ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିରରେ ଉଭୟ ଅଧିକାରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଏହି ଘଟଣା ସମ୍ପର୍କରେ ଏସଡିପିଓ ଶ୍ରୀ ଗୌଡଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରୁଛନ୍ତି ଓ ଶୀଘ୍ର ଏସପିଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି।



### ● ବାବୁଲା ବାରିକ ହତ୍ୟା ମାମଲା

## ଆଉ ୨ ଗିରଫ; ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର

**କେନ୍ଦ୍ରାପଡ଼ା,୩୦।୫(ସମିସ):** କେନ୍ଦ୍ରାପଡ଼ା ସହରର ସାନ୍ତସାହିରେ ଘଟିଥିବା ବାବୁଲା ବାରିକ ହତ୍ୟାକାଣ୍ଡ ମାମଲାରେ ପୁଲିସର ତଦନ୍ତ ଆଗକୁ ବଢୁଥିବାବେଳେ ଆଉ ଦୁଇଜଣ ଅଭିଯୁକ୍ତଙ୍କ ଗିରଫ ଘଟଣାକୁ ନୂଆ ମୋଡ଼ ଦେଇଛି। ପୂର୍ବରୁ ଚାରିଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେ ମୋଟ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ତେବେ ଏହି ଚର୍ଚ୍ଚିତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଏ ପର୍ଯ୍ୟନ୍ତ ପୁଲିସ ହାତରେ ଧରା ନ ପଡ଼ିବା ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଜମିବାଡି ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ଘଟିଥିବା ଏହି ହତ୍ୟାକାଣ୍ଡ କେବଳ ଏକ ଅପରାଧିକ ଘଟଣା ନୁହେଁ, ବରଂ ପରିବାର ମଧ୍ୟରେ ବଢୁଥିବା ତିକ୍ତତା କିପରି ଭୟଙ୍କର ପରିଣତି ନେଇପାରେ ତାହାର ଏକ ଉଦାହରଣ। ଦାଦା-ପୁତୁରା ସମ୍ପର୍କ ଭଳି ଏକ ପବିତ୍ର ପାରିବାରିକ ବନ୍ଧନ ରକ୍ତାକ୍ତ ଘଟଣାରେ ପରିଣତ ହେବା ସମାଜ ପାଇଁ ଚିନ୍ତାର ବିଷୟ ହୋଇଛି। ପୁଲିସ ତଦନ୍ତରେ ମୃତକଙ୍କ ପୁତୁରା ଓ ତାଙ୍କ ପତ୍ନୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ଘଟଣାର ଗମ୍ଭୀରତା ଆହୁରି ବଢିଛି। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଜେଲ ପଠାଯାଇଥିବାରୁ ତଦନ୍ତକାରୀ ସଂସ୍ଥା ମାମଲାକୁ ଗୁରୁତର ସହ ନେଉଥିବା ସ୍ପଷ୍ଟ ହେଉଛି। ଏହି ମାମଲାର ସବୁଠାରୁ ବଡ ପ୍ରଶ୍ନ ହେଉଛି ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ। ଘଟଣାର କିଛି ଦିନ ବିତିଯାଇଥିଲେ ମଧ୍ୟ ସେ ଏବେ ବି ଫେରାର ରହିଥିବା ଜଣାପଡିଛି। ଏହା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ ଧରାପଡିଲେ ହିଁ ଘଟଣାର ପ୍ରକୃତ ଷଡ଼ଯନ୍ତ୍ର ଓ ପୃଷ୍ଠଭୂମି ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିପାରିବ ବୋଲି ମତ ପ୍ରକାଶ ପାଉଛି।

## ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ

**କେନ୍ଦ୍ରାପଡ଼ା,୩୦।୫(ସମିସ):** ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟରଙ୍କ କ୍ଷେତ୍ର ପରିଦର୍ଶନ ଏହାର ଗୁରୁତ୍ୱକୁ ସ୍ପଷ୍ଟ କରିଛି। ଘରକୁ ଘର ଯାଇ ବିଏଲଓଙ୍କ ଦ୍ୱାରା ସୂଚନା ସଂଗ୍ରହ ଓ ସତ୍ୟାପନ ପ୍ରକ୍ରିୟା ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବାରେ ସହାୟକ ହେବ। ବର୍ଷ ବର୍ଷ ଧରି ଭୋଟର ତାଲିକାରେ ମୃତ ବ୍ୟକ୍ତିଙ୍କ ନାମ ରହିଯିବା, ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବିଲୋପ ନ ହେବା କିମ୍ବା ଏକାଧିକ ସ୍ଥାନରେ ନାମ ରହିବା ଭଳି ସମସ୍ୟା ନିର୍ବାଚନୀ ପ୍ରକ୍ରିୟା ଉପରେ ପ୍ରଶ୍ନ ସୃଷ୍ଟି କରୁଥିଲା। ଏସଆଇଆର-୨୦୨୬ ମାଧ୍ୟମରେ ଏହି ସମସ୍ୟା ଦୂର କରିବା ଦିଗରେ ପ୍ରୟାସ ଆରମ୍ଭ ହୋଇଛି। ଏହି ଅଭିଯାନର ଆଉ ଏକ ବଡ଼ ଦିଗ ହେଉଛି ନୂଆ ମତଦାତାଙ୍କ ଅନ୍ତର୍ଭୁକ୍ତି। ଅନେକ ଯୋଗ୍ୟ ନାଗରିକ ବିଭିନ୍ନ କାରଣରୁ ଭୋଟର ତାଲିକାରେ ସାମିଲ ହୋଇପାରୁ ନ ଥିବାବେଳେ ଏହି ସୁଯୋଗ ସେମାନଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାର ଅଂଶୀଦାର କରିବ। ଯୁବ ମତଦାତାଙ୍କ ଅଂଶଗ୍ରହଣ ବଢ଼ିଲେ ଗଣତନ୍ତ୍ର ଆହୁରି ସଶକ୍ତ ହେବ। କେନ୍ଦ୍ରାପଡ଼ାବାସୀ ଏହି ଅଭିଯାନରେ ସକ୍ରିୟ ସହଯୋଗ କରି ଗଣତନ୍ତ୍ରର ଏହି ମହାଯଜ୍ଞକୁ ସଫଳ କରିବେ ବୋଲି ଆଶା କରାଯାଉଛି।



## ଡେରାବିଶ ବ୍ଲକ୍‌ରେ ଏସ୍‌ଆଇଆର ତାଲିମ ଶିବିର

**ଡେରାବିଶ, ୩୦।୫(ସମିସ):** ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ଓ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା ଉଦ୍ଦେଶ୍ୟ ନେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ତାଲିମ ଶିବିର ଆୟୋଜିତ ହୋଇଥିଲେ। ଶିବିରରେ ବିଏଲଓଙ୍କୁ ଏସ୍‌ଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି। ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ଏବିଡିଓ ମୃଣ୍ମୟ ରାଉତ ବିଏଲଓଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଆଜିଠାରୁ ଜୁନ୍ ୨୮ ତାରିଖ ଯାଏ ବିଏଲଓଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ୍ ୧୪୫ ଜଣ ବୁଥ୍‌ସ୍ତରୀୟ ଅଧିକାରୀ, ୧୫ ଜଣ ବିଏଲଓ ସୁପରଭାଇଜର ଓ ସ୍ୱେଚ୍ଛାସେବୀମାନେ ତାଲିମ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡବ୍ଲ୍ୟୁଇଓ ସୁଭ୍ରଜିତ ରାଉତ, ଜିପିଓ ଡାଙ୍ଗି ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।



### ମଦ ପ୍ରସାର ନୀତିକୁ ନେଇ ବଢୁଛି ଅସନ୍ତୋଷ

# ମଦ ବିରୋଧୀଙ୍କ ଗଣଧାରଣା, ନିଲାମ ପ୍ରକ୍ରିୟା ବାତିଲ ଦାବି

**କେନ୍ଦ୍ରାପଡ଼ା,୩୦।୫(ସମିସ)**



ରାଜ୍ୟରେ ମଦ ଦୋକାନର ଇ-ଅକ୍ସନ ପ୍ରକ୍ରିୟା ଆରମ୍ଭ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଅବକାରୀ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ରଖିଥିବାବେଳେ ସାମାଜିକ ସଂଗଠନ ଓ ନିଶା ବିରୋଧୀ ଗୋଷ୍ଠୀ ଏହାକୁ ସମାଜ ପାଇଁ କ୍ଷତିକାରକ ବୋଲି ଅଭିହିତ କରୁଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ପ୍ରାୟ ୬୪ଟି ମଦ ଦୋକାନର ନିଲାମ ଆସନ୍ତା ଜୁନ୍ ୨ ତାରିଖରେ ହେବାକୁ ଥିବାବେଳେ ଏହାକୁ ବିରୋଧ କରି ନିଶା ନିବାରଣ ଅଭିଯାନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଆନ୍ଦୋଳନ ମାଧ୍ୟମରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରାଯାଇଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ହେଉଛି, ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମଦର ସହଜ ଉପଲବ୍ଧତା ସାମାଜିକ ଓ ପାରିବାରିକ ସମସ୍ୟାକୁ ବଢ଼ାଇବ। ବିଶେଷକରି ଯୁବପିଢ଼ି ନିଶା ପ୍ରତି ଆକୃଷ୍ଟ ହେବା ସହ ଅପରାଧ ଓ ପାରିବାରିକ ହିଂସା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସଂଗଠନ ମତରେ, ନିର୍ବାଚନ ସମୟରେ ରାଜ୍ୟକୁ ୨୦୨୯ ସୁଦ୍ଧା ନିଶାମୁକ୍ତ କରିବାର ପ୍ରତିଶ୍ରୁତି ଦିଆଯାଇଥିବାବେଳେ ବର୍ତ୍ତମାନର ନୀତି ସେହି ଲକ୍ଷ୍ୟର ବିପରୀତ ଦିଗକୁ ଇଙ୍ଗିତ କରୁଛି ବୋଲି ଅଭିଯୋଗ ହୋଇଛି।

ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ହୋଇଥିବା ଏହି ଗଣଧାରଣାରେ ଗୋବିନ୍ଦ ନନ୍ଦ, ଅଜୟ ସାମଲ, ରମଣୀରଞ୍ଜନ ରାଉତରାୟ, ମୁକ୍ତାର ଖାଁ, ଭାଗୀରଥି ଜେନା, ଅମରେନ୍ଦ୍ର ଦାସ, ମହେନ୍ଦ୍ର ପଟ୍ଟନାୟକ, ସୋହାନା ବେଗମ୍, ଅବନ୍ତୀ ବେହେରା, ନିରୁପମା ମହାନ୍ତି, ବିଷ୍ଣୁପ୍ରିୟା ପଣ୍ଡା ଓ ସନ୍ଧ୍ୟାରାଣୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଶିକ୍ଷାନୁଷ୍ଠାନ, ଦେବାଳୟ ଓ ଜନଗହଳିପୂର୍ଣ୍ଣ ସ୍ଥାନ ନିକଟରେ ଥିବା ବିବାଦୀୟ ମଦ ଦୋକାନକୁ ତୁରନ୍ତ ବନ୍ଦ କରିବା ସହ ନୂତନ ନିଲାମ ପ୍ରକ୍ରିୟାକୁ ବାତିଲ କରିବା ପାଇଁ ଦାବି କରିଥିଲେ। ସମାଜ ବିଜ୍ଞାନୀ ଓ ସଚେତନ ମହଲଙ୍କ ମତରେ, ମଦ ବିକ୍ରୟ ଓ ରାଜସ୍ୱ ସଂଗ୍ରହ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଗୋଟିଏ ପଟେ ସରକାରୀ ଆୟର ଆବଶ୍ୟକତା ଥିବାବେଳେ ଅନ୍ୟପଟେ ସାମାଜିକ ସ୍ୱାସ୍ଥ୍ୟ ଓ ଜନକଲ୍ୟାଣର ପ୍ରଶ୍ନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଉଠିଛି। ଧାରଣା ସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲିକ ଆନ୍ଦୋଳନକାରୀଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ସେ ଆଇନର ପରିସର ମଧ୍ୟରେ ରହି ସମସ୍ତ କାର୍ଯ୍ୟ ସମ୍ପାଦିତ ହେବା ନେଇ ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ସରକାର ଏହି ଦାବିଗୁଡ଼ିକୁ କିପରି ବିଚାର କରୁଛନ୍ତି, ତାହା ଉପରେ ଅନେକଙ୍କ ନଜର ରହିଛି।

## କର୍କଟ ପୀଡ଼ିତାଙ୍କୁ ସହାୟତା

**ଡେରାବିଶ, ୩୦।୫(ସମିସ):** ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣ ଶାସନ ଗ୍ରାମର ଦୁରାରୋଗ୍ୟ ପୀଡ଼ିତା ମମତା ଦାଶଙ୍କୁ ଆଜି କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ମମତା ଦୀର୍ଘ ବର୍ଷ ହେଲା ଦୁରାରୋଗ୍ୟ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଗରିବ ମମତା ଦୀର୍ଘଦିନ ହେବ ବାପଘରେ ରହି ଆସୁଥିବାବେଳେ ଆର୍ଥିକ ଅନଟନ କାରଣରୁ ସେ ତାଙ୍କର ଉନ୍ନତ ଚିକିତ୍ସା କରାଇପାରୁ ନ ଥିଲେ। ଏ ସମ୍ପର୍କରେ ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନ ମମତାଙ୍କ ଘରେ ପହଞ୍ଚି ତାଙ୍କୁ ସମବେଦନା ପ୍ରକାଶ କରିବା ସହିତ ତାଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ପ୍ରଧାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଦୁର୍ଗାପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ।



୩୦/୫/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୧,୮୧୫/- ସୁନା:୦୦.୯୫୦ ଗ୍ରାମ୍ ରୁପା: ୦୩.୦୦୦ ଗ୍ରାମ୍



# ତମାଖୁର କଳା ଛାୟାରେ କବଳିତ ପୁରୀ

ପୁରୀ,୩୦।୫(ସମିସ)




ମେ' ୩୧ ବିଶ୍ୱ ତମାଖୁ ବର୍ଜନ ଦିବସ। ୧୯୮୭ରୁ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ତମାଖୁ ସେବନ ଜନିତ ମୃତ୍ୟୁ ଓ ରୋଗ ବିଷୟରେ ସଚେତନତା ପାଇଁ ଏହି ଦିବସ ପାଳନ ହେଉଛି। ପୁରୀରେ ବି ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। କିନ୍ତୁ ପୁରୀ ଜିଲ୍ଲାରେ ଉକ୍ତ ଦିବସ ପାଳନର ଗୋଟିଏ ପାର୍ଶ୍ୱରେ ସଚେତନତା ସଭା ଚାଲିଥିବାବେଳେ ଅନ୍ୟ ପାର୍ଶ୍ୱରେ ପୁରୀ ସହରରୁ ଗ୍ରାମାଞ୍ଚଳ ଯାଏଁ ଦୋକାନ ବଜାରରେ ଗୁଟ୍‌ଖା, ପାନ ମସଲା, ଖଇନି, ବିଡ଼ି-ସିଗାରେଟ୍ ବିକ୍ରି ଚାଲିଛି। ତମାଖୁ ବର୍ଜନ ଦିବସ କେବଳ ସଚେତନତା ସଭାରେ ସୀମିତ ରହିଯାଉଛି, କିନ୍ତୁ ବାସ୍ତବରେ ତମାଖୁ କାରବାର ବଢ଼ିଚାଲିଛି। ସ୍କୁଲ୍-କଲେଜର ୧୦୦ ଗଜ ଭିତରେ ବି ଗୁଟ୍‌ଖା ମାଳ ଝୁଲୁଥିବା ଦେଖିବାକୁ ମିଳୁଛି। କୋଟପା ଆଇନ-୨୦୦୩ ଧାରା-୬ ଅନୁଯାୟୀ ଏହା ସମ୍ପୂର୍ଣ୍ଣ ନିଷେଧ, କିନ୍ତୁ ପାଳନ ଶୂନ୍। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)-୬ ପୁରୀ ଜିଲ୍ଲା ରିପୋର୍ଟ ଏ ଯାଏ ପ୍ରକାଶ ପାଇନାହିଁ। ସର୍ବଶେଷ ଉପଲବ୍ଧ ତଥ୍ୟ ଏନ୍‌ଏଫ୍‌ଏଚ୍‌ଏସ୍-୫ ଅନୁଯାୟୀ, ଓଡ଼ିଶାରେ ୧୫ ବର୍ଷରୁ ଅଧିକ ୫୧.୬ ପ୍ରତିଶତ ପୁରୁଷ ଓ ୨୬ ପ୍ରତିଶତ ମହିଳା ଯେକୌଣସି ପ୍ରକାର ତମାଖୁ ସେବନ କରୁଛନ୍ତି। ପୁରୀ ଜିଲ୍ଲା ମଧ୍ୟ ଏହି ଚିତ୍ରରୁ ବାଦ୍ ନୁହେଁ। ୧୫ ବର୍ଷରୁ ଅଧିକ ପୁରୁଷଙ୍କ ମଧ୍ୟରୁ ପ୍ରାୟ ୪୭.୮ ପ୍ରତିଶତ ଓ ମହିଳାଙ୍କ ମଧ୍ୟରୁ ୨୨.୩ ପ୍ରତିଶତ ଯେକୌଣସି ପ୍ରକାର ତମାଖୁ ସେବନ କରୁଛନ୍ତି। ସହରରୁ ଗାଁ ଯାଏଁ ଗୁଟ୍‌ଖା, ଖଇନି, ପାନ ମସଲା, ବିଡ଼ି-ସିଗାରେଟ୍‌ର ମାଳ ଦୋକାନ ଆଗରେ ଝୁଲୁଛି। ବିଶେଷକରି ଯୁବପିଢ଼ି ଓ କିଶୋରମାନେ କୁସଙ୍ଗରେ ପଡ଼ି ତମାଖୁ ପ୍ରତି ଆକର୍ଷିତ ହେଉଛନ୍ତି।

ପୁରୀ ଜିଲ୍ଲାରେ ତମାଖୁ ସେବନ ଯୋଗୁଁ କ୍ୟାନ୍ସର, କିଡ୍‌ନୀ ରୋଗ, ହୃଦ୍‌ରୋଗ, ଫୁସ୍‌ଫୁସ୍ ଜନିତ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଡାକ୍ତରଙ୍କ କହିବା ଅନୁଯାୟୀ, ଏହି ରୋଗୀମାନଙ୍କ ମଧ୍ୟରୁ ୮୦ରୁ ଅଧିକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ତମାଖୁ ସେବନ ସହ ଜଡ଼ିତ। ସଠିକ୍ ଜିଲ୍ଲାୱାରୀ ତଥ୍ୟ ସାର୍ବଜନୀନ ନ ଥିଲେ ମଧ୍ୟ, ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଟିସିପି) ଅଧୀନରେ ପ୍ରତି ମାସରେ ଭାରତରେ ପ୍ରାୟ ୧୦ ହଜାର ତମାଖୁ ବ୍ୟବହାରକାରୀଙ୍କୁ ୫୦ଟି ଜିଲ୍ଲାସ୍ତରୀୟ ପରାମର୍ଶ କେନ୍ଦ୍ରରେ କାଉନ୍‌ସେଲିଂ ଦିଆଯାଉଛି। ହେଲେ ନିଶା ଛାଡ଼ିବାର ହାର ମାତ୍ର ୧୨ ପ୍ରତିଶତ ରହିଛି। ପୁରୀରେ ମଧ୍ୟ ସମାନ ସ୍ଥିତି। ବହୁ ଲୋକ ନିଶା ଛାଡ଼ିବାକୁ ଚାହୁଁଥିଲେ ବି ସଠିକ୍ ସହାୟତା ଓ ପରାମର୍ଶ ଅଭାବରୁ ପୁଣି ସେବନ ଆରମ୍ଭ କରୁଛନ୍ତି। କୋଟପା ଆଇନ ଅନୁଯାୟୀ, ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ ନିଷେଧ, ୧୮ ବର୍ଷରୁ କମ୍ ପିଲାଙ୍କୁ ତମାଖୁ ବିକ୍ରି ନିଷେଧ ଏବଂ ଶିକ୍ଷାନୁଷ୍ଠାନର ୧୦୦ ଗଜ ଭିତରେ ତମାଖୁ ବିକ୍ରି ମନା। ନିୟମ ଭାଙ୍ଗିଲେ ୨୦୦ରୁ ୫୦୦ ଟଙ୍କା ଜରିମାନା ଓ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ଅଛି। କିନ୍ତୁ ପୁରୀରେ ସ୍କୁଲ, କଲେଜ ପାଖରେ ଗୁଟ୍‌ଖା ବିକ୍ରି ଚାଲିଛି। ବର୍ଷକୁ କାଁ ଭାଁ ଚଢ଼ଉ କରି ଜରିମାନା ଆଦାୟ ପରେ ପ୍ରଶାସନ ହାତ ବାନ୍ଧି ବସୁଛି। ଅନ୍ୟପକ୍ଷରେ ପ୍ରଶାସନର ସୂଚନା ଅନୁଯାୟୀ, ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ସ୍କ୍ୱାଡ୍ ମୋଟ୍ ୨୩ଟି ସ୍ଥାନ ପରିଦର୍ଶନ କରି କୋଟପା ଆଇନ ଉଲ୍ଲଂଘନ ଅଭିଯୋଗରେ ସ୍ପଟ୍ ଫାଇନ୍ ବାବଦକୁ ୧୯ ହଜାର ୫୪୦ ଟଙ୍କା ଆଦାୟ କରିଛି। ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ, ଶିକ୍ଷାନୁଷ୍ଠାନ ପାଖରେ ତମାଖୁ ବିକ୍ରି ଓ ନାବାଳକଙ୍କୁ ବିକ୍ରି ମାମଲାରେ ଏହି ଜରିମାନା ହୋଇଛି।

## ପ୍ରାୟ ଅଧା ପୁରୁଷ ଓ ୪ ଜଣରୁ ଜଣେ ମହିଳା ତମାଖୁ ସେବନ କରୁଛନ୍ତି

ଜିଲ୍ଲା ଯକ୍ଷ୍ମା ଓ କର୍କଟ ନିୟନ୍ତ୍ରଣ କମିଟି ସଦସ୍ୟ ଡ. ବଦ୍ରି ମିଶ୍ର କହିଛନ୍ତି, ଜାନୁଆରୀ ୨୨ରେ ସରକାର ଓଡ଼ିଶାରେ ତମାଖୁ ନିଷିଦ୍ଧ କଲେ। ହେଲେ ନିକୋଟିନ୍ ଶବ୍ଦ ଲଗାଇଦେଲେ। ଯଦ୍ୱାରା ଏବେ ମଧ୍ୟ ମାଳମାଳ ଗୁଟ୍‌ଖା ଓହଳିଛି ସମଗ୍ର ଓଡ଼ିଶାରେ। ଆମ ପାଖରେ ନିକୋଟିନ ଟେଷ୍ଟିଂ ମେସିନ୍ ନାହିଁ। ତେବେ ନିକୋଟିନ ବିହୀନ କୁହାଯାଉଥିବା ଗୁଟ୍‌ଖା ବ୍ୟବହାରରେ ଆମ ଜିଲ୍ଲାରେ ଦନ୍ତରୋଗର ପ୍ରତିଶତ ୭ରୁ ଏହା ମଧ୍ୟରେ ୧୨କୁ ବୃଦ୍ଧି ପାଇଛି। କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିଛି। ଖୁସି ଖବର ଯେ ଯକ୍ଷ୍ମା ବିଭାଗର ସଚେତନତା କାରଣରୁ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା କମିଛି। କ୍ୟାନ୍‌ସର ଓ ଯକ୍ଷ୍ମାମୁକ୍ତ ସମାଜ ପାଇଁ ନିକୋଟିନ୍ ମୁକ୍ତ ଗୁଟ୍‌ଖା ଉତ୍ପାଦନ ସମ୍ପୂର୍ଣ୍ଣ ବ୍ୟାନ୍ ହେବା ଦରକାର ବୋଲି ଡ. ମିଶ୍ର କହିଛନ୍ତି। ତମାଖୁ ବର୍ଜନ ଦିବସ କେବଳ ପ୍ରହସନ ନ ହୋଇ ପ୍ରଶାସନ, ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଓ ସମାଜ ମିଳିତ ଭାବେ କାମ କରିବା ଦରକାର। ଶିକ୍ଷାନୁଷ୍ଠାନକୁ ପ୍ରକୃତରେ 'ତମାଖୁ ମୁକ୍ତ' କରିବା, ବିକ୍ରି ଉପରେ କଟକଣା କଡ଼ାକଡ଼ି କରିବା ଓ ନିଶା ଛାଡ଼ିବା କେନ୍ଦ୍ରକୁ ସକ୍ରିୟ କରିବା ହିଁ ଶ୍ରୀକ୍ଷେତ୍ରକୁ ତମାଖୁ ମୁକ୍ତ କରିପାରିବ।

ରଥଖଳାରୁ...

# ନମ୍ବରିଂ ହେଲା ଦଣ୍ଡା ଫ୍ରେମର ଅଂଶ



**ପୁରୀ,୩୦।୫(ସମିସ):** ରଥଯାତ୍ରା ପାଇଁ ବେଶ୍ ଚଳଚଞ୍ଚଳ ହୋଇଉଠିଛି ରଥଖଳା। ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ତିଆରି ଚାଲିଛି ତିନିରଥ। ଶନିବାର ତିନି ରଥର ଦଣ୍ଡାଫ୍ରେମ୍‌ର ବିଭିନ୍ନ ଅଂଶଗୁଡ଼ିକ ନମ୍ବରିଂ ହୋଇ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ରବିବାର ଦଣ୍ଡା ଫ୍ରେମ୍ ଖୋଲାଯାଇ ପାଞ୍ଚଦଣ୍ଡାରେ ଲାଗିଥିବା ଅଂଶଗୁଡ଼ିକର କାପ, କଳସା ଏବଂ ବିନ୍ଧକାର୍ଯ୍ୟ ସମ୍ପନ୍ନ ହେବ। ଏଥିସହ ତିନିରଥ ଚକ ଅଖ ସଂଯୋଗ ସହ ଚକ ଥାକ ହୋଇ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହେବ। ତିନିରଥର ୧୨ଟି ଲେଖାଏଁ ପୋଲ ଗୟଳରୁ ଦୁଇଟି ଲେଖାଏଁ ବଡ଼ ପୋଲ ଗୟଳ କରତୀ ସେବକ ଚିରଟ କରି ଚଉପଟ ପାଇଁ ରଥ ଚାଳିକୁ ଯୋଗାଇଥିଲେ। ବାକି ପାଲ ଗୟଳଗୁଡ଼ିକ ମଧ୍ୟରୁ ଶନିବାର ଦୁଇଟି ଲେଖାଏଁ ପୋଲ ଗୟଳର ଚଉପଟ କାର୍ଯ୍ୟ ତିନିରଥର ମହାରଣା ସେବକମାନେ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜ ଏବଂ ୮ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଶେଷ ପରେ ତିନିରଥର 'ବେଦୀ ସିଂହାସନ ମୁହାଁଟ'ରେ କୁମ୍ଭ, ମତ୍ସ୍ୟ, ଡାଳି ଲତା ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ମହାରଣା ସେବକମାନେ ତିନିରଥର ୮ଟି ଲେଖାଏଁ 'ନାଟ ଗୋଡ଼' ପଟାରେ ମୁଖ ସାଲ ଶେଷ କରି ରୂପ ଖୋଦେଇ ପାଇଁ ରୂପକାର ସେବକଙ୍କୁ ଯୋଗାଇ ଦେଇଛନ୍ତି। କରତୀ ସେବକମାନେ ଚିତା କାର୍ଯ୍ୟ ପରେ ଦେବଦଳନ ରଥର ୪୦ ଫୁଟିଆ ପୋଲ ଗୟଳର ଚିରଟ କାର୍ଯ୍ୟ ଶେଷ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ଶେଷ କରି ତିନିରଥର ପୋଟଳ ପାଇଁ ଜଙ୍ଘାକଣ୍ଟା ଏବଂ ପୋଟଳ ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

# ଆଜି ଛତିଶା ନିଯୋଗ ବୈଠକ

ପୁରୀ,୩୦।୫(ସମିସ): ରବିବାର ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ନୀଳାଦ୍ରି ଭକ୍ତ ନିବାସରେ ଅପରାହ୍ନ ସାଢ଼େ ୪ଟାରେ ବୈଠକ ବସିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟ ହେବ। ଏଥିସହ ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଅନୁମୋଦନ କରାଯିବ। ବିଶେଷକରି ରାଜେନ୍ଦ୍ରାଭିଷେକ, ରୁକ୍ମିଣୀ ହରଣ ଏକାଦଶୀ, ଚମ୍ପକ ଦ୍ୱାଦଶୀ, ଦଇତାପତି ପ୍ରବେଶ, ସେନାପଟା ଲାଗି, ଦେବସ୍ନାନ ପୂର୍ଣ୍ଣିମା, ଚକାବିଜେ, ଖଳିଲାଗି ଏକାଦଶୀ, ରାଜପ୍ରସାଦ ବିଜେ, ଘଣାଲାଗି ଓ ବନକଲାଗି, ନବଯୌବନ ଦର୍ଶନ, ରଥଯାତ୍ରା, ହେରାପଞ୍ଚମୀ, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା, ଓ ନୀଳାଦ୍ରି ବିଜେ ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। ଯେହେତୁ ଏବର୍ଷ ଅଧିକ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି, ତେଣୁ ଏହାକୁ ଦୃଷ୍ଟିରେ ରଖି ନୀତିକାନ୍ତି କିପରି ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେବ ତାହା ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯିବ। ସେହିପରି ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀକୁ ମଧ୍ୟ ଅନୁମୋଦନ ଦିଆଯିବ। ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀମନ୍ଦିର ସେବାୟତ, କର୍ମଚାରୀ କାମ କରିବେ। ଏଥିରେ ଯାହା ଉଲ୍ଲେଖ ରହିବ ତାହାକୁ ଯେପରି କୌଣସି ସେବାୟତ ଉଲ୍ଲଂଘନ ନ କରିବେ ତା' ଉପରେ ଗୁରୁତ୍ୱ ଦିଆଯିବ। ଛତିଶା ନିଯୋଗ ବୈଠକରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ପ୍ରମୁଖ ଯୋଗଦେବେ।

- ■ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ହେବ
- ■ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଅନୁମୋଦନ ପାଇବ

● ଭିତରକାଠରେ ଛେପ

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୩୦।୫(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ଛେପ ଖଙ୍କାର ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶନିବାର ସକାଳ ୬ଟା ୧୦ରେ ଦ୍ୱାର ଫିଟିଥିଲା। ୬ଟା ୫୦ରେ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି ହୋଇ ସକାଳ ୮ଟା ୧୦ରେ ଅବକାଶ ପୂଜା ସରିଥିଲା। ଏହାପରେ ବେଶ ମଇଲମ ହୋଇଥିଲା। ଏହି ସମୟରେ ଶ୍ରଦ୍ଧାଳୁମାନେ ଭିତରକାଠରେ ଦର୍ଶନ କରୁଥିଲେ। ମାତ୍ର କେହି ଜଣେ ଭିତରକାଠରେ ଛେପ ଖଙ୍କାର ପକାଇ ଦେଇଥିଲେ। ଏହା ନଜରକୁ ଆସିବା ପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସକାଳ ୯ଟା ୪୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୯ଟା ୪୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

# ସାମ୍ବାଦିକଙ୍କୁ ସୁରକ୍ଷା ଓ ପେନ୍‌ସନ ପ୍ରଦାନ ଦାବି

**ପୁରୀ,୩୦।୫(ସମିସ):** ରାଜ୍ୟରେ ସାମ୍ବାଦିକମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦେଶରେ ଅନ୍ୟ ରାଜ୍ୟମାନଙ୍କରେ ସାମ୍ବାଦିକମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ରାଜସ୍ଥାନ ରାଜ୍ୟରେ ମାନ୍ୟତାପ୍ରାପ୍ତ ସମସ୍ତ ସାମ୍ବାଦିକଙ୍କ ପାଇଁ ମାଗଣା ମେଡିକାଲ ସୁବିଧା ସହ ଘର ପ୍ରଦାନ ତଥା ପେନ୍‌ସନ୍ ସୁବିଧା ମିଳୁଛି। ଏଣୁ ଓଡ଼ିଶାରେ ମଧ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ମାନ୍ୟତା ପାଇବା ଉପରେ ପଦକ୍ଷେପ ନେବାକୁ ପ୍ରେସ୍ କାଉନ୍‌ସିଲ୍ ସଦସ୍ୟମାନେ ଦାବି କରିବେ ବୋଲି ମତ ରଖିଛନ୍ତି। ସାମ୍ବାଦିକମାନଙ୍କର ସୁରକ୍ଷା ଓ ପେନ୍‌ସନ୍ ସହ ସେମାନଙ୍କର ସୁବିଧା ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି। ଶନିବାର ପୁରୀରେ ପ୍ରେସ୍ କାଉନ୍‌ସିଲ୍ ସଦସ୍ୟମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ସମୟରେ ଏପରି କିଛି ମତ ରଖିଥିବାବେଳେ ଦେଶରେ ସାମ୍ବାଦିକମାନଙ୍କର କଲ୍ୟାଣ ପାଇଁ ଜଗନ୍ନାଥଙ୍କ ନିକଟରେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ୍ କାଉନ୍‌ସିଲ୍ ସଦସ୍ୟ ଗୁରିନ୍ଦର ସିଂ, ବିଏମ୍ ଶର୍ମା, ସୁଧୀର ପଣ୍ଡା ପ୍ରମୁଖ ସାମିଲ୍ ଥିଲେ।



ପୁରୀରେ ଗର୍ଜିଲା ପୁଲିସ ବନ୍ଧୁକ

# କୁଖ୍ୟାତ ହାଇୱେ ଲୁଟେରା ଚନ୍ଦନ ଜେନାକୁ ଏନ୍‌କାଉଣ୍ଟର

**ପୁରୀ,୩୦।୫(ସମିସ):** ରାଜ୍ୟରେ ବଢୁଥିବା ଅପରାଧ ଓ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଉଠୁଥିବା ପ୍ରଶ୍ନ ମଧ୍ୟରେ ପୁରୀ ପୁଲିସ ଆକ୍ସନ ମୋଡ୍‌କୁ ଆସିଛି। ଶନିବାର ବିଳମ୍ବିତ ରାତିରେ ବାସେଳୀସାହି ଥାନା ପୁଲିସ ଏନ୍‌କାଉଣ୍ଟରରେ ଜଣେ କୁଖ୍ୟାତ ଜାତୀୟ ରାଜପଥ ଡକାୟତ ବିଷ୍ଣୁ ଜେନା ଓରଫ ଚନ୍ଦନକୁ ଗୁଳି କରି କାବୁ କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଶ୍ରୀସେତୁ ରୋଡ୍ ଅଞ୍ଚଳର ମଙ୍ଗଳାହାଟ ଷ୍ଟର୍ଲି ବାଇପାସ୍ ରୋଡ୍‌ର ଓଁକାରେଶ୍ୱର ମନ୍ଦିର ନିକଟରେ ରାତିରେ ଚନ୍ଦନ ଜେନା ମରଣାସ୍ତ୍ର ଧରି ଲୁଟ୍‌ପାଟ୍ ଉଦ୍ଦେଶ୍ୟରେ ଛକି ରହିଥିଲା। ଖବର ପାଇ ବାସେଳୀସାହି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସକୁ ଦେଖି ଚନ୍ଦନ ଚକମା ଦେଇ ବାଇକ୍‌ରେ ଖସିଯିବାକୁ ଉଦ୍ୟମ କରିଥିଲା। କିନ୍ତୁ କୌଣସି କାରଣବସତଃ ସେ ବାଇକ୍‌ରୁ ପଡ଼ିଯାଇଥିଲା। ପୁଲିସ ତାକୁ ଅଟକାଇବାବେଳେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା। ଆତ୍ମରକ୍ଷା ପାଇଁ ପୁଲିସ ପାଲଟା ଗୁଳି ଚଳାଇଥିଲା। ସେଥିରେ ଗୋଟିଏ ଗୁଳି ଚନ୍ଦନର ଡାହାଣ ଗୋଡ଼ରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି। କୋଣାର୍କ-ଚନ୍ଦ୍ରଭାଗା ମେରାଇନ୍ ଅଞ୍ଚଳର ଚନ୍ଦନ ଜେନା ଜଣେ କୁଖ୍ୟାତ ଜାତୀୟ ରାଜପଥ ଲୁଟେରା। ପୁରୀକୁ ସଂଯୋଗ କରୁଥିବା ବିଭିନ୍ନ ଜାତୀୟ ରାଜପଥ, ବିଶେଷକରି କୋଣାର୍କ-ପିପିଲି ରାସ୍ତାରେ ରାତି ଅଧରେ ପଥଚାରୀ, ବାଇକ୍ ଆରୋହୀ ଓ ଗାଡ଼ିକୁ ଅଟକାଇ ମାରଣାସ୍ତ୍ର ଦେଖାଇ ଲୁଟ୍‌ପାଟ୍ କରିବା ତା'ର ମୁଖ୍ୟ କାମ। ତା' ନାଁରେ ପୁରୀ ସମେତ ଅନ୍ୟାନ୍ୟ ଥାନାରେ ଡକାୟତି, ଲୁଟ୍ ଭଳି ସଙ୍ଗୀନ ମାମଲା ରହିଛି। ରାଜ୍ୟରେ ବଢୁଥିବା ଅପରାଧ ଓ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ମଧ୍ୟରେ ପୁଲିସ ଏବେ କଠୋର ହୋଇଛି। ଗତ କିଛି ଦିନ ହେବ ଏକାଧିକ ଜିଲ୍ଲାରେ ଅପରାଧୀଙ୍କ ଏନ୍‌କାଉଣ୍ଟର ଖବର ଆସୁଛି। ପୁରୀ ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି। ବର୍ତ୍ତମାନ ଚନ୍ଦନ ସହ ଆଉ କେଉଁ ଅପରାଧୀ ଏହି ଗ୍ୟାଙ୍ଗ୍‌ରେ ସାମିଲ୍, କେତେ ଲୁଟ୍ କେସ୍‌ରେ ତା'ର ହାତ ଅଛି, ସେସବୁର ତଦନ୍ତ ଆରମ୍ଭ କରିଛି ବାସେଳୀସାହି ପୁଲିସ। ତା' ନିକଟରୁ ଗୋଟିଏ ବନ୍ଧୁକ ଜବତ ହୋଇଛି। ଅଭିଯୁକ୍ତ ଚନ୍ଦନ ଜଣେ କୁଖ୍ୟାତ ଅପରାଧୀ, ଯାହାଙ୍କ ବିରୋଧରେ ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ଥିବା ପୁଲିସ ସୂଚନା ଦେଇଛି। ଚନ୍ଦନ ଜେନା ହେଉଛି ଚନ୍ଦ୍ରଭାଗା ଥାନା ଅଧୀନସ୍ଥ ସୂତନ ଗ୍ରାମ ପଞ୍ଚାୟତର ହଟୁଆଦଣ୍ଡା ଗ୍ରାମର ସୁବାସ ଜେନାଙ୍କ ପୁଅ।



# ସହକାରୀ ସୂଚନା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ,୩୦।୫(ସମିସ)

ସୂଚନା ଓ ଲୋକ ସମ୍ପର୍କ ବିଭାଗରେ କାର୍ଯ୍ୟରତ ସହକାରୀ ସୂଚନା ଅଧିକାରୀ ବା ଏଆଇଓ ରାଜେନ୍ଦ୍ର କୁମାର ପାତ୍ର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ଶ୍ରୀ ପାତ୍ର ବିଭାଗ ପାଇଁ ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ସରକାର ଓ ସରକାରୀ ଯୋଜନାର ପ୍ରଚାରପ୍ରସାର କ୍ଷେତ୍ରରେ ଶ୍ରୀ ପାତ୍ର ବିଭିନ୍ନ ସ୍ଥାନରେ କାମ କରି ସଫଳ ହୋଇଛନ୍ତି ବୋଲି ଶ୍ରୀ ସେଠୀ କହିଥିଲେ।

ନିଜ ପ୍ରତିକ୍ରିୟାରେ ଶ୍ରୀ ପାତ୍ର ବିଭାଗର କାର୍ଯ୍ୟକୁ ସେ ନିଷ୍ଠା ଓ ଆନ୍ତରିକ ଭାବେ କରିଛନ୍ତି ଓ ନିଜ କାର୍ଯ୍ୟରେ ଆତ୍ମତୃପ୍ତି ପାଇଛନ୍ତି ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ, ନିକ୍ଷେପକ ପ୍ରସନ୍ନ କୁମାର ସାହୁ, ଭଣ୍ଡାର ରକ୍ଷକ ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ସ୍ୱାଇଁ, କର୍ମଚାରୀ ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ, ଅବସରପ୍ରାପ୍ତ କର୍ମଚାରୀ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ନାବାଳିକାକୁ ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୩ ବର୍ଷ କାରାଦଣ୍ଡ

**ପୁରୀ,୩୦।୫(ସମିସ):** ୨୦୨୨ରେ ପିପିଲି ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡ୍‌ହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ମହମ୍ମଦ ସାଗିରଙ୍କୁ ଦୋଷୀ ସାବ୍ୟସ୍ତ କରି ପୋକ୍‌ସୋ ଆଇନର ଧାରା ୮ ଅନୁଯାୟୀ, ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦ ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୫ ଦିନ ଜେଲ୍‌ଦଣ୍ଡ ଭୋଗିବାକୁ କୋର୍ଟ ରାୟ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଏପ୍ରିଲ୍ ୯ ତାରିଖରେ ପିପିଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଅଭିଯୁକ୍ତ ଅଶ୍ଳୀଳ ବ୍ୟବହାର ଓ ଯୌନ ଉତ୍ପୀଡ଼ନ ନେଇ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପରେ ପୁଲିସ ଅଭିଯୁକ୍ତ ବିରୋଧରେ ଭାରତୀୟ ଦଣ୍ଡବିଧି ଏବଂ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ତଦନ୍ତ କରିଥିଲା। ଅଦାଲତ ସାକ୍ଷ୍ୟ ଓ ପ୍ରମାଣକୁ ବିଚାର କରି ଅଭିଯୁକ୍ତ ମହମ୍ମଦଙ୍କୁ ଉକ୍ତ ଦଣ୍ଡାଦେଶ ଦେଇଛନ୍ତି। ମାମଲାର ସଫଳ ବିଚାର ନେଇ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ସମସ୍ତ ପ୍ରକ୍ରିୟା ଉପସ୍ଥାପନା କରିଥିଲା। ସରକାରୀ ପକ୍ଷ ପରିଚାଳନା କରିଥିଲେ ପବ୍ଲିକ୍ ପ୍ରୋସିକ୍ୟୁଟର। ମାମଲାର ତଦନ୍ତ ଅଧିକାରୀ ଥିଲେ ଏସ୍‌ଆଇ ସଙ୍ଘମିତ୍ରା ଚାନ୍ଦ। ମାମଲାର ସାକ୍ଷୀମାନଙ୍କୁ ନିୟମିତ ଭାବେ ଅଦାଲତରେ ଉପସ୍ଥାପନ ଏବଂ ଦ୍ରୁତ ବିଚାର ପ୍ରକ୍ରିୟା ସୁନିଶ୍ଚିତ କରିବାରେ ପିପିଲି ପୁଲିସ ଟିମ୍ ଗୁରୁତ୍ୱପୂର୍ଣ୍ଣ ସହଯୋଗ କରିଥିଲେ। ନାବାଳିକାଙ୍କ ବିରୋଧରେ ଅପରାଧ ଘଟାଉଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଜୁନ୍ ମାସରେ ୫ ଦିନ ଯୁଗ୍ମ ଅଭିଯୋଗ ଶୁଣାଣି

**ପୁରୀ,୩୦।୫(ସମିସ):** ଜୁନ୍ ମାସର ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଜୁନ୍ ୧ ତାରିଖରେ ଜିଲ୍ଲା ସଦର ମହକୁମା ସଦ୍‌ଭାବନା ସଭାଗୃହଠାରେ ଓ ୮ ତାରିଖରେ ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ ଗୃହରେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ୧୬ ତାରିଖରେ ପିପିଲି ବ୍ଲକ୍ ସମ୍ମିଳନୀ ଗୃହରେ, ୨୨ରେ ଡେଲାଙ୍ଗ ବ୍ଲକ୍ ସମ୍ମିଳନୀ ଗୃହ ଓ ୨୯ରେ ଗୋପ ବ୍ଲକ୍ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦ଟାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ସୂଚନା ମିଳିଛି।

ରଥଯାତ୍ରା ପାଇଁ ରେଳବାଇ ପରିଚାଳନା ସମ୍ପର୍କିତ ବୈଠକ

# ଯାତ୍ରୀଙ୍କ ବିବିଧ ସୁବିଧାକୁ ଗୁରୁତ୍ୱ

ପୁରୀ, ୩୦।୫ (ସମିସ): ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ରେଳବାଇର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶନିବାର ଅପରାହ୍ନରେ ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ସମୟରେ ରେଳବାଇର ବିବିଧ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ଯାତାୟାତ ପାଇଁ ରେଳବାଇ ଏକ ପ୍ରମୁଖ ମାଧ୍ୟମ। ତେଣୁ ଯାତ୍ରୀ ସୁବିଧା, ସୁରକ୍ଷା, ବିବିଧ ସୂଚନା ପ୍ରଦାନ, ସେମାନଙ୍କ ରହଣି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷଙ୍କ ଆୟୋଜନ ସମ୍ପର୍କରେ ବିଷଦ୍ ଭାବେ ବୈଠକରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଆଇଜି ଆର୍‌ପିଏଫ୍ ଅଶୋକ ବେହେରା, ଏସ୍‌ପି ପ୍ରତୀକ୍ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ରେଳ ଷ୍ଟେଶନ ଡାଇରେକ୍ଟର ପ୍ରମୁଖ ଯୋଗଦେଇ ପୁରୀଠାରୁ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ୍‌କୁ ଅଧିକ ରେଳ ଚଳାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଯାତ୍ରୀମାନଙ୍କର ଭିଡ଼ ହ୍ରାସ ହୋଇପାରିବ। ସେହିପରି ଯାତ୍ରୀ ବିଶ୍ରାମସ୍ଥଳ, ଶୌଚାଳୟ, ଅଧିକ ଟିକଟ୍ କାଉଣ୍ଟର ଖୋଲିବା, ବର୍ଷା ହେଲେ ଯେଉଁଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଯାତ୍ରୀମାନଙ୍କୁ ଅଧିକରୁ ଅଧିକ ଅପ୍ ଟୁ ଡେଟ୍ ସୂଚନା ପ୍ରଦାନ କରିବା, ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଅନ୍ନଦାନ ବ୍ୟବସ୍ଥା କରିବା (ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ), ପାନୀୟ ଜଳର ବ୍ୟବସ୍ଥା, ଯାତ୍ରୀ ସୁରକ୍ଷା ପାଇଁ ଆର୍‌ପିଏଫ୍‌ଙ୍କୁ ଦାୟିତ୍ୱ ସହ ସିସିଟିଭିର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରେଳବାଇର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ରେଳବାଇ ପକ୍ଷରୁ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ରଥଯାତ୍ରା ଲାଗି ଗ୍ରହଣ କରାଯିବା ପାଇଁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେସନ ଡାଇରେକ୍ଟର ସୂଚନା ଦେଇଥିଲେ। ପରେ ସମସ୍ତ ଅଧିକାରୀ ପୁରୀ ରେଳ ଷ୍ଟେସନର କ୍ଷେତ୍ର ପରିଦର୍ଶନ କରିଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସଚିନ ପାଟିଲ, ସୌମ୍ୟରଞ୍ଜନ ମଲ୍ଲିକ, ଦେବୀ ପ୍ରସାଦ ପ୍ରତାପ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ, ପୁଲିସ ଓ ରେଳବାଇ ଅଧିକାରୀ ଯୋଗଦେଇଥିଲେ।



ସମୀକ୍ଷା ପରେ କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ

**ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଜିଲ୍ଲା ପ୍ରଶାସନର ବୈଠକ**

# ରଜ ପରେ ହେବ ଜବରଦଖଲ ଉଚ୍ଛେଦ

ଜଗତସିଂହପୁର,୩୦।୫(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ସହରର ସୌନ୍ଦର୍ଯ୍ୟ କରଣ ଏବଂ ଜବରଦଖଲ ମୁକ୍ତ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ଜଗତସିଂହପୁର ସହର ମଧ୍ୟରେ ଥିବା ରାସ୍ତାର ଚଉଡ଼ା ଖୁବ୍ କମ ଏବଂ ଅନେକ ସ୍ଥାନରେ ରାସ୍ତା ମଧ୍ୟ ଜବରଦଖଲରେ ରହିଛି ବୋଲି ସୂଚନା ଦେଇଥିଲେ। ତେଣୁ ସହରର ସୋନ୍ଦର୍ଯ୍ୟକରଣ ତଥା ଅନାବଶ୍ୟକ ଭିଡରୁ ବର୍ତ୍ତିବା ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ବିଧାୟକ ଶ୍ରୀ ଦାସ। ଆଗକୁ ରଜ ପର୍ବ ଆସୁଥିବାରୁ ସେପର୍ଯ୍ୟନ୍ତ ଉଠା ଦୋକାନୀଙ୍କ ପ୍ରତି ସମ୍ବେଦନଶୀଳ ରହି କିଛିଦିନ ସମୟ ଦେବାକୁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ. ସୋନାଲ ବିଧାୟକଙ୍କ ପ୍ରସ୍ତାବରେ ସହମତି ରଖି ଆଗାମୀ ରଜ ପର୍ବ ପର୍ଯ୍ୟନ୍ତ ଉଚ୍ଛେଦ ବନ୍ଦ ରହିବ ବୋଲି କହିଥିଲେ। କିନ୍ତୁ ଏହି ସମୟ ମଧ୍ୟରେ ପ୍ରଶାସନ ପକ୍ଷରୁ ମାଇକିଂ, ସଚେତନତା ନୋଟିସ କରାଯିବ ଏବଂ ରଜ ପରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହେବ। ସରକାରୀ ଜାଗାରେ ଜବରଦଖଲ ପାଇଁ ଶୁନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ସ୍ଥାନୀୟ ଜନସାଧାରଣ, ଜନ ପ୍ରତିନିଧି ଓ ପ୍ରଶାସନର ମିଳିତ ସହଯୋଗରେ ଉନ୍ନତିମୂଳକ କାର୍ଯ୍ୟ କରାଯାଇ ପାରିବ ବୋଲି ଜିଲ୍ଲାପାଳ କହିଥିଲେ। ବିଭିନ୍ନ ଜାଗାରେ ପାର୍କିଂ ଏବଂ ନୋ ପାର୍କିଂ ଜୋନ୍ ଚିହ୍ନଟ ଓ ସୌନ୍ଦର୍ଯ୍ୟ କରଣ ପାଇଁ ସେ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଭେଣ୍ଡିଂଯୋନ ନିର୍ମାଣ ଓ ନିର୍ମାଣ ସମୟରେ ବୁଦ୍ଧିଜୀବୀ ତଥା ଭେଣ୍ଡରମାନଙ୍କ ପରାମର୍ଶ ନେଇ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ନିର୍ମାଣ ଶୈଳୀ ଓ କାର୍ଯ୍ୟ କରିବା, ଭେଣ୍ଡର ମାନଙ୍କର ଏକ ଲିଷ୍ଟ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜବରଦଖଲକାରୀଙ୍କୁ ପ୍ରଥମେ ନୋଟିସ କରାଯିବ ଓ ତା'ପରେ ନମାନିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ରାସ୍ତାରେ ଗାଡ଼ି ପାର୍କିଂ କରୁଥିବା ଲୋକଙ୍କ ପାଇଁ ଅଭିନବ ଉପାୟରେ ପାର୍କିଂ ହଟାଇବାକୁ ପଦକ୍ଷେପ ନିଆଯିବ। ଦିନବେଳା ଭାରୀଯାନ, ବାଲିଗାଡି ପ୍ରବେଶ ଉପରେ କଟକଣାକୁ କଠୋର କରାଯିବ ସହ ବିଭାଘର, ପର୍ବପର୍ବାଣୀ ସମୟରେ ପୁଲିସ ଟିମ୍ ମୁତୟନ ନେଇ ଆଲୋଚନା ହୋଇଥିଲା। ଲୋକମାନେ ସଚେତନ ହେଲେ ସମସ୍ୟା ଅନେକ ମାତ୍ରାରେ ସୁଧୁରିପାରିବ ବୋଲି ଜିଲ୍ଲାପାଳ ଆଶା ପୋଷଣ କରିଥିଲେ। ବୈଠକରେ ଉପସ୍ଥିତ ରହି ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସମସ୍ତେ ନିଜର ନୈତିକ ଦାୟିତ୍ୱ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସଭାରେ ଉପସ୍ଥିତ ରହି ବିଭିନ୍ନ ବଜାର କମିଟି ସଦସ୍ୟ ମାନେ ମଧ୍ୟ ନିଜ ନିଜର ବକ୍ତବ୍ୟ ଓ ମତାମତ ରଖିଥିଲେ। ଗାନ୍ଧୀ ଛକ ନିକଟରେ ଭେଣ୍ଡିଂଜୋନ ନିର୍ମାଣ, ବକ୍ସ କଲଭର୍ଟକୁ ଉଠାଦୋକାନୀ ଓ ପାର୍କିଂ ପାଇଁ ବ୍ୟବହାର, ବିଦ୍ୟୁତ୍ ଖୁଣ୍ଟକୁ ମୁଖ୍ୟ ରାସ୍ତାରୁ ହଟାଇବାକୁ ବ୍ୟବସ୍ଥା, ବାଲିଗାଡି କଟକଣା, ପାର୍କିଂ ଜୋନ୍ ଚିହ୍ନଟ, ମେଡିକାଲ ରୋଡ, ରଶ୍ମୀ ହଲ୍ ଛକ ଠାରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ଆଦି ବିଷୟରେ ସମୀକ୍ଷା ଆଲୋଚନା ହୋଇଥିଲା। ଏହି ବୈଠକରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ନିର୍ବାହୀ ଅଧିକାରୀ ପୌର ପରିଷଦ ସନ୍ଦୀପ ସିଂହ, ବଜାର କମିଟି ସଦସ୍ୟ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

**ପାରାଦୀପ ବନ୍ଦରରେ ଦୁର୍ଘଟଣା**

# ଲୁହାପଥର ବକେଟ ଖସି ହାଇୱା ଡ୍ରାଇଭର ମୃତ



**ପାରାଦୀପ,୩୦।୫(ସମିସ):** ଆଜି ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଏକ ଦୁର୍ଘଟଣା ଘଟି ଜଣେ ହାଇୱା ଡ୍ରାଇଭରଙ୍କର ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ସରୋଜ ଖିଲାର (୩୭) ସୂଚନା ଅନୁଯାୟୀ, ପାରାଦୀପ ବନ୍ଦର ସିକ୍ୟୁ-୧ ବର୍ଥରେ ଜିନ୍-ହାଏ-ହେ ନାମକ ଏକ ଜାହାଜରେ ଆଇରନ୍ ଓର୍ ବୋଝେଇ ହେଉଥିଲା। ଏହି ଜାହାଜରେ ଆଇରନ୍ ଓର୍ ପ୍ଲଟରୁ ଆଇରନ୍ ଓର୍ ପରିବହନ ନିମନ୍ତେ ହାଇୱା ନିୟୋଜିତ ହୋଇଥାଏ। ଶନିବାର ଦିନ ପ୍ଲଟରୁ ଆଇରନ୍ ଓର୍ ଆଣି ଜାହାଜ ପାଖରେ ଓଆର୍-୨୧-ବି-୯୨୩୬ ନମ୍ବର ବିଶିଷ୍ଟ ହାଇୱା ଆସିଥିଲା। ଜାହାଜରେ ଆଇରନ୍ ଓର୍ କ୍ରେନ୍ ଯୋଗେ ବୋଝେଇ ହେଉଥିବା ବେଳେ କ୍ରେନ୍ ବକେଟରୁ ଆଇରନ୍ ଓର୍ ଖସି ପଡିଥିଲା। କ୍ରେନ୍ ତଳେ ଥିବା ହାଇୱା କ୍ୟାବିନ୍ ଉପରେ ଏହି ଆଇରନ୍ ଓର୍ ଖସି ପଡିଥିବାରୁ ଗାଡ଼ିରେ ଥିବା ଡ୍ରାଇଭର ସରୋଜ ଖିଲାର (୩୭) ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇ ଅନ୍ୟ ହାଇୱା ଚାଳକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତ ଗାଡି ଚାଳକ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଅନଲାକଟା ଗ୍ରାମର ପର୍ଶୁରାମ ଖିଲାରଙ୍କ ପୁଅ ବୋଲି ଜଣାପଡିଛି। ସେ ସୟଦ ଖାନ୍‌ଙ୍କ ହାଇୱା ଚାଳକ ଭାବେ କାମ କରୁଥିଲେ। ତେବେ ଶୁକ୍ରବାର ପାରାଦୀପରେ ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାରେ ଆଇରନ୍ ଓର୍ ସମ୍ପୂର୍ଣ୍ଣ ଭାବେ ଓଦା ହୋଇ କାଦୁଅ ଆକାରର ହୋଇଯାଇଥିଲା। ଓଦା କାଦୁଆ ଆକାରର ଆଇରନ୍ ଓର୍ କ୍ରେନ୍ ଯୋଗେ ବୋଝେଇ ହେଉଥିବାରୁ ଆଇରନ୍ ଓର୍ ଖସି ପଡ଼ି ଏଭଳି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ତେବେ ଉକ୍ତ କ୍ରେନଟି ଘରୋଇ ସଂସ୍ଥା ଏବିସି ଟ୍ରାନ୍ସ କ୍ୟାରିୟର ର ହୋଇଥିବା ବେଳେ ଷ୍ଟିଭେଡୋର୍ସ ଭାବେ କାମ 'ଲିବର୍ଟ ମେରାଇନ' ନାମକ ସଂସ୍ଥା ଦ୍ୱାରା କରାଯାଉଥିଲା ବୋଲି ଜଣାପଡିଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ରଥ ଶୁଭାରମ୍ଭ



**ଜଗତସିଂହପୁର,୩୦।୫(ସମିସ):** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ସଚେତନତା ରଥକୁ ଜିଲ୍ଲାପାଳ ଜେ. ସୋନାଲ ଶୁଭାରମ୍ଭ କରିଛନ୍ତି। ପ୍ରକାଶ ଥାଉ କି, ଆଜି ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ବୁଲି ଦୁଇଟି ଲେଖାଏଁ ପରିଗଣନା ଫର୍ମ ବଣ୍ଟନ କରିବେ। ନାଗରିକମାନେ ଏହି ଫର୍ମ ପୂରଣ କରି ଗୋଟିଏ ଫର୍ମ ବିଏଲଓଙ୍କୁ ହସ୍ତାନ୍ତର କରିବା ସହ ଅନ୍ୟ ପୂରଣ ହୋଇଥିବା ଫର୍ମରେ ବିଏଲଓଙ୍କ ଦସ୍ତଖତରେ ନିଜ ପାଖରେ ରଖିବେ। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ରଥ ଜିଲ୍ଲାର ସମସ୍ତ ୮ଟି ବ୍ଲକ ଓ ୨ଟି ପୌରାଞ୍ଚଳ ପରିଭ୍ରମଣ କରି ଜନସାଧାରଣଙ୍କୁ ସଚେତନ କରାଇବ। ରଥ ଉଦଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଡେପୁଟି କଲେକ୍ଟର ନିର୍ବାଚନ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀକାନ୍ତ ଦାସ ହେଲେ କୁଜଙ୍ଗ ବ୍ଲକ୍ କଂଗ୍ରେସ ସଭାପତି



**କୁଜଙ୍ଗ/ପାରାଦୀପ,୩୦।୫(ସମିସ):** କୁଜଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ଯୁବନେତା ଶ୍ରୀକାନ୍ତ ଦାସ(ମୁନା)କୁ ନିଯୁକ୍ତି ଦିଆଯାଇଥିବାର ଜଣାପଡିଛି। ଶ୍ରୀକାନ୍ତ କୁଜଙ୍ଗ ବ୍ଲକର ଜଣେ ଜଣାଶୁଣା ଯୁବ ଚେହେରା ହୋଇଥିବା ବେଳେ ପୂର୍ବରୁ ଛାତ୍ର ରାଜନୀତି, ବ୍ଲକ ଯୁବ କଂଗ୍ରେସ ସଭାପତି ଓ ଜିଲ୍ଲା କମିଟି ସମ୍ପାଦକ ଭାବେ ସୁଚାରୁ ରୂପେ କାର୍ଯ୍ୟ କରିଥିଲେ। ଶ୍ରୀକାନ୍ତ ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକଙ୍କ ଘନିଷ୍ଠ ସହଯୋଗୀ ହୋଇଥିବା ବେଳେ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ଅନ୍ତରଙ୍ଗ। ଏ ସଂକ୍ରାନ୍ତ ନିଯୁକ୍ତି ପାଇବା ପରେ ଶ୍ରୀକାନ୍ତ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ନିର୍ବାଚନ ମଣ୍ଡଳୀ ନେତା ନିରଞ୍ଜନ ନାୟକ ଓ ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ବରିଷ୍ଠ କଂଗ୍ରେସ କର୍ମୀ ମୋହନ ଚରଣ ଦାସ, ଜିତୁ ନାରାୟଣ ସାହୁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ଦାସ, ପାରାଦ୍ୱୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ସୌମ୍ୟ ରଞ୍ଜନ ରାଉତ, ଉଦ୍ଧବ ମାଝୀ, ଜଗନ୍ନାଥ ସ୍ୱାଇଁ, ଟହଲି ବେହେରା, ପ୍ରଦୀପ୍ତ କୁମାର ବେଉରା ଓ ସ୍ୱାଧୀନ ପାଲ, ଜାନକୀ ମହାରଥ ପ୍ରମୁଖ ଶ୍ରୀକାନ୍ତୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ନେତୃତ୍ୱରେ ସଂଗଠନ ସୁଦୃଢ଼ ହେବ ବୋଲି କହିଛନ୍ତି।

# ଡିପୋଜିଟର ଏଜୁକେସନ୍ ସଚେତନତା କାର୍ଯ୍ୟକ୍ରମ

**ଏରସମା,୩୦।୫(ସମିସ):** ଆର୍ଥିକ ସଚେତନତା ଦିଗରେ ଦୀର୍ଘ ଦିନ ହେବ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଆସୁଥିବା ସାମାଜିକ ଅନୁଷ୍ଠାନ ମଦର ପକ୍ଷରୁ ଡିପୋଜିଟର ଏଜୁକେସନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମକରଧ୍ୱଜ ଶିଳ୍ପ ତାଲିମ ଅନୁଷ୍ଠାନଠାରେ ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏରସମା ବ୍ଲକ୍ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବକ୍ତା ଭାବରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ବ୍ରଜକିଶୋର ନାୟକ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ଆଞ୍ଚଳିକ ମୁଖ୍ୟ ସୂର୍ଯ୍ୟପ୍ରସାଦ ରଥ ଉପସ୍ଥିତ ଥିଲେ। ମଦର ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଆର୍ଥିକ କ୍ଷେତ୍ରରେ ସଚେତନତା ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ଏରସମା ସିଏଫ୍ଏଲ୍ କେନ୍ଦ୍ରର କୋର୍ଡିନେଟର ନିଶାକର ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଏରସମା ବ୍ଲକର ଅଧ୍ୟକ୍ଷା, ସ୍ଥାନୀୟ ପଞ୍ଚାୟତ ସମିତିର ସଭ୍ୟ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଜିଲ୍ଲାରେ ଥିବା ତିନିଗୋଟି ସିଏଫଏଲ୍ କେନ୍ଦ୍ରର କାଉନସେଲର ଓ କୋର୍ଡିନେଟର ମାନେ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ପରିଚାଳନା କରିଥିଲେ।

**ମହିଳା ଶୌଚାଳୟରୁ କ୍ୟାମେରା ଜବତ ମାମଲା**

# ଅଭିଯୁକ୍ତ କର୍ମଚାରୀ ସଞ୍ଜୟ ଅଧେକା ନିଲମ୍ବିତ

**ଜଗତସିଂହପୁର,୩୦।୫(ସମିସ):** ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଏକ ମହିଳା ଶୌଚାଳୟରୁ ସିସିଟିଭି କ୍ୟାମେରା ଜବତ ଘଟଣା ଏବେ ଜିଲ୍ଲାରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଆଜି ଉକ୍ତ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ସଞ୍ଜୟ ଅଧେକାଙ୍କୁ ଏହି କ୍ୟାମେରା ଲଗାଇବା ଅଭିଯୋଗରେ ଜିଲ୍ଲାପାଳ ଜେ.ସୋନାଲ ନିଲମ୍ବିତ କରିଛନ୍ତି। ଗତ ୨୫ ତାରିଖରେ ଏହି ଘଟଣା ସମ୍ପର୍କରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କ୍ୟାମେରାକୁ ଜବତ କରିବା ସହିତ ଛାନଭିନ ଆରମ୍ଭ କରିଥିଲା। ସେହିପରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଲାଗିଥିବା ଭିନ୍ନ ଭିନ୍ନ ସିସିଟିଭି କ୍ୟାମେରାର ବିଗତ ୧୫ ଦିନର ରେକର୍ଡିଂ ଯାଞ୍ଚ କରିଥିଲା ପୁଲିସ। ଏହାକୁ ଆଧାର କରି ରାଜସ୍ୱ ସହାୟକ ସଞ୍ଜୟ ଅଧେକାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ତେବେ ଏ ସମ୍ପର୍କରେ ଅଧିକ କିଛି ତଥ୍ୟ ପୁଲିସ ପକ୍ଷରୁ ଦିଆଯାଇନାହିଁ। ସଞ୍ଜୟଙ୍କୁ ତିର୍ତ୍ତୋଲ ଥାନାରେ ଅଟକ ରଖି ଜେରା କରାଯାଉଛି ବୋଲି ସୂଚନା ମିଳିଛି।

# ୯୫ ଲିଟର ଆସ୍କାଫର୍ଟି ଜବତ; ଜଣେ ଗିରଫ

**ପାରାଦୀପ,୩୦।୫(ସମିସ):** ପାରାଦୀପ ଆଦର୍ଶ ଥାନା ଅଧୀନ ଅଠରବାଙ୍କୀ ଅଞ୍ଚଳରୁ ଆଜି ଜଣେ ଚୋରା ମଦ ବେପାରୀକୁ ଗିରଫ କରିଛି ପୁଲିସ। ତା' ନିକଟରୁ ୯୫ ଲିଟର ଆସ୍କାଫର୍ଟି ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ ଆଜି ସକାଳୁ ସକାଳୁ ଦୁଇ ଜଣ ଚୋରା ମଦ ବେପାରୀ ଏକ ବାଇକ୍‌ରେ ୯୫ ଲିଟର ଆସ୍କାଫର୍ଟି ନେଇ ଯାଉଥିବା ବେଳେ ଅଠରବାଙ୍କୀ ନିକଟରେ ପୁଲିସ ସେମାନଙ୍କୁ ମାଡି ବସିଥିଲା। ତେବେ ଜଣକୁ ପୁଲିସ ମାଡି ବସିଥିବା ବେଳେ ଅନ୍ୟ ଜଣେ ବାଇକ ଛାଡି ଦୌଡି ପଳାଇଥିଲେ। ଗିରଫ ବ୍ୟକ୍ତି ଜଣକ ହେଲେ ବାଲିକୁଦା ଥାନା ଅଧୀନ ନହରଣା ଅଞ୍ଚଳର ଗଙ୍ଗାଧର ଅବଲ (୪୧)। ଉଭୟ ପାରାଦୀପ ଅଞ୍ଚଳରେ ଚୋରା ମଦ ବ୍ୟବସାୟ କରୁଥିବା ପୁଲିସ ତଦନ୍ତ ରୁ ଜାଣିବାକୁ ପାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଯୁବକ କୁ କୋର୍ଟ ଚାଲାଣ କରାଯାଇଛି।

# କଲଭର୍ଟ ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଏରସମା,୩୦।୫(ସମିସ):** ଏରସମା-ଚଟୁଆ ରାସ୍ତାର ଜଳଉ ନିକଟରେ ଥିବା ଏକ କଲଭର୍ଟ ନଳା ଭିତରୁ ଶନିବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସକାଳ ସମୟରେ ସେହି ରାସ୍ତା ଦେଇ ଯାଉଥିବା ଜଣେ ମଇଁଷି ଚରାଳି ପ୍ରଥମେ କଲଭର୍ଟ ଭିତରେ ମୃତଦେହ ପଡ଼ିଥିବା ଦେଖିଥିଲେ। ପରେ ସେ ନିକଟସ୍ଥ ଚିଙ୍ଗୁଡ଼ି ଘେରିର ମାଲିକ ମନୋରଞ୍ଜନ ରାଉତଙ୍କୁ ଏ ବିଷୟରେ ଜଣାଇଥିଲେ। ଶ୍ରୀ ରାଉତ ତୁରନ୍ତ ଏରସମା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଏରସମା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ, ମୃତ୍ୟୁର କାରଣ ମଧ୍ୟ ସ୍ପଷ୍ଟ ହୋଇନାହିଁ। ପୁଲିସ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ମୃତ ଯୁବକଙ୍କ ପରିଚୟ ଓ ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଏରସମା ପୁଲିସ ତଦନ୍ତ ଜାରି ରଖିଛି। ଶବ ଉଦ୍ଧାର ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଆଲୋଚନା ଚାଲିଛି।

# ମହିଳାଙ୍କ ଭିଡିଓ ଭାଇରାଲ୍ ଅଭିଯୋଗ; ଯୁବକ ଗିରଫ

**ଜଗତସିଂହପୁର,୩୦।୫(ସମିସ):** ଜଣେ ବିବାହିତ ମହିଳାଙ୍କ ଆପତ୍ତିଜନକ ଫଟୋ ଏବଂ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଏହି ଯୁବକଙ୍କ ନାମ ସ୍ୱପ୍ନକାନ୍ତ ସାମଲ ଏବଂ ତାଙ୍କ ଘର କଟକ ବିଡାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଦଳିତସାହିରେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ସ୍ୱପ୍ନକାନ୍ତ ଗତ ଜାନୁଆରୀ ମାସରେ ଜଗତସିଂହପୁର ଜିଲ୍ଲାର ଜଣେ ବିବାହିତ ମହିଳାଙ୍କ ସହିତ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରଥମେ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ପ୍ରାୟ ଏକ ସପ୍ତାହ ଧରି ଫୋନରେ କଥାବାର୍ତ୍ତା ହେବା ପରେ ସମ୍ପର୍କ ନିବିଡ଼ ହୋଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ପୀଡ଼ିତା ମହିଳାଙ୍କ ସହିତ ଭିଡିଓ କଲିଂ କରି କୌଶଳ କ୍ରମେ ତାଙ୍କର ଆପତ୍ତିଜନକ ଫଟୋ ଏବଂ ଭିଡିଓ ରେକର୍ଡିଂ କରି ନେଇଥିଲା। ପରେ ଏହାକୁ ଦେଖାଇ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ ପାଇଁ ଉଦ୍ୟମ କରିବା ସହିତ ୧ ଲକ୍ଷ ଟଙ୍କା ମାଗିଥିଲା। ତେବେ ସବୁ ଦିଗରୁ ନିରାଶ ହେବା ପରେ ମହିଳାଙ୍କ ଭିଡିଓ ଏବଂ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଇଥିଲା। ଘଟଣା ପ୍ରଘଟ ହେବା ପରେ ପୀଡ଼ିତା ମହିଳାଙ୍କ ସ୍ୱାମୀ ଏବଂ ଅନ୍ୟ ସମ୍ପର୍କୀୟମାନଙ୍କ ନଜରକୁ ଗତ ୨୬ ତାରିଖରେ ଏହି ଭାଇରାଲ ଭିଡିଓ ଆସିଥିଲା। ଗତ ୨୮ ତାରିଖରେ ପୀଡ଼ିତା ଜଗତସିଂହପୁର ଆସି ସାଇବର ଥାନା ଦାୟିତ୍ୱରେ ଥିବା ଡିଏସପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସର ଏକ ଟିମ୍ ଏହି ମାମଲାର ତଦନ୍ତ ଆରମ୍ଭ କରିଥିଲା ଏବଂ ଅଭିଯୁକ୍ତ ସ୍ୱପ୍ନକାନ୍ତକୁ କଟକରୁ ଗିରଫ କରିବାରେ ସଫଳ ହୋଇଥିବା ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଅଭିଯୁକ୍ତ ନିକଟରୁ ଏକ ମୋବାଇଲ ଫୋନ ଜବତ କରିବା ସହିତ ଆଜି ତାକୁ କୋର୍ଟଚାଲାଣ କରାଯାଇଛି।

# ନିଶା ନିବାରଣ ଅଭିଯାନର ଧାରଣା



**ଜଗତସିଂହପୁର,୩୦।୫(ସମିସ):** ଓଡ଼ିଶା ନିଶା ନିବାରଣ ଅଭିଯାନ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ମଦ ଦୋକାନ ଖୋଲିବାକୁ ବିରୋଧ କରି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ସହ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନର ଜଗତସିଂହପୁର ଜିଲ୍ଲା ଶାଖାର ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୯ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଏହି ଧାରଣା ଚାଲିଥିଲା। ଉକ୍ତ ଧାରଣାସ୍ଥଳରେ ସ୍ନେହାଂଶୁ ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଦୁର୍ଗାଚରଣ ସ୍ୱାଇଁ, ଅମ୍ବିକା ପ୍ରସାଦ ମହାନ୍ତି, ପ୍ରମୋଦ କୁମାର ଦାଶ, ରାଧାରାଣୀ ପ୍ରଧାନ, ସବିତା ସାମଲ, ସବିତା ସ୍ୱାଇଁ, ଲିଲି ପଢିଆରି, ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ସୁମିତ୍ରା ସାହୁ, ପ୍ରଶାନ୍ତ ସାହୁ, ଅଶୋକ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ପରିଡା, ବୈକୁଣ୍ଠ ବିଶ୍ୱାଳ, ବାବୁରାମ ଚୌଧୁରୀ, ଗୋବିନ୍ଦ ଓଝା ବିଭୁତି ଭୂଷଣ ଜେନା, ଶିକ୍ଷାବିତ ରମାରଞ୍ଜନ ସ୍ୱାଇଁ, ସୁରେଶ ଚନ୍ଦ୍ର ସ୍ୱାଇଁ, ଭୁବନାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ମଦ ପ୍ରସାର ଯୋଜନାକୁ ଘୋର ବିରୋଧ କରିବା ସହିତ ଏକ ନିଶାମୁକ୍ତ ସମାଜ ଗଠନ ଆମର ଲକ୍ଷ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ସେହିପରି ଏବେ ଜିଲ୍ଲା ଓ ରାଜ୍ୟରେ ମଦ ଦୋକାନ ନବୀକରଣ ପାଇଁ ଚାଲିଥିବା ପ୍ରକ୍ରିୟା ବନ୍ଦ କରିବା ପାଇଁ ମତ ପୋଷଣ କରିଥିଲେ ଆନ୍ଦୋଳନକାରୀ। ଶେଷରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ଏ ସମ୍ପର୍କୀତ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା।

# ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କ ସ୍ମୃତିସଭା

**କୁଜଙ୍ଗ,୩୦।୫(ସମିସ):** ବିଶିଷ୍ଟ ଶିକ୍ଷାବିତ୍ ତଥା ଓକଲା ସତ୍‌ସଙ୍ଗ କେନ୍ଦ୍ର ପ୍ରାକ୍ତନ ସଭାପତି ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ଦ୍ୱାଦଶାହ ଉପଲକ୍ଷ ଏକ ସ୍ମୃତିଚାରଣ ସଭା ଲଥାଙ୍ଗ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭାବଗ୍ରାହୀ ମିଶ୍ରଙ୍କ ସଭାପତିତ୍ୱରେ ଶିକ୍ଷାବିତ୍ ମୁରାରୀ ମିଶ୍ର, ନିରଞ୍ଜନ ନାୟକ, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ଶିକ୍ଷକ ନେତା ଅକ୍ଷୟ କୁମାର ଦାସ, ପ୍ରଫୁଲ୍ଲ କୁମାର ମହାପାତ୍ର, ସମାଜସେବୀ ଡ. ସୁନାକର ବେହେରା, ବରିଷ୍ଟ କମ୍ୟୁନିଷ୍ଟ ନେତା ବାବୁରାମ ଚୌଧୁରୀ, ଧିରେନ୍ଦ୍ର ନାଥ ଆଚାର୍ଯ୍ୟ, ପ୍ରାଧ୍ୟାପକ ତଥା ସହ ପ୍ରତି ରତିକ ପ୍ରକାଶ କୁମାର ଶତପଥୀ, ସେବା ନିବୃତ୍ତ ଶିକ୍ଷା ପ୍ରଶାସକ ଗୋପବନ୍ଧୁ ନାୟକ, ଅମିୟ ପାଲ, ଶିକ୍ଷାବିତ୍ ବିନୋଦ ବିହାରୀ ମୁଦୁଲି, ନାରାୟଣ ଆଚାର୍ଯ୍ୟ, ଅକ୍ଷୟ କୁମାର ପାଳ, କବି ନବୀନ ପ୍ରଧାନ, ଦୀପ୍ତିମୟୀ ଲେଙ୍କା, ବିଜୟ ପଣ୍ଡା, ପ୍ରମିଳା ବାରିକ୍, ବିଷ୍ଣୁଚରଣ ଖଟୁଆ, ଗୌରାଙ୍ଗ ସାହୁ, ଶରତ ଶତପଥୀ, ଗଙ୍ଗାଧର ସ୍ୱାଇଁ, ପ୍ରହ୍ଲାଦ ଦଳାଇ, ନାରାୟଣ ବିହାରୀ, ସୋନାଲିକା ଆଚାର୍ଯ୍ୟ, ଅଜୟ କୁମାର ଆଚାର୍ଯ୍ୟ, ମିନତୀ ମିଶ୍ର, ରୁଦ୍ରପ୍ରସାଦ ନନ୍ଦ, ବିଷ୍ଣୁ ଚରଣ ମୁଦୁଲି, ସାବିତ୍ରୀ ମହାପାତ୍ର, ଶୁକ ଦେବ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ଚନ୍ଦାପାଟ ଜୋନ୍ ତରଫରୁ ଏହି ସଭାରେ ତାଙ୍କ ପତ୍ନୀ ନିରୁପମା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

**ରେଡିଓ ଆଉଟରିଚ୍‌ର ତୃତୀୟ ବର୍ଷ ପୂର୍ତ୍ତି**

# ୧୩୦ ମହିଳା ଶ୍ରୋତାଙ୍କୁ ରାସନ ବଣ୍ଟନ

ଏରସମା,୩୦।୫(ସମିସ)




ରେଡିଓ ଆଉଟରିଚ୍ ୯୦.୮ ଏଫ୍ଏମ୍‌ର ତୃତୀୟ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲାର ଶ୍ରୀରାମପୁର ଗ୍ରାମ ସ୍ଥିତ ରେଡିଓ ଆଉଟରିଚ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୧୩୦ ଜଣ ମହିଳା ଶ୍ରୋତାଙ୍କୁ ୫ କିଲୋଗ୍ରାମରୁ ଅଧିକ ଓଜନର ରାସନ ସାମଗ୍ରୀ ମାଗଣାରେ ଉପହାର ସ୍ୱରୂପ ବଣ୍ଟନ କରାଯାଇଥିଲା। ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ଜନହିତକର ପଦକ୍ଷେପକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ସମାଜସେବୀ ଏନ୍ଏ ଶାହ ଅନସାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କମ୍ୟୁନିଟି ରେଡିଓର ସାମାଜିକ ଦାୟିତ୍ୱ ଓ ଲୋକଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିବାରେ ଏପରି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ମତ ରଖିଥିଲେ। ରେଡିଓ ଆଉଟରିଚ୍ କଲଚରାଲ କମିଟିର ସଭାପତି ବସନ୍ତ ମଞ୍ଜରୀ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ରେଡିଓ ଆଉଟରିଚ୍‌ର ପ୍ରତିଷ୍ଠାତା ସୁବ୍ରତ କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲଚରାଲ କମିଟିର ସମ୍ପାଦକ ତୃପ୍ତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଷ୍ଟେସନ ମ୍ୟାନେଜର ସତ୍ୟବ୍ରତ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସୁବ୍ରତ କୁମାର ପତି କହିଥିଲେ, 'ସାଧାରଣ ଉତ୍ସବ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅର୍ଥ ବ୍ୟୟ ନ କରି ଆମେ ଆମର ମହିଳା ଶ୍ରୋତାମାନଙ୍କୁ ରାସନ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲୁ। ଉପହାର ପାଇବା ସମୟରେ ସେମାନଙ୍କ ମୁହଁରେ ଖୁସି ଦେଖି ଆମେ ଅତ୍ୟନ୍ତ ଆନନ୍ଦିତ।' ଆସନ୍ତା ୩୧ ମେ' ୨୦୨୬ରେ ରେଡିଓ ଆଉଟରିଚ୍ ତାହାର ପ୍ରସାରଣର ତିନି ବର୍ଷ ପୂରଣ କରିବ। ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ରେଡିଓ ପକ୍ଷରୁ ବିଭିନ୍ନ ଅନ୍-ଏୟାର ଓ ଅନ୍-ଗ୍ରାଉଣ୍ଡ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମାଗଣା ରାସନ ଉପହାର କାର୍ଯ୍ୟକ୍ରମ ଏହି ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା।

## ଶୋଚନୀୟ ୩୨୬ ନମ୍ବର ଜାତୀୟ ରାଜପଥ

# ସରିଲାଣି ସମୟ ସୀମା; ଅଧପନ୍ତରିଆ ଅନେକ ନିର୍ମାଣାଧୀନ ସେତୁ



ମାଲକାନଗିରି,୩୦।୫(ସମିସ) : ମାଲକାନଗିରି ଜିଲ୍ଲା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ ଜିଲ୍ଲାକୁ ଅନ୍ୟ ଜିଲ୍ଲା ଓ ରାଜ୍ୟ ସହ ଯୋଡି ଥାଏ। ପ୍ରତିଦିନ ସହ ସହ ଦୂରଗାମୀ ଓ ଭାରିଯାନ ଆନ୍ଧ୍ର, ଛତିଶଗଡ, ତେଲେଙ୍ଗନା ଭଳି ବିଭିନ୍ନ ରାଜ୍ୟକୁ ଏହି ୩୨୬ ଜାତୀୟ ରାଜପଥରେ ମାଲକାନଗିରି ଜିଲ୍ଲା ଦେଇ ଯାତାୟାତ କରେ। ଏହି ରାସ୍ତା ହେବା ପରେ ଜିଲ୍ଲାରେ ଯାତାୟାତରେ ଅନେକ ସୁଧାର ଆସିଥିବା ବେଳେ ବର୍ତ୍ତମାନ କିନ୍ତୁ ଏହି ରାସ୍ତାର ଶୋଚନୀୟ ସ୍ଥିତି ଜିଲ୍ଲାବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ରାସ୍ତା ଦୁରବସ୍ଥା ଓ ଅଧୁରା ଭିତ୍ତିଭୂମି ପ୍ରକଳ୍ପ ଯୋଗୁଁ ସଡକ ଦୁର୍ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ବର୍ଷା ଦିନରେ ଏହି ୩୨୬ ଜାତୀୟ ରାଜପଥରେ ରହିଥିବା ବହୁ ପୁରୁଣା ତଳୁଆ ପୋଲ ଗୁଡିକ ଜଳମଗ୍ନ ହୋଇ ପଡୁଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହାସହ ରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତ ବିପଦସଙ୍କୁଳ ହୋଇପଡିଛି। ଏହି ରାଜପଥରେ ଥିବା ତଳୁଆ ପୋଲ ଗୁଡିକ ବଦଳରେ ଅନେକ ଉଚ୍ଚସ୍ତରୀୟ ସେତୁ ନିର୍ମାଣ ପାଇଁ ବାରମ୍ବାର ଟେଣ୍ଡର ହୋଇ ଅନେକ ଠିକା ସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସମୟ ସୀମା ସରିବା ପରେ ଅନେକ ସେତୁ ଅର୍ଦ୍ଧ ନିର୍ମାଣ ଅବସ୍ଥାରେ ରହିଛି। ସୂଚନାନୁଯାୟୀ, ଗୋବିନ୍ଦପାଲ୍ଲୀ ଘାଟିରୁ ମୋଟୁ ପର୍ଯ୍ୟନ୍ତ ୧୫୮ କିଲୋମିଟର ମାର୍ଗରେ ୯ଟି ସେତୁ ନିର୍ମାଣ ପାଇଁ ୧୧୬ କୋଟି ଟଙ୍କା ଅନୁମୋଦନ ହୋଇଥିଲା। ଏଥିରେ ଏମ୍‌ଭି-୭, ଏମ୍‌ଭି-୧୯, ଆମଲାଯୋଡି ଓ ମାହାରାଜପାଲ୍ଲୀର ୪ଟି ସେତୁ ପାଇଁ ୩୭ କୋଟି ଟଙ୍କାର ଅନୁମୋଦନ ମିଳିଥିଲା। ଛତିଶଗଡ ବିଜାପୁରର ଜିଲ୍ଲାର ଶିବଶକ୍ତି ଇଞ୍ଜିନିୟରିଂ ୱର୍କ୍ସ କମ୍ପାନୀକୁ ଏହି କାମ ମିଳିଥିବା ବେଳେ ଏହାର କାର୍ଯ୍ୟ ମେ ୨୦୨୫ ସୁଦ୍ଧା ଶେଷ ହେବା ପାଇଁ ଡେଡଲାଇନ ଥିଲା। କିନ୍ତୁ ଏହି ସବୁ କାର୍ଯ୍ୟ ବର୍ତ୍ତମାନ ସୁଧା ଶେଷ ହୋଇ ନାହିଁ। ସେହିପରି ପାଙ୍ଗମ, ପୋଟେରୁ, କାଙ୍ଗୁରକୋଣ୍ଡା, ଏମ୍‌ଭି-୯୦ ଓ ଏମ୍‌ଭି-୯୬ର ସେତୁ ପ୍ରକଳ୍ପ ମଧ୍ୟ ବହୁ ପୂର୍ବରୁ ଅନୁମୋଦିତ ହୋଇଥିଲା। ୭୯ କୋଟି ଟଙ୍କାରେ ବିଲାସପୁରର ବ୍ରିଜେଶ ଅଗ୍ରୱାଲ କମ୍ପାନୀକୁ ଟେଣ୍ଡର ଦିଆଯାଇଥିଲା। ହେଲେ ଉକ୍ତ ସଂସ୍ଥା ସଠିକ ଭାବେ କାର୍ଯ୍ୟ କରି ନ ଥିବା ବେଳେ ପୁନଃ ଟେଣ୍ଡର କରି କଟକର ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକ୍ସନ ଲିମିଟେଡକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। ଏହା ମଧ୍ୟ ମେ ୨୦୨୫ ସୁଦ୍ଧା ଶେଷ ହେବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ସ୍ଥାନୀୟ ଲୋକମାନେ ଶୀଘ୍ର ରାସ୍ତା ମରାମତି ସହ ସମସ୍ତ ଅଧୁରା ସେତୁ କାମ ଶେଷ କରିବାକୁ ଦାବି କରିଛନ୍ତି। ତେବେ ଏସବୁକୁ ନେଇ ଆମେ ଏନ୍‌ଏଚ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ମାଝୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, କାର୍ଯ୍ୟ ସଠିକ ଭାବେ କରୁନଥିବା ଠିକା ସଂସ୍ଥା ଗୁଡିକୁ ହଟାଇ ପୂର୍ବ ଟେଣ୍ଡର ବାତିଲ ହୋଇ ନୂତନ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଅନେକ ସେତୁ କାର୍ଯ୍ୟ ଯଥାଶୀଘ୍ର ଶେଷ ହେବ ଏବଂ ଖୁବ୍‌ଶୀଘ୍ର ରାସ୍ତା ଗୁଡିକର ମରାମତି ମଧ୍ୟ କରାଯିବ। ବଡବଡ ଖାଲ ଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ତାହାକୁ ସମତଳ କରାଯାଇଛି। ଯଥାଶୀଘ୍ର ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହି ୩୨୬ ଜାତୀୟ ରାଜପଥ କାର୍ଯ୍ୟ ଦିଗରେ ପ୍ରଶାସନ ଅଧିକ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେଲେ ଜିଲ୍ଲାବାସୀ ଯାତାୟାତରେ ଭୋଗୁଥିବା ସମସ୍ୟା ଦୂର ହୋଇ ପାରିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

## ମୋହନ ଚରଣ ମହାନ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଆମ୍ବାଦଳା,୩୦।୫(ସମିସ): ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ଆମ୍ବାଦଳା ଶାଖାର କ୍ୟାସିୟର ମୋହନ ଚରଣ ମହାନ୍ତ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ୟାଙ୍କ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀ, କର୍ମଚାରୀ ଓ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଶ୍ରୀ ମହାନ୍ତଙ୍କ ଦୀର୍ଘ କର୍ମଜୀବନର ସଫଳତା ଓ ଅବଦାନକୁ ସ୍ମରଣ କରିଥିଲେ। ଶ୍ରୀ ମହାନ୍ତ ପ୍ରଥମେ ଭାରତୀୟ ବାୟୁସେନାରେ ୨୬ ବର୍ଷ ଧରି ଦେଶସେବା କରିଥିଲେ। ପରେ ରାଜସ୍ୱ ବିଭାଗରେ ଏକ ବର୍ଷ କାର୍ଯ୍ୟ କରିବା ପରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଯୋଗଦେଇ ଗତ ୧୨ ବର୍ଷ ଧରି ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ। ଉପସ୍ଥିତ ଅତିଥିମାନେ ଶ୍ରୀ ମହାନ୍ତଙ୍କ ସୁସ୍ଥ, ସୁଖମୟ ଅବସର ଜୀବନ କାମନା କରିଥିଲେ। ଶେଷରେ ଶ୍ରୀ ମହାନ୍ତ ନିଜ କର୍ମଜୀବନରେ ସହଯୋଗ କରିଥିବା ସମସ୍ତ ସହକର୍ମୀ, ଗ୍ରାହକ ଓ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବଂଶଧାରା ଆନିକଟ ଦାବି ଉଠାଇଲା ଏବିଭିପି

ଗୁଣପୁର,୩୦।୫(ସମିସ)



ଭୁବନେଶ୍ୱରଠାରେ ଆୟୋଜିତ ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅବସରରେ ଗୁଣପୁର ଶାଖା କର୍ମକର୍ତ୍ତାମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ବଂଶଧାରା ଉପରମୁଣ୍ଡରେ ଆନିକଟ ଦାବି ଉପସ୍ଥାପନ କରିଥିଲେ। ବଂଶଧାରା ଅବବାହିକା ସୁରକ୍ଷା ସମିତି କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶଙ୍କ ନେତୃତ୍ୱରେ ସମିତି ସଦସ୍ୟ ତଥା ଏବିଭିପିର ବିଭାଗ ପ୍ରମୁଖ ଉମା ଦାଶ, ପୂର୍ବତନ ଜିଲ୍ଲା ସଂଯୋଜକ ଭି.ସତୀଶ କୁମାର, ପୂର୍ବତନ ଯାନ୍ତ୍ରିକ ବିଭାଗ ପ୍ରମୁଖ ଚିନ୍ମୟ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ପ୍ରମୁଖ ଆଶୁତୋଷ ବରାଳ, କାର୍ଯ୍ୟାଳୟ ସମ୍ପାଦକ ବି. ରବି କୁମାର, ବଂଶଧାରା ବିଦ୍ୟାଳୟର ଅଧକ୍ଷ ତଥା ନଗର ସଭାପତି ଲକ୍ଷ୍ମୀ ମାହାକୁଡ଼, ପୂର୍ବତନ ଜିଲ୍ଲା ସହ ପ୍ରମୁଖ ରାଜେଶ ପାଢ଼ୀ ଦୀପକ ପଟନାୟକ, ଦୀନେଶ ଅଧିକାରୀ, ରାଷ୍ଟ୍ରୀୟ ସୋ୍ୟଂ ସେବକ ଦେବବ୍ରତ ଆଚାର୍ଯ୍ୟ ଓ ଶିବ ପ୍ରସାଦ ଡାକୁଆ ସମିଳିତ ଭାବେ ବଂଶଧାରା ଜଳ ଆନିକଟ ଦାବିପତ୍ର, ଗେଜେଟ ପ୍ରକାଶନ କପି ପ୍ରଦାନକରି ମୁଖ୍ୟମନ୍ତ୍ରୀଙ୍କ ଚଳିତ ମାସ ରାୟଗଡ଼ା ଗ୍ରସ୍ତ ସମୟରେ ଅନୁରୂପ ଦାବି ଉପସ୍ଥାପନ କଥା ଦୋହରାଇଥିଲେ। ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ ଚାଲୁଚି, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ଏ. ଉଦୟ କୁମାର ସମ୍ମାନିତ

ରାୟଗଡ଼ା,୩୦।୫(ସମିସ): ଦୀପ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାୟଗଡର ଛାତ୍ର ଏ. ଉଦୟ କୁମାର ଶୁକ୍ରବାର ଭୁବନେଶ୍ୱରର ଲୋକସେବା ଭବନରେ ଆୟୋଜିତ ଏକ ସମାରୋହରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ରାୟଗଡର ଏ. ଶଙ୍କର ରାଓ ଓ ଏ. ବରଲକ୍ଷ୍ମୀଙ୍କ ପୁତ୍ର ଏବଂ ଏ. ରସ୍ମିତାଙ୍କ ଭାଇ ଉଦୟ କୁମାର ୨୦୨୬ ଆଇସିଏସଇ ପରୀକ୍ଷାରେ ୯୯.୬% ନମ୍ବର ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି ସଫଳତାକୁ ସ୍ୱୀକୃତି ଦେଇ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମେ ୨୬ରେ ଏକ ନିମନ୍ତ୍ରଣ ପତ୍ର ପଠାଯାଇଥିଲା। ବିସିଇ, ସିବିଏସଇ, ଆଇସିଏସଇ ଏବଂ ରାଜ୍ୟ ବୋର୍ଡର ୨୬ ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।



ସେମାନଙ୍କ ମଧ୍ୟରେ ଉଦୟ କୁମାରଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ରାଜ୍ୟପାଳ ବ୍ୟକ୍ତିଗତ ଭାବେ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ପ୍ରଧାନମାନଙ୍କ ସହ ଆଲୋଚନା କରିଥିଲେ। ଆଜି ସକାଳେ ଉଦୟ କୁମାର ତାଙ୍କ ପରିବାର ସହ ଭୁବନେଶ୍ୱରରୁ ରାୟଗଡ ରେଳ ଷ୍ଟେସନରେ ପହଞ୍ଚିବା ପରେ ଦୀପ୍ତି ହାୟର ସେକେଣ୍ଡାରୀ ସ୍କୁଲ ପରିବାର ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ପ୍ରଧାନାଚାର୍ଯ୍ୟା ସିଷ୍ଟର ଗ୍ରେସ, ଉପପ୍ରଧାନାଚାର୍ଯ୍ୟା ସିଷ୍ଟର ଲିସ୍ମି, ଶ୍ରେଣୀ ଶିକ୍ଷୟିତ୍ରୀ ପି. ପଦ୍ମଜା ବର୍ମା ଏବଂ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି ସ୍ୱାଗତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ବ୍ୟାଣ୍ଡ ଦଳ, ରଙ୍ଗିନ ପ୍ଲାକାର୍ଡ ଧାରଣ କରିଥିବା ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ରେଳ ଷ୍ଟେସନରୁ ମୁଖ୍ୟ ସଡ଼କ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଦୀପ୍ତି ହାୟର ସେକେଣ୍ଡାରୀ ସ୍କୁଲର ସମଗ୍ର ପରିବାର ଉଦୟ କୁମାରଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ରାଷ୍ଟ୍ର ସେବିକା ସମିତି ପକ୍ଷରୁ ପଥ ସଞ୍ଚଳନ

ରାୟଗଡ,୩୦।୫(ସମିସ): ରାଷ୍ଟ୍ର ସେବିକା ସମିତି, ଓଡ଼ିଶା ପ୍ରାନ୍ତ ପକ୍ଷରୁ ଚଳିତ ବର୍ଷ ପ୍ରବେଶ ଓ ପ୍ରବୋଧ ବିଶେଷ ବର୍ଗ ୨୦୨୬ ରାୟଗଡ଼ ଜିଲ୍ଲାର ମିତ୍ସଠାରେ ଅନୁଷ୍ଠିତ ହେଉଛି। ଗତ ମେ ୧୬ ଠାରୁ ଆରମ୍ଭ ହୋଇଥିବା ବର୍ଗ ଆସନ୍ତା ଜୁନ ୧ ସକାଳରେ ସମାପନ ହେବାକୁ ଯାଉଛି। ଇତି ମଧ୍ୟରେ ଉକ୍ତ ବର୍ଗରେ ଶିକ୍ଷାର୍ଥିନୀ ଭାବରେ ଯୋଗ ଦେଇଥିବା ଏକ ଶହରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥିନୀ ଗତ ପଞ୍ଚଦଶ ଦିବସ ବ୍ୟାପୀ ବିଭିନ୍ନ ପ୍ରକାର ଆତ୍ମରକ୍ଷା କୌଶଳ, ବ୍ୟାୟାମ, ବାଦ୍ୟଯନ୍ତ୍ର, ବିଭିନ୍ନ ଶସ୍ତ୍ର ଯଥା ଦଣ୍ଡ, ଜଷ୍ଟି, ଯୁଧ ଇତ୍ୟାଦିର ଶିକ୍ଷା ଗ୍ରହଣ କରିଛନ୍ତି। ଶୁକ୍ରବାର ଦିନ ରାୟଗଡ଼ ସହରର ଗାନ୍ଧୀ ପାର୍କ ଠାରୁ ସେବିକା ସମିତିର ସେବିକା ଗଣ, ସମସ୍ତ ଶିକ୍ଷାର୍ଥିନୀ, ଅଧିକାରୀ ଗଣ, ପ୍ରବନ୍ଧିକା ଆଦି ସଞ୍ଚଳନ ଆରମ୍ଭ କରି ହୋଟେଲ ରାଜ ଜଙ୍କସନ୍ ଠାରେ ସଞ୍ଚଳନ ସମାପ୍ତ କରିଥିଲେ। ଏହି ପଥସଂଚଳନରେ ରାଷ୍ଟ୍ର ସେବିକା ସମିତିର ଅଖିଳ ଭାରତୀୟ ସହ ସମ୍ପର୍କ ପ୍ରମୁଖ ନୀତା ଦେବୀ, ଓଡ଼ିଶା, ଆଣ୍ଡାମାନ, ସିକିମ ଏବଂ ପଶ୍ଚିମବଙ୍ଗରେ କ୍ଷେତ୍ର ପ୍ରଚାରିକା ଦାୟିତ୍ୱରେ ଥିବା ମାନନୀୟା ଲତିକା ପାଢ଼ୀ, ରାଷ୍ଟ୍ର ସେବିକା ସମିତି ଓଡ଼ିଶା ପ୍ରାନ୍ତ କାର୍ଯ୍ୟବାହିକା ଆରତୀ ବୈଶାଖ ଓ ସହ କାର୍ଯ୍ୟବାହିକା ବୈଜୟନ୍ତୀ ରଣା, ବର୍ଗାଧିକାରୀ ମାହେଶ୍ୱରୀ ନାୟକ, ବର୍ଗ ପାଳକ ବିଦୁ୍ୟଲତା ହୁଇକାଙ୍କ ସହିତ ଅନ୍ୟାନ୍ୟ ପ୍ରାନ୍ତୀୟ, ଅଧିକାରୀ ଗଣ ଯୋଗ ଦେଇଥିଲେ। ରାୟଗଡ଼ା ଜିଲ୍ଲାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂ ସେବକ ଭାଇମାନେ ସଂଚଳନକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

## କାଳବୈଶାଖୀରେ ଭାଙ୍ଗିଲା ଘର, ଉଡ଼ିଲା ଛାତ

# ଗଛ ପଡ଼ି ପୋଢ଼ ମୃତ

ଚନ୍ଦ୍ରପୁର,୩୦।୫(ସମିସ): ଶୁକ୍ରବାର ସନ୍ଧ୍ୟାରେ ଚନ୍ଦ୍ରପୁର ବ୍ଲକରେ କାଳବୈଶାଖି ତାଣ୍ଡବ ରଚିଥିଲା। ଘଡଘଡ଼ି ସହ ପବନ, ବର୍ଷା ହୋଇଥିଲା। ଏଥିରେ ଡ଼ାଙ୍ଗସରଡ଼ା ଗ୍ରାମ ପଞ୍ଚାୟତର ପାଣ୍ଡରାଖାଲ ଗ୍ରାମର ମମତା ପରଜା, ସଉଦାମିନୀ ଶବର, ଲୁଣ୍ଡୁରୁ କୁମୁରୁକା ଓ ରମ୍ଭା ଶବରଙ୍କ ଘରର ଛାତ ଉଡ଼ିବା ସହ ଘର ଭାଙ୍ଗି ଯାଇଛି। ସେହିପରି ଗଛ ଡ଼ାଳ ପଡ଼ି ପିଷ୍କାପଙ୍ଗା ଗ୍ରାମ ପଞ୍ଚାୟତର ରତନଗୁଡା ଗ୍ରାମର ବେଦା ବ୍ରେକବେଢାଙ୍କ ପୋଢ଼ର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେନିଜ ଜମିରେ ପୋଢ଼ ଦ୍ୱାରା ଚାଷ କରି ପରିବାର ପରିପୋଷଣ ହେଉଥିଲେ। କାଳ ବୈଶାଖୀରେ ପୋଢ଼ ମୃତ୍ୟୁ ଓ ଘର ଧନ ଜୀବନ ନଷ୍ଟ ହୋଇଥିବା ଖବର ପାଇ ଡାଙ୍ଗସରଡ଼ା ରାଜସ୍ୱ ନିରୀକ୍ଷକ ନିଳାଞ୍ଚଳ ଗୌଡ଼, ଭ୍ରାମ୍ୟମାଣ ପଶୁ ଡକ୍ଟର ଓମ୍ ପ୍ରକାଶ ସାହୁ, ପ୍ରାଣୀଧନ ନିରୀକ୍ଷକ ହେମନ୍ତ ଗଗେରେଙ୍ଗା, ନାଏବ ସରପଞ୍ଚ କୃଷ୍ଣ ଗୋଗେରେଙ୍ଗା, ସୁନା ବିଡିକା ଉପସ୍ଥିତ ଥିଲେ। ପରେ ମୃତ୍ୟ ପୋଢ଼ର ଶବ ବ୍ୟବଚ୍ଛେଦ କରି ରିପୋର୍ଟ ସରକାରଙ୍କୁ ଅବଗତ କରାଇବି ବୋଲି କହିଛନ୍ତି। ସରକାର ଏହି ନିରୀହ ଗରିବ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଫୁଲମାଇ କ୍ରାଡିକା, ସମିତି ସଭ୍ୟ ଆକୁମାଝୀ ଗୋଗେରେଙ୍ଗା ଓ ଗ୍ରାମବାସୀ ଦାବି କରିଛନ୍ତି।



## ● ଟେଡା ଘାଟିରେ ଓଲଟିଲା ପିକ୍‌ଅପ୍ ଭ୍ୟାନ୍

# ୧୫ ଆହତ, ୩ ଗୁରୁତର



ରାୟଗଡ,୩୦।୫(ସମିସ): ରାୟଗଡା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ତେଡା ଘାଟିରେ ଆଜି ଅପରାହ୍ନରେ ଓଲଟିଲା ମେକ୍ସ ପିକଅପ୍ ଭ୍ୟାନ୍। ଫଳରେ ୧୫ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଆହାତମାନଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତମାନେ ଶେଷଖାଲ ଥାନା ଅନ୍ତର୍ଗତ ଆର୍ଗୁସଲା ଓ ଟିକରପଡା ଗ୍ରାମର ବୋଲି ଜଣାପଡିଛି। ଆଜି ବାହାଘର ପାଇଁ ଝିଅ ଛାଡିବାକୁ କୋଲନରା ବ୍ଲକ୍ ମରିଚକଣା ଯାଉଥିବା ବେଳେ ଟେଡା ଘାଟିରେ ଭାରସାମ୍ୟ ହରାଇ ପିକଅପ୍‌ଟି ଓଲଟି ପଡିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନେକ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ଗାଡି ସାହାଯ୍ୟରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଂକଟାପର୍ଣ୍ଣ ଥିବା ଜଣାପଡିଛି। ସେଥିମଧ୍ୟରୁ ସେକ ପୁଅକା (୩୨)ନାମକ ମହିଳାଙ୍କୁ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ନେଇ ମେଡିକାଲରେ ଉପସ୍ଥିତ ଥିବା ରାୟଗଡ ବିଧାୟକଙ୍କ ରାୟଗଡ଼ ବ୍ଲକ ପ୍ରତିନିଧି ସତ୍ୟବାନ ମଣ୍ଡାଙ୍ଗି ସୂଚନା ଦେଇଛନ୍ତି। ସେହିପରି ବିଜୁ ଉଦକା, ସନାପତି ମାଣ୍ଡଙ୍ଗି, ଚଙ୍ଗା ମଣ୍ଡାଙ୍ଗି, କୁମ୍ବର ପୁଆକା, ପେଣ୍ଟା ମଣ୍ଡାଙ୍ଗି, ମିଡିଲି ମଣ୍ଡାଙ୍ଗି, ସରିତା ପଦକା ଓ ଅନ୍ୟମାନେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି।

## ବେଆଇନ ମଦଭାଟିରେ ଚଢ଼ଉ; ଜଣେ ଗିରଫ



ଗୁଣୁପୁର,୩୦।୫(ସମିସ): ବେଆଇନ ଭାବେ ଦେଶୀ ରନ୍ଧା ମଦ ପ୍ରସ୍ତୁତ ହେଉଥିବା ସ୍ଥାନରେ ଗୁଣପୁର ପୁଲିସର ଚଢ଼ଉ କରିଛି। ଓଡ଼ିଶା ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ଚଢ଼ଉ କରି ବିପୁଳ ପରିମାଣର ମହୁଲି ପୋଚ ନଷ୍ଟ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ପୁଲିସ। ଗିରଫ ବ୍ୟକ୍ତି ଜଣକ ମରମା ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳଗୁଡା ଗ୍ରାମର ସିଙ୍ଗା ବିଡିକା ବୋଲି ଜଣାପଡିଛି। ମରମା ପଞ୍ଚାୟତ ମଙ୍ଗଳଗୁଡା ଅଞ୍ଚଳରେ ବ୍ୟାପକ ପରିମାଣରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଗୁଣପୁର ପୁଲିସ ଚଢ଼ଉ କରିଥିଲା। ଚଢ଼ଉ କରି ୩୦୦୦ ଲିଟର ମହୁଲି ପୋଚ ନଷ୍ଟ କରିବା ସହ ୬୦ ଲିଟର ଦେଶୀ ମଦ ଜବତ କରିଛି। ବେଆଇନ ଦେଶୀ ମଦ ପ୍ରସ୍ତୁତି କାରବାର ସମ୍ପୃକ୍ତି ଥିବା ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଆଗକୁ ଗ୍ରାମାଞ୍ଚଳରେ ଏଭଳି ଚଢ଼ଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଗୁଣୁପୁର ଥାନା ଅଧିକାରୀ କେକେବିକେ କଁଅରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ରଂଜିତ ତ୍ରିପାଠୀ, ହେମଲତା ଶବର, ଏଏସଆଇ ବନମାଳୀ ନାୟକଙ୍କ ସହ ଅନ୍ୟାନ୍ୟ ପୋଲିସ୍ କର୍ମଚାରୀ ଉପସ୍ଥିତ ରହି ବେଆଇନ ମଦ ଭାଟିକୁ ଭାଙ୍ଗିବା ସହ ମହୁଲି ପୋଚ, ମଦକୁ ନଷ୍ଟ କରିଥିଲେ।

## ତମାଖୁ ନିରୋଧ ଦିବସରେ ଡିଏଚଏଚରେ ସଚେତନତା




ରାୟଗଡା,୩୦।୫(ସମିସ): ବିଶ୍ୱ ତମାଖୁ ନିରୋଧ ଦିବସ ଅବସରରେ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ), ପିତାମହଲ, ରାୟଗଡା ସ୍ଥିତ ସ୍କୁଲ ଅଫ୍ ନର୍ସିଂର ବିଏସ୍‌ସି. ନର୍ସିଂ ଚତୁର୍ଥ ସେମିଷ୍ଟର ଛାତ୍ରଛାତ୍ରୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ରାୟଗଡର କ୍ୟାନ୍ସର ୱାର୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଅବସରରେ ସାଧାରଣ ଚିକିତ୍ସା ବିଶେଷଜ୍ଞ ଡା. ସୁରେଶ ଦେବ ଉପସ୍ଥିତ ରହି ତମାଖୁ ସେବନର କୁପ୍ରଭାବ ଓ ଏହା ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ପ୍ରାଣଘାତୀ ରୋଗ ସମ୍ପର୍କରେ ରୋଗୀମାନଙ୍କୁ ଅବଗତ କରାଇଥିଲେ। ସେ ତମାଖୁ ଛାଡି ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ନର୍ସିଂ ଛାତ୍ରଛାତ୍ରୀମାନେ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ଝୁମ୍ପ ବିଷୟରେ ସୂଚନାମୂଳକ ପୋଷ୍ଟର ପ୍ରସ୍ତୁତ କରିଥିଲେ ଏବଂ କ୍ୟାନ୍ସର ୱାର୍ଡରେ ଚିକିତ୍ସାଧୀନ ୨୫ ଜଣ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିଥିଲେ।

## ■ ମର୍ଣ୍ଣିଙ୍ଗ ଇଲେଭେନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମୁନିଗୁଡ଼ା ଗୋବର୍ଦ୍ଧନ ଦଳ ଚାମ୍ପିଅନ

ଅମ୍ବାଦଳା,୩୦।୫(ସମିସ): ଅମ୍ବାଦଳା ମର୍ଣ୍ଣିଙ୍ଗ ଇଲେଭେନ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଉତ୍ସାହ ଓ ରୋମାଞ୍ଚ ମଧ୍ୟରେ ସମ୍ପନ୍ନ ହୋଇଛି। ଫାଇନାଲ ମୁକାବିଲାରେ ମୁନିଗୁଡ଼ା ଗୋବର୍ଧନ ଦଳ ୮୪ ରନ ସଂଗ୍ରହ କରିଥିବା ବେଳେ ନାଙ୍ଗଝେରି ଦଳ ୭୫ ରନରେ ସୀମିତ ରହିଥିଲା। ଫଳରେ ମୁନିଗୁଡ଼ା ଗୋବର୍ଧନ ଦଳ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିଥିଲା। ବିଜୟୀ ଦଳକୁ ୩୧ ହଜାର ଟଙ୍କା ସହ ଟ୍ରଫି



ଏବଂ ରନର୍ସଅପ୍ ନାଙ୍ଗଝେରି ଦଳକୁ ୧୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ଅଜିତ ଗାଣ୍ଡାଙ୍କୁ ଏକ ସାଇକେଲ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଉତ୍ସବରେ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ଥାନୀୟ ଯୁବ ନେତା ଏ.ଜଗନ୍ନାଥ ପ୍ରସାଦ, ବୃନ୍ଦାବନ ମହାନ୍ତି, ସୁବାଷ ସେନାପତି, ସନ୍ତୋଷ ପାଲ, କେ. ସନ୍ତୋଷ କୁମାର, ସିକନ୍ଦର କୋଟା, ରଞ୍ଜନ ସ୍ୱାଇଁ ଓ ରଘୁନାଥ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏ. ଜଗନ୍ନାଥ ପ୍ରସାଦ ମଞ୍ଚ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ମର୍ଣ୍ଣିଙ୍ଗ ଇଲେଭେନ ଟିମର ରାଧେଶ୍ୟାମ ସାହୁ, ପୁରୁଷୋତ୍ତମ ବଞ୍ଚର, ଲୋକନାଥ ରଣା, ବିରାଟ ଭୋଇ, ଶିବଶଙ୍କର ଟାକ୍ରି, କେ. ବିନୀତ କୁମାର, ଭୋଳେଶ୍ୱର ଦଳେଇ, ସାଇ ଗୌଡ଼ ଓ ସୂଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଲୋକନାଥ ରଣା ଓ ଶିବଶଙ୍କର ରଣା ଅମ୍ପାୟାର ଥିଲେ।

## ମାଲକାନଗିରିରେ ଶିକ୍ଷା ବିଭାଗର ସମୀକ୍ଷା ବୈଠକ

# କାର୍ଯ୍ୟରେ ଅବହେଳା ପାଇଁ ବିଇଓଙ୍କୁ କାରଣ ଦର୍ଶାଅ ନୋଟିସ

ମାଲକାନଗିରି,୩୦।୫(ସମିସ)



ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ସୁଧାର ଓ ବ୍ୟାପକ ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ସମେତ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନର ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ, ସରକାରୀ ଯୋଜନା ଓ ଏହାର ପ୍ରଗତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ସରକାରୀ ଅନୁଦାନ ଏବଂ ସେବାଗୁଡ଼ିକ କିପରି ସଠିକ୍ ଭାବେ ଏବଂ ସ୍ୱଚ୍ଛତାର ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିପାରିବ, ସେନେଇ ବୈଠକରେ ବିସ୍ତୃତ ରୋଡମାପ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଜିଲ୍ଲାପାଳ କଡ଼ା ଚେତାବନୀ ଦେବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅପାର୍ ଆଇଡି ଜେନେରେସନ, ପ୍ରବନ୍ଧ ପୋର୍ଟାଲରେ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ତଥ୍ୟ ଅପଡେଟ୍ କରିବା ଏବଂ ୟୁ-ଡାଇସ୍ ପୋର୍ଟାଲ ପାଇଁ ଡାଟା ସଂଗ୍ରହ ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଏହି ନୋଟିସ ଦିଆଯାଇଛି। ଏହା ସହିତ ସମସ୍ତ ସ୍କୁଲରେ ବିଦ୍ୟୁତ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ତୁରନ୍ତ ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ, ଉଲ୍ଲେଖନୀୟ ଓ ପ୍ରଶଂସନୀୟ କାର୍ଯ୍ୟ ପାଇଁ ବୈଠକରେ କେତେକ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। କାଲିମେଲା ବିଇଓଙ୍କୁ ୮ ଜଣ ଶିକ୍ଷକଙ୍କ ଅବସର ଗ୍ରହଣ ଦିନ ହିଁ ପେନସନ ମଞ୍ଜୁର କରିଥିବାରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ସେହିପରି ସମଗ୍ର ଶିକ୍ଷା ଅଭିଯାନର ଡିପିସି ଆକାଉଣ୍ଟସ ସେକ୍ସନ ଆବଣ୍ଟିତ ପାଣ୍ଠିର ୯୧.୩୬ ପ୍ରତିଶତ ଅର୍ଥ ସଠିକ୍ ଭାବେ ବିନିଯୋଗ କରି ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ସେମାନଙ୍କୁ ମଧ୍ୟ ଜିଲ୍ଲାପାଳଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ଶିକ୍ଷା କ୍ଷେତ୍ରରେ କୌଣସି ପ୍ରକାରର ଶିଥିଳତା ବରଦାସ୍ତ କରାଯିବ ନାହିଁ ଏବଂ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାର ମାନ ବାସ୍ତବରେ ବଦଳିବା ଦରକାର ବୋଲି ଜିଲ୍ଲାପାଳ କହିଛନ୍ତି।

## ୨ ଲୁଟେରା କୋର୍ଟ ଚାଲାଣ

ବାରିକପୁର,୩୦।୫(ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଗିରଫ ହୋଇଥିବା ୨ ଲୁଟେରା ଶନିବାର କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ମୁତାବକ, ଗତ ଗୁରୁବାର ରାତି ପ୍ରାୟ ୮ଟା ବେଳେ ମଣୀନାଥପୁର ନିକଟସ୍ଥ ବୈତରଣୀ ସେତୁ ଦେଇ ଜଣେ ମହିଳା ଘରକୁ ଫେରୁଥିଲେ। ଏହି ସମୟରେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଯୁବକମାନେ ୨ ଲୁଟେରାଙ୍କୁ ସ୍ୱାମପାଟଣା ଘାଟ ନିକଟରୁ କାବୁ କରି ପୁଲିସ ଜିମା ଦେଇଥିଲେ। ୨ ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିବା ସହିତ ତାଙ୍କ ନିକଟରୁ ଲୁଟ୍ ହୋଇଥିବା ଭ୍ୟାନିଟି ବ୍ୟାଗ୍ ଉଦ୍ଧାର କରିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ୨ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି। ଜଣେ ଲୁଟେରାଙ୍କ ନାମ କିଶାନ ପୃଷ୍ଟି ହୋଇଥିବାବେଳେ ତାଙ୍କ ଘର ବିନ୍ଧାଣ ବୋଲି ସୂଚନା ମିଳିଛି। ସେହିଭଳି ଅନ୍ୟ ଲୁଟେରାଙ୍କ ନାମ ଶଶିକାନ୍ତ ସାହୁ ଓ ଘର ଯାଜପୁର ଜିଲ୍ଲା ଶଙ୍ଖଚିଲା ବୋଲି ପୁଲିସ ପ୍ରକାଶ କରିଛି।

## ବଜ୍ରପାତରେ ଜଳିଗଲା ୩ ବଖରା

ଦୋଳସାହି,୩୦।୫(ସମିସ): ତିହିଡ଼ି ତହସିଲ୍ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ଗ୍ରାମର ବିଷ୍ଣୁମୋହନ ମହାଳିକଙ୍କ ୩ ବଖରା ଘର ଜଳିଯାଇଛି। ଶନିବାର ଅପରାହ୍ଣରେ ବଜ୍ରପାତ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିବା ଫଳରେ ବିଷ୍ଣୁମୋହନଙ୍କ ଘର ଭିତରେ ଥିବା ଧାନ, ଚାଉଳ ସମେତ ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଥିବା ଜଣାଯାଇଛି। ଖବର ପାଇ ତିହିଡ଼ିରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାଗ୍ରସ୍ତ ବୃଦ୍ଧଙ୍କ ମୃତ୍ୟୁ

ବନ୍ତ/ଆଗରପଡ଼ା,୩୦।୫(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଦାମୋଦର ନାୟକ ଟ୍ରାକ୍ଟର ଧକ୍କାରେ ଗୁରୁତର ଭାବେ ଆହତ ହୋଇ କଟକ ମେଡିକାଲକୁ ଚିକିତ୍ସା ପାଇଁ ଯାଉଥିବାବେଳେ ଅଧା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ଦାମୋଦର ଚାଲିଚାଲି ତ୍ରିକୋଣାରୁ ଆସୁଥିବାବେଳେ ପଛରୁ ତାଙ୍କୁ ଟ୍ରାକ୍ଟର ଧକ୍କା ଦେଇଥିଲା। ସେ ଭଦ୍ରକ ଜିଲ୍ଲା ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ତାଙ୍କ ପୁଅ ଅନନ୍ତ ବନ୍ତ ଥାନାରେ ଅଭିଯୋଗ କରିଛନ୍ତି।

**ଭଦ୍ରକ ଜିଲ୍ଲାରେ ବଢ଼ୁଛି ମଦର ଚାହିଦା ଓ ବେପାର ପ୍ରତି ଆଗ୍ରହ**

# ମଦ ଦୋକାନ ଲଟେରୀରୁ ୧୭.୫୭ କୋଟିର ରାଜସ୍ୱ ଆଦାୟ

ଭଦ୍ରକ,୩୦।୫(ଉମାକଲ୍ୟାଣ ମହାପାତ୍ର)

ଭଦ୍ରକ ଜିଲ୍ଲାରେ ଚଳିତ ବର୍ଷ ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଆଖିରେ କଳା ପଟି ବାନ୍ଧି ଲଟେରୀ ଉଠାଇ ଲାଇସେନ୍ସଧାରୀ ଚୟନ କରିଥିଲେ। ଉକ୍ତ ଲଟେରୀ ଉଠାଣ କାର୍ଯ୍ୟର ସ୍ୱଚ୍ଛତା ରକ୍ଷା ଲାଗି ସମୁଦାୟ ଘଟଣାର ଲାଇଭ୍ କରାଯାଇଥିଲା। ଆଉ ବାହାରେ ବସି ରହି ମଦ ଦୋକାନ ପାଇଁ ଆବେଦନକାରୀମାନେ ଏହାକୁ ଦେଖୁଥିଲେ। ୪୯ଟି ମଦ ଦୋକାନ ପାଇଁ ୬୪୦ଟି ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ ଏଥିରୁ ୧୭ କୋଟି ୫୭ ଲକ୍ଷ ଟଙ୍କା ଲଟେରୀ ବାବଦ ରାଜସ୍ୱ ଆଦାୟ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲାରେ ଥିବା ୩୪ଟି ଠିପି ବନ୍ଦ ଦୋକାନ ମଧ୍ୟରୁ ୩୨ଟି ଓ ୧୯ଟି ଦେଶୀ ମଦ ଦୋକାନ ମଧ୍ୟରୁ ୧୭ଟି ମୋଟ୍ ୪୯ଟି ଦୋକାନ ପାଇଁ ଏହି ଲଟେରୀ ଅନୁଷ୍ଠିତ ହୋଇଥିଲା। ଏହି ଲଟେରୀ ପାଇଁ ମୋଟ୍ ୬୪୦ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଲାଇସେନ୍ସ ଲାଗି ୪୬୭ଟି ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ ୧୭ଟି ଦେଶୀ ମଦ ଦୋକାନ ଲାଇସେନ୍ସ ଲାଗି ୧୭୩ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ତେବେ ଚଳିତ ଲଟେରୀରେ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ଦରଖାସ୍ତକାରୀଙ୍କ ଲାଗି ସରକାର ଧାର୍ଯ୍ୟ କରିଥିଲେ ନନ୍‌ରିଫଣ୍ଡେବଲ ସିକ୍ୟୁରିଟି ମନି ବା ବିନା ଫେରସ୍ତ ଯୋଗ୍ୟ ଅମାନତ ରାଶି ଜମା କରିବାକୁ ପଡ଼ିବ। ପୂର୍ବରୁ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଦରଖାସ୍ତକାରୀଙ୍କୁ ଦରଖାସ୍ତ ପିଛା ମାତ୍ର ୧ ଲକ୍ଷ ଟଙ୍କା ନନ୍‌ରିଫଣ୍ଡେବଲ ସିକ୍ୟୁରିଟି ମନି ଦେବାକୁ ପଡୁଥିବାବେଳେ ଏଥର ଦରଖାସ୍ତ ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡ଼ିଛି। ସେହିଭଳି ପୂର୍ବରୁ ଦେଶୀ ମଦ ଦୋକାନ ପାଇଁ ଆବେଦନ କରୁଥିବା ଦରଖାସ୍ତକାରୀଙ୍କୁ ଦରଖାସ୍ତ ପିଛା ମାତ୍ର ୧ ଲକ୍ଷ ଟଙ୍କା ଦେବାକୁ ପଡୁଥିବାବେଳେ ଏଥର ତାହା ୨ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ଚଳିତ ବର୍ଷ ସରକାରଙ୍କ ଏହି ନନ୍‌ରିଫଣ୍ଡେବଲ ଦରଖାସ୍ତ ଫି' ବୃଦ୍ଧି ଯୋଗୁଁ ଜିଲ୍ଲାରେ ମଦ ଦୋକାନ ଲାଇସେନ୍ସ ପାଇଁ ଆବେଦନକାରୀଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଥିଲା। ତେବେ ଚଳିତବର୍ଷ ଦରଖାସ୍ତ ଫି' ବୃଦ୍ଧି ସହ ରେକର୍ଡ ସଂଖ୍ୟକ ଆବେଦନ ମଧ୍ୟ ଗ୍ରହଣ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରାୟ ୧୭ କୋଟି ୫୭ ଲକ୍ଷ ଟଙ୍କା ଲଟେରୀ ବାବଦକୁ ରାଜସ୍ୱ ସଂଗ୍ରହ ହୋଇଛି ବୋଲି ଜିଲ୍ଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର ସୂଚନା ଦେଇଛନ୍ତି। ଲଟେରୀ ବିଜେତା ଦରଖାସ୍ତକାରୀଙ୍କୁ ୧୫ ଦିନ ମଧ୍ୟରେ ଦୋକାନର ସବିଶେଷ ବିବରଣୀ ଦାଖଲ ପରେ ସେମାନଙ୍କୁ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯିବ। ତେବେ ସରକାର ଆଗାମୀ ଜୁନ୍ ମାସ ପର୍ଯ୍ୟନ୍ତ ପୂର୍ବ ଲାଇସେନ୍ସ ଅବଧି ବୃଦ୍ଧି କରିଥିବା ଯୋଗୁଁ ଆସନ୍ତା ଜୁଲାଇ ମାସଠାରୁ ନୂତନ ଲାଇସେନ୍ସ କାର୍ଯ୍ୟକାରୀ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ଥର(୫ବର୍ଷ ତଳେ) ଜିଲ୍ଲାରେ ଉଭୟ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନ ଲାଗି ୪୯୦ ଜଣ ଆବେଦନ କରିଥିବାବେଳେ ଏଥର ଏହି ସଂଖ୍ୟା ବୃଦ୍ଧି ପାଇ ୬୪୦ ହୋଇଛି। ନୂଆ ସରକାର ମଦ ଦୋକାନ ଲାଗି ସିକ୍ୟୁରିଟି ଅର୍ଥ ଆଶାତୀତ ବୃଦ୍ଧି କରିବା ସତ୍ତ୍ୱେ ଅର୍ଥାତ୍ ୩ ଗୁଣା ବୃଦ୍ଧି ସତ୍ତ୍ୱେ ଜିଲ୍ଲାରେ ୬୪୦ଟି ଦରଖାସ୍ତ ଆବେଦନ ହେବା ଜିଲ୍ଲାରେ ମଦର ପ୍ରବଳ ଚାହିଦା ବୃଦ୍ଧି ପାଇବା ସହ ମଦ ବ୍ୟବସାୟ ପ୍ରତି ମଧ୍ୟ ଅଧିକ ଆଗ୍ରହ ବଢୁଥିବା ନେଇ ଉକ୍ତ ତଥ୍ୟ ସ୍ୱତଃ ପ୍ରମାଣିତ କରିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

**ବିନା ଫେରସ୍ତ ଯୋଗ୍ୟ ଅମାନତ ରାଶି ୩ ଗୁଣା ବୃଦ୍ଧି ସତ୍ତ୍ୱେ ରେକର୍ଡ ସଂଖ୍ୟକ ଆବେଦନକାରୀ**

## ବ୍ଲକ୍‌ସ୍ତରୀୟ ଯୋଗ ଶିକ୍ଷକ ବୈଠକ



ବନ୍ତ/ଆଗରପଡ଼ା,୩୦।୫(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ବନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବ୍ଲକ୍‌ସ୍ତରୀୟ ଯୋଗ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଦ୍ରକ ଜିଲ୍ଲା ଭାରତ ସ୍ୱାଭିମାନ ସଂଯୋଜକ ଧରଣୀଧର କର ସଭା ପରିଚାଳନା କରିଥିବାବେଳେ ଅତିଥି ଭାବେ ଭଦ୍ରକ ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ଗିରିଶ୍ କୁମାର ପାଢ଼ୀ, ବରିଷ୍ଠ ଯୋଗ ଶିକ୍ଷକ ଯଶୋବନ୍ତ ବେହେରା, ଶିକ୍ଷୟିତ୍ରୀ ଗୀତାରାଣୀ ସା, ଜିଲ୍ଲା ସୋସିଆଲ୍ ମିଡିଆ ପ୍ରଭାରୀ ଶ୍ରୀବତ୍ସ କର ମଞ୍ଚାସୀନ ଥିଲେ। ଅତିଥିମାନେ ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଯୋଗ କାର୍ଯ୍ୟକୁ ଘରେ ଘରେ ପହଞ୍ଚାଇବା ପାଇଁ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂଯୋଜକ ଶ୍ରୀ କର ବନ୍ତ ବ୍ଲକ୍‌ରେ ଯୋଗ ଶିକ୍ଷାକୁ ବ୍ୟାପକ ଭାବରେ ପ୍ରସାର କରିବା ପାଇଁ ଶିକ୍ଷକମାନଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ଭାରତ ସ୍ୱାଭିମାନ ବ୍ଲକ୍ ସଂଯୋଜକ ପର୍ଶୁରାମ ପୁହାଣ, ଯୋଗ ସମିତି ସଭାପତି କାଳନ୍ଦୀ ପାତ୍ର, ଯୁବ ସଭାପତି ସନ୍ତୋଷ ପଣ୍ଡା, ସୋସିଆଲ୍ ମିଡିଆ ତଥା କୋଷାଧ୍ୟକ୍ଷ ମଳୟ ରାଉଳ, କୃଷକ ସଭାପତି ଗଦାଧର ଦାସ, ମହିଳା ସଂଯୋଜିକା ଗୀତାରାଣୀ ସା ଏବଂ ଆଶାରାଣୀ ମୁଦୁଲି, ସହ ସଂଯୋଜିକା ସୌଭାଗିନୀ ପାତ୍ର, ଯୁବ ଉପସଭାପତି ପ୍ରଭାସ ରାଉତ, ଉପଦେଷ୍ଟା ଯଶୋବନ୍ତ ବେହେରା, ଆରତୀ ପାଣିଗ୍ରାହୀ, ରବୀନ୍ଦ୍ର ସେଠୀ, ସଞ୍ଜୟ ପାଣିଗ୍ରାହୀ, ଅନାମ ଯେନା ପ୍ରମୁଖଙ୍କ ନାମକୁ ଧାର୍ଯ୍ୟ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗ ଶିକ୍ଷୟିତ୍ରୀ ସ୍ମିତା ଆଇଚ, ପୂର୍ଣ୍ଣିମା ଯେନା, ଉମେଶ ସେଠୀ, ସୌଭାଗ୍ୟ ନାୟକ, ସୁଜିତ୍ ସେଠୀ, ପ୍ରଦୀପ୍ତ କୁମାର ଧଳ, ସୋନାଲୀ ପାଢ଼ୀ, ସୁଧାକର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଯୋଗ ଶିକ୍ଷକ ଯଶୋବନ୍ତ ବେହେରାଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ **ଜମି ବିକ୍ରିକୁ ନେଇ ବିବାଦ**

## ଧୂଷୁରୀ ଉପନିବନ୍ଧକଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

ଅସୁରାଳି,୩୦।୫(ସମିସ): ଜମିଜମା ଭାଗବଣ୍ଟା ଓ କୋର୍ଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଜୋର୍‌ଜବରଦସ୍ତ ଜମି ବିକ୍ରି ଉଦ୍ୟମକୁ ନେଇ ଧୂଷୁରୀ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆରଡ଼ି ଗ୍ରାମର ଜଗନ୍ନାଥ ବାରିକ ଉପନିବନ୍ଧକଙ୍କ ନିକଟରେ ଲିଖିତ ଆପତ୍ତି ଦାଖଲ କରି ଜମି ପଞ୍ଜୀକରଣ (ରେଜିଷ୍ଟ୍ରେସନ) ବନ୍ଦ କରିବାକୁ ନିବେଦନ କରିଛନ୍ତି।




ଅଭିଯୋଗ ଅନୁସାରେ, ଧୂଷୁରୀ ଥାନା ଅଧୀନ ଆରଡ଼ି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ନାମରେ ଥିବା ଜମି ଖତିଆନ ରେକର୍ଡଭୁକ୍ତ ହୋଇ ରହିଛି। ଭାଇମାନଙ୍କ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ଆପୋଷ ଭାଗବଣ୍ଟା ବା ପାର୍ଟିସନ କେସ୍ ହୋଇନାହିଁ। ଏହା ସତ୍ତ୍ୱେ ଅପରପକ୍ଷ ନରେନ୍ଦ୍ର ବାରିକ ଉକ୍ତ ଜମିକୁ ବିକ୍ରି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ବିବାଦକୁ ନେଇ ଅଭିଯୋଗକାରୀ ଜଗନ୍ନାଥ ବାରିକ ପୂର୍ବରୁ ଚାନ୍ଦବାଲି ସିଭିଲ୍ କୋର୍ଟ ଓ ଭଦ୍ରକ କୋର୍ଟରେ ମାମଲା ଆଗତ କରିଛନ୍ତି, ଯାହାର କେସ୍ ନମ୍ବର ୧୩୭/୨୫ ଅଟେ। ଏହା ବର୍ତ୍ତମାନ ବିଚାରାଧୀନ ରହିଛି। ଚାନ୍ଦବାଲି ତହସିଲ୍, ଆରଡ଼ି ମୌଜା, ଖାତା ସଂଖ୍ୟା- ୩୩୧, ପ୍ଲଟ୍ ସଂଖ୍ୟା- ୪୧୩, ଜମିର ପରିମାଣ- ୭୮ ଡେସିମିଲ ୩୦୦ ବର୍ଗ କଡ଼ି। ଦରଖାସ୍ତରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ଏହି ଜମି ବିବାଦ ସମ୍ପର୍କରେ ଅଂଶୀଦାର ଓ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ମାତ୍ର ବର୍ତ୍ତମାନ ଅପରପକ୍ଷମାନେ ଜଗନ୍ନାଥ ବାରିକଙ୍କୁ ଜୋର୍‌ଜବରଦସ୍ତ ଗାଳିଗୁଲଜ, ମାରପିଟ୍ ଓ ଧମକଚମକ ଦେଇ ଉକ୍ତ ଜମିକୁ ବିକ୍ରି କରିବାକୁ ବସିଛନ୍ତି। ଯଦି ଏହି ଜମି ବିକ୍ରି ହୋଇଯାଏ, ତେବେ ଜଗନ୍ନାଥଙ୍କର ଅପୂରଣୀୟ କ୍ଷତି ଘଟିବ। ତେଣୁ କୋର୍ଟରେ କେସ୍‌ର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଜମି ବିକ୍ରି ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ସେ ଉପନିବନ୍ଧକଙ୍କ ପାଖରେ ଗୁହାରି କରିଛନ୍ତି। ଏ ସମ୍ପର୍କରେ ଧୂଷୁରୀ ଉପନିବନ୍ଧକ ଅଲିଭା ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, "ଉକ୍ତ ଜମିର ରେଜିଷ୍ଟ୍ରେସନ ପାଇଁ ସକାଳ ୯ଟାରୁ ୧୦ଟା ମଧ୍ୟରେ ସ୍ଲଟ୍ ବୁକିଂ ହୋଇଥିଲା। ଅପରପକ୍ଷ ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ମଧ୍ୟ ଆଣିଛନ୍ତି। ନିୟମ ଅନୁଯାୟୀ ଏହି ସମୟ ସୀମା ଭିତରେ ରେଜିଷ୍ଟ୍ରି ହେବାର ଥିଲା, ମାତ୍ର ଆଜି କୌଣସି କବଲା (ଜମି ପଞ୍ଜୀକରଣ) ହୋଇନାହିଁ।' ବିବାଦୀୟ ଜମିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## କାଳବୈଶାଖୀର ତାଣ୍ଡବ; ଘଣ୍ଟାକରେ ଛାରଖାର





ବାରିକପୁର,୩୦।୫(ସମିସ): ଗ୍ରୀଷ୍ମ ପ୍ରବାହ ସାରା ରାଜ୍ୟରେ ଏବେ ଉଗ୍ରରୂପ ନେଇଛି। ଏଥିପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳିରେ ଜନସାଧାରଣ ସିଝି ଯାଉଛନ୍ତି। ଯୁଆଡ଼େ ଦେଖ ଉଗ୍ର ଗ୍ରୀଷ୍ମକୁ ନେଇ ତ୍ରାହିତ୍ରାହି ଡାକୁଛନ୍ତି ଲୋକେ। ଏହାରି ଭିତରେ କାଳବୈଶାଖୀ ଟିକିଏ ହେଲେ ଲୋକମାନେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରୁଛନ୍ତି ସତ କିନ୍ତୁ ଏଥିଯୋଗୁଁ ସୃଷ୍ଟି ହେଉଥିବା ବର୍ଷା ଝଡ଼ କିଛି କମ୍ ଦୁଃଖ ଦେଉନାହିଁ। ଘଣ୍ଟାଏ କାଳବୈଶାଖୀ ଛାରଖାର କରିଦେଉଛି। ଏହି ପରିପ୍ରେକ୍ଷୀରେ ଗତ ଶୁକ୍ରବାର ଅପରାହ୍ଣ ବେଳା ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ ବର୍ଷା ଓ ପବନ ଆରମ୍ଭ ହୋଇଯାଇଥିଲା। ପରିବର୍ତ୍ତିତ ପାଣିପାଗ ଯୋଗୁଁ ମୌସୁମୀ ଓଡ଼ିଶା ଛୁଇଁବା ବିଳମ୍ବ ହେଉଛି। ତେଣୁ ଦିନ ବେଳା ପ୍ରବଳ ଝାଞ୍ଜି ବହୁଥିବାବେଳେ ଅପରାହ୍ଣରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ କାଳ ବୈଶାଖୀର ଉଗ୍ର ରୂପ ଦେଖାଯାଉଛି। ଆକାଶରେ ବିଜୁଳି, ଘଡ଼ଘଡ଼ି ତୀବ୍ର ହେଉଥିବାବେଳେ ବ୍ଲକ୍ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପ୍ରାୟତଃ ବନ୍ଦ ରହୁଛି। ପବନ, ବର୍ଷା ଯୋଗୁଁ ଶୁକ୍ରବାର ରହଣିଆ, ରାଢୋ, ସରସଦା, ମାଳଦା, ବାଲିପୋଖରୀ, ଦକ୍ଷିଣବାଡ଼, ପାଟୁଳି, ନଗୁଆ, ନାଆମୀ, ମଞ୍ଜୁରୀ ରୋଡ୍, ପାହି ମୋହୁରା, ବାହାଦଲପୁର ପ୍ରମୁଖ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବାବେଳେ କେତେକ ସ୍ଥାନରେ ସ୍କୁଲ୍, କଚ୍ଚା ଘର ଓ ଅଙ୍ଗନବାଡ଼ି କେନ୍ଦ୍ର ପ୍ରଭାବିତ ହୋଇଛି। ଦୁଇ ଦିନ ହେବ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରଭାବିତ ସ୍ଥାନରେ ପହଞ୍ଚି ରାସ୍ତାଘାଟରୁ ଗଛପତ୍ର ସଫା କରୁଥିବା ଦେଖିବାକୁ ମିଳିଛି। ଆଗକୁ କାଳବୈଶାଖୀ ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ବର୍ଷା ପବନ ହେଲେ ଲୋକେ ଏକପ୍ରକାର ଭୟଭୀତ ଅବସ୍ଥାରେ ରହୁଛନ୍ତି।

## ଏସ୍‌ଆଇଆର୍ ନିମନ୍ତେ ଭୋଟର ସହାୟତା କେନ୍ଦ୍ର ଉଦ୍‌ଘାଟିତ




ଭଦ୍ରକ,୩୦।୫(ସମିସ): ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ଭୋଟରମାନଙ୍କୁ ସହଜ ଓ ତ୍ୱରିତ ସେବା ପ୍ରଦାନ ଉଦ୍ଦେଶ୍ୟରେ ଏକ ଭୋଟର ସହାୟତା କେନ୍ଦ୍ର (ଭୋଟର ହେଲ୍‌ପ ଡେସ୍କ) ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବି ନାରାୟଣ ସାହୁ ଏହି ସହାୟତା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନାଇ ଚରଣ ଟୁଡୁ, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ପ୍ରତିମା ନାୟକ ଓ ସହକାରୀ ଜିଲ୍ଲାପାଳ ଶାଶ୍ୱତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟରମାନେ ଭୋଟର ତାଲିକା ସମ୍ବନ୍ଧୀୟ ବିଭିନ୍ନ ସୂଚନା, ନାମ ଅନ୍ତର୍ଭୁକ୍ତ, ସଂଶୋଧନ, ବିଲୋପ ଓ ଏସ୍‌ଆଇଆର୍-୨୦୨୬ ସମ୍ବନ୍ଧୀୟ ଆବଶ୍ୟକ ସହାୟତା ପାଇପାରିବେ। ଏସ୍‌ଆଇଆର୍ ଅଧୀନରେ ଭୋଟର ତାଲିକାର ସଠିକତା ପାଇଁ ଘରକୁ ଘର ବୁଲି ଯାଞ୍ଚ କାର୍ଯ୍ୟ ଚାଲିଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ନିର୍ବାଚକଙ୍କ ନାମକୁ ଭୋଟର ତାଲିକାରେ ସୁନିଶ୍ଚିତ କରିବା ଏବଂ ଅଯୋଗ୍ୟ ନାମଗୁଡ଼ିକୁ ତାଲିକାରୁ ହଟାଇବା। ଏହା ମାଧ୍ୟମରେ ଏକ ନିର୍ଭରଯୋଗ୍ୟ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ ହେବ। ଏସ୍‌ଆଇଆର୍-୨୦୨୬ ସମ୍ପର୍କରେ ଅଧିକ ସୂଚନା ପାଇଁ ନାଗରିକମାନେ ଟୋଲ୍ ଫ୍ରି ନମ୍ବର ୧୯୫୦ରେ ଯୋଗାଯୋଗ କରିପାରିବେ।

**୭କୋଟି ଟଙ୍କାର ମଙ୍ଗଳପୁର-ନୁନ୍ଦର ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ**

# ଏପାଖେ କାମ ଚାଲୁଛି; ସେପାଖେ ରାସ୍ତା ଫାଟିଗଲାଣି

ଭଦ୍ରକ,୩୦।୫(ସମିସ)



■ ବିନା ତଦାରଖ ଓ ସୂଚନାଫଳକରେ ଚାଲିଛି କାର୍ଯ୍ୟ

■ ଭିତ୍ତିପ୍ରସ୍ତରରେ ଫଳକକୁ ନେଇ ସନ୍ଦେହ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନ ମଙ୍ଗଳପୁରଠାରୁ ନୁନ୍ଦର ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତା ଉନ୍ନତୀକରଣ କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅତି ନିମ୍ନମାନ ଢଙ୍ଗରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରାସ୍ତା ଫାଟିଗଲାଣି। ଆଉ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅନୁକ୍ରମରେ ନିର୍ମାଣ ହେଉଥିବା ଏହି ରାସ୍ତା କାମରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ନିମ୍ନମାନର କାମ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟସ୍ଥଳରେ ସରକାରୀ ନିୟମ ଅନୁଯାୟୀ କୌଣସି ସୂଚନାଫଳକ ଅଦ୍ୟାବଧି ଲଗାଯାଇନାହିଁ। ଫଳରେ ପ୍ରକଳ୍ପର ମୋଟ ବ୍ୟୟ, କାର୍ଯ୍ୟ ଅବଧି, ଠିକାଦାରଙ୍କ ନାମ ଓ ବିଭାଗୀୟ ତଥ୍ୟ ସାଧାରଣ ଲୋକଙ୍କ ନଜରରୁ ଦୂରରେ ରହିଛି। ଏହା ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା, ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଅନେକ ସ୍ଥାନରେ ନୂତନ ରାସ୍ତା ଫାଟିବା ଆରମ୍ଭ ହୋଇଯାଇଛି। କେତେକ ସ୍ଥାନରେ ରାସ୍ତାର ଉପରିଭାଗ ମେଲା ହୋଇଥିବାରୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ନିମ୍ନମାନର ସାମଗ୍ରୀ ବ୍ୟବହାର ଓ କାର୍ଯ୍ୟ ତଦାରଖରେ ଅବହେଳା ହୋଇଥିବାର ସନ୍ଦେହକୁ ଆହୁରି ଜୋରଦାର କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ଫଳକରେ ସହିଦନଗରରୁ ମଙ୍ଗଳପୁର ବୋଲି ରାସ୍ତା କାର୍ଯ୍ୟ



ଲେଖାଯାଇଥିବା ବେଳେ ବାସ୍ତବରେ ଏହା ନୁନ୍ଦର ଯାଏଁ ଚାଲିଛି। ଯାହା ରହସ୍ୟ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଥିବାବେଳେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି ଉଠିଛି।

ଅନ୍ୟପଟେ ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଗାଁ ଲୋକଙ୍କ ଅଭିଯୋଗ ଆମ ପାଖରେ ନାହିଁ ବୋଲି କହି ଅନିୟମିତତା ଘଟଣାକୁ ଆଡ଼େଇ ଦେଇଛନ୍ତି। ତେବେ ରାସ୍ତା କାମରେ ଉଠିଥିବା ଅଭିଯୋଗ ସମ୍ପର୍କରେ ସେ କୌଣସି ସ୍ପଷ୍ଟ ଉତ୍ତର ଦେଇପାରି ନ ଥିଲେ। ସରକାର ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବାବେଳେ, ଏଭଳି ନିମ୍ନମାନର କାମ ଓ ଅନିୟମିତତା ଅଭିଯୋଗ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ତେଣୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୁନାମୀ ପ୍ରଭାବିତ ୫ଟି ଗ୍ରାମରେ ମକ୍‌ଡ୍ରିଲ୍




ଜୀବନ ବିକଳରେ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ଧାଉଁଛନ୍ତି।

ମାଡ଼ି ଆସୁଛି ସୁନାମୀ। ଭୟଭୀତ ହେଉଛନ୍ତି କି। ଏହା ସତସତିକା ସୁନାମୀ ନୁହେଁ। ଉପକୂଳ ଅଞ୍ଚଳରେ ଚାଲିଛି ସୁନାମୀ ମକ୍‌ଡ୍ରିଲ୍। ଧନଜୀବନ କ୍ଷୟକ୍ଷତି ରୋକିବାକୁ ଚାଲିଛି ସୁନାମୀ ପ୍ରଭାବିତ ଗ୍ରାମରେ ନିଚ୍ଛକ ଅଭ୍ୟାସ। ମକ୍‌ଡ୍ରିଲ୍‌ରେ

ବାସୁଦେବପୁର,୩୦।୫(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ବାସୁଦେବପୁର ବ୍ଲକ୍‌ର ୫ଟି ସୁନାମୀ ପ୍ରଭାବିତ ଗ୍ରାମରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ସୁନାମୀ ପ୍ରଭାବିତ ଗ୍ରାମ ଇରମ ଆଡ଼ିଆ, ବାଲିମୁଣ୍ଡା, ନନ୍ଦପାଟଣା, ସାନହାବେଳିସାହି ଓ ଗୋଠଆଡ଼ିଆରେ ସଚେତନତା ପାଇଁ ସୁନାମୀ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏଇନ୍‌କୋଏସ୍‌ଠାରୁ ସକାଳ ୮ଟାରେ ଗ୍ରାମବାସୀ ସତର୍କ ସୂଚନା ପାଇଥିଲେ। ସାଇରନ୍ ବାଜି ଉଠିଥିଲା। ଡାକବାଜି ଯନ୍ତ୍ର ଓ କେତେକ ଗ୍ରାମରେ ଘଣ୍ଟା, ଶଙ୍ଖ ମାଧ୍ୟମରେ ସୂଚନା ଦିଆଯାଇଥିଲା। ଉପକୂଳ ଅଞ୍ଚଳକୁ ମାଡ଼ି ଆସୁଛି ସୁନାମୀ। ସୂଚନା ପାଇ ଗ୍ରାମବାସୀମାନେ ଅତ୍ୟାବଶ୍ୟକ ଜିନିଷ ଧରି ଭୟଭୀତ ହୋଇ ଘର ଛାଡ଼ି ପଳାଇ ଆସିଥିଲେ। କିଏ ବ୍ୟାଗ୍ ଧରିଛନ୍ତି ତ ପୁଣି କିଏ ଦରକାରୀ କାଗଜପତ୍ର। କିଏ କିଏ ପିଲା ଛୁଆଙ୍କୁ ଧରି ବାସୁଦେବପୁର ଅଗ୍ନିଶମ ବାହିନୀ ସାମିଲ୍ ହୋଇଥିଲେ। ଜନସଚେତନତା ବୃଦ୍ଧି ପାଇଲେ ଧନଜୀବନ କ୍ଷୟକ୍ଷତି ରୋକାଯାଇପାରିବ ବୋଲି ଆୟୋଜିତ ସଭାରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଥିଲେ। ଡିପିଓ ଅମ୍ଳାନ ଅନୁପମ ସେନାପତି, କିସ୍ମତ କୃଷ୍ଣପୁର ସରପଞ୍ଚ ସନ୍ଧ୍ୟାରାଣୀ ବାରିକ, ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ନୋଡାଲ ଏନ୍‌ଜିଓ ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ମାନସ ରଞ୍ଜନ ସାହୁ, ଲକ୍ଷ୍ମୀପ୍ରିୟା ଭୋଇ, ଭାଗିରଥି ପଲାଇ, ସତ୍ୟବ୍ରତ ଡାଙ୍ଗୁଆ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପିଇଓ ସୂର୍ଯ୍ୟକାନ୍ତ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ବାରିକ, ରବୀନ୍ଦ୍ର ନାଥ ଦାସ, ଚିନ୍ମୟୀ ପଣ୍ଡା ଓ ଇରମ ରେଡ୍‌କ୍ରସ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଦିବାକର ବାରିକ ଯୋଗଦେଇ ସହଯୋଗ କରିଥିଲେ। ଆପଦମିତ୍ର ଓ ରିଲାଏନ୍ସ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

■ ୫ ଦିନ ହେଲା ଅନ୍ଧାରରେ କୋଟଗଡ଼

## ରାସ୍ତାରୋକ ସହ ବନଖଣ୍ଡ କାର୍ଯ୍ୟାଳୟ ଘେରିଲେ ଉତ୍ତ୍ୟକ୍ତ ଲୋକ



ବାଲିଗୁଡ଼ା,୩୦।୫(ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକରେ ପାଞ୍ଚ ଦିନ ହେଲା ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବା ଯୋଗୁ ସ୍ଥାନୀୟ ବାସିନ୍ଦା ଓ ବଣିକ ସଂଘ ମିଳିତ ଭାବେ ରାସ୍ତା ରୋକ କରିବା ସହ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରିଛନ୍ତି। କାଳବୈଶାଖୀ ପ୍ରଭାବରେ ଦୀର୍ଘ ପାଞ୍ଚ ଦିନ ହେଲା କୋଟଗଡ଼ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ରହିଛି। କିନ୍ତୁ ପୂର୍ବ ସୂଚନା ଅନୁଯାୟୀ କୋଟଗଡ଼ ଅଞ୍ଚଳକୁ ପଡ଼ୋଶୀ ଜିଲ୍ଲା ରାୟଗଡାର ଡ଼ାଙ୍ଗେଶିଗୁଡାରୁ ବିଦ୍ୟୁତ ସଂଯୋଗ ପାଇଁ ପ୍ରକଳ୍ପ ମଞ୍ଜୁରୀ ହୋଇଥିଲା। କିନ୍ତୁ ଡ଼ାଙ୍ଗେଶିଗୁଡାରୁ କୋଟଗଡ଼ ମଧ୍ୟରେ ଥିବା ଜଙ୍ଗଲ ହାତୀ କରିଡ଼ର ଦର୍ଶାଇ ବାଲିଗୁଡ଼ା ଡିଏଫ୍‌ଓ ମଞ୍ଜୁର ଦେଉନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେବେ ୧୫ ଦିନ ତଳେ ବାଲିଗୁଡ଼ା ଡିଏଫ୍‌ଓ ଉକ୍ତ ପ୍ରକଳ୍ପଟି ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ କାହିଁକି ମନା କରୁଛନ୍ତି ତାହା ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକେ ସକାଳ ୧୦ଟାରୁ ରାସ୍ତାରୋକ କରିଥିବା ବେଳେ ସନ୍ଧ୍ୟା ସୁଦ୍ଧା ବାଲିଗୁଡ଼ା ଡିଏଫଓ ପହଞ୍ଚି ନଥିବା ଯୋଗୁ ରାସ୍ତାରୋକ ହଟି ନଥିବା ସୂଚନା ମିଳିଛି। ଘଟଣାସ୍ଥଳରେ କୋଟଗଡ଼ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ଏହି ସମସ୍ୟାର ସମାଧାନ ନହେଲେ ରାସ୍ତାରୋକ ଜାରି ରହିବ ବୋଲି କହିଛନ୍ତି ଅଞ୍ଚଳବାସୀ।

**ସକାଳୁ ସଞ୍ଜ ହୋଇଗଲା ପହଞ୍ଚି ପାରିଲେନି ବାଲିଗୁଡ଼ା ଡିଏଫ୍‌ଓ**

# ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ରାସ୍ତାରୋକ





ପାରଳାଖେମୁଣ୍ଡି,୩୦।୫(ସମିସ): ବାରମ୍ବାର ଅଘୋଷିତ ବିଦ୍ୟୁତ କାଟକୁ ନେଇ ଉତ୍ତ୍ୟକ୍ତ ହୋଇଛନ୍ତି ପାରଳାଖେମୁଣ୍ଡି ସହର ବାସିନ୍ଦା। ଗତକାଲି ରାତି ୧୦ଟା ବେଳେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ୧୦ରୁ ୧୫ ମିନିଟ ପବନ ସାଙ୍ଗକୁ ୨୦ରୁ୩୦ ମିନିଟ ବର୍ଷା ହୋଇଥିଲା। ବାସ୍ ଏତିକିରେ ବିଦ୍ୟୁତ୍ କାଟିଦିଆଯାଇଥିଲା। ସହରର ବିଭିନ୍ନ ଅଞ୍ଚଳରେ ଅତି କମ୍‌ରେ ୧୪ ଘଣ୍ଟାରୁ ୧୮ ଘଣ୍ଟା ବିଦ୍ୟୁତ ସରାବହ ବନ୍ଦ ଥିଲା। କିଛି ଅଞ୍ଚଳରେ ବର୍ଷା ବନ୍ଦ ହେବାପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା। ହେଲେ ଜଙ୍ଗମ ସାହି ଅଞ୍ଚଳରେ କୌଣସି କାରଣରୁ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଆଜି ଅପରାହ୍ନ ସୁଦ୍ଧା ଜଙ୍ଗମ ସାହି, ସେରିସହି, ବାକିଟି ସାହି, ନାଇଡୁ ସାହି ଓ ଅନ୍ୟାନ୍ୟ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇନଥିବାରୁ ଲୋକେ ଉତ୍ତ୍ୟକ୍ତ ହୋଇପଡିଥିଲେ। ଏହାସହ ଏହି ଅଞ୍ଚଳରେ ୭୨ ଘଣ୍ଟା ଧରି ବିଦ୍ୟୁତର ଲୁଚକାଳି ଖେଳ ଦେଖିବାକୁ ମିଳିଥିଲା। ଗତକାଲିଠାରୁ ବିଦ୍ୟୁତ ଯୋଗାଣ ପ୍ରଭାବିତ ହୋଇଥିବାରୁ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ କଥା ନିଆଁରେ ଘିଅ ପକାଇବା ସଦୃଶ୍ୟ ପାଲଟିବାରୁ ଲୋକେ ରାଜରାସ୍ତାକୁ ଓହ୍ଲାଇଥିଲେ। ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁନଥିଲା। ଯଦିଓ ଉତ୍ତର ଦେଉଥିଲେ ଅନଲାଇନ୍‌ରେ ଅଭିଯୋଗ କରନ୍ତୁ କହି କାଟି ଦେଉଥିଲେ। ମଧ୍ୟାହ୍ନରେ ଲୋକେ ବିରକ୍ତି ହୋଇ ପୁଣି ପଚାରିବାରେ ସହକାରୀ ଯନ୍ତ୍ରୀ ଜଣକ ଲୋକଙ୍କୁ ଅପମାନ କଲାଭଳି ତୁମେ ଯାହା କରୁଛ କର, ମୋର ଫରକ କିଛି ପଡିବନି, ଲାଇନ୍ ଯେତେବେଳେ ଆସିବା କଥା ସେତେବେଳେ ଆସିବ ବୋଲି ନାଲି ଆଖି ଦେଖାଇଥିବାର ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଯନ୍ତ୍ରୀଙ୍କ ଏପରି ପ୍ରତିକ୍ରିୟା ପାଇ ଲୋକେ କ୍ଷୁବ୍ଧ ସହ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ତାତିଥିଲେ। ବିଶେଷ କରି ୫ ଓ ୬ ନଂ ୱାର୍ଡ ବାସିନ୍ଦା ପ୍ରତିବାଦ କରି ଜଙ୍ଗମ ସାହି ନିକଟରେ ରାସ୍ତାରୋକ କରି ପ୍ରତିବାଦ କରିଥିଲେ। ଗତକାଲି ରାତିଠାରୁ ବିଦ୍ୟୁତ କାଟ ଅସମ୍ଭାଳ କରିଥିବାରୁ ବାଧହୋଇ ରାସ୍ତାକୁ ଓହ୍ଲାଇଥିବା ଲୋକେ କହିଛନ୍ତି। ଏପରି ଆନ୍ଦୋଳନ ଯୋଗୁଁ ପ୍ରାୟ ଘଣ୍ଟାଏ ଧରି ରାଜନହର ଛକ ଠାରୁ ମେଡିକାଲ ରାସ୍ତା ଦେଇ ଉଭୟ ପଟରୁ ସମସ୍ତ ଯାନବାହନ ଅଟକି ରହିଥିଲା। ଘଟଣା ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ଇତି ମଧ୍ୟରେ ବିଦ୍ୟୁତ ଯୋଗାଣ ମଧ୍ୟ ହୋଇଥିଲା। ଏହାପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ବିଦ୍ୟୁତ ଯୋଗାଣ ହୋଇଥିଲେ ମଧ୍ୟ ଏବେ ବି ସହରର ବିଭିନ୍ନ ଅଞ୍ଚଳରେ ଲୋ-ଭୋଲଟେଜ୍ ସମସ୍ୟା ସହ ଲୁଚକାଳି ଖେଳ ଜାରି ରହିଛି।

**ଯନ୍ତ୍ରୀଙ୍କ ବେପରୁଆ ଉତ୍ତରକୁ ନେଇ ବଢୁଛି ଅସନ୍ତୋଷ**

## ଜି.ଉଦୟଗିରିରେ ଆରମ୍ଭ ହେଲା ଏସ୍‌ଆଇଆର୍



ଜି.ଉଦୟଗିରି,୩୦।୫(ସମିସ): ସାରା ରାଜ୍ୟରେ ଆଜି ଠାରୁ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି କ୍ରମରେ ଜି.ଉଦୟଗିରିରେ ମଧ୍ୟ ଏହା ଆରମ୍ଭ ହୋଇଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ନିର୍ଭୁଲ ଭୋଟର ତାଲିକା ପ୍ରକାଶ ଲାଗି ପ୍ରତି ବୁଥ ସ୍ତରରେ ବିଏଲଓ ଘରକୁ ଘର ଯାଇ ନାଗରୀକଙ୍କୁ ଫର୍ମ ଦେବେ। ପରିଗଣନା ଫର୍ମରେ ଭୋଟର ନିର୍ଭୁଲ ତଥ୍ୟ ଦେଇ ଫର୍ମ ପୁରଣ କରିବେ। ପରେ ବିଏଲଓ ପୁଣି ଘରକୁ ଯାଇ ଦେଇଥିବା ଫର୍ମ ସଂଗ୍ରହ କରିବେ। କୌଣସି ନାଗରିକ ଘରେ ନ ଥିଲେ ବିଏଲଓ ତିନି ଥର ସେମାନଙ୍କ ଘରକୁ ଯାଇ ପରିଗଣନା କରିବେ ବୋଲି ନିର୍ଦ୍ଦେଶ ରହିଛି। ଏହି ଅବସରରେ ଆଜି ଜି.ଉଦୟଗିରି ବ୍ଲକର ୫୧ ରୁ ୯୧ ବୁଥର ଘରକୁ ଘର ବିଏଲଓ ଯାଇ ପରିଗଣନା ଫର୍ମ ଲୋକଙ୍କୁ ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ବିଏଲଓ ସୁପରଭାଇଜର ଶାନ୍ତନୁ କୁମାର ପ୍ରଧାନ, ରଞ୍ଜିତ କୁମାର ପାଢୀ, ରଞ୍ଜିତ କୁମାର ପ୍ରଧାନ, ନରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଏଲଓ ପବିତ୍ର ମୋହନ ଜେନା, ବିପିନ ସାହୁ, ଚିତ୍ତରଞ୍ଜନ ମଲ୍ଲିକ ଓ ସାନ୍ତାରାଣୀ ପ୍ରଧାନ ସାମିଲ ଥିଲେ।

● ଜି.ଉଦୟଗିରି ପ୍ରତି ଅଣଦେଖା

## ୫ ବର୍ଷରେ ବିକାଶ ପାଇଁ ବୁଦ୍ଧିଜୀବୀଙ୍କ କର୍ମଶାଳା



ଜି.ଉଦୟଗିରି,୩୦।୫(ସମିସ): ଜି.ଉଦୟଗିରି ବିକାଶ ପାଇଁ ୫ ବର୍ଷୀୟ ଖସଡ଼ା ପ୍ରସ୍ତୁତି ସନ୍ତେ ପ୍ରଧାନଙ୍କ ସଭାପତିତ୍ୱରେ ବୁଦ୍ଧିଜୀବୀଙ୍କ ଏକ କର୍ମଶାଳା ସମନ୍ୱିତ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବିକାଶ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସମାଜସେବୀ ବିବେକାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ପର୍ଯ୍ୟଟକ ନିର୍ଦ୍ଦେଶକ ସନାତନ ନାୟକ ଓ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ମାର୍କେଶ ମଲିକ ଯୋଗଦେଇ କନ୍ଧମାଳ ଜିଲ୍ଲାର ତିନି ପ୍ରମୁଖ ସହର ମଧ୍ୟରୁ ଜି.ଉଦୟଗିରି ଅନ୍ୟତମ ପ୍ରମୁଖ ସହର ହେଲେ ମଧ୍ୟ ବିକାଶରେ ପଛୁଆ ରହିଛି। ଏହାର ବିକାଶ ପାଇଁ ବହୁ କଥା ଆଲୋଚନା ହୋଇଥିଲେ ସୁଦ୍ଧା ବିକାଶ ପାଇଁ କିଏ ବାଧକ ସାଜୁଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରିଙ୍ଗ ରୋଡ, ଓଭରବ୍ରିଜ, ବାଇପାସ, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଆବଶ୍ୟକତା, ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ସହାୟତାର ଆବଶ୍ୟକ ଥିବା ମତ ପ୍ରକାଶ ପାଇଥିଲା। ଏ ଦିଗରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମାଜସେବୀ ବିବେକାନନ୍ଦ ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମକୁ ମହମ୍ମଦ ଜିଆଉଦ୍ଦିନ ପରିଚାଳନା କରିଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଫିରିଙ୍ଗିଆ,୩୦।୫(ସମିସ): ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଗୌଡ଼ସାହି ନିକଟରେ ଥିବା ସର୍ଗି ବନ୍ଧରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ବୁଡି ମୃତ୍ୟୁ ଘଟିଛି। ମୃତକ ଫିରିଙ୍ଗିଆ ତହସିଲ କାର୍ଯ୍ୟାଳୟ ପଛପଟେ ଥିବା ତହସିଲ ସାହିର ଡମ୍ବରୁ ବେହେରା। ସେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ କାମରୁ ଫେରି ବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପଥର ପାହାଚରେ ମୁଣ୍ଡ ବାଡ଼େଇ ହୋଇଯାଇଥିଲା। ଫଳରେ ଗଭୀର ପାଣି ଭିତରେ ବୁଡି ଯାଇଥିଲେ। ପରେ ସ୍ଥାନୀୟ ସମାଜସେବୀ ସଞ୍ଜୟ ଦିଗାଲଙ୍କ ସହ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଖବର ପାଇ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡମ୍ବରୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଫିରିଙ୍ଗିଆ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଘଟଣ

## ଖସିଲା ସିଲିଂ; ଅଳ୍ପକେ ବର୍ତ୍ତିଲେ ରୋଗୀ



ପାରଳାଖେମୁଣ୍ଡି,୩୦।୫(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଦୂରାବସ୍ଥା ଦାଣ୍ଡରେ ପଡି ହାଟରେ ଗଢୁଥିବାବେଳେ ଶନିବାର ଏକ ବଡ଼ ଅଘଟଣ ଘଟିଛି। ମାତ୍ର ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ରୋଗୀ। ଆଜି ଚିକିତ୍ସାଳୟରେ ରହିଥିବା ସ୍ୱତନ୍ତ୍ର କକ୍ଷର ସିଲିଂ ଖସିପଡ଼ିଥିଲା। ଏଥିରେ ସୌଭାଗ୍ୟବଶତଃ ଜଣେ ମହିଳା ରୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏପରି ଘଟଣା ଆଜି ଅପରାହ୍ନରେ ଏହି ଚିକିତ୍ସାଳୟର ୬୩ ନମ୍ବର ସ୍ୱତନ୍ତ୍ର କକ୍ଷରେ ଘଟିଛି। ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ମହିଳା ଜଣକ ପାରଳାଖେମୁଣ୍ଡି ସହରର ସାମୁଟିଆ ସାହି ନିବାସୀ ଭବଶ୍ରୀ ହଳଧର ବୋଲି ଜଣାପଡିଛି। ଆଜି ମଧ୍ୟାହ୍ନରେ ତାଙ୍କର କର୍ଣ୍ଣ ଯନ୍ତ୍ରଣାକୁ ନେଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ତାଙ୍କୁ ସ୍ୱତନ୍ତ୍ର କକ୍ଷରେ ବିଶ୍ରାମ ପାଇଁ ରଖାଯାଇଥିଲା। ଏହି ସମୟରେ ସିଲିଂ ହଠାତ୍ ଖସିପଡିଥିଲା। ଏହା ସହ ସିଲିଂରେ ଖଞ୍ଜା ହୋଇଥିବା ବିଦ୍ୟୁତ ଉପକରଣ ମଧ୍ୟ ପଡ଼ିଯାଇଥିଲା। ଭବଶ୍ରୀଙ୍କ ନିକଟରେ ସିଲିଂ ସାମଗ୍ରୀ ଓ ବିଦ୍ୟୁତ ଉପକରଣ ପଡ଼ିଥିବାବେଳେ ସୋ÷ଭାଗ୍ୟବଶତଃ ତାଙ୍କ ଉପରେ ନପଡ଼ିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ ଚିକିତ୍ସାଳୟର କୌଣସି କର୍ମଚାରୀ କିମ୍ବା କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ଜାଣି ମଧ୍ୟ ଆସିନଥିବା ବେଳେ ଜଣେ କର୍ମଚାରୀ ଆସି ଭବଶ୍ରୀଙ୍କୁ ଅନ୍ୟ ଏକ କକ୍ଷକୁ ସ୍ଥାନାନ୍ତର କରିଥିଲେ ଏବଂ ସିଲିଂର ଭଗ୍ନାବଶେଷକୁ ବାହାର କରି ସ୍ୱତନ୍ତ୍ର କକ୍ଷରେ ତାଲାପକାଇ ପଳାଇ ଯାଇଥିଲେ। ଚିକିତ୍ସାଳୟର ବିକାଶକୁ ନେଇ ସରକାର ଆଉ ପ୍ରଶାସକ ନାହିଁ ନଥିବା ଡିଣ୍ଡିମ ପିଟୁଥିବା ବେଳେ ଏପରି ନିମ୍ନମାନର କାମକୁ ନେଇ ବର୍ଷିଛନ୍ତି ଜନସାଧାରଣ। ବିଭାଗୀୟ ସଚିବ ୧୦ ଦିନ ପୂର୍ବେ ଗଜପତି ଗସ୍ତରେ ଆସି ଗଣମାଧ୍ୟମକୁ କହିଥିଲେ ଯେ ମାସକ ମଧ୍ୟରେ ଜିଲ୍ଲାର ସମସ୍ତ ଚିକିତ୍ସାଳୟର ଦ୍ରୁତଗତିରେ ବିକାଶ କରାଯିବ। ଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ। ବିଭାଗୀୟ ସଚିବଙ୍କ ଏପରି କହିବାର ୧୦ ଦିନ ମଧ୍ୟ ବିତିନି, ଏପରି ଅଘଟଣ ଘଟୁଛି। ଯାହାକୁ ନେଇ ଜନସାଧାରଣରେ ନାନାଦି ଆଲୋଚନା ହେଉଛି। ସଚିବଙ୍କ ଗସ୍ତ ସରି ୧୦ ଦିନ ପରେ ପରେ ଏପରି ଦୂରାବସ୍ଥା ସମ୍ମୁଖକୁ ଆସୁଥିବାରୁ କିପରି ଆଉ ୨୦ ଦିନ ମଧ୍ୟରେ ସଜଡ଼ା ହୋଇପାରିବ ତାହାକୁ ନେଇ ଆଶଙ୍କା କରିଛନ୍ତି। ତେବେ ଏପରି ଭିତ୍ତିଭୂମୀର ନିର୍ମାଣରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କେତେବେଳେ ଯେ କେଉଁ ବଡ ଧରଣ ଅଘଟଣକୁ ନିଶ୍ଚିତ ଆମନ୍ତ୍ରଣ କରିବା ସମ୍ଭାବନା ରହିଛି ବୋଲି ଆଶଙ୍କା କରିଛନ୍ତି। ରୋଗୀ ଓ ତାଙ୍କ ପରିବାର ଲୋକେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତର ସିଲିଂ କିପରି ଖସିଲା ଏବଂ ଏଥିପାଇଁ କିଏ ଦାୟୀ, ତାହାର ତଦନ୍ତ କରିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା ଶାନ୍ତନୁ ପାଢୀଙ୍କୁ ଯୋଗାଯୋଗ କଲେ ମଧ୍ୟ ସମ୍ଭବ ହୋଇପାରିନଥିବା ବେଳେ ଚିକିତ୍ସାଳୟର ପରିଚାଳିକା ସୁପ୍ରିୟା ସାହୁ କହିଛନ୍ତି ଯେ ଆମ୍ଭେ ଅସ୍ଥାୟୀ ବା ଠିକା କର୍ମଚାରୀ। ତେଣୁ ଏନେଇ ମତାମତ ଦେଇପାରିବିନାହିଁ।

## ହାଲୁକା ପବନରେ ଭାଙ୍ଗିଲା ଦେବଗିରି ପାହାଡ଼ର ମୁଖ୍ୟ ଫାଟକ



ଗୁମ୍ମା,୩୦।୫(ସମିସ): ଗୁମ୍ମା ବ୍ଲକର ଐତିହାସିକ ଓ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ଦେବଗିରି ପାହାଡ଼ର ବିକାଶ ପାଇଁ ନିର୍ମାଣ କରାଯାଇଥିବା ମୁଖ୍ୟ ପ୍ରବେଶ ଗେଟ୍ ହାଲୁକା ପବନରେ ଭାଙ୍ଗିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଲକ୍ଷାଧିକ ଟଙ୍କାର ବ୍ୟୟ କରି ନିର୍ମାଣ ହୋଇଥିବା ଏହି ଗେଟ୍ ଏତେ ଶୀଘ୍ର ଭୁଶୁଡ଼ି ପଡ଼ିବା ପଛରେ ନିମ୍ନମାନର କାର୍ଯ୍ୟ ଓ ନିର୍ମାଣରେ ଅନିୟମିତତା ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗେଟ୍ ନିର୍ମାଣ ସମୟରେ ମଜଭୂତ ଭିତ୍ତି ଓ ଗୁଣାତ୍ମକ ସାମଗ୍ରୀ ବ୍ୟବହାର କରାଯାଇନଥିଲା ଫଳରେ ସାମାନ୍ୟ ପବନରେ ଏହା ଭାଙ୍ଗି ପଡ଼ିଛି। ସୌଭାଗ୍ୟବଶତଃ ଘଟଣା ବେଳେ ସେଠାରେ କୌଣସି ପର୍ଯ୍ୟଟକ କିମ୍ବା ସାଧାରଣ ଲୋକ ନଥିବାରୁ ବଡ଼ ଅଘଟଣ ଟଳିଯାଇଛି। ଦେବଗିରି ପାହାଡ଼କୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରିବା ଉଦ୍ଦେଶ୍ୟରେ ସରକାରୀ ଅର୍ଥରେ ବିଭିନ୍ନ କାମ କରାଯାଇଥିବା ବେଳେ ଏହି ଘଟଣା ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାମର ତଦାରଖ କରୁଥିବା ବିଭାଗ, ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଭୂମିକା ନେଇ ମଧ୍ୟ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ହାଲୁକା ପବନରେ ଗେଟ୍ ଭାଙ୍ଗି ପଡୁଛି ତେବେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା କେତେ ଥିଲା ଏବଂ ଏଥିପାଇଁ ପ୍ରକୃତରେ ଦାୟୀ କିଏ ବୋଲି ପ୍ରଶ୍ନ ହୋଇଛି।

**ଠିକାଦାରଙ୍କ ଲାଭ ପାଇଁ ସାଧାରଣ ଜନତା ଭୋଗୁଛନ୍ତି ନର୍କ ଯନ୍ତ୍ରଣା**

# ଚାରି ବର୍ଷ ହେଲା ସରିପାରୁନି କଇଁଝର-ଗୁଟିଙ୍ଗିଆ ରାସ୍ତା କାମ



ଟିକାବାଲି,୩୦।୫(ସମିସ)

ପ୍ରଶାସନିକ ଉଦାସୀନତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ମରଣଯନ୍ତା ପାଲଟିଥିବା ରାସ୍ତାରେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଗତ ୪ ବର୍ଷ ହେବ କଇଁଝର-ଗୁଟିଙ୍ଗିଆ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନ ଥିବା ବେଳେ ଏବେ ଠିକାଦାରଙ୍କ ଲାଭ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ପରିତାପର ବିଷୟ ହେଉଛି, ଏହି ରାସ୍ତାଟି ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ନିଜ ଗାଁର ରାସ୍ତା ହୋଇଥିଲେ ମଧ୍ୟ ଏହାର କାମ ଅଧପନ୍ତରିଆ ହୋଇ ପଡ଼ିରହିଛି।

୨୦୧୯ ମସିହାରେ ଏହି ରାସ୍ତା କାମ ଆରମ୍ଭ ହୋଇଥିଲା। ମାତ୍ର କୋଭିଡ୍ ମହାମାରୀ ସମୟରେ ତତ୍କାଳୀନ ଠିକାଦାରଙ୍କ ମୃତ୍ୟୁ ଘଟିବା ପରେ କାମ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ସେହି ସମୟରେ ସମ୍ପୃକ୍ତ ଠିକା ସଂସ୍ଥା ରାସ୍ତାକୁ ମୁକୁଳା କରି ଛାଡ଼ି ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ କଇଁଝର ଠାରୁ ଦାଣ୍ଡିଙ୍ଗପାଙ୍ଗା ପର୍ଯ୍ୟନ୍ତ ମାତ୍ର ୩ କିଲୋମିଟର ଏବଂ ସେପଟେ ବିରଙ୍ଗୀ ଠାରେ ଅଧା କିଲୋମିଟର ରାସ୍ତାରେ କେବଳ ଥରେ ମାତ୍ର ପିଚୁ ପଡ଼ିଥିଲା। ଏହାପରେ ଆଉ କାମ ଆଗକୁ ବଢ଼ିନାହିଁ। ବର୍ତ୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ସାଙ୍ଘାତିକ ହୋଇପଡ଼ିଛି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ପ୍ରତିଦିନ କେଉଁଠି ନା କେଉଁଠି ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେଉଛନ୍ତି। ଏହା ସତ୍ତ୍ୱେ ପ୍ରଶାସନ ସବୁ ଦେଖି ନଦେଖିଲା ଭଳି ନିରବଦ୍ରଷ୍ଟା ସାଜିଛି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ମାତ୍ର ନୂତନ ଠିକାଦାର ଅଧିକ ମୂଲ୍ୟରେ (ଏକ୍ସେସ ରେଟ )ଟେଣ୍ଡର ପାଇଥିବାରୁ, ଏହାର ଚୂଡ଼ାନ୍ତ ଅନୁମୋଦନ ପାଇଁ ଫାଇଲ୍ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଉଚ୍ଚ ଅଧିକାରୀଙ୍କ ପାଖକୁ ପଠାଯାଇଛି। ସେଠାରୁ ମଞ୍ଜୁରୀ ମିଳିବା ପରେ ହିଁ କାର୍ଯ୍ୟ ଆରମ୍ଭ ହେବ। ତେବେ ସରକାରୀ କାଗଜପତ୍ର ଓ ଠିକାଦାରଙ୍କ ଲାଭ-କ୍ଷତିର ଅଙ୍କକଷା ଭିତରେ ସାଧାରଣ ଜନତା କାହିଁକି ବଳିପଡ଼ିବେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ, ନିଜ ନିର୍ବାଚନ ମଣ୍ଡଳୀ ଓ ନିଜ ଗାଁର ଏହି ସମସ୍ୟାକୁ ନେଇ ବିଧାୟକ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଏହି ବିଷୟରେ ଅନେକ ଥର ତାଗିଦ୍ କରିବା ସହ ତୁରନ୍ତ କାମ ସାରିବାକୁ କହିଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ବର୍ଷାଦିନ ପାଖେଇ ଆସୁଥିବାରୁ ଯଦି ତୁରନ୍ତ ଏହି ରାସ୍ତା ମରାମତି ବା ନିର୍ମାଣ କାର୍ଯ୍ୟ କରା ନଯାଏ ତାହାହେଲେ ଆଗାମୀ ଦିନରେ ଲୋକେ ରାଜପଥକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲ ସଂସ୍କାର ଓ ଯୋଗ ଶିକ୍ଷା ଶିବିର ଉଦ୍‌ଯାପିତ




ଜି.ଉଦୟଗିରି,୩୦।୫(ସମିସ): ଜି.ଉଦୟଗିରି ବ୍ଲକ କତିଙ୍ଗିଆ କମଳବନରେ ଅମୃତ ପରିବାର ପକ୍ଷରୁ ଆୟୋଜିତ ୮ ଦିନିଆ ବାଳ ସଂସ୍କାର ଓ ଯୋଗ ଶିକ୍ଷା ଶିବିର ନଗର ପରିକ୍ରମା ସହ ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶନିବାର ଉଦ୍‌ଯାପିତ ହୋଇଛି। ଶିବିରରେ ଅଞ୍ଚଳର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଯୋଗ, ପ୍ରାଣାୟାମ, ନୈତିକ ଶିକ୍ଷା, ଭାରତୀୟ ସଂସ୍କୃତି, ଚରିତ୍ର ଗଠନ ଏବଂ ରାଷ୍ଟ୍ରପ୍ରେମ ସମ୍ପର୍କିତ ଶିକ୍ଷା ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ବକ୍ତାମାନେ ବର୍ତ୍ତମାନର ଭୋଗବାଦୀ ଓ ପ୍ରତିଯୋଗିତାମୂଳକ ସମାଜରେ ଶିଶୁମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ, ଅନୁଶାସନ, ଦେଶପ୍ରେମ ଓ ମାନବିକତାର ବିକାଶ ଅତ୍ୟନ୍ତ ଜରୁରୀ। ଏହି ଦିଗରେ ଅମୃତ ପରିବାରର ଏପରି ପ୍ରୟାସ ସମାଜ ପାଇଁ ଏକ ପ୍ରେରଣାଦାୟୀ ପଦକ୍ଷେପ ବୋଲି କହିଥିଲେ। ଶିବିରରେ ପ୍ରତିଦିନ ସକାଳେ ଯୋଗାଭ୍ୟାସ ଓ ପ୍ରାଣାୟାମ ସହିତ ଦିନର କାର୍ଯ୍ୟକ୍ରମ ହୋଇଥିଲା। ପ୍ରଶିକ୍ଷକ ଛାତ୍ରଛାତ୍ରୀଙ୍କୁ ସୁସ୍ଥ ଶରୀର ଓ ସୁସ୍ଥ ମନ ଗଠନରେ ଯୋଗର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଏହା ସହିତ ଗୁରୁଜନଙ୍କ ପ୍ରତି ସମ୍ମାନ, ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ, ସାମାଜିକ ମୂଲ୍ୟବୋଧ ଓ ଭାରତୀୟ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଉଦ୍‌ଯାପନୀ ଅବସରରେ ଶିବିରାର୍ଥୀଙ୍କ ଦ୍ୱାରା ସମୂହ ଯୋଗ ପ୍ରଦର୍ଶନ, ଦେଶାତ୍ମବୋଧକ ସଙ୍ଗୀତ, ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଭିଭାବକ ମଧ୍ୟ ଏପରି ଶିବିର ଶିଶୁମାନଙ୍କ ଚରିତ୍ର ଗଠନ ଏବଂ ସକାରାତ୍ମକ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେଉଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଶିବିରର ସଫଳ ଆୟୋଜନରେ ଅମୃତ ପରିବାରର ପ୍ରତିଷ୍ଠାତା ସୁଦୟା ଆବା ଓ ସମସ୍ତ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଉଲ୍ଲେଖନୀୟ ରହିଥିଲା। ଶେଷରେ ସମସ୍ତ ଶିବିରାର୍ଥୀ ନିଜ ଜୀବନରେ ସଂସ୍କାର, ଅନୁଶାସନ ଓ ଯୋଗକୁ ଅନୁସରଣ କରି ଆଦର୍ଶ ନାଗରିକ ହେବାକୁ ସଂକଳ୍ପ ନେଇଥିଲେ।

# ମେଗା ଜଳ ପ୍ରକଳ୍ପ ପାଇଁ ଖୋଳାଯାଉଛି ନୂଆ ରାସ୍ତା

ବାଲେଶ୍ୱର,୩୦।୫ (କଳିଙ୍ଗ ସାହୁ)



## ବିପଦସଙ୍କୁଳ ରାସ୍ତା ଯୋଗୁ ଘଟୁଛି ଦୁର୍ଘଟଣା

ସହରରେ ଦୀର୍ଘ ଦିନ ଧରି ରହିଥିବା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଏକ ମେଗା ପ୍ରକଳ୍ପ। ରାଜ୍ୟ ସରକାରଙ୍କ 'ସୁଜଳ' ଏବଂ କେନ୍ଦ୍ର ସରକାରଙ୍କ 'ଅମୃତ' ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି ଅତ୍ୟାଧୁନିକ ପୃଷ୍ଠଭାଗ ଜଳ ଯୋଗାଣ ପ୍ରକଳ୍ପ। ପ୍ରାୟ ୭୦ କିଲୋମିଟର ଦୀର୍ଘ ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ଜାରି ରହିଛି। ମାତ୍ର ପ୍ରଶାସନିକ ସ୍ତରରେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଚରମ ଅଭାବ ଯୋଗୁଁ ଗୋଟିଏ ପଟେ ନୂଆ ରାସ୍ତା ତିଆରି ହେଉଥିବା ବେଳେ ଅନ୍ୟପଟେ ତାକୁ ଖୋଳି କୋଟି କୋଟି ଟଙ୍କାର ସରକାରୀ ଅର୍ଥ ବରବାଦ କରାଯାଉଛି। ଏପଟେ ବିପଦସଙ୍କୁଳ ରାସ୍ତା ଯୋଗୁଁ ନିତିଦିନ ସାଧାରଣ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ବାଲେଶ୍ୱର ସହରରେ ଜଳ ଯୋଗାଣ ବ୍ୟବସ୍ଥାର ବ୍ୟାପକ ସୁଧାର ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଛି ମେଗା ପ୍ରକଳ୍ପ। ଭୂତଳ ଜଳରେ ଅତ୍ୟଧିକ ଆଇରନ୍ ରହୁଥିବାରୁ, ଏବେ ଲୋକଙ୍କୁ ସ୍ୱଚ୍ଛ ପୃଷ୍ଠଭାଗ ଜଳ ଯୋଗାଇଦେବାକୁ ପ୍ରାୟ ୭୦ କିଲୋମିଟର ରାସ୍ତାରେ ନୂତନ ରାଇଜିଂ ମେନ୍ ପାଇପ୍ ଲାଇନ୍ ବିଛାଯାଉଛି। ପ୍ରକଳ୍ପର କାର୍ଯ୍ୟ ବିଭିନ୍ନ ସ୍ଥାନରେ ଚାଲୁ ରହିଥିବା ବେଳେ ଏବେ ସହରବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ସହରର ମୁଖ୍ୟ ରାସ୍ତାଗୁଡ଼ିକୁ ପାଇପ୍ ବିଛାଇବା ପାଇଁ ଖୋଳି ଦିଆଯାଇଥିବା ବେଳେ ତାହାକୁ ଦୀର୍ଘ ଦିନ ଧରି ମରାମତି କରାଯାଉ ନାହିଁ। ସବୁଠାରୁ ବଡ଼ କଥା ହେଲା, ପ୍ରଶାସନିକ ସ୍ତରରେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଚରମ ଅଭାବ ଦେଖିବାକୁ ମିଳିଛି। ଗୋଟିଏ ପଟେ ପୂର୍ତ୍ତ ବିଭାଗ କୋଟି କୋଟି ଟଙ୍କା ବ୍ୟୟରେ ନୂଆ ପିଚୁ କିମ୍ବା କଂକ୍ରିଟ୍ ରାସ୍ତା ନିର୍ମାଣ କରୁଥିବା ବେଳେ ପରକ୍ଷଣରେ ଜନସ୍ୱାସ୍ଥ୍ୟ ବିଭାଗ ପାଇପ୍ ବିଛାଇବା ନାଁରେ ସେହି ରାସ୍ତାକୁ ଜେସିବି ଲଗାଇ ତାଡ଼ି ଦେଉଛି। ପ୍ରଶାସନର ଏହି ଆଗପଛ ନ ବିଚାରି କାମ କରିବା ଶୈଳୀ ଯୋଗୁଁ ଜନସାଧାରଣଙ୍କ ଟିକସ ପଇସାରେ ପ୍ରସ୍ତୁତ କୋଟି କୋଟି ଟଙ୍କାର ରାସ୍ତା ଆଖିପିଛୁଳାକେ ବରବାଦ ହୋଇଯାଉଛି। ସ୍ଥାନୀୟ ବାସିନ୍ଦା ନିର୍ମଳ ରାଉତ ଏବଂ ୱାର୍ଡ କାଉନସିଲର ସଞ୍ଜୟ କୁମାର ଦାସଙ୍କ ଅଭିଯୋଗ ଅନୁଯାୟୀ, କାମ ଚାଲିଥିବା ସ୍ଥାନରେ କୌଣସି ସୁରକ୍ଷା ବାରିକେଡ୍ ମଧ୍ୟ ଲଗାଯାଉ ନାହିଁ। ଫଳରେ ବିଶେଷକରି ସ୍କୁଲ୍ ପିଲା ଓ ବୟସ୍କ ଲୋକେ ଯାତାୟାତ ସମୟରେ ନିତିଦିନ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶୁଦ୍ଧ ପାନୀୟ ଜଳ ପାଇବା ଆଶାରେ ଲୋକେ ଥିଲେ ହେଁ ବିଭାଗୀୟ ମନମୁଖୀ କାର୍ଯ୍ୟାନୁଷ୍ଠାନ ଓ ସରକାରୀ ଅର୍ଥର ଏଭଳି ଅପବ୍ୟୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୭୦ କିଲୋମିଟର ରାସ୍ତାରେ ନୂତନ ରାଇଜିଂ ମେନ୍ ପାଇପ୍ ଲାଇନ୍ ପାଖାପାଖି ୨୫୦ କୋଟିର ମେଗା ପ୍ରକଳ୍ପ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ 'ସୁଜଳ' ଏବଂ କେନ୍ଦ୍ର ସରକାରଙ୍କ 'ଅମୃତ' ଯୋଜନାରେ ରେମୁଣା ବ୍ଲକ ଗଣ୍ଡୋଦା ଠାରେ ୬୦ ଏମଏଲଡି ଅର୍ଥାତ୍ ୬୦୦ ଲକ୍ଷ ଲିଟର ଜଳ ବିଶୋଧନ ପ୍ଲାଣ୍ଟ ନିର୍ମାଣ ସହ ସହର ସାରା ବିଛାଯାଉଛି ପାଇପ୍ ଲାଇନ୍। ଅନ୍ୟପଟେ ଏହି ବୃହତ ପ୍ରକଳ୍ପରେ ସହରର ୯ଟି ସ୍ଥାନରେ ଓଭରହେଡ୍ ଟାଙ୍କି ସହ ଅତ୍ୟାଧୁନିକ ୨ଟି ପିଏଲସି ଅଟୋମେସନ୍ ସିଷ୍ଟମ୍, ୫ଟି ସ୍ଲୁଇସ୍ ଭାଲ୍ଭ ଏବଂ ପାଇପ୍ ଲାଇନକୁ ସୁରକ୍ଷିତ ରଖିବା ପାଇଁ ୪୨ଟି ଏୟାର୍ ଭାଲ୍ଭ ଖଞ୍ଜା ଯାଉଛି। ତେବେ ଲୋକଙ୍କ ଅଭିଯୋଗ ଓ କୋଟି କୋଟି ଟଙ୍କାର ରାସ୍ତା ନଷ୍ଟ ହେବା ପ୍ରସଙ୍ଗକୁ ନେଇ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବା ଅଭିଯୋଗ ହୋଇଛି। ସେପଟେ ବାଲେଶ୍ୱର ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନବୀନ ଚନ୍ଦ୍ର ସିଂ କହିଛନ୍ତି ଯେ, ପୂର୍ତ୍ତ ବିଭାଗର ଅନୁମତି ଅନୁଯାୟୀ କାର୍ଯ୍ୟ କରାଯାଉଛି ଏବଂ ଯେଉଁଠି କାମ ସରୁଛି ତୁରନ୍ତ ସେଠାରେ ପିଚୁ କିମ୍ବା କଂକ୍ରିଟ୍ ରାସ୍ତାର ପୁନରୁଦ୍ଧାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି। ଏହି ମେଗା ପ୍ରକଳ୍ପ ଅଧୀନରେ ଗର୍ଣ୍ଡଦା ଠାରେ ଏକ ୬୦ ଏମଏଲଡି କ୍ଷମତା ସମ୍ପନ୍ନ ଅତ୍ୟାଧୁନିକ ଜଳ ବିଶୋଧନ ପ୍ଲାଣ୍ଟ ଏବଂ ନଦୀ ଗର୍ଭରେ ଇନଟେକ୍ ୱେଲ୍ ନିର୍ମାଣ କରାଯାଇଛି। ନଦୀରୁ ସ୍ୱଚ୍ଛ ପୃଷ୍ଠଭାଗ ଜଳକୁ ଆଣି ଏହି ପ୍ଲାଣ୍ଟରେ ସମ୍ପୂର୍ଣ୍ଣ ରୂପେ ବିଶୋଧନ କରାଯିବା ପରେ ତାହାକୁ ବାଲେଶ୍ୱର ସହରକୁ ପଠାଯିବ। ଗର୍ଣ୍ଡଦା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ଆସିବାକୁ ଥିବା ବିଶୁଦ୍ଧ ଜଳକୁ ପ୍ରଥମେ ସହରର ମୁଖ୍ୟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ନିର୍ମିତ ହେଉଥିବା ମେନ୍ ବାଲାନ୍ସିଂ ରିଜରଭର୍ ବା ବିଶାଳ ଭୂତଳ ଜଳାଶୟକୁ ଅଣାଯିବ। ସେଠାରୁ ଶକ୍ତିଶାଳୀ ପମ୍ପିଂ ବ୍ୟବସ୍ଥା ମାଧ୍ୟମରେ ସହରର ସମସ୍ତ ଅଞ୍ଚଳକୁ ସମାନ ଭାବେ ଜଳ ଯୋଗାଇବା ପାଇଁ ୯ଟି ଭିନ୍ନ ଭିନ୍ନ ସ୍ଥାନରେ ନିର୍ମାଣ କରାଯାଉଥିବା ଜୋନାଲ୍ ଓଭରହେଡ୍ ଟାଙ୍କିକୁ ଜଳ ପଠାଯିବବୋଲି କହିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଇଞ୍ଜିନିୟରିଂ ନକ୍ସା ଅନୁଯାୟୀ, ଜଳର ସୂଚାରୁ ପ୍ରବାହ ଏବଂ ଚାପ କୁ ବଜାୟ ରଖିବା ପାଇଁ ଉଚ୍ଚ ମାନର ଡିଆଇ କେ୯ କ୍ଲିୟର୍ ୱାଟର୍ ରାଇଜିଂ ମେନ୍ ପାଇପ୍ ବ୍ୟବହାର କରାଯାଉଛି। ପୂର୍ବରୁ ଅମୃତ-୧ ଯୋଜନାରେ ସହରର କିଛି ଅଞ୍ଚଳରେ ପାଇପ୍ ବିଛାଯାଇଥିବା ବେଳେ, ବାକି ରହିଯାଇଥିବା ପ୍ରାୟ ୭୦ କିଲୋମିଟର ରାସ୍ତାରେ ଭିନ୍ନ ଭିନ୍ନ ବ୍ୟାସର ପାଇପ୍ ନେଟୱର୍କ ଯୁଦ୍ଧକାଳୀନ ଭିତ୍ତିରେ ବିଛାଯାଉଛି। ମୁଖ୍ୟ ଯୋଗାଣ ଲାଇନ ଟି ସବୁଠାରୁ ବଡ଼ ୮୦୦ଏମଏମ୍, ୭୦୦ ଏମ୍ଏମ ଏବଂ ୬୦୦ଏମ୍ଏମ୍ ର କ୍ଲିୟର୍ ୱାଟର୍ ରାଇଜିଂ ମେନ୍ ପାଇପ୍ ଲାଗିବ। ଆଞ୍ଚଳିକ ବିତରଣ ଲାଇନ୍ ମଧ୍ୟମ ଧରଣର ୫୦୦ ଏମ୍ ଏମ୍ , ୪୫୦ ଏମ୍ ଏମ୍, ୪୦୦ ଏମ୍ ଏମ୍, ୩୫୦ ଏମଏମ୍ ର ପାଇପ୍ ଲାଇନ୍ ଲାଗିବ। ସେହିପରି ଶେଷ ମୁଣ୍ଡରେ ଥିବା ଜଳାଶୟ ଗୁଡ଼ିକୁ ସଂଯୋଗ କରିବା ପାଇଁ ୩୦୦ ଏମ୍ ଏମ୍, ୨୫୦ ଏମ୍ ଏମ୍, ୨୦୦ ଏମ୍ ଏମ୍ ଏ?ଂ ୧୫୦ ଏମ ଏମ ବ୍ୟାସର ପାଇପ୍ ବିଛାଯିବ। ଅତ୍ୟାଧୁନିକ ସ୍ୱୟଂଚାଳିତ କଣ୍ଟ୍ରୋଲ୍ ସିଷ୍ଟମ୍ ପାଇଁ ଜଳ ଯୋଗାଣ ବ୍ୟବସ୍ଥାକୁ ମାନବୀୟ ତ୍ରୁଟିମୁକ୍ତ ଏବଂ ନିରବଚ୍ଛିନ୍ନ କରିବା ପାଇଁ ସମଗ୍ର ନେଟୱର୍କରେ ଶହ ଶହ ଅତ୍ୟାଧୁନିକ ମେକାନିକାଲ୍ ଏବଂ ଇଲେକ୍ଟ୍ରୋନିକାଲ୍ ଉପକରଣ ଖଞ୍ଜା ଯାଉଛି। ଏମ୍‌ବିଆର୍‌ର ପମ୍ପିଂ ହେଡର୍‌ରେ ୫ଟି ଲେଖାଏଁ ସ୍ଲୁଇସ୍ ଭାଲ୍ଭ, ଆକ୍ଚୁଏଟର ଯୁକ୍ତ ସ୍ଲୁଇସ୍ ଭାଲ୍ଭ ଏବଂ ନନ୍-ରିଟର୍ଣ୍ଣ ଭାଲ୍ଭ ଲଗାଯାଉଛି। ଏହାସହ ସମଗ୍ର ସହରରେ ଜଳର ଚାପ ଏବଂ ପ୍ରବାହକୁ ଲାଇଭ୍ ମନିଟରିଂ କରିବା ପାଇଁ ପ୍ରେସର୍ ଗଜ୍ ଏବଂ ପ୍ରେସର୍ ଟ୍ରାନ୍ସମିଟର ଲଗାଯାଇଛି। ପମ୍ପ ଗୁଡ଼ିକର ସୁପରିଚାଳନା ପାଇଁ ୫ଟି ଭେରିଏବଲ୍ ଫ୍ରିକ୍ୱେନ୍ସି ଡ୍ରାଇଭ୍ ର ମଧ୍ୟ ବ୍ୟବସ୍ଥା କରାଯାଇଛି। ତେବେ ରାସ୍ତା ଖୋଳା ସମସ୍ୟା ଓ ବିଭାଗୀୟ ସମନ୍ୱୟ ଅଭାବ ଏବେ ସାମ୍ନା କୁ ଆସିଛି। ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ପାଇପ୍ ବିଛାଇବା ପାଇଁ ବର୍ତ୍ତମାନ ଖୋଳାଯାଉଥିବାରୁ ଜନସାଧାରଣ ଯାତାୟାତରେ କିଛିଟା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଯେ,ପୂର୍ତ୍ତ ବିଭାଗ ର ଆନୁଷଙ୍ଗିକ ଅନୁମତି ଏବଂ ନିର୍ଦ୍ଦିଷ୍ଟ କଠୋର ସର୍ତ୍ତାବଳୀ ଆଧାରରେ ହିଁ ଏହି ସମସ୍ତ କାର୍ଯ୍ୟ କରାଯାଉଛି। ଯେଉଁ ସ୍ଥାନରେ ପାଇପ୍ ପାଇଁ ରାସ୍ତା ଖୋଳାଯାଉଛି, ସେଠାରେ ପାଇପ୍ ପୋତାଯିବା ସାଙ୍ଗେ ସାଙ୍ଗେ ପୂର୍ବ ସ୍ଥିତି ଅନୁଯାୟୀ କଂକ୍ରିଟ୍ କିମ୍ବା ପିଚୁ ରାସ୍ତା ଦ୍ୱାରା ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ପ୍ରକଳ୍ପର ଶେଷ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା କିଛି ଦିନ ମଧ୍ୟରେ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ଦିନରାତି ଚେଷ୍ଟା ଜାରି ରହିଛି। ଏହି ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ବାଲେଶ୍ୱର ପୌରାଞ୍ଚଳର ପ୍ରତିଟି ପରିବାରକୁ ୨୪ ଘଣ୍ଟିଆ ଶୁଦ୍ଧ, ସ୍ୱଚ୍ଛ ଓ ଆଇରନ୍‌ମୁକ୍ତ ପାନୀୟ ଜଳ ମିଳିପାରିବ ଯାହା ସହରର ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ବାଲି ଚୋରିର ତଦନ୍ତ କଲେ ଜିଲ୍ଲା ଖଣି ଅଧିକାରୀ



ରାଜଘାଟ, ୩୦।୫ (ସମିସ): ବସ୍ତା ବ୍ଲକ ଓ ସିଂଲା ଥାନା ଅନ୍ତର୍ଗତ ମଧୁପୁରା ଗ୍ରାମରେ ବେଆଇନ ବାଲି ଚୋରି ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ପରେ ଜିଲ୍ଲା ଖଣି ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କଲେ। ଗତ ଏପ୍ରିଲ ୧୫ ତାରିଖ ରେ ଅଞ୍ଚଳବାସୀଙ୍କ ତରଫରୁ ବାଲି ମାଫିଆ ସିଦ୍ଧେଶ୍ୱର ଘୋଷ ଓରଫ ବାବୁନା ଘୋଷ ବିରୋଧ ରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗର ଦେଢ଼ ମାସ ବିତିଲାଣି ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହାକୁ ନେଇ ଏବେ ବଡ଼ ପ୍ରଶ୍ନ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ କାହିଁକି ହେଉନି? ଖଣି ଅଧିକାରୀ କାହା ଚାପରେ? ଏଭଳି ମାଳ ମାଳ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି। ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା, ବସ୍ତା ଜୁନିଅର ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା, ଜଳେଶ୍ୱର ଜୁନିଅର ଖଣି ଅଧିକାରୀ ତାପସ ବେହେରା ଶୁକ୍ରବାର ଆସି ଫଟୋ ଉଠାଇଲେ ତଦନ୍ତ କଲେ ଅଞ୍ଚଳ ବାସି ଭାବିଲେ ଏଥର କିଛି ହେବ, ହେଲେ ସବୁ ଯେମିତିକୁ ସେମିତି। ରାତି ହେଲେ ପୁଣି ବାଲି ଚୋରି ଚାଲିଛି। ଏହା କେବଳ ଲୋକ ଦେଖାଣିଆ ତଦନ୍ତ ଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତଦନ୍ତରେ ଆସିଥିବା ଅଧିକାରୀ ବାଲି ଚୋରି ହୋଇଥିବା ଜାଣିପାରିଲେ, ତା'ପରେ ବି କାହିଁକି ଥାନାରେ ଅଭିଯୋଗ କରୁନାହାନ୍ତି? ଚର୍ଚ୍ଚା ହେଉଛି ଚୋରା ବାଲି ସିଣ୍ଡିକେଟ ର ମାଷ୍ଟର ମାଇଣ୍ଡ ଥିବା ବାବୁନା ଘୋଷ ହେଉଛି ଜିଲ୍ଲାର ଜଣେ ବିଡ଼ିଓଙ୍କ ପୁତୁରା ସେଥିପାଇଁ ଚାପରେ ହିଁ ଖଣି ବିଭାଗ ହାତ ବାନ୍ଧି ବସିଛି, ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ସାଧାରଣ ରେ ଦାବି ଉଠିଛି। ଓଡ଼ିଶା ଖଣିଜ ରିହାତି ନିୟମ ୨୦୦୪ ଅନୁଯାଇ ସ୍ପଷ୍ଟ କରାଯାଇଛି ଯେ, ବେଆଇନ ଖଣି ଖାଦାନ ଖନନ ଧରାପଡିଲେ ତୁରନ୍ତ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ମାତ୍ର ଏଠି କିନ୍ତୁ ଓଲଟା। ଏହା ପଛରେ ଦୁଇଟି କାରଣ ହୋଇପାରେ। ପ୍ରଥମ ଖଣି ବିଭାଗ ସମ୍ପୂର୍ଣ୍ଣ ଅପାରଗ, ଦ୍ୱିତୀୟରେ ମୋଟା ଅଙ୍କର ଅର୍ଥ କାରବାର ଯଦି ତାହା ସତ, ତାହାଲେ ଜିଲ୍ଲାପାଳ କଣ ଜାଣି ପାରୁନାହାନ୍ତି? ଜିଲ୍ଲାର ମୁଖିଆ ଭାବେ ତାଙ୍କର ଦାୟିତ୍ୱ ନୁହେଁ କି ଖଣି ବିଭାଗକୁ ତାଗିଦ କରିବା? ଯଦି ଖଣି ଅଧିକାରୀ କାମ କରୁନାହାନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ହଉନି ବୋଲି ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳବାସୀ। ବେଆଇନ ବାଲି ଚୋରି କେବଳ ରାଜସ୍ୱ ହାନି ନୁହେଁ। ଏହା ସୁବର୍ଣ୍ଣରେଖା ନଦୀର ଗତିପଥ ବଦଳାଉଛି, ବସ୍ତା ବାଲିଆପାଳ ବ୍ଲକର ୩୦ ରୁ ଉର୍ଦ୍ଧ ପଞ୍ଚାୟତ ବନ୍ୟା ବିପଦକୁ ଠେଲି ଦେଉଛି, ପରିବେଶ ନଷ୍ଟ କରୁଛି।




## ସୁବର୍ଣ୍ଣରେଖା ରାଇବଣିଆ ଇନର ହୁଇଲ କ୍ଲବକୁ ଜିଲ୍ଲା ଅଧ୍ୟକ୍ଷଙ୍କ ପରିଦର୍ଶନ



ଜଳେଶ୍ୱର, ୩୦।୫ (ସମିସ): ଜଳେଶ୍ୱରର ଅନ୍ୟତମ ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଂଗଠନ ସୁବର୍ଣ୍ଣରେଖା ରାଇବଣିଆ ଇନର ହୁଇଲ କ୍ଲବକୁ ଜିଲ୍ଲା ଅଧକ୍ଷ ମଧୁସ୍ମିତା ତ୍ରିପାଠୀ ପରିଦର୍ଶନ କାର୍ଯ୍ୟକ୍ରମ ନୁଆବଜାରସ୍ଥିତ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି।କ୍ଲବର ସଭାପତି ଆରତୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କ୍ଲବର ପୂର୍ବତନ ସଭାପତି ସୁଷମା ରାଣୀ ଭୂୟାଁ କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଇନର ହୁଇଲ ଜିଲ୍ଲା-୩୨୬ ଅଧକ୍ଷ ଶ୍ରୀମତୀ ତ୍ରିପାଠୀ ଇନର ହୁଇଲ ଦ୍ୱାରା କରାଯାଉଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଶ୍ୱର ସର୍ବଶ୍ରେଷ୍ଠ ମହିଳା ସଙ୍ଗଠନକୁ ସୁଦୃଢ ଓ ସୁସଙ୍ଗଠିତ କରିବା , ରହିଛି ବୋଲି ସେ ପ୍ରକାଶ କରିଥିଲେ। କ୍ଲବର ଆଇ.ଏସ.ଓ ସ୍ମରଣିକା ପଟ୍ଟନାୟକ କ୍ଲବର ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ଲବର ନୂତନ ସଭ୍ୟା ରୂପେ ପ୍ରାଥମିକ ଶିକ୍ଷୟତ୍ରୀ କବିତା ରାଣୀ କୁଣ୍ଡୁଙ୍କୁ ମୁଖ୍ୟ ଅତିଥି ଶ୍ରୀମତୀ ତ୍ରିପାଠୀ ଶପଥ ପାଠ କରିବା ପରେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କ୍ଲବର କୋଷାଧକ୍ଷ ରଞ୍ଜିତା ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ଫକୀରମୋହନ ସାହିତ୍ୟ ପରିଷଦର ଦୃଢ଼ ନିନ୍ଦା

ବାଲେଶ୍ୱର, ୩୦।୫ (ସମିସ): ଅଯଥାରେ ଚର୍ଚ୍ଚାରେ ରହିବା ପାଇଁ ବିଜେପି ଯୁବମୋର୍ଚ୍ଚାର ସଭାପତି ଅଭିଲାଷ ପଣ୍ଡା କଥା ସମ୍ରାଟ ଫକୀରମୋହନଙ୍କ ସମ୍ବନ୍ଧରେ ଦେଇଥିବା ଅଶାଳୀନ, ଅରୁଚିକର ମନ୍ତବ୍ୟକୁ ଫକୀରମୋହନ ସାହିତ୍ୟ ପରିଷଦ ଦୃଢ଼ ଭାବେ ନିନ୍ଦା କରିଛି। ଫକୀରମୋହନ ଇଂରେଜ ସରକାରଙ୍କର ଜଣେ କର୍ମଚାରୀ ଓ ତାଙ୍କୁ 'ଇଂରେଜଙ୍କ ଦଲାଲ' ବୋଲି ଅଭିହିତ କରି ଶ୍ରୀ ପଣ୍ଡା ନିଜର ଅଜ୍ଞତା ପ୍ରଦର୍ଶନ କରିବା ସହ ଓଡ଼ିଶାର ଲକ୍ଷ ଲକ୍ଷ ଫକୀରମୋହନ ପ୍ରେମୀଙ୍କ ହୃଦୟରେ କୁଠାର କରିଛନ୍ତି। ଅନୁରୂପ ଭାବରେ କେଉଁଝରର ଭୂୟାଁ ମେଳି ଦମନରେ ଫକୀର ମୋହନଙ୍କ ଭୂମିକାକୁ ଭ୍ରମାତ୍ମକଭାବେ ଉପସ୍ଥାପନ କରି ସେ ଫକୀର ମୋହନଙ୍କ ଜୀବନ ଓ ସାହିତ୍ୟ ବୁଝିବାରେ ନିଜର ଅସାମର୍ଥ୍ୟ ଓ ହୀନମନ୍ୟତା ପ୍ରକାଶ କରିଛନ୍ତି। ଓଡ଼ିଶାର ମହାପୁରୁଷ ମାନଙ୍କୁ ଅପ୍ରାସଙ୍ଗିକ ଭାବରେ ସମାଲୋଚନା କରି ଗଣମାଧ୍ୟମରେ ସ୍ଥାନ ସାଉଁଟିବା ଆଳରେ କିଛି ରାଜନେତାଙ୍କ ଅଭ୍ୟାସ ପାଲଟିଗଲାଣି ଏବଂ ଶ୍ରୀ ପଣ୍ଡାଙ୍କ ଅଜ୍ଞତାପୂର୍ଣ୍ଣ ବିକୃତି ଏହାର ଅଂଶ ବିଶେଷ। ସାରା ଓଡିଶା ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଓଡ଼ିଆ ଭାଷାର ରକ୍ଷାକର୍ତ୍ତା ଓ ଓଡ଼ିଆ କଥା ସାହିତ୍ୟର ପଥ ପ୍ରଦର୍ଶକ ହିସାବରେ ବିଚାର କରୁଥିବା ବେଳେ ଶ୍ରୀ ପଣ୍ଡାଙ୍କ ହୀନ ଦୃଷ୍ଟିଭଙ୍ଗୀ ତାଙ୍କ ରୁଗ୍ଣ ମାନସିକତାର ଅପରିଚ୍ଛନ୍ନତା ପ୍ରକାଶ କରୁଛି। ଓଡିଶା ସରକାର ଫକୀରମୋହନଙ୍କୁ ଯଥୋଚିତ ସମ୍ମାନ ଦେଇ ତାଙ୍କ ନାମରେ କଲେଜ, ବିଶ୍ୱବିଦ୍ୟାଳୟ, ମେଡ଼ିକାଲ କଲେଜ ମେଧାବୃତ୍ତି ଇତ୍ୟାଦି ସ୍ଥାପନ କରି ତାଙ୍କ ପ୍ରତି ଜନସାଧାରଣଙ୍କ ଶ୍ରଦ୍ଧାକୁ ଚିରସ୍ଥାୟୀ କରିବାକୁ ଚେଷ୍ଟା କରୁଥିବା ବେଳେ ଶ୍ରୀ ପଣ୍ଡାଙ୍କ ବ୍ୟାସକବିଙ୍କ ସମ୍ବନ୍ଧରେ ଏ ପ୍ରକାର ଘୃଣାତ୍ମକ ମନ୍ତବ୍ୟ ଦେଇ ନିଜ ମାନସିକ ବିକଳତାର ଉଦାହରଣ ପ୍ରଦାନ କରିଛନ୍ତି। ସେ ଓଡ଼ିଶାର ଅଗଣିତ ଶିକ୍ଷିତ ନାଗରିକଙ୍କ ସମେତ ବାଲେଶ୍ୱରବାସୀଙ୍କ ଭାବାବେଗକୁ ଚରମ ଆଘାତ ପ୍ରଦାନ କରିଛନ୍ତି। ଫକୀର ମୋହନ ସାହିତ୍ୟ ପରିଷଦ ଶ୍ରୀ ପଣ୍ଡାଙ୍କ ଏତାଦୃଶ ମନ୍ତବ୍ୟକୁ କଡା ଶବ୍ଦରେ ନିନ୍ଦା କରିବା ସହ ତାଙ୍କ ମନ୍ତବ୍ୟ ପାଇଁ ସେ ସର୍ବ ସାଧାରଣ ଗଣମାଧ୍ୟମ ଆଗରେ ନିଜର ଭୁଲ ଲାଗି କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି।

## ଦେଶୀ ମଦ ଜବତ, ୩ ଗିରଫ

ସିମୁଳିଆ, ୩୦।୫ (ସମିସ): ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକ ସ୍ୱପ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ମହାରଣା, ରିଆ ଓ ମାଟିଆପଡ଼ା ଗ୍ରାମ ଅଞ୍ଚଳରେ ଚଢ଼ଉ କରାଯାଇ ୧୩୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହିତ ମହାରଣା ଗ୍ରାମର ଭଗବାନ ଶିଅଳ, ମାଟିଆପଡ଼ା ଗ୍ରାମର ପାର୍ବତୀ ବର୍ମା ଓ ରିଆ ଗ୍ରାମର କାର୍ତ୍ତିକ ସିଂଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଦେଶୀ ରନ୍ଧା ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ।







## ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ

ବାଲେଶ୍ୱର, ୩୦।୫(ସମିସ): ବାଲେଶ୍ୱରରେ ମାତିଥିବା ସାଙ୍ଘାତିକ ମୋବାଇଲ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ସହଦେବଖୁଣ୍ଟା ଥାନା ପୁଲିସ। ଛୁରୀ ଦେଖାଇ ଲୁଟପାଟ କରୁଥିବା ୩ ଜଣ ଦୁର୍ଦ୍ଧାନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୯ଟି ଚୋରା ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରଡ଼ବଜାର ଅଞ୍ଚଳର ଜୟନ୍ତ ଦାସ, ନୂଆପୁର ଶାସନର ଭରତ ଦାସ ଏବଂ ଆରଡ଼ବଜାର ଅଞ୍ଚଳର ରୂପାଇ କିସ୍କୁ। ଗତ ୨୫ ତାରିଖ ବିଳମ୍ବିତ ରାତିରେ ଭୋଗରାଇ ଅଞ୍ଚଳର ଜଣେ ଯୁବକ ଟ୍ରେନ ଲାଇନ ପାଖ ଦେଇ ଯାଉଥିବା ସମୟରେ ଏହିମାନେ ତାଙ୍କୁ ଓ ତାଙ୍କ ସାଙ୍ଗକୁ ଅଟକାଇ ଛୁରୀ ମୁନରେ ଭୟଭୀତ କରି ମୋବାଇଲ ଏବଂ ରୂପା ମୁଦି ଲୁଟି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ନେତୃତ୍ୱରେ ତଦନ୍ତ କରି ଏହି ସଫଳତା ପାଇଛି। ତେବେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜୟନ୍ତ ଦାସ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୮ରୁ ଅଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ସେପଟେ ପୁଲିସ ବିଭାଗ ପକ୍ଷରୁ ଚୋରା ମୋବାଇଲ୍ ଫୋନକୁ ଉପଯୁକ୍ତ ଗ୍ରାହକଙ୍କୁ ଫେରାଯାଇଛି।

## ଧର୍ମପ୍ରାଣ ମହିଳାଙ୍କ ବିୟୋଗ

ଜଳେଶ୍ୱର,୩୦।୫ (ସମିସ): ଜଳେଶ୍ୱର ପୌରାଞ୍ଚଳ ଚକବିଷ୍ଣୁ ଗାଁ,୧୭ ନଂ ୱାର୍ଡ କାଉନସିଲର ରଶ୍ମୀ ନନ୍ଦୀ ଙ୍କ ଶାଶୁ ତଥା କଂଗ୍ରେସ ନଗର ସଭାପତି ଜଗଦୀଶ ନନ୍ଦୀଙ୍କ ମାତା ସୁଭାଷିନୀ ନନ୍ଦୀ (୯୨)ଙ୍କ ପରଲୋକ ଘଟିଛି। ସେ ଜରାଗ୍ରସ୍ତ ରୋଗରେ ପୀଡ଼ିତ ଥାଇ ବୁଧବାର ଭାତ ଖାଇ ସାରି ଚେୟେରା ରେ ବସିଥିବା ବେଳେ ହଠାତ୍ ମୃତ୍ୟୁବରଣ କରିଥିଲେ। ତାଙ୍କ ବିୟୋଗରେ ମ୍ୟୁନିସିପାଲଟି ଅଧ୍ୟକ୍ଷ ପ୍ରଦିପ୍ କୁମାର ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ପୂର୍ବତନ ସଭାପତି ରାଜୀବ ପରିଡ଼ା, ପୌରାଦ୍ଧକ୍ଷା ପ୍ରତିନିଧି ବିଜୟ କୁମାର କାମିଲା,ସଞ୍ଜିବ ପାଳ, କାଉନସିଲର ଚିତ୍ତ ରଞ୍ଜନ ମହାନ୍ତି,ସୁରଜ ଚୈରାସିୟା,ମିର ଆବାସ ଅଲ୍ଲୀ, କଂଗ୍ରେସ ନେତା ସୁଦାମ ପାତ୍ର,ଦୁର୍ଗା ଶଙ୍କର ଆସ,ଅଫସର ଅଲ୍ଲୀ,ଭାଦା ଗ୍ରାମ୍ୟ ମୁଖ୍ୟ ଅଜୟ ପ୍ରଧାନ, ମ୍ୟୁନିସିପାଲଟି କର୍ମଚାରୀ,ଗ୍ରାମବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଗାଁ ଶ୍ମଶାନରେ ବଡ଼ ପୁଅ ଖିତିଶ,ହରିଶ,ସୁଧିଶ,ଦିପିସ୍, ଜଗଦିଶ ସାନପୁଅ ସତିଶ ନନ୍ଦୀ ମିଳିତ ଭାବେ ମୁଖାଗ୍ନୀ ଦେଇଥିଲେ। କଂଗ୍ରେସ ନେତା ସୁଦର୍ଶନ ଦାସ, ପ୍ରାକ୍ତନ ଜିଲ୍ଲା ସଭାପତି ସଞ୍ଜିବ ଗିରି, ଆଇନଜୀବୀ ସତ୍ୟ ସୁନ୍ଦର ଦାସ, ବିଜୟ ମହାନ୍ତି, ଚିତ୍ତ ରଞ୍ଜନ ସାହୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।